***ଥର ମରୁଭୂମି*** ମରୁଭୂମି, ଭୂବିଜ୍ଞାନ, ପୃଥିବୀ, ଭାରତ

***ଥର୍ମୋଫ୍ଲାସ୍କ*** ଟେକ୍‌ନୋଲଜି, ତାପ, ଉତ୍ତାପ, ଖାଦ୍ୟ

***ଥର୍ମୋମିଟର*** ଥଣ୍ଡା, ମାନବଶରୀର, ତାପ, ଉତ୍ତାପ, ପାରଦ, ଚିକିତ୍ସା ବିଜ୍ଞାନ

***ଥାଇଲାଣ୍ଡ*** ପୃଥିବୀ, ପର୍ଯ୍ୟଟନ

***ଥୋରିୟମ୍*** ମୌଳିକ ଉପାଦାନ, ପରମାଣୁ, ଉର୍ଜା, ଆଣବିକ ଇନ୍ଧନ

***ଦ*** ଅକ୍ଷର, ବର୍ଣ୍ଣମାଳା, ବ୍ୟାକରଣ

***ଦୟାନଦୀ*** ନଦୀ, ଓଡ଼ିଶା, ବୌଦ୍ଧଧର୍ମ

***ଦୟାନନ୍ଦ ସରସ୍ୱତୀ*** ହିନ୍ଦୁଧର୍ମ, ଧର୍ମ ସଂସ୍କାର

***ଦାଦାଭାଇ ନଓରୋଜି*** ଭାରତୀୟ ଜାତୀୟ ଆନ୍ଦୋଳନ, ମହାରାଷ୍ଟ୍ର

***ଦାର୍ଜିଲିଂ*** ହିମାଳୟ, ପର୍ଯ୍ୟଟନ, ପଶ୍ଚିମବଙ୍ଗ, ଗୁର୍ଖା ଲିଗ୍

***'ଦାସ କାପିଟାଲ'*** କମ୍ୟୁନିଜମ୍, କାର୍ଲମାର୍କସ୍

সম্বন্ধীয় বিষয়

# ଡିଆସିଲି - ପଙ୍ଗପାଳ

***ଡିଆସିଲି*** ମାନବ ସଭ୍ୟତା, ଅଗ୍ନି, ବିସ୍ଫୋରକ, ରସାୟନ ବିଜ୍ଞାନ, କାଠ, ଟେକ୍ନୋଲଜି

***ଦିଲ୍ଲୀ*** ଭାରତ, ଭାରତ ଇତିହାସ

***ଦୀନକୃଷ୍ଣ ଦାସ*** ଓଡ଼ିଆ ସାହିତ୍ୟ, ଓଡ଼ିଶା

***ଦୁର୍ଗାବତୀ*** ଭାରତ ଇତିହାସ, ମଧ୍ୟପ୍ରଦେଶ

***ଦୂରପ୍ରାଚ୍ୟ*** ପୃଥିବୀ, ଭୂଗୋଳ, ଆନ୍ତର୍ଜାତୀୟ ସମ୍ପର୍କ, ଏସିଆ

***ଦୂରବୀକ୍ଷଣ*** ବିଜ୍ଞାନ, ଜ୍ୟୋତିର୍ବିଜ୍ଞାନ, ଗାଲିଲିଓ, ଅପ୍‌ଟିକ୍‌ସ, ରେଡିଓ ଟେଲିସ୍କୋପ, ମହାକାଶ, ସୌରଜଗତ, ଆଲୋକ

***ଦେବଗଡ଼ ଜିଲା*** ଓଡ଼ିଶା, ସମ୍ବଲପୁର

***ଦେବ ଦୁର୍ଲ୍ଲଭ ଦାସ*** ଓଡ଼ିଆ ସାହିତ୍ୟ, ଓଡ଼ିଶା

***ଦେବୀ ନଦୀ*** ନଦୀ, ଓଡ଼ିଶା

***ଦେବେନ୍ଦ୍ରନାଥ ଠାକୁର*** ବ୍ରାହ୍ମ ସମାଜ, ରବୀନ୍ଦ୍ର ନାଥ ଠାକୁର

***ଦେଓଗିରି*** ଓଡ଼ିଶା, ପର୍ବତ

***ଧ*** ଅକ୍ଷର, ବର୍ଣ୍ଣମାଳା, ବ୍ୟାକରଣ

***ଧନୁଷ୍ଟଙ୍କାର*** ଚିକିତ୍ସା ବିଜ୍ଞାନ, ରୋଗ, ମାନବଶରୀର, ମାଂସପେଶୀ

***ଧର୍ମଗଡ଼*** ଓଡ଼ିଶା, କଳାହାଣ୍ଡି

***ଧଲଭୂମି*** ବିହାର, ଜାମସେଦପୁର

***ଧାତୁ*** ମାନବସଭ୍ୟତା, ଟେକ୍ନୋଲଜି, ଇଞ୍ଜିନିୟରିଙ୍ଗ, ଅଳଙ୍କାର, ପ୍ରତ୍ନତତ୍ତ୍ୱ, ଔଦ୍ୟୋଗିକ ବ୍ୟବସ୍ଥା, ବାଣିଜ୍ୟ, ଅର୍ଥନୀତି, ସୌରଜଗତ, ବିଶ୍ୱ, ମହାସାଗର, ଭୂବିଜ୍ଞାନ

***ଧାନ*** ଖାଦ୍ୟ, କୃଷି, ମାନବ ସଭ୍ୟତା, ଏସିଆ, ଉଦ୍ଭିଦ ବିଜ୍ଞାନ, ଧର୍ମ ଓ ଆହୁରି ଅନେକ ବିଷୟ

***ଧୂମକେତୁ*** ଜଳ, ଜ୍ୟୋତିର୍ବିଜ୍ଞାନ, ସୌରଜଗତ, ମହାକାଶ, ଅନ୍ଧ ବିଶ୍ୱାସ, ମୌଳିକ ଉପାଦାନ, ପୃଥିବୀ, ବାୟୁମଣ୍ଡଳ, ଜୀବନ

***ଧୂଳି*** ଜ୍ୟୋତିର୍ବିଜ୍ଞାନ, ମହାକାଶ, ବାୟୁମଣ୍ଡଳ, ମୃତ୍ତିକା, ଭୂବିଜ୍ଞାନ, ଆଲୋକ, କୃଷି, ଜଳବାୟୁ, ଆକାଶ, ବର୍ଣ୍ଣାଳୀ, ପଦାର୍ଥ ବିଜ୍ଞାନ, ପରିବେଶ, ବିଶ୍ୱ

***ଧ୍ୱନି*** ଶବ୍ଦ, ମାନବଶରୀର, ଶ୍ରବଣେନ୍ଦ୍ରିୟ, ପଦାର୍ଥ ବିଜ୍ଞାନ, ସଂଗୀତ, ଜୀବଜଗତ, ଟେକ୍ନୋଲଜି, ମନୋରଞ୍ଜନ

***ନ*** ଅକ୍ଷର, ବର୍ଣ୍ଣମାଳା, ବ୍ୟାକରଣ

***ନଦୀ*** ପୃଥିବୀ, ଭୂଗୋଳ, ଜଳବାୟୁ, ଭୂବିଦ୍ୟା, ଅରଣ୍ୟ, ମାନବ ସଭ୍ୟତା, କୃଷି, ଜଳସେଚନ, ଧର୍ମ, ବାଣିଜ୍ୟ, ଜୀବଜଗତ, ନିର୍ମାଣ ବିଦ୍ୟା, ଜଳବିଦ୍ୟୁତ, ପରିବହନ, ଔଦ୍ୟୋଗିକ ବ୍ୟବସ୍ଥା, ଜଳମଣ୍ଡଳ

***ନବକିଶୋର ବଳ*** ଓଡ଼ିଆ ସାହିତ୍ୟ

***ନନ୍ଦନ କାନନ*** ଓଡ଼ିଶା, ପର୍ଯ୍ୟଟନ, ଜୀବଜଗତ, ପରିବେଶ, ସଂରକ୍ଷଣ, ଚିଡ଼ିଆଖାନା

***ନବକୃଷ୍ଣ ଚୌଧୁରୀ*** ଓଡ଼ିଶା, ଭାରତୀୟ ସ୍ୱାଧୀନତା ଆନ୍ଦୋଳନ, ସୋସିଆଲିଷ୍ଟ ମୁଭମେଣ୍ଟ, ସର୍ବୋଦୟ, ଅଳକାଶ୍ରମ, ଜୟପ୍ରକାଶ ନାରାୟଣ

***ନବରଙ୍ଗପୁର ଜିଲା*** ଓଡ଼ିଶା,

***ନୟାଗଡ଼*** ଓଡ଼ିଶା, ସାହିତ୍ୟ

***ନାଗାଲାଣ୍ଡ*** ଭାରତ, ନାଗା, ଜାତି

***ନାନକ*** ଶିଖଧର୍ମ, ହିନ୍ଦୁଧର୍ମ, ଜାତୀୟତା

***ନିଉଟନ୍, ସାର୍ ଆଇଜାକ୍*** ବିଜ୍ଞାନ, ପଦାର୍ଥ ବିଜ୍ଞାନ, ମାଧ୍ୟାକର୍ଷଣ, ବିଶ୍ୱ, ସୌରଜଗତ

***ନିକେଲ*** ମୌଳିକ ଉପାଦାନ, ଧାତୁ, ଇଞ୍ଜିନିୟରିଙ୍ଗ, କଟଲରି, ଉଲ୍କାପିଣ୍ଡ

***ନିଗ୍ରୋ*** ଯୁକ୍ତରାଷ୍ଟ୍ର ଆମେରିକା, ଆଫ୍ରିକା, ମାନବ ସଭ୍ୟତା, ଆବିଷ୍କାର, କ୍ରୀଡ଼ା, ବର୍ଣ୍ଣବୈଷମ୍ୟ

***ନୀଳକଣ୍ଠ ଦାସ*** ଓଡ଼ିଶା, ସତ୍ୟବାଦୀ ବନ ବିଦ୍ୟାଳୟ, ଉତ୍କଳମଣି ଗୋପବନ୍ଧୁ ଦାସ

***ନୀଳଗାଈ*** ଜୀବଜଗତ

***ନୀଳଗିରି*** ବାଲେଶ୍ୱର ଜିଲା

***ନୀଳନଦୀ*** ଇଜିପ୍ଟ, ନଦୀ, ଅଶ୍ୱାନ ବନ୍ଧ, ଇଜିପ୍‌ସୀୟ ସଭ୍ୟତା, ସାହାରା ମରୁଭୂମି, କୃଷି

***ନୂଆପଡ଼ା ଜିଲା*** ଓଡ଼ିଶା

***ନେଉଳ*** ଜୀବଜଗତ, ସାପ

***ନେପୋଲିୟନ*** ଫ୍ରାନ୍‌ସ୍, ଇଉରୋପ, ରୁଷ, ଯୁଦ୍ଧ

***ନୋବେଲ ପୁରସ୍କାର*** ଆଲ୍‌ଫ୍ରେଡ୍ ନୋବେଲ, ରସାୟନ ବିଜ୍ଞାନ, ପଦାର୍ଥ ବିଜ୍ଞାନ, ଅର୍ଥନୀତି, ଶାନ୍ତି, ଚିକିତ୍ସା ବିଜ୍ଞାନ, ସାହିତ୍ୟ

***ପ*** ଅକ୍ଷର, ବର୍ଣ୍ଣମାଳା, ବ୍ୟାକରଣ

***ପଙ୍ଗପାଳ*** କୃଷି, କୀଟପତଙ୍ଗ, ଆଫ୍ରିକା, ପରିବେଶ, ମରୁଭୂମି

# ପଞ୍ଚପୀଢ଼ - ଫକୀର ମୋହନ

**ପଞ୍ଚପୀଢ଼** ମୟୂରଭଞ୍ଜ ଜିଲା

**ପଞ୍ଜାବ** ଭାରତ, ଶିଖଧର୍ମ, କୃଷି, ଔଦ୍ୟୋଗିକ ବ୍ୟବସ୍ଥା, ଦେଶରକ୍ଷା, ଭାରତୀୟ ସ୍ୱାଧୀନତା ଆନ୍ଦୋଳନ, ଖଲିସ୍ତାନ, ଅକାଳୀ, ସ୍ୱର୍ଣ୍ଣ ମନ୍ଦିର, ଜାଲିଆନାୱାଲାବାଗ

**ପଟାସିୟମ** ମୌଳିକ ଉପାଦାନ, ମୃତ୍ତିକା, ଉଦ୍ଭିଦ ବିଜ୍ଞାନ

**ପଟେଲ, ସର୍ଦ୍ଦାର ବଲ୍ଲଭ ଭାଇ** ଭାରତୀୟ ସ୍ୱାଧୀନତା ଆନ୍ଦୋଳନ, ମହାତ୍ମା ଗାନ୍ଧୀ, ଗୁଜୁରାତ, ଗଡ଼ଜାତ ମିଶ୍ରଣ

**ପଣ୍ଡିଚେରି** ତାମିଲନାଡୁ, ଅରବିନ୍ଦ ଘୋଷ, ଭାରତ, ଅରୋଭିଲ

**ପଦାର୍ଥ ବିଜ୍ଞାନ** ମାନବ ସଭ୍ୟତା, ପୃଥିବୀ, ବିଶ୍ୱ, ପ୍ରକୃତି, ପ୍ରାକୃତିକ ନିୟମ ଓ ଅନ୍ୟାନ୍ୟ ବହୁ ବିଷୟ

**ପର୍ବତ** ପୃଥିବୀ, ଭୂବିଜ୍ଞାନ, ସାହିତ୍ୟ, ଅରଣ୍ୟ, କୃଷି, ମାନବ ସଭ୍ୟତା, ଧାତୁ, ଖଣିଜ, ଗିରିପଥ, ନଦୀ, ଜଳବାୟୁ

**ପରମାଣୁ ବୋମା** ଯୁଦ୍ଧ, ପଦାର୍ଥ ବିଜ୍ଞାନ, ଟେକ୍‌ନୋଲଜି, ଜାପାନ, ଆଇନ୍‌ଷ୍ଟାଇନ

**ପଶ୍ଚିମ ବଙ୍ଗ** ଭାରତ, ବଙ୍ଗଳା ଭାଷା, ବଙ୍ଗଳା ସାହିତ୍ୟ, ଓଡ଼ିଶା, ବଙ୍ଗ ଭଙ୍ଗ ଆନ୍ଦୋଳନ

**ପକ୍ଷୀ** ଜୀବଜଗତ, ଇଭୋଲୁସନ, ଅତିକାୟ ସରୀସୃପ, ସାହିତ୍ୟ, ସାମୁଦ୍ରିକ ଜୀବନ, ଅଣ୍ଡା

**ପାଇକ ବିଦ୍ରୋହ** ଓଡ଼ିଶା

**ପାକିସ୍ତାନ** ଭାରତ, ବଙ୍ଗଳାଦେଶ, ମହମ୍ମଦ ଅଲ୍ଲୀ ଜିନ୍ନା, ଭାରତୀୟ ସ୍ୱାଧୀନତା ଆନ୍ଦୋଳନ, କଂଗ୍ରେସ, ଯୁଦ୍ଧ, କାଶ୍ମୀର ଓ ଆହୁରି ଅନେକ ବିଷୟ

**ପାଟଣାଗଡ଼** ବଲାଙ୍ଗୀର ଜିଲା

**ପାରଳାଖେମୁଣ୍ଡି** ଗଜପତି ଜିଲା, ଉତ୍କଳ ସମ୍ମିଳନୀ, ଓଡ଼ିଶା

**ପାରାଦ୍ୱୀପ ବନ୍ଦର** ଓଡ଼ିଶା, ଭାରତ, ପରିବହନ, ଆମଦାନୀ-ରପ୍ତାନୀ, ବଙ୍ଗୋପସାଗର

**ପାରିସ** ଫ୍ରାନ୍‌ସ, ଆଇଫେଲ ଟାୱାର

**ପାଶ୍ଚର, ଲୁଇ** ଚିକିତ୍ସା ବିଜ୍ଞାନ, ଜୀବ ରସାୟନ ବିଜ୍ଞାନ, ପାଶ୍ଚରୀକରଣ, କୃଷି, ଖାଦ୍ୟ

**ପିକାସୋ, ପାବ୍ଲୋ** ଚିତ୍ରକଳା

**ପିରାମିଡ** ମାନବ ସଭ୍ୟତା, ଇଜିପ୍ଟ, ଇତିହାସ, ଇଞ୍ଜିନିୟରିଙ୍ଗ, ପ୍ରଥା, ଇଜିପ୍ସୀୟ ସଭ୍ୟତା, ଜ୍ୟାମିତି

**ପୁରୀ ଜିଲା** ଓଡ଼ିଶା, ଶ୍ରୀଜଗନ୍ନାଥ, ଭାରତୀୟ ସ୍ୱାଧୀନତା ଆନ୍ଦୋଳନ, କୃଷି, ବଙ୍ଗୋପସାଗର, କୋଣାର୍କ, ଚିଲିକା

**ପୁରୁଷୋତ୍ତମ ଦେବ** ଓଡ଼ିଶା, ଇତିହାସ, ପ୍ରତାପରୁଦ୍ର ଦେବ

**ପୁଷ୍ଟିସାର** ଖାଦ୍ୟ, ମାନବଶରୀର, ଉଦ୍ଭିଦ ଜଗତ, ରସାୟନ ବିଜ୍ଞାନ, ରନ୍ଧନ

**ପୁଷ୍ପଗିରି** ବୌଦ୍ଧଧର୍ମ, ଓଡ଼ିଶା, ପ୍ରତ୍ନତତ୍ତ୍ୱ

**ପୃଥିବୀ** ସୌରଜଗତ, ସୂର୍ଯ୍ୟ, ବିଶ୍ୱ ଓ ଆହୁରି ଅସୁମାରୀ ବିଷୟ

**ପେଙ୍ଗୁଇନ** ଜୀବଜଗତ, ମେରୁ ପ୍ରଦେଶ, ସାମୁଦ୍ରିକ ଜୀବନ, ସାହିତ୍ୟ

**ପେଚ୍ଚା** ପକ୍ଷୀ, ଜୀବଜଗତ, ଅସ୍ଥିବିଭାଗ

**ପେଚ୍ଚା ବେଙ୍ଗମୁହାଁ** ଜୀବଜଗତ

**ପେଚ୍ଚାମୁହାଁ ମାଙ୍କଡ଼** ଜୀବଜଗତ

**ପେନ୍‌ସିଲ** ଗ୍ରାଫାଇଟ୍, ଶିକ୍ଷା, ଚିତ୍ରକଳା, ଲିଖନ ସାମଗ୍ରୀ

**ପେଲିକାନ୍** ପକ୍ଷୀ, ଜୀବଜଗତ

**ପେଷି** କୃଷି, ଶସ୍ୟ, ତୈଳ

**ପୋଥି** ତାଳପତ୍ର, ଓଡ଼ିଶା, ଓଡ଼ିଆ ସାହିତ୍ୟ, ଜଗନ୍ନାଥ ସଂସ୍କୃତି

**ପୋଦିନା** ଖାଦ୍ୟ, କୃଷି, ଆୟୁର୍ବେଦ, ଉଦ୍ଭିଦ ବିଜ୍ଞାନ

**ପ୍ୟାରୀ ମୋହନ ଆଚାର୍ଯ୍ୟ** ଓଡ଼ିଶା

**ପ୍ରଜାପତି** ଜୀବଜଗତ, କୀଟପତଙ୍ଗ, ସାହିତ୍ୟ

**ପ୍ରଶାନ୍ତ ମହାସାଗର** ପୃଥିବୀ, ଭୂବିଜ୍ଞାନ, ଆବିଷ୍କାର ଓ ଆହୁରି ଅନେକ ବିଷୟ

**ପ୍ରାଚୀ ନଦୀ** ନଦୀ, ଓଡ଼ିଶା

**ପ୍ରାଣକୃଷ୍ଣ ପରିଜା** ଓଡ଼ିଶା, ଉଦ୍ଭିଦ ବିଜ୍ଞାନ

**ପ୍ଲାଟିପସ୍** ଜୀବଜଗତ, ସାମୁଦ୍ରିକ ଜୀବନ

**ପ୍ଲାଟୋ** ଦର୍ଶନ, ଗ୍ରୀସ, ରାଜନୀତି ବିଜ୍ଞାନ, ଶିକ୍ଷା, ମାନବସଭ୍ୟତା, ସକ୍ରେଟିସ୍

**ପ୍ଲାଷ୍ଟିକ** ରସାୟନ ବିଜ୍ଞାନ, ଔଦ୍ୟୋଗିକ ବିକାଶ, ମାନବ ସଭ୍ୟତା, ଧାତୁ, ପରିବେଶ, ଅଳିଆ, ଅପ୍‌ଟିକ୍ସ

**ଫ** ଅକ୍ଷର, ବର୍ଣ୍ଣମାଳା, ବ୍ୟାକରଣ

**ଫକୀର ମୋହନ** ଓଡ଼ିଆ ସାହିତ୍ୟ, ଓଡ଼ିଆ ଭାଷା, ବାଲେଶ୍ୱର, ଉପନ୍ୟାସ, ଓଡ଼ିଶା

# ଫଳ - ଭଦ୍ରଖ

**ଫଳ** ଖାଦ୍ୟ, କୃଷି, ଉଦ୍ଭିଦ ବିଜ୍ଞାନ, ଅର୍ଥନୀତି, ଜଳବାୟୁ, ମୃତ୍ତିକା
**ଫାରାଡେ** ପଦାର୍ଥ ବିଜ୍ଞାନ, ବିଦ୍ୟୁତ୍ ଶକ୍ତି, ଟେକ୍ନୋଲଜି
**ଫୁଲବାଣୀ** ଓଡ଼ିଶା, ଆଦିବାସୀ
**ଫୁସ୍‌ଫୁସ୍** ମାନବ ଶରୀର, ଚିକିତ୍ସା ବିଜ୍ଞାନ, ଶ୍ୱାସକ୍ରିୟା
**ଫ୍ଲେମିଂ, ଆଲେକଜାଣ୍ଡାର** ଚିକିତ୍ସା ବିଜ୍ଞାନ, ରସାୟନ ବିଜ୍ଞାନ, ପେନିସିଲିନ
**ବ** ଅକ୍ଷର, ବ୍ୟାକରଣ, ବର୍ଣ୍ଣମାଳା, ଉଚ୍ଚାରଣ
**ବକ୍‌ସି ଜଗବନ୍ଧୁ** ଓଡ଼ିଶା, ପାଇକ ବିଦ୍ରୋହ
**ବଙ୍ଗୋପସାଗର** ପୃଥିବୀ, ଭୂବିଜ୍ଞାନ, ଭାରତ, ଭାରତ ମହାସାଗର, ଜଳବାୟୁ
**ବମ୍ବେ** ମହାରାଷ୍ଟ୍ର, ଅର୍ଥନୀତି, ଓଦ୍ୟୋଗିକ ବ୍ୟବସ୍ଥା, ସହର
**ବରଗଡ଼ ଜିଲା** ଓଡ଼ିଶା
**ବରାହ ମିହିର** ଜ୍ୟୋତିର୍ବିଜ୍ଞାନ
**ବର୍ଷା** ଜଳବାୟୁ, ପାଗବିଦ୍ୟା, ବାୟୁମଣ୍ଡଳ, ଜଳୀୟବାଷ୍ପ, ପଦାର୍ଥ ବିଜ୍ଞାନ, କୃଷି, ଅର୍ଥନୀତି, ଜୀବଜଗତ, ଉଦ୍ଭିଦଜଗତ, ଭୂବିଜ୍ଞାନ, ସମୁଦ୍ର, ମେଘ, ପୃଥିବୀ, ବାଣିଜ୍ୟ, ପରିବେଶ, ପରିବହନ
**ବଳରାମ ଦାସ** ଓଡ଼ିଶା, ଓଡ଼ିଆ, ସାହିତ୍ୟ, ରାମାୟଣ
**ବଲାଙ୍ଗୀର ଜିଲା** ଓଡ଼ିଶା
**ବହି** ଶିକ୍ଷା, ମାନବସଭ୍ୟତା, ସଂସ୍କୃତି, ମୁଦ୍ରଣ, ପାଠକ, ଜାତୀୟତା, ରାଜନୀତି, ବିପ୍ଳବ, ଜ୍ଞାନ
**ବାଙ୍ଗାଲୋର** କର୍ଣ୍ଣାଟକ, ସହର
**ବାଂଲାଦେଶ** ଭାରତ, ପାକିସ୍ତାନ, ପୃଥିବୀ, ବଙ୍ଗଳା ଭାଷା
**ବାଘ** ଜୀବଜଗତ, ଅରଣ୍ୟ, ପରିବେଶ
**ବାଡ଼ମିଣ୍ଟନ** କ୍ରୀଡ଼ା
**ବାଦୁଡ଼ି** ଜୀବଜଗତ, ରେଡାର, ପକ୍ଷୀ, ସ୍ତନ୍ୟପାୟୀ
**ବାୟୁମଣ୍ଡଳ** ଅମ୍ଳଜାନ, ଯବକ୍ଷାରଜାନ, ଉଦ୍‌ଜାନ, ବାଷ୍ପ, ମୌଳିକ ଉପାଦାନ, ଟେକ୍ନୋଲଜି, ରେଡିଓ, ମହାକାଶ, ପରିବହନ, ଧୂଳି, ବାୟୁମଣ୍ଡଳୀୟ ସ୍ତର, ବାୟୁମଣ୍ଡଳୀୟ ବିଜ୍ଞାନ, ବର୍ଷା, ବିଶ୍ୱ, ଚିକିତ୍ସା ବିଜ୍ଞାନ, ସୌରଜଗତ, ଆକାଶ, ପୃଥିବୀ, ଜୀବନ, ଜୀବଜଗତ, ଜଳବାୟୁ, ବିଜ୍ଞାନ, ଉଦ୍ଭିଦଜଗତ ଓ ଆହୁରି ଅନେକ ବିଷୟ
**ବାରବାଟୀ ଷ୍ଟାଡିୟମ** କ୍ରୀଡ଼ା, କଟକ
**ବାରିପଦା** ମୟୂରଭଞ୍ଜ ଜିଲା
**ବାଲ୍ମୀକି** ରାମାୟଣ
**ବାଲେଶ୍ୱର ଜିଲା** ଓଡ଼ିଶା
**ବିଜ୍ଞାନ** ପ୍ରକୃତି, ମାନବଜ୍ଞାନ, ଦର୍ଶନ, ଟେକ୍ନୋଲଜି, ଗଣିତ, ସତ୍ୟ, ମାନବ ସଭ୍ୟତା ଓ ଆହୁରି ଅନେକ ବିଷୟ
**ବିଦ୍ୟୁତ୍** ଉର୍ଜା, ପଦାର୍ଥ ବିଜ୍ଞାନ, ଔଦ୍ୟୋଗିକ ବିକାଶ, ମାନବ ସଭ୍ୟତା, କୋଇଲା, ନଦୀ, ଇଞ୍ଜିନିୟରିଙ୍ଗ୍
**ବିନୋବା** ଭାରତୀୟ ସ୍ୱାଧୀନତା ଆନ୍ଦୋଳନ, ସର୍ବୋଦୟ, ମହାତ୍ମା ଗାନ୍ଧୀ, ଗୀତା ପ୍ରବଚନ
**ବିଶ୍ୱେଶ୍ୱରେୟା** ଭାରତ, ଇଞ୍ଜିନିୟରିଙ୍ଗ, ଜଳସେଚନ
**ବିହାର** ଭାରତ, ଭାରତୀୟ ସ୍ୱାଧୀନତା ଆନ୍ଦୋଳନ, ବୌଦ୍ଧଧର୍ମ, ମହାତ୍ମା ଗାନ୍ଧୀ, ଓଡ଼ିଶା
**ବୁଢ଼ିଆଣୀ** ଜୀବଜଗତ
**ବୁଦ୍ଧଦେବ** ବୌଦ୍ଧଧର୍ମ, ମାନବ ସଭ୍ୟତା, ଏସିଆ, ହିନ୍ଦୁ ଧର୍ମ
**ବୁଧ** ସୌରଜଗତ, ଜ୍ୟୋତିର୍ବିଜ୍ଞାନ, ସୂର୍ଯ୍ୟ, ଆପେକ୍ଷିକ ତତ୍ତ୍ୱ
**ବୃହସ୍ପତି**- ସୌରଜଗତ, ଜ୍ୟୋତିର୍ବିଜ୍ଞାନ, ସୂର୍ଯ୍ୟ, ଧୂମକେତୁ ସୁମେକର - ଲେଭି - ୯, ବିଶ୍ୱ, ମାଧ୍ୟାକର୍ଷଣ
**ବେଙ୍ଗ** ଜୀବଜଗତ, ଲୋକକଥା
**ବେଲ୍** ଟେଲିଫୋନ, ଟେକ୍ନୋଲଜି
**ବୈତରଣୀ** ନଦୀ, ଓଡ଼ିଶା
**ବୈଷ୍ଣବ ପାଣି** ଓଡ଼ିଆ ସାହିତ୍ୟ, ଗୀତିନାଟ୍ୟ
**ବୌଦଜିଲା** ଓଡ଼ିଶା
**ବ୍ରଜନାଥ ବଡ଼ଜେନା** ଓଡ଼ିଆ ସାହିତ୍ୟ, 'ସମର ତରଙ୍ଗ'
**ବ୍ରହ୍ମଦେଶ** ପୃଥିବୀ, ଭାରତ, ବୌଦ୍ଧଧର୍ମ
**ବ୍ରହ୍ମପୁତ୍ର** ନଦୀ, ଭାରତ, ହିମାଳୟ, ତିବ୍ବତ, ଭୂବିଜ୍ଞାନ
**ବ୍ରହ୍ମପୁର** ଗଞ୍ଜାମ ଜିଲା, ଭାରତୀୟ ସ୍ୱାଧୀନତା ଆନ୍ଦୋଳନ
**ବ୍ରାହ୍ମଣୀ** ନଦୀ, ଓଡ଼ିଶା
**ଭକ୍ତ ଚରଣ ଦାସ** ଓଡ଼ିଆ ସାହିତ୍ୟ
**ଭଗତ ସିଂ, ସର୍ଦ୍ଦାର** ଭାରତୀୟ ଜାତୀୟ ଆନ୍ଦୋଳନ
**ଭଞ୍ଜନଗର** ଗଞ୍ଜାମ ଜିଲା
**ଭଟ୍ଟନଗର, ଶାନ୍ତିସ୍ୱରୂପ** ଭାରତ, ବିଜ୍ଞାନ
**ଭଟ୍ଟାରିକା** କଟକ ଜିଲା, ପର୍ଯ୍ୟଟନ
**ଭଦ୍ରଖ** ଓଡ଼ିଶା, ଭାରତୀୟ ସ୍ୱାଧୀନତା ଆନ୍ଦୋଳନ, ମହାତ୍ମା ଗାନ୍ଧୀ

*ସମ୍ବନ୍ଧୀୟ ବିଷୟ*

# ଭବାନୀପାଟଣା - ମାଛି

***ଭବାନୀପାଟଣା*** କଳାହାଣ୍ଡି ଜିଲା

***ଭାର୍ଗବୀ*** ନଦୀ

***ଭାରତ*** ପୃଥିବୀ ଓ ଆହୁରି ଅସୁମାରୀ ବିଷୟ

***ଭାଲୁ*** ଜୀବଜଗତ

***ଭାଷା*** ମାନବ ସମାଜ, ସାହିତ୍ୟ, ଶିକ୍ଷା, ନୃତତ୍ତ୍ୱ, ଭାଷାବିଜ୍ଞାନ, ଟେକ୍‌ନୋଲଜି, ବ୍ୟାକରଣ

***ଭୀମଭୋଇ*** ଓଡ଼ିଆ ସାହିତ୍ୟ, ମହିମା ଧର୍ମ

***ଭୁଟାନ*** ପୃଥିବୀ, ଭାରତ, ହିମାଳୟ ପର୍ବତମାଳା

***ଭୁବନେଶ୍ୱର*** ଓଡ଼ିଶା, ଭାରତ, ପ୍ରତ୍ନତତ୍ତ୍ୱ

***ଭୂଗୋଳ*** ପୃଥିବୀ, ମାନବସଭ୍ୟତା, ଭୂବିଜ୍ଞାନ, ଇତିହାସ, ଭୂତତ୍ତ୍ୱ, ସହର ନିର୍ମାଣ, ମାନବ ସମାଜ

***ଭୂତତ୍ତ୍ୱ*** ପୃଥିବୀ, ପଦାର୍ଥବିଜ୍ଞାନ, ରସାୟନ ବିଜ୍ଞାନ, ଭୂବିଜ୍ଞାନ, ଭୂଗୋଳ, ସୌରଜଗତ ଓ ଆହୁରି ଅନେକ ବିଷୟ

***ଭୂମଧ୍ୟସାଗର*** ପୃଥିବୀ, ସାଗର, କୃଷି, ଜଳବାୟୁ, ଭୂବିଜ୍ଞାନ

***ଭୂମିକମ୍ପ*** ରିକ୍‌ଟର-ସ୍କେଲ୍‌, ଭୂବିଜ୍ଞାନ, ସୌରଜଗତ, ପୃଥିବୀ, ଭୂ-ପଦାର୍ଥ ବିଜ୍ଞାନ, ଭୂଗୋଳ, ଭୂ- ଇତିହାସ, ଦୁର୍ବିପାକ, ଜୀବଜଗତ

***ଭୋପାଳ*** ମଧ୍ୟପ୍ରଦେଶ, ଦୁର୍ଘଟଣା

***ଭୋଲଟା*** ପଦାର୍ଥ ବିଜ୍ଞାନ, ଟେକ୍‌ନୋଲଜି, ଇଟାଲୀ, ବାଟେରୀ

***ମଙ୍ଗଳ*** ସୌରଜଗତ, ଜୀବନ, ପୃଥିବୀ, ସୂର୍ଯ୍ୟ, ମହାକାଶ ବିଜ୍ଞାନ, ମହାକାଶ ଅଭିଯାନ, ଟେକ୍‌ନୋଲଜି

***ମଣିପୁର*** ଭାରତ, ନୃତ୍ୟକଳା

***ମଧୁବାବୁ*** ଓଡ଼ିଶା, ଭାରତୀୟ ଜାତୀୟ ଆନ୍ଦୋଳନ, ଉତ୍କଳ ସମ୍ମିଳନୀ, ମହାତ୍ମା ଗାନ୍ଧୀ, ବିହାର

***ମଧୁସୂଦନ ରାଓ*** ଓଡ଼ିଆ ସାହିତ୍ୟ, ବର୍ଣ୍ଣବୋଧ

***ମଧ୍ୟପ୍ରଦେଶ*** ଭାରତ, ଓଡ଼ିଶା, ଆଦିବାସୀ, ପ୍ରତ୍ନତତ୍ତ୍ୱ

***ମନୁଷ୍ୟ*** ପୃଥିବୀ, ଜୀବଜଗତ ଓ ଆହୁରି ଅନେକ ବିଷୟ

***ମୟୂର*** ପକ୍ଷୀ, ଜୀବଜଗତ, ନୃତ୍ୟ

***ମୟୂରଭଞ୍ଜ*** ଓଡ଼ିଶା, ଛଉ ନୃତ୍ୟ

***ମରୁଭୂମି*** ପୃଥିବୀ, ଜଳବାୟୁ, କୃଷି, ଆଫ୍ରିକା, ଆରବ, ନଦୀ, ମରୁଦ୍ୱୀପ, ଓଟ, ଭୂବିଜ୍ଞାନ, ବୃଷ୍ଟିପାତ, ନୃତତ୍ତ୍ୱ

***ମଶା*** ଜୀବଜଗତ, କୀଟପତଙ୍ଗ, ରୋଗ, ମାଲେରିଆ

***ମସ୍କୋ*** ରୁଷ, କମ୍ୟୁନିଜମ୍‌

***ମସ୍ତିଷ୍କ*** ମାନବ ଶରୀର, ଜୀବଜଗତ, ବୁଦ୍ଧିମତା, ଚକ୍ଷୁ, ଅଙ୍ଗ ନିୟନ୍ତ୍ରଣ, ନିଉରନ୍‌, ଖପୁରୀ, ଇଭୋଲୁସନ

***ମହମ୍ମଦ*** ଇସ୍‌ଲାମ ଧର୍ମ, ମାବବ ସଭ୍ୟତା, କୋରାନ

***ମହାକାଶ*** ପୃଥିବୀ, ସୌରଜଗତ, ଆକାଶ, ମଧ୍ୟାକର୍ଷଣ, ଟେକ୍‌ନୋଲଜି, ରକେଟ, କୃତ୍ରିମ ଉପଗ୍ରହ, ସଟଲ, ବିଶ୍ୱ, ମହାକାଶ ଅଭିଯାନ, ଦର୍ଶନ, ଜ୍ୟୋତିର୍ବିଜ୍ଞାନ, ଇଞ୍ଜିନିୟରିଙ୍ଗ୍‌

***ମହାନଦୀ*** ଜଳସେଚନ, ଓଡ଼ିଶା, ଭାରତ, ନଦୀ, ହୀରାକୁଦ ବନ୍ଧ

***ମହାବଳୀପୁରମ*** ତାମିଲନାଡୁ, ପର୍ଯ୍ୟଟନ

***ମହାବଲେଶ୍ୱର*** ମହାରାଷ୍ଟ୍ର, ପର୍ଯ୍ୟଟନ

***ମହାବୀର*** ଜୈନଧର୍ମ, ଭାରତ, ହିନ୍ଦୁଧର୍ମ, ବୌଦ୍ଧ ଧର୍ମ

***ମହାଭାରତ*** ଭାରତ, ଭାରତୀୟ ସଭ୍ୟତା, ସାହିତ୍ୟ, ପୁରାଣ, ଗୀତା, ସାରଳା ଦାସ

***ମହାରାଷ୍ଟ୍ର*** ଭାରତ, ଭାରତ ଇତିହାସ, ମରାଠା ଶାସନ

***ମହାସାଗର*** ପୃଥିବୀ, ମାଧ୍ୟାକର୍ଷଣ, ଜଳମଣ୍ଡଳ, ଜୀବନ, ଭୂବିଜ୍ଞାନ, ଜୀବଜଗତ, ସାମୁଦ୍ରିକ ଜୀବନ, ସାମୁଦ୍ରିକ ବିଜ୍ଞାନ, ଜଳବାୟୁ, ବାୟୁମଣ୍ଡଳ, ଧାତୁ, କୃଷି, ଖାଦ୍ୟ, ବାଣିଜ୍ୟ, ଭୂଗୋଳ, ପରିବହନ, ଯୁଦ୍ଧ, ମହାଦେଶ, ପର୍ବତ, ଆଗ୍ନେୟଗିରି, ସ୍ଥଳଭାଗ

***ମହୀଶୂର*** କର୍ଣ୍ଣାଟକ

***ମହୁ*** କୃଷି, ଖାଦ୍ୟ, ଚିକିତ୍ସା ବିଜ୍ଞାନ, ରସାୟନ ବିଜ୍ଞାନ, ଅରଣ୍ୟ, ଉର୍ଜା, ଆୟୁର୍ବେଦ

***ମହୁମାଛି*** ଜୀବବିଜ୍ଞାନ, ମହୁ

***ମହୁମାଛି ପାଳନ*** କୃଷି, ମାନବ ସମାଜ

***ମାଙ୍କଡ଼*** ଜୀବବିଜ୍ଞାନ, ଇଭୋଲୁସନ, ମାନବ, ଚିକିତ୍ସା ବିଜ୍ଞାନ, କ୍ରୀଡ଼ା, ଅରଣ୍ୟ

***ମାଙ୍ଗାନିଜ*** ଧାତୁ, ଭୂବିଜ୍ଞାନ, ମୌଳିକ ଉପାଦାନ, ଇସ୍‌ପାତ, ଟେକ୍‌ନୋଲଜି

***ମାଂସପେଶୀ*** ମାନବ ଶରୀର, ଜୀବତତ୍ତ୍ୱ, ଅସ୍ଥି ବିଭାଗ, ଚିକିତ୍ସା ବିଜ୍ଞାନ, କ୍ରୀଡ଼ା, ଶରୀର ଚର୍ଚ୍ଚା

***ମାଛ*** ଖାଦ୍ୟ, କୃଷି, ଜୀବଜଗତ, ଇଭୋଲୁସନ, ସାମୁଦ୍ରିକ ଜୀବନ, ଆନ୍ତର୍ଜାତିକ ସମ୍ପର୍କ, ଅର୍ଥନୀତି, ଯୁଦ୍ଧ

***ମାଛକୁଣ୍ଡ*** କୋରାପୁଟ ଜିଲା, ଡୁଡୁମା ଜଳପ୍ରପାତ

***ମାଛଗୁଷ*** ଖାଦ୍ୟ, କୃଷି, ଅର୍ଥନୀତି

***ମାଛି*** ଜୀବଜଗତ, ରୋଗ

# ମାଟି - ରାଧାନାଥ ରାୟ

***ମାଟି*** ପୃଥିବୀ, କୃଷି, ଉଦ୍ଭିଦ ଜଗତ, ଜୀବଜଗତ, ରସାୟନ ବିଜ୍ଞାନ, ଭୂବିଜ୍ଞାନ, ମାନବସଭ୍ୟତା, ଜଳ, ଜଳବାୟୁ ଓ ଆହୁରି ଅନେକ ବିଷୟ

***ମାଡାମ କ୍ୟୁରୀ*** ରସାୟନ ବିଜ୍ଞାନ, ପଦାର୍ଥ ବିଜ୍ଞାନ

***ମାନ୍ଦ୍ରାଜ*** ତାମିଲନାଡୁ

***ମାର୍କସ, କାର୍ଲ*** କମ୍ୟୁନିଜମ୍, 'ଦାସ କାପିଟାଲ'

***ମାର୍କୋନି*** ରେଡିଓ, ପଦାର୍ଥ ବିଜ୍ଞାନ, ଟେକ୍‌ନୋଲଜି

***ମାଲକାନଗିରି*** ଓଡ଼ିଶା

***ମିଉଜିୟମ*** ସଂରକ୍ଷଣ, ମାନବ ସଭ୍ୟତା, ଇତିହାସ, ନୃତତ୍ତ୍ୱ, ମାନବ ଜ୍ଞାନ, ସମାଜ ତତ୍ତ୍ୱ, ସଂସ୍କୃତି, କଳା

***ମିଜୋରାମ*** ଭାରତ

***ମିଳିମିଳା*** ଚିକିତ୍ସା ବିଜ୍ଞାନ, ମାନବ ଶରୀର

***ମୀରାବାଈ*** ହିନ୍ଦୁଧର୍ମ, ଭକ୍ତି ସଙ୍ଗୀତ, ହିନ୍ଦୁ ଦର୍ଶନ

***ମୁକୁନ୍ଦଦେବ*** ଓଡ଼ିଶା

***ମୂଷା*** ଜୀବଜଗତ, କୃଷି, ଚିକିତ୍ସା ବିଜ୍ଞାନ, ଗବେଷଣା

***ମେଘନାଦ ସାହା*** ପଦାର୍ଥ ବିଜ୍ଞାନ, ଭାରତ

***ମେଘାଳୟ*** ଭାରତ

***ମେଣ୍ଡେଲିଫ୍*** ରସାୟନ ବିଜ୍ଞାନ, ମୌଳିକ ଉପାଦାନ, ଆବର୍ତ୍ତସାରଣୀ, ବିଜ୍ଞାନ, ରୁଷ, ବିଶ୍ୱ

***ମେରୁ*** ପୃଥିବୀ, ଭୂବିଜ୍ଞାନ, ଚୁମ୍ବକତ୍ତ୍ୱ, ଉତ୍ତର ମେରୁ, ଦକ୍ଷିଣ ମେରୁ, ଆବିଷ୍କାର

***ମୋତିଲାଲ ନେହରୁ*** ଭାରତୀୟ ସ୍ୱାଧୀନତା ଆନ୍ଦୋଳନ

***ମୌଳିକ ଉପାଦାନ*** ଯୌଗିକ ଉପାଦାନ, ଟ୍ରାନ୍ସ-ୟୁରାନିୟମ ପଦାର୍ଥ, ମାନବଶରୀର, ଆବର୍ତ୍ତସାରଣୀ, ଅଣୁ, ଉର୍ଜା, ଜୀବନ, ପଦାର୍ଥ, ରସାୟନ ବିଜ୍ଞାନ, ବିଶ୍ୱ ସୃଷ୍ଟି, ସୌର ଜଗତ, ପୃଥିବୀ, ଭୂବିଜ୍ଞାନ, ମେଣ୍ଡେଲିଫ୍, ପଦାର୍ଥବିଜ୍ଞାନ ଓ ଆହୁରି ଅନେକ ବିଷୟ

***ଯ*** ଅକ୍ଷର, ବ୍ୟାକରଣ, ବର୍ଣ୍ଣମାଳା, ଉଚ୍ଚାରଣ

***ଯଅ*** କୃଷି, ଖାଦ୍ୟ, ମାନବସଭ୍ୟତା

***ଯକୃତ*** ମାନବଶରୀର, ଚିକିତ୍ସା ବିଜ୍ଞାନ

***ଯଯାତିକେଶରୀ*** ଓଡ଼ିଶା

***ଯବକ୍ଷାରଜାନ*** ମୌଳିକ ଉପାଦାନ, କୃଷି, ସାର, ବିଶ୍ୱ, ବାୟୁମଣ୍ଡଳ, ରସାୟନ ବିଜ୍ଞାନ, ଜୀବଜଗତ, ଉଦ୍ଭିଦ ଜଗତ

***ଯମୁନା*** ନଦୀ, ଭାରତ, ପୁରାଣ

***ଯକ୍ଷ୍ମା*** ଚିକିତ୍ସା ବିଜ୍ଞାନ, ରୋଗ, ଫୁସ୍‌ଫୁସ୍, ଆଣ୍ଟିବାଓଟିକ୍

***ଯାଜପୁର*** ଓଡ଼ିଶା, ବିରଜାମନ୍ଦିର

***ଯୀଶୁଖ୍ରୀଷ୍ଟ*** ଖ୍ରୀଷ୍ଟଧର୍ମ, ବାଇବ୍‌ଲ୍ , ଜେରୁସାଲେମ

***ଯୁକ୍ତରାଷ୍ଟ୍ର ଆମେରିକା*** ପୃଥିବୀ ଓ ଅନ୍ୟାନ୍ୟ ଅନେକ ବିଷୟ

***ୟୁରାନିୟମ୍*** ମୌଳିକ ଉପାଦାନ, ତେଜସ୍କ୍ରିୟତା, ପଦାର୍ଥ ବିଜ୍ଞାନ, ପରମାଣୁ ବୋମା, ଭୂବିଜ୍ଞାନ, ପୃଥିବୀ

***ର*** ଅକ୍ଷର, ବର୍ଣ୍ଣମାଳା, ବ୍ୟାକରଣ

***ରକ୍ତ*** ମାନବ ଶରୀର, ଜୀବରସାୟନ ବିଜ୍ଞାନ, ଉଇଲିଅମ ହାର୍ଭେ, ହୃତପିଣ୍ଡ, ଧମନୀ, ଶିରା, ମସ୍ତିଷ୍କ, ରକ୍ତଦାନ, ରକ୍ତଗ୍ରୁପ୍, ପ୍ରାଥମିକ ଚିକିତ୍ସା, ଚିକିତ୍ସା ବିଜ୍ଞାନ, ରକ୍ତ ଟ୍ରାନ୍ସଫ୍ୟୁଜନ, ରକ୍ତଭଣ୍ଡାର

***ରକେଟ୍*** ମହାକାଶ ବିଜ୍ଞାନ, ଟେକ୍‌ନୋଲଜି, କ୍ଷେପଣାସ୍ତ୍ର

***ରଥଯାତ୍ରା*** ଜଗନ୍ନାଥ ଧର୍ମ, ହିନ୍ଦୁ ଧର୍ମ, ଓଡ଼ିଶା, ଉତ୍କଳୀୟ ସଂସ୍କୃତି, ପୁରୀ, ପର୍ଯ୍ୟଟନ

***ରଥରଫୋର୍ଡ*** ପଦାର୍ଥ ବିଜ୍ଞାନ

***ରବର*** ଉଦ୍‌ଭିଦ ଜଗତ, ଟେକ୍‌ନୋଲଜି, ଔଦ୍ୟୋଗିକ ବ୍ୟବସ୍ଥା

***ରବୀନ୍ଦ୍ରନାଥ ଠାକୁର*** ବଙ୍ଗଳା ସାହିତ୍ୟ, ଶାନ୍ତିନିକେତନ, ମହାତ୍ମା ଗାନ୍ଧୀ, ବିଶ୍ୱ ସାହିତ୍ୟ

***ରମଣ, ସି.ଭି.*** ପଦାର୍ଥ ବିଜ୍ଞାନ, ଭାରତ, ରମଣ ଏଫେକ୍ଟ

***ରମାଦେବୀ*** ଓଡ଼ିଶା, ଭାରତୀୟ ସ୍ୱାଧୀନତା ଆନ୍ଦୋଳନ, ସମାଜସେବା, ସର୍ବୋଦୟ, ନାରୀ ଜାଗରଣ

***ରାଉରକେଲା*** ଓଡ଼ିଶା, ଶିଳ୍ପ

***ରାଜଗୋପାଳାଚାରୀ*** ଭାରତୀୟ ସ୍ୱାଧୀନତା ଆନ୍ଦୋଳନ, ମହାତ୍ମା ଗାନ୍ଧୀ, ଭାରତ ଶାସନ, ମାନ୍ଦ୍ରାଜ ପ୍ରଦେଶ

***ରାଜସ୍ଥାନ*** ଭାରତ, ମୋଗଲ ଶାସନ

***ରାଜେନ୍ଦ୍ର ପ୍ରସାଦ*** ଭାରତୀୟ ସ୍ୱାଧୀନତା ଆନ୍ଦୋଳନ, ମହାତ୍ମା ଗାନ୍ଧୀ, ଭାରତ ଶାସନ, ଚମ୍ପାରଣ ସତ୍ୟାଗ୍ରହ

***ରାଣା ପ୍ରତାପ ସିଂହ*** ଭାରତ, ରାଜସ୍ଥାନ

***ରାଧାକୃଷ୍ଣନ*** ଦର୍ଶନଶାସ୍ତ୍ର, ଗୁରୁଦିବସ, ଭାରତ ଶାସନ

***ରାଧାନାଥ ରାୟ*** ଓଡ଼ିଆ ସାହିତ୍ୟ

# ରାମକୃଷ୍ଣ ପରମହଂସ - ସାପକାମୁଡ଼ା

**ରାମକୃଷ୍ଣ ପରମହଂସ** ହିନ୍ଦୁ ଧର୍ମ, ସ୍ୱାମୀ ବିବେକାନନ୍ଦ; ରାମକୃଷ୍ଣ ମିଶନ

**ରାମମୋହନ ରାୟ** ହିନ୍ଦୁ ଧର୍ମ ଓ ସଂସ୍କାର

**ରାମାନୁଜନ** ଗଣିତବିଦ୍ୟା, ଭାରତ

**ରାୟଗଡ଼ା** ଓଡ଼ିଶା, କୋରାପୁଟ

**ରୂପା** ମୌଳିକ ଉପାଦାନ, ଧାତୁ, ବିଦ୍ୟୁତ ସ୍ପଳନୀ, ମାନବ ସଭ୍ୟତା, ଅଳଙ୍କାର, ଅର୍ଥନୀତି, ମୁଦ୍ରା, ତାରକସି

**ରେଡ୍ କ୍ରସ** ସେବା, ଯୁଦ୍ଧ, ଆନ୍ତର୍ଜାତିକ ସମ୍ପର୍କ, ହେନରୀ ଡୁନାଣ୍ଟ

**ରେଡାର** ପଦାର୍ଥ ବିଜ୍ଞାନ, ନାଭିଗେସନ, ଯୁଦ୍ଧ, ପାଗବିଦ୍ୟା, ମହାକାଶ ବିଜ୍ଞାନ, ଦୁର୍ଘଟଣା, ନିରାପତ୍ତା, ବାଦୁଡ଼ି

**ରେଡିଓ ଆକ୍ଟିଭ ପଦାର୍ଥ** ପଦାର୍ଥ ବିଜ୍ଞାନ, ପରମାଣୁ, ଚିକିତ୍ସା ବିଜ୍ଞାନ, ଭୂବିଜ୍ଞାନ, ମୌଳିକ ଉପାଦାନ, ବିଶ୍ୱ

**ରେଡିଓ ଟେଲିସ୍କୋପ** ଜ୍ୟୋତିର୍ବିଜ୍ଞାନ, ଦୂରବୀକ୍ଷଣ, ରେଡିଓ ତରଙ୍ଗ, ମହାକାଶ, ଆଲୋକ

**ରେଡିୟମ** ମୌଳିକ ଉପାଦାନ, ଏକ୍ସ୍ - ରେ, ଚିକିତ୍ସା ବିଜ୍ଞାନ, ତେଜଷ୍କ୍ରିୟତା

**ରେଢ଼ାଖୋଲ** ଓଡ଼ିଶା, ଭୀମଭୋଇ, ସମ୍ବଲପୁର

**ରେଭେନ୍‌ସା କଲେଜ** ଓଡ଼ିଶା, ଶିକ୍ଷା

**ରେଲଗାଡ଼ି** ରେଳ, ରେଳପଥ, ବାଣିଜ୍ୟ, ପରିବହନ, ଟେକନୋଲଜି, ମାନବ ସଭ୍ୟତା, ଧାତୁ ବିଜ୍ଞାନ, ପର୍ଯ୍ୟଟନ

**ଲକ୍ଷ୍ମଣ ନାୟକ** ଭାରତୀୟ ସ୍ୱାଧୀନତା ଆନ୍ଦୋଳନ, ଓଡ଼ିଶା, କୋରାପୁଟ

**ଲକ୍ଷ୍ମୀକାନ୍ତ ମହାପାତ୍ର** ଓଡ଼ିଆ ସାହିତ୍ୟ

**ଲକ୍ଷ୍ମୀବାଈ** ପ୍ରଥମ ଭାରତୀୟ ସ୍ୱାଧୀନତା ସଂଗ୍ରାମ, ଝାନସୀ

**ଲଜପତ ରାୟ** ଭାରତୀୟ ସ୍ୱାଧୀନତା ଆନ୍ଦୋଳନ, ମହାତ୍ମା ଗାନ୍ଧୀ, ଉତ୍କଳମଣି ଗୋପବନ୍ଧୁ, ଲୋକସେବକ ମଣ୍ଡଳ, ସାଇମନ କମିଶନ

**ଲଣ୍ଡନ** ଇଂଲଣ୍ଡ, ଭାରତୀୟ ସ୍ୱାଧୀନତା ଆନ୍ଦୋଳନ

**ଲଳିତଗିରି** ବୌଦ୍ଧ ଧର୍ମ, ଉଦୟଗିରି, ଓଡ଼ିଶା

**ଲାଟିନ୍ ଭାଷା** ବିଶ୍ୱ ସାହିତ୍ୟ, ସଂସ୍କୃତି, ଖ୍ରୀଷ୍ଟ ଧର୍ମ, ଭାଷା

**ଲାଲବାହାଦୁର ଶାସ୍ତ୍ରୀ** ଭାରତ, ଭାରତୀୟ ସ୍ୱାଧୀନତା ଆନ୍ଦୋଳନ, ଭାରତ ଶାସନ

**ଲାହୋର** ପାକିସ୍ତାନ, ଭାରତୀୟ ଜାତୀୟ କଂଗ୍ରେସ

**ଲିଙ୍କନ, ଆବ୍ରାହମ୍** ଯୁକ୍ତରାଷ୍ଟ୍ର ଆମେରିକା, ଦାସପ୍ରଥା

**ଲିଙ୍ଗରାଜ ମନ୍ଦିର** ଓଡ଼ିଶା, ପ୍ରତ୍ନତତ୍ତ୍ୱ, ହିନ୍ଦୁଧର୍ମ, ଶୈବ ବିଶ୍ୱାସ, ଭୁବନେଶ୍ୱର

**ଲୁହା** ଧାତୁ, ମୌଳିକ ଉପାଦାନ, ଟେକ୍‌ନୋଲଜି, ମାନବ ସଭ୍ୟତା, ଇସ୍ପାତ, ଖଣିଜ ପଥର, ଭୂବିଜ୍ଞାନ, ସୌରଜଗତ

**ଲେନିନ** କମ୍ୟୁନିଜମ୍

**ଶ** ବର୍ଣ୍ଣମାଳା, ଅକ୍ଷର, ଉଚ୍ଚାରଣ

**ଶଙ୍କରାଚାର୍ଯ୍ୟ** ହିନ୍ଦୁଧର୍ମ, ଧର୍ମ ସଂସ୍କାର, କେରଳ

**ଶଙ୍ଖ** ଜୀବଜଗତ, ବାଦ୍ୟ, ଇଭୋଲ୍ୟୁସନ, ହିନ୍ଦୁ ସଂସ୍କୃତି

**ଶଙ୍ଖଚୂଡ଼** ସାପ, ଜୀବଜଗତ

**ଶଙ୍ଖୁଆ** ମୌଳିକ ଉପାଦାନ, ବିଷ, ରସାୟନ ବିଜ୍ଞାନ

**ଶତଦ୍ରୁ** ନଦୀ, ପଞ୍ଜାବ, ସିନ୍ଧୁ ନଦୀ

**ଶନିଗ୍ରହ** ସୌରଜଗତ, ସୂର୍ଯ୍ୟ, ଜ୍ୟୋତିର୍ବିଜ୍ଞାନ

**ଶାଗ** ଖାଦ୍ୟ, ଉଦ୍ଭିଦ ଜଗତ, କୃଷି, ଭିଟାମିନ୍

**ଶାଗୁଣା** ପକ୍ଷୀ, ଜୀବଜଗତ, ପରିବେଶ

**ଶିଖଧର୍ମ** ହିନ୍ଦୁ ଧର୍ମ, ମୋଗଲ ଶାସନ, ଭାରତ ଇତିହାସ

**ଶିବାଜୀ** ମହାରାଷ୍ଟ୍ର, ଭାରତ ଶାସନ

**ଶିଶୁପାଳ ଗଡ଼** ଓଡ଼ିଶା

**ଶୁକ୍ରଗ୍ରହ** ସୌରଜଗତ, ଜ୍ୟୋତିର୍ବିଜ୍ଞାନ, ସୂର୍ଯ୍ୟ, ପୃଥିବୀ

**ଶ୍ରୀନଗର** କାଶ୍ମୀର, ପର୍ଯ୍ୟଟନ

**ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ** ଓଡ଼ିଶା, ମୟୂରଭଞ୍ଜ

**ଷ୍ଟାଡିୟମ** କ୍ରୀଡ଼ା, ସଂସ୍କୃତି, ଥିଏଟର

**ଷ୍ଟିଫେନ୍‌ସନ୍, ଜର୍ଜ** ଟେକ୍‌ନୋଲଜି, ରେଳ ପରିବହନ

**ସଂବିଧାନ** ଭାରତ ଶାସନ, ଆଇନ, ଗଣତନ୍ତ୍ର, ନାଗରିକ ଅଧିକାର, ମୌଳିକ ଅଧିକାର, ଶାସନ ବ୍ୟବସ୍ଥା

**ସଂସ୍କୃତ** ଭାରତୀୟ ଭାଷା ଓ ସାହିତ୍ୟ, ହିନ୍ଦୁ ସଭ୍ୟତା, ଭାରତୀୟ ବିଜ୍ଞାନ, ବିଶ୍ୱ ସାହିତ୍ୟ, ଭାଷାତତ୍ତ୍ୱ

**ସକ୍ରେଟିସ** ଗ୍ରୀସ, ଦର୍ଶନ, ମାନବ ଜ୍ଞାନ

**ସମ୍ବଲପୁର** ଓଡ଼ିଶା

**ସରୀସୃପ** ପୃଥିବୀ, ଜୀବଜଗତ, ଇଭୋଲ୍ୟୁସନ

**ସାପ** ଜୀବଜଗତ, ସରୀସୃପ, କୃଷି, ବିଷ

**ସାପକାମୁଡ଼ା** ଚିକିତ୍ସା ବିଜ୍ଞାନ, ଆୟୁର୍ବେଦ, ବିଷ, ଫାଷ୍ଟଏଡ଼

# ସାରଳା ଦାସ - ହେଲିକପଟର୍

**ସାରଳା ଦାସ** ଓଡ଼ିଆ ସାହିତ୍ୟ, ମହାଭାରତ
**ସାଲମନ** ମାଛ, ଜୀବଜଗତ
**ସାଲବେଗ** ଓଡ଼ିଶା, ଓଡ଼ିଆ ସାହିତ୍ୟ
**ସାହାରା** ପୃଥିବୀ, ଆଫ୍ରିକା, ଯୁଦ୍ଧ, ମରୁଭୂମି, ଭୂବିଜ୍ଞାନ, ବାଣିଜ୍ୟ, ପରିବହନ
**ସିଂହ** ଜୀବଜଗତ, ଅରଣ୍ୟ, ସଂରକ୍ଷଣ
**ସିକିମ** ଭାରତ, ହିମାଳୟ
**ସିନ୍ଧୁ ସଭ୍ୟତା** ପୃଥିବୀ, ମାନବ ସଭ୍ୟତା, ହିନ୍ଦୁ ଧର୍ମ ଓ ସଭ୍ୟତା, ସିନ୍ଧୁ ନଦୀ
**ସିଲିକନ** ମୌଳିକ ଉପାଦାନ, ଇଲେକ୍‌ଟ୍ରୋନିକ୍ସ୍, ଭୂବିଜ୍ଞାନ
**ସିମିଳିପାଳ** ଓଡ଼ିଶା, ଜୀବଜଗତ, ସଂରକ୍ଷଣ, ପର୍ଯ୍ୟଟନ
**ସୁନ୍ଦରଗଡ଼** ଓଡ଼ିଶା
**ସୁନା** ମୌଳିକ ଉପାଦାନ, ଅର୍ଥନୀତି, ମାନବ ସଭ୍ୟତା, ଅଳଙ୍କାର, ମୁଦ୍ରା, ଧର୍ମ, ସଂସ୍କୃତି, ଔଦ୍ୟୋଗିକ ବ୍ୟବସ୍ଥା
**ସୁବ୍ରମଣ୍ୟ ଭାରତୀ** ଭାରତୀୟ ଜାତୀୟ ଆନ୍ଦୋଳନ, ତାମିଲ ଭାଷା ଓ ସାହିତ୍ୟ
**ସୁଭାଷ ଚନ୍ଦ୍ର ବୋଷ** ଭାରତୀୟ ସ୍ୱାଧୀନତା ଆନ୍ଦୋଳନ, ଆଜାଦ ହିନ୍ଦ ଫୌଜ, ମହାତ୍ମା ଗାନ୍ଧୀ, କଟକ, ଦ୍ୱିତୀୟ ମହାଯୁଦ୍ଧ, କଂଗ୍ରେସ, ଜାପାନ, ଜର୍ମାନୀ, ସମାଜସେବା
**ସୁରେନ୍ଦ୍ର ସାଏ** ପ୍ରଥମ ଭାରତୀୟ ସ୍ୱାଧୀନତା ସଂଗ୍ରାମ ଓଡ଼ିଶା, ସମ୍ବଲପୁର
**ସୂର୍ଯ୍ୟ** ନକ୍ଷତ୍ର, ମିଲକିଓ୍ୱେ, ସୌରଜଗତ, ପୃଥିବୀ, ପଦାର୍ଥ ବିଜ୍ଞାନ, କାଲୋରୀ, ଆଲୋକ, ଉର୍ଜା, ବିଶ୍ୱ, ଜ୍ୟୋତିର୍ବିଜ୍ଞାନ, ଜୀବଜଗତ, ଉଦ୍ଭିଦ ଜଗତ, ପୁରାଣ, ସାହିତ୍ୟ, ପରାଗ, ଉଦ୍‌ଜାନ, ହିଲିଅମ୍, ଫ୍ୟୁଜନ, ମାନବଶରୀର, ଘଡ଼ି, ସୌରଶକ୍ତି, ବିକିରଣ ଓ ଆହୁରି ଅନେକ ବିଷୟ
**ସେକ୍‌ସପିଅର** ଇଂରାଜୀ ସାହିତ୍ୟ, ନାଟକ
**ସୋନପୁର** ଓଡ଼ିଶା
**ସ୍ତନ୍ୟପାୟୀ** ଜୀବଜଗତ, ଇଭୋଲୁସନ, ମାନବ ସଭ୍ୟତା, ସାମୁଦ୍ରିକ ଜୀବନ, ଉଦ୍ଭିଦ ଜଗତ
**ସ୍ନାୟୁ** ମାନବ ଶରୀର, ମସ୍ତିଷ୍କ, ଆବେଗ, ଭାବ, ସ୍ପର୍ଶ, ଦୃଷ୍ଟି ଶକ୍ତି, ଇନ୍ଦ୍ରିୟ, ସ୍ନାୟୁ ବ୍ୟବସ୍ଥା, ସ୍ନାୟୁକତା
**ସ୍ନେହସାର** ଖାଦ୍ୟ, ରସାୟନ ବିଜ୍ଞାନ, ମାନବ ଶରୀର, ନିଉଟ୍ରିସନ, ଉର୍ଜା, କାଲୋରୀ
**ସ୍ପୁଟନିକ** ରୁଷ, ମହାକାଶ ବିଜ୍ଞାନ, ଟେକ୍‌ନୋଲଜି
**ସ୍ୱାମୀ ବିବେକାନନ୍ଦ** ହିନ୍ଦୁ ଧର୍ମ, ରାମକୃଷ୍ଣ ମିଶନ
**ହକି** କ୍ରୀଡ଼ା, ଭାରତ, ଧ୍ୟାନଚାନ୍ଦ
**ହଜମ କ୍ରିୟା** ମାନବ ଶରୀର, ଖାଦ୍ୟ, ଚିକିତ୍ସା ବିଜ୍ଞାନ, ଅନ୍ତ୍ର, ପାକସ୍ଥଳୀ, ଜୀବରସାୟନ ବିଜ୍ଞାନ
**ହରିଆଣା** ଭାରତ, ପଞ୍ଜାବ
**ହରିଣ** ଜୀବଜଗତ, ଅରଣ୍ୟ
**ହରେକୃଷ୍ଣ ମହତାବ** ଭାରତୀୟ ସ୍ୱାଧୀନତା ଆନ୍ଦୋଳନ, ଓଡ଼ିଶା, ଓଡ଼ିଆ ସାହିତ୍ୟ, ସାମ୍ବାଦିକତା
**ହାଡ଼** ମାନବଶରୀର, ଇଭୋଲୁସନ, କାଲ୍‌ସିଅମ, ଚିକିତ୍ସା ବିଜ୍ଞାନ, ଜୀବଜଗତ, ଅସ୍ଥିବିଭାଗ
**ହାତୀ** ଜୀବଜଗତ, ଯୁଦ୍ଧ, ମାନବ ସଭ୍ୟତା, ପରିବହନ
**ହାର୍ଭେ, ଉଇଲିୟମ୍** ରକ୍ତ ସଞ୍ଚାଳନ, ଚିକିତ୍ସା ବିଜ୍ଞାନ
**ହିଟ୍‌ଲର, ଆଡଲଫ୍** ଜର୍ମାନୀ, ଦ୍ୱିତୀୟ ବିଶ୍ୱଯୁଦ୍ଧ, ନାଜୀବାଦ, ଇହୁଦୀ, ହଲୋକଷ୍ଟ, ଗଣହତ୍ୟା
**ହିନ୍ଦୀ** ଭାରତ, ଭାରତୀୟ ଭାଷା ଓ ସାହିତ୍ୟ, ସଂସ୍କୃତ, ଇଣ୍ଡୋ-ଇଉରୋପୀୟ ଭାଷା ପରିବାର, ଆର୍ଯ୍ୟ ସଭ୍ୟତା, ଭାରତ ଶାସନ, ରାଜଭାଷା, ଉତ୍ତର ଭାରତ
**ହିନ୍ଦୁ** ହିନ୍ଦୁଧର୍ମ, ହିନ୍ଦୁ ସଭ୍ୟତା, ଆର୍ଯ୍ୟ ସଭ୍ୟତା, ସିନ୍ଧୁ ସଭ୍ୟତା, ସନାତନ ଧର୍ମ, ମହାତ୍ମା ଗାନ୍ଧୀ ଓ ଆହୁରି ଅନେକ ବିଷୟ
**ହିନ୍ଦୋଳ** ଢେଙ୍କାନାଳ
**ହିପୋପଟାମସ** ଜୀବଜଗତ, ଆଫ୍ରିକା
**ହିମାଚଳ ପ୍ରଦେଶ** ଭାରତ
**ହିମାଳୟ** ପୃଥିବୀ, ଭୂବିଜ୍ଞାନ, ଜଳବାୟୁ, ପର୍ବତାରୋହଣ, ଜୀବଜଗତ, ଉଦ୍ଭିଦ ଜଗତ, ସାମୁଦ୍ରିକ ବିଜ୍ଞାନ, ନଦୀ
**ହୀରା** ଅଙ୍ଗାର, ଭୂବିଜ୍ଞାନ, ପଦାର୍ଥ ବିଜ୍ଞାନ, ଅଳଙ୍କାର, ଇଞ୍ଜିନିୟରିଙ୍ଗ୍, ବାଣିଜ୍ୟ, ସାହିତ୍ୟ
**ହୀରାକୁଦ** ଓଡ଼ିଶା, ଜଳବିଦ୍ୟୁତ, ଜଳସେଚନ, ମହାନଦୀ
**ହୃତ୍‌ପିଣ୍ଡ** ମାନବ ଶରୀର, ରକ୍ତ ସଞ୍ଚାଳନ, ଜୀବଜଗତ, ଚିକିତ୍ସା ବିଜ୍ଞାନ, ଟେକ୍‌ନୋଲଜି
**ହେଲିକପଟର୍** ପରିବହନ, ଉଡ଼ାଜାହାଜ, ଯୁଦ୍ଧ, ରିଲିଫ୍, ଦୁର୍ବିପାକ, ଦୁର୍ଘଟଣା, ଟେକ୍‌ନୋଲଜି, ଏରୋନଟିକ୍ସ୍

*ସମ୍ବନ୍ଧୀୟ ବିଷୟ*

## ହେଲେନ୍ କେଲର - କ୍ଷୁଧା

***ହେଲେନ୍ କେଲର*** ଅନ୍ଧତ୍ୱ, ସମାଜସେବା, ଶିକ୍ଷା, ମାନବୀୟ ଉତ୍କର୍ଷତା
***ହୋମିଓପାଥି*** ଚିକିତ୍ସା ପଦ୍ଧତି
***ହ୍ରଦ*** ପୃଥିବୀ, ଭୂବିଜ୍ଞାନ
***କ୍ଷ*** ଅକ୍ଷର, ବ୍ୟାକରଣ, ଉଚ୍ଚାରଣ
***କ୍ଷମା*** ଦର୍ଶନ, ସମାଜତତ୍ତ୍ୱ, ଆଇନ, ସମାଜ
***କ୍ଷୁଧା*** ସମାଜତତ୍ତ୍ୱ, ସମାଜ, ହଜମ ବ୍ୟବସ୍ଥା, ଶାସନ

***ପରିଶିଷ୍ଟ*** ପୃଥିବୀର ଦେଶ
***ପରିଶିଷ୍ଟ*** ନୋବେଲ ପୁରସ୍କାର

© 1995 ଜ୍ଞାନମଣ୍ଡଳ ଫାଉଣ୍ଡେସନ


ଖପୁରୀ
ଅକ୍ଷକ
ଗ୍ରୈବକଶେରୁ
୧ମ ଓ ୨ୟ ବକ୍ଷୀୟ କଶେରୁକ
ଅଂସ ଫଳକ
ଉରଃଫଳକ
ପ୍ରଗଣ୍ଡାସ୍ଥି
୧୧ଶ ଓ ୧୨ଶ ବକ୍ଷୀୟ କଶେରୁକ
କଟି କଶେରୁକ
ଶ୍ରୋଣିଅସ୍ଥି
ବହିଃପ୍ରକୋଷ୍ଠାସ୍ଥି
ଅନ୍ତଃପ୍ରକୋଷ୍ଠାସ୍ଥି
ତ୍ରିକାସ୍ଥି
ଅନୁତ୍ରିକ
ମଣିବନ୍ଧ
କରଭାସ୍ଥି
ଅଙ୍ଗୁଳିପର୍ବ
ଉର୍ବସ୍ଥି
ଆଣ୍ଠୁ ଫଳକାସ୍ଥି
ଅନ୍ତଃ ଅନୁଜଙ୍ଘାସ୍ଥି
ଅନୁଜଙ୍ଘାସ୍ଥି
ଚନାଗଣ୍ଠି
ଅନୁଗଲ୍ଫିକାସ୍ଥି
ଅଙ୍ଗୁଳି ପର୍ବ
ବର୍ତ୍ତୁଳିକା

ମାନବ ଅସ୍ଥି ବିଭାଗ




*ମାନବ ଶରୀରର ସମ୍ମୁଖ ଭାଗ*

ଅ : କଥାରେ କୁହନ୍ତି "ଯିଏ 'ଅ'କୁ ଚିହ୍ନିଛି ସିଏ ଦୁନିଆକୁ ଜାଣିଛି ।" ଏଭଳି କୁହାଯିବାର ନିଶ୍ଚୟ କାରଣ ଅଛି । ସେହି କାରଣ ବିଷୟରେ ଶୁଣ ।

ଆମେ ବାହାରର ପବନକୁ ଦେହ ଭିତରେ ପୂରାଉଛୁ ନାକ ବାଟେ । ସେହି ପବନରେ ଗୋଟିଏ ଜିନିଷ ମିଶିକରି ରହିଛି । ତା' ନାଁ ଅମ୍ଳଜାନ । ଦେହର ସବୁଆଡ଼େ ଏହି ଅମ୍ଳଜାନ ନ ପହଞ୍ଚିଲେ ଆମ ଦେହଟା ଭଲଭାବରେ କାମ କରି ପାରିବ ନାହିଁ -ଚଳିବ ନାହିଁ । ଦେହର ସବୁ ଅଂଶକୁ ଏହି ଅମ୍ଳଜାନକୁ ବହି ନେଇଯାଉଛି ରକ୍ତ । ତୁମେ ସମସ୍ତେ ଯଦି କିଛି ସମୟ ପାଇଁ ନାକର ଦୁଇଟି ଯାକ ପୁଡ଼ା ବନ୍ଦ କରିଦେବ, ଦେଖିବ କିଛି ସମୟ ପରେ କେମିତି କେମିତି ଲାଗୁଛି ନାକ ପୁଡ଼ାକୁ ଖୋଲିଦେଲେ ଯାଇ ସମ୍ଭାଳି ହୋଇଯାଉଛି ।

ଆଉ ଗୋଟିଏ କଥା କର । ଦି' ପୁଡ଼ାକୁ ଭାଗ ଭାଗ କରିବାପାଇଁ ଯେଉଁ ଛୋଟ ଦଣ୍ଡାଟି ଅଛି ତାହାରି ପାଖରେ ଆଙ୍ଗୁଠିକୁ ସିଧାକରି ରଖ । ଦେଖିବ ମଝିରେ ମଝିରେ ଦେହ ଭିତରୁ କିଛି କିଛି ପବନ ବରାବର ବାହାରକୁ ଆସୁଛି । ଏମିତି କାହିଁକି ହେଉଛି ? ଦେହ ଭିତରକୁ ଯେଉଁ ଅମ୍ଳଜାନ ମିଶା ପବନ ଯାଇଥିଲା ତାହାର କାମ ସରିଗଲା । ଅମ୍ଳଜାନ ତକ କାମରେ ଲାଗିଗଲା । ପବନରେ କିଛି ଅଦରକାରୀ ଚିଜ ମିଶିଗଲା । ସେତକ ଦେହ ଭିତରୁ ବାହାରକୁ ବାହାର କରି ନ ଦେଲେ କ୍ଷତି । ତେଣୁ ବରାବର ତାକୁ ବାହାର କରି ଅଣା ହେଉଛି । ଏହି ଅମ୍ଳଜାନ ମିଶା ପବନକୁ ଶରୀର ଭିତରକୁ ପୂରାଇବା ଓ ଅଳିଆ ବା ଅଦରକାରୀ ମିଶା ପବନକୁ ବାହାର କରି ଦେବାଟାକୁ କୁହାଯାଏ ଶ୍ୱାସକ୍ରିୟା ଓ "ନିଶ୍ୱାସ ପ୍ରଶ୍ୱାସ ଚଳାଚଳ କାମ ।" ପିଲାଟି ଜନ୍ମ ହେଲାବେଳୁ ଦେହ ଭିତରେ ଏହି କାମ ଆରମ୍ଭ ହୋଇଛି ଓ ଯେତେବେଳେ ଏହା ବନ୍ଦ ହୋଇଯିବ ଲୋକଟି ମରିଗଲା ବୋଲି କୁହାଯିବ ।

ମଣିଷ, ଗାଈ, ଛେଳି, କୁକୁର ଇତ୍ୟାଦିଙ୍କ ଦେହରେ ଏହି କାମ ବରାବର ଚାଲିଛି । ତାହାପରେ ଆଉ ଗୋଟିଏ ମଜା କଥା ଶୁଣ । କୁକୁର ଭୁକେ, ଗାଈ ହମ୍ବାରଡ଼ି କରେ, ଘୋଡ଼ା ହ୍ରେସାରବ କରେ । ଏହି ସବୁକୁ କୁହାଯାଏ ଗୋଟିଏ ଗୋଟିଏ ପ୍ରକାରର ଧ୍ୱନି । ପବନ ଦେହ ଭିତରକୁ ପଶିଲା ବେଳେ କେହି ଧ୍ୱନି କରିପାରିବ ନାହିଁ । ଅଦରକାରୀ ହୋଇଯାଇଥିବା ପବନ ଦେହ ଭିତରୁ ବାହାରିଲା ବେଳେ ଯାଇ ଧ୍ୱନି ବା ଶବ୍ଦ ହୋଇପାରିବ । ବେଶୀ ଦୂରକୁ ଯିବା ଦରକାର ନାହିଁ -ନିଜେ ନିଜେ ପରୀକ୍ଷା କରିନିଅ । ଭିତରକୁ ନିଶ୍ୱାସ ଯାଉଥିଲା ବେଳେ କଥା କହିବାକୁ ଚେଷ୍ଟାକର । ଦେଖିବ ହଉନାହିଁ । ବାହାରକୁ ପବନ ଆସୁଥିଲା ବେଳେହିଁ କଥା କହିପାରିବ ।

ଯିଏ ଏ ସଂସାରର ସବୁ ଜୀବଜନ୍ତୁ ତିଆରି କରିଛନ୍ତି ସିଏ ଶେଷରେ ମଣିଷ ତିଆରି କଲେ । ସେ ଧରିନେଲେ ଯେ ମଣିଷହିଁ ଏହି ଦୁନିଆରେ ବହୁତ କିଛି କରିପାରିବ

ଦୁନିଆର ରୂପ ବଦଳାଇ ପାରିବ । ସେଇ ଉଦ୍ଦେଶ୍ୟରେ ଗୋଟିଏ ନୂଆ ଧରଣର "ଜୀଅନ୍ତାକଳ" ତିଆରି କରିଦେଲେ । ତା' ନାଁ ରଖିଲେ ମସ୍ତିଷ୍କ । ସେହି ମସ୍ତିଷ୍କକୁ ଗୋଟାଏ ମଜବୁତ ହାଡ଼ ଖପୁରୀ ଭିତରେ ନିରାପଦରେ ରଖିଦେଲେ । ତାହାରି ଭିତରେ ବହୁତ କିଛି ବୁଦ୍ଧି ସାଇତି ଦେଲେ । ସେହି ବୁଦ୍ଧି ବଳରେ ମଣିଷ ବହୁତ କିଛି ନୂଆ ନୂଆ କଥା କରିଗଲା । ଏବେ ମଧ୍ୟ କରୁଛି ।

ଯିଏ ଏ ସଂସାରରେ ସବୁକିଛି ତିଆରି କରିଛନ୍ତି ତାଙ୍କୁ କେହି କେହି ଭଗବାନ ବୋଲି କୁହନ୍ତି - କିଏ କୁହନ୍ତି ପ୍ରକୃତି । ସେ ବିଗ୍ଭରିଲେ ମଣିଷ ଯଦି କଥା କହି ନ ପାରିବ ନିଜର ମନର କଥା ଆଉ ଜଣକୁ କହିବ ବା କିପରି ? ସେ ଯାହାସବୁ ଦେଖି ଆସୁଛି ସେସବୁ ବିଷୟରେ ତା' ଘରେ, ତା' ସାଙ୍ଗ - ସାଥୀଙ୍କ ଆଗରେ କହିବ କେମିତି ? ବାପା ମା ଯଦି ପୁଅ ଝିଅଙ୍କୁ ନିଜ ଜୀବନର ବହୁ ଦେଖାଶୁଣା କଥା କହି ନଯିବେ ସେ ସବୁତ ବୃଥାଗଲା । ସେସବୁ ଶୁଣିଲେ ଯାଇ ପୁଅ ଝିଅଙ୍କର ଜ୍ଞାନ ବଢ଼ିବ, ବୁଦ୍ଧି ବଢ଼ିବ । ତେଣୁ ଗୋଟାଏ ନୂଆ ଉପାୟ ବାହାର କରାଗଲା ।

ଗଳାରେ ଜୀଅନ୍ତା ତାର ଖଞ୍ଜି ଦିଆଗଲା । ଛାତି ଭିତରୁ ପବନ ପଦାକୁ ଆସିଲା ବେଳେ ସେହି ତାର ଧ୍ୱନିକୁ ଟିକିଏ ବାଗେଇ ଦେଲା । ତେଣିକି ଜିଭ, ତାଲୁ, ଦାନ୍ତ, ଓଠ ଏବଂ ନାକ ଲାଗି ପଡ଼ିଲେ ଶବ୍ଦ ବା ଧ୍ୱନିକୁ ଗୋଟାଏ ଗୋଟାଏ ନୂଆ ରୂପ ଦେବାପାଇଁ । ଦେଖିଲା ବେଳକୁ ନୂଆ ପ୍ରକାରେ ଶୁଣାଯାଉଛି । ସେହି ଧ୍ୱନି ଅ, ଆ, କ, ଖ ହେଉଛନ୍ତି ଶବ୍ଦ ବା ଧ୍ୱନିର ଗୋଟିଏ ଗୋଟିଏ ନୂଆ ରୂପ । ତେଣିକି ମଣିଷ ଚେଷ୍ଟାକଲା ଯେତେ ଅଧିକ ପାରେ ନୂଆ ଧ୍ୱନି ସୃଷ୍ଟି କରିବା ପାଇଁ । ଆମ ଲୋକେ ଗ୍ଭଳିଶରୁ ଅଧିକ ପ୍ରକାରର ସଜାଡ଼ି ଦେଲେ ଛାତି ଭିତରୁ ବାହାରି ଆସୁଥିବା ଅଳିଆ ମିଶା ପବନକୁ । ଇଂରେଜମାନେ କିନ୍ତୁ ଛବିଶରେ ଅଟକି ଗଲେ । ଏ ଠାରୁ ଜେଡ଼୍ ହେଲା ଛବିଶଟି ।

ଏହି ପ୍ରତ୍ୟେକ ଧ୍ୱନିକୁ ଗୋଟିଏ ବର୍ଣ୍ଣ ବୋଲ କୁହାଯାଏ । ଅକ୍ଷର ବୋଲି ମଧ୍ୟ କୁହାଯାଇଥାଏ ଏହି ଗୁଡ଼ିକ ସାହାଯ୍ୟରେ ମଣିଷ କହିଲା 'କଥା' ଯାହା ଶୁଣିଲା, ଯାହା ଦେଖିଲା, ଯାହା ଅଙ୍ଗେ ଲିଭାଇଲା, ଯୋଉ ବିଷୟରେ ଯେମିତି ଭାବିଲା - ସବୁକିଛି ଅନ୍ୟକୁ କହିଦେଲା ଏହି ବର୍ଣ୍ଣମାଳା ସାହାଯ୍ୟରେ । ସେମିତି କହିପାରୁଥିବାରୁ ମଣିଷକୁ କୁହାଯାଏ କଥାକୁହା ପ୍ରାଣୀ ।

ଯେଉଁମାନେ ପାଠୁଆ ବା ପଣ୍ଡିତ ସେମାନଙ୍କୁ ପଗ୍ଭରିଲେ ଏମିତି ଉତ୍ତର ଦେବେ - ପ୍ରତ୍ୟେକ ବର୍ଣ୍ଣ ବା ଅକ୍ଷର ଗୋଟିଏ "ପବନ ଫୁଲର ଗଜରାମାଳ ହୋଇଯିବ" । ଯେତେ ଗୀତ, ଯେତେ କଥା ସବୁତକ ମୂଳରେ ଅଛି ଏହି ଅ, ଆ, କ, ଖ ଭଳି ବର୍ଣ୍ଣ ବା ଅକ୍ଷର । କଥା କହି ପାରୁଥିବାରୁ ହିଁ ମଣିଷ ଅନ୍ୟସବୁ ଜୀବଙ୍କଠାରୁ ଉପରେ ଅଛି ବା ଉନ୍ନତ ହୋଇଛି ବୋଲି କୁହାଯାଏ ।

ଏହିଭଳି ହୋଇଥିବାରୁ ଆରମ୍ଭରେ କୁହାଯାଇଛି ଯିଏ 'ଅ'କୁ ଚିହ୍ନିଛି ସେ ଦୁନିଆକୁ ଜାଣିଛି । ବର୍ଣ୍ଣମାଳା ବା ଅକ୍ଷର ହଜାର ହଜାର ବା ଲକ୍ଷ ଲକ୍ଷ ବର୍ଷର ପ୍ରାୟ ସବୁ କଥାକୁ ନାନା ଭାବରେ ସାଇତି ଦେଇଛନ୍ତି ସେସବୁକୁ ପଢ଼ିଲେ ମଣିଷର ଜ୍ଞାନ ବଢ଼େ - ସେ ଦୁନିଆଟାକୁ ପ୍ରକୃତ ଅର୍ଥରେ ଜାଣିପାରେ ।

ଅଁଳା : ଏ ସଂସାରରେ ହଜାର ହଜାର ଲକ୍ଷ ଲକ୍ଷ ପ୍ରକାରର ଗଛ ଲତା ଅଛନ୍ତି । ସେଥି ଭିତରୁ ଅଧିକାଂଶଙ୍କ ଭିତରେ କିଛି ନା କିଛି ଔଷଧ ଗୁଣ ରହିଛି । ଅଁଳା ସେମିତିକା ଗୋଟେ ଗଛ । ସେହି ଗଛରେ ଯେଉଁ ଫଳ ହୁଏ ତାକୁ ଖାଇଲେ ବହୁ ପ୍ରକାରର

"ମନୁଷ୍ୟଠାରେ ତ ଦୋଷ-ଦୁର୍ବଳତା ରହିବ-ତା' ସତ୍ତ୍ୱେ ତୁମକୁ ସେ ମନୁଷ୍ୟକୁ ଭଲ ପାଇବାକୁ ହିଁ ପଡ଼ିବ ।"

--ଗାନ୍ଧିଜୀ

ରୋଗ ଦୂର ହୋଇଯାଏ । ହଜାର ହଜାର ବର୍ଷ ପୂର୍ବେ ଆମ ଦେଶର ବଇଦମାନେ ଲକ୍ଷ୍ୟ କରି ଦେଖିଲେ ଅଁଳା ରସ ଖାଇଲେ କେଉଁ କେଉଁ ରୋଗ ଭଲ ହୋଇଯାଉଛି । ଯାହାକୁ ଯକ୍ଷ୍ମା ବା ରାଜକାଶ କୁହନ୍ତି ତାକୁ ଭଲ କରିବା ପାଇଁ ସେମାନେ ଅଁଳାକୁ ବ୍ୟବହାର କଲେ । ତାହା ଭିତରେ ଏହି ରୋଗ - ନାଶକ ଗୁଣ କିଭଳି ଭାବରେ ରହିଛି ତାହା ବିଜ୍ଞାନୀମାନେ ମାତ୍ର ଶହେବର୍ଷ ପୂର୍ବେ ଜାଣି ପାରିଲେ । ଆମେ ଭାତ, ରୁଟି, ଡ଼ାଲି, କ୍ଷୀର, ମାଛ, ମାଂସ ଖାଉଛୁ । ସେ ଗୁଡ଼ିକୁ ଆଖିରେ ଦେଖୁଛୁ । କିନ୍ତୁ ଏଭଳି ଗୋଟିଏ ଗୋଟିଏ ପ୍ରକାରର ଅଦେଖା ଚିଜ ଆମ ଖାଦ୍ୟରେ ମିଶି ରହିଛି ଯେ ଦେହକୁ ଭଲ ରଖିବା ପାଇଁ ସେଗୁଡ଼ିକ ମେଜିକ ଭଳି କାମ କରୁଛି । ତାହାରି ନାମ ଭିଟାମିନ୍ ବା ଜୀବସାର । ବିଜ୍ଞାନୀମାନେ ଦେଖିଲେ ଯେ ନାନା ପ୍ରକାରର ଭିଟାମିନ୍ ରହିଛି । ଅନ୍ୟ କିଛି ନାମ ନ ପାଇଲାରୁ ସେମାନେ



( ଅଁଳା ଫଳ)

ସେଗୁଡ଼ିକୁ କ, ଖ, ଗ, ଘ, ଭଳି ନାମ ଦେଇଗଲେ । ଯେଉଁଟିକୁ 'ଗ' ବୋଲି ନାମ ଦେଲେ ତାହାର ଯଦି ଅଭାବ ପଡ଼ିଲା ତେବେ ଲୋକକୁ ଭୋକ ହୁଏନାହିଁ, ଦେହଟା ଶୋଥା ଦେଖାଯାଏ । ଲୋକ ଦୁର୍ବଳ ହୋଇଯାଏ । ଚେହେରାଟିକୁ ଦେଖିଦେଲେ ମନେହେବ ସତେ ଯେପରିକି ବହୁ ଦିନରୁ ତାକୁ ରୋଗ ଧରିଛି । ଡାକ୍ତର ଦେଖିଲେ ଏହି 'ଗ' ବା 'ସି' ଭିଟାମିନ ଅଭାବରୁ ଏମିତି ହେଉଛି ବୋଲି କହିବେ । ଦେହ ଭିତରେ ଥିବା ରକ୍ତନଳୀ ଗୁଡ଼ିକ ମଧ୍ୟ ଟିକିଏ ଦୁର୍ବଳ ହୋଇଯାଉଛନ୍ତି । 'ସି' ଭିଟାମିନ ଥିବା ଖାଦ୍ୟ ଖାଇଲେ ଏସବୁ ରୋଗ ଦୂର ହୋଇଯାଉଛି । ଅଁଳା ଭିତରେ ସେହି ଭିଟାମିନ ଭରି ରହିଛି । କମଳା ରସରେ ତ ଏହା ଅଛି । ସମାନ ପରିମାଣର କମଳା ଓ ଅଁଳା ରସ ଯଦି ଏକାଠି ରଖାଯିବ ଡାକ୍ତର କହିବେ, କମଳା ରସ ତୁଳନାରେ ୨୦ ଗୁଣ ଅଧିକ 'ସି' ଭିଟାମିନ ଅଁଳା ରସରେ ଅଛି । ଏହି ଗୁଣ ଥିବାରୁ ଆମ ଦେଶର ବୈଦ୍ୟମାନେ ଏହାକୁ ଏତେ ପ୍ରଶଂସା କରିଛନ୍ତି । ପରେ ଜଣାପଡ଼ିଲା, ପ୍ରକୃତି ପାଖରେ ପାତର ଅନ୍ତର ନାହିଁ । ଏସିଆ ମହାଦେଶରେ ଅଁଳା ଯୋଗାଉଛି ଭିଟାମିନ - ଆମେରିକାରେ ଟମାଟୋ ସେହି କାମ କରୁଛି । ଏହି ଅଁଳାକୁ ଆଚାର, ମୋରବା କରି ରଖନ୍ତି । ଶୁଖାଇ ରଖି ତାହାର ଗୁଣ୍ଡ ବା ସିଝା ପାଣି ମଧ୍ୟ ପିଅନ୍ତି ।

ଏହାର ଏତେ ଗୁଣ ଥିବାରୁ ଆମ ଦେଶରେ ଅଁଳା ଗଛକୁ ପୂଜା କରନ୍ତି । କାର୍ତ୍ତିକ ମାସର ଶୁକ୍ଳ ପକ୍ଷ ନବମୀ ତିଥିରେ ଅଁଳା ନବମୀ ପଡ଼େ । ଓଡ଼ିଆ ବଣିକମାନେ କାର୍ତ୍ତିକ ପୂର୍ଣ୍ଣିମା ଦିନ ବୋଇତ ମେଲାଇ ଜାଭା, ସୁମାତ୍ରା ଆଦି ଦୂର ଦେଶକୁ ଗଲାବେଳେ ସେମାନଙ୍କୁ ମାଆ ଭଳି ରକ୍ଷା କରିବ ବୋଲି ସାଙ୍ଗରେ ଅଁଳା ଦିଆଯାଉଥିଲା । ବୋଇତ ବନ୍ଦାଇଲା ବେଳେ ଅଁଳା ପାଣି ଛିଞ୍ଚି ଦିଆଯାଉଥିଲା ଓ ତା ପତ୍ରରେ ଯାତ୍ରୀମାନଙ୍କୁ ଝାଡ଼ି ଦିଆଯାଉଥିଲା ।

**ଅକ୍ :** ସବୁ ପକ୍ଷୀଙ୍କର ଡେଣା ଅଛି । କିନ୍ତୁ ସମସ୍ତେ ସେହି ଡେଣା ସାହାଯ୍ୟରେ ବେଶୀ ବାଟ ଉଡ଼ି ପାରନ୍ତି ନାହିଁ । ସମୁଦ୍ର ଭିତରେ ଅକ୍ ବୋଲି ଯେଉଁ ପକ୍ଷୀ ଦିନେ

"ସବୁଠାରୁ ଜ୍ଞାନୀ ଓ ସବୁଠାରୁ ନିର୍ବୋଧ - ଏହି ଦୁଇଜଣହିଁ ନିଜ ମତ ବଦଳାନ୍ତି ନାହିଁ ।"

--କନ୍‌ଫୁସିଅସ

ବହୁସଂଖ୍ୟାରେ ଥିଲେ ସେଗୁଡ଼ିକ ପାଣିରେ ହିଁ ଡେଣାକୁ ଆହୁଲା ଭଳି କରି ବହୁ ଦୂରକୁ ଚାଲିଯା'ନ୍ତି । ସେମାନଙ୍କ ଗୋଡ଼ ହଂସ ଗୋଡ଼ ଭଳି । ପାହାଡ଼ରେ ଯେଉଁଠି ଖାଲ ବା ଫାଙ୍କ ଅଛି ସେଇଠି ଅଣ୍ଡା ଦିଅନ୍ତି । ଅଣ୍ଡିରା ଓ ମାଈ



(ଅକ୍ ପକ୍ଷୀ )

ଉଭୟ ପାଳିକରି ଅଣ୍ଡା ଉଷୁମାନ୍ତି । ଯେତେବେଳେ ବହୁ ଲୋକ ଜାହାଜରେ ସମୁଦ୍ରରେ ବୁଲିଲେ ସେମାନେ ଟଟକା ମାଂସ ପାଇଁ ଅକ୍ ପକ୍ଷୀକୁ ଶିକାର କଲେ । ତାଙ୍କ ଚମଡ଼ାରେ ପୋଷାକ ତିଆରି କଲେ । ତେଣୁ ଏମାନଙ୍କୁ ଆଉ ବେଶୀ ସଂଖ୍ୟାରେ ଦେଖିବାକୁ ମିଳୁନାହିଁ । କାଁ ଭାଁ ଗୋଟାଏ ଗୋଟାଏ ଦେଖା ଯାଉଛନ୍ତି ।

**ଅଂଶୁପା :** ଓଡ଼ିଶାର କଟକ ଜିଲାରେ ଗୋଟିଏ ବଡ଼ ଜଳଭଣ୍ଡାରକୁ ଅଂଶୁପା ହ୍ରଦ ବୋଲି କୁହାଯାଏ । ସେଇଟି ଏମିତି ଜାଗାରେ ଅଛି ଯେ ତା କୂଳରେ ବୁଲିଲେ ଚାରିଆଡେ ସୁନ୍ଦର ଦେଖାଯିବ, ଲୋକର ମନ ଖୁସି ହୋଇଯିବ । ୪୩୨ ଏକର ଜମିରେ ପାଣି ଭରି ରହିଛି । ବର୍ଷାଦିନେ ମହାନଦୀର ପାଣି ଏହା ଭିତରକୁ ପଶି ଆସିଲାରୁ ଏଇଟି ଟିକିଏ ବଡ଼ ହୋଇଯାଏ । ଆଠଗଡ଼ ବାଟେ ଏଠାକୁ ସବୁଦିନିଆ ରାସ୍ତା ରହିଛି । ସରଣ୍ଡା ପାହାଡ଼ ଓ ବୁଢ଼ା ସରଣ୍ଡା ଅଂଶୁପାକୁ ଗୋଟିଏ ଅଂଶରେ ଘେରି ରହି ଏହାର ଶୋଭା ବଢ଼ାଉଛନ୍ତି ।



(ଅକ୍ଟୋପସ୍ , ପୃଷ୍ଠା - ୧୩)

"କାଠ ଭିତରେ ଜଳିବା ଉପାଦାନ ଅଛି, କାଠଟା ଜଳୁଛି । ଯେଉଁ ଲୋକ ଭିତରେ ଖ୍ୟାତିର ଉପାଦାନ ଥିବ, କେବଳ ସେ ହିଁ ଖ୍ୟାତି ଅର୍ଜନ କରିବ ।"

--ଗ୍ୟେଟେ

**ଅକ୍ଟୋପସ୍** : (ଚିତ୍ର ୧୨ ପୃଷ୍ଠାରେ ) । ସମୁଦ୍ର ଭିତରେ ତିମି ଭଳି ବଡ଼ବଡ଼ ଜୀବ ତ ଅଛନ୍ତି, ନାନା ପ୍ରକାର ଏମିତିକା ଅନ୍ୟ ଜୀବ ଅଛନ୍ତି ଯେ ସେମାନଙ୍କ କଥା ଶୁଣିଲେ ହସତ ମାଡ଼ିବ - ସତ ମଣିବାକୁ ସାହସ ହେବନାହିଁ । ଦିନେ ଜଣେ କିଏ ଆସି କହିଲା - ସମୁଦ୍ର ଭିତରେ ଗୋଟିଏ ବୁଢ଼ୀ ଅସୁରୁଣୀ ଅଛି । ତାହାର ଗୁଡ଼ାଏ ହାତ । ତା' କବଳରେ ଯିଏ ପଡ଼ିଲା ସେ ବିଚରା ଆଉ ଉଦ୍ଧାର ପାଇବ ନାହିଁ । ଲୋକେ କାବା ହୋଇ ଶୁଣିଲେ । କେହି କେହି କହିଲେ, ଏ ଗୁଡ଼ା ଖାଲି ମିଛକଥା । ମନରୁ ଫାନ୍ଦି ଏମିତି କହି ଦିଆଯାଉଛି ।

ପରେ ଜଣାପଡ଼ିଲା ସମୁଦ୍ରରେ ଗୋଟିଏ ଜୀବ ଅଛି ଯାହାର ମୁଣ୍ଡଟି ଛୋଟ, କିନ୍ତୁ ଆଠଟି ବଡ଼ବଡ଼ ଗୋଡ଼ ରହିଛି । ସେହି ଜୀବଟି ଅଠର ଫୁଟ ବା ପାଞ୍ଚ ମିଟରରୁ ଅଧିକ ଲମ୍ବ । ତା ହାତ ଗୁଡ଼ାକର ଲମ୍ବ ହେଲା ୩୦ ଫୁଟ ବା ୯ ମିଟର । ସମୁଦ୍ରର ତଳ ଅଂଶରେ ରହେ । ସେଇଟି ଯଦି ଡରିଯିବ ପାଣି ପିଚିକାରୀ ଏମିତି ଭାବରେ ମାରିବ ଯେ ଫଳରେ ପଛକୁ ପଳାଇ ଯାଇପାରିବ । ଯଦି ଦେଖିଲା ବିପଦ ମାଡ଼ିଆସୁଛି ଦେହ ଭିତରୁ ଗୋଟାଏ କାଳିଆସିଆ ଚିଜ ବାହାର କରି ଦେବ । ଶତ୍ରୁ ତାକୁ ଦେଖି ପାରିବ ନାହିଁ । ଏମିତି ବି ହୋଇଥାଏ, ସେହି ଚିଜ ଶତ୍ରୁର ଆଖି, କାନ, ନାକକୁ ବିଗାଡ଼ିଦିଏ । ଦରକାର ପଡ଼ିଲେ ଏହି ଜୀବ ଅତି ଶୀଘ୍ର ଶୀଘ୍ର ନିଜ ରଙ୍ଗକୁ ବଦଳାଇ ଦେଇପାରେ ।

ଏହାର ନାଁ ହେଉଛି ଅକ୍ଟୋପସ ବା ଅଷ୍ଟପଦୀ । ଗ୍ରୀକ୍ ଭାଷାରେ 'ଅକ୍ଟେ' କହିଲେ ଆଠକୁ ବୁଝାଏ । ଆଠଟି ଗୋଡ଼ ଥିବାରୁ ଏଭଳି ନାମ ଦିଆଯାଇଛି । କଙ୍କଡ଼ା ଓ ଚୁଙ୍ଗୁଡ଼ି ପ୍ରଭୃତି ହେଲା ଏହାର ଖାଦ୍ୟ । ପୃଥିବୀର କେତେକ ଅଞ୍ଚଳର ଲୋକେ ଏହାକୁ ଖାଆନ୍ତି । ସେମାନେ କୁହନ୍ତି ଏହାର ମାଂସ ସୁଆଦିଆ ।

ଅଷ୍ଟପଦୀର ଆଖି ଡିମା ଡିମା -ମଣିଷ ଅନାଇଲା ଭଳି ଅନାଏ । ଚେହେରାଟା ଭୟଙ୍କର ଦେଖାଯାଏ ।

ଅନେକ ଜାତିର ଅକ୍ଟୋପସ ଅଛନ୍ତି । ସବୁଠାରୁ ଛୋଟ ଗୁଡିକର ଲମ୍ବ କେବଳ ଦୁଇ ଇଞ୍ଚ ବା ପାଞ୍ଚ ସେଣ୍ଟିମିଟର । ସେଇଠୁ ଆରମ୍ଭ କରି ଖୁବ୍ ବଡ଼ବଡ଼ ଅଛନ୍ତି । ଥରେ ଗୋଟିଏ ତିମି ପେଟ ଚିରିଲାବେଳେ ଦେଖାଗଲା ଯେ ତା' ଭିତରେ ରହିଛି ପଚିଶ ଫୁଟ ଲମ୍ବର ଗୋଟିଏ ଅକ୍ଟୋପସ ଗୋଡ଼ ।

**ଅକ୍ଟୋବର ବିପ୍ଳବ** : ରୁଷ ଦେଶର ନାଁ ସମସ୍ତେ ଶୁଣିଛନ୍ତି, କାରଣ ସେହି ଦେଶର ଲୋକେ ୧୯୧୭ ପରେ ବହୁତ କିଛି ଭଲ କାମ କରି ଦୁନିଆକୁ ଚମକାଇ ଦେଇଛନ୍ତି । କିନ୍ତୁ ଦିନେ ସେମାନେ ବଡ଼ ଦୁଃଖରେ ଥିଲେ । ସେ ଦେଶର ଯିଏ ରାଜା ଥିଲେ ତାଙ୍କୁ ଜାର ବୋଲି କୁହାଯାଉଥିଲା । ସେ ଲୋକଙ୍କ ଉପରେ ଅତ୍ୟାଚାର କଲେ । ବହୁ ଲୋକଙ୍କୁ ମାରି ଦେଲେ । ଲୋକଙ୍କ ଧନ ସମ୍ପତ୍ତି ନେଇଯାଇ ସେମାନଙ୍କୁ କାଙ୍ଗାଳ କରିଦେଲେ । ଯେଉଁମାନେ ବୁଝିବା ଶୁଝିବା ସାହସୀ ଲୋକ ସେମାନେ ଠିକ୍ କଲେ ଜାର୍‌ଙ୍କୁ ରାଜ ଗାଦିରୁ ହଟାଇ ଦେବେ । ଜୀବନକୁ ପାଣି ଛଡ଼ାଇ ଜାର ବିରୋଧୀ କାମ କଲେ । ସେମାନଙ୍କର ଭାଗ୍ୟ ଭଲ ଯେ ଲେନିନ ବୋଲି ଜଣେ ନେତା ବାହାରି ପଡ଼ିଲେ । ସେ ଲୋକଙ୍କୁ ସାହସ ଦେଲେ । ତାଙ୍କରି କଥାରେ ମାତିଯାଇ ହଜାର ହଜାର ଲୋକ ଅସ୍ତ୍ରଶସ୍ତ୍ର ଧରି 'ଜାର ହଟିଯାଅ' ବୋଲି ଚିତ୍କାର କଲେ । ତାକୁହିଁ କୁହାଗଲା ବିପ୍ଳବ । ୧୯୧୭ ଅକ୍ଟୋବର ୨୪-୨୫ ତାରିଖରେ ସେହି ବିପ୍ଳବର ଜୟ ହେଲା । ଜାର ଗାଦିରୁ ଗଲେ । ବହୁ କ୍ଷମତା ଚାଲି ଆସିଲା ଲୋକଙ୍କ ହାତକୁ । ଅକ୍ଟୋବର ମାସରେ ହୋଇଥିବାରୁ ସମସ୍ତେ ଏହାର ନାମ ଦେଲେ ''ଅକ୍ଟୋବର ବିପ୍ଳବ'' । ଯେଉଁ ନୀତି ନିୟମରେ ଶାସନ ଚାଲିଲା ତାକୁ କୁହାଗଲା 'କମିଉନିଷ୍ଟ' ଶାସନ । ପୃଥିବୀରେ ପ୍ରଥମେ ରୁଷରେ ହିଁ ଏଭଳି ଶାସନ ହେଲା ।

''ଦେଶର ଉନ୍ନତି ଯେବେ କର ଆଶା
ଉଚ୍ଚ କର ତେବେ ନିଜ ମାତୃଭାଷା ।''

--ଗଙ୍ଗାଧର ମେହେର

**ଅଗର ଅଗର :** ସମୁଦ୍ର ଭିତରେ ଶହ ଶହ ପ୍ରକାରର ଛୋଟ ବଡ଼ ଦଳ ରହିଛି । ଗୋଟିଏ ପ୍ରକାରର ଦଳକୁ ସିଝାଇ ତା ଦେହରୁ ବାହାରୁଥିବା ଅଠାଳିଆ ରସକୁ ଲୋକେ ଖା'ନ୍ତି । ପେଟ ଭରିଗଲା ଭଳି ଲାଗେ । ଇଉରୋପର ଲୋକେ ଯେତେବେଳେ ସମୁଦ୍ର ବାଟେ ଆସି ଭାରତର ପଶ୍ଚିମ ଉପକୂଳରେ ପହଞ୍ଚିଲେ, ଲୋକେ ଏପରି କରୁଥିବାର ଦେଖିଲେ । ପଚାରିବାରୁ ତା'ର ନାମ ଅଗର ଅଗର ବୋଲି କହିଲେ । ଇଉରୋପୀୟମାନେ ତାକୁ ନାନା ଭାବରେ ବ୍ୟବହାର କଲେ । ମାଛ, ମାଂସକୁ କିଛି କାଳ ସାଇତି ରଖିବା ପାଇଁ ଯେତେବେଳେ ଚେଷ୍ଟା କରାଯାଏ ଏହି ଅଠାଳିଆ ଅଗର ଅଗର ଖୋଜାପଡେ । ଦେହରେ ଲଗାଇବା ପାଇଁ ନାନା ପ୍ରକାରର ବାସ୍ନା ବା ସୁଗନ୍ଧ ଚିଜ, ମଦ, ଆଇସ୍କ୍ରିମ୍, ସାଲାଦ ପ୍ରଭୃତି ତିଆରି କଲାବେଳେ ଏହା ଲୋଡ଼ା ହୁଏ । ସୁପ୍ ବା ରସାରେ ଏଥିରୁ ଟିକିଏ ମିଶାଇ ଦେଲେ ତାହା ବହଳିଆ ହୋଇଯାଏ । ଦାନା ଭଳି ବା ଖଣ୍ଡ ଖଣ୍ଡ ହୋଇ ବିକ୍ରି ହୁଏ । ପରେ ଜଣାପଡ଼ିଲା ଯେ ଜାପାନ, ନିଉଜିଲାଣ୍ଡ, ଅଷ୍ଟ୍ରେଲିଆ, ଯୁକ୍ତରାଷ୍ଟ୍ର ଆମେରିକା ଓ ଋଷରେ ବହୁ ପରିମାଣରେ ଅଗର ଅଗର ତିଆରି ହେଉଛି । ନିଜର ଯେତିକି ଓଜନ ତାହାର ୨୦ ଗୁଣ ଓଜନର ପାଣିକୁ ଅଗର ନିଜ ଦେହରେ ଭେଦେଇ ଦେଇପାରେ । ଏହି ଅଗରକୁ ପରେ ଅଗର ଅଗର ବୋଲି କୁହାଗଲା । ରୋଗ ଜୀବାଣୁକୁ କଲ୍‌ଚର କରି ବା ବଢ଼େଇ କୁଢ଼େଇ ପରୀକ୍ଷା କରିବା ପାଇଁ ଏହାକୁ ବ୍ୟବହାର କରାଯାଉଛି । ଚିଲିକାରେ ଏଥିରୁ ଦୁଇ ଜାତିର ଦଳ ଅଛି । ଡକ୍ଟର ପ୍ରାଣକୃଷ୍ଣ ପରିଜା ଓ ଡକ୍ଟର ବଂଶୀଧର ପରିଜା ୧୯୩୮ ରେ ଚିଲିକାରେ ପ୍ରଥମେ ଏହାର ସନ୍ଧାନ ପାଇଲେ । ଭାଲେରି, ସୋଲରୀ ପାହାଡର ତଳ ଦେଶରେ ଏହା ମିଳେ ।

**ଅଗଷ୍ଟ ବିପ୍ଳବ :** ବିଦେଶୀ ଶାସନକୁ ଏ ଦେଶରୁ ଲୋପ କରିବାକୁ ମହାତ୍ମା ଗାନ୍ଧୀ ଅହିଂସା ଲଢ଼ାଇ ଚଳାଇଥିଲେ । ଶେଷରେ ୧୯୪୨ ଅଗଷ୍ଟରେ ସେ ଇଂରେଜମାନଙ୍କୁ କହିଦେଲେ - ତୁମେ ଭାରତ ଛାଡ଼ । ଭାରତର ଲୋକଙ୍କୁ କହିଲେ - ଦେଶକୁ ସ୍ୱାଧୀନ କରିବା ପାଇଁ କିଛି 'କର ବା ମର' । ଭାରତର ଲୋକେ ମାତି ଉଠିଲେ ଓ ଅହିଂସା ଲଢ଼ାଇ ଜୋରସୋରରେ ଲାଗିବାରୁ ବ୍ରିଟିଶ ସରକାର ବହୁ ଲୋକଙ୍କୁ ଗୁଳିରେ ମାରିଦେଲେ, ଫାଶୀ ଦେଲେ ବା ଜେଲ ଭିତରେ ନେଇ ବନ୍ଦୀ କରି ରଖିଲେ । ଏହି ଲଢ଼ାଇକୁ କୁହାଯାଏ 'ଅଗଷ୍ଟ ବିପ୍ଳବ ।'

**ଅଗିଆବାତ :** ଏଇଟି ଗୋଟିଏ ଚର୍ମରୋଗ । ହଠାତ୍ ଦେଖାଯାଏ ଯେ ଦେହରେ ଲାଲ ଲାଲ ମନ୍ଦା ଭଳି ହୋଇ ଫୁଲି ଯାଇଛି । ଲୋକେ ଡରିଯାନ୍ତି । କିନ୍ତୁ ତାହା କ୍ରମେ ମଉଳିଯାଏ - ସେମିତି କିଛି କ୍ଷତି କରେ ନାହିଁ । କେତେ ଘଣ୍ଟା ଭିତରେ ଭଲ ହୋଇଯାଏ । କେତେକଙ୍କ ଦେହରେ ବେଶୀ ଦିନ ପର୍ଯ୍ୟନ୍ତ ରହେ । କେତେ ଜାତିର ଖାଦ୍ୟ ବା ଔଷଧ ଜଣ ଜଣଙ୍କ ଦେହରେ ଯାଏ ନାହିଁ । ଏହି ଅବସ୍ଥାକୁ ଆଲର୍ଜୀ ବୋଲି କୁହନ୍ତି । ଟିକିଏ ଲକ୍ଷ୍ୟ କଲେ ଜଣାଯାଏ କେଉଁ ଜିନିଷଟା ଖାଇଲେ ଏମିତି ହେଉଛି । ସେହି ଖାଦ୍ୟଠାରୁ ଦୂରରେ ରହିବା ନିରାପଦ । ହଠାତ୍ ଦେହରେ ବେଶୀ ଥଣ୍ଡା ଲାଗିଲେ ଅତିମାତ୍ରାରେ ଅଗିଆବାତ ହେବାର ଦେଖାଯାଇଛି ।

କେତେକ ପ୍ରକାରର ତେଲ, ସାବୁନ, ପାଉଡର , କ୍ରିମ୍ ବା ରଙ୍ଗ ଲଗାଇଲେ ଅଗିଆବାତ ଭଳି ଫଳି ଯାଇପାରେ । ପେଟରେ କୃମି ହେଲେ ଅଗିଆବାତ ହୋଇପାରେ ।

**ଅଗ୍ନ୍ୟାଶୟ :** ଆମେ ଭିନ୍ନ ଭିନ୍ନ ପ୍ରକାରର ଖାଦ୍ୟ ଖାଉଛୁ । ସେଗୁଡିକୁ ମୋଟା ମୋଟି ତିନି ଶ୍ରେଣୀରେ

> "ଭୁଲ ବାଟ ଘୁରିଆଡ଼କୁ ପଡିଥାଏ, ଠିକ୍ ବାଟ ଗୋଟିଏ ଆଡକୁ । ସେହି କାରଣରୁ ଜୀବନରେ ବିଫଳତାଟା ସହଜଲଭ୍ୟ, ସଫଳତା ମିଳେ କଷ୍ଟରେ ।"
>
> --ଆରିଷ୍ଟଟଲ

ରଖାଯାଇଛି - ଶର୍କରା, ପ୍ରୋଟିନ ଓ ସ୍ନେହ ବା ବସା । ଏଗୁଡିକୁ ହଜମ କରିବା ପାଇଁ ଆମ ଦେହର ହଜମ ପଥରେ ଭିନ୍ନ ଭିନ୍ନ ପ୍ରକାରର ହଜମ ରସ ଝରିଥାଏ । ସେହି ରସ ସାହାଯ୍ୟରେ ହଜମ ହେଲାପରେ ସାରତଜ ଯାଇ ରକ୍ତସ୍ରୋତରେ ମିଶେ ଓ ଦେହର ସ୍ୱରିଆଡକୁ ଯାଏ ଅସଂଖ୍ୟ ଜୀବକୋଷକୁ ଅତି ସୂକ୍ଷ୍ମ ପ୍ରକାରର ଖାଦ୍ୟ ଯୋଗାଇବା ପାଇଁ ।

ଆଉ ଗୋଟିଏ ଚମତ୍କାର ବ୍ୟବସ୍ଥା ରହିଛି । ଶରୀର ଭିତରେ କେତେଗୁଡିଏ ଗ୍ରନ୍ଥି ରହିଛି । ସେଗୁଡିକୁ ଗ୍ଲାଣ୍ଡ ବୋଲି ମଧ୍ୟ କୁହାଯାଏ । ସେଥିରୁ ଝରୁଥିବା ରସକୁ ହର୍ମୋନ ବା ଜୀବରସ ବୋଲି କୁହନ୍ତି । ସେଗୁଡିକର କାମ ହେଲା ରକ୍ତରେ ଯେଉଁ ଖାଦ୍ୟସାର ମିଶିଛି ଜୀବକୋଷମାନେ ତାହାକୁ କିଭଳି ବ୍ୟବହାର କରିପାରିବେ ସେଥିରେ ସାହାଯ୍ୟ କରିବା ।

ଅଗ୍ନ୍ୟାଶୟ ବୋଲି ଗୋଟିଏ ବଡ଼ ଗ୍ରନ୍ଥି ଆମ ପେଟ ଭିତରେ ପାକସ୍ଥଳୀ ତଳକୁ ମଝି ମେରୁଦଣ୍ଡର ଠିକ୍ ସାମନାରେ ରହିଛି । ଏହାର ଲମ୍ବ ପ୍ରାୟ ୧୨ ରୁ ୧୫ ସେଣ୍ଟିମିଟର । ଏଇଟି କିନ୍ତୁ ଗୋଟିଏ ସ୍ୱତନ୍ତ୍ର ପ୍ରକାରର ଗ୍ରନ୍ଥି । ଏଥିରୁ ହଜମ ରସ ବାହାରେ ଓ ହର୍ମୋନ ବା ଜୀବରସ ମଧ୍ୟ ବାହାରେ । ହଜମ ରସ ଅନ୍ତ୍ର ଭିତରକୁ ଯାଇ ଖାଦ୍ୟ, ବିଶେଷକରି ଶର୍କରା - ଜାତୀୟ ଖାଦ୍ୟକୁ ହଜମ କରିବାରେ ସାହାଯ୍ୟ କରେ । କିନ୍ତୁ ଅଗ୍ନ୍ୟାଶୟ ଭିତରେ ମଝିରେ ମଝିରେ କେତେ ଗୁଡିଏ ତନ୍ତୁରୁ ଜୀବରସ ଝରେ ଓ ତାହା ଯାଇ ରକ୍ତରେ ମିଶିଯାଏ । ସେହିସବୁ ତନ୍ତୁ ଯେଉଁ ଦୁଇ ପ୍ରକାର ରସ ବାହାର କରନ୍ତି ସେଥିରୁ ଗୋଟିକର ନାମ ଇନ୍‌ସୁଲିନ ଓ ଆଉ ଗୋଟିଏ ହେଲା ଗ୍ଲୁକାଗନ୍ । ରକ୍ତରେ ଯେଉଁ ଶର୍କରା ରହିଛି ତାକୁ ଜୀବକୋଷମାନେ ନିଜ କାମରେ ଲଗାଇ ପାରିବେ ଯଦି ଇନ୍‌ସୁଲିନ ରକ୍ତ ଭିତରେ ଆବଶ୍ୟକ ମୁତାବକ ଥିବ । ତାହା ଯଦି ନଥିବ ରକ୍ତରେ ଶର୍କରା ଭରି ରହିଥିଲେ ମଧ୍ୟ ଜୀବକୋଷ ତାକୁ କାମରେ ଲଗାଇ ପାରୁ ନଥିବ - 'ଭୋକରେ ମରୁଥିବେ' । ସେଇଥି ପୋଗୁଁ କୁହାଯାଏ ଯେ ନଦୀ ଭିତରେ ସଫା ପାଣିରେ ଠିଆ ହୋଇ ମଧ୍ୟ ଜଣେ ଶୋଷରେ ମରୁଛି- ଏଇଭଳି କଥା ହୋଇଥାଏ ।

ରକ୍ତରେ ଶର୍କରା ବା ସୁଗର ଭରି ରହିଥିବ । ଦେହରେ କାମରେ ଲାଗୁ ନଥିବ । ଶରୀରଟି ଶୁଖି ଶୁଖି ଯାଉଥିବ । ଦୁର୍ବଳ ହୋଇ ଯାଉଥିବ । ଏହି ଅବସ୍ଥାକୁ ଡାଏବେଟିସ୍ ବୋଲି କୁହାଯାଏ । ଏହାକୁହିଁ ବହୁମୂତ୍ର ରୋଗ ବୋଲି ଆୟୁର୍ବେଦ ଶାସ୍ତ୍ରରେ କୁହାଯାଇଛି । ଏଭଳି କହିବାର କାରଣ ଅଛି । ଯେତେବେଳେ ରକ୍ତରେ ଶର୍କରା ଅଂଶ ବଢ଼ିଗଲା ସେତେବେଳେ ଯଦି ଅଧିକ ଶର୍କରାକୁ ପଦାକୁ ବାହାର ନକରି ଦିଆଯିବ ତେବେ ଦେହ ଭିତରେ ବହୁତ କିଛି କ୍ଷତି ଘଟିବ । ପଦାକୁ ବାହାର କରିବା କାମ ହେଲା ବୃକ୍କ୍ ବା କିଡ୍‌ନୀର । ରକ୍ତରୁ ଶର୍କରା ଛାଣି ଏହି କିଡ୍‌ନୀ ପରିସ୍ରା ସାଙ୍ଗରେ ପଦାକୁ ବାହାର କରିଦିଏ । ପରିସ୍ରାକୁ ପରୀକ୍ଷାକରି ଡାକ୍ତର ମାନେ କହି ଦିଅନ୍ତି ରକ୍ତରେ କେତେ ପରିମାଣରେ ଶର୍କରା ଅଛି । ଯଦି ଅଧିକ ଅଛି ବୋଲି ଦେଖାଗଲା ତାହାହେଲେ ଡାଏବେଟିସ୍ ରୋଗର ଚିକିତ୍ସା ଆରମ୍ଭ ହୁଏ । ତାହାର ଶେଷ ଚିକିତ୍ସା ହେଲା ଦେହ ଭିତରକୁ ଇଞ୍ଜେକ୍‌ସନ୍ ସାହାଯ୍ୟରେ ଇନସୁଲିନ ଦେବା ।

ଏହି ଅଗ୍ନ୍ୟାଶୟରୁ ଆଉ ଯେଉଁ ଗ୍ଲୁକାଗନ ରସ ବାହାରେ ତାହାର କାମ ହେଲା ରକ୍ତରେ ଥିବା ଶର୍କରାକୁ ନିୟନ୍ତ୍ରଣ କରିବା । କୌଣସି କାରଣରୁ ଯଦି ଇନସୁଲିନ ପରିମାଣ ଅଧିକ ହୋଇଗଲା, ଗ୍ଲୁକାଗନ ତାକୁ ସଜାଡ଼ି ଦିଏ । ହଜମରେ ସାହାଯ୍ୟ କରିବା ସଙ୍ଗେ ସଙ୍ଗେ ଇନ୍‌ସୁଲିନ ଝରାଉଥିବାରୁ ଏହାକୁ ଅଗ୍ନ୍ୟାଶୟ ନାମ ଦିଆଯାଇଛି । ଅଗ୍ନ୍ୟାଶୟ ହେଲା ଅଗ୍ନିର 'ଘର' ।

---

"ଯିଏ ପ୍ରଶ୍ନଟିଏ ପଗ୍ଚରିଲା ସେ ହୁଏତ ପାଞ୍ଚ ମିନିଟ ପାଇଁ ନିର୍ବୋଧ ବୋଲି ପରିଚିତ ହେଲା, କିନ୍ତୁ ଯିଏ ନ ପଗ୍ଚରିଲା ସେ ଜୀବନତମାମ ନିର୍ବୋଧ ହୋଇ ରହିଗଲା ।"

--ଚୀନା ନୀତିବାକ୍ୟ

**ଅଗ୍ନି** : ମଣିଷ ଦି ଗୋଡରେ ଚାଲୁଥିବାରୁ ଓ ତାହାକୁ କାମରେ ଲଗାଇବାରୁ ଅନ୍ୟ ଜୀବଜନ୍ତୁଙ୍କଠାରୁ ଏକାବେଳକେ ନୂଆ ରୂପ ଧରିଗଲା; ଯାହା କୌଣସି ଜୀବଜନ୍ତୁ କରିପାରୁ ନଥିଲେ ସେ କଲା । କିନ୍ତୁ ଗୋଟିଏ କଥା ବେଳକୁ ସେ ହଟିଗଲା । ନିଆଁ କେମିତି ତିଆରି କରିବ, ତାକୁ କିପରିସାଇତି ରଖିପାରିବ ଓ କାମରେ ଲଗାଇବ ଏକଥା ତାକୁ ଜଣା ନ ଥିଲା । ଟିକିଏ ଅନୁମାନ କର, ଯେତେବେଳେ ନିଆଁ ନଥିଲା ମଣିଷର କି ଅସୁବିଧା ହେଉଥିଲା । କୌଣସି ଜିନିଷ ସେ ରାନ୍ଧି ପାରୁ ନ ଥିଲା । ଶିକାରଟିଏ କରିଆଣିଲେ କଞ୍ଚା ମାଂସ ଖାଉଥିଲା । ବଣରୁ ଧାନ, ଗହମ, ମୁଗ, ବରି ଆଣିଲେ ତାକୁ ଚୋବାଇ ଖାଇବାରେ ତାର ବହୁତ ସମୟ



ଯାଉଥିଲା । ସଞ୍ଜ ହୋଇଗଲା ମାତ୍ରେ ସେ ପାହାଡ଼ ପର୍ବତ ଗୁମ୍ଫାରେ ଯାଇ ରହିଯାଉଥିଲା ଓ ସେହି ଗୁମ୍ଫା ମୁହଁରେ ପଥର ଆଉଜାଇ ଦେଉଥିଲା । ତାହା ନ ହେଲେ ବାଘ ସିଂହ ତାକୁ ଖାଇଯା'ନ୍ତେ । ଅନ୍ଧାର ରାତିରେ ବାହାରେ ବୁଲିବା ତା' ପକ୍ଷରେ ସମ୍ଭବ ନଥିଲା । ଶୀତଦିନେ ସେ ଗୁମ୍ଫା ଭିତରେ ରହି ଶୀତରେ ଥରୁଥିଲା । ସୂର୍ଯ୍ୟ ଉଦୟଠାରୁ ଅସ୍ତ ପର୍ଯ୍ୟନ୍ତ ସେ ଯାହା କିଛି କାମ କରୁଥିଲା - ରାତିରେ କିଛି କରିପାରୁ ନଥିଲା । ଏହିଭଳି କେତେ ଯେ ଅସୁବିଧା ହେଉଥିଲା ଅନୁମାନ କର । କିନ୍ତୁ ଦିନେ ସେ ନିଆଁ ବାହାର କରିବା କୌଶଳ ଶିଖିଗଲା । ତେଣିକି ତା ମୁହଁରେ ହସ ଫୁଟିଉଠିଲା । ମାଂସ, ଫଳ, ମୂଳ, ଚାଉଳ, ଗହମ, ବିରି, ମୁଗକୁ ସେ ସିଝାଇ ଖାଇଲା । ସେଗୁଡ଼ିକର ସୁଆଦ ତ ପାଇଲା - ସହଜରେ ହଜମ ବି କରିପାରିଲା । ଗୁମ୍ଫା ବାହାରେ ପଦାରେ କାଠ ଜାଳିଦେଲା ଫଳରେ ବଣଜନ୍ତୁ ଆଉ ସାହସ କରି ସେଠାକୁ ଆସିଲେ ନାହିଁ । ସେ ନିଶ୍ଚିନ୍ତରେ ଶୋଇଲା । ଶୀତ ରାତିରେ ନିଆଁ ପୁଇଁଲା । ଦୁନିଆର ଯେଉଁ



(ଅଗ୍ନିର ସୃଷ୍ଟି)

"ଆମକୁ ସ୍ୱେଚ୍ଛାରେ ଆଗେଇ ଯିବାକୁହିଁ ହେବ, କାରଣ ଆମେ ସ୍ଥିର ହୋଇ ରହିବାକୁ ଇଚ୍ଛା କଲେ ମଧ୍ୟ 'ସମୟ' ଆମକୁ ଆଗକୁ ଠେଲି ନେବ ।"

--ଶ୍ରୀ ଅରବିନ୍ଦ

ଅଞ୍ଚଳରେ ଖୁବ୍ ଶୀତ ହୁଏ, ବରଫ ପଡ଼େ, ସେ ଅଞ୍ଚଳକୁ ମଣିଷ ବସବାସ କରିବାକୁ ଯାଇପାରୁ ନଥିଲା । ଏଣିକି ସେ ଗଲା । ରାତିରେ ନିଆଁହୁଳା ଧରି ଏ ଗାଁରୁ ସେ ଗାଁକୁ ଯାଇପାରିଲା । ଗୁମ୍ଫା ଭିତରେ ଆଲୁଅ ଜାଳିଦେବାରୁ ଅନେକ ରାତି ପର୍ଯ୍ୟନ୍ତ ସେ ଚେଇଁ ରହି ପାରିଲା । ଗୁମ୍ଫା କାନ୍ଥରେ ଚିତ୍ରସବୁ ଆଙ୍କିଲା । ଗୀତ ଗାଇ ନାଚିଲା । କଞ୍ଚା ମାଟିରେ ଇଟା ତିଆରି କରି ତାକୁ ପୋଡ଼ିଦେଲା । ସେହି ଟାଣ ଇଟାରେ ଘର ତିଆରି କଲା । ଏଭଳି କେତେ ଯେ କ'ଣ କରିଗଲା ତାହାର ଠିକଣା ନାହିଁ । ସେତେବେଳେ ଯାଇ ସେ ଦମ୍ଭର ସହିତ କହିଲା ଯେ ମୁଁ ମଣିଷ; ଜୀବଜନ୍ତୁଙ୍କଠାରୁ ମୁଁ ଢେର ଉପରେ ରହୁଛି ।

ମଣିଷ ହାତରେ ଏହି ଯେଉଁ ନୂଆ କୌଶଳ ପଡ଼ିଗଲା ତାହା କେମିତି ସମ୍ଭବ ହେଲା ସେ ବିଷୟରେ ପରେ ବହୁତ କିଛି ଅନୁମାନ କରା ହୋଇଛି, ଲେଖା ଯାଇଛି - ଏବେ ମଧ୍ୟ ଲେଖା ଯାଉଛି । ଖଣ୍ଡେ ଟାଣ ପଥରରେ ଆଉ ଖଣ୍ଡେ ଟାଣ ପଥର ଘସିଦେଲେ ଚକ୍ କରି ନିଆଁ ବାହାରି ପଡ଼ିଲା । ତଳୁ ଶୁଖିଲା ପତର ରଖିଦେଲେ ତାହା ଜଳି ଉଠିଲା । ତାହା ଦେହରୁ ଶୁଖିଲା କାଠିକୁ ଜଳାଇ ଦିଆଯାଇ ପାରିଲା । ଖୁବ୍ ମଜବୁତ ଶୁଖିଲା କାଠରେ ଗୋଟିଏ କଣା କରି ତା ଭିତରେ ଆଉ ଖଣ୍ଡେ ଲମ୍ବାଳିଆ କାଠକୁ ଖୁବ୍ ଜୋରରେ ଘଷିଲେ ସେଥିରୁ ମଧ୍ୟ ନିଆଁ ବାହାରି ପଡିଲା । ପରେ ଯେତେବେଳେ ଲୁହା ଚିହ୍ନାଗଲା, ସେତେବେଳେ ବାଁ ହାତରେ ଟାଣ ପଥର ଗୋଟିଏ ଧରି ଡାହାଣ ହାତରେ ଲହା ଖଣ୍ଡେ ଜୋରରେ ଘଷିଦେଲେ ନିଆଁ ବାହାରି ପଡ଼ିଲା । ତାକୁହିଁ ଝକମକି ବୋଲି କୁହାଯାଏ । ଏବେ ମଧ୍ୟ ବହୁ ଲୋକ ନିଜ ପାଖରେ ଝକମକି ରଖିଛନ୍ତି । ଖଣ୍ଡେ ଲୁହା, ଖଣ୍ଡେ ପଥର, ଖଣ୍ଡେ ସୋଲ ଅଣ୍ଟାରେ ମାରି ସେମାନେ କୁହନ୍ତି - ଦିଆସିଲି ସିନା ଜକେଇ ଯିବ, ଝକମକି ତ ଜକେଇ ଯିବ ନାହିଁ । ନିଆଁ ସିନା ବାହାରିଲା, ତାକୁ ଯତ୍ନରେ ସାଇତି ନ ରଖିଲେ ତାହାତ ଲିଭିଯିବ । ତେଣୁ କେମିତି ଲିଭି ନଯିବ ତାହାର ନାନା ଉପାୟ ବାହାର କରାଗଲା । କାଠନିଆଁ ଉପରେ ଘର ତିଆରି କରି ଦିଆଗଲା - ଯେମିତି ବର୍ଷା ପାଣି ନ ପଡିବ । 'ଅଖଣ୍ଡ ଅଗ୍ନି' ଭଳି କଥା କୁହାଗଲା । ଯେଉଁ ଅଗ୍ନି ମଣିଷକୁ ପ୍ରକୃତ ଅର୍ଥରେ ମଣିଷ କରିଦେଲା ତାକୁ ପୂଜା କରିବାକୁ ଲୋକଙ୍କର ମନହେଲା । ଅଗ୍ନି ପାଇଗଲା ଦେବତା ନାମ । ଏହି ଦେବତାଙ୍କ ନାମରେ ପୃଥିବୀର ସବୁଆଡ଼େ, ଶାସ୍ତ୍ର ପୁରାଣରେ ବହୁ କାହାଣୀ ଲେଖା ଯାଇଛି । ଅଗ୍ନିଙ୍କୁ ପୂଜା କରିବା ପାଇଁ ସଂସ୍କୃତ ଭାଷାରେ ବହୁତ ଶ୍ଳୋକ ରହିଛି ।

ମୋଟ ଉପରେ ଗୋଟିଏ କଥା ଜାଣି ରଖ । ନିଆଁର ବ୍ୟବହାର ନ ଶିଖିଥିଲେ ମନୁଷ୍ୟ ବହୁ ଲକ୍ଷ ବର୍ଷ ପର୍ଯ୍ୟନ୍ତ ପଶୁଙ୍କ ଭଳି ରହିଯାଇଥାନ୍ତା । ଉନ୍ନତି ପଥରେ ଆଗେଇ ନଥା'ନ୍ତା । ବିଜ୍ଞାନୀମାନେ କହୁଛନ୍ତି, ତିନୋଟି ଘଟଣା ମଣିଷର ବହୁତ କିଛି ଉପକାର କରିଦେଲା । ଗୋଟିଏ ହେଲା ନିଆଁ, ଦ୍ୱିତୀୟଟି ବିଜୁଳି ଶକ୍ତି ଓ ତୃତୀୟଟି ପରମାଣୁ ଶକ୍ତି ।

**ଅଗ୍ନିମାନ୍ଦ୍ୟ :** ଅନ୍ୟସବୁ ଜୀବଜନ୍ତୁଙ୍କ ଭଳି ମଣିଷ ମଧ୍ୟ ଖାଏ । ନଖାଇଲେ ତାହା ଦେହ ଦୁର୍ବଳ ହୋଇଯିବ - ସେ କିଛି କାମ କରିପାରିବ ନାହିଁ । ବେଶୀଦିନ ନ ଖାଇଲେ ଶୁଖି ଶୁଖି ମରିଯିବ । ଖାଦ୍ୟ କ'ଣ ଓ ତାହାର ସାର ଅଂଶ ଦେହର ସ୍ତରିଆଡ଼କୁ କେମିତି ଯାଏ ସେ ବିଷୟରେ ଜଣାଅଧିକେ ଏବେ ସବୁ କଥା ଜଣାପଡ଼ିଗଲାଣି । ଆମେ ଭାତ ଖାଉଛୁ । ପେଟ ଭିତରକୁ ତାହା ଗଲାପରେ ଦେହର ସ୍ତରିଆଡ଼କୁ

"ଅହଂକାରୀ ଲୋକ କେବେହେଲେ କୃତଜ୍ଞ ହୁଏନାହିଁ, କାରଣ ସେ ଯେତିକି ପାଇବା ପାଇଁ ହକଦାର ତା'ଠାରୁ ଅଧିକ ପାଇଲାଣି ବୋଲି ଆଦୌ ବିଶ୍ୱାସରେ ନାହିଁ ।" --ବିଚର୍

ତ ଗ୍ଲି ଯାଉନାହିଁ । ବାହାରେ ଗ୍ଉଳ ରନ୍ଧା ହୋଇ ଭାତ ହେଲାଭଳି ପେଟ ଭିତରେ ଭାତ ଆଉ ଗୋଟିଏ ରନ୍ଧା ହୋଇଛି ବୋଲି କହିଲେ କିଛି ଭୁଲ ହେବନାହିଁ । ବାହାରେ ଜାଳ ଯେଉଁ କାମ କରୁଛି ପେଟ ଭିତରେ ଗୋଟିଏ ରସ ସେହି କାମ କରୁଛି । ପେଟ ଭିତରେ ଭାତ ଚକଟି ହେଉଛି । ସେତିକିବେଳେ ଏହି ରସ ତାହା ସାଙ୍ଗରେ ମିଶି ତାକୁ ନରମ କରିକରିଜା ଗ୍ଲିଛି । ଶେଷକୁ ଦେଖିଲାବେଳକୁ ଯେଉଁ ଭାତ ଆମେ ଖାଉଥିଲେ ତାହା ଗୋଟାଏ ରକମର ଚିନି ପାଲଟି ଗଲାଣି ତାକୁହିଁ କୁହନ୍ତି ଗ୍ଲୁକୋଜ୍ । ପେଟ ଭିତରେ ଥିବା ସରୁ ସରୁ ରକ୍ତନଳୀ ଭିତରକୁ ଏଇ ଗ୍ଲୁକୋଜ୍ ଗ୍ଲିଯାଏ । ସେଠାରୁ କ୍ରମେ ଦେହର ଗ୍ରିଆଡକୁ ଯାଏ । ଦେହ ଭିତିରେ ଯେଉଁ କୋଟି କୋଟି ଅତି ସୂକ୍ଷ୍ମ ସୂକ୍ଷ୍ମ ଜୀବକୋଷ ଅଛନ୍ତି ସେମାନେ ଏଇ ଗ୍ଲୁକୋସ ଖାଆନ୍ତି । ଆମ ଦେହରେ ଗୋଟାଏ ତେଜ ସୃଷ୍ଟି ହୋଇଯାଏ ଓ ଆମେ କାମ କରିବା ପାଇଁ ଶକ୍ତି ପାଉ । ଯେଉଁ ରସ ପେଟ ଭିତରେ ଭାତ ସାଙ୍ଗରେ ମିଶିଥିଲା ତାକୁ 'ହଜମରସ' ବୋଲି କହନ୍ତି । ଭିନ୍ନ ଭିନ୍ନ ପ୍ରକାରର ହଜମରସ ଅଛି । କିଏ ଭାତକୁ ହଜମ କରୁଛି ତ ଆଉ କେଉଁଟି ଛେନା, ମାଛ, ମାଂସକୁ ହଜମ କରୁଛି । ଦେଖିଲାବେଳକୁ ଆଉ ଗୋଟିକର କାମ ହେଲା ତେଲ, ଘିଅ ହଜମ କରିବା । ମୋଟ ଉପରେ ହଜମ କାମଟା ଠିକ୍ ଠିକ୍ ଗ୍ଲିଥିଲେ ଦେହ ସୁସ୍ଥ ରହିବ ।

ଯେତେବେଳେ ଏହିସବୁ କଳା ଖୁବ୍ ଭଲ ଭାବରେ ଜଣା ନଥିଲା ସେତେବେଳେ ଲୋକେ ସାଧାରଣ ଭାଷାରେ କହୁଥିଲେ ବାହାରେ ଅଗ୍ନି ବା ନିଆଁ କେମିତି ରାନ୍ଧି ଦେଉଛି, ପେଟ ଭିତରେ ବି ସେମିତି ଗୋଟିଏ ରକମର ବିଚିତ୍ର ଅଗ୍ନି ଖାଦ୍ୟକୁ ଆଉଥରେ ରାନ୍ଧି ଦେଉଛି । ତାହାରି ନାମ ହଜମ । ବାହାରେ ଯଦି ଜାଳ ଠିକ୍ ଠିକ୍ ନ ଜଳିଲା ଅଗ୍ନି ମାନ୍ଦା ହୋଇଗଲା ବୋଲି କୁହାଯାଏ । ସେଭଳି ହେଲେ ଗ୍ଉଳ ସଂପୂର୍ଣ୍ଣ ଭାତ ହୋଇପାରିବ ନାହିଁ । ଅନୁମାନ କରାଯାଉଥିଲା ପେଟ ଭିତରେ ଯଦି ଅଗ୍ନି ମାନ୍ଦା ହୋଇଯିବ,ଠିକ୍ ଭାବରେ ଖାଦ୍ୟ ହଜମ ହେବନାହିଁ । ଖାଦ୍ୟର ସାର ରକ୍ତରେ ମିଶି ପାରିବ ନାହିଁ । ଯେତେ ଖାଇଲେ ବି ତାହା ପ୍ରକୃତ ଅର୍ଥରେ 'ଦେହରେ ଲାଗିବ ନାହିଁ' । ଜଠର ଅଗ୍ନି ବୋଲି କଥା କୁହାଯାଏ । ଜଠରର ଅର୍ଥ ପେଟ । ଖାଦ୍ୟ ହଜମ ନ ହେଲେ 'ଅଗ୍ନିମାନ୍ଦ୍ୟ' ହୋଇଛି ବୋଲି କୁହାଯାଏ । ତାକୁହିଁ ଅଜୀର୍ଣ୍ଣ ନାମ ଦିଆଯାଇଛି ।

ଯାହାହେଲା, ପେଟ ଭିତରେ ଯଦି ଖାଦ୍ୟ ହଜମ ନହେଲା ଆଉ କଅଣ କରାଯିବ ? ଏମିତିକା କଥା କୁହାଯାଇ ପାରିବ ନାହିଁ, କାରଣ ଯେଉଁ ଖାଦ୍ୟ ଖାଉଛ ତାହା ଯଦି ହଜମ ନହେଲା ଦେହକୁ କଷ୍ଟ ହେବ । ପେଟ ଫମ୍ପାଇ ଦେଲାଭଳି ହୁଏ । ଆମ୍ବିଳା ହାକୁଟି ଆସେ, ଅଇ ମାଡ଼େ ସତେ ଯେମିତି ବାନ୍ତି ହୋଇଯିବ । ବେଳେବେଳେ ବାନ୍ତି ବି ହୁଏ । ଖାଇବାକୁ ଇଚ୍ଛା ହୁଏନାହିଁ । ଅଗ୍ନିମାନ୍ଦ୍ୟ ରୋଗ ଥିଲେ ବେଳେବେଳେ ପତଳା ଝାଡ଼ା ହୋଇଯାଏ । କାହାରି କାହାରି ଝାଡ଼ା କଠିନ ହୋଇଯାଏ, ଛାତି ପୋଡ଼େ । ମୋଟାମୋଟି ଦେହଟା ଭଲ ଲାଗେନାହିଁ ।

ଅଗ୍ନିମାନ୍ଦ୍ୟ ହୁଏ କାହିଁକି ? ଯେତିକି ଦରକାର ତାଠାରୁ ଅଧିକ ଗୁଡ଼ାଏ ବହୁଦିନ ଧରି ଖାଇଲେ ପେଟ ବିଗିଡ଼ିଯାଏ । ଖାଇବାର ଗୋଟାଏ ସମୟ ଅଛି । ଆଜି ଗୋଟାଏ ସମୟ ତ କାଲି ଗୋଟାଏ ସମୟରେ ଖାଇଲେ ହଜମରସ ଝରିବାରେ ଅସୁବିଧା ହୁଏ । ଯେଉଁମାନେ ଅନେକ ଦିନ ଧରି ଖରାପ ପାଣି ପିଅନ୍ତି ବା ଅପରିଷ୍କାର ଖାଦ୍ୟ ଖାଆନ୍ତି ସେମାନଙ୍କର ଅଗ୍ନିମାନ୍ଦ୍ୟ ହୁଏ । ଗୋଟାଏ ଗୋଟାଏ ପ୍ରକାରର ଖାଦ୍ୟ ଜଣଜଣଙ୍କ ଦେହରେ ଯାଏନାହିଁ । ଭୁଲରେ ସେଥିରୁ ଖାଇଦେଲେ ଅସୁବିଧା

''ଜଣେ କ'ଣ ଚିନ୍ତା କରୁଛି, ତା' ଜଣା ପଡ଼ିଯିବ ତା' କାର୍ଯ୍ୟରୁ ।''

--ଜନ୍‌ଲକ୍

ହୁଏ । ପେଟରେ କୃମି, ଜିଆ ପ୍ରଭୃତି ହେଲେ ପେଟ ଗୋଳମାଳ ହୁଏ । ଅଗ୍ନିମାନ୍ଦ୍ୟ ଓ ଅଜୀର୍ଣ୍ଣ ରୋଗ - ଏହାକୁ ଏକା ଅର୍ଥରେ ବ୍ୟବହାର କରାଯାଏ ।

**ଅଙ୍କ** : ମଣିଷ ଯେତେବେଳେ ମନର କଥା କହିବାକୁ ଯାଉଛି ବା ନିଜେ କଅଣ ଦରକାର କରୁଛି ତାହା ଅନ୍ୟକୁ ଜଣାଉଛି, ସେତେବେଳେ ଦୁଇଟିର ଆଶ୍ରୟ ନେଉଛି । ଗୋଟିଏ ହେଲା ଅକ୍ଷର - ଅନ୍ୟଟି ସଂଖ୍ୟା । ପଣ୍ଡିତମାନେ କୁହନ୍ତି, ଅକ୍ଷର ଲେଖିବା ନିତ୍ୟାନ୍ତ ଜରୁରୀ - ଏକଥା ଅନୁଭବ କରିବାର ବା ଭାବିବାର ବହୁ ପୂର୍ବରୁ ସଂଖ୍ୟା କେମିତି ଲେଖାଯିବ ସେ ବିଷୟରେ ମଣିଷ ମୁଣ୍ଡ ଖେଳାଇଲା । କ୍ରମେକ୍ରମେ ତ ଗୋଟିଏ ଗୋଟିଏ ସ୍ଥାନରେ ବହୁ ଲୋକ ରହିଗଲେ । ବଣକୁ ଯାଇ ଦି ଜଣ ଗୁଡ଼ାଏ ଆମ୍ବ ନେଇ ଆସିଛନ୍ତି । ସମସ୍ତଙ୍କ ଭିତରେ ସମାନ ହୋଇ ବଣ୍ଟାହେବ । ମୋଟରେ କେତେଜଣ ଅଛନ୍ତି ଓ କାହା ଘରେ କେତେଜଣ ଲୋକ ତାହା ନ ଜାଣିଲେ ବଣ୍ଟାକୁଣ୍ଟା ହେବ କେମିତି ? ଗୋଟିଏ ହରିଣକୁ ମାରି ଆଣିଛନ୍ତି । ତା' ମାଂସ ପୁଣି ଜଣ ପିଛା ବାଣ୍ଟିବାକୁ ହେବ । ସେଭଳି କରିବା କିନ୍ତୁ ସହଜ କଥା ନୁହେଁ, କହିଁକିନା ଗଣିବା ବିଦ୍ୟା ସେତେବେଳେ ଜଣା ନଥିଲା । ଲୋକେ ଗୋରୁ, ମେଣ୍ଢା, ଛେଳି, ଘୁଷୁରି ପାଳିଲେ । ସେଗୁଡିକ ବଣ ପାଖକୁ ବା ଭିତରକୁ ଚରାଇବାକୁ ନେଲେ । ସନ୍ଧ୍ୟାବେଳକୁ ଫେରାଇ ଆଣିଲା ବେଳକୁ କେତେଟା ଯାଇଥିଲେ - ସବୁ ଫେରିଛନ୍ତି କି ନାହିଁ ସହଜରେ ଜାଣିହେଉନାହିଁ । ଜଣେ ବୁଦ୍ଧି ବାହାର କଲା । ଚରାଇବାକୁ ନେଲା ବେଳେ ଗୋଟିଏ ଗାଈ ପାଇଁ ଖଣ୍ଡିଏ ଛୋଟ ପଥର ରଖିଦେଲା । ୨୦ଟି ଯାଇଥିଲେ - ୨୦ଟି ପଥର ଧାଡ଼ି କରି ରଖିଦେଲା । ଫେରିଲାବେଳେ ସେଥିରୁ ଗୋଟିଏ ଗୋଟିଏ ବାଦଦେଇ ଦେଖିଲା ସବୁତକ ଫେରିଛନ୍ତି କି ନାହିଁ । ଏସବୁ କଥା ଶୁଣିଲେ ଆଜି ହୁଏତ ହସ ମାଡୁଛି, କିନ୍ତୁ ନିଶ୍ଚୟ ଏମିତି ହୋଇଥିବ ।

ମଣିଷ ବୁଦ୍ଧିତ କେବେ ହାର ମାନିଯାଏ ନାହିଁ । ଜଣେ ଗୋଟିଏ ଉପାୟ ବାହାର କରିଦେଲେ ! ନିଜ ହାତକୁ ଅନାଇଲେ । ଗୋଟିଏ ଆଙ୍ଗୁଠି ଦେଖାଇଲେ । ସେଇଟାକୁ ସେ ଆମେ ଯାହାକୁ ଆଜିକାଲି ୧ ବୋଲି କହୁଛୁ ସେଇଆ ଧରିନେଲେ । ତେଣିକି ଆହୁରି ବୁଦ୍ଧି ଦେଖାଦେଲା । ଜଣକ ପିଛା କେତେଟା ଆମ୍ବ ପଡ଼ିବ ତାହା ଜଣାଇବା ପାଇଁ ୨, ୩ ବା ୪ଟା ଆଙ୍ଗୁଠି ଦେଖାଇଲେ । ଶେଷକୁ ବୁଢ଼ା ଆଙ୍ଗୁଠି ହେବାରୁ ଆଜି ଯାହାକୁ ୫ ବୋଲି କହୁଛୁ ତାହା ହୋଇଗଲା । ଦୁଇ ହାତରେ ୧୦ଟି ଆଙ୍ଗୁଠି । ବହୁତ କିଛି ହିସାବ ହୋଇଗଲା । ହାତର ଗୋଟିଏ ଆଙ୍ଗୁଠିହିଁ ମଣିଷକୁ ପ୍ରଥମେ ସଂଖ୍ୟା ବିଷୟରେ ଧାରଣା ଦେଲା । ବହୁଲୋକ ଏ ଦିଗରେ ମୁଣ୍ଡ ଖେଳାଇଲେ । ଜଣେ କହିଲା, ବୁଢା ଆଙ୍ଗୁଠି ଆଗରୁ ଗାର ଟାଣି ପାପୁଲି ପର୍ଯ୍ୟନ୍ତ ଆଣି ସେଇଠୁ କାଣି ଆଙ୍ଗୁଠିର ଶେଷ ମୁଣ୍ଡକୁ ନେଇଗଲେ ଏମିତିତ ଦେଖାଯାଉଛି । ସବୁଯାକ ଆଙ୍ଗୁଠି ନ ଦେଖାଇ ଏତିକି ଦେଖାଇଦେଲେ ବି ଗୋଟାଏ କଥା ବୁଝାଇ ଦେଇ ହେଉଛି । ପରେ ଯେତେବେଳେ ୫ ସଂଖ୍ୟାଟି ଜଣାଇବା ଦରକାର ପଡ଼ିଲା ଏହି ଚିହ୍ନ କାମ ଦେଲା । ଇଂରାଜୀରେ ଯେଉଁ V ଅକ୍ଷର ଅଛି ତାହାତ ଏହିଭଳି । ଆଉଜଣେ କହିଲା, V ବାଁପଟେ ଯଦି ଗୋଟାଏ ଆଙ୍ଗୁଠି ଗାର ଟାଣିଦେବା, ଜଣାପଡ଼ିବ ପାଞ୍ଚରୁ ଗୋଟିଏ କମ - ଅର୍ଥାତ ଚାରି । ତାହାର ଡାହାଣରେ ସେମିତିକା ଗୋଟିଏ ଚିହ୍ନ ଦେଲେ ୬ ର କାମ ଦେଲା V ଡାହାଣରେ ତିନିଟା ଗାର ଦେଲାରୁ ୮ ହୋଇଗଲା । ତା'ପରେ ଜଣେ କହିଲେ, ଏମିତି କେତେ ଗାର ଦେଉଥିବା ? ଗୋଟାଏ ସହଜ ବାଟ

---

"ସଦ୍‌ଜ୍ଞାନ ଓ ବିପୁଳ ଧନସମ୍ପତ୍ତି - ଖୁବ୍ କମ୍ ଲୋକଙ୍କୁ ଏକା ସଙ୍ଗରେ ମିଳିଥାଏ ।"

--ଲିଭି

| | | | | | | | | | | | |
|---|---|---|---|---|---|---|---|---|---|---|---|
| 𒁹 | 𒈫 | 𒐈 | 𒐉 | 𒐊 | 𒐋 | 𒐌 | 𒐍 | 𒐎 | 𒌋 | | ବେବିଲୋନୀୟ |
| I | II | III | IV | V | VI | VII | VIII | IX | X | | ରୋମାନ |
| 一 | 二 | 三 | 四 | 五 | 六 | 七 | 八 | 九 | 十 | | ଚୀନା |
| • | •• | ••• | •••• | — | •<br>— | ••<br>— | •••<br>— | ••••<br>— | =<br>(ଦୁଇଟି ଗାର) | ⊂⊃ | ମୟା |
| १ | २ | ३ | ४ | ५ | ६ | ७ | ८ | ९ | १० | ० | ଭାରତୀୟ |
| 1 | 2 | 3 | 4 | 5 | 6 | 7 | 8 | 9 | 10 | 0 | ୟୁରୋପୀୟ/ଆରବୀ |
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ | ୦ | ଓଡିଆ |

(ଭିନ୍ନ ଭିନ୍ନ ସଂଖ୍ୟା ଲେଖିବାର ଉପାୟ)

ବାହାରନ୍ତା କି । ବହୁ ଭାବିଚିନ୍ତି ଆଉଜଣେ କହିଲେ, ଗୋଟାଏ V ଚିହ୍ନ ତଳେ ଆଉ ଗୋଟାଏ V ଚିହ୍ନକୁ ଓଲଟାଇ ଦେଇଦେଲେ ତ ଦଶ ଆଙ୍ଗୁଠି ବୁଝାଇଲା ତାହାରି ପଟେ ଗାରଟିଏ ଦେଲେ ୯ ବୋଲି ବୁଝାଉଛି । ଲାଟିନ୍ ଭାଷାରେ ଆଙ୍ଗୁଠିକୁ କୁହନ୍ତି 'ଡିଜିଟସ୍' । ସେଇଥିରୁ 'ଡିଜିଟ୍' ଶବ୍ଦ ଆସିଛି । ଏମିତି ଲେଖିବାଟାକୁ ରୋମାନ ଅକ୍ଷର ବୋଲି କୁହାଯାଏ ।

ଭିନ୍ନ ଭିନ୍ନ ଦେଶରେ ନାନା ଉପାୟ ବାହାରିଲା ଏହି ୧ ଠାରୁ ୧୦ ପର୍ଯ୍ୟନ୍ତ ସଂଖ୍ୟା ଲେଖିବା ପାଇଁ । ଉପର ଚିତ୍ରଟିକୁ ଭଲଭାବରେ ଦେଖ । ଦ୍ବିତୀୟ ଧାଡିରେ ରୋମାନ ସଂଖ୍ୟା ଲେଖାଯାଇଛି । ପ୍ରଥମ ଧାଡିରେ ରହିଛି ବେବିଲୋନୀୟ ସଂଖ୍ୟା । ଏକା ଚିହ୍ନରେ ୯ ପର୍ଯ୍ୟନ୍ତ ଲେଖିଲାପରେ ସେହି ଚିହ୍ନକୁ କଡ଼େଇ କରି ଲେଖିଦେଇ ୧୦ ବୋଲି ଧରିନେଲେ ।

### ଶୂନ ମନ ତରଳିଲା

ଏହିଭଳି ହଜାର ହଜାର ବର୍ଷ ଚାଲିଗଲା । ବଡ଼ ବଡ଼ ସଂଖ୍ୟା ଲେଖିବା ସହଜ ହେଉ ନଥାଏ । ଇଉରୋପରେ ୧୦ ପାଇଁ X, ୫୦ ପାଇଁ L, ୧୦୦ ପାଇଁ C, ୧୦୦୦ ପାଇଁ M ଲେଖିଲେ । ସମୟ ଗଡ଼ି ଯାଉଥାଏ । ମଣିଷର ବୁଦ୍ଧି ବଢୁଥାଏ । ସେ ବହୁ କଥା ଜଣାଇବା ପାଇଁ ଇଚ୍ଛା କରୁଥାଏ । ବଡ଼ ବଡ଼ ସଂଖ୍ୟା କେତେ ବା ଲେଖିବ ? ସହଜରେ କିଏ ବା ହିସାବ କରିବ । ସେତେବେଳକୁ ଜଣା ନଥିଲା ଯେ ଭାରତର ଲୋକେ ଏ ଦିଗରେ ବହୁତ ଆଗେଇ ଗଲେଣି । ହିନ୍ଦୁମାନେ ମନ୍ଦିର ଭିତରେ ଯେଉଁସବୁ ସଂଖ୍ୟା ଲେଖିଲେ ସେଥିରେ ଗୋଟିଏ ଶୂନ ବା ୦ ଯୋଗ କରିଦେଲେ । ଏହି ଶୂନ ସଂଖ୍ୟା ବା ଅଙ୍କର ଗୋଟାଏ ସମ୍ପୂର୍ଣ୍ଣ ରୂପ ଦେଇଦେଲା । ଗୋଟିଏ ୧ ଲେଖି ତା' ଡାହାଣରେ ଦିଓଟି ଶୂନ ଦେଇଦେଲେ ୧୦୦ ବୋଲି ବୁଝାଇଲା, ତିନୋଟି ଦେଲେ ୧୦୦୦ ହେଲା । କେବଳ ସେତିକି କରିଥିଲେ ଗଣିତ ପଣ୍ଡିତମାନଙ୍କ ଭିତରେ ସେମିତି ଗୋଟାଏ ଚମକ ଖେଳିଯାଇ ନଥାନ୍ତା ।

"ପାଣ୍ଡିତ୍ୟର ପ୍ରବେଶ ଦ୍ବାର ହେଲା ଶବ୍ଦ-ଜ୍ଞାନ ।"

--ଉଇଲସନ୍

ଭାରତର ଲୋକେ ଆଉ ଗୋଟିଏ ବାଟ ବତାଇଦେଲେ । ସେମାନେ କହିଲେ - ସ୍ଥାନର ଗୋଟାଏ ମର୍ଯ୍ୟାଦା ଅଛି । ସଂଖ୍ୟା ଗୁଡ଼ିକୁ ସ୍ଥାନ ବାଛି ଲେଖିଦେଲେ ସେଥିରୁ ନୂଆକରି ବାହାରି ପଡୁଛି । ୧ ପାଖରେ ୧ ଲେଖିଲେ ୧୧ ବୋଲି ବୁଝାଉଛି । ଡାହାଣ ପାଖ ୧ର ମୂଲ୍ୟ କେବଳ ୧, କିନ୍ତୁ ବାମପଟେ ଯେଉଁ ୧ଟି ଲେଖାହେଲା ତାହାର ମୂଲ୍ୟ ୧୦ । ୧୧ ବୋଇଲେ ୧୦ ସାଙ୍ଗରେ ଆଉ ଗୋଟିଏ ୧ ମିଶିଛି । ଯଦି ତିନୋଟି ୧ ପାଖକୁ ପାଖ ଲେଖି ଦିଆଗଲା ସବା ବାଁ ପଟର ୧ଟିର ମୂଲ୍ୟ ୧୦୦ ବୋଲି ଧରିନିଆଗଲା । ସେଇଥିପାଇଁତ ପଢ଼ାଯାଉଛି '୧୧୧' । ବାଁ ପଟକୁ ସଂଖ୍ୟାଗୁଡ଼ିକ ଯେତେ ଯେତେ ଯାଉଥିବେ ସେମାନଙ୍କର ମୂଲ୍ୟ ସେହି ଅନୁସାରେ ବଢ଼ି ଯାଉଥିବ । ମନେ ହେଲା ଏଇଟାତ ଗୋଟିଏ ମେଜିକ୍ । ଲୋକେ କହିଲେ - 'ଅଙ୍କରେ ଦେଇଦେଲେ ଶୂନ, ବେଳକୁ ବେଳ ଦଶ ଗୁଣ' ।

ଏଇଠି ଗୋଟିଏ ମଜା କଥା କହି ଦିଆଯାଉ । ଆଜି ଆମେ ଯେଉଁ ଶୂନ (0) ଦେଖୁଛୁ, ସେଇଟି ଯେତିକି ବଡ଼ ତାର ପିଲାବେଳେ ବା ଆରମ୍ଭରେ ସେମିତି ନଥିଲା । ତାହାଥିଲା ଆଜିର ଦଶମିକ (.) ଚିହ୍ନ ଭଳି । ପରେ ଯେତେବେଳେ ଦଶମିକ ପଦ୍ଧତି ବାହାରିଲା ସେତେବେଳେ ଶୂନ୍ୟ ତାର ଏବର ରୂପ ଧରିଲା ଓ ତାର ପୂର୍ବ ରୂପ ବୁଝାଇଲା ଦଶମିକ ଚିହ୍ନ ।

ଆଜି ଇଂରାଜୀରେ ଯେଉଁ 1,2,3,4 ଲେଖାଯାଉଛି ତାହା ମଧ୍ୟ ରୂପ ପାଇଥିଲା ଏହି ଭାରତରୁ । ଆରବର ଲେଖକ ଓ ବଣିକମାନେ ସେହି ଅଙ୍କକୁ ନେଇ ଇଉରୋପରେ ଦେଖାଇଲେ ଓ ସେମାନେ ତାକୁ ଗ୍ରହଣ କରିଗଲେ । ଇଉରୋପର ଗୋଟାଏ ଅଂଶରେ ଲୋକ ତାକୁ ଗ୍ରହଣ କରୁ ନଥିଲେ । ଶୂନଟିକୁ ମଣିଷ ସମାଜକୁ ଦାନ କରିଥିବାରୁ ଏବେ ମଧ୍ୟ ଇଉରୋପର ଲୋକେ ଭାରତକୁ ପ୍ରଶଂସା କରନ୍ତି । ଶୂନ ଯଦି ନ ବାହାରିଥାନ୍ତା ଗଣିତ ବିଦ୍ୟା ଏତେ ଆଗେଇ ପାରି ନଥାନ୍ତା । ଶୂନ୍ୟ ଏବଂ 'ସ୍ଥାନ ଗୁଣେ ମୂଲ୍ୟ' କଥାର ପ୍ରଚଳନ ହୋଇଗଲା ପରେ ମିଶାଣ, ଫେଡ଼ାଣ, ଗୁଣନ, ହରଣ କରିବା ସହଜ ହୋଇଗଲା । ସମସ୍ତେ ଜାଣିଛ, ଫେଡ଼ାଣ ହେଉଛି ଗୋଟିଏ ରକମର ଓଲଟା ମିଶାଣ । ଗୁଣନଟା ମଧ୍ୟ ଠିକ୍ ସେହି ଧରଣର । ୮କୁ ୭ ଥର ଲେଖିଲେ ଯାହା ହୁଅନ୍ତା, ୮ରେ ୭ ଗୁଣିଦେଲେ ସେଇଆ ହେଉଛି । ସାଧାରଣ ଲୋକଙ୍କ ପାଇଁ ମିଶାଣ, ଫେଡ଼ାଣ, ଗୁଣନ, ହରଣ ଥିଲା କାମ ଚଳାଇବା ପାଇଁ ଯଥେଷ୍ଟ । ଏବେବି ସେମିତି ଅଛି । କଥାରେ କୁହନ୍ତି - ହର, ଗୁଣ, ଫେଡ଼, ମିଶା - ଆଉ ସବୁ ପାଠ ଫସର ଫସା । ଏଠାରେ ପାଠ ବୋଇଲେ ଅଙ୍କକୁ ବୁଝାଉଛି ।

ଅଙ୍କ ବା ସଂଖ୍ୟାର ଗୁଣ ଗାଇଲେ ରାତି ରାତି ବିତିଯିବ । ଟିକିଏ ଅଧିକ ଜାଣିବା ପାଇଁ ଗଣିତ, ବୀଜଗଣିତ ଓ ସଂଖ୍ୟା ବିଷୟ ଜାଣିବା ଦରକାର ।

**ଅଙ୍ଗାର :** କଥାରେ ଅଛି, "ଏଇଟି ଅତି ସହଜ, କିନ୍ତୁ ବୁଝିବାକୁ ଭାରୀ କଷ୍ଟ ।" ଅଙ୍ଗାର ବୋଲି ଯେଉଁ ଚିଜଟିକୁ ଆମେ ଦେଖୁଛୁ ତାହା ବିଷୟରେ ଠିକ୍ ଏମିତି କୁହାଯାଇପାରେ । ଚୁଲିରେ କାଠ ଜଳୁଛି । ଆଉ ଜଳିବା ଦରକାର ନାହିଁ ବୋଲି ସେଥିରେ ପାଣି ପକାଇ ଦିଆଯାଏ । ଦେଖିଲା ବେଳକୁ କଳାକଳା ଖଣ୍ଡେ ଖଣ୍ଡେ ରହିଯାଇଛି । ତାକୁ କମାର ନେଇ ତାଙ୍କ ଶାଳରେ ଜାଳୁଛନ୍ତି । ଦୀପରେ ବତୀଟି ଜଳୁଛି । ଖଣ୍ଡିଏ ମୋଟା ପତ୍ରରେ ତେଲ ଟିକିଏ ମାରିଦେଇ ତା ଉପରେ ଦେଖାଇ ଦିଅନ୍ତି । କିଛି କଳା ଜମିଯାଏ । ତାକୁ ଆଖିରେ ଲଗାନ୍ତି । ପେନ୍‌ସିଲ ଖଣ୍ଡିଏ ରଖା ହୋଇଛି । ତା

"ଭଗବାନଙ୍କ ଠାରେ ବିଶ୍ୱାସ ରଖ, କିନ୍ତୁ ନିଜ ଉଦ୍ୟମରେ ଟିକିଏ ହେଲେ ହେଳା କର ନାହିଁ ।"

--କ୍ରମ୍‌ଓୟେଲ

ଦେହରେ ଗାର ପକାଇଲେ କାଳିଆ ଗାର ପଡ଼ିଯାଉଛି । ପୂର୍ବେ ଲୋକେ ଭାବୁଥିଲେ ଯେ ପେନ୍‌ସିଲ ମୁନ ସୀସାରେ ତିଆରି ହୋଇଛି । ତେଣୁ ତା'ନାମ ଥିଲା ଲେଡ୍ ପେନ୍‌ସିଲ । କିନ୍ତୁ ପରେ ଜଣାଗଲା ଯେ ସେଇଟି ତିଆରି ହୋଇଛି ଗ୍ରାଫାଇଟ୍‌ରେ । ଜଣେ ଧନୀ ଲୋକ ଆସିଗଲେ । ତାଙ୍କ ହାତରେ ଗୋଟିଏ ମୁଦି । ସେ କହୁଛନ୍ତି ଏଇଟି ହୀରା ମୁଦି । ହୀରା ଏତେ ଟାଣ ଯେ ଛୁରୀରେ କାଗଜକୁ କାଟିଲା ଭଳି ମୋଟା କାଚକୁ କାଟିଦିଏ । ତରତର ହୋଇ ଜଣେ ଧାଇଁଛି କିଛି ପଥର କୋଇଲା ଆଣିବ ବୋଲି । ତାକୁ ଚୁଲିରେ ଜାଳିଲେ ଟିକିଏ ସହଜରେ ଭାତ ରାନ୍ଧି ହୋଇଯାଏ । କାରଣ ତା' ଭିତରେ ବେଶୀ ତାପ ଅଛି । ଆଖି କଜଳ, କାଳି, କାଠ କୋଇଲା, ପେନ୍‌ସିଲ ଗ୍ରାଫାଇଟ୍, ମୁଦିରେ ଥିବା ହୀରା, ପଥର କୋଇଲା - ଏସବୁ ଗୁଡ଼ିକର ଗୋଟିଏ ସାଧାରଣ ନାମ ରହିଛି । ତାହା ହେଉଛି 'ଅଙ୍ଗାର' ।

ବୁଝିବା କଷ୍ଟ ବୋଲି ଏଇଥିପାଇଁ କୁହାଯାଇଥିଲା ଯେ ବିଜ୍ଞାନୀମାନେ ତାହା ବିଷୟରେ କହୁ କହୁ ମୌଳିକ ଉପାଦାନ ବୋଲି ଗୋଟିଏ କଥା ଉଠାନ୍ତି । ସେଇଆକୁ ଏଲିମେଣ୍ଟ ବୋଲି ମଧ୍ୟ ଆଉ ଗୋଟିଏ ନାମ ଦିଅନ୍ତି । ସେମାନଙ୍କ ଭାଷାରେ ଅଙ୍ଗାରଟି ଗୋଟିଏ ମୌଳିକ ଉପାଦାନ ।

ଏହି ମୌଳିକ ଉପାଦାନ ବା ଏଲିମେଣ୍ଟ ବିଷୟରେ ନ ଜାଣି ଏହି ସଂସାରରେ ଯେଉଁ ଲକ୍ଷ ଲକ୍ଷ ପ୍ରକାରର ଚିଜ ଅଛି ସେଗୁଡ଼ିକ ବିଷୟରେ କିଛି ଜାଣି ହେବନାହିଁ । ଯେତେ କଷ୍ଟ ପଡୁ ପଛକେ ଏହାରି ବିଷୟରେ ଭଲ ଭାବେ ବୁଝିବାକୁ ହେବ । ଆମେ ଦେଖୁଛୁ ହଜାର ହଜାର, ଲକ୍ଷ ଲକ୍ଷ ବହି ଇଂରାଜୀ ଭାଷାରେ ଅଛି । ଶହ ଶହ, ହଜାର ହଜାର ପତ୍ରପତ୍ରିକା ରହିଛି । କିନ୍ତୁ ଏ ସବୁକୁ ଲେଖିବା ପାଇଁ ଦରକାର ହୋଇଛି କେବଳ ୨୬ଟି ଅକ୍ଷର । ସେହି ଭାଷାରେ ତ ସେତିକି ଅକ୍ଷର ଅଛି । ଓଡ଼ିଆ, ବଙ୍ଗଳା, ଅହମିୟା, ହିନ୍ଦୀ, ଗୁଜୁରାଟୀ, ମରାଠି ପ୍ରଭୃତି ଭାଷାରେ ଯେଉଁ ଅସଂଖ୍ୟ ବହି ରହିଛି ସେଗୁଡ଼ିକୁ ଲେଖିବା ପାଇଁ ଦରକାର ହୋଇଛି ପ୍ରାୟ ୫୦ଟି ଅକ୍ଷର - ଟିକିଏ ଏପାଖ ସେପାଖ ହୋଇପାରେ । ଏହିସବୁ ଅକ୍ଷରକୁ ଭିନ୍ନ ଭିନ୍ନ ଭାବରେ ଯୋଡ଼ି ହଜାର ହଜାର ଶବ୍ଦ ତିଆରି କରାଯାଉଛି ଓ ବହି ଲେଖାଯାଉଛି । ପୃଥିବୀର ସବୁଦେଶ ବୁଲିଆସିଲେ ଦେଖିବା ହଜାର ହଜାର ପ୍ରକାରର ଖାଇବା ଚିଜ ତିଆରି ହେଉଛି । ପିଠାପଣା, ତରକାରୀ, ମିଠେଇ ଭଳି ତିଆରି ଖାଦ୍ୟ ଯେ ଏତେ ପ୍ରକାରର ହୋଇପାରେ ଏହା ଦେଖି ଆମେ କାବା ହୋଇଯାଉଛୁ । କିନ୍ତୁ ଏଇ ଯେଉଁ ଅସଂଖ୍ୟ ପ୍ରକାରର କଥା ଆମେ ଶୁଣୁଛୁ, ସେତକ ତିଆରି କରିବା ପାଇଁ କେତୋଟି ମୂଳ ଚିଜ ଲୋଡ଼ା ହୋଉଛି ? ଖୁବ୍ ହେଲେ ତିରିଶ, ଚାଳିଶ ବା ପଚାଶଟା । ଭିନ୍ନ ଭିନ୍ନ ପ୍ରକାରେ ମିଶାଇ ଗୋଟାଏ କିଛି ନୂଆ ଖାଇବା ଚିଜ ତିଆରି କରି ଦେଉଛୁ । ଏଇଟି ହେଲା ରାନ୍ଧୁଣୀର ବାହାଦୁରୀ । ପ୍ରତ୍ୟେକଟି ଚିଜ ଅନ୍ୟଟି ଠାରୁ ସ୍ୱାଦ, ବାସ୍ନା ବା ଗୁଣରେ ଟିକିଏ ନା ଟିକିଏ ଭିନ୍ନ । ରାନ୍ଧୁଣୀ ସତେ ଯେପରିକି ମେଜିକ୍ ଦେଖାଉଛି । କେବଳ ଚାଉଳକୁ ନେଇ ସେ କେମିତି ଗୋଟାଏ ଖେଳ ଖେଳୁଛି ଅନୁମାନ କର । ସେ ସେଥିରେ ଭାତ କରିଦେବ । ଯଦି ଭାତ ଭଲ ନଲାଗିଲା ଚାଉଳର ଗଇଁଠା ପିଠା କରିଦେବ । ସେଇ ଚାଉଳରେ ଜାଉ ତିଆରି କରିବାର କୌଶଳ ତାକୁ ଜଣା । ଚାଉଳ ସାଙ୍ଗକୁ ଯଦି ନଡ଼ିଆ, ବିରି, ମୁଗ, ଚିନି ବା ଗୁଡ଼ ଓ କ୍ଷୀର ରଖିଦେବା ସେ କେତେ ପ୍ରକାରର ଯେ କ'ଣ କରିଦେବେ ତାହା ଭାବିଲେ ଆଉ କିଛି ହେଉ ବା ନହେଉ ଆମ ମନଟା ଖୁସି ହୋଇଯାଏ । ଏହି ପାଞ୍ଚ ସାତଟା ପଦାର୍ଥକୁ ଏପାଖ

---

"ମୁଁ ବୃଥାରେ ସମୟ ନଷ୍ଟ କରିଦେଇଥିଲି-
ଆଜି ସମୟ ମୋତେ ନଷ୍ଟ କରିଦେଇଛି ।"

--ସେକ୍ସପିଅର

ସେପାଖ କରି ସେ ତୁମ ଆଗରେ ପାଞ୍ଚ ଛ'ଶହ ପ୍ରକାରର ଖାଦ୍ୟ ତିଆରି କରି ବାଢ଼ିଦେବେ ।

ଅସଲ କଥା ହେଲା ଭାଗ ମାପ । ସେହିଠାରେ ହେଉଛି ପ୍ରକୃତ ବାହାଦୁରୀ । ଆମେ ଦେଖୁଛୁ ପିତଳର ବାସନ । ମନେରଖ ଯେ ପିତଳଟା ଗୋଟାଏ ମୂଳ ଧାତୁ ନୁହେଁ । ତମ୍ବା ଓ ଦସ୍ତାକୁ ୭୦ : ୩୦ ଭାଗରେ ମିଶାଇ ଦେଲେ ପିତଳ ହୋଇଯାଉଛି । ସେହି ତମ୍ବା ଓ ଦସ୍ତାର ଭାଗମାପ ବଦଳି ୬୦ : ୪୦ କରିଦେଲା ବେଳକୁ କଂସା ତିଆରି ହୋଇଗଲାଣି । ତମ୍ବା, ଦସ୍ତା ଓ ନିକେଲକୁ ମିଶାଇଲେ ଜର୍ମାନ ସିଲ୍‌ଭର ବୋଲି ଗୋଟିଏ ଧାତୁ ହୋଇଗଲା । ମୂଳ ଧାତୁରୁ ଶହ ଶହ ପ୍ରକାରର ମିଶା ଧାତୁ ହୋଇଯାଉଛି । ଏଇଠି ହୁଏତ କଥାଟା ସରିଆସିଲା । ଆଉ ଅଳ୍ପ ଟିକିଏ ଜାଣିଗଲେ ଚଳିଯିବ ।



(ତରଳ ଅଙ୍ଗାର)

ପ୍ରକୃତି ଏ ସଂସାରରେ ସବୁକିଛି କରିଛି । ପାଣି, ମାଟି, ପଥରଠାରୁ ଆରମ୍ଭ କରି ଗଛଲତା, ଜୀବଜନ୍ତୁ, ମଣିଷ - ସବୁ ହେଉଛି ତାହାରି ତିଆରି । କେହି ଗଣିକରି କହିପାରିବେ ନାହିଁ ଏ ସଂସାରରେ ଭିନ୍ନ ଭିନ୍ନ ଚିଜ କେତେ ସଂଖ୍ୟାରେ ରହିଛି । ଏତେ ସଂଖ୍ୟାରେ ଓ ଏତେ ପ୍ରକାରେ ଏହିସବୁ କରିବାକୁ ପ୍ରକୃତିକୁ ନିଶ୍ଚୟ ହଜାର ହଜାର ବା ଲକ୍ଷ ଲକ୍ଷ ମୂଳ ଉପାଦାନ ପ୍ରଥମେ ତିଆରି କରିବାକୁ ପଡ଼ିଥିବ । ତେଣିକି ତାକୁ ଭାଗମାପରେ ମିଶାଇ ଏପାଖ ସେପାଖ କରି ସେ ସବୁ କିଛି କରିଯାଇଥିବ ।

କିନ୍ତୁ ତାହା ନୁହେଁ । ସେ ବହୁତ ଭାବିଚିନ୍ତି କେବଳ ୯୨ଟି ଉପାଦାନ ଗଢ଼ିଦେଲା । ସେହି ଗୁଡ଼ିକ ଭିତରୁ କେତୋଟିକୁ ବାଛି ବାଛି, ମିଶାଇ ମିଶାଇ ଗୋଟାଏ ରକମର ନୂଆ ପାଗ କରି ଦୁନିଆର ସବୁକିଛି ତିଆରି କରିଦେଲା । ଏହି ସୂତ୍ର ବିଜ୍ଞାନୀମାନେ ଅନେକ ଦିନ ପର୍ଯ୍ୟନ୍ତ ପାଇ ନଥିଲେ । ଯେତେବେଳେ ପାଇଗଲେ ସେମାନଙ୍କ ହାତ ଫିଟିଗଲା । କେତେ ଯେ ନୂଆ ଚିଜ ସେମାନେ ତିଆରି କରିଦେଲେ ତାହା ଆମେ ଆଖି ଆଗରେ ଦେଖୁଛୁ । ୯୨ଟି ଯାକ ମୂଳ ଉପାଦାନକୁ ସବୁ ଚିଜ ତିଆରି କଲାବେଳେ କାମରେ ଲଗାଇବା ଦରକାର ନାହିଁ । ଅଳ୍ପ କେତୋଟିକୁ ମିଶାଇ ଦେଲେବି କାମ ଚଳିଯାଉଛି । କେବଳ ଦୁଇଟାରେ ପ୍ରକୃତି ଚମକ



(ହୀରା ଓ ଗ୍ରାଫାଇଟ୍)

ଖେଳାଉଛି । ଗୋଟିଏ ମୂଳ ଉପାଦାନର ନାମ ଉଦ୍‌ଜାନ ଓ ଆଉ ଗୋଟିକର ନାମ ଅମ୍ଳଜାନ । ଉଦ୍‌ଜାନ ୨ ଭାଗ ଓ ଅମ୍ଳଜାନ ୧ ଭାଗ ମିଶାଇଦେଲେ ପ୍ରକୃତି ତିଆରି କରିଦେଲା ପାଣି । ସେହି ଉଦ୍‌ଜାନ ଓ ଅମ୍ଳଜାନ ସାଙ୍ଗରେ ଯେତେବେଳେ ଅଙ୍ଗାର ମିଶିଲା ସେତେବେଳେ ତିଆରି ହୋଇଗଲା ଚିନି । ଏହି ତିନି ଉପାଦାନରେ ଭାଗମାପ ଟିକିଏ ବଦଳାଇ ଦେଲେ ତେଲ ତିଆରି ହୋଇଯାଉଛି । କେବଳ ଭାଗମାପର

> "ଯେଉଁଟା ହେଉ ବୋଲି ଆମର ଇଚ୍ଛା, ସେମିତିକା କଥାଟିଏ ଶୁଣିଦେଲେ ଆମେ ହଠାତ୍ ବିଶ୍ୱାସ କରିଯାଉ ।"
>
> --ୟଙ୍ଗ

ହିଁ ହେରଫେର । ଦୁଇଟି ଉପାଦାନକୁ ଗୋଟାଏ ବିଚିତ୍ର ଉପାୟରେ ଯୋଗ କରିଦେଲେ ବା ମିଶାଇଦେଲେ ଯେଉଁ ଚିଜଟି ହୋଇଯାଏ ତାକୁ କୁହାଯାଏ ଯୌଗିକ ବା କମ୍ପାଉଣ୍ଡ । ସବୁଠାରୁ ଅଧିକ ସଂଖ୍ୟକ କମ୍ପାଉଣ୍ଡ ହେଉଛି ଅଙ୍ଗାରକୁ ମୂଳକରି । ଏଥିରୁ ଦଶ ଲକ୍ଷ ଚିହ୍ନା ପଡ଼ିଲାଣି । ଆହୁରି ଅନେକ ବାକି ଅଛନ୍ତି ଚିହ୍ନା ପଡ଼ିବାକୁ । ଅନ୍ୟ ସବୁତକ ମୂଳ ଉପାଦାନ ମିଶି ଯେତିକି ଯୌଗିକ ବା 'ପାଗ' ସୃଷ୍ଟି କରିଛନ୍ତି ଏହି ଦଶଲକ୍ଷର ସଂଖ୍ୟା ତା'ଠାରୁ ବେଶୀ । ବିଜ୍ଞାନୀମାନେ କହୁଛନ୍ତି ଯେତେ ସଂଖ୍ୟାରେ ଇଚ୍ଛା କରିବ ସେତେ ସଂଖ୍ୟାରେ ଅଙ୍ଗାର ଯୌଗିକ ତିଆରି ହୋଇପାରି ପାରିବ । ଆମେ ସମସ୍ତେ ଏହି ଅଙ୍ଗାର ଯୌଗିକରେ ତିଆରି ହୋଇଛୁ । ଯେତେ ଗଛଲତା ଦେଖୁଛ ସେ ସବୁକୁ ପ୍ରକୃତି ତିଆରି କଲାବେଳେ ଏହାକୁହିଁ କାମରେ ଲଗାଇଛି । ମନୁଷ୍ୟ ଦେହରେ ଯେତିକି ପାଣି ଅଛି ତାକୁ ଯଦି ଆମେ ହିସାବରୁ ବାଦ ଦେଇଦେବା ଓ ଯେତକ ନିଦା ପଦାର୍ଥ ରହିଗଲା ତାରି ହିସାବ ଖୋଜିବା ତେବେ ଦେଖିବା ଯେ ଶହକେ ଅଠଚାଳିଶ ଭାଗ ହେଉଛି ଅଙ୍ଗାର, ତେଇଶୀ ଚବିଶ ଭାଗ ଅମ୍ଳଜାନ, ପ୍ରାୟ ତେରଭାଗ ଯବକ୍ଷାରଯାନ ଓ ପ୍ରାୟ ସାତ ଭାଗ ଉଦ୍‌ଜାନ । ଏହି ହିସାବହିଁ ଅନେକ କଥା ବୁଝାଇ ଦେଉଛି ।

ଅନେକ ପଦାର୍ଥ ତିନୋଟି ରୂପରେ ସଂସାରରେ ରହୁଛନ୍ତି । ଘନ, ତରଳ ଓ ବାଷ୍ପ ରୂପରେ ଏଗୁଡ଼ିକୁ ଦେଖିବ । କୋଇଲାରେ ଅଙ୍ଗାର ଅଛି ନିଦା ରୂପରେ, ତରଳ ରୂପ ଧରିଲା ବେଳକୁ ଆମେ କହୁଛୁ ଏଇଟା ପେଟ୍ରୋଲ ବା ତେଲ, ବାଷ୍ପ ରୂପରେ ରହିଛି ଆକାଶରେ । ସେଠାରେତ ସବୁବେଳେ ଅମ୍ଳଜାନ ସହିତ ଯୋଡ଼ି ହୋଇ ରହିଯାଇଛି । ଏହି ଚିଜର ଏତେ ବାହାଦୂରୀ ଥିବାରୁ ତା' ବିଷୟରେ ଜାଣିବାପାଇଁ ଗୋଟାଏ ନୂଆ ବିଦ୍ୟା ଖୋଲିଯାଇଛି । ତାହାରି ନାଁ ହେଲା 'ଜୀବ ରସାୟନ' । "ଯେଉଁଠି ଜୀବନ ସେଇଠି ଅଙ୍ଗାର" ବୋଲି କୁହାଯାଏ ।

**ଅଙ୍ଗାରକାମ୍ଳ** : ଅଙ୍ଗାର ରହିଛି ତ ତିନି ରୂପରେ - ଘନ, ତରଳ, ବାଷ୍ପ । ଏହି ବାଷ୍ପ ରୂପରେ ତାହା ରହିଛି ଆକାଶରେ ପବନ ଭିତରେ । ସେଇଟି କିନ୍ତୁ ସେଠାରେ ନିଜେ ଏକା ଏକା ନରହି ଅମ୍ଳଜାନ ସହିତ ଯୋଡ଼ି ହୋଇ ରହିଛି । ଗୋଟିଏ ଅଙ୍ଗାର ପରମାଣୁ ସହିତ ଯୋଡ଼ିଏ ଅମ୍ଳଜାନ ପରମାଣୁ ଯୋଡ଼ି ହୋଇ ରହିଥିବାରୁ ଏହାକୁ କୁହାଯାଏ ଅଙ୍ଗାରକାମ୍ଳ, ଅଙ୍ଗାରକୁ କୁହାଯାଏ କାର୍ବନ । ଅମ୍ଳଜାନର ଆଉ ଗୋଟିଏ ନାମ ହେଲା ଅକ୍‌ସିଜେନ । ତେଣୁ ବିଜ୍ଞାନ ବହିରେ ଦେଖିବ ଏହାକୁ ଲେଖାଯାଉଛି $CO_2$ । ଅଙ୍ଗାର କଥା ବୁଝାଇଲା ବେଳେ କୁହାଯାଉଛି ଯେ ବହୁ ମୌଳିକ ଉପାଦାନ ସହିତ ଏଇଟି ମିଶିଯାଇ ଗୋଟିଏ ଯୌଗିକ ବା କମ୍ପାଉଣ୍ଡ ତିଆରି କରି ଦେଇଛନ୍ତି । ଅମ୍ଳଜାନ ସହିତ ଏହା ସହଜରେ ଯୋଗ ହୋଇଯାଏ । 'ଡାଇ' ଶବ୍ଦର ଅର୍ଥ ଦୁଇ । ଗୋଟିଏ ଅଙ୍ଗାର ପରମାଣୁ ଓ ଦୁଇଟି ଅମ୍ଳଜାନ ପରମାଣୁ ଏକାଠି ହୋଇଥିବାରୁ ଅଙ୍ଗାରକାମ୍ଳ ବା କାର୍ବନ ଡାଇଅକ୍‌ସାଇଡ୍ ବୋଲି କୁହାଯାଏ । ଅଙ୍ଗାରକାମ୍ଳର ତ ଜୀବନ ନାହିଁ । ଗଛର ପତ୍ର ତା ଭିତରେ ଜୀବନ ଭରିଦିଅନ୍ତି । ଗଛର ଯେଉଁ ଶାଗୁଆ ପତ୍ର ଦେଖୁଛ ତା ଭିତରୁ ପ୍ରତ୍ୟେକଟି ହେଉଛି ଗୋଟିଏ ଗୋଟିଏ 'ଜୀବନ ତିଆରି କାରଖାନା' । ସେହି ପତ୍ରରେ ବର୍ଣ୍ଣହରିତ ବା କ୍ଲୋରଫିଲ ବୋଲି ଗୋଟିଏ ପଦାର୍ଥ ଅଛି । ଗ୍ରୀକ୍ ଭାଷାରେ 'କ୍ଲୋରୋସ୍'ର ଅର୍ଥ ସାମାନ୍ୟ ଶାଗୁଆ । 'ଫାଇଲାଲ'ର ଅର୍ଥ ପତ୍ର । ସେଥିରୁ ହୋଇଛି 'କ୍ଲୋରୋଫିଲ' । ସୂର୍ଯ୍ୟଙ୍କ ଆଲୁଅ ଓ ଏହି କ୍ଲୋରୋଫିଲ୍ ସାହାଯ୍ୟରେ ପତ୍ରଗୁଡ଼ିକ ଅଙ୍ଗାରକାମ୍ଳ ବାଷ୍ପରୁ ଅଙ୍ଗାର

"ନିଷ୍ଠାପର ଲୋକହିଁ ଅନ୍ୟର ନିଷ୍ଠାକୁ ଚିହ୍ନି ପାରିବ ।"

--କାର୍ଲାଇଲ

ତକ କାଢ଼ି ନିଅନ୍ତି ଓ ତାକୁ କଳା ବା କାଠ ରୂପରେ ଗଛ ଦେହରେ ସାଇତି ଦିଅନ୍ତି । ଅଙ୍ଗାରତକ ନେଇଗଲା ବାଦେ ଅମ୍ଳଜାନତକ ରହିଗଲା । ସେତକ ପୁଣି ପବନରେ ମିଶିଯାଏ । ଆଲୁଅ ସାହାଯ୍ୟରେ ଅଙ୍ଗାରକୁ ଆଣି ଗଛ ଦେହରେ ସାଇତିବା କାମକୁ କୁହାଯାଏ 'ଆଲୋକ ସଂଶ୍ଳେଷଣ' । ଏହାରି ଅନ୍ୟନାମ ହେଉଛି ଫଟୋ ସିନ୍ଥେସିସ୍ । ଅର୍ଥଟାକୁ ବୁଝିଗଲେ ସହଜରେ ମନେ ରହିଯିବ । 'ଫୋଟ' ଶବ୍ଦର ଅର୍ଥ ଆଲୁଅ, 'ସିନ୍' ଶବ୍ଦର ଅର୍ଥ ଏକାଠି ବା ସହିତ, 'ଥେସିସ୍' ଶବ୍ଦର ଅର୍ଥ ରଖିବା । ବର୍ତ୍ତମାନ ବୁଝାପଡିଗଲା - ଆଲୁଅ ସାହାଯ୍ୟରେ ଗଛଟି ଅଙ୍ଗାରକାମ୍ଳ ବାଷ୍ପରୁ ଅଙ୍ଗାରତକ ଆଣି ନିଜ ଦେହରେ ରଖିବା କାମଟିକୁ କାହିଁକି ଫଟୋ ସିନ୍ଥେସିସ୍ ବୋଲି କୁହାଯାଏ ।

ଆମ ଦେହ ଭିତରେ ଅଙ୍ଗାରକାମ୍ଳ ଆଉ ଗୋଟିଏ ମେଜିକ୍ ଦେଖାଉଛି । ଯେଉଁ ଅଙ୍ଗାରତକ ଗଛ ଦେହରେ ରହିଥିଲା ଧାନ, ଗହମ, ବା ଫଳ-ମୂଳ ଆକାରରେ, ତାକୁ ଆମେ ଖାଦ୍ୟ ଭାବରେ ପେଟ ଭିତରେ ପୂରାଇଲୁ । ଖାଦ୍ୟ ତା କାମ କରି ଚାଲିଲା । ଏଣେ ନାକ ବାଟେ ଯେଉଁ ପବନ ଆମ ଦେହ ଭିତରକୁ ଯାଇଥିଲା ସେଥିରେ ଥିଲା ଅମ୍ଳଜାନ । ଅଙ୍ଗାର ଓ ଅମ୍ଳଜାନ ଦେହ ଭିତରେ ନିଜ ନିଜର କାମ କଲା ଫଳରେ ସେହି ଦୁଇଟିର ମିଶ୍ରଣରେ ପୁଣି ତିଆରି ହୋଇଗଲା ଅଙ୍ଗାରକାମ୍ଳ । ଦେହ ଭିତରୁ ଏଇ ବାଷ୍ପକୁ ବାହାର କରି ନ ପକାଇଲେ ମହାବିପଦ । ତେଣୁ ବରାବର ଆମ ଦେହ ଭିତରୁ ନିଶ୍ୱାସ ଛାଡ଼ିଲାବେଳେ ତାହା ସହିତ ମଧ୍ୟ ଗୁଡାଏ ଅଙ୍ଗାରକାମ୍ଳ ବାଷ୍ପ ପଦାକୁ ବାହାରି ଆସୁଛି ଓ ପବନରେ ମିଶିଯାଉଛି । ତେଣେ ଦେହ ବାହାରେ ଆମେ କାଠ ଜାଳୁଛୁ । ଜଳିଲା ବେଳେ ଅଙ୍ଗାର ତକ ପବନରେ ଅମ୍ଳଜାନ ସହିତ ଯୋଗହୋଇ ଅଙ୍ଗାରକାମ୍ଳ ପାଲଟି ଯାଉଛି ଓ ପବନରେ ମିଶିଯାଉଛି । କୋଇଲା ଜଳିଲେ ମଧ୍ୟ ସେଇଆ ହେଉଛି । ଏହାକୁ କୁହନ୍ତି 'ଅଙ୍ଗାର ଚକ୍ର' । ପବନରୁ ଆସୁଛି, ପୁଣି ଯାଇ ପବନରେ ମିଶୁଛି ।

ଏଥିରୁ ଗୋଟିଏ କଥା ସହଜରେ ଜଣାପଡ଼ି ଯାଉଛି । ଗୋଟିଏ ନିବୁଜ ଘରେ ଯଦି ଆମେ ଶୋଇବା, କିଛି ସମୟ ପରେ ସେହି ଘରେ ଥିବା ପବନରେ ଗୁଡ଼ାଏ ଅଙ୍ଗାରକାମ୍ଳ ମିଶିଯିବ । ଅମ୍ଳଜାନର ମାତ୍ରା କମିଯିବ । ତେଣିକି ଅମ୍ଳଜାନ ଅଭାବରେ ଲୋକ ମରିଯିବ । ଆମ ଛାତି ଭିତରେ ଅତି ଛୋଟ ଛୋଟ ଓ ପତଳା ବେଲୁନ ଭଳି ଯେଉଁସବୁ ଗୋଲାକିଆ ଜୀଅନ୍ତା ରିଜ ରହିଛି ସେଗୁଡ଼ିକୁ ଫିଟାଇ ଯଦି ପାଖକୁ ପାଖ ଖେଳାଇ ଦିଆଯିବ ତାହା ୫୦ ବର୍ଗମିଟର ହୋଇଯିବ । ପ୍ରତି ଚବିଶ ଘଣ୍ଟାରେ ଜଣେ ଲୋକ ଛାତି ଭିତରୁ ୧୩୦୦ ଗ୍ରାମ ଅଙ୍ଗାରକାମ୍ଳ ଛାଡୁଛି । ପୃଥିବୀରେ ଥିବା ସବୁ ମଣିଷ ବର୍ଷକୁ ପ୍ରାୟ ୧୦୦ କୋଟି ଟନ ଅଙ୍ଗାରକାମ୍ଳ ବାୟୁମଣ୍ଡଳକୁ ଛାଡୁଛନ୍ତି । ଏ ସବୁ କଥା ଜଣାପଡ଼ିଲା ମାତ୍ର ଦୁଇଶହ ବର୍ଷ ପୂର୍ବେ - ୧୭୮୩ରେ ।

ଯେମିତି ଭାବରେ କୁହାଯାଉଛି ସେଥିରୁ କେବେହେଲେ ବିଗ୍ଭରିବା ଠିକ୍ ନୁହେଁ ଯେ ପବନରେ ଅଙ୍ଗାରକାମ୍ଳ ଭର୍ତ୍ତି ହୋଇ ରହିଛି । ଧର ଦଶ ହଜାର ଭାଗ ପବନ ଆମେ ନେଲେ । ସେଥିରେ ମୋଟ ତିନିଭାଗ ରହିଛି ଅଙ୍ଗାରକାମ୍ଳ । ବିଜ୍ଞାନୀମାନେ କହୁଛନ୍ତି, ଏତିକି କମ ପରିମାଣର ଥିଲେ ମଧ୍ୟ ପୃଥିବୀର ବାୟୁମଣ୍ଡଳରେ ଯେତେକ ଅଛି ସେତକ ଓଜନ କରିଦେଲେ ହେବ ଦୁଇ ଲକ୍ଷ କୋଡ଼ିଏ ହଜାର କୋଟି ଟନ ।

ଏହି ଯେଉଁ ଅଙ୍ଗାରଚକ୍ର ବା ଅଙ୍ଗାରକାମ୍ଳ ଚକ୍ର ଘୁରୁଛି ତାହା ଯଦି ଘୁରୁ ନଥାନ୍ତା ତେବେ ଜୀବଜନ୍ତୁ,

---

"ଶିଶୁମାନେ ଭଗବାନଙ୍କ ଦୂତ । ପ୍ରେମ, ଆଶା ଓ ଶାନ୍ତିର ବାଣୀ ପ୍ରଗ୍ଭର ପାଇଁ ସେମାନଙ୍କୁ ପ୍ରତିଦିନ ଏ ସଂସାରକୁ ପଠାଯାଉଛି ।"

--ଲୋଏଲ

ମଣିଷ ସମସ୍ତଙ୍କର କେତେ ଯେ କ୍ଷତି ହୁଅନ୍ତା ତାହାର ସୀମା ନାହିଁ । ଏହି ଚକ୍ରକୁ ଘୁରାଉଛନ୍ତି ଗଛ ପତ୍ର । ସେଥିପାଇଁ କୁହାଯାଏ, ଆଖି ବୁଜି ଗଛ ଗୁଡ଼ିକୁ କାଟି ପକାଇଲେ ଏହି ଚକ୍ର ଠିକ୍ ଠିକ୍ ଭାବରେ ଘୁରିପାରିବ ନାହିଁ ଓ ସମସ୍ତଙ୍କର କ୍ଷତି ହେବ ।

**ଅଙ୍ଗୁର :** ଦେହକୁ ସୁସ୍ଥ ରଖିବାକୁ ହେଲେ ନାନା ପ୍ରକାରର ଖାଦ୍ୟ ଦରକାର । କାରଣ ଭିନ୍ନ ଭିନ୍ନ ପ୍ରକାର ଖାଦ୍ୟରେ ନାନା ପ୍ରକାରର ଉପକାରୀ ରସ, ଭିଟାମିନ୍, ଲୁହା, କାଲସିୟମ ପ୍ରଭୃତି ରହିଛି । ସବୁ ଫଳରେ କିଛି କିଛି ଉପକାରୀ ଚିଜ ଥିବାରୁ ପ୍ରତିଦିନ ଗୋଟାଏ ନା ଗୋଟାଏ ଫଳ ଖାଇବା ଭଲ । ଅଙ୍ଗୁର ଓ ଆମ୍ବ ସେହିଭଳି ଉପକାରୀ ଫଳ । ଅଙ୍ଗୁରର ଗୁଣ ଜଣାପଡ଼ିଲା ପରେ କେହି କେହି ତାକୁ 'ସଭ୍ୟତାର ଫଳ' ବୋଲି କହିଲେ । ଏହି ଲତା - ଫଳ ନାନା ରଙ୍ଗର ଦେଖିବାକୁ ମିଳେ - ଶାଗୁଆ, ହଳଦିଆ, ଲାଲ, ନେଳିଆସିଆ, କାଳିଆ ଓ ଛଉ ଛଉକା । ଖୁବ୍ ଛୋଟ ଛୋଟ ଫଳ ହୁଏ । ବଡ଼ ବଡ଼ ଫଳ ବି ଦେଖାଯାଏ । ଭିତରେ ଛୋଟ ଛୋଟ ମଞ୍ଜି, କିନ୍ତୁ ମଞ୍ଜି ନଥିବା ଅଙ୍ଗୁର ମଧ୍ୟ ଉତରା ଗଲାଣି । ଶହ ଶହ ଜାତିର ଏହି ଫଳ ରହିଛି । ମାଟି ଓ ଜଳବାୟୁ ଭେଦରେ ଏହାର ସୁଆଦ ଭିନ୍ନ ଭିନ୍ନ ପ୍ରକାରର । ଲତାଟି ୫୦ ବର୍ଷ ପର୍ଯ୍ୟନ୍ତ ବଞ୍ଚେ । ଏହି ଫଳକୁ ଶୁଖାଇ ଖିସ୍‌ମିସ୍ କରି ଦିଆଯାଏ । ଖାଇବା ଅଙ୍ଗୁର, ଖିସ୍‌ମିସ୍ ଅଙ୍ଗୁର, ମିଠା ରସଖିଆ ଅଙ୍ଗୁର, ମଦ ଅଙ୍ଗୁର - ଏହିଭଳି ଭିନ୍ନ ଭିନ୍ନ ଜାତିର ଅଛି । ଅନ୍ୟ ଫଳ ତୁଳନାରେ ଏଥିରେ ବେଶୀ କାଲୋରୀ ରହିଛି । ଆମ ଦେଶରେ ପଞ୍ଜାବ, କାଶ୍ମୀର, ହିମାଚଳ ପ୍ରଦେଶ ଓ କର୍ଣ୍ଣାଟକରେ ବହୁଲୋକ ଅଙ୍ଗୁର ଚାଷ କରନ୍ତି । ଅଳ୍ପ ହେଲେ ମଧ୍ୟ ଓଡ଼ିଶାରେ ଏହି ଚାଷ ହେଲାଣି । ଏହାର ଏତେ ଭଲ ଗୁଣ ଥିବାରୁ ଏହା ବିଷୟରେ ପଶ୍ଚିମ ରାଇଜରେ କେତେ ଗପ, ଗୀତ ସବୁ ରହିଛି । ଏଇଟି ଅତି ଆଦରର ଫଳ ହୋଇଥିବାରୁ ସଂସ୍କୃତ ଭାଷାରେ ମଧ୍ୟ ଏହାର ବହୁ ନାମ ରହିଛି ।



(ଅଙ୍ଗୁର ପେନ୍ଥା)

**ଅଙ୍ଗୁଳି :** ଗୋଟିଏ କଥାକୁ ଲକ୍ଷେ ଥର ଶୁଣିଲା ପରେ ମଧ୍ୟ ଆଉଥରେ ଶୁଣିଲା ବେଳକୁ ମନେ ହେବ ସତେ ଯେପରିକି ନୂଆ କିଛି ଶୁଣୁଛ । ଏହାର କାରଣ ହେଲା, ଯେତେ ପ୍ରକାରେ କହିଲେ ମଧ୍ୟ ତାର ଗୁଣ ବୁଝାଇବା କାମ ସରେନାହିଁ । ଆମର ଯେଉଁ ଅଙ୍ଗୁଳି ଅଛି ସେଇଟି ସେମିତିକା ଗୋଟିଏ କଥା । ଲେଖିବାକୁ ମନ ହେଉଥିବ, କଲମ ନାହିଁ । ମନ କଥା ମନରେହିଁ ରହିବ । ଗୀତ ସାଙ୍ଗକୁ ବାଜା ବା ବାଦ୍ୟଯନ୍ତ୍ରଟିଏ ନହେଲେ ଚଳୁନାହିଁ । ସେତକ ନାହିଁ ବୋଲି ଯେମିତି ଢଙ୍ଗରେ ଗୀତ ଗାଇବାର କଥା ତାହା ହୋଇ ପାରୁନାହିଁ । ଲୁଗାଟି ସିଲାଇ କରିବାକୁ ମନ, ଛୁଞ୍ଚି ସୂତା ନାହିଁ । ମୋଟ ଉପରେ ଗୋଟିଏ କିଛି କାମ କରିବାକୁ ଗଲେ ଛୋଟ ବଡ଼ ଯନ୍ତ୍ରଟିଏ ଦରକାର ପଡୁଛି । ସେଇଟି ଛୁଞ୍ଚି ହେଉ, ଶାବଳ ହେଉ, ଟାଇପ୍ ମେସିନ ହେଉ ବା ଛାପାକଳ ହେଉ ।

"ଜଣେ ଯଦି ପ୍ରକୃତରେ ହସିପାରୁଛି, ସେ ଦରିଦ୍ର ନୁହେଁ ।"

--ହିତକକ୍

କେତେ ଲକ୍ଷ ବର୍ଷ ପୂର୍ବେ ଏମିତିକା ଗୋଟିଏ ବଡ଼ ଅସୁବିଧା ଦେଖାଦେଲା । ପ୍ରକୃତି ବଡ଼ ବଡ଼ ଜୀବସବୁ ତିଆରି କଲା । ଅନେକଙ୍କର ଚାରି ଚାରିଟା ଗୋଡ଼ । ମାଆଠାରୁ କ୍ଷୀର ଖାଉଛନ୍ତି । ଖୁବ୍ ଜୋରରେ ଦଉଡୁଛନ୍ତି । ପ୍ରକୃତିର ଅନ୍ୟ ନାମ ଭଗବାନ । ସମସ୍ତେ କୁହନ୍ତି, ଭଗବାନ କେତେ ସୁନ୍ଦର ସୁନ୍ଦର ଚିଜସବୁ ତିଆରି କରିଛନ୍ତି । କିନ୍ତୁ ଭଗବାନଙ୍କର ମନ ମାନୁନାହିଁ । ଜୀବକୁ ଚାରିଟା ଗୋଡ଼ ସିନା ଦେଇଛନ୍ତି । ସେଥିରେ ସେ କଣ ବା କରୁଛି ? ଚାଲୁଛି, ଦଉଡୁଛି, ଖାଇବା ଚିଜ ସଂଗ୍ରହ କରି ପେଟ ପୂରାଉଛି, ଛୁଆ ଜନ୍ମ କରୁଛି । ସେଇଠି ତା କାମ ସରିଗଲା । ସେ ସବୁ ଜୀବତ ଦୁନିଆକୁ ଟିକିଏ ନୂଆ ଛାଞ୍ଚରେ ପକାଇବାକୁ କିଛି କରୁନାହାନ୍ତି । ସେଭଳି କରିବାର ଶକ୍ତି ସେମାନଙ୍କର ନାହିଁ । ଏମିତି ଭାବୁଭାବୁ ପ୍ରକୃତି ମୁଣ୍ଡରେ ଗୋଟିଏ କଥା ପଶିଗଲା । ଅନ୍ୟ କିଛି କାମ କରିପାରନ୍ତା । ଏମିତି ଭାବୁ ଭାବୁ ମଣିଷକୁ ସେ ଦୁଇଗୋଡ଼ିଆ କରିଦେଲେ । ଆଗ ଗୋଡ଼ ଦୁଇଟା ଦେହରେ କିଛି କିଛି ଆଙ୍ଗୁଠି ଖଞ୍ଜିଦେଲେ । ସେଭଳି ଖଞ୍ଜିବାର ଉଦ୍ଦେଶ୍ୟ ହେଲା, ସେହି ହାତରେ ସେ କିଛି ନୂଆ ନୂଆ କଥା କରିପାରିବ । ସବୁ ଜୀବଙ୍କ ଉପରେ ମଣିଷ । ତାହାର ଖପୁରୀ ଭିତରେ ଗୋଟିଏ ମସ୍ତିଷ୍କ ଅଛି । ତାକୁହିଁ 'ମଗଜ' ବୋଲି କୁହନ୍ତି । ସେହି ମଗଜ ଭିତରେ ଏମିତିକା ବୁଦ୍ଧି ସାଇତି ଦିଆଯାଇଛି ଯେ ମଣିଷ ଅନେକ କିଛି କଥା ଭାବି ପାରୁଛି, ବହୁତ କିଛି କରିବାକୁ ଇଚ୍ଛା କରୁଛି । ସେଥିପାଇଁ ତା ପାଖରେ ଗୋଟାଏ ଯନ୍ତ୍ର ରହିବା ଦରକାର । ପ୍ରକୃତି ଭାବିଲା ହାତଟା ସେହି ଯନ୍ତ୍ର କାମ କରିବ । କିନ୍ତୁ ସେଇଟା କିଛି ସହଜ କଥା ନଥିଲା । ହାତରେ ଖାଲି ପାଞ୍ଚଟା ଆଙ୍ଗୁଠି ଖଞ୍ଜିଦେଲେ ଚଳିଲା ନାହିଁ । ସେହି ଆଙ୍ଗୁଠି ଗୁଡ଼ାକ



୧ ୨ ୩ ୪ ୫ ୬ ୭ ୮

(୧ ବୋଲି ଲେଖା ଯାଇଛି ମନୁଷ୍ୟ ହାତ ତଳେ, ୨ ଗରିଲା, ୩ ସିମ୍ପାଞ୍ଜି, ୪ ଉରାଙ୍ଗଉଟାଙ୍ଗ, ୫ ଗିବନ, ୬ ରେସସ ମାଙ୍କଡ଼, ୭ ବାବୁନ୍, ୮ ଆଉ ଗୋଟିଏ ଜାତି (ଉଲୀ) ମାଙ୍କଡ଼ର ହାତ । ସମସ୍ତଙ୍କରତ ପାଞ୍ଚ ଆଙ୍ଗୁଠି ଓ ସେଥିରୁ ଗୋଟିଏ ବୁଢ଼ା ଆଙ୍ଗୁଠି - ଲକ୍ଷ୍ୟ କଲେ ଦେଖିବା ସେମାନଙ୍କର ବୁଢ଼ା ଆଙ୍ଗୁଠି ଏମିତି ଅବସ୍ଥାରେ ରହିଛି ଯେ ସେମାନେ ଆମଭଳି ମୁଠା କରିପାରିବେ ନାହିଁ ।)

ଚାରିଟାଯାକ ଗୋଡ଼କୁ ଚାଲିବା କାମରେ ନ ଲଗାଇ ଦୁଇଟାରେ ଯଦି ସେହି କାମ ହୋଇଯା'ନ୍ତା ତାହେଲେ ତ ବହୁତ କିଛି ହୁଅନ୍ତା । ଆଉ ଯେଉଁ ଦୁଇଟା ଗୋଡ଼ ରହିଲା ତାକୁ ହାତ କରିଦିଆଯାଆନ୍ତା । ସେଥିରେ ସେ

"ଆମେ ପ୍ରଥମେ ଅଭ୍ୟାସ ସୃଷ୍ଟି କରୁ - ତା'ପରେ ତ ଅଭ୍ୟାସ ତା' ଛାଞ୍ଚରେ ଆମକୁ ପକାଇ ଦିଏ ।"

--ଡାଇଡେନ୍

ଖଞ୍ଜିବା ବେଳକୁ ଦେଖାଗଲା ଯେ ସେଥିରେ ସବୁକାମ ହେଉନାହିଁ । ନିଜ ହାତ ଦେଖ । ଭଲକରି ଲକ୍ଷ୍ୟକର । ପାଞ୍ଚଟି ଆଙ୍ଗୁଠି କେମିତି ଖଞ୍ଜା ଯାଇଛି ଦେଖ । ହାତଟିକୁ ମୁଠାକର । ଦେଖିବ ଚାରୋଟି ଆଙ୍ଗୁଠି ତଳମୁହାଁ ହୋଇ ରହିଗଲା ପରେ ବୁଢ଼ା ଆଙ୍ଗୁଠିଟି ବିଶି ଆଙ୍ଗୁଠି ଉପରେ କେମିତି ମାଡ଼ି ହୋଇ ରହୁଛି । ତାହାହେଲେ ମୁଠାଟା ଠିକ୍ ଟାଣ ହୋଇ ରହୁଛି । ଆମେ ଯେତେବେଳେ ଲେଖୁଛେ ସେତେବେଳେ ବୁଢ଼ା ଓ ବିଶି ଆଙ୍ଗୁଠିରେ କଲମକୁ ଧରୁଛୁ ଓ ତା' ତଳେ ମଝି ଆଙ୍ଗୁଠି ଆଶ୍ରା ଦେଲା ଭଳି ରହୁଛି । ତେବେ ଯାଇ ଆମେ ଲେଖି ପାରିବୁ । ଆମେ ଯେତେବେଳେ ହାର୍ମୋନିୟମ ବା ବେହେଲା ବଜାଉଛୁ ସେତେବେଳେ ପାଞ୍ଚ ଆଙ୍ଗୁଠିଯାକ କେମିତି କାମରେ ଲାଗୁଛନ୍ତି ଦେଖ । ଯେତେବେଳେ କିଛି ଗୋଟାଏ ସିଲେଇ କରୁଛୁ ସେତେବେଳେ କେଉଁ ଆଙ୍ଗୁଠି କେମିତି ରହୁଛି ଲକ୍ଷ୍ୟ କର । ଆନନ୍ଦରେ ତାଳି ମାରିଲାବେଳେ ବି ହାତର ଦଶ ଆଙ୍ଗୁଠିଯାକ କେମିତି ରହେ ତୁମେସବୁ ଜାଣ । ଅସଲ କଥା ହେଲା ଆଙ୍ଗୁଠି ଗୁଡ଼ିକୁ ଟିକିଏ ଛୋଟ ବଡ଼କରି ଏମିତି ଭାବରେ ଖଞ୍ଜାଯାଇଛି ଯେ ମଣିଷ ହାତରେ ବହୁତ କିଛି କରି ପାରୁଛି । ବୁଢ଼ା ଆଙ୍ଗୁଠିଟା ଯଦି ଆହୁରି ବଡ଼ ହୋଇଥାନ୍ତା ଓ ଆହୁରି ଛୋଟ ହୋଇଥାନ୍ତା ହାତଟା କେମିତି ଆଜି ଯାହା କରୁଛି ତାହା କରିପାରନ୍ତା ନାହିଁ ସେକଥା ବେଶ୍ ଅନୁମାନ କରି ପାରିବ । ଅଙ୍ଗୁଳି ଗୁଡ଼ିକ ଯଦି ସିଧା ଲମ୍ବା ହାଡ଼ରେ ତିଆରି ହୋଇଥା'ନ୍ତା ତେବେ ବି କାମ ଚଳନ୍ତା ନାହିଁ । ସେଥିପାଇଁ ତାକୁ ତାହାର ତିନୋଟି ପବରେ ଭାଗ କରିଦିଆଯାଇଛି । ପ୍ରତ୍ୟେକ ପବ ଗୋଟିଏ ଗୋଟିଏ ହାଡ଼ । କେବଳ ବୁଢ଼ା ଆଙ୍ଗୁଠିର ଯୋଡ଼ିଏ ପବ ଓ ସେ ଦୁଇଟି ଖୁବ୍ ମଜବୁତ୍ । ଏମିତି ଆଙ୍ଗୁଳି ଖଞ୍ଜାଯାଇଥିବା ଗୋଟିଏ ହାତ ମଣିଷର ଥିବାରୁ ସେ ଅତି ସୂକ୍ଷ୍ମ ତାରକସି କାମ କରିବାଠାରୁ ଆରମ୍ଭ କରି କାଠ କରତିବା ଭଳି କାମ ସହଜରେ କରି ପାରୁଛି ।




(ମଣିବନ୍ଧ ବା କଚଟି ପାଖରୁ ଆଙ୍ଗୁଳିର ଶେଷମୁଣ୍ଡ ପର୍ଯ୍ୟନ୍ତ ୧୨ରୁ ୧୫ ସେ.ମି ଲମ୍ବର ଯେଉଁ ଆଙ୍ଗୁଠିକୁ ଆମେ ହାତ ବୋଲି କହୁଛୁ, ସେଇଟିକୁ ତିଆରି କରିବା ପାଇଁ ଲୋଡ଼ା ହୋଇଛି ସତେଇଶ ଖଣ୍ଡ ହାଡ଼ । କେବଳ କଚଟିରେ ଆଠଖଣ୍ଡ ଛୋଟ ଛୋଟ ହାଡ଼ ଖଞ୍ଜା ହୋଇଛି । ମନୁଷ୍ୟର ହାତ ଓ ଆଙ୍ଗୁଠି ଗୁଡ଼ିକୁ ଏତେ ସୂକ୍ଷ୍ମ କାର୍ଯ୍ୟ କରିବାକୁ ପଡୁଛି ବୋଲି ସେହି ଯନ୍ତ୍ରଟିକୁ ତିଆରି କରିବା ପାଇଁ ଏତେଗୁଡ଼ିଏ ହାଡ଼ ବା ପାଟ୍ ଦରକାର ହେଲା ।)

"ସବୁଠାରୁ ବଡ଼ ଅଜ୍ଞତା ହେଲା ଗୋଟାଏ ବିଷୟରେ ଖୁବ୍ ଜାଣିଛି ବୋଲି ଗର୍ବ କରିବା ।"

--ଜେ. ଟେଲର

### ଅନ୍ୟ କେତେକଙ୍କର ମଧ୍ୟ ପାଞ୍ଚ ଆଙ୍ଗୁଠି

ବହୁ ଜାତିର ମାଙ୍କଡ଼ଙ୍କର ଆମରି ଭଳି ହାତ ଓ ପାଞ୍ଚ ଆଙ୍ଗୁଠି ଅଛି । କିନ୍ତୁ ଆମ ଆଙ୍ଗୁଳି ଗୁଡ଼ିକୁ ଏପରି ଢଙ୍ଗରେ ଖଞ୍ଜା ଯାଇଛି ଓ ଏପରି ଗୋଟିଏ ବିଚିତ୍ର ବୁଢ଼ା ଆଙ୍ଗୁଠି ତିଆରି କରାଯାଇଛି ଯେ ସମସ୍ତଙ୍କ ଭିତରେ ଆମେ ପାଇଯାଇଛୁ ଶ୍ରେଷ୍ଠ ହାତ । ଅନ୍ୟମାନେ ପାଞ୍ଚ ଆଙ୍ଗୁଠିଆ ହାତ ପାଇଲେ ମଧ୍ୟ ଆମଭଳି ମୁଠାକରି ପାରିବେ ନାହିଁ । ସେମାନଙ୍କର ବୁଢ଼ା ଆଙ୍ଗୁଠି ଅନ୍ୟ ପାଞ୍ଚ ଆଙ୍ଗୁଠିଙ୍କ ମୁରବୀ ହୋଇପାରିବ ନାହିଁ ।

୨୭ ପୃଷ୍ଠାର ଚିତ୍ରଟିକୁ ଦେଖ । ପାଖକୁ ପାଖ ଆଠଟି ହାତ ଦେଖାଇ ଦିଆଯାଇଛି । ଯାହା ତଳେ ୮ ଲେଖା ଯାଇଛି ସେଇଟି ହେଉଛି ଉଲୀ ନାମକ ଗୋଟିଏ ମାଙ୍କଡ଼ର ହାତ । ତାହାର ବୁଢ଼ା ଆଙ୍ଗୁଠିକୁ ଲକ୍ଷ୍ୟ କର । ଅନ୍ୟ ଚାରି ଆଙ୍ଗୁଠି ସହିତ ତାହାର ସଂପର୍କ ରହିପାରୁନାହିଁ । ୭ ଉପରେ ଲେଖାଥିବା ହାତଟି ବାବୁନର । ଚାରିଟା ଆଙ୍ଗୁଠି ଫର୍ଚ୍ଚା ଫର୍ଚ୍ଚା ରହିଯାଇଥିବାରୁ ଓ ବୁଢ଼ା ଆଙ୍ଗୁଠି ଛୋଟ ହୋଇଥିବାରୁ ସେ ମୁଠା କରିପାରୁନାହିଁ । ୬ ଉପରେ ରହିଛି ରେସସ୍ ମାଙ୍କଡ଼ ହାତ । ବୁଢ଼ା ଆଙ୍ଗୁଠିକୁ ଖଞ୍ଜିଲା ବେଳେ ଏମିତି ଭୁଲ କରିଦିଆଯାଇଛି ଯେ ତା ପକ୍ଷରେ ମୁଠା କରିବା ଅସମ୍ଭବ । ୫ ଉପରେ ଗିବନର ହାତ । ସେଥିରେ ପ୍ରକୃତି ଅନେକ କିଛି ଭୁଲ କରି ଦେଇଛି । ଯେଉଁ ଓରାଂଉଟାଙ୍ଗ୍ ବାନର କଥା ଏତେ ଶୁଣିଛେ ତାହାର ମଧ୍ୟ ସେହି ଦଶା (୪) । ୩ ଉପରେ ସିମ୍ପାଞ୍ଜି ହାତ । ମଣିଷ ହାତ ସହିତ ସମାନ ହୋଇ ଆସୁଥିଲା ବେଳେ ବୁଢ଼ା ଆଙ୍ଗୁଠିଟିକୁ ଖଞ୍ଜିବାରେ ଭୁଲ ରହିଗଲା । ପ୍ରକୃତିର ଶେଷ ଜୀବ ସୃଷ୍ଟି ହେଉଛି ଗରିଲା । ୨ ଉପରେ ତାହାର ହାତକୁ ଦେଖ । ଆଙ୍ଗୁଠି ଗୁଡ଼ାକ ଫର୍ଚ୍ଚା ଫର୍ଚ୍ଚା ହୋଇଛି । ୧ ଉପରେ ରହିଛି ମଣିଷ ହାତ ।

ହାତରେ ପାଞ୍ଚ ଆଙ୍ଗୁଠି ଥିଲା ଭଳି ଆମ ଗୋଡ଼ରେ ମଧ୍ୟ ପାଞ୍ଚ ଆଙ୍ଗୁଠି ଅଛି । କିନ୍ତୁ ସେଗୁଡ଼ିକ ଛୋଟ ଛୋଟ । ସେଗୁଡ଼ିକୁ ସୃଷ୍ଟି କରାଯାଇନାହିଁ ଲେଖିବା ପାଇଁ; ପାଦକୁ ମୁଠାଭଳି କରିବା ପାଇଁ ବା ବାଜା ବଜାଇବା ଇତ୍ୟାଦି କାର୍ଯ୍ୟ କରିବା ପାଇଁ । ଆମ ହାତର ପାଞ୍ଚ ଆଙ୍ଗୁଠିକୁ ଏକତ୍ର ନାମ ଦିଆଯାଇଛି "ଅଙ୍ଗୁଳି ପଞ୍ଚକ" । ବୁଢ଼ା ଅଙ୍ଗୁଳିକୁ ଅଙ୍ଗୁଷ୍ଠ, ଵିଶି ଆଙ୍ଗୁଠିକୁ ତର୍ଜନୀ, ମଝିକୁ ମଧ୍ୟମା, ପରିକୁ ଅନାମିକା ଓ କାଣି ଆଙ୍ଗୁଠିକୁ କନିଷ୍ଠ ବୋଲି କୁହାଯାଏ ।

**ଅଚ୍ୟୁତାନନ୍ଦ :** ଏଭଳି ଜଣେ ଜଣେ ଲୋକ ଜନ୍ମ ହୁଅନ୍ତି ଯେ ଆରମ୍ଭରୁ ଜଣାପଡୁଥାଏ ସେ ସେଭଳି କିଛି ବଡ଼ ହେବେ ନାହିଁ । କିନ୍ତୁ ଦିନେ ଦେଖିଲା ବେଳକୁ ଲକ୍ଷ ଲକ୍ଷ ଲୋକ ତାଙ୍କୁ ମହାପୁରୁଷ ବୋଲି କୁହନ୍ତି । କଟକ ଜିଲାର ନେମ୍ପାଳର ଅଚ୍ୟୁତାନନ୍ଦ ସେହିଭଳି ଜଣେ । ନିଜ ସାଧନାବଳରେ ସେ ଧର୍ମ, ପୁରାଣର ବହୁ ସାରକଥା ଜାଣିଗଲେ ଓ ଅନେକ ଗୁଡ଼ାଏ ବହି ଲେଖିଗଲେ । ସେ ଗୁଡ଼ିକ ଓଡ଼ିଆ ଭାଷା ଓ ସାହିତ୍ୟର ଅମୂଲ୍ୟ ସଂପଦ ହୋଇ ରହିଲା । ପାଞ୍ଚଶହ ବର୍ଷ ପୂର୍ବେ ସେ ବହି ଲେଖୁଥିଲେ । ଏମିତି ହେଲା ଯେ ତାଙ୍କରି ସାଙ୍ଗକୁ ଆଉ ଚାରିଜଣ ବାହାରିଲେ । ସେମାନଙ୍କୁ କୁହାଗଲା 'ପଞ୍ଚସଖା' । ସେମାନଙ୍କର ନାମ ହେଲା - ବଳରାମ, ଜଗନ୍ନାଥ, ଯଶୋବନ୍ତ ଓ ଅନନ୍ତ । ଏବେବି ପ୍ରତିବର୍ଷ ଜ୍ୟେଷ୍ଠ ପୂର୍ଣ୍ଣିମା ଦିନ ନେମ୍ପାଳଠାରେ ହଜାର ହଜାର ଲୋକ ରୁଣ୍ଡ ହୁଅନ୍ତି ଓ ତାଙ୍କର ଗୁଣଗାନ କରନ୍ତି । ସେ 'ମାଳିକା' ବୋଲି ଯାହା ଲେଖି ଯାଇଥିଲେ ତାହା ଓଡ଼ିଶାର ସବୁ ଅଞ୍ଚଳର ଲୋକେ ପଢ଼ନ୍ତି ।

**ଅଜଗର :** ଦୁନିଆର ଚାରିଆଡ଼େ ବୁଲି ଆସିଲେ ଦେଖାଯିବ ଯେ ହଜାର ହଜାର ଜାତିର ସାପ ଅଛନ୍ତି । ସବୁ ସାପଙ୍କର ବିଷ ଅଛି ବୋଲି ଧାରଣା ହୋଇଯାଇଥିବାରୁ ଏହାର ନାଁ ଶୁଣିଲେ ପ୍ରାୟ ସମସ୍ତେ ଡରିଯା'ନ୍ତି । କିନ୍ତୁ ଏକଥା ସତଯେ ଶହକେ ନବେ ଜାତିର ସାପଙ୍କର ଆଦୌ ବିଷ ନାହିଁ । ସେମାନେ ମୂଷା,

"ବିଜୟର ମହତ୍ତ୍ୱ କ୍ଷମାରେ ହିଁ ପ୍ରକାଶ ପାଏ ।"
--ମାଜିନି

## ୩୦ ଅଜଗର - ଅଜନ୍ତା

ବେଙ୍ଗ, ଠେକୁଆ ଛୋଟ ଛୋଟ ଜୀବଜନ୍ତୁ ଖାଇ ରହିଥା'ନ୍ତି । ମୂଷା ଇତ୍ୟାଦି ଖାଇଯିବାରୁ ଲୋକଙ୍କର ଉପକାର ମଧ୍ୟ କରନ୍ତି ।



(ଅଜଗର)

ଅଜଗର ବୋଲି ଯେଉଁ ସାପ ଅଛି ତା'ର ବିଷ ନାହିଁ । କିନ୍ତୁ ତା' ଦେହରେ ଏତେ ବଳ ଯେ ସେ ଯଦି ଗୋଟିଏ ଜୀବ ଦେହରେ ଗୁଡ଼ାଇ ହୋଇଯାଇ ଭିଡ଼ିଦେବ ସେ ଜୀବର ହାଡ଼ସବୁ ଭାଙ୍ଗି ତାହା ପିଣ୍ଡୁଳା ଭଳି ହୋଇଯିବ ଓ ତାକୁ ଅଜଗର ଗିଳିଦେବ । ଗୋଟାଏ ଗୋଟାଏ ହରିଣ, ବାଘ ବା ଘୋଡ଼ାଙ୍କର ମଧ୍ୟ ଏହି ଦଶା ହୋଇପାରେ । ବଡ଼ ବଡ଼ ଗଛ ଦେହରେ ନିଜ ଲମ୍ବା ଦେହଟାକୁ ଗୁଡ଼ାଇ ସେ ରହିଯାଇଥାଏ । ଗୋଟିଏ ଜୀବ ତା' ତଳେ ଗଲେ ସେ ତାକୁ ମୁଣ୍ଡିଆଟାଏ ପକାଇ ତଳେ ପକାଇଦିଏ ଓ ଗୁଡ଼ାଇ ହୋଇଯାଏ । ଏହାର ଚମଡ଼ାଟି ଦେଖିବାକୁ ଭାରି ସୁନ୍ଦର । ଏଇ ଚମଡ଼ାରେ ଯୋତା ଓ ଭଲ ଭଲ ବ୍ୟାଗ ତିଆରି ହୁଏ । ଥରକେ ପନ୍ଦରରୁ କୋଡ଼ିଏଟା ଅଣ୍ଡା ଦିଏ । ଗୋଟାଏ ଗୋଟାଏ ଅଜଗରଙ୍କର ଲମ୍ବ ଦଶ ମିଟର ବା ବତିଶ ତେତିଶ ଫୁଟ ହୋଇଥାଏ । ଅଳ୍ପ ଲମ୍ବର ଅଜଗର ମଧ୍ୟ ଅଛନ୍ତି । ଆମ ଦେଶରେ ଲୋକଙ୍କ ଧାରଣା ଥିଲା ଯେ ଅଜଗର ଛେଳିକୁ ଖାଇଦିଏ । ସଂସ୍କୃତରେ ଅଜ ଅର୍ଥ ଛେଳି । ତେଣୁ ଏହାକୁ ' ଅଜଗର ' ବୋଲି କୁହାଗଲା ।

**ଅଜନ୍ତା :** ପଥର ଦେହରେ ଅତି ସୁନ୍ଦର ଭାବରେ ଚିତ୍ର ଆଙ୍କିବାଟା ଥିଲା ଭାରତୀୟ ମାନଙ୍କର ଗୋଟାଏ ସ୍ୱତନ୍ତ୍ର ପ୍ରକାରର ବାହାଦୁରୀ । ହଜାର ହଜାର ବର୍ଷ ତଳର ସେହିସବୁ ଚିତ୍ର ଏପର୍ଯ୍ୟନ୍ତ ମଧ୍ୟ ରହିଛି ଓ ବିଦେଶରୁ ଯେଉଁମାନେ ଭାରତକୁ ଆସୁଛନ୍ତି ସେମାନେ



(ଅଜନ୍ତା ଗୁମ୍ଫା ଚିତ୍ର)

ସେଗୁଡ଼ିକୁ ଦେଖି ଆଶ୍ଚର୍ଯ୍ୟ ହୋଇଯାଉଛନ୍ତି । ୨୯ଟି ଗୁମ୍ଫା ଭିତରେ ବୌଦ୍ଧ ଜାତକର ଘଟଣାବଳୀ ଅତି ସୁନ୍ଦର ଭାବରେ ଅଙ୍କାଯାଇଛି । ସେହି ଗୁଡ଼ିକୁ ଅଜନ୍ତା ବୋଲି କୁହାଯାଏ । ମହାରାଷ୍ଟ୍ର ପ୍ରଦେଶରେ ଔରଙ୍ଗାବାଦ ଜିଲାର ଇନ୍ଦାଦ୍ରି ପର୍ବତରେ ଏହିସବୁ ଗୁମ୍ଫା ରହିଛି । ୨୨୦୦ ବର୍ଷ ପୂର୍ବେ ଏଗୁଡ଼ିକ ଅଙ୍କାଯାଇଥିଲା । ଏଇଟି ହେଉଛି ଯୀଶୁଖ୍ରୀଷ୍ଟ ଜନ୍ମ ହେବାର ଦୁଇଶହ ବର୍ଷ ପୂର୍ବର ଘଟଣା । ୯୦୪ ବର୍ଷ ଲାଗି ଏଗୁଡ଼ିକ ଅଙ୍କାଯାଇଛି

---

''ପ୍ରତ୍ୟେକ ମହତ କାର୍ଯ୍ୟ ପ୍ରଥମେ ଅସମ୍ଭବ ବୋଲି ଜଣାପଡ଼େ ।''

--କାର୍ଲାଇଲ

ବୋଲି କୁହାଯାଏ । ବୁଦ୍ଧଙ୍କ ଜୀବନର ଘଟଣା, ବିଭିନ୍ନ ରକମ ଫୁଲ ଫଳ, ଇତିହାସର ନାନା ଘଟଣା ଏହି ସବୁ ଚିତ୍ରରେ ଅଛି ।

**ଅଟର** : ଆମ ଦେଶରେ ଯାହାକୁ ଓଧ ବୋଲି କୁହନ୍ତି ତାକୁ ଇଂରାଜୀରେ ଅଟର ବୋଲି କୁହାଯାଏ । କିନ୍ତୁ ସମୁଦ୍ରରେ ମାଆଠାରୁ କ୍ଷୀର ଖାଉଥିବା ଯେଉଁ ଜୀବଟି ବରାବର ରହିଛି ଓ ଭୂଇଁ ଉପରକୁ ଆସୁନାହିଁ ତାକୁ ସମୁଦ୍ର ଅଟର ବୋଲି କୁହାଯାଏ । ଥଣ୍ଡା ଧରିବ ନାହିଁ ବୋଲି ତା' ଦେହରେ ବହଳିଆ ଲୋମ ରହିଛି । ସେହି ଲୋମ ଦେଖିବାକୁ ଖୁବ୍ ସୁନ୍ଦର । ପ୍ରଶାନ୍ତ



(ଅଟର)

ମହାସାଗରରେ ଯେତେବେଳେ ଏହାର ସନ୍ଧାନ ମିଳିଲା ସେତେବେଳେ ଏହାକୁ ମାରି ଲୋକେ ମାଂସ ତ ଖାଇଲେ, ଲୋମ ଓ ଚମଡ଼ାକୁ ମଧ୍ୟ ବିକିଲେ । ଗୋଟିଏ ଗୋଟିଏ ଚମଡ଼ା ହଜାର ହଜାର ଟଙ୍କାରେ ବିକ୍ରୀ ହେଲା । ୧୯୧୦ରେ ବ୍ରିଟେନ୍, ଆମେରିକା, ରୁଷ ଓ ଜାପାନ ଗୋଟିଏ ନିୟମ କରିଦେଲେ ଯେ ଏହାକୁ କେହି ମାରି ପାରିବେ ନାହିଁ । ଏହି ନିୟମ ହେଲାରୁ ଏମାନଙ୍କ ବଂଶ ଲୋପ ପାଇପାଇନାହିଁ । ଏହାର ଦେହଟି କୁନ୍ଦିଲା ବା ପିଟିଲା ଭଳି ହୋଇଛି । ଲମ୍ବ ଏକ ମିଟରରୁ ଅଧିକ । ଲାଙ୍ଗୁଳଟି ମୋଟାଳିଆ ଓ ମୁଣ୍ଡାଳିଆ, ପଛଗୋଡ଼ ଦୁଇଟି ବଡ଼ ଓ ହଂସପାଦ ଭଳି ଆଙ୍ଗୁଠି ଗୁଡ଼ିକ ଛନ୍ଦା ହୋଇଛି । ପହଁରିବାରେ ଧୁରନ୍ଧର । ଗୋଡ଼ ଦୁଇଟିକୁ ଆହୁଲା ଭଳି ବ୍ୟବହାର କରେ । ଲାଙ୍ଗୁଳ ମଧ୍ୟ ଆହୁଲା କାମ ଦିଏ । ପହଁରୁ ପହଁରୁ ହୁଏତ ଶୋଇଯାଏ । ଥରକରେ ଗୋଟିଏ ଛୁଆ ଦିଏ । ଅଟର ଛୁଆ ସ୍ୱର ମଣିଷ ଛୁଆଙ୍କ ସ୍ୱର ଭଳି ।

**ଅଟଲି** (୧୮୮୩-୧୯୬୭) : ଅଟଲି ଇଂଲଣ୍ଡର ପ୍ରଧାନମନ୍ତ୍ରୀ ଥିବାବେଳେହିଁ ଭାରତ ଇଂରେଜ ଶାସନରୁ ମୁକ୍ତହେଲା । ଓଡ଼ିଶା ଲୋକେ ଆଉ ଗୋଟିଏ କାରଣରୁ ଏହାଙ୍କୁ ମନେ ରଖିବେ । ଓଡ଼ିଶା ଯେ ୧୯୩୬ରେ ଗୋଟିଏ ସ୍ୱତନ୍ତ୍ର ପ୍ରଦେଶ ହେଲା ସେଥିପାଇଁ ଅଟଲିଙ୍କ ଅବଦାନ ମଧ୍ୟ ରହିଛି । ତାଙ୍କରି ନେତୃତ୍ୱରେ ଯେଉଁ ସବ୍-କମିଟି ହୋଇଥିଲା ତାହାର ସୁପାରିଶ ଅନୁସାରେ ଇଂରେଜ ସରକାର ଓଡ଼ିଶାକୁ ଗୋଟିଏ ସ୍ୱତନ୍ତ୍ର ପ୍ରଦେଶ କଲେ ।

**ଅତ୍ରି** : ଖୋର୍ଦ୍ଧା ଜିଲାରେ ଥିବା ଅତ୍ରି ଉଷ୍ଣ-ପ୍ରସବଣ ଗୋଟିଏ ଦର୍ଶନୀୟ ସ୍ଥାନ । ଏଠାରୁ ଯେଉଁ ଗନ୍ଧକ ଜଳ ବାହାରେ ତାହା ରୋଗ ଭଲ କରେ ବୋଲି ଲୋକଙ୍କର ବିଶ୍ୱାସ ।

**ଅଠା** : ଅନେକ ସମୟରେ ଦୁଇଟା ଜିନିଷକୁ ଯୋଡ଼ିଦେବା ଆବଶ୍ୟକ ପଡ଼େ । ସେତିକି ବେଳକୁ 'ଅଠା' ଦରକାର ପଡ଼େ । କଞ୍ଚା କେନ୍ଦୁରୁ ଯେଉଁ ଅଠାଳିଆ ଅଂଶ ବାହାରେ ସେଥିରେ ପିଲାମାନେ ଦୁଇଖଣ୍ଡ କାଗଜକୁ ଯୋଡ଼ି ଦିଅନ୍ତି । ନାନା ଜାତିର ଗଛର ରସ ଏହିଭଳି କାମଦିଏ । ଏମିତିକା ଟାଣ ଅଠା ଅଛି ଯେ ଥରେ ଯୋଡ଼ିଦେଲେ ଆଦୌ ଖସିବ ନାହିଁ । ଖାଲି କାଗଜ

''ବିଜ୍ଞାନଟା ହେଲା ସଙ୍ଗଠିତ ଜ୍ଞାନ ।''

--ହରବର୍ଟ ସ୍ପେନ୍ସର

କାହିଁକି, କାଠଭଳି ଟାଣ ଜିନିଷକୁ ମଧ୍ୟ ଅଠାରେ ଯୋଡ଼ି ଦିଆଯାଏ । କ୍ରମେ ଗଛଲତା ରସକୁ ବାଦଦେଇ ଅନ୍ୟ ଅଠା ତିଆରି କରାଗଲାଣି । ଡାକ ଟିକଟ ପଛରେ ଅତି ପତଳା ଅଠା ଲଗାଯାଇଥାଏ । ତା ଦେହରେ ପାଣି ଲଗାଇ ଦେଲେ ତାହା କାଗଜରେ ଲାଗିଯାଏ । ଆଜିକାଲି ଯେ କୌଣସି ସ୍କୁଲ, ଅଫିସକୁ ଯିବ ଦେଖିବ ବୋତଲରେ ଅଠା ରହିଛି । ଏ ଗୁଡ଼ିକୁ ମଣିଷ ତିଆରି କରିଛି । ସାଇକେଲ ଟିଉବ୍ ପ୍ୟାଚ୍ କଲାବେଳେ କେମିତିକା ଅଠା ଲଗାଯାଏ ଦେଖିଥିବ । ଦେହ ଟିକେ ଖଣ୍ଡିଆ ହୋଇଗଲେ ଔଷଧ ଲଗାଇଦେଲେ ତା'ଉପରେ ଖଣ୍ଡେ କପଡ଼ା ଭଳି ପଦାର୍ଥ ଲଗାଇ ଦିଆଯାଏ । ତା' ଦେହରେ ଅଠାଥାଏ । ତେଣୁ ଘା'ଟା ବିଷିରିପି ଯାଏ ନାହିଁ । କଥାରେ କହନ୍ତି ସେ ଜାଣିଶୁଣି ତା ଦେହରେ ଅଠା ଲଗାଇଛି - ଛଡ଼ାଇବ କେମିତି ।

**ଅଢ଼ ଆଙ୍ଗୁଳି** : ଏହାକୁ ନଖବ୍ରଣ ବୋଲି କୁହନ୍ତି । ସମୟେ ସମୟେ ଆଙ୍ଗୁଠିର ଅଗ୍ରଭାଗ ଫୁଲି ଭିତରେ ଭିତରେ ସେପ୍‌ଟିକ୍ ବା ପଚରା ହୋଇଯାଏ । ସେତେବେଳେ କୁହନ୍ତି ଅଢ଼ଆଙ୍ଗୁଳି ହୋଇଛି । ନଖ ପ୍ରଥମେ ଫୁଲି ଦରଜ ହୁଏ । ଏତିକିବେଳେ ଯତ୍ନ ନେଲେ ଫୁଲା କମିଯାଏ । ଯଦି ତାହା ନହେଲା ଆଙ୍ଗୁଳି ହାଡ଼ର ଖୁବ୍ ନିକଟ ଅଂଶରେ ପୂଜ ହୁଏ । ଭାରୀ କଷ୍ଟ ହୁଏ । ଉପରକୁ ଆଙ୍ଗୁଳିର ଚମଡ଼ା ଫୁଲି ଉଠେ । ପୂଜ ମୁହାଁଇଥାଏ ଫୁଟି ଆସିବା ପାଇଁ । କିନ୍ତୁ ସେଠାରେ ଚମଡ଼ା ମୋଟା ହୋଇଥିବାରୁ ବାହାରି ପାରେନାହିଁ । ସେତେବେଳେ ତାକୁ କାଟି ପୂଜ ବାହାର କରିଦେଲେ ଭଲ । ଟିକିଏ ଯଦି ହେଳା କଲ ପୂଜ ଚମଡ଼ାକୁ ଖାଇ ପଦାକୁ ବାହାରିଲା ବେଳକୁ ଏଣେ ହାଡ଼କୁ ଖାଇ ଯାଇଥିବ । ଛୋଟିଆ ଅପରେଶନଟିଏ ହେଲେ ମଧ୍ୟ ଡାକ୍ତରଙ୍କୁ ଖୁବ୍ ଯତ୍ନର ସହିତ କାମ କରି ପୂଜ ଯେମିତି ଭଲ ଭାବରେ ବାହାରି ଆସିବ ତାହାର ବ୍ୟବସ୍ଥା କରିବାକୁ ପଡ଼େ । ଏମିତି ଦେଖାଯାଇଛି ଯେ ହେଳା କରୁ କରୁ ପୂଜ ଅନ୍ୟ ପବର ହାଡ଼କୁ ନଷ୍ଟ କରିବାକୁ ବସିଛି । ସେ କ୍ଷେତ୍ରରେ ଅଗ ପବଟିକୁ କାଟି ପକାଇ ଅଙ୍ଗୁଳିର ଅନ୍ୟ ଅଙ୍ଗକୁ ରକ୍ଷାକରି ନିଆଯାଏ । ଯେଉଁ ଯୁଗରେ ପେନ୍‌ସିଲିନ ବା ଅନ୍ୟ ପ୍ରକାରର ଜୀବାଣୁ ନାଶକ ବା ଆଣ୍ଟିବାଓଟିକ୍ ଔଷଧ ବାହାରି ନଥିଲା, ସେ ଯୁଗରେ ଅଢ଼ଆଙ୍ଗୁଳି ଗୋଟିଏ ବଡ଼ ବିପଦ ଥିଲା । ଏବେ ତାହା ଡ଼ାକ୍ତର ମାନଙ୍କର ଚିକିତ୍ସା ଅକ୍ତିଆରକୁ ଆସିଯାଇଛି ।

**ଅଣୁ ପରମାଣୁ** : କେତେ ହଜାର ବର୍ଷ ହୋଇଗଲାଣି । ଭାରତର ଜଣେ ଋଷି ଗୋଟିଏ ବିଷୟରେ ବରାବର ଭାବୁଛନ୍ତି । ତାଙ୍କ ମନରେ ଗୋଟିଏ ପ୍ରଶ୍ନ ଉଠୁଛି, ସେ କିନ୍ତୁ ଉତ୍ତର ପାଉନାହାନ୍ତି । ସେହି ପ୍ରଶ୍ନର ଉତ୍ତର ଯଦି ସେ ନପାଉଛନ୍ତି ତେବେ ତାଙ୍କର ସବୁ ଜ୍ଞାନ ବୃଥା ହୋଇଗଲା ବୋଲି ଭାବୁଛନ୍ତି । ତାଙ୍କରି ନାମ କଣାଦ ।

ଯେଉଁଟି ତାଙ୍କ ମନରେ ଉଠିଛି ସେଇଟି ଅତି ସହଜ ପ୍ରଶ୍ନ ବୋଲି ହୁଏତ ମନେହେବ । କିନ୍ତୁ ତାଙ୍କ ପାଇଁ ସେଇଟା ଖୁବ୍ ବଡ଼ । ସେ ନିଜର ଚାରିପଟେ ଆଖି ବୁଲାଉଛନ୍ତି । ଉପରକୁ ଆକାଶକୁ ଚାହୁଁଛନ୍ତି । ଦୂରରେ ବଡ଼ ବଡ଼ ପର୍ବତ । ସମୁଦ୍ର କିଭଳି ବ୍ୟାପି ରହିଛି ଜାଣୁଛନ୍ତି । ଶହ ଶହ ପ୍ରକାରର ଜୀବ ଜନ୍ତୁ ଗଛ ଲତା ଦେଖି ସେ ଆଶ୍ଚର୍ଯ୍ୟ ହୋଇଯାଉଛନ୍ତି । ଏ ସବୁକୁତ ଈଶ୍ୱର ଗଢ଼ିଛନ୍ତି । ଏତେ ପ୍ରକାରର ଯିଏ କରିଛନ୍ତି ସିଏ ନିଶ୍ଚୟ ପ୍ରଥମେ ଅତି ଛୋଟ ଛୋଟ ଚିଜ ଗୁଡ଼ିଏ ଗଢ଼ିଥିବେ । ସେହି ଗୁଡ଼ିକୁ ହଜାର ହଜାର ପ୍ରକାରେ ସଜାଇ, ଯୋଡ଼ି ଏ ସବୁକୁ ତିଆରି କରିଥିବେ । ମୋଟା ମୋଟା ଚିଜରେ ଏତେ ପ୍ରକାରର ସଜାଇବା ହୋଇପାରନ୍ତା ନାହିଁ । ସୂକ୍ଷ୍ମରୁ ସୂକ୍ଷ୍ମ ଆହୁରି ସୂକ୍ଷ୍ମ ଯେଉଁ ମୂଳ ଉପାଦାନ ବା ଚିଜ ସେ ପ୍ରଥମେ ତିଆରି କଲେ ତାକୁ ଆମେ ହୁଏତ ଆଖିରେ ଦେଖି ନାହୁଁ କି ସହଜରେ ଅନୁମାନ କରିପାରୁନାହୁଁ । କିନ୍ତୁ ତାହା ନିଶ୍ଚୟ ସତ

"ନୀରବତାଟା ଅଜ୍ଞ ଲୋକର ଅଳଙ୍କାର ଓ ରକ୍ଷା କବଚ ।"
- -ଜିମରମାନ୍




(ଏଇ ତିନୋଟିକୁ ନେଇ ପରମାଣୁ ଗଢ଼ା)

ହୋଇଥିବ । ସେ ଯେଉଁ ଅତି ସୂକ୍ଷ୍ମ, ଅତି କ୍ଷୁଦ୍ର ପଦାର୍ଥ ତିଆରି କଲେ ତାକୁ ଅଣୁ ବୋଲି କାହିଁକି ନ କୁହାଯିବ ? ସେହି ଅଣୁକୁ ଆମେ ଦେଖିପାରୁ ନାହୁଁ ସତ, କିନ୍ତୁ କୋଟି କୋଟି ଅସଂଖ୍ୟ ଅଣୁକୁ ଯେତେବେଳେ ଆମେ ଏକାଠି ଦେଖୁଛୁ ସେତେବେଳେ କହୁଛୁ - ଏଇଟା ମାଟି, ଏଇଟା ପଥର, ଏହାରି ନାମ ପାଣି, ଏଇ ଯାହାକୁ ଦେଖୁଛ ତାହା ଗଛ, ଏଗୁଡ଼ିକ ଭିନ୍ନ ଭିନ୍ନ ଜୀବ ।



(ଅସଂଖ୍ୟ ଅଣୁ ପରମାଣୁକୁ ଧରି ପଦାର୍ଥର ସୃଷ୍ଟି)

ଏହି ବିଷୟରେ ତାଙ୍କ ମନରେ ଆଉ କୌଣସି ସନ୍ଦେହ ରହିଲା ନାହିଁ । ସେ ଅନ୍ୟମାନଙ୍କୁ କହିଲେ । ଅନ୍ୟ ପଣ୍ଡିତମାନେ ମଧ୍ୟ ତାଙ୍କ କଥାକୁ ଟିକିଏ ଟିକିଏ ବିଶ୍ୱାସ କଲେ । ସେ ତ ଭାବିବାରେ ଲାଗିଛନ୍ତି । ଦିନେ ହଠାତ୍ ତାଙ୍କ ମୁଣ୍ଡରେ ଗୋଟାଏ କଥା ଖେଳିଲା । ସେ କହିଲେ - ଅଣୁଠାରୁ ସାନ ଚିଜ ମଧ୍ୟ ଭଗବାନ ସୃଷ୍ଟି କରିଛନ୍ତି । ତାକୁ କୁହାଯାଇପାରେ 'ପରମ ଅଣୁ' । ଏଇଟା ନିଶ୍ଚୟ ଯେ, ଅଣୁ ପରମାଣୁରେ ପୃଥିବୀ, ଆକାଶ, ପାହାଡ଼, ପର୍ବତ, ସମୁଦ୍ର, ଜୀବ ଜନ୍ତୁ , ମଣିଷ ସମସ୍ତେ ତିଆରି ହୋଇଛନ୍ତି ।

ତାହାପରେ ଚାଲିଗଲା କେତେ ହଜାର ବର୍ଷ । ପ୍ରାୟ ୨୪୦୦ ବର୍ଷ ପୂର୍ବେ ଖ୍ରୀ. ପୂ. ୪୦୦ରେ ଗ୍ରୀସ୍ ଦେଶର ଜଣେ ଦାର୍ଶନିକ ଡିମୋକ୍ରିଟସ୍ କହିଲେ - ଯେତେ ପଦାର୍ଥ ଦେଖୁଛ ସେଗୁଡ଼ିକ ଅତି କ୍ଷୁଦ୍ର କ୍ଷୁଦ୍ର କଣାରେ ତିଆରି କରାଯାଇଛି । ସେଗୁଡ଼ିକ ଏତେ ଛୋଟ ହୋଇଥିବେ ଯେ ଆମେ ଇଚ୍ଛା କଲେ ତାକୁ ଆଉ ଦୁଇ ଭାଗ କରିପାରିବା ନାହିଁ । ଏହାର ଏକମାତ୍ର କାରଣ ହେଲା ସେଗୁଡ଼ିକ ଅତି ସୂକ୍ଷ୍ମ ବା ଛୋଟ । ସେଗୁଡ଼ିକୁ ଆଟମ୍ ବୋଲି ନାମ ଦିଆଯାଇପାରେ । ତାଙ୍କ ଭାଷାରେ 'ଆଟୋମସ୍' ବୋଲି ଯେଉଁ ଶବ୍ଦ ଅଛି ତାହାର ଅର୍ଥ 'ଏହାକୁ ଆଉ ଭାଗ କରିହେବନାହିଁ ।' ଖୁବ୍ ଛୋଟ ଛୋଟ ଦାନା ଏକାଠି ହୋଇଯିବାରୁ ଆମେ ଏ ବାଲିପଥର ଦେଖୁଛୁ । ଏମିତି ସହସ୍ର କୋଟି ଆଟମ୍ ଏକାଠି ହେବା ଫଳରେ ଯେ କୌଣସି ପଦାର୍ଥ ତିଆରି ହୋଇଯାଉଛି ।

ପରେ ବିଜ୍ଞାନୀମାନେ ଏଥି ସହିତ ଏକମତ ହେଲେ । ସେଭଳି ହେବାକୁ ଦୁଇ ହଜାର ବର୍ଷ ବିତିଗଲା । ଡାଲ୍ଟନ୍ ନାମକ ଜଣେ ଇଂରେଜ ବିଜ୍ଞାନୀ ଗଣିତ ବିଦ୍ୟାରେ ଧୁରନ୍ଧର । ଏହି ପରମାଣୁ ତତ୍ତ୍ୱ

---

"ଭଗବାନଙ୍କୁ ଯେତେ କଥାପାଇଁ ମୁଁ ପ୍ରାର୍ଥନା କରିଛି - ସେଗୁଡ଼ିକ ଯେ ସେ ପୂରଣ କରି ନାହାନ୍ତି, ସେଥିପାଇଁ ମୁଁ ତାଙ୍କୁ ଅନ୍ତରର କୃତଜ୍ଞତା ଜଣାଉଛି ।"

--ଜନ୍ ଇଂଜେଲୋ

## ୩୪ ଅଣୁ ପରମାଣୁ-ଅଣୁବୀକ୍ଷଣ

ବିଷୟରେ ସମସ୍ତଙ୍କ ହୃଦ୍‌ବୋଧ ହେଲାଭଳି ଭାଷାରେ ସେ କହିଲେ । ପରେ କୁହାଗଲା, ପରମାଣୁ ଗୁଡ଼ିକ ସୃଷ୍ଟି କରିଛନ୍ତି ଅଣୁ । ବିଜ୍ଞାନୀମାନଙ୍କୁ ଯଦି ପଚରାଯିବ ପରମାଣୁ କେତେ ଛୋଟ ହୋଇଥିବ ବୋଲି ଅନୁମାନ କରୁଛନ୍ତି, ସେମାନେ ଉତ୍ତର ଦେବେ - ତୁମର ତ ସତ ମଣିବାକୁ ସାହସ ହେବନାହିଁ । କିନ୍ତୁ କଥାଟା ନିଶ୍ଚୟ ସତ । ଗୋଟିଏ ପିନ୍‌କଣ୍ଟାର ଯେଉଁ ଗୋଲାକିଆ ଛୋଟ ମୁଣ୍ଡଟି ଅଛି ସିଏ ଯେତିକି ଜାଗା ନେଇଛି, ସେତିକି ଯାଗାରେ ୩୦୦, ୦୦୦, ୦୦୦, ୦୦୦, ୦୦୦, ୦୦୦, ୦୦୦ଟି ପରମାଣୁ ରହିଯିବ । ୩୩ପୃଷ୍ଠାର ଚିତ୍ରରେ ଦେଖାଇ ଦିଆଯାଇଛି, ପ୍ରତ୍ୟେକ ପରମାଣୁ ବା ଆଟମ୍‌ଟି ଯଦି ଗୋଟିଏ ଗୋଟିଏ ମଣିଷ ହୋଇଥା'ନ୍ତେ କେତେ ଯୁଗ ସେମାନଙ୍କୁ ଲାଗିଯାଇଥା'ନ୍ତା ତଳକୁ ଖସିବା ପାଇଁ ।

ପ୍ରାୟ ଶହେ ବର୍ଷ ପୂର୍ବେ ଆଉ ଗୋଟାଏ ଚମକପ୍ରଦ ଖବର ପ୍ରକାଶ ପାଇଗଲା । ପରମାଣୁ ବୋଲି ଯେଉଁ ଅତି କ୍ଷୁଦ୍ର ଚିଜ କଥା କଳ୍ପନା କରାଯାଉଛି, ତାହା ପୁଣି ତାହାଠାରୁ ଛୋଟ ଆଉ ତିନୋଟି ଚିଜକୁ ନେଇ ତିଆରି ହୋଇଛି । ସେଥିରୁ ଗୋଟିକର ନାମ ଇଲେକ୍‌ଟ୍ରନ୍ । ଆଉ ଦୁଇଟିର ନାମ ପ୍ରୋଟନ୍ ଓ ନିଉଟ୍ରନ । ମଝିରେ ଯଦି ଦୁଇଟି ପ୍ରୋଟନ ରହିଲା ତାହା ସାଙ୍ଗରେ ଦୁଇଟି ନିଉଟ୍ରନ ବାନ୍ଧି ହୋଇଗଲା, ତାକୁହିଁ କୁହାଗଲା ନାଭି ବା ନିଉକ୍ଲିଅସ । ସେହି ନିଉକ୍ଲିୟସ ଘେରିପଟେ ଦୁଇଟି ଇଲେକ୍‌ଟ୍ରନ ବୁଲୁଛନ୍ତି । ଏ ସମୁଦାୟଟି ଗୋଟିଏ ଆଟମ୍ ବା ପରମାଣୁ । ଭିନ୍ନ ଭିନ୍ନ ପ୍ରକାରର ପରମାଣୁ ଏକାଠି ମିଶି ଗୋଟିଏ ଗୋଟିଏ ଅଣୁ ତିଆରି କରିଛନ୍ତି ଓ ଅସଂଖ୍ୟ ଅଣୁକୁ ନେଇ ଗୋଟିଏ ଗୋଟିଏ ମୂଳ ଉପାଦାନ ତିଆରି କରାଯାଇଛି । ବିଜ୍ଞାନୀମାନେ ଯେତେବେଳେ ଅଣୁ ପରମାଣୁ, ଇଲେକ୍‌ଟ୍ରନ, ପ୍ରୋଟନ, ନିଉଟ୍ରନ କଥା ଜାଣିଗଲେ ସେତେବେଳେ ସବୁ ସୃଷ୍ଟିର ରହସ୍ୟ ଭେଦ କରିଗଲେ । ଯେଉଁ ମୂଳ ଉପାଦାନ ବା ଏଲିମେଣ୍ଟ ବିଷୟରେ କୁହାଯାଏ, ସବୁ ଗୁଡ଼ିକ ତିଆରି ହୋଇଛନ୍ତି ଏହି ପରମାଣୁ ସାହାଯ୍ୟରେ । ପ୍ରକୃତି କେମିତି ଭାଗ ମାପରେ ମେଜିକ୍ ଦେଖାଇ ଏ ସବୁକୁ ତିଆରି କରିଛି ତାହା ବୁଝାଇବା ପାଇଁ କେତୋଟି ଚିତ୍ର ଅନ୍ୟାନ୍ୟ ବିଷୟରେ ଦିଆଯାଇଛି । ଏତେ ସୂକ୍ଷ୍ମ ବା କ୍ଷୁଦ୍ର ହେଲେ ମଧ୍ୟ ପରମାଣୁ ଭିତରେ କେତେ ଶକ୍ତି ଭରି ରହିଛି ।

**ଅଣୁବୀକ୍ଷଣ :** ଆମେତ ଆଖିରେ ଦେଖୁଛୁ । କିନ୍ତୁ ସେହି ଆଖିରେ ଦେଖିବାର ପୁଣି ଗୋଟାଏ ସୀମା ଅଛି । ବହୁ ଦୂରରେ ଥିବା ଗୋଟାଏ ପଦାର୍ଥକୁ ସେ ଭଲ ଭାବରେ ଦେଖିପାରେ ନାହିଁ । ଦୂରରେ ପାହାଡ଼ ଅଛି । ଆମକୁ ଦିଶୁଛି ସେଇଟି ଗୋଟିଏ ବିରାଟ ନେଳିଆ ବା ଶାଗୁଆ ପଥର ଗଦା । ତା' ଦେହରେ ଯେଉଁସବୁ



(ଅଣୁବୀକ୍ଷଣ ଯନ୍ତ୍ର)

ଗଛଲତା ଅଛନ୍ତି ସେଗୁଡ଼ିକ ଆମେ ଦେଖି ପାରୁନାହୁଁ । କିନ୍ତୁ ସେହି ଗଛଲତାହିଁ ତାକୁ ଏମିତି ରଙ୍ଗ ଦେଇଛନ୍ତି । ତାହାର ବିପରୀତଟା ହେଉଛି - ଅତି ଛୋଟ ଜିନିଷକୁ ଆମେ ଦେଖିପାରୁ ନାହୁଁ । ତୁମେ ପିଲାମାନେ ବହି ପଢୁଛ । ଛୋଟ ଛୋଟ ଅକ୍ଷରକୁ ମଧ୍ୟ ଦେଖି

"ଅହଙ୍କାରଟି ହେଲା ଘେରାବାଲି - ସେଥିରେ ପଡ଼ିଗଲେ ବିଗ୍ନରବୁଦ୍ଧି ତଳକୁ ତଳକୁ ଦବିଯାଏ ।"

--ଜର୍ଜ ସାଣ୍ଡ

ପଢ଼ିପାଉଛ । କିନ୍ତୁ ବୁଢ଼ାମାନେ ତାକୁ ସେମିତି ଭଲ ଭାବରେ ଦେଖି ନ ପାରୁଥିବାରୁ ଚଷମା ଦେଉଛନ୍ତି । ଚଷମା ଦେଲେ ଛୋଟ ଛୋଟ ଅକ୍ଷର ବଡ଼ ଦେଖାଯାଉଛି । ଯେଉଁ ଛୋଟ ଛୋଟ ଅକ୍ଷର ଚଷମା ଦେଲେ ବି ଭଲଭାବରେ ପଢ଼ି ହେଉନାହିଁ ତାକୁ ଟିକିଏ ବଡ଼ ଆକାରରେ ଦେଖିବା ପାଇଁ ଗୋଟାଏ 'ପଢ଼ା-କାଚ' ରହିଛି । ତାହାରି ତଳେ ଦେଖିଲେ ଛୋଟ ଅକ୍ଷର ବଡ଼ ଦେଖାଯାଉଛି ।

ଗୋଟିଏ ସମୟ ଆସିଲା ଯେତେବେଳେ ମଣିଷ ଜାଣିଲା, ଏଭଳି ସବୁ କ୍ଷୁଦ୍ର କ୍ଷୁଦ୍ର ଜୀବ ଅଛନ୍ତି ଯେଉଁ-ମାନେକି ମଣିଷ ଦେହରେ ନାନା ରୋଗ ସୃଷ୍ଟି କରି ଦେଉଛନ୍ତି । ସେମାନଙ୍କୁ କୁହାଗଲା 'ଜୀବାଣୁ' । କଥାରେ କହନ୍ତି, ପୃଥିବୀର ସବୁତକ ବାଘ ସିଂହ ଆଜି ପର୍ଯ୍ୟନ୍ତ ଯେତେ ଲୋକ ମାରିଛନ୍ତି, ଏହି ଅଦେଖା ଜୀବାଣୁ ତାହାଠାରୁ ହଜାରେ କି ଲକ୍ଷେ ଗୁଣ ଅଧିକ ଲୋକଙ୍କୁ ମାରିଛନ୍ତି, କାରଣ ସେମାନେ ଯେଉଁ ରୋଗ ସୃଷ୍ଟିକରନ୍ତି ସେଥିରେ ଲୋକେ ପତାଳି ପରି ମରି ପଡ଼ିଯା'ନ୍ତି । ସେହିଗୁଡ଼ିକୁ ଦେଖିବା ପାଇଁ, ଭଲ ଭାବରେ ଚିହ୍ନିବା ପାଇଁ ଦରକାର ପଡ଼ିଲା ଗୋଟାଏ ସ୍ୱତନ୍ତ୍ର ଯନ୍ତ୍ର । ସେହି ଯନ୍ତ୍ର ତଳେ ହଇଜା ରୋଗୀର ମଳକୁ ରଖିଦେଲେ ଦେଖାଯିବ ଯେ ହଜାର ହଜାର ଜୀବାଣୁ ତା' ଭିତରେ ଖେଳୁଛନ୍ତି । ସେଗୁଡ଼ିକ ଚିହ୍ନିଲା ପରେ ଜବତ କରିବା ବା ମାରିବାପାଇଁ ଉପାୟ ବାହାର କରାଗଲା । ଅତି ଛୋଟକୁ ବଡ଼ କରି ଦେଖିବା ପାଇଁ ଏହି ଯେଉଁ ଯନ୍ତ୍ର ବାହାରିଲା ତାକୁ ନାମ ଦିଆଗଲା 'ଅଣୁବୀକ୍ଷଣ' । ଅଣୁ ବା ଅତି କ୍ଷୁଦ୍ରକୁ ବଡ଼ ଆକାରରେ ଦେଖିବା ହେଲା ଏହାର ବାହାଦୁରୀ । ଏଭଳି ଯନ୍ତ୍ରଟିଏ ୪୦୦ ବର୍ଷ ପୂର୍ବରୁ ନଥିଲା । ପ୍ରଥମେ ଯେଉଁଟି ତିଆରି ହେଲା ତାହା ଥିଲା ଅତି ସରଳ । କ୍ରମେ କ୍ରମେ ଆହୁରି ଭଲ, ଆହୁରି ଭଲ ଅଣୁବୀକ୍ଷଣ ବାହାରିଲା । ଗୋଟାଏ ଜୀବାଣୁର ଆକାରକୁ ହଜାର ହଜାର ଗୁଣ ବଡ଼ କରି ଦେଖିହେଲା । ଗୋଟାଏ ମାଛି ଗୋଡ଼ରେ ରୋଗ ଜୀବାଣୁ ଲାଗି ଯାଉଛନ୍ତି, କାରଣ ତାହା ମଳ ଉପରେ ବସିଥିଲା । ସେହି ମାଛି ଆସି ଅନ୍ୟ ଖାଦ୍ୟ ପଦାର୍ଥ ଉପରେ ବସିଗଲା । ସେଥିରେ କିଛି ରୋଗଜୀବାଣୁ ଛାଡ଼ିଦେଲା । ସେହି ଖାଦ୍ୟକୁ ମଣିଷ ଖାଇଲେ ବେମାର ହେଲା । ଅଣୁବୀକ୍ଷଣ ସାହାଯ୍ୟରେ ସେହି ମାଛିଗୋଡ଼ ଜୀବାଣୁକୁ ଚିହ୍ନି ହୋଇଗଲା । ଚିହ୍ନି ଯିବାରୁ ଉପାୟ ବାହାର କରାଗଲା ମନୁଷ୍ୟକୁ ସେହି ରୋଗରୁ କିଭଳି ରକ୍ଷା କରାହେବ । ଏମିତି ହେଉ ହେଉ ଏବେ ବାହାରିଲାଣି ଇଲେକ୍‌ଟ୍ରନ୍ ଅଣୁବୀକ୍ଷଣ । ଏହାର ବାହାଦୁରୀ ହେଲା, ଅତି କ୍ଷୁଦ୍ର ପଦାର୍ଥକୁ ୫୦ ହଜାର ଗୁଣ ବା ଅଧିକ ବଡ଼ କରି ଦେଖିହେବ ।

ଏଇଠି ଗୋଟିଏ ଉଦାହରଣ ଚିନ୍ତାକର । ଡ଼େର, ଡାଳ ଓ ଡାଳ ଉପରେ ଲାଗିଥିବା ଫୁଲ କେଡ଼େ ସୁନ୍ଦର ଦେଖାଯାଉଛି । ଗୋଟିଏ ପାଚିଲା ଫଳ ପଚି ଯାଇଛି । ତିନିଦିନରେ ବାସିପିଠା ଉପରେ କାଳିଆସିଆ ବା ନେଳିଆସିଆ ଫିମ୍ପି ମାରିଯାଇଛି । ଅଣୁବୀକ୍ଷଣ ତଳେ ଦେଖିଲେ ମନେହେବ ଗୁଡ଼ାଏ ଗଛ ଉଠିଛନ୍ତି । କିନ୍ତୁ ସେଗୁଡ଼ିକ ଗଛ ନୁହେଁ, ସେହି ଯେଉଁ ପଚାଫଳ ବା ଫିମ୍ପି ଥିଲା ତାହାର ଭିତରର ଜୀବାଣୁ । ଅଣୁବୀକ୍ଷଣ ଯନ୍ତ୍ର ବାହାରିଲା ପୂର୍ବରୁ ଏ ବିଷୟରେ ଜାଣି ହେଉ ନଥିଲା ।

ଏହି ଯନ୍ତ୍ର ବିଜ୍ଞାନୀ ମାନଙ୍କୁ ଅନ୍ୟ ବହୁ ପ୍ରକାରରେ ସାହାଯ୍ୟ କରୁଛି । ସେମାନେ କହୁଛନ୍ତି ଏଇଟି ଆମ ହାତରେ 'ଅମୋଘ ଅସ୍ତ୍ର' ।

**ଅକ୍ଷା :** ଗୋଟିଏ କଥା ବିଷୟରେ କାହାକୁ କିଛି କହିବାକୁ ପଡ଼େ ନାହିଁ - ସମସ୍ତେ ଜାଣନ୍ତି, ଆଖିରେ ଦେଖୁଛନ୍ତି । ମନୁଷ୍ୟ ଓ ଜୀବଜନ୍ତୁଙ୍କର ବଂଶ ବଢୁଛି । ଛୁଆ ହେଉଛନ୍ତି । ବଡ଼ ହୋଇଗଲେ ସେମାନେ ପୁଣି

---

"ତୁମ ପାଖରେ ଯଦି ଜ୍ଞାନଦୀପ ଅଛି, ସେଥିରୁ ନିଜ ନିଜର ବତୀ ଜଳାଇନେବା ପାଇଁ ଅନ୍ୟ ମାନଙ୍କୁ ସୁଯୋଗ ଦିଅ ।"

--ଫୁଲର୍

ଛୁଆ କରୁଛନ୍ତି । ଏମିତି ନ ହେଉଥିଲେ ବହୁ ଜୀବଜନ୍ତୁଙ୍କର ବଂଶ ଲୋପ ହୋଇଯାଆନ୍ତା । ଏହି ବଂଶ ବଢ଼ାଇବା କାମ ଦୁଇ ପ୍ରକାରର ହେଉଛି । ମାଆ ଗର୍ଭରେ କିଛିକାଳ ରହିଲା ପରେ ଛୁଆଟି ପଦାକୁ ଆସୁଛି । ତାକୁ ଯତ୍ନରେ ବଢ଼ାଇଲେ ସେ ବଡ଼ ହୋଇଯାଉଛି । ଯେଉଁମାନେ ମାଆଠାରୁ କ୍ଷୀର ଖାଆନ୍ତି ସେମାନଙ୍କ ସମ୍ପର୍କରେ ଏହିଭଳି କୁହାଯାଇପାରେ । କିନ୍ତୁ ପକ୍ଷୀ ଓ ଆଉ କେତେକ ଜୀବ ଅଛନ୍ତି ଯେଉଁମାନେ ଅଣ୍ଡା ଦିଅନ୍ତି, ତାକୁ ଯତ୍ନରେ ଉଷୁମାନ୍ତି । ଉଷୁମାଇବାର ଭିନ୍ନ ଭିନ୍ନ ବାଟ ରହିଛି । କିଛିଦିନ ରହିଲାପରେ ସେହି ଅଣ୍ଡାରୁ ଛୁଆଟି ବାହାରେ ।

ଅଣ୍ଡା ବିଷୟରେ ଆମକୁ ଗୋଟିଏ କଥା କୁହାଯାଉଛି । ଖାଦ୍ୟ ପଦାର୍ଥ ଭିତରେ ଦୁଇଟିଙ୍କର ସ୍ଥାନ ଉଚ୍ଚରେ ବୋଲି କୁହାଯାଏ । ଗୋଟିଏ ହେଲା କ୍ଷୀର, ଆଉ ଗୋଟିଏ ହେଲା ଅଣ୍ଡା । ମାଆ ଗର୍ଭରୁ ମଣିଷ ଛୁଆଟି ବାହାରୁଛି । ସାଧାରଣତଃ ତିନି କିଲୋ ଓଜନ । ସେ ମାଆ ଠାରୁ କ୍ଷୀର ଖାଇଲା, ତା'ଓଜନ ବଢ଼ିଲା । ଅବଶ୍ୟ ପାଞ୍ଚମାସ ବେଳକୁ ତାକୁ ବାହାରର କ୍ଷୀର ବା ଫଳରସ ଇତ୍ୟାଦି ଦିଆଯାଉଛି । କିନ୍ତୁ ଏହି ପ୍ରାୟ ପାଞ୍ଚମାସ କାଳ ତ ସେ ଆଉ କିଛି ଖାଇ ନାହିଁ । ତାହାହେଲେ ତା'ର ଓଜନ ବଢ଼ିଲା କିପରି ? ଓଜନ ବଢ଼ିବାର ଅର୍ଥ ହେଲା - ସେ ଯେଉଁ ହାଡ଼ ମାଂସରେ ଗଢ଼ା ତାହା ଜନମବେଳେ ଯେତିକି ଥିଲା ତାହାଠାରୁ ଅଧିକ ହୋଇଛି । ଏଥିରୁ ତ ସଫା ସଫା ବୁଝାଯାଉଛି କ୍ଷୀର ଭିତରେ ହାଡ଼ ମାଂସ ଇତ୍ୟାଦି ତିଆରି କରିବାର ଉପାଦାନ ଥିଲା । ତାହାହେଲେ କାହିଁକି ନ କୁହାଯିବ ଯେ କ୍ଷୀରଟି ଗୋଟିଏ 'ପୂର୍ଣ୍ଣ ଖାଦ୍ୟ' ?

ଅଣ୍ଡା ବିଷୟରେ ମଧ୍ୟ ଏହିପରି କୁହା - ଯାଇପାରେ । କୁକୁଡ଼ା ଦେହରୁ ଯେତେବେଳେ ଅଣ୍ଡାଟିଏ ବାହାରେ ତାକୁ ଭାଙ୍ଗିଦେଲେ ଦେଖାଯିବ କିଛି ଧଳାସିଆ ଲାଳ ଓ ହଳଦିଆ କେଶର ରହିଛି । ଆଉ ଅଧିକା କିଛି ନାହିଁ । ଅଣ୍ଡାଟି ଉପରେ ତା' ମାଆ ବସି ତାକୁ ଉଷୁମାଇଲା । ପାଞ୍ଚ ସାତଟା ଅଣ୍ଡାଙ୍କ ଉପରେ ସେ ଦିନରାତି ବସିରହିଛି । କେତେବେଳେ କେମିତି ଟିକିଏ



( ଅଣ୍ଡାରୁ କୁକୁଡ଼ା ଛୁଆ ବାହାରୁଛି)

ବାହାରକୁ ଆସି ଅଳ୍ପ ଟିକିଏ ଖାଇଦେଇ ପୁଣି ଯାଇ ବସୁଛି । ମଝିରେ ମଝିରେ ନିଜ ଥେଣ୍ଟରେ ସେଗୁଡ଼ିକୁ ଟିକିଏ ଏପାଖ ସେପାଖ କରିଦେଉଛି । ତାହା ନକଲେ ତାହାର ସବୁ ଅଂଶ ଉଷୁମ ପାଇବ ନାହିଁ । କେତେଦିନ ପରେ ସେହି ଅଣ୍ଡା ଭିତରୁ ବାହାରିଲେ କୁକୁଡ଼ା ଛୁଆ । ସେହି ଛୁଆ ଦେହରେ ରହିଛି ହାଡ଼, ମାଂସ, ପକ୍ଷୀ, ନଖ, ଥଣ୍ଟ ଇତ୍ୟାଦି । ଏହିସବୁ ଗୁଡ଼ିକ ତିଆରି ହେଲା କିପରି ? ଏଥିରେ କୌଣସି ସନ୍ଦେହ ନାହିଁ ଯେ ଏହିସବୁକୁ ତିଆରି କଲାଭଳି ଉପାଦାନ ସେହି ଅଣ୍ଡାର ଲାଳ ବା କେଶର ଭିତରେ ଥିଲା । ଯେତେବେଳେ

---

"ଯାହାର ଧନ ନାହିଁ ତା'ର ବଡ଼ ସମ୍ପଦ ହେଲା ତା'ର ଦକ୍ଷତା ।"

--ରେନ୍

ଗୋଟାଏ ପୂରା ଜୀବ ତିଆରି କଲାଭଳି 'ମସଲା' ଅଣ୍ଡା ଭିତରେ ଅଛି ସେତେବେଳେ ତାକୁ ଗୋଟିଏ ଷୋଳପଣିଆ ବା ପୂର୍ଣ୍ଣ ଖାଦ୍ୟ ବୋଲି କୁହାଯିବ । କ୍ଷୀରରେ ପ୍ରୋଟିନ୍ ଅଛି । ଗୋଟାଏ ପ୍ରକାର ଚିନି ଅଛି । ଭିନ୍ନ ଭିନ୍ନ ପ୍ରକାରର ଭିଟାମିନ ଓ ଖଣିଜ ଲବଣ ରହିଛି । ସେ ସବୁ ନଥିଲେ ପିଲାଟା ବଢ଼ନ୍ତା ନାହିଁ । ସେମିତି, ଅଣ୍ଡା ଭିତରେ ମାଂସ ହାଡ଼ ଇତ୍ୟାଦି କରିବାର ଉପାଦାନ ରହିଛି । ସେମିତି ନଥିଲେ ଗୋଟିଏ ଛୁଆ ତିଆରି ହୋଇ ଯାଆନ୍ତା ନାହିଁ । ଆମେ ଯେଉଁ ଅଣ୍ଡା ଖୋଳ ଦେଖୁଛୁ ତାହା ହାତକୁ ଟାଣ ଲାଗୁଛି ସତ, କିନ୍ତୁ ସେଇଟା ଲୁହା ବା କାଠ ଭଳି ନୁହେଁ । ତାହା ଭିତରେ ଅତି ସୂକ୍ଷ୍ମ ସୂକ୍ଷ୍ମ 'ଗ୍ରୁଲୁଣି କଣା' ଭରି ରହିଛି । ସେହିବାଟେ ତାହା ଭିତରକୁ ପବନ ଯାଏ । ଦରକାର ମୁତାବକ ଉଷୁମ ନପାଇଲେ ତାହା ଭିତରେ ଜୀବଟିଏ ତିଆରି ହୋଇପାରିବ ନାହିଁ । ତେଣୁ ମାଆ ତା' ଉପରେ ବସି ତାକୁ ଉଷୁମାଏ । ତାକୁ ଆଉ କିଛି କରିବାକୁ ପଡ଼େ ନାହିଁ । ଯେତେବେଳେ ଏହି ଉଷୁମା ସଂପର୍କରେ ସବୁକଥା ଜଣା ହୋଇଗଲା, ସେତେବେଳେ ମଣିଷ ଗୋଟିଏ ମେସିନ ତିଆରି କରିଦେଲା । ତାହାରି ଭିତରେ ଅଣ୍ଡାକୁ ରଖିଲେ ମାଆ ଯେତିକି ପରିମାଣରେ ଉଷୁମ ଛୁଆକୁ ଧୀରେ ଧୀରେ ଯୋଗାଇଥିଲା, ସେତିକି ପରିମାଣର ଉଷୁମ ମିଳିଗଲା । ଫଳରେ ଅଣ୍ଡାରୁ ଛୁଆ ବାହାରିଲା । ବଡ଼ ଚଢ଼େଇର ବଡ଼ ଅଣ୍ଡା, ସାନର ସାନ ଅଣ୍ଡା - ଏଭଳିତ ହେବାର କଥା । ଗୋଟିଏ ଛୋଟ ଚଢ଼େଇ ଅଛି । ତାକୁ କହନ୍ତି ଗୁଞ୍ଜନ ପକ୍ଷୀ । ତାହା ଯେଉଁ ଛୋଟ ଛୋଟ ଅଣ୍ଡା ଦିଏ ତାହା ଗୋଟିଏ ଗୋଟିଏ ମଟର ଦାନା ଭଳି । ସବୁଠାରୁ ବଡ଼ ଅଣ୍ଡା ହେଉଛି ଅଷ୍ଟ୍ରିଚ୍ ପକ୍ଷୀର । ସେହି ଅଣ୍ଡାର ଲମ୍ବ ହେଉଛି ପ୍ରାୟ ୨୦ ସେଣ୍ଟିମିଟର ଏବଂ ଓଜନ ହେଉଛି ଦୁଇ କିଲୋରୁ ଟିକିଏ କମ୍ । କେତେ ଜାତିର ପକ୍ଷୀ ଅଣ୍ଡା ଉପରେ ବସି ତାକୁ ଉଷୁମାନ୍ତି ନାହିଁ । ଯେଉଁସବୁ ପତର ଛେଲି ବା କାଠସବୁ ଗୋଟିଏ ଜାଗାରେ ଜମିଯାଇ ଟିକିଏ ଟିକିଏ ସଢ଼ୁଛି ତାହାରି ତଳେ ରଖି ଦିଅନ୍ତି - କାରଣ ତା ଭିତରୁ ଗୋଟିଏ ରକମ ଉଷୁମ ବାହାରୁଛି । ଆଉ କେତେକ ଉଷୁମ ବାଲି ତଳେ ରଖିଦିଅନ୍ତି । କେତେକ ଜାତିର ସରୀସୃପ ଓ ସାପ ମଧ୍ୟ ଅଣ୍ଡା ଦିଅନ୍ତି । କଇଁଛ ଅଣ୍ଡାର ଖୋଳ ଟାଣ । ମଜାର କଥା ଯେ ପ୍ଲାଟିପସ ଭଳି କେତେକ ସ୍ତନ୍ୟପାୟୀ ପ୍ରାଣୀ ମଧ୍ୟ ଅଣ୍ଡା ଦିଅନ୍ତି । ମାଛ ଓ କୀଟପତଙ୍ଗ ବହୁସଂଖ୍ୟାରେ ଅଣ୍ଡା ଦିଅନ୍ତି; କାରଣ ସେଥିରୁ ବେଶୀ ଭାଗ ନଷ୍ଟ ହୋଇଯିବ ବା ଅନ୍ୟ ଜୀବଜନ୍ତୁ ଖାଇଦେବେ । କଡ଼ ମାଛ ବର୍ଷରେ ୬୦ ଲକ୍ଷ ଅଣ୍ଡା ଦିଏ । ଆଉ ଗୋଟିଏ ଜାତିର ମାଛ ୨ କୋଟି ୫୦ ଲକ୍ଷ ଅଣ୍ଡା ଦିଅନ୍ତି । ସମୁଦ୍ରରେ ଷ୍ଟର୍ଜନ ବୋଲି ଯେଉଁ ମାଛ ଅଛି ତାକୁତ କୁହନ୍ତି ଅଣ୍ଡା କାରଖାନା ମାଛ । ଏହି ପାଞ୍ଚରୁ ଛ'ମିଟର ଲମ୍ବର ମାଛଟି ବର୍ଷକୁ ଚାଳିଶ ଲକ୍ଷ ଅଣ୍ଡା ଦେଇଥାଏ । ବେଙ୍ଗ ଭଳି ଉଭୟଚର ପ୍ରାଣୀଙ୍କ ଅଣ୍ଡା ଘରିପଟେ ଜେଲିଭଳି ହାତ ଖସିପାଉଥିବା ଲାଳୁଆ ପଦାର୍ଥ ଥାଏ । ବେଙ୍ଗଫୁଲାତ ସମସ୍ତେ ଦେଖିଛନ୍ତି ।

ଗୋଟିଏ ଅଣ୍ଡା ଭିତରେ ଶତକରା ୧୨.୮ ପ୍ରୋଟିନ, ୧୧.୫ ତେଲ, ୧.୦ ଲୁହା ଭଳି ଖଣିଜ ଲବଣ ଓ ୭୪.୭ ପାଣି ରହିଛି ।

**ଅତିକାୟ ସରୀସୃପ :** ଆମେ ଯେତେ ଜୀବଜନ୍ତୁ ଦେଖୁଛୁ ସବୁଗୁଡ଼ିକ ଏକ ସମୟରେ ପୃଥିବୀରେ ଦେଖାଦେଇ ନଥିଲେ । କୋଟି କୋଟି ବର୍ଷର ପରିଶ୍ରମ ପରେ ଭଗବାନ ବା ପ୍ରକୃତି ଏହିସବୁ ଜୀବ ତିଆରି କରିଛନ୍ତି । ଗୋଟିଏ ଜାତିର ଜୀବ ତିଆରି କଲାପରେ ସେ ଦେଖନ୍ତି ସେଇଟିରେ କ'ଣ ଗୁଣ, ଦୋଷ ରହିଗଲା । ଦୋଷକୁ ସୁଧାରିବା ପାଇଁ, ନୂଆ ଗୁଣ

"ବିପଦ ପ୍ରଭୁଙ୍କ କଷଟି-ପାଷାଣ
ପରଖନ୍ତି ତହିଁ ନର ହୃଦ ଟାଣ ।"--ଗୋପବନ୍ଧୁ



( ଚିତ୍ର - ୧ )

ଭରିବା ପାଇଁ ସେ ଆଉ ଗୋଟିଏ ଜୀବ ତିଆରି କରନ୍ତି । ଗୋଟାଏ ସମୟରେ ଏମିତିକା ସବୁ ଜୀବ ତିଆରି ହେଲେ ଯେ ଏଗୁଡ଼ିକ ଅତି ବଡ଼ ବଡ଼ ହୋଇଗଲେ । ଏତେ ବଡ଼ ବଡ଼ ଦେହଧରି ସେମାନେ ଶୀଘ୍ର ଶୀଘ୍ର ଚଲାବୁଲା କରିପାରିଲେ ନାହିଁ । ସମୟେ ସମୟେ ଖାଇବାକୁ ମଧ୍ୟ ପାଇଲେ ନାହିଁ । କ୍ରମେ ଯେତେବେଳେ ପୃଥିବୀର ଜଳବାୟୁ ବଦଳିଗଲା ସେମାନଙ୍କ ପ୍ରତି ବିପଦ ଆସିଲା ଓ ସେଗୁଡ଼ିକ ଲୋପ ହୋଇଗଲେ । ବହୁ ଲକ୍ଷ ଲକ୍ଷ ବର୍ଷ ପରେ ମଣିଷ ଜାଣିପାରିଲା ସେମାନେ କେତେ ବଡ଼ ବଡ଼ ଥିଲେ । ପହିଲେ ଗୋଟିକର କଥା ଶୁଣ । ତା ନାଁ ହେଲା ବଜ୍ର ସରୀସୃପ । ତାହାର ଲମ୍ବ ହେଉଛି ୨୫ ମିଟର । ଏଇଟି ୫ ମିଟର ଉଚ୍ଚ । ଓଜନ ୩୫ରୁ ୪୦ ଟନ । ଗୋଟିଏ ହାତୀର ଓଜନ ହେଉଛି ପ୍ରାୟ ୫ ଟନ ।



( ଚିତ୍ର - ୧ ଓ ଉପର : ଅତିକାୟ ସରୀସୃପ )

## ୩୯ ଅତିକାୟ ସରୀସୃପ-ଅଦଳ

ଦେହ ତୁଳନାରେ ମୁଣ୍ଡଟି ଖୁବ୍ ଛୋଟ । ଦାନ୍ତ ଦୁର୍ବଳ । ତାହାଠାରୁ ଅଳ୍ପ ଛୋଟ କେତେ ଜାତିର ଜୀବ ରହିଥିଲେ । ଇଂରାଜୀରେ ଏହି ଜାତିର ଜୀବଙ୍କୁ 'ଡାଇନୋସର' ବୋଲି କୁହାଯାଏ । ଗ୍ରୀକ୍ ଭାଷାରେ 'ଡାଇନୋ' ଶବ୍ଦର ଗୋଟିଏ ଅର୍ଥ ହେଲା 'ଭୀଷଣ', 'ସହରସ' ଶବ୍ଦର ଅର୍ଥ ସରୀସୃପ । ପ୍ରଥମେ ଯେତେବେଳେ ଏମାନଙ୍କ ବିଷୟରେ ଜଣା ପଡ଼ିଲା ସେତେବେଳେ ସେମାନଙ୍କୁ ଏହି ନାମ ଦିଆଗଲା । କିନ୍ତୁ ପରେ ଜଣାପଡ଼ିଲା ଯେ ସବୁଜାତିର ଡାଇନୋସର ଭୀଷଣ ନୁହନ୍ତି । ସବୁ ଗୁଡ଼ିକ ଯେ ଖୁବ୍ ବଡ଼ ବଡ଼ ତାହା ମଧ୍ୟ ନୁହେଁ । ଛୋଟ ଡାଇନୋସର ମଧ୍ୟ ଅଛନ୍ତି । କେତେ ଜାତି ଆଦୌ ମାଂସ ଖାଆନ୍ତି ନାହିଁ । ଓଡ଼ିଆରେ ଏ ଗୁଡ଼ିକୁ ଅତିକାୟ ସରୀସୃପ ବୋଲି କୁହାଯାଏ । ଗୋଟିଏ ବଡ଼ ଡାଇନୋସରର ଆକାର କେତେ ହୋଇଥିବ ତାହା ଜଣାପଡ଼ିବ ଏଥି ସହିତ ଦିଆଯାଇଥିବା ଚିତ୍ରରୁ । ଘୋଡ଼ା ଓ ମଣିଷ ତୁଳନାରେ ସେଇଟି କେତେ ବଡ଼ ତାହା ଅନୁମାନ କରାଯାଇ ପାରେ ।

**ଅଦଳ :** ଗଛରେ ପତ୍ର ଥାଏ । ସେହି ପତ୍ରର ଅନ୍ୟ ଗୋଟିଏ ନାମ ହେଲା ଦଳ । ଯେଉଁ ଗଛରେ ପତ୍ର ନାହିଁ ତାହାକୁ ଅଦଳ ବୋଲି କୁହାଯାଏ । ଇଂରାଜୀ ଭାଷାରେ ଏହାକୁହିଁ କାକ୍ଟସ୍ ନାମ ଦିଆଯାଇଛି ।

ପୃଥିବୀର ସବୁ ଅଂଶରେ ଭଲ ବର୍ଷା ହୁଏ ନାହିଁ । ଏଭଳି କେତେକ ଅଞ୍ଚଳ ଅଛି ଯେଉଁଠି ଅସରାଏ ବର୍ଷା ମଧ୍ୟ ଗୋଟାଏ ଭାଗ୍ୟର କଥା । ହଜାର ହଜାର ବର୍ଗକିଲୋମିଟର ଧରି କେବଳ ମରୁଭୂମି । ସେଠା ଭୂଇଁତଳେ ସାମାନ୍ୟ ପରିମାଣର ପାଣି ଥାଏ । ହଜାର ହଜାର ପତ୍ର ଥିବା ଗୋଟାଏ ଗଛ ଯଦି ସେଠାରେ ରହନ୍ତା ମାଟିତଳେ ଯାହା ଟୋପାକ ପାଣି ଥା'ନ୍ତା ସେତକ ପତ୍ରବାଟେ ବାୟୁମଣ୍ଡଳକୁ ଗୁଳିଯାନ୍ତା । ସେତିକି ପାଣିରେବି ସେ ପତ୍ର ବଞ୍ଚତା ନାହିଁ । ତେଣୁ ପ୍ରକୃତି ପତ୍ର ନଥିବା ବା 'ଅଦଳ' ବୃକ୍ଷ ତିଆରି କରିଛି । ଛବିଟିକୁ ଦେଖ । ସେଇଟି ଗୋଟିଏ ଗଛ । ସେଥିରେ ପତ୍ର ନାହିଁ, ଅଛି କେବଳ ଗଣ୍ଡି । ତାହାରି ଭିତରେ ପାଣି ରହିଛି । ବାଷ୍ପ ହୋଇ ବାହାରକୁ ଉଡ଼ିଯାଉନାହିଁ ।





(ବହୁ ଜାତିର ଅଦଳ ବା କାକ୍ଟସ୍ ଦେଖାଯାଏ । କିଏ ପତ୍ର ଭଳି ତ ଅନ୍ୟଟି ଫୁଲ ଭଳି)

ଯେଉଁ କଣ୍ଟା ଦେଖୁଛ ସେଗୁଡ଼ିକ ଛୋଟ ଛୋଟ ପତ୍ରର ବିଚିତ୍ର ରୂପ । ଆମ୍ବ, ପଣସ ଗଛର ପତ୍ର ଯେଉଁ କାମ କରେ ଏହି କଣ୍ଟା ରୂପକପତ୍ର ସେ କାମ କରେନାହିଁ । ସୂକ୍ଷ୍ମ ସୂକ୍ଷ୍ମ ପତ୍ରକୁ କଣ୍ଟା ରୂପ ଦେବାର ଆଉ ଗୋଟିଏ କାରଣ ଅଛି । ଅନ୍ୟ ସବୁ ଗଛର ଗଣ୍ଡି ଶକ୍ତ କାଠରେ ତିଆରି ହୋଇଥିବାରୁ ଜୀବଜନ୍ତୁ ତାକୁ ଖାଇପିବେ ନାହିଁ । ସେ ଗଣ୍ଡି ରସାଳ

---

" ବୁଢ଼ାଏ ବୟସ ହୋଇଗଲେ ଯେ ଲୋକଟି ସାଧୁ ବା ପଣ୍ଡିତ ହୋଇଯାଏ ଏଭଳି କିଛି କଥା ନାହିଁ - ସେ କେବଳ ବୁଢ଼ାହିଁ ହୁଏ ।"

--ସୁଇସିନ୍

ମଧ୍ୟ ନୁହେଁ । ଅଦଳ ଗଛର ଗଣ୍ଡି ରସାଳ ଓ ପାଣିଭରା । ମରୁଭୂମି ଅଞ୍ଚଳରେ ଏଗୁଡ଼ିକ ଘନେଘନେ ଅଛି । ସେଠାରେ ଥିବା ଜୀବଜନ୍ତୁ ତାକୁ ନିଶ୍ଚୟ ଖାଇଯିବେ । କିନ୍ତୁ ଏହି କଣ୍ଟା ସେମାନଙ୍କୁ ଅଟକାଇ ଦେଉଛି । କଣ୍ଟା ଗୁଡ଼ିକ ଏଭଳି ଟାଣ ଓ ମୁନିଆ ଯେ ତାକୁ ଜୀବ ଖାଇଯାଇ ପାରିବେ ନାହିଁ । ନାଗ ଫଣିଆ ଗଛ ଦେଖିଲେ ବୁଝି ପାରିବ ତାହାରି କଣ୍ଟା କେମିତି ତାକୁ ରକ୍ଷା କରୁଛି । ନାନା ପ୍ରକାରର ଅଦଳ ରହିଛି । କେତେଗୁଡ଼ିଏ ଅତି ଛୋଟ ଛୋଟ । ତାକୁ ଆଣି ବଗିଚାରେ ଲଗାନ୍ତି । କୁଣ୍ଡରେ ଛୋଟ କାକ୍ଟସ ଗଛ ରଖିଥା'ନ୍ତି ସୁନ୍ଦର ଦିଶିବ ବୋଲି ।

**ଅଦା** : ଏ ସଂସାରରେ ମନୁଷ୍ୟ ଯେତେବେଳେ ପ୍ରଥମେ ବୁଲିଲା ସେତେବେଳେ ମନୁଷ୍ୟ ତିଆରି ଔଷଧ କିଛି ନଥିଲା । କିନ୍ତୁ ଲୋକେ ରୋଗରେ ପଡୁଥିଲେ । ପ୍ରକୃତି ଯେଉଁ ଚେର, ମୂଳ, ଛେଲି, ମଞ୍ଜି ତିଆରି କରିଛି ତାହାରି ଭିତରୁ ସେ ଔଷଧ ଖୋଜି ବାହାର କରିଦେଲା । ଦେହ ଟିକିଏ ଖଣ୍ଡିଆ ହୋଇଗଲେ ଦୁବଘାସକୁ ଚୋବେଇ ବା ଛେଚି ସେଠାରେ ଲଗାଇ ଦେଉଥିଲା । ପେଟ ଟିକିଏ ଖରାପ ହେଲେ ଅଦା ଟିକିଏ ଚୋବାଇ ଦେଉଥିଲା । ସେ ଯୁଗରେ ସେତ ରୋଷେଇ କ'ଣ ଜାଣିନଥିଲା । କାରଣ ନିଆଁ ବାହାର କରିବା, ସାଇତି ରଖିବା ବା ତାକୁ କାମରେ ଲଗାଇବା କଥା ତାକୁ ଜଣା ନଥିଲା । ପରେ ଯେତେବେଳେ ସେ ରୋଷେଇ କରି ଶିଖିଲା ସେତେବେଳେ ତରକାରୀକୁ ସୁଆଦ କରିବାପାଇଁ ସେ ବଣରୁ ସଂଗ୍ରହ କରିଥିବା କିଛି କିଛି ମସଲାଛେଚି ତା ଦେହରେ ପକାଇଲା । ସତେବେଳେ ସେ ଜାଣିଲା ଅଦାଟି ତରକାରୀକୁ ସୁଆଦ କରୁଛି ଓ ପେଟ ଭିତରକୁ ଯାଇ ଔଷଧଭଳି କାମ କରୁଛି । ଏଭଳି ମସଲା ପକାଇଦେଲେ ତରକାରୀରୁ ଯେଉଁ ବାସ୍ନା ବାହାରେ ସେଇଟା ଖାଇଲାବାଲାର ମନକୁତ ଖୁସି କରିଦିଏ, ତରକାରୀକୁ ଆହୁରି ବଢ଼ିଆ କରିଦିଏ । କାରଣ ନାକହିଁ ପ୍ରଥମେ ବାରି ଦେଉଛି ତରକାରୀଟା ଭଲ ହୋଇଛି କି ନାହିଁ ।

ଇଉରୋପ ଅଞ୍ଚଳରେ ଏହି ଅଦା ନଥିଲା । ଆରବ ଦେଶର ଲୋକେ ଆମ ଦେଶରୁ ନେଇ ସେଠାରେ ଏହାକୁ ବିକୁଥିଲେ । ଇଉରୋପର ଲୋକେ ଯେତେବେଳେ ଭାରତକୁ ଆସିଲେ ସେତେବେଳେ କେରଳରେ ଏହାକୁ ପାଇଲେ । ଲୋକଙ୍କୁ ପଚାରିଲାରୁ



ସେମାନେ କହିଲେ ଏହାର ନାମ ହେଉଛି 'ଇଞ୍ଜି' । ସେହି ଇଞ୍ଜି ଶବ୍ଦ ଗୋଟାଏ ଭାଷାରୁ ଭିନ୍ନ ଭିନ୍ନ ଭାବରେ ଉଚ୍ଚାରଣ କରୁ କରୁ ଇଂରାଜୀରେ ହୋଇଗଲା ଜିଞ୍ଜର । ଏହାର ବ୍ୟବହାର ନାନା ପ୍ରକାରେ ହେଉଛି । ସଂସ୍କୃତରେ ଏହାକୁ ଆର୍ଦ୍ରକ ବୋଲି କୁହନ୍ତି । ଏହାକୁ ବହୁଦିନ ରଖିବାପାଇଁ ଶୁଖାଇ ପାଗ କରି ଦିଆଯାଏ । ତାହାକୁ ଶୁଣ୍ଠି ବୋଲି କୁହାଯାଏ ।

**ଅଧିବର୍ଷ** : ନାନା ଭାବରେ ହିସାବ ଓ ପରୀକ୍ଷା କଲାପରେ ମଣିଷ ଜାଣିଗଲା ଯେ ୩୬୫ ଦିନ ହେଲେ ଗୋଟିଏ ବର୍ଷ ହେଉଛି । ପୃଥିବୀ ସୂର୍ଯ୍ୟଙ୍କ ଚାରିପଟେ ଥରେ ବୁଲି ଆସିବାକୁ ଏହି ୩୬୫ ଦିନ ଲାଗେ । ପରେ ବାରମାସକୁ ୩୬୫ ଦିନ ଛାଞ୍ଚରେ ପକାଗଲା । ଏପ୍ରିଲ, ଜୁନ୍, ସେପ୍ଟେମ୍ବର ଓ ନଭେମ୍ବର ମାସ ବାଣ୍ଟରେ ପଡ଼ିଲା ୩୦ ଦିନ । ଫେବୃୟାରୀ ୨୮ ଦିନ ବୋଲି

"କ୍ରୋଧ ଆରମ୍ଭ ହୁଏ ନିର୍ବୋଧତାରୁ ଓ ଶେଷ ହୁଏ ଅନୁତାପରେ ।" --ପାଇଥାଗୋରା

କୁହାଗଲା ଓ ଆଉସବୁ ମାସ ୩୧ ଦିନ ଲେଖାଁ । କିଛିଦିନ ପରେ ହିସାବ ବାହାରିଲା ଯେ ବର୍ଷଟା ଠିକ୍ ୩୬୫ଦିନ ନୁହେଁ - ୩୬୫ଦିନ ୫ଘଣ୍ଟା ୪୮ ମିନିଟ୍ ୪୬ ସେକେଣ୍ଡ । ଏହି ଅଧିକା ସମୟତକ ଶେଷରେ ଫେବୃୟାରୀ ମାସ ଭାଗରେ ରଖି ଦିଆଗଲା । ଫଳ କ'ଣ ହେଲା ଦେଖ । ପ୍ରତି ଚାରିବର୍ଷରେ ଫେବୃୟାରୀ ମାସଟା ଗୋଟାଏ ଦିନ ବଢ଼ିଗଲା । ତାକୁହିଁ କହନ୍ତି ଡିଆଁ ବର୍ଷ (Leap year) । ସେହିବର୍ଷ ଫେବୃୟାରୀଟି ହୋଇଗଲା ୨୯ ଦିନ । କେଉଁବର୍ଷ ଏଭଳି ହେବ ଏଥିପାଇଁ ଗୋଟିଏ ନିୟମ ବାନ୍ଧି ଦିଆଯାଇଛି । ବର୍ଷର ଶେଷ ଦୁଇଅଙ୍କ ଯଦି ଚାରିରେ ଛିଣ୍ଡିଯାଉଥାଏ ସେ ବର୍ଷ ଏପରି ହେବ । ୧୯୮୮ର ଶେଷ ଦୁଇଅଙ୍କ ହେଲା ୮୮ । ସେତକ ଚାରିରେ ଛିଣ୍ଡିଯାଉଛି । ତେଣୁ ସେ ବର୍ଷ ଫେବୃୟାରୀଟା ୨୯ ଦିନ । ୧୯୮୦ ଓ ୧୯୯୨ରେ ମଧ୍ୟ ସେମିତି ହୋଇଥିଲା । ଯେଉଁ ପିଲାଟି ଫେବୃୟାରୀ ୨୯ ରେ ଜନ୍ମ ହୁଏ ତାହାର ଜନ୍ମଦିନଟି ଚାରିବର୍ଷରେ ଥରେ ପାଳନ୍ତି ।

**ଅନନ୍ତ ବାସୁଦେବ ମନ୍ଦିର :** ଭୁବନେଶ୍ୱରକୁ କୁହାଯାଏ ମନ୍ଦିର ସହର । କାରଣ ଛୋଟ ବଡ଼ ଶହ ଶହ ମନ୍ଦିର ସେଠାରେ ଅଛି । ମୂଳ ଲିଙ୍ଗରାଜ ମନ୍ଦିରକୁ ଛାଡ଼ିଦେଲେ ଆଉ କେତୋଟି ବିଷୟରେ ମଧ୍ୟ ସବୁଆଡ଼େ ଜାଣନ୍ତି । ସେଥିଭିତରୁ ଗୋଟିଏ ହେଲା ଅନନ୍ତ ବାସୁଦେବ ମନ୍ଦିର । ଏଇଟି ବିନ୍ଦୁସାଗର କୂଳରେ । ବଳରାମ, ଜଗନ୍ନାଥ ଓ ସୁଭଦ୍ରାଙ୍କର ମୂର୍ତ୍ତି ଏଠାରେ ପୂଜା ପାଏ । ପଥରରେ କାରିଗରମାନେ ଏମିତି ସୁନ୍ଦର ସୁନ୍ଦର ଛୋଟ ବଡ଼ ମୂର୍ତ୍ତି ଓ କାରୁକାର୍ଯ୍ୟ କରିଛନ୍ତି ଯେ ଲୋକେ ବହୁ ସମୟରେ ତାକୁ ଦେଖିଲେ ମଧ୍ୟ ଭାବନ୍ତି ଆହୁରି ଦେଖନ୍ତେ କି ! ତୃତୀୟ ଅନଙ୍ଗଭୀମ ଦେବ ୧୨୭୮ ଖ୍ରୀଷ୍ଟାବ୍ଦରେ ଏହି ମନ୍ଦିର ତୋଳାଇ ଥିଲେ । ଭୁବନେଶ୍ୱରକୁ ଯାଉଥିବା ହଜାର ହଜାର ଯାତ୍ରୀ ଏଠାରେ ପ୍ରସାଦ ସେବନ କରିବାର ବ୍ୟବସ୍ଥା ରହିଛି ।

**ଅନଙ୍ଗଭୀମ ଦେବ :** ଓଡ଼ିଶାରେ ଗଙ୍ଗବଂଶ ଶାସନ ଚାଲୁଥିବାବେଳେ ତିନିଜଣ ଅନଙ୍ଗଭୀମ ଦେବ ଥିଲେ । ତୃତୀୟ ଅନଙ୍ଗଭୀମ ଦେବ ବିଚାରିଲେ ଓଡ଼ିଶାରେ କେତେ ଜମି ଅଛି ତାହାର ହିସାବ ଜାଣିବା ଦରକାର । ତାହାହେଲେ ଚାଷବାସ ଇତ୍ୟାଦି ବିଷୟରେ ଗୋଟାଏ କିଛି ଯୋଜନା କରିହେବ । ସେ ତାହା କଲେ ଓ ଜଣାପଡ଼ିଲା ଯେ ସେତେବେଳେ ଓଡ଼ିଶାରେ ୬୨ ଲକ୍ଷ ୨୮ ହଜାର ବାଟୀ ବା ପ୍ରାୟ ୫୦୦ ଲକ୍ଷ ହେକ୍ଟର ଜମିଥିଲା । ସେ ଗୋଟିଏ ଭଲ କାମ ଆରମ୍ଭ କଲେ । ଯେଉଁମାନେ ଲୋକମାନଙ୍କ ପାଇଁ ଭଲକାମ କରନ୍ତି; ମନ୍ଦିର, ମୂର୍ତ୍ତି ପ୍ରଭୃତି ନିଜ ହାତରେ ଗଢ଼ନ୍ତି; ଭଲ ପଥର କାମ କରନ୍ତି; ଶାସ୍ତ୍ର ପୁରାଣ ପଢ଼ି ପଣ୍ଡିତ ହୁଅନ୍ତି ଓ ଲୋକଙ୍କ ଭିତରେ ଧର୍ମପ୍ରଚାର କରନ୍ତି ସେମାନଙ୍କୁ ସେ ଉପାଧି ଦେଉଥିଲେ । ତାହାଦ୍ୱାରା ସେମାନଙ୍କ ଗୁଣକୁ ଅନ୍ୟମାନେ ଚିହ୍ନନ୍ତି । ଜଗନ୍ନାଥ ମନ୍ଦିର ଶେଷ କରିବାର ଦାୟିତ୍ୱ ତୃତୀୟ ଅନଙ୍ଗଭୀମ ଦେବଙ୍କ ଉପରେ ପଡ଼ିଲା ।

**ଅନୁଗୁଳ :** ଭାରତର ଅନ୍ୟ ସବୁ ଅଞ୍ଚଳକୁ ଦଖଲ କଲାପରେ ଇଂରେଜମାନେ ଓଡ଼ିଶାକୁ ଦଖଲ କରିବାକୁ ଆସିଲେ ଓ ୧୮୦୩ରେ ଓଡ଼ିଶା ପରାଧୀନ ହୋଇଗଲା । କିନ୍ତୁ ଓଡ଼ିଶାର କେତେକ ଅଞ୍ଚଳର ଲୋକେ ବିଦେଶୀ ଶାସନକୁ ମାନିଲେ ନାହିଁ । ସେମାନେ ବହୁବର୍ଷ ପର୍ଯ୍ୟନ୍ତ ବିଦେଶୀ ସେନାଙ୍କ ବିରୁଦ୍ଧରେ ଲୁଚିଛପି ବା ଖୋଲା ଖୋଲି ଲଢ଼ାଇ ଚଳାଇଲେ । ସେମାନଙ୍କୁ ଜବତ କରିବାପାଇଁ ଗୋରା ସୈନ୍ୟମାନେ ବହୁତ ଅତ୍ୟାଚାର କଲେ । ଅନୁଗୁଳ ସେହିଭଳି ଗୋଟିଏ ଅଞ୍ଚଳ । ସେହି ଅଞ୍ଚଳ ପାଇଁ ନୂଆ କଡ଼ା ଆଇନ ଜାରିକଲେ । ଅନୁଗୁଳର ଲୋକେ ଏଭଳି କରିଥିବାରୁ

---

" ବିଜୟ ଭୂମିରେ ପଡ଼ିଗଲେ ଜ୍ଞାନର ଜ୍ୟୋତି ଅଧିକରୁ ଅଧିକ ଫୁଟିଉଠେ ।"

--ପେନ୍

ଓଡ଼ିଆମାନେ ଆଜି ମଧ୍ୟ ସେମାନଙ୍କ କଥା ମନେପକାଇ ଗର୍ବ କରନ୍ତି ।

ଏହା ଗୋଟିଏ ଜିଲା । କଟକ-ସମ୍ବଲପୁର ରାସ୍ତାରେ କଟକ ଠାରୁ ୧୩୨କି.ମି. ଦୂରରେ ଏହା ରହିଛି । ୧୯୯୧ର ଜନଗଣନା ଅନୁସାରେ ଲୋକସଂଖ୍ୟା ୯ଲକ୍ଷ ୫୮ ହଜାର । ଅନେକ ଗୁଡ଼ିଏ ସ୍କୁଲ କଲେଜ ରହିଛି । 'ନାଲ୍‌କୋ' ପ୍ରତିଷ୍ଠିତ ହେବାପରେ ଅନୁଗୁଳର ଗୁରୁତ୍ୱ ବଢ଼ିଯାଇଛି ।

**ଅନ୍ତର୍ମହାଦେଶୀୟ କ୍ଷେପଣାସ୍ତ୍ର :** ଭୂମିରେ ରହି ଶତ୍ରୁ ଉପରକୁ ଯେତେବେଳେ ମରଣ ହତିଆର ଛଡ଼ାଯାଏ ତାକୁ କ୍ଷେପଣାସ୍ତ୍ର ବୋଲି କୁହନ୍ତି । ମନୁଷ୍ୟ ପ୍ରଥମେ ଯେତେବେଳେ ପଥର ବା ମାଟି ଫୋପାଡ଼ିଲା ଶତ୍ରୁକୁ ଅଟକାଇ ଦେବାପାଇଁ, ସେତେବେଳେ ଗୋଟାଏ ନୂଆକଥା ଘଟିଲା ବୋଲି ଧରି ନିଆଯାଇଥିଲା । ତାହାପରେ କେତେ କ'ଣ ଘଟିଯାଇଛି ଓ ବଡ଼ ବଡ଼ ତୋପରୁ ଗୁଳି ବର୍ଷା କରାଯାଇଛି । ଶେଷକୁ ଏମିତି ହେଲା ଯେ ଶହ ଶହ କିଲୋମିଟର ଦୂରକୁ କ୍ଷେପଣାସ୍ତ୍ର ଛଡ଼ାଗଲା । ସେତେବେଳେ କେହି ଭାବିନଥିଲେ ଯେ ଗୋଟାଏ ମହାଦେଶରୁ ବହୁଦୂରରେ ଥିବା ଅନ୍ୟ ମହାଦେଶ ଉପରେ ମଧ୍ୟ ପରମାଣୁ ଅସ୍ତ୍ର ପକାଯାଇପାରିବ । ମହାଦେଶରୁ ମହାଦେଶକୁ ପକାଯାଇ ପାରୁଥିବାରୁ ଏହାକୁ ଅନ୍ତର୍ମହାଦେଶୀୟ କ୍ଷେପଣାସ୍ତ୍ର ବୋଲି କୁହାଯାଇଥାଏ । ଆମ ଭାରତର 'ଅଗ୍ନି' କ୍ଷେପଣାସ୍ତ୍ର ଏହି ଶ୍ରେଣୀରେ ଆସୁଛି ।



**ଅନ୍ତ୍ର :** ଆମେ ଯାହା ଖାଉଛୁ ତାହା ପାଟିବାଟେ ଦେହ ଭିତରକୁ ଯାଇ



(ଅନ୍ତ୍ର)

"ଭୁଲ କରିବାର ସ୍ୱାଧୀନତା ଯାହା ଭିତରେ ନାହିଁ, ସେଭଳି ସ୍ୱାଧୀନତା ମିଳି ଯାହା - ନ ମିଳି ସେଇଆ ।"

--ଗାନ୍ଧିଜୀ

ପ୍ରଥମେ ଗୋଟିଏ ଓସାରିଆ ଥଳୀ ଭିତରେ ପହଞ୍ଚୁଛି । ତା'କୁ ପାକସ୍ଥଳୀ ବା ହଜମ ଥଳୀ ବୋଲି କୁହାଯାଏ । ସେହିଠାରେ ପାକସ୍ଥଳୀର ମାଂସପେଶୀ ତାକୁ ଚକଟିଲା ଭଳି କରିଦିଅନ୍ତି । ସେତିକି ବେଳେ କିଛି ହଜମ ରସ ତାହା ସହିତ ମିଶେ । ତାହାପରେ ସେହି ଅଧା କାଠୁଆ, ଅଧା ପାଣିଆ ଖାଦ୍ୟ ତଳକୁ ଅନ୍ତ୍ର ଭିତରକୁ ଯାଏ । ଅନ୍ତ୍ର ଭିତରେ ଧୀରେ ଧୀରେ ଆଗକୁ ଯାଉଥିଲାବେଳେ ତାହା ଦେହରେ ହଜମ ରସ ମିଶେ । ମିଶିଲା ପରେ ଏଭଳି ଗୋଟିଏ ପାଗ ହୋଇଯାଏ ଯେ ଖାଦ୍ୟର ସାର ଅଂଶତକ ରକ୍ତରେ ମିଶିବା ପାଇଁ ବାଟ ଫିଟିଯାଏ । ଅନ୍ତ୍ର ଭିତରକୁ ଲାଗି ଯେଉଁସବୁ ରକ୍ତ-ନଳୀ ଅଛନ୍ତି ସେଗୁଡ଼ିକ ଏହି ରସକୁ ନେଇ ରକ୍ତ ସୁଅରେ ମିଶାଇ ଦିଅନ୍ତି ।

ଖାଦ୍ୟ ଧୀରେ ଧୀରେ ଯାଉଥିବ, ହଜମରସ ମିଶୁଥିବ । ହଜମ ହେଲାପରେ ସାରତକ ରକ୍ତରେ ମିଶୁଥିବ - ଏହି କାମ ହେବ ବୋଲି ଅନ୍ତ୍ରଟାକୁ ଖୁବ୍ ଲମ୍ୱା କରିଦିଆଯାଇଛି । ତାକୁ ପୁଣି ସିଧା ନରଖି ଧୀରେ ଧୀରେ ମୋଡ଼ି ଗୋଳେଇ କଲାଭଳି କରାହୋଇଛି । ସେଭଳି ଯଦି କରା ନଯାଇଥା'ନ୍ତା ଖାଦ୍ୟତକ ଶୀଘ୍ର ଶୀଘ୍ର ଆଗକୁ ଗ୍ରୁଲିଯାଆନ୍ତା । ପାଟି ଭିତରୁ ପାକସ୍ଥଳୀକୁ ଖାଦ୍ୟ ଅଳ୍ପ ସମୟରେ ଗ୍ରୁଲିଯାଉଛି । କାରଣ ଯେଉଁ ନଳୀବାଟେ ତାହା ଯାଉଛି ତାହା ଏକରକମ ସିଧା- ମୋଡ଼ି ମୋଡ଼ିକା ନୁହେଁ । ଏହି ଅନ୍ତ୍ର ବିଷୟରେ ବୁଝାଇବାକୁ ସହଜ ହେବ ବୋଲି ଏହାକୁ ଦୁଇଭାଗ କରି କୁହାଯାଏ । ଗୋଟିଏ ଭାଗକୁ କ୍ଷୁଦ୍ରଅନ୍ତ୍ର, ଆଉ ଗୋଟିକୁ ବୃହତ୍ ଅନ୍ତ୍ର ବା ବୃହଦନ୍ତ୍ର । କ୍ଷୁଦ୍ରଅନ୍ତ୍ର ଭିତରେ ଥିଲାବେଳେ ଖାଦ୍ୟର ବେଶୀଭାଗ ସାର ରକ୍ତରେ ମିଶି ସାରିଥାଏ । ଯେତକ ହଜମ ନହୁଏ ବା ଅଧା ବା ବାରପଣିଆ ହଜମ ହୋଇଥାଏ, ସେତକ ବୃହଦନ୍ତ୍ର ଭିତରକୁ ଗ୍ରୁଲିଯାଏ । ସେଠାରେ ଖାଦ୍ୟ ସହିତ ଥିବା ପାଣିଅଂଶ ଦେହ ଭିତରକୁ ଭେଦେ ଓ ଏହି ମୋଟା ବୃହଦନ୍ତ୍ର ନଳୀ କିଛି ଦୂର ଉପରକୁ ଉଠି ପୁଣି ଉପର ବାଟ ଦେଇ ଯାଇ ତଳକୁ ଖସେ । ତଳକୁ ଖସିଲା ବେଳକୁ ତାହା ଭିତରେ ଯେଉଁ ଶେଷ ଖାଦ୍ୟ ଭାଗଥାଏ, ତାହା ମଳ ଆକାର ଧରିଯାଇଥାଏ ଓ ସେଠାରେ କିଛି ସମୟ ରହିଲାପରେ ପଦାକୁ ମଳଦ୍ୱାର ବାଟେ ବାହାରି ଆସେ । ସେଭଳି ଆସିବା ପୂର୍ବରୁ ତାହା ଯେଉଁ ଗ୍ରପ ପକାଏ ତାକୁ ଆମେ କହୁ 'ଝାଡ଼ା ମାଡ଼ିବା' ।

ଖାଦ୍ୟ ଯେତିକି ଗତିରେ ଅନ୍ତ୍ରନାଳୀ ବା ଅନ୍ତ୍ର ବାଟେ ଯିବା କଥା ତାହାଠାରୁ ଯଦି ଅଧିକ ଗତିରେ ବହି ଗ୍ରୁଲିଗଲା ତେବେ ଆମେ କହୁ ଅତିସାର ରୋଗ ହୋଇଛି । ଏହାର ଅର୍ଥ ହେଉଛି 'ଶୀଘ୍ର ଶୀଘ୍ର ଗ୍ରୁଲିଯିବା ବା ବହିଯିବା' । ଇଂରାଜୀରେ କୁହାଯାଏ ଡାୟେରିଆ । ଗ୍ରୀକ୍ ଭାଷାରେ 'ଡାୟା' ଶବ୍ଦର ଅର୍ଥ ଭିତର ଦେଇ ବା 'ମଧ୍ୟ ଦେଇ' ଓ 'ରିନ୍' ଶବ୍ଦର ଅର୍ଥ 'ବହିଯିବା' । କୌଣସି ଗୋଟିଏ କାରଣରୁ ପେଟ ଭିତରେ ଥିବା ଖାଦ୍ୟ ପଦାର୍ଥରେ ଯଦି ଦୋଷ ଦେଖାଗଲା ତାକୁ ଶରୀର ଭିତରୁ ଶୀଘ୍ର ବାହାର କରିଦେବା ପାଇଁ ପ୍ରକୃତି ଉଦ୍ୟମ କରେ । ଏମିତିବି ଅବସ୍ଥା ହୋଇଛି ଯେ ସେଥିରେ ଅଧିକା ପାଣି ଦେହ ଭିତରେ ମିଶିଯାଏ ଓ ମଳଟା ପାଣିଆ ହୋଇଯାଏ । ନାନା କାରଣରୁ ଅତିସାର ରୋଗ ହେଉଥିବାରୁ ଏହାକୁ ଭିନ୍ନ ଭିନ୍ନ ନାମ ଦିଆଯାଇଛି ।

**ଅକ୍ଷି** : ଆଖି ଥିବାରୁ ଆମେ ଦେଖି ପାରୁଛୁ । ଦେଖି ପାରିଲା ଫଳରେ ବହୁତ କିଛି ସୁବିଧା ହେଉଛି । ଆଖି ଯାହାସବୁ ଦେଖୁଛି ସେ ଖବର ମସ୍ତିଷ୍କକୁ ପଠାଇ ଦେଉଛି । ତାହାରି ଭିତରେ ଠିକ୍ ହେଉଛି କେଉଁ କ୍ଷେତ୍ରରେ କ'ଣ କଲେ ଭଲ ହେବ । ଦୂରରେ ସାପଟିଏ ଦେଖିଲେ ସେ ଖବର ମସ୍ତିଷ୍କ ଭିତରେ ପହଞ୍ଚି ଯାଉଛି । ସେଠାରୁ ଗୋଡ଼କୁ 'ଦଉଡ଼ି ପଳା' ବୋଲି

"ମାତାର ହୃଦୟ ତା'ର ସନ୍ତାନ ମାନଙ୍କର ପାଠଶାଳା ।"

--ବିଚର

## ୪୪ ଅନ୍ଧ-ଅନ୍ଧାରକଣା

କୁହାଯାଉଛି । ତାହା ନ ହେଲେ ହାତକୁ ଛୁଆଁଯାଉଛି 'ବାଡ଼ିଖଣ୍ଡେ ଧରି ତାକୁ ପିଟିଦେ ବା ଡରାଇ ଦେ' । କିନ୍ତୁ ଯଦି ସାପକୁ ଜଣେ ଦେଖି ନପାରିଲା କଥାଟା ଅସୁବିଧା ଆଡ଼କୁ ଗଲା । ଯାହାର ଆଖିନାହିଁ ବା ଯିଏ ଅନ୍ଧ ତାହାର ଏହିଭଳି ଅସୁବିଧା ହୁଏ ।

ଗୋଟାଏ ସମୟ ଥିଲା ଯେତେବେଳେ ଜଣେ ଅନ୍ଧ ହୋଇଗଲେ ନିଜକୁ ବରାବର ଅସହାୟ ମଣୁଥିଲା । କିନ୍ତୁ ପରେ ଦେଖାଗଲା ଯେ ଭଲ ଭାବରେ ତାଲିମ ଦେଲେ ବହୁତ କିଛି କାମ କରିପାରୁଛି । ମଣିଷର ତ କେତୋଟି ଇନ୍ଦ୍ରିୟ ଅଛି । ସେଥିରୁ ଗୋଟିଏ ନଥିଲେ ଅନ୍ୟ ଗୁଡ଼ିକ ଭିତରେ ଟିକିଏ ଅଧିକ ଶକ୍ତି ଭରିଯାଏ ବୋଲି ଦେଖାଯାଏ । ଜଣେ ଅନ୍ଧର ଅନୁଭବ କରିବା ବା ସ୍ପର୍ଶ ଶକ୍ତି ବଢ଼ିଯାଉଛି । ତେଣୁ ଗୋଟିଏ ପ୍ରକାର ଉଚ୍ଚା ଉଚ୍ଚା ଅକ୍ଷର ତିଆରି କରିଦିଆଗଲା । ହାତରେ ସେହି ଅକ୍ଷରକୁ ଉଣ୍ଡାଳି ଅନ୍ଧ ପାଠ ପଢ଼ିଗଲେ । ଲୁଇ ବ୍ରେଲୀ ବୋଲି ଜଣେ ଲୋକ ୧୮୪୯ରେ ଏହି ଅକ୍ଷର ବାହାର କରିଦେଲେ । ନାନା ଭାବରେ ତାଲିମ ପାଉଥିବାରୁ ଆଜି ଆମେ ଅନ୍ଧ ବାରିଷ୍ଟର, ଅନ୍ଧ ଅଧ୍ୟାପକ, ଅନ୍ଧ କବି ଓ ଅନ୍ଧ ଇଂଜିନିୟରଙ୍କ କଥା ଶୁଣୁଛୁ । ଉଣ୍ଡାଳି ଉଣ୍ଡାଳି ଭଲ ମୂର୍ତ୍ତି ତିଆରି କରିଦେଉଛନ୍ତି ଅନ୍ଧ କାରିଗରମାନେ । ବହୁ ସ୍ଥାନରେ ଅନ୍ଧମାନଙ୍କ ପାଇଁ ନୂଆ ଧରଣର ସ୍କୁଲ ସବୁ ବସିଛି ।

କେତେକ ଲୋକ ଜନ୍ମରୁ ଅନ୍ଧ । ସେମାନେ ସଂସାରର କିଛି ଦେଖିନାହାନ୍ତି । ତେଣୁ ଏହି ପୃଥିବୀରେ ଯାହାସବୁ ସୁନ୍ଦର ସେଥିପାଇଁ ସେମାନେ ଝୁରି ହୁଅନ୍ତି ନାହିଁ । କିନ୍ତୁ ଯେଉଁମାନେ କିଛିଦିନ ଚଳିଲା ପରେ ଆଖି ହରାଉଛନ୍ତି ସେମାନଙ୍କ ମନରେ ଦୁଃଖ ରହିଯାଉଛି । ସେମାନଙ୍କ ପାଇଁ ନୂଆ ନୂଆ ଯନ୍ତ୍ର ବାହାର କରାଯାଉଛି, ଯେମିତିକା ସେମାନେ ତାହା ସାହାଯ୍ୟରେ ବହୁତ କିଛି କାମ କରିପିବେ ।

**ଅନ୍ଧାରକଣା :** ଜଣ ଜଣଙ୍କର ଆଖିରେ ଏଭଳି ଦୋଷ ଦେଖାଯାଏ ଯେ ଅନ୍ଧାରରେ ସେମାନେ ଦେଖିପାରନ୍ତି ନାହିଁ । ସେମାନଙ୍କୁ ଅନ୍ଧାରକଣା ହୋଇଛି ବୋଲି କୁହାଯାଏ । ଜଣେ ହୁଏତ କହିବ, ଅନ୍ଧାରରେ ଆମେ କେହି ତ ଦେଖିପାରୁ ନାହୁଁ । ତେଣୁ ଏଭଳି ଅର୍ଥ କରିବାର କ'ଣ କାରଣ ଅଛି ? ଘୋର ଅନ୍ଧାର ବା କିଟିମିଟି ଅନ୍ଧାରରେ ଆମେ ଦେଖିପାରୁନାହୁଁ ସତ, ଅଳ୍ପ ଅନ୍ଧାରରେ ଅଳ୍ପ ଅଳ୍ପ ଦେଖିପାରୁଛୁ । ଆଲୁଅ ଓ ଘୋର ଅନ୍ଧାର ଭିତରେ ଅନ୍ଧାରୁଆ ବୋଲି ଗୋଟାଏ ଅବସ୍ଥା ସୃଷ୍ଟି ହୁଏ । ଏହି ମଟିମଟିକିଆ ଅବସ୍ଥା ହୋଇଥିଲେ ଆମେ କିଛି କିଛି ଦେଖିପାରୁ । ସେମିତି ହୁଏ ବୋଲି କଥାରେ କୁହନ୍ତି - ''ଏମିତି କିଟିକିଟି ଅନ୍ଧାର ହୋଇଛି ଯେ ମୁହଁକୁ ମୁହଁ ଦେଖାଯାଉନାହିଁ'' ।

କିନ୍ତୁ ଯାହାକୁ ଅନ୍ଧାରକଣା ସେ ଅନ୍ଧାରରେ କିଛି ଦେଖିପାରେ ନାହିଁ । ସୂର୍ଯ୍ୟ ଅସ୍ତ ହୋଇଗଲେ ତାହା ପକ୍ଷରେ ବୁଲାଚଲା କରିବା ଅସମ୍ଭବ । ଏସବୁ ଶୁଣିଲା ପରେ ଜଣେ ହୁଏତ ପଚାରିବ ଦିନବେଳେ ଦେଖିବା ପାଇଁ ଯଦି କୌଣସି ଅସୁବିଧା ହେଉନାହିଁ ତେବେ ଆଖି ତ ସୁସ୍ଥ ଅଛି । ରାତିରେ କାହିଁକି ଦେଖିପାରୁ ନାହିଁ ? ଏମିତି କ'ଣ କୁହାଯାଇ ପାରିବ ଯେ ଆଖିଟି ଦିନରେ ସୁସ୍ଥ, ରାତିରେ ତାକୁ ରୋଗ ଗ୍ରାସି ଯାଉଛି ? ତାହା ଯଦି ନ ହେଉଛି ତେବେ ଏହା କ'ଣ ସତ ଯେ ଦିନବେଳେ ଆମର ଗୋଟିଏ ପ୍ରକାରର ଆଖି ଥାଏ ଏବଂ ରାତିରେ ଆଉ ଗୋଟିଏ ପ୍ରକାରର ହୋଇଯାଏ ? ଅନେକାଂଶରେ ତାହାହିଁ ହୋଇଥାଏ । ଆଖିଟି ଗୋଟିଏ ଫଟୋ କାମେରା ଭଳି କାମ କରୁଛି । ତାହା ଭିତରେ ଦୁଇ ପ୍ରକାରର ବ୍ୟବସ୍ଥା ରହିଛି । ସେହି ଚକ୍ଷୁ କାମେରା ଗୋଟିଏ ଅବସ୍ଥାରେ

''ଖରାପ ପୁସ୍ତକ ପଢ଼ିବା ବିଷ ଖାଇବା ସଙ୍ଗେ ସମାନ ।''

--ଟଲଷ୍ଟୟ

## ୪୫ ଅନ୍ଧାରକଣା-ଅପୋସମ୍

ଦିନବେଳେ ଫଟୋ ଉଠାଇପାରେ, ଆଉ ଗୋଟିଏ ଅବସ୍ଥାରେ ରାତିରେ ଫଟୋ ଉଠାଏ । ରାତିରେ ଉଠାଇବା ପାଇଁ ଆଖି କ୍ୟାମେରା ଭିତରେ ଯେଉଁ ବ୍ୟବସ୍ଥା ଅଛି ତାହା ଯଦି ବିଗିଡ଼ିଗଲା ତେବେ ରାତିରେ ଆଉ ଦେଖାଯିବ ନାହିଁ । ସେହି ଅବସ୍ଥାକୁ ଆମେ କହୁ 'ଅନ୍ଧାରକଣା ।' ସେହି ଅବସ୍ଥାକୁ ସୁଧାରି ଦେଲେ ରାତିରେ ପୁଣି ପୂର୍ବପରି ଦେଖାଯିବ । ସେହି ସୁଧାରିବା କାମ କରିଥାଏ ଗୋଟିଏ ରକମର ଭିଟାମିନ୍ । ତାକୁ କୁହନ୍ତି ଏ ବା କ ଭିଟାମିନ୍ ।

**ଅପରାଧ :** ମଣିଷମାନେ ଯଦି ଜଣ ଜଣକିଆ ହୋଇ ରହିଥାନ୍ତେ ତା'ହେଲେ ଅବା ଭିନ୍ନ କଥା ହୁଅନ୍ତା । କିନ୍ତୁ ତାହା ତ ସମ୍ଭବ ହେଲାନାହିଁ । ବହୁ ଲୋକ ଯହିଁ ମିଳି, ଅବଶ୍ୟ ଉପୁଜଇ କଳି' । ସମସ୍ତେ ଯେମିତି ଭଲରେ ରହିବେ, କେହି କାହାରି ଅନିଷ୍ଟ କରିବେ ନାହିଁ, ଜଣକ ଠାରୁ ଅନ୍ୟଜଣେ ଜିନିଷପତ୍ର ଛଡ଼ାଇ ନେବନାହିଁ - ସେଥିପାଇଁ କେତେଗୁଡ଼ିଏ ନିୟମ ବାନ୍ଧି ଦିଆଗଲା ଯିଏ ସେହି ନିୟମ ନ ମାନିଲା ତାକୁ ସମସ୍ତେ ଡାକି ସାବଧାନ କରିଦେଲେ । ତାହା ସତ୍ତ୍ୱେ ଯଦି ସେ ସେମିତିକା କାମ କରି ଚାଲିଲା ତେବେ ତାକୁ ଦଣ୍ଡ ଦିଆଗଲା । ନିତାନ୍ତ ଯେତିକି ଦଣ୍ଡ ଦେଲେ ଚଳିବ ସେତିକି ଦଣ୍ଡ ଦିଆଗଲା । ସମାଜର ବା ଦେଶର ନିୟମ କାନୁନକୁ ଯିଏ ନମାନେ ସିଏ ଅପରାଧ କରେ ବୋଲି କୁହାଗଲା । ଜଣେ ଅପରାଧ କରିଛି କି ନାହିଁ ତାହା ସ୍ଥିର କରିଦେବା ପାଇଁ କ୍ରମେ ବିଚାରକ ସବୁ ନିଯୁକ୍ତ ହେଲେ । ଯେତେବେଳେ ଲୋକ ଅଧିକ ସଭ୍ୟ ହୋଇଗଲେ ସେତେବେଳେ କେବଳ ଚୋରି, ଡକାୟତି, ମଣିଷ ମାରିବା ଇତ୍ୟାଦିକୁ ଅପରାଧ ନକହି ଛୋଟ ଛୋଟ ଦୋଷକୁ ମଧ୍ୟ ଏହି ନାମ ଦିଆଗଲା । ମିଛ କହିବା, ନିଜ ନିଜ ଭିତରେ କଳି କରିବା, ଲୋକଙ୍କ ମନକୁ ବାଧିଲାଭଳି କଥା କହିବା, ପର ନିନ୍ଦା କରିବା, ଖରାପ ଭାଷାରେ କଥାବାର୍ତ୍ତା କରିବାକୁ ମଧ୍ୟ ଛୋଟ ଛୋଟ ଅପରାଧ ବୋଲି କୁହାଯାଏ - ଯଦିଓ ସେଥିପାଇଁ ସରକାର ଦଣ୍ଡ ଦେବାର ସେମିତି କିଛି ବ୍ୟବସ୍ଥା ନାହିଁ । ଯେଉଁ ସମାଜରେ ଉନ୍ନତି ହୁଏନାହିଁ, ସେଠି କେହି ଟିକିଏ ଶାନ୍ତିରେ ରହିପାରନ୍ତି ନାହିଁ ।

**ଅପୋସମ୍ :** ଯେଉଁସବୁ ଜୀବ ମାଆ କ୍ଷୀର ଖାଇ ବଞ୍ଚନ୍ତି ସେମାନଙ୍କ ଭିତରୁ ଗୋଟାଏ ନା ଗୋଟାଏ ଜାତିକୁ ଏ ସଂସାରର ଯେଉଁ ଅଂଶକୁ ଯାଅ ଦେଖିବ । ଆମେରିକା ମହାଦେଶରେ ଅପୋସମ୍ ବୋଲି ଗୋଟିଏ



(ଅପୋସମ୍)

"ଧୈର୍ଯ୍ୟ ପିତାଲାଗେ ସତ, କିନ୍ତୁ ତା'ର ଫଳ ଖୁବ୍ ମଧୁର ।"

--ରଷୋ

ମାଆ ସାରଖିଆ ଜୀବ ଅଛି । ତାହାର ଲମ୍ବ ଏକ ମିଟରରୁ ଟିକିଏ କମ୍ । ଗୋଟାଏ ଲମ୍ବା ଲାଞ୍ଜ ରହିଛି । ସେହି ଲାଙ୍ଗୁଳଟି ଏମିତି ତିଆରି ହୋଇଛି ଯେ ଗଛ ଡାଳରେ ସହଜରେ ଗୁଡ଼ାଇ ହୋଇଯାଇ ପାରିବ । ଦିନବେଳେ ଗଛ କୋରଡ଼ରେ ବା ବଡ଼ ବଡ଼ ଦୁଇଟା ଡାଳ ମଝିରେ ଶୋଇପଡ଼ନ୍ତି । ରାତିହେଲେ ଚଞ୍ଚଳ ହୋଇଉଠନ୍ତି । ତାକୁ ଛଳନା କରିବା କୌଶଳ ପ୍ରକୃତି ଦେଇଛି । ଧରି ପକାଇଲେ ସେ ଏଭଳି ଛଳନା କରି ପଡ଼ିଯାଏ ଯେ ମନେହେବ ସେଇଟି ମରିଗଲାଣି । ଧରିଲାବାଲା ଟିକିଏ ଅସାବଧାନ ହେଲେ ଡିଆଁ ମାରି ପଳାଏ । ଏହାର ଲୋମରେ ସୁନ୍ଦର ପୋଷାକ ତିଆରି ହୁଏ । ମାଂସ ମଧ୍ୟ ସୁଆଦିଆ ।

**ଅବନୀନ୍ଦ୍ରନାଥ ଠାକୁର** (୧୮୭୧-୧୯୫୧) : କଥାରେ କୁହନ୍ତି, 'ହଜାରେ କଥା, ଗୋଟିଏ ଚିତ୍ର' । ଜଣେ ଜଣେ ଲୋକଙ୍କର ହାତର ବାହାଦୁରୀ ହେଲା ସେ ଗୋଟିଏ ଗୋଟିଏ ସୁନ୍ଦର ଚିତ୍ର ଆଙ୍କିଦେବେ । ସେହି ଗୋଟିକୁ ଦେଖିଦେଲେ ଯେତେ କଥା ଜାଣି ହୋଇଯିବ, ଅନେକ ସମୟ ଧରି କହିଲେ ମଧ୍ୟ ସେତେ କଥା ଜାଣି ହୁଅନ୍ତା ନାହିଁ । ଏହାକୁହିଁ କୁହାଯାଏ ଚିତ୍ରକଳା ଓ ଯିଏ ଚିତ୍ର ଆଙ୍କନ୍ତି ତାଙ୍କୁ ଚିତ୍ରଶିଳ୍ପୀ ବୋଲି କୁହାଯାଏ । ବଙ୍ଗ ଦେଶର ଅବନୀନ୍ଦ୍ରନାଥ ଠାକୁର ଜଣେ ପ୍ରସିଦ୍ଧ ଚିତ୍ରଶିଳ୍ପୀ ଥିଲେ । ଲୋକେ ତାଙ୍କୁ ଶ୍ରଦ୍ଧାରେ ନାମ ଦେଇଥିଲେ 'ଛବିର ରାଜା ଅବୀନ ଠାକୁର' । ସେ କେବଳ ତୂଳି ନୁହେଁ, କଲମକୁ ମଧ୍ୟ ବ୍ୟବହାର କରୁଥିଲେ ପିଲାଙ୍କ ପାଇଁ ଭଲ ଭଲ ବହି ଲେଖିବାରେ । ଅନେକ ଲୋକ ଗୋଟିଏ ସୁନ୍ଦର ହାତକୁ କରପଲ୍ଲବ ବୋଲି କୁହନ୍ତି । ପଲ୍ଲବର ଅର୍ଥ ପତ୍ର । ଅବନୀନ୍ଦ୍ର ଗୋଟିଏ ହାତ ଓ ଗୋଟିଏ ପତ୍ରର ଚିତ୍ର ପାଖକୁ ପାଖ ଆଙ୍କିଦେଇ ଦେଖାଇ ଦେଲେ କରପଲ୍ଲବ ବୋଇଲେ କ'ଣ ବୁଝାଏ । ଜଣ ଜଣକର ନାକ ବେଶ ତୀଖ । ତାକୁ ଶୁଆ ଥଣ୍ଟ ନାକ ବୋଲି ଯେଉଁ ନାମ ଦିଆଯାଇଛି ତାହା କେତେ ଦୂରକୁ ଠିକ୍ ସେକଥା ବୁଝାଇବା ପାଇଁ ସେ ଦୁଇଟି ଚିତ୍ର ଆଙ୍କି ଦେଇଛନ୍ତି । ଯେଉଁ ନାରୀର କଟି ସୁନ୍ଦର ଭାବରେ ଗଢ଼ା ହୋଇଛି ସେଇଟି ସିଂହ କଟି ବୋଲି କୁହାଯାଏ । କାହିଁକି ସେମିତି କୁହାଯାଏ ଅବନୀନ୍ଦ୍ର ଚିତ୍ରରେ ବୁଝାଇ ଦେଲେ । ଏହିଭଳି ଶହ ଶହ ଚିତ୍ର ସେ ଆଙ୍କିଛନ୍ତି ବହୁ କଥାକୁ ବୁଝାଇବା



(ଅବନୀନ୍ଦ୍ରନାଥ ଠାକୁର)

ପାଇଁ । ସେ କୌଣସି ଚିତ୍ରକଳା ସ୍କୁଲର ଛାତ୍ର ନଥିଲେ । ନିଜ ମୁଣ୍ଡରୁ ବୁଦ୍ଧି ବାହାର କରି ଏତେ ନାମ କରିଗଲେ । ଆମ ଓଡ଼ିଶାର ଜଣେ ପ୍ରସିଦ୍ଧ ଚିତ୍ରଶିଳ୍ପୀଙ୍କୁ ଓଡ଼ିଶା ବାହାରେ ସେ ପରିଚିତ କରାଇଥିଲେ ।

**ଅବଦୁଲ ଗଫର ଖାଁ** (୧୮୯୧-୧୯୮୮) : କଥାରେ କୁହାଯାଏ, ବହୁଲୋକ କାଳି କଲମରେ ଇତିହାସ ଲେଖନ୍ତି । କିନ୍ତୁ ଜଣେ ଜଣେ ନିଜ ରକ୍ତରେହିଁ ତାହା ଲେଖିଯାଆନ୍ତି । ଭାରତର ଜଣେ ଶ୍ରେଷ୍ଠ ସନ୍ତାନ ଖାଁ ଅବଦୁଲ ଗଫର ଖାଁ ସେହିମାନଙ୍କ ଭିତରୁ ଜଣେ । ଆଉ ଜଣେ ଥିଲେ ମହାତ୍ମା ଗାନ୍ଧୀ । ଭାରତ

"କାହାରି ଅନୁଗ୍ରହ ପ୍ରାର୍ଥୀ ହେବା ଅର୍ଥ ନିଜର ସ୍ୱାଧୀନତାକୁ ବିକିଦେବା ।"

-ନୀତିବାକ୍ୟ

ଯେତେବେଳେ ପରାଧୀନ ଥିଲା ମହାତ୍ମା ଗାନ୍ଧୀ ଆସି ଲୋକଙ୍କୁ କହିଲେ, ଏ ଦେଶକୁ ବିଦେଶୀ ଶାସନରୁ ମୁକ୍ତ କରିବାକୁ ହେବ । ସେଥିପାଇଁ ଲଢ଼େଇ ହେବ । କିନ୍ତୁ ସେହି ଲଢାଇରେ ତୋପ ବନ୍ଧୁକ ତ ଦୂରର କଥା, ଠେଙ୍ଗା ବାଡ଼ି ମଧ୍ୟ ବ୍ୟବହାର କରାଯିବ ନାହିଁ । ତାହାରି ନାଁ ରଖିଲେ ଅହିଂସା ଲଢ଼େଇ । ସେହି କଥା ଶୁଣି ଅବଦୁଲ ଗଫର ଖାଁ ତାଙ୍କ ନିଜ ଅଞ୍ଚଳର ଲୋକଙ୍କୁ ଯାଇ କହିଲେ ।

ସେ ଯେଉଁଠି ଜନ୍ମ ହୋଇଥିଲେ ଭାରତର ସେହି ଅଞ୍ଚଳର ଲୋକଙ୍କୁ ପଠାଣ ବୋଲି କୁହାଯାଏ । ସେମାନେ କଥା କଥାକେ ବନ୍ଧୁକ ଚଳାନ୍ତି । କେହି କେବେ ବିଶ୍ୱାସ କରିନଥିଲା ଯେ ଏଭଳି ଲୋକେ ଅସ୍ତ୍ର ଛାଡ଼ିଦେଇ ଅହିଂସା ଲଢ଼େଇ କରିବେ ଓ



(ଅବଦୁଲ ଗଫର ଖାଁ)

ଛାତି ଦେଖାଇ ଗୋରା ମାନଙ୍କଠାରୁ ଗୁଳିମାଡ଼ ଖାଇବେ । କିନ୍ତୁ ତାହା ଦିନେ ସତ ହେଲା । ସେମାନେ ମାତି ଉଠିଲେ । ଇଂରେଜ ସରକାର ଅବଦୁଲ ଗଫର ଖାଁଙ୍କୁ ଜେଲରେ ପୂରାଇ ବହୁତ କିଛି କଷ୍ଟ ଦେଲେ । ତାଙ୍କ ସାଙ୍ଗରେ ଆହୁରି ଅନେକ ଲୋକଙ୍କୁ ଧରିଲେ ।

ପରେ ୧୯୩୦ ଏପ୍ରିଲ ୨୩ ଦିନ ବିନା କାରଣରେ ଗୁଳି ଚଳାଇ ବହୁ ସଂଖ୍ୟକ ପଠାଣଙ୍କୁ ମାରିଦେଲେ । ସେତିକିବେଳେ କୁହାଗଲା ଅବଦୁଲ ଗଫର ଖାଁ ହେଉଛନ୍ତି 'ସୀମାନ୍ତ ଗାନ୍ଧୀ' । ଭାରତର ପଶ୍ଚିମ ସୀମା ଅଞ୍ଚଳରେ ତାଙ୍କର ଘର । ତାଙ୍କୁ ବହୁବର୍ଷ ଜେଲ ଭିତରେ ରଖାଗଲା । ପଠାଣମାନେ ଦବିଲେ ନାହିଁ । ୧୯୪୭ରେ ଭାରତ ସ୍ୱାଧୀନ ହେଲା । ସେ ଭାବିଥିଲେ ତାଙ୍କ ସପନ ସତ ହେବ - ସେ ସ୍ୱାଧୀନ ଭାରତର ଲୋକ ହୋଇ ରହିବେ । କିନ୍ତୁ ତାହା ହେଲାନାହିଁ । ଭାରତ ଦୁଇଭାଗ ହୋଇଗଲା । ଯେଉଁ ଅଂଶଟିକୁ ପାକିସ୍ତାନ ବୋଲି କୁହାଗଲା ସେ ସେହି ଅଂଶରେ ରହିଗଲେ ।

ପାକିସ୍ତାନ ନ ହେଉ ବୋଲି ସେ କହୁଥିବାରୁ ସେଠାରେ ସରକାର ବର୍ଷ ବର୍ଷ ଧରି ତାଙ୍କୁ ଜେଲ ଭିତରେ ରଖି ନାନା କଷ୍ଟ ଦେଲେ । ସେ କିନ୍ତୁ ତାଙ୍କ ବିଶ୍ୱାସରେ ଅଟଳ ରହିଲେ । ଜେଲରେ ଯେତେ ଯନ୍ତ୍ରଣା ସହିଲେ ମଧ୍ୟ ତାଙ୍କର ଯାହା ମତ ସେ ବରାବର ପ୍ରକାଶ କଲେ । କଷ୍ଟ ଭୋଗି ବେମାର ହୋଇଗଲେ । କିଛିଦିନ ଯାଇ ଆଫଗାନିସ୍ତାନରେ ରହିଲେ । କିନ୍ତୁ ତାଙ୍କ ରୋଗ କ୍ରମେ ବଢ଼ିଲା । ଭାରତକୁ ତାଙ୍କୁ ଅଣାଗଲା ଚିକିତ୍ସା ପାଇଁ । ସେତିକିବେଳେ ତାଙ୍କୁ 'ଭାରତରତ୍ନ' ଉପାଧି ଦିଆଗଲା । ସେ ଆଉ ଭଲ ହେବେ ନାହିଁ ବୋଲି ଜଣାପଡ଼ିବାରୁ ତାଙ୍କୁ ପାକିସ୍ତାନକୁ ନିଆଗଲା । ସେହିଠାରେ ସେ ଏ ସଂସାରରୁ ବିଦାୟ ନେଇଗଲେ । ତାଙ୍କ ଶବକୁ ନିଜ ଜନ୍ମସ୍ଥାନ ଜଲାଲାବାଦଠାରେ (ଆଫଗାନିସ୍ତାନ) କବର ଦିଆଗଲା । ଭାରତ ସ୍ୱାଧୀନତାର ଇତିହାସରେ ତାଙ୍କ ନାଁଟି "ସୁନା ଅକ୍ଷରରେ" ଲେଖାହୋଇ ରହିବ ।

"ପାଠକର ସବୁଠାରୁ କମ୍ ସମୟ ନେଇ ଯିଏ ସବୁଠାରୁ ଅଧିକ ଜ୍ଞାନ ଦିଏ, ସେହିହିଁ ପ୍ରକୃତ ଲେଖକ ।"

--ସ୍ମିଥ୍

## ୪୮ ଅଭଦ୍ରତା-ଅଭିଧାନ

**ଅଭଦ୍ରତା :** ବହୁକାଳ ପୂର୍ବେ ମନୁଷ୍ୟ ବୁଲା ଜୀବନ କଟାଉଥିଲା । ସେତେବେଳେ ଗୋଟାଏ ସ୍ଥାନରେ ବହୁ ସଂଖ୍ୟକ ଲୋକ ରହିବା ଦରକାର ପଡୁନଥିଲା । ପରେ ଗାଁସବୁ ଗଢ଼ି ଉଠିଲା । ଜଣେ ଅନ୍ୟଜଣକ ସହିତ କେମିତି ଚଳିବ, କେମିତିକା ବ୍ୟବହାର ଦେଖାଇବ ତାହା କ୍ରମେ ଉଣା ଅଧିକେ ସ୍ଥିର ହୋଇଗଲା । ଯେଉଁଠାରେ ଲୋକେ ସମାଜର ନିୟମ କାନୁନ୍ ମାନି ଚଳିଲେ, ନିଜ ନିଜ ଭିତରେ ସ୍ନେହ ଆଦର ଦେଖାଇଲେ, ଯେଉଁମାନେ ବଡ଼ ବା ଗୁରୁଜନ ସେମାନଙ୍କୁ ମାନିଲେ, ତାକୁହିଁ କୁହାଗଲା ଭଦ୍ର ସମାଜ । ଯେମିତି ଚଳିବେ ବୋଲି ସମସ୍ତେ ସ୍ଥିର କରିନେଇଛନ୍ତି ସେମିତି ଚଳିବା, କାହାରି କ୍ଷତି ନ କରିବା ବା ମନରେ କଷ୍ଟ ନ ଦେବା ଭଳି କଥାବାର୍ତ୍ତା ବା କାମ ନ କରିବାକୁ ଭଦ୍ରତା ବୋଲି କୁହାଯାଏ । ଯେଉଁ ଲୋକ ଏହାର ବିପରୀତ ଆଚରଣ ଦେଖାଇଲା, ଅର୍ଥାତ୍ ନିଜର କାର୍ଯ୍ୟ ବା କଥା ଫଳରେ ଅନ୍ୟର ମନରେ କଷ୍ଟ ଦେଲା ସେ ଅଭଦ୍ରତା ଦେଖାଉଛି ବୋଲି କୁହାଗଲା । ଯେଉଁ ସମାଜର ଲୋକେ ଭଦ୍ର ସେହି ସମାଜର ଲୋକଙ୍କର ଅନ୍ୟମାନଙ୍କ ପାଖରେ ଖାତିର ଥାଏ । ମନୁଷ୍ୟର ଗୋଟିଏ ବଡ଼ ଗୁଣ ହେଲା ଭଦ୍ରତା ଓ ଗୋଟାଏ ବଡ଼ ଦୋଷ ହେଲା ଅଭଦ୍ରତା ।

**ଅଭିଧାନ :** ଗୋଟିଏ କଥା ସମସ୍ତେ ଜାଣନ୍ତି କିମ୍ବା ମନେ ପକାଇଦେଲେ ବୁଝିଯା'ନ୍ତି । ସେଇଟି ହେଲା ଆମେ ଯେଉଁସବୁ କଥା କହୁଛୁ ଓ ଯାହାକୁ ଭାଷା ବୋଲି କୁହାଯାଏ, ସେଥିରେ ଅନେକ ଗୁଡ଼ିଏ ଶବ୍ଦ ଅଛି । କିନ୍ତୁ ମନେରଖିବାକୁ ହେବ ଯେ ଏହିସବୁ ଶବ୍ଦ ବର୍ଷେ, ଦି ବର୍ଷ, ବା ପାଞ୍ଚଶହ, ହଜାରେ ବର୍ଷ ଭିତରେ ତିଆରି ହୋଇ ନଥିଲା । ହଜାର ହଜାର, ଲକ୍ଷ ଲକ୍ଷ ବର୍ଷ ତଳେ ମଣିଷ ବୁଲୁଥିଲା । ସେ ତ ବେଶୀ ଦୂରକୁ ଯାଉ ନଥିଲା । ଯାହାସବୁ ଦେଖୁଥାଏ ସେଗୁଡ଼ିକୁ ଗୋଟିଏ ଗୋଟିଏ ନାଁ ଦେବାକୁ ଚେଷ୍ଟାକରେ । ଯାହା ପିଉଛି ତାକୁ ପାଣି ବୋଲି କହିଲା । ଯାହା ଉପରେ ବୁଲୁଛି ତାକୁ ମାଟି ବୋଲି କହିଲା । ଗୋଟାଏ ଜିନିଷକୁ ପଥର ବୋଲି କହିଲାଣି । ଗୁଡ଼ାଏ ପଥର ଯେଉଁଠି ଜମା ହୋଇଛି ତା'କୁ ନାଁ ଦେଲାଣି ପାହାଡ଼ । ଦେହର ଭିନ୍ନ ଭିନ୍ନ ଅଙ୍ଗକୁ ଗୋଟିଏ ଗୋଟିଏ ନାଁ ଦେଲା - ନାକ, କାନ, ଆଖି, ହାତ, ଗୋଡ଼ । ଗଛରୁ ଯେଉଁ ସୁଆଦିଆ ଜିନିଷଟି ଆଣି ଖାଇଲା ତାକୁ କହିଲା ଫଳ । ଯେଉଁଟିକୁ ଦେଖିଲେ ତା' ମନ ଖୁସି ହୋଇଯାଉଥିଲା ଓ ନାକକୁ ଆନନ୍ଦ ଦେଉଥିଲା ତାକୁ କହିଲା ଫୁଲ । ଦିଗୋଡ଼ ସାହାଯ୍ୟରେ ଆଗକୁ ଗଲାବେଳକୁ କହିଲା 'ଚାଲି' । ଯେଉଁସବୁ ଜୀବଙ୍କୁ ଦେଖୁଥିଲା ତାଙ୍କୁ ଗୋଟିଏ ଗୋଟିଏ ନାଁ ଦେଲା । ଏହି ଯେଉଁସବୁ ନାମ ଦିଆଗଲା ତାକୁ ଗୋଟିଏ ଗୋଟିଏ 'ଶବ୍ଦ' ବୋଲି କୁହାଗଲା । ମନୁଷ୍ୟର ଅଖି ଖୋଲିଲା । ଦୂର ଦୂରାନ୍ତକୁ ଗଲା । ନୂଆ ନୂଆ ଜିନିଷ ଦେଖିଲା । ଅନ୍ୟମାନେ ତା'କୁ କ'ଣ କହୁଛନ୍ତି ବୋଲି ଶୁଣିଲା । ଏହାର ଅର୍ଥ ହେଉଛି ସେ ନୂଆ ନୂଆ ଶବ୍ଦ ଶିଖୁଛି । ଏକା ଜିନିଷକୁ ଏକାଭଳି ନାମରେ ଯେଉଁମାନେ କହିଲେ ସେମାନେ ଗୋଟିଏ ଭାଷାର ଲୋକ ବୋଲି କ୍ରମେ କୁହାଗଲା । ଟିକିଏ ଅନ୍ୟ ଭାବରେ କହିବାକୁ ଗଲେ ଏହି ଶବ୍ଦ ଗୁଡ଼ିକ ମିଶି ଭାଷା ସୃଷ୍ଟି କଲେ ।

ପ୍ରଥମ ଅବସ୍ଥାରେ ଦୁଇ, ତିନି ବା ପାଞ୍ଚଶହ ଶବ୍ଦ ଜାଣି ରଖିଲେ ବା ମନେ ରଖିଲେ ଜଣଙ୍କର କାମ ଚଳିଯାଉଥିଲା । ବଣରେ ସେ ଯାହା ଦେଖିଲା ତା'କୁ ଆସି ହାତରେ ଠାରିକରି ହେଉ ବା ଅନ୍ୟପ୍ରକାରେ ତା' ସାଙ୍ଗମାନଙ୍କୁ କହିଲା । ସେତେବେଳକୁ ସେ ଯେଉଁ ଜିନିଷଟି ଦେଖିଛି ତା' ନାଁ ବି ଜାଣିନାହିଁ । ସମସ୍ତେ ମିଶି ଗୋଟିଏ ନାଁ ଦେଇଦେଲେ । ତେଣିକି ଫୁଲ, ଫଳ, ପାହାଡ଼, ନଦୀ, ଝରଣା, ପାଣି ଇତ୍ୟାଦି କହିଲେ କ'ଣ

---

"ପ୍ରଶଂସାଟା ସମୟେ ସମୟେ ଗାଳିଠୁଁ ଅଧିକ ଖରାପ ।"

--ଋଷୀୟ ନୀତିବାକ୍ୟ

## ୪୯ ଅଭିଧାନ

ବୁଝାଉଛି ସମସ୍ତେ ଜାଣିଗଲେ । ସେହି ଅବସ୍ଥା କିନ୍ତୁ ବେଶି ଦିନ ରହିଲା ନାହିଁ । ମୁଣ୍ଡ ଉପରେ ବହୁଦୂରରେ ଗୋଟାଏ କ'ଣ ନେଳିଆ ହୋଇ ଦେଖାଯାଉଛି । ତାକୁ ଗୋଟାଏ ନାଁ ଦେବାକୁ ହେବ । ବହୁଶହ ବର୍ଷ ପରେ ତାକୁ ଜଣେ 'ଆକାଶ' ବୋଲି କହିଲା । ସମସ୍ତେ ମାନିଗଲେ । ସେଥିରୁ ଯାହା ଥପ୍ ଥପ୍ ହୋଇ ଝରି ପଡ଼ିଲା ତା'କୁ ବର୍ଷା ବୋଲି କହିଲେ । ଆଉ କେତେ ହଜାର ବର୍ଷ ପରେ ସୂର୍ଯ୍ୟ, ଚନ୍ଦ୍ର, ତାରା, ଝଡ଼, ବତାସ ଭଳି କଥା ସବୁ କୁହାଗଲା । ଭାଷା ଭିତରକୁ ଯେତେ ଅଧିକ ଶବ୍ଦ ଆସିଲା ଲୋକଙ୍କର ମନର କଥା ଜଣାଇବା ପାଇଁ ସେତେ ସୁବିଧା ହେଲା । କେତେ ହଜାର ବର୍ଷ ବିତିଗଲା । ଲୋକେ ସଭ୍ୟ ହୋଇଗଲେ । ବହି ଲେଖା ଆରମ୍ଭ ହୋଇଗଲାଣି । ଲେଖିଲାବେଳକୁ ନୂଆ ନୂଆ ଶବ୍ଦ ସୃଷ୍ଟି କରିବା ଦରକାର ପଡ଼ିଲା ଓ ସେମିତି କରାଗଲା । ଦେଖିଲା ବେଳକୁ ଗୋଟିଏ ଭାଷାରେ ଯେଉଁ ତିନିଶହ ପାଞ୍ଚଶହ ଶବ୍ଦ ଥିଲା ସେଥିରେ ଯୋଗ ହୋଇଗଲାଣି ଆଉ କେତେ ହଜାର ଶବ୍ଦ । ଲୋକେ କୁହାକୁହି ହେଲେ ଆମ ଭାଷା କେତେ ଧନୀ । ଆମେ ସେହି ଭାଷାରେ ମନର ସବୁକଥା କହିଦେଇ ପାରୁଛୁ । ଯାହା କିଛି ଦେଖୁଛୁ ତାକୁ ବୁଝାଇ ଦେଉଛୁ ।

ଗୋଟିଏ ଭାଷାରେ ସବୁ ଶବ୍ଦର ଅର୍ଥ ସମସ୍ତେ ଯେ ଜାଣି ଯାଉଥିଲେ ସେଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ । କଥା କହୁ କହୁ ଗୋଟାଏ ଚିଜର ଦୁଇ ତିନିଟା ନାମ ହୋଇଗଲାଣି । ଗୋଟିଏ ଚିଜକୁ ପାଣି, ଜଳ, ନୀର ବୋଲି କୁହାଯାଉଛି । ଯିଏ ଟିକିଏ ଅଳ୍ପ ଜାଣିଛି, ସେମିତି କିଛି ପାଠ ପଢ଼ିନାହିଁ, ତାକୁ ନୀର କହିଲା ବେଳକୁ ସେ ବୁଝି ପାରୁନାହିଁ । ବୁଝି ନ ପାରିଲାରୁ ବହିରେ ଯାହା ଲେଖାଯାଇଛି ତାକୁ ଜାଣିପାରୁ ନାହିଁ ।

ପଣ୍ଡିତମାନେ ବସିଲେ । କ'ଣ କଲେ ଗୋଟାଏ ଭାଷାରେ ସବୁ ଶବ୍ଦର ଅର୍ଥ ଜଣେ ଇଚ୍ଛା କଲେ ଜାଣି ପାରିବ ? ବୁଦ୍ଧି ଖେଳାଇ ଖେଳାଇ ଗୋଟାଏ ବାଟ ବାହାର କଲେ । ଭାଷାର ସବୁତକ ଶବ୍ଦକୁ ଲେଖି ପକାଇଲେ । ତା' ମୂଳ ଅକ୍ଷର ଅନୁସାରେ ସଜାଇ ଦେଲେ । ସେଗୁଡ଼ିକୁ ତଳକୁ ତଳକୁ ଲେଖିଗଲେ । ନୀର ଶବ୍ଦ ଲେଖି ତା' ଡାହାଣରେ ଲେଖିଦେଲେ ପାଣି । ଏମିତି ଲେଖି ଯେଉଁ ବହି ଖଣ୍ଡିକ ବାହାର କଲେ ତାକୁ କୁହାଗଲା 'ଅଭିଧାନ' । ଅକ୍ଷର ଅନୁସାରେ ତଳକୁ ତଳକୁ ଲେଖାଯାଇଥିବାରୁ ଗୋଟାଏ ଶବ୍ଦକୁ ଖୋଜି ପାଇବା ସହଜ ହେଲା । ତୁମେ ସବୁ ଛୋଟିଆ ଛୋଟିଆ ଅଭିଧାନ ଦେଖିଥିବ । ଅଭିଧାନ ବ୍ୟବହାର ଶିଖିବାଟା ଗୋଟାଏ ବିଦ୍ୟା । ସବୁ ସ୍କୁଲରେ, ସବୁ ଶିକ୍ଷିତ ଲୋକଙ୍କ ଘରେ ଗୋଟାଏ ନା ଗୋଟାଏ ଛୋଟ ବଡ଼ ଅଭିଧାନ ରହିଛି । ଏମିତି ହୁଏ ଯେ ସବୁ ଶବ୍ଦର ଅର୍ଥ ସମସ୍ତେ ଜାଣିବା କିଛି ଦରକାର ପଡ଼େ ନାହିଁ । ବଡ଼ ଅଭିଧାନରେ ସିନା ଭାଷାର ସବୁ ଶବ୍ଦ ଥାଏ, ଛୋଟ ଛୋଟ ଅଭିଧାନରେ ସେତେ ସଂଖ୍ୟାରେ ନଥଲେ ମଧ୍ୟ ବହୁ ଲୋକଙ୍କର କାମ ଚଳିଯାଏ । ଧରି ନିଆଯାଉ ଓଡ଼ିଆ ବଡ଼ ଅଭିଧାନରେ ଲକ୍ଷେ ଶବ୍ଦ ଅଛି । ସେଥିରୁ ବାଛି ବାଛି ପିଲାଙ୍କ ପାଇଁ ଗୋଟିଏ ଛୋଟ ଅଭିଧାନ କରାଯାଇଛି । ସ୍କୁଲରେ ଯେଉଁସବୁ ବହି ପଢୁଛନ୍ତି ସେଥିରୁ ଗୋଟିଏ ଶବ୍ଦ ବୁଝି ନ ପାରିଲେ ଏହି ଅଭିଧାନ ଓଲଟାଇ ଦେଖୁଛନ୍ତି । ବିନା ଗୁରୁରେ ଜଣେ ବହୁତ କଥା ବୁଝିପାରୁଛି ।

ମଣିଷ ଜାତି ଆଗେଇ ଚାଲିଛି । ନୂଆ ନୂଆ କଥା ବାହାର କରୁଛି । ଦୁନିଆର ଚାରିଆଡ଼େ କ'ଣ ସବୁ ହେଉଛି ଜାଣୁଛି । ନୂଆ ନୂଆ ଶବ୍ଦ ଦରକାର ପଡୁଛି । ସେ ସବୁ ବିଷୟ ମନେରଖିବା ପାଇଁ ଓ ଅନ୍ୟକୁ ଜଣାଇବା ପାଇଁ ସେଗୁଡ଼ିକୁ ଅଭିଧାନରେ ସ୍ଥାନ ନ ଦେଲେ ସମସ୍ତେ ଜାଣିବେ କିପରି ? ଯେଉଁ ଦେଶ ଯେତେ ଅଧିକ ଶିକ୍ଷିତ ହେଉଛି, ସଭ୍ୟ ହେଉଛି ସେ

"ଜଣେ ବିଜ୍ଞ ବନ୍ଧୁ ପାଇବାରୁ ବଳି ଆଶୀର୍ବାଦ ମନୁଷ୍ୟ ଜୀବନରେ ଆଉ କିଛି ନାହିଁ ।"

--ଇଉରିପାଇଡିସ୍

ଦେଶ ତା କାମ ଚଳାଇବା ପାଇଁ ଅଧିକରୁ ଅଧିକ ଶବ୍ଦ ଦରକାର କରୁଛି । ଦିନେ ଆମ ଓଡ଼ିଆ ଅଭିଧାନରେ ଟାୟାର, ଟିଉବ, ଭଲଟିଉ ଭଳି ଶବ୍ଦ ନଥିଲା । ଏବକାର ଅଭିଧାନରେ ସେସବୁ ଲେଖାଯାଉଛି । ତେଣୁ ଆମ ଅଭିଧାନ କ୍ରମେ ବଡ଼ ହୋଇ ହୋଇ ଯାଉଛି । ପୃଥିବୀରେ ବହୁ ସଂଖ୍ୟକ ଭାଷା ତ ରହିଛି । ସେଥିରୁ ପ୍ରାୟ ୨୦୦ ଖୁବ୍ ଭଲ ଭାଷା, ଉନ୍ନତ ଭାଷା । ସେ ସବୁ ଭାଷାରେ କେତେ ଶବ୍ଦ ଅଛି, ତାହା ଜାଣିଲେ ଭାଷା ପ୍ରତି ଆମର ସମ୍ମାନ ବଢ଼େ । ଇଂରାଜୀ ଭାଷା କଥା ନିଆଯାଉ । ସେ ଭାଷାର ଅଭିଧାନରେ ପ୍ରାୟ ପାଞ୍ଚ ଲକ୍ଷ ଶବ୍ଦ ଅଛି । ଭାରତର କୌଣସି ଭାଷାରେ ଏତେ ଶବ୍ଦ ନାହିଁ । ଆରମ୍ଭରୁ ଯେ ଇଂରାଜୀରେ ଏତେ ଶବ୍ଦ ଥିଲା ତାହା ନୁହେଁ; ପୃଥିବୀର ବହୁ ଭାଷାରୁ ନୂଆ ନୂଆ ଶବ୍ଦ ଆଣି ସେମାନେ ମିଶାଇଲେ । ଓଡ଼ିଆ, ବଙ୍ଗଳା, ହିନ୍ଦୀ ଭାଷା ପାଇଁ ମଧ୍ୟ ସେମିତି କରାଯାଉଛି । ମୋଟ ଉପରେ ଗୋଟିଏ ଦେଶର ଅଭିଧାନକୁ ଦେଖିଲେ ଓ ସେଥିରେ ଅର୍ଥ ସବୁ କେମିତି ବୁଝାଇ ଦିଆଯାଉଛି ଜାଣିଲେ; କହିଦେଇ ହେବ ସେ ଭାଷା କେତେ ଦୂରକୁ ଉନ୍ନତ ।

**ଅଭିମନ୍ୟୁ ସାମନ୍ତସିଂହାର** (୧୭୫୭-୧୮୦୬): ଓଡ଼ିଶାର ଜଣେ ପ୍ରସିଦ୍ଧ ସାଧକ ଓ କବି । କଟକ ଜିଲାର ଯାଜପୁର ନିକଟ ବାଲିଆ ଗ୍ରାମରେ ଜନ୍ମ । ତାଙ୍କ ରଚିତ 'ବିଦଗ୍ଧ ଚିନ୍ତାମଣି' ଓଡ଼ିଆ ସାହିତ୍ୟ ଜଗତର ଗୋଟିଏ ରତ୍ନ । ସେ ଅନେକ ଭାଷା ଜାଣିଥିଲେ । ପିଲାଦିନର 'ବାଘ ଗୀତ' ଓ 'ଚଢ଼େଇ ଗୀତ' ଭଳି ସୁନ୍ଦର ସୁନ୍ଦର କବିତା ଆଜି ମଧ୍ୟ ଆଗ୍ରହର ସହିତ ପଢ଼ାଯାଏ ।

**ଅଭିଲେଖାଗାର** : ଏମିତି ଗୋଟିଏ ଗୋଟିଏ ଘର ଅଛି ଯାହା ଭିତରକୁ ପଶିଗଲେ ହଠାତ୍ ଜାଣି ହେବନାହିଁ ଏତେ ଲୋକ ବସି କଅଣ କରୁଛନ୍ତି । ଜଣେ ଗୋଟିଏ କାଗଜକୁ ଟେବୁଲ ଉପରେ ସଜାଇ ରଖିଛନ୍ତି । ସେଇଟିକୁ ଦେଖିଲେ ମନେହେବ ବହୁ ବର୍ଷ ତଳେ ଏଥିରେ ଲେଖା ଯାଇଥିଲା ଓ ଏଇଟି ପୁରୁଣା ହୋଇ ଛିଣ୍ଡିଯିବା ଅବସ୍ଥାକୁ ଆସିଗଲାଣି । ସେ ତା ଉପରେ ଗୋଟାଏ ଅଠାଳିଆ ପତଳା ଫିତା ମଡ଼ାଉଛନ୍ତି । ତା ନହେଲେ କିଛିଦିନ ପରେ ତାକୁ ଧରିଲେ ଆହୁରି ଛିଣ୍ଡିଯିବ । ଆଉ କେଉଁଠି ଦେଖିବ ଗୋଟିଏ ପୁରୁଣା ତାଳପତ୍ର ପୋଥି । ତା'ଉପରେ କଅଣ ସବୁ ମଡ଼ାଯାଉଛି ଯେମିତିକି ତାହା ଖରାପ ହୋଇଯିବନାହିଁ । ପଛକୁ ଚାହିଁଲେ ଜାଣିବ ଗୋଟାଏ ଖବର କାଗଜର ଥାକ । ଶହେ ବର୍ଷ ପୂର୍ବେ ସେହି କାଗଜ ପ୍ରଥମେ ବାହାରିଥିଲା । ବର୍ଷକୁ ୩୬୫ ଖଣ୍ଡ ହିସାବରେ ୧୦୦ ବର୍ଷର ହଜାର ହଜାର କାଗଜ ସଜା ହୋଇ ରହିଛି । ମନେ ହେବ, ଏତେ ପୁରୁଣା କାଗଜ ଏଠାରେ କାହିଁକି ରଖାଯାଇଛି ? ଯିଏ ସେହିଘରେ ସବୁ କଥା ଦେଖୁଛନ୍ତି ତାଙ୍କ ପାଖକୁ ଗଲେ ଦେଖିବ ସେ ଖଣ୍ଡିଏ ଚିଠିକୁ ଯତ୍ନରେ ଆଗରେ ରଖିଛନ୍ତି । ତାଙ୍କ ପାଖରେ ବସିଥିବା ଜଣେ ଭଦ୍ରବ୍ୟକ୍ତିଙ୍କୁ କହୁଛନ୍ତି-ଏଇଟିକୁ ୧୫ ହଜାର ଟଙ୍କା ଦେଇ କିଣାଯାଇଛି । ୧୮୭୫ ମସିହାରେ ଜଣେ ଲୋକ ଏଇ ଚିଠିଟି ଲେଖିଥିଲେ । ପରେ ସେ ଓଡ଼ିଶାର ଜଣେ ବରପୁତ୍ର ହୋଇ ବାହାରିଲେ । ତାଙ୍କ ନାଁ ମଧୁସୂଦନ ଦାସ । ତାଙ୍କ ହାତଲେଖା ଏହି ଚିଠିଟିର ମୂଲ୍ୟ କେତେ ତାହା ଏବେ ଜଣାପଡୁଛି । ଏଇଟିକୁ ସାଇତିବା ପାଇଁ ଶହେ ଟଙ୍କା ଖର୍ଚ୍ଚ ହେବ, କାରଣ ସେମିତିକା ଦାମିକା କାଗଜବନ୍ଧା ପଦାର୍ଥ ନ ଆଣିଲେ ଏଇଟି କିଛି ଦିନ ପରେ ନଷ୍ଟ ହୋଇଯିବ । ପୁରୁଣା ମୂଲ୍ୟବାନ ଚିଠିପତ୍ର ନଥିକୁ ଯେଉଁ ଘରେ ସାଇତି ରଖାହୋଇଛି ତାକୁ ଅତି ଯତ୍ନରେ ଜଗି ଦେଖାଯାଉଛି ଯେମିତି ଖରାପ ନହୋଇ ଯାଏ । ସେହି ଘରକୁ 'ଅଭିଲେଖାଗାର' ବୋଲି କୁହାଯାଏ । ବହୁ ଦୂରରୁ ପଣ୍ଡିତମାନେ ଆସନ୍ତି ଗୋଟାଏ ଗୋଟାଏ ଦରକାରୀ ଜିନିଷ ଖୋଜି ବାହାର କରିବା

"ଜୀବନ୍ତ ଲୋକର ଶ୍ମଶାନ ହେଉଛି ଆଳସ୍ୟ ।"

--ଟେଲର୍

ପାଇଁ । ସେମାନେ ଅଭିଲେଖାଗାରକୁ ଯାଇ ପଚାରନ୍ତି -ଶହେ ବର୍ଷ ତଳେ ଯେଉଁ ବହି ଖଣ୍ଡିକ ଓଡ଼ିଆ ଭାଷାରେ ଲେଖାଯାଇଥିଲା ବୋଲି ଜଣାପଡୁଛି ସେ ବହିର ପାଣ୍ଡୁଲିପି ଏଠି ମିଳିବ ?ଲୋକେ କହୁଛନ୍ତି ତାହା ଛାପାଯାଇଥିଲା ବୋଲି । ତାହା ସତ କି ?ସେ ଯଦି



(ଓଡ଼ିଶା ରାଜ୍ୟ ଅଭିଲେଖାଗାର)

ପାଇଗଲେ ତାଙ୍କ ଆନନ୍ଦର ସୀମା ରହିଲା ନାହିଁ । ମୋଟ ଉପରେ କହିବାକୁ ଗଲେ ଅଭିଲେଖାଗାରଟି ହେଉଛି ପଣ୍ଡିତମାନଙ୍କ ପାଇଁ ଅମୂଲ୍ୟ ସଂପଦ । ଜଣେ ଜଣେ ପଣ୍ଡିତ, ଦକ୍ଷ, ବିଶିଷ୍ଟ ଲୋକ ଏହି ଅଭିଲେଖାଗାର ଦାୟିତ୍ୱରେ ଥା'ନ୍ତି । ଆମ ଭୁବନେଶ୍ୱରରେ ଏହିଭଳି ଗୋଟିଏ ଅଭିଲେଖାଗାର ଅଛି । ତାହାର ଅନ୍ୟନାମ ହେଉଛି 'ଆର୍କାଇଭ୍ସ୍' । ପ୍ରଥମେ ଏହି ଶବ୍ଦଟି ବୁଝାଉଥିଲା ମୂଲ୍ୟବାନ ରେକର୍ଡ ଓ ନଥିପତ୍ର । ପରେ ସେଗୁଡ଼ିକ ଯେଉଁ ଘରେ ରହିଲା ତାକୁ ହିଁ ଆର୍କାଇଭ୍ସ୍ ବୋଲି କୁହାଗଲା ।

**ଅଭ୍ୟାସ** : ପିଲାଟି ଯେତେବେଳେ ଜନ୍ମ ହୁଏ ସେତେବେଳେ ଦେଖାଯାଏ ଯେ ଅଳ୍ପ କେତୋଟି କଥା ସେ ଶିଖି ସାରିଛି । ଚାଲିବ, ଗୋଡ଼ ହାତ ହଲାଇବ, ମାଆଠାରୁ କ୍ଷୀର ଖାଇବ - ଏହି ଗୁଡ଼ିକ ହେଲା ଜନ୍ମ ସାଙ୍ଗରେ ଶିଖିଥିବା ବିଷୟ । ତାହାପରେ ତାକୁ କେତୋଟି କଥା କ୍ରମେ ଶିଖାଇ ଦେବାର ଚେଷ୍ଟା କରାଯାଏ । ସେ କିଛି କିଛି ଶିଖିଯାଏ, କିନ୍ତୁ ଭଲ ଭାବରେ ଶିଖିପାରେ ନାହିଁ । ଆଉ ଟିକିଏ ବଡ଼ ହୋଇଗଲେ ଗୋଟିଏ କଥାକୁ ବାରମ୍ବାର ଶିଖାଇ ଶିଶୁଟି ଯେମିତି ତାକୁ ଆଦରି ଯିବ ସେହି ଉଦ୍ୟମ ବାପ ମାଆ ବା ତା ଚାରିପଟେ ଥିବା ଅନ୍ୟମାନେ କରନ୍ତି । ମୁଣ୍ଡକୁ କେମିତି ହଲାଇଲେ ସେ ହସିବ, କଅଣ କଲେ ସେ ହାତ ବଢ଼ାଇବ ଇତ୍ୟାଦି କଥା ତାକୁ ଶିଖାଯାଏ । ବାରମ୍ବାର ଏହିପରି ଶିଖାଇବାକୁ ଅଭ୍ୟାସ କରାଇବା ବୋଲି କୁହାଯାଏ । ଥରେ ଅଧେ ଶିଖାଇ ଦେଲେ ତାର ମନେ ରହିବ ନାହିଁ । ତାକୁ ବହୁବାର ଶିଖାଇଲେ ଯାଇ କଥାଟା ସେ ଧରିବ ଓ ମନେ ରଖିବ । ପିଲା ଯେତେବେଳେ ବଡ଼ ହୋଇଯାଏ ତାକୁ କେତେ ଗୁଡ଼ିଏ କଥା ଭଲ ଭାବରେ ଶିଖାଯାଏ । ତାକୁହିଁ ଶିକ୍ଷାଦାନ ବୋଲି କୁହାଯାଏ । ଅନେକ ଥର ବୋଲିଲେ ପିଲାର ଗୋଟିଏ ଗୀତ ମୁଖସ୍ଥ ହୋଇଯାଉଛି । ତାହା କେବଳ ଅଭ୍ୟାସର କଥା । ଭଲ ଅଭ୍ୟାସ ଛାଞ୍ଚରେ ପିଲାର ମନକୁ ପକାଇବା ହେଉଛି ପ୍ରକୃତ ଶିକ୍ଷା । ଦେଖିଶିଖି ପିଲାର କେତେଗୁଡ଼ିଏ କଥା ଅଭ୍ୟାସରେ ପଡ଼ିଯାଏ । ବାହାରର ଜଣେ ଲୋକ ଘରକୁ ଆସିଛନ୍ତି । ତାଙ୍କ ସହିତ ଭଦ୍ର ଭାବରେ କଥାବାର୍ତ୍ତା କଲେ ସେ ଜାଣିବେ ଏହି ଘରର ଲୋକଙ୍କର ଚାଲିଚଳନ ଏମିତି ଯେ ପିଲାଟିର ଅଭ୍ୟାସ ହୋଇଯାଇଛି ଭଦ୍ର ବ୍ୟବହାର କରିବା । ତାହାର ବିପରୀତଟି ମଧ୍ୟ ହୋଇପାରେ । ମୋଟ ଉପରେ କହିବାକୁ ଗଲେ, ଗୋଟିଏ କଥାକୁ ବାରମ୍ବାର କରିବା ହେଉଛି ଅଭ୍ୟାସ । "ଅଭ୍ୟାସ ଯୋଗେ ସର୍ବସିଦ୍ଧି, ଜାଣିବ ଏହୁ

---

"ଯାହାର ମନଟି ଛୋଟ, ତୁମେ ତା ଭିତରେ ବଡ଼ ଆଶାଟିଏ ରଖିଦେଇ ପାରିବ ନାହିଁ ।"

--ଜେ. ଏଲ୍. ଜୋନ୍ସ

ମହାବିଧି'' କଥାଟି ସେଇଥିପାଇଁ କୁହାଯାଏ । ଜଣକୁ ପଚରାଗଲା, ଭଲ ଲୋକ କାହାକୁ କୁହନ୍ତି ? ସେ ଉତ୍ତର ଦେଲେ ''ଗୁଡ଼ିଏ ଭଲ ଅଭ୍ୟାସ ଯିଏ ଆୟତ୍ତ କରିଛି ସେହି ହିଁ ଭଲ ଲୋକ ।''

**ଅଭ୍ର** : ପଥରରୁ ମିଳୁଥିବା ଏହି ଖଣିଜ ଦ୍ରବ୍ୟଟିର ଗୋଟିଏ ବଡ଼ ଗୁଣ ହେଲା ତାହା ଭିତର ଦେଇ ବିଜୁଳି ଶକ୍ତି ଯାଇପାରେନାହିଁ । ତେଣୁ ବିଜୁଳି ଶକ୍ତି ପାଇଁ ଯେଉଁସବୁ ଯନ୍ତ୍ରପାତି ଇତ୍ୟାଦି ଅଛି ତାହା ଦେହରେ ଏହାର ବ୍ୟବହାର ଖୁବ୍ ଭଲ କାମ ଦିଏ । ଏହା ସହଜରେ ଭାଙ୍ଗି ଗୁଣ୍ଡ ହୋଇଯାଏ । ଗୁଣ୍ଡ ଅଭ୍ରକୁ ରଙ୍ଗ, କାନ୍ଥ ବା ଛାତ ଦେହରେ ଖଞ୍ଜାଯାଇଥିବା କାଗଜରେ କାମରେ ଲଗାଯାଏ । ଦୁଇ ପ୍ରକାରର ଅଭ୍ର ଅଛି । ଏହାକୁ ଖୁବ୍ ପତଳା ପତଳା କରି ଦିଆଯାଇପାରେ । ଏହା ଅତି ଅଧିକ ତାପ ସହିପାରୁ ଥିବାରୁ ଓ ସ୍ୱଚ୍ଛ ହୋଇଥିବାରୁ କେତେଗୁଡ଼ିଏ ଖାସ୍ କାମରେ ଲଗାଯାଏ । ଭାରତରେ ଏହା ବହୁ ପରିମାଣରେ ମିଳେ । ଶ୍ରୀଲଙ୍କା, ବ୍ରାଜିଲ, ଆମେରିକା ଓ କାନାଡ଼ାରେ ଅଭ୍ର ଖଣ୍ଡ ସବୁ ଅଛି । କିନ୍ତୁ ଆମ ଦେଶ ଏହାକୁ ରପ୍ତାନି କରି ଭଲ ପଇସା ପାଏ ।

**ଅମୀର ଖୁସ୍ରୋ** (୧୨୫୩-୧୩୨୫) : ଭାରତରେ ହିନ୍ଦୁମାନେ ରହୁଥିଲେ, ପରେ ମୁସଲମାନ ଆସିଲେ । ଏ ଦେଶର ବହୁଲୋକ ସେହି ଧର୍ମ ଗ୍ରହଣ କରିଗଲେ । ପ୍ରଥମେ ପ୍ରଥମେ ଦୁଇ ଧର୍ମର ଲୋକଙ୍କ ଭିତରେ ସେତେ ଭଲ ସଂପର୍କ ରହିଲା ନାହିଁ, କାରଣ ଇସ୍‌ଲାମ ସଭ୍ୟତାରେ କଅଣ ସବୁ ଭଲ ଅଛି ସେକଥା ଭାରତର ଲୋକେ ଜାଣି ପାରୁନଥିଲେ ଓ ଭାରତୀୟ ସଭ୍ୟତାର ଯେଉଁଗୁଡ଼ିକ ଅସଲ ଅସଲ କଥା ତାକୁ ଇସ୍‌ଲାମ ଜଗତର ଲୋକେ ଜାଣି ପାରୁନଥିଲେ । କେତେଜଣ ଫାରସୀ କବି ଏଭଳି ସବୁ ଗୀତ ଲେଖିଲେ ଯେ ଇସ୍‌ଲାମ ଧର୍ମ ବିଷୟରେ ଆମ ଦେଶର ଲୋକେ ଜାଣିପାରିଲେ ଓ ତାହାର ବିପରୀତ କଥା ମଧ୍ୟ ହେଲା । ଅମୀର ଖୁସ୍ରୋ ସେହିମାନଙ୍କ ଭିତରୁ ଜଣେ । ସେ ବହୁ ଭାଷା ଜାଣିଗଲେ । ନିଜେ କବିତା ରଚନା କଲେ । ସେଗୁଡ଼ିକୁ ସ୍ୱରଦେଇ ବୋଲିଲେ । ତାଙ୍କ କବିତାରୁ ଜଣାପଡିଗଲା ସେ କିଭଳି ବିଦ୍ୱାନ । ସେ କେତେ ଲକ୍ଷ କବିତା ଲେଖିପାଇଛନ୍ତି । ସେଗୁଡ଼ିକ ୯୯ ଖଣ୍ଡ ବହିରେ ଛାପାଯାଇଛି । ଫାରସୀ, ଆରବୀ ଓ ତୁର୍କି ଭାଷାରେ ସେ ଥିଲେ ପଣ୍ଡିତ । ଉତ୍ତର ପ୍ରଦେଶର ଏଟା ଜିଲାରେ ତାଙ୍କର ଜନ୍ମ । ସେ ଏଭଳି କେତେକ କବିତା ଲେଖିଦେଲେ ଯାହାର କି ଗୋଟିଏ ଧାଡ଼ି ଫାରସୀ ଓ ଅନ୍ୟ ଧାଡ଼ିକ ହିନ୍ଦୀ । ସେ ସଂଗୀତର କେତେଗୁଡ଼ିଏ ରାଗ ନୂଆକରି ସୃଷ୍ଟି କରି ଦେଇଥିଲେ ।

**ଅମୃତଭଣ୍ଡା** : ପ୍ରକୃତି ଏମିତି କେତେକ ଫଳ ତିଆରି କରିଛି ଯାହାକୁ କି କଞ୍ଚା ଓ ପାଚିଲା - ଉଭୟ ଅବସ୍ଥାରେ ଖାଇହୁଏ । ଅମୃତଭଣ୍ଡା ବା ପପୟା ସେହି ଭଳି ଗୋଟିଏ ଉପକାରୀ ଫଳ । ଗୋଟିଏ ଗୋଟିଏ ଗଛ ୮ ମିଟର ବା ୨୬ ଫୁଟ ଉଚ୍ଚ ହେବାର ଦେଖାଯାଇଛି । ଆଜିକାଲି ଅବଶ୍ୟ ଛୋଟ ଛୋଟ ଗଛରେ ଫଳ ହେଉଛି । ଏହାର ଡାଳ ନଥିଲେ ମଧ୍ୟ ତାଳ ଭଳି ପତ୍ର ରହିଛି । ଅଣ୍ଡିରା ଓ ମାଈ ଫୁଲ ଭିନ୍ନ ଭିନ୍ନ ଗଛରେ ହୁଏ । ଗୋଟିଏ ଗଛରେ ଏହି ଦୁଇ ଗୁଣକୁ ଭରିବା ପାଇଁ ଚେଷ୍ଟା ହୋଇଛି ଓ ସଫଳତା ମିଳିଛି । ଫଳ, ଲମ୍ବା ଓ ଗୋଲ ଉଭୟ ରକମର ହୁଏ ଗୋଟିଏ ଗୋଟିଏ ଜାତିର ଅମୃତଭଣ୍ଡା ୯ରୁ ୧୧ କିଲୋ ଓଜନ ହେବାର ଦେଖାଯାଇଛି । ପାଚିଗଲେ ଭିତରଟା ବେଶ୍ ଗାଢ଼ ହଳଦିଆ ବା କମଳା ରଙ୍ଗର ହୋଇଯାଏ । ଏହା ମଝିରେ ଗୋଟାଏ ଫାଙ୍କ ରହିଛି । ସେଥିରେ ମଞ୍ଜି ଥାଏ । କେଉଁ ଦେଶରେ ପ୍ରଥମେ ଏହା ଦେଖାଗଲା ସଠିକ ଭାବରେ କୁହାଯାଇ ପାରୁନାହିଁ । ତେବେ କେନ୍ଦ୍ର ଆମେରିକାରେ ଏହାର ଜନ୍ମ ବୋଲି

''ଦାୟିତ୍ୱ ବହନ କଲେ ପ୍ରକୃତ ଶିକ୍ଷାଲାଭ ହୁଏ ।''

--ଫିଲିପ୍‌ସ୍

ଅନୁମାନ କରାଯାଉଛି । ପାଚିଲା ଫଳଟି ମିଠା ଓ କଞ୍ଚା ଫଳ ତରକାରୀ ହେଉଥିବାରୁ ଆଜିକାଲି ସ୍ୱିରିଆଡ଼େ ଏହା ହେଉଛି । ଏହା ଭିତରେ ଏମିତି ଗୋଟିଏ ରସ ଅଛି ଯେ ପ୍ରୋଟିନକୁ ହଜମ କରିଦେଇ ହୁଏ । ତାକୁ କୁହନ୍ତି ପାପେନା । ଜୀବ ଦେହରେ ଯେଉଁ ପେପ୍‌ସିନ୍ ଥାଏ ଏହାର ମେଳ ତାହା ସହିତ ରହିଛି । ତେଣୁ କଞ୍ଚା ପପୟାକୁ ମାଂସ ସହିତ ପକାଇଲେ ମାଂସ ସହିତ ସିଝିଯାଏ ଓ ହଜମ ହୁଏ । ଅଜୀର୍ଣ୍ଣ ରୋଗ ଭଲ କରିବା ପାଇଁ ଅମୃତଭଣ୍ଡା ବେଶ୍ ଉପକାରୀ । ଗୋଟିଏ ଗୋଟିଏ ଗଛ ପାଞ୍ଚବର୍ଷ ପର୍ଯ୍ୟନ୍ତ ରହିପାରେ ।

**ଅମୃତସର :** ପଞ୍ଜାବର ଏହି ସହରଟି ଦୁଇଟି କାରଣରୁ ଭାରତର ସମସ୍ତଙ୍କ ପାଖରେ ପରିଚିତ । ଶିଖମାନଙ୍କର ଏଇଟି ହେଉଛି ପ୍ରସିଦ୍ଧ ତୀର୍ଥ ସ୍ଥାନ । ପବିତ୍ର ସ୍ୱର୍ଣ୍ଣମନ୍ଦିର ଭିତରେ ଶିଖ ଧର୍ମଗ୍ରନ୍ଥ ଗ୍ରନ୍ଥସାହେବ ପୂଜା ପାଆନ୍ତି । ସମଗ୍ର ପୃଥିବୀର ଶିଖମାନେ ଯେଉଁଠି ଥାଆନ୍ତୁ ପଛକେ, ଅମୃତସର ପାଇଁ ଗର୍ବ ଅନୁଭବ କରନ୍ତି ।

ଆଉ ଗୋଟିଏ କଥା ଏଭଳି ଭାବରେ ଘଟିଗଲା ଯେ ଭାରତର ଇତିହାସରେ ଏହି ସହର ଚମତ୍କାର ଭାବରେ ସ୍ଥାନ ପାଇଗଲା । ଭାରତର ସବୁ ଅଞ୍ଚଳରେ ଲୋକେ ଏହାର ନାମ କଥା ପକାଇ ମୁଣ୍ଡ ନୁଆଁଇ ଦିଅନ୍ତି । ବହୁକାଳ ଧରି ଶୋଷଣ କଲାପରେ ଯେତେବେଳେ କଥାଟା ଅସହ୍ୟ ହୋଇ ଉଠିଲା ଗାନ୍ଧୀଜୀ ଖୁବ୍ ନରମ ଭାଷାରେ ଇଂରେଜ ମାନଙ୍କୁ ଏ ଦେଶ ଛାଡ଼ି ଗ୍ଳିଯିବା ପାଇଁ କହିଲେ । ତାଙ୍କରି କଥା ଶୁଣି ଭାରତର ଲକ୍ଷ ଲକ୍ଷ ଲୋକ ମୁଣ୍ଡଟେକି ଗାନ୍ଧୀଙ୍କ କଥାକୁ ଦୋହରାଇଲେ । ଇଂରେଜମାନେ ରାଗିଗଲେ । ଭାରତୀୟ ମାନଙ୍କୁ ଶିକ୍ଷା ଦେବାପାଇଁ ଗୋଟାଏ କାମ କରି ବସିଲେ । ପଞ୍ଜାବର ଲୋକେ କେତେ ସାହସୀ ତାହା ସେମାନେ ଜାଣନ୍ତି । ଯଦି ସେହିମାନଙ୍କୁ ଉଚିତ ଶିକ୍ଷା ଦେଇ ଜବତ କରିହେବ, ତେବେ ଭାରତର ସବୁ ଅଞ୍ଚଳର ଲୋକେ ଡରିଯିବେ । ଏହି କଥା ଭାବି ୧୯୧୯ ଏପ୍ରିଲ ୧୩ ତାରିଖ ଦିନ ଗୋଟିଏ ମେଳାରେ ଜମିଥିବା ହଜାର ହଜାର ଲୋକଙ୍କ ଉପରେ ଗୁଳି ଚଳାଇ ରକତର ସୁଅ ଛୁଟାଇଦେଲେ । ଶହ ଶହ ଲୋକ ମରି ଟଳିପଡ଼ିଲେ, ହଜାର ହଜାର ଲୋକ ଖଣ୍ଡିଆ ଖାବରା ହେଲେ । ଏହାକୁ କୁହାଯାଏ ' ଜାଲିଆନାୱାଲାବାଗ ହତ୍ୟାକାଣ୍ଡ' । ଏହା ଅମୃତସରରେ ଘଟିଥିବାରୁ ସେହି ସହରର ନାମ ଶୁଣିଲେ ସମସ୍ତେ ନିଜର ସମ୍ମାନ ଜଣାନ୍ତି ।

**ଅମ୍ଳଜାନ :** ଜୀବଟିକୁ ତିଆରି କରିବା ପାଇଁ ଯେଉଁ ଉପାଦାନ ଲୋଡ଼ା ହୁଏ ତାହାର ନାମ ଅଙ୍ଗାର । କିନ୍ତୁ ସେଇଟିକୁ ବଞ୍ଚାଇ ରଖିବା ପାଇଁ ଆଉ ଗୋଟିଏ ପଦାର୍ଥ ନିତ୍ୟାନ୍ତ ଲୋଡ଼ା । ତାହାର ନାମ ଅମ୍ଳଜାନ । ଅମ୍ଳଜାନ ବିନା ତାହା ବଞ୍ଚିପାରିବ ନାହିଁ । ତାକୁ ଅନବରତ ନ ପାଇଲେ ଜୀବ ଦେହରୁ ପ୍ରାଣବାୟୁ ଉଡ଼ିଯିବ । ଅଳ୍ପ କେତେ ସମୟ ନିଶ୍ୱାସ ବନ୍ଦ କରିଦେଲେ ଆମ ଜୀବନ ଛାଡ଼ିଯିବ । ବିଜ୍ଞାନୀମାନଙ୍କର ଯେତେବେଳେ ସବୁ ଉପାଦାନ ବିଷୟରେ ଜ୍ଞାନ ହୋଇ ନଥିଲା, ସେତେବେଳେ ସେମାନେ ଧରିନେଇଥିଲେ ଯେ ପବନଟି ହେଉଛି ଗୋଟିଏ ମୂଳ ଉପାଦାନ । କୌଣସି ଗୋଟାଏ ଜଳିବା କାମରେ ପବନ ଯେ ସାହାଯ୍ୟ କରେ ଏଇଟା ମଧ୍ୟ ଲକ୍ଷ୍ୟ କରିଥିଲେ । ଏଭଳି କେତେକ ବିଷୟ ଲକ୍ଷ୍ୟକଲେ ଯେଉଁଥିରେ କି ସେମାନେ ଟିକିଏ ଟିକିଏ ସନ୍ଦେହରେ ପଡୁଥାନ୍ତି । ୧୨୦୦ ବର୍ଷ ତଳେ ଚୀନାମାନେ କହିଲେ ପବନ ଭିତରେ ଆଉ ଗୋଟାଏ କିଛି ଚିଜ ଅଛି ଯାହାକି ଏହି ଜଳାଇବା କାମ କରୁଛି । ସେହି ଚିଜଟି କାଠ, କୋଇଲା ଇତ୍ୟାଦି ସହିତ ଯୋଗ

"ଗୋଟାଏ ଉପାଦେୟ ପୁସ୍ତକ ହିଁ ପ୍ରକୃତରେ ଅଜେୟ । ତାକୁ ଈର୍ଷା ବା ନିର୍ବୋଧତା କେହିହେଲେ ଧ୍ୱଂସ କରିଦେଇ ପାରିବ ନାହିଁ ।

--ଜର୍ଜ ମୁର୍

ହୋଇଯିବାରୁ ଜଳିବା କାମଟା ହେଉଛି । ତାହାର ୬୦୦ ବର୍ଷ ପରେ ଯାଇ ଇଉରୋପର ଜଣେ ବିଜ୍ଞାନୀ କହିଲେ - ଯାହା ଦେଖାଯାଉଛି ପବନଟି ଦୁଇଟି ବାଷ୍ପ ବା ଗ୍ୟାସରେ ତିଆରି । ଦୁଇଶହ ବର୍ଷ ତଳେ ଜଣାପଡ଼ିଲା ଯେ ଗୋଟାଏ ଅଲଗା ବାଷ୍ପ ପ୍ରକୃତରେ ଏହି ଜଳାଇବା କାମ କରୁଛି । ତାକୁ ସେ ନାଁ ଦେଲେ ଅଗ୍ନିବାୟୁ ବା ଜୀବନବାୟୁ । ପରେ ଏହାର ନାମ ରଖାଗଲା ଅକ୍ସିଜେନ । ଗ୍ରୀକ ଭାଷାରେ 'ଅକ୍ସି' ଶବ୍ଦର ଅର୍ଥ




(ପୃଥିବୀରେ ଅମ୍ଳଜାନର ପରିମାଣ)

ଅମ୍ଳ ଓ 'ଜେନ୍‌ସର' ଅର୍ଥ ଜାତକରିବା । ଅମ୍ଳ ସୃଷ୍ଟି କରୁଥିବାରୁ ଆମେ ତା'ର ନାମ ଦେଲୁ 'ଅମ୍ଳଜାନ' । ପରେ ଜଣାପଡ଼ିଲା ଅମ୍ଳ ସହିତ ଏହାର କିଛି ସଂପର୍କ ନାହିଁ, କିନ୍ତୁ ନାମଟାକୁ ସେମିତି ରଖିଦିଆଗଲା । ସେତେବେଳକୁ ଜଣାପଡ଼ିଲାଣି ପବନ ଭିତରେ ବୁଡ଼ି ରହିଲେ ମଧ୍ୟ ଯଦି ତା ଭିତରେ ଅମ୍ଳଜାନ ନଥିବ ଆମେ ମରିଯିବା ।

ଜଣେ ହୁଏତ ବିଗୁଡ଼ିବ, ସବୁ ଜୀବଙ୍କ ପାଇଁ ଯଦି ଅମ୍ଳଜାନ ଲୋଡ଼ା, ଯେଉଁ ଜୀବ ପବନ ନିଶ୍ୱାସ ନ ନେଉଛନ୍ତି ସେମାନେ ତ ଆଉ ଅମ୍ଳଜାନ ପାଉ ନଥିବେ । ମାଛ ଓ ଅନ୍ୟ ଅନେକ ଜଳଚର ପ୍ରାଣୀ ବଞ୍ଚିଛନ୍ତି କେମିତି ? ପାଣିରେ ଅମ୍ଳଜାନ ଗୋଳି ହୋଇ ରହିଛି । ମାଛ ସିନା ନିଶ୍ୱାସ ନିଏନାହିଁ, ତାହାର ଗାଲି ସାହାଯ୍ୟରେ ପାଣିରୁ ଅମ୍ଳଜାନ ସଂଗ୍ରହ କରିନିଏ । ତିମିର ଗାଲି ନାହିଁ ବୋଲି ଓ ସେ ପବନକୁ ନିଶ୍ୱାସରେ ନେଉଥିବାରୁ ସମୁଦ୍ରରେ ପାଣି ଭିତରୁ ମଝିରେ ମଝିରେ ଉଠି ଗୁଡ଼ାଏ ଅଙ୍ଗାରକାମ୍ଳ ପବନକୁ ଛାଡ଼ିଦିଏ ଓ ଗୁଡ଼ାଏ ଅମ୍ଳଜାନ ସଂଗ୍ରହ କରିନିଏ ।

ପ୍ରକୃତି ଯେତେବେଳେ ପାଣି ସୃଷ୍ଟି କଲା, ସେତେବେଳେ ଅମ୍ଳଜାନକୁ କାମରେ ଲଗାଇଲା । ଉଦ୍‌ଜାନ ଓ ଅମ୍ଳଜାନର ଗୋଟାଏ ପାଗ ହେଲା ପାଣି । ବାୟୁମଣ୍ଡଳରେ, ଅର୍ଥାତ ପବନରେ ଶହେକେ ୨୩ ଭାଗ ହେଉଛି ଅମ୍ଳଜାନ । ସମୁଦ୍ର ପାଣିରେ ୮୫ ଭାଗ ହେଉଛି ଏହି ଜଳନ ଉପାଦାନ । ପୃଥିବୀ ପୃଷ୍ଠରୁ ପ୍ରାୟ ୨୫ କି.ମି. ଗଭୀର ପର୍ଯ୍ୟନ୍ତ ମାଟି ପଥରରେ ଶହକେ ୪୬ ଭାଗ ହେଉଛି ଏହି ଉପାଦାନ । ଏତିକି ବେଶୀ ପରିମାଣରେ

" ମନୁଷ୍ୟ ହୁଏତ ଉଚ୍ଚ ଶିଖରକୁ ଉଠିଯିବ; କିନ୍ତୁ ସେଠାରେ ସେ ବହୁକାଳ ପର୍ଯ୍ୟନ୍ତ ନ ରହିପାରେ ।"

--ବର୍ଣ୍ଣାଡ ଶ

ଏହା ନଥିଲେ ସଂସାରରେ ଯେଉଁ ଲୀଳା ଚାଲିଛି ତାହା ଚାଲିପାରନ୍ତା ନାହିଁ ।

ଏ ସବୁ ବିଷୟରେ ଆଗେ। କିଛି ଜାଣିଲା ପୂର୍ବରୁ ମଧ୍ୟ ସେ ଯୁଗର ମନୁଷ୍ୟ ଗୋଟିଏ କଥା ଲକ୍ଷ୍ୟ କରିଥିଲା । ଆମ ଦେହ ଟିକିଏ ଉଷୁମ ଲାଗୁଛି । ଧରି ନିଆଗଲା ଯେ ଦେହ ଭିତରେ ଜୀବନ ଦୀପ ଜଳୁଛି । ସେଇଥି ଯୋଗୁ ଏମିତି ଉଷୁମ ଲାଗୁଛି । ତାହା ନହେଲେ ଏହି ତାପ ଆସନ୍ତା କେଉଁଠୁ ? ଆଜି ମଧ୍ୟ କୁହାଯାଏ, ତାକୁ ସନ୍ନିପାତ ଧରିଲାଣି, ଦେହ କ୍ରମେ ଶୀତଳ ହୋଇ ଆସୁଛି, ଜୀବନ ଦୀପର ତେଜ କମି ଆସିଲାଣି । ଯେତେବେଳେ ଜୀବନ ଛାଡ଼ିଗଲା, ଆମ ପାଟିରୁ ବାହାରିପଡ଼େ, 'ଜୀବନ ଦୀପଟି ଲିଭିଗଲା ।'

ଏ ସଂସାରରେ ଗୋଟିଏ ଅମ୍ଳଜାନ ଚକ୍ର ଘୁରୁଛି ଅଙ୍ଗାର ଚକ୍ର ଘୁରିଲା ଭଳି । ଉଦ୍ଭିଦ ଓ ଜୀବ ଏହାକୁ କାମରେ ଲଗାଉଛନ୍ତି । ପବନରୁ ଅମ୍ଳଜାନଟକ କାମରେ ଲାଗିଲା ପରେ ଅଙ୍ଗାର ସାଙ୍ଗରେ ମିଶି ଅଙ୍ଗାରକାମ୍ଳ ରୂପରେ ପବନ ଓ ପାଣିକୁ ଚାଲିଯାଉଛି । ତାକୁହିଁ କୁହାଯାଏ ଅଙ୍ଗାରକାମ୍ଳ । ପାଣି ଭିତରେ ଥିବା ସୂକ୍ଷ୍ମ ସୂକ୍ଷ୍ମ ଦଳ ଏହି ଅଙ୍ଗାରକାମ୍ଳକୁ ନିଜ କାମରେ ଲଗାଉଛନ୍ତି । ଏଇଥି ପାଇଁ କୁହାଯାଏ ଯେ ସମୁଦ୍ର ହେଉଛି ଗୋଟାଏ ଅମ୍ଳଜାନ ଭଣ୍ଡାର । ଏହି ଅମ୍ଳଜାନ ଚକ୍ର ଘୁରୁଥିବାରୁ ବାୟୁମଣ୍ଡଳରେ ଅମ୍ଳଜାନର ଭାଗମାପରେ କିଛି ପରିବର୍ତ୍ତନ ହେଉନାହିଁ ।

**ଅଯୋଧ୍ୟା :** ଭାରତର ଉତ୍ତର ଅଂଶରେ ରହିଛି ଉତ୍ତର ପ୍ରଦେଶ । ସେଠାରେ ଫଏଜାବାଦ ଜିଲା । ସେହି ଜିଲାରେ ସରଯୁ (ଘାଘରା) ନଦୀ କୂଳରେ ଅଛି ଅଯୋଧ୍ୟା ସହର । ହିନ୍ଦୁ ମାନଙ୍କ ପାଇଁ ଏଇଟି ଗୋଟିଏ ଅତି ପବିତ୍ର ତୀର୍ଥ । କାରଣ ପୁରାଣ ମତରେ ରାମଚନ୍ଦ୍ର ଏଇଠି ଜନ୍ମ ହୋଇଥିଲେ । ବୁଦ୍ଧ ମଧ୍ୟ ଏଠାରେ କିଛିଦିନ ରହିଥିଲେ । ସେତେବେଳେ ଏହାର ନାମ ଥିଲା ସଙ୍କେତ । ସାଧାରଣ ଭାବରେ ଅଯୋଧ୍ୟା ବୋଲି ଏହି ନାମ ସହିତ ଉତ୍ତର ପ୍ରଦେଶର ଗୋଟିଏ ବଡ଼ ଅଞ୍ଚଳକୁ କୁହାଯାଏ । ଏହାର ଅନ୍ୟ ନାମ ଅବଧ ବା ଆଉଦ୍ । ଏହି ଅଞ୍ଚଳରେ ୧୮୫୭ରେ ପ୍ରଥମେ ସେ ଯୁଗର ସ୍ୱାଧୀନତା ସଂଗ୍ରାମ ଆରମ୍ଭ ହୋଇଥିଲା । ତାକୁ ସିପାହୀ ବିଦ୍ରୋହ ବୋଲି ଇତିହାସ ବହି ମାନଙ୍କରେ ଲେଖାଯାଇଛି ।

**ଅରଟ :** ମହାତ୍ମା ଗାନ୍ଧୀ ଯେତେବେଳେ ଭାରତରେ ମୁକ୍ତି ବା ସ୍ୱାଧୀନତାର ବାଣୀ ଶୁଣାଇଲେ ସେତେବେଳେ ଗୋଟିଏ ଅଭାବ ଦେଖିଲେ । କୋଟି କୋଟି ଲୋକ କେତେ ଶହ ବର୍ଷ ଧରି ବିଦେଶୀ ଶାସନ ଅଧୀନରେ ରହିଯାଇଥିବାରୁ ସେମାନଙ୍କ ଭିତରେ ଶିକ୍ଷାଦୀକ୍ଷା ନଥିଲା । ସ୍ୱାଧୀନତା ବା ମୁକ୍ତିର ଭାଷା ସେମାନେ ବୁଝିପାରୁ ନଥିଲେ । ଗାନ୍ଧୀ ଭାବିଲେ ଗୋଟାଏ କିଛି ସରଳ କଥା କହି ସେମାନଙ୍କ ଆଗରେ ଛୋଟ ଜିନିଟିଏ ରଖିଦେବେ, ଯାହାକୁ ଦେଖିଲେ ଲୋକେ ଜାଣିବେ ଯେ ବିଦେଶୀ ସରକାର ଆମକୁ ଶୋଷଣ କରୁଛି ଓ ସେହି ଶୋଷଣରୁ ରକ୍ଷା ପାଇବାକୁ ହେଲେ ଏହାକୁହିଁ ଆଦର କରିବା ଦରକାର । ଆମ ଦେଶରେ ପୂର୍ବେ ଲୋକେ ଅରଟରେ ସୂତା କାଟୁଥିଲେ । ସେହି ସୂତାରେ ଲୁଗା ବୁଣି ପିନ୍ଧୁଥିଲେ । ମହାତ୍ମା ବିଚାରିଲେ ଏଇ ଗୋଟିକୁ ଲୋକଙ୍କ ଆଗରେ ରଖିବେ ଓ କହିବେ ଏଇଟି ହେଉଛି "ମୁକ୍ତିର ରୂପ ।" ଇଂରେଜମାନେ ଏ ଦେଶକୁ ଆସିଲା ପରେ ଅରଟକୁ ଜବରଦସ୍ତ ଲୋପ କରିଦେବାକୁ ଚେଷ୍ଟା କଲେ । ଏ ଦେଶର ଲୋକେ ଯଦି ନିଜେ ନିଜେ ସୂତା କାଟି ଲୁଗା ବୁଣି ପିନ୍ଧିବେ ବିଲାତରୁ ଯେଉଁ ଲୁଗା ଆସୁଛି ତାହା ବିକ୍ରି ହେବ କିପରି ? ଭାରତର ଲକ୍ଷ ଲକ୍ଷ ଅରଟ ଭାଙ୍ଗି ଦେଲେ ଯାଇ ବିଲାତର ଗୋଟିଏ

"ଅନ୍ୟମାନେ ତୁମପ୍ରତି ଯେଉଁଭଳି ବ୍ୟବହାର ନ କରନ୍ତୁ ବୋଲି ତୁମେ ଇଚ୍ଛା କରୁଛ, ସେହିଭଳି ବ୍ୟବହାର ଅନ୍ୟ ପ୍ରତି ତୁମେ ମଧ୍ୟ ଦେଖାଅ ନାହିଁ ।"

--କନ୍‌ଫୁସିଅସ୍



(ଅରଟ)

ଗୋଟିଏ ଲୁଗାକଳ ବସାଇ ହେବ । ଗାନ୍ଧୀଜୀ ଜୋର ଦେଇ କହିଲେ - ଯଦି ଅରଟ ଫେରି ଆସିବ ବିଦେଶୀ ଶାସନରୂପୀ ଯନ୍ତ୍ର ଦାନବ କବଳରୁ ଆମକୁ ରକ୍ଷା କରିହେବ । ଏ ଦେଶରେ କୋଟିଏ ଲୋକ ଯଦି ଏକାବେଳେକେ ସୂତା କାଟିବେ ଭାରତକୁ ସ୍ୱାଧୀନ କରିଦେବେ । ଲୋକଙ୍କ ମନକୁ ତାଙ୍କ କଥା ପାଇଲା । 'ଘରେ ଘରେ ଚଳା ଅରଟ - ଅରଟଟି ଭାଇ ମୁକତି ବାଟ' ବୋଲି ଓଡ଼ିଶାର ଗାଁ ଗହଳରେ ଲୋକେ ବୋଲି ଉଠିଲେ । ଲୋକଙ୍କ ଭିତରେ ଗୋଟିଏ ଆନନ୍ଦ ଖେଳିଗଲା । ଅରଟରେ ସୂତା କାଟି ଯେଉଁ ଲୁଗା ବୁଣା ହେଲା ତାକୁ ଯିଏ ପିନ୍ଧିଲା ସିଏ ବିଗୁରିଲା ଯେ ମୁକ୍ତିର ପୋଷାକ ପିନ୍ଧିଛି । ଲୋକଙ୍କ ଭିତରେ ସ୍ୱଦେଶୀ ଭାବନା ଖେଳିଗଲା । ଦେଶୀ କାରିଗରଙ୍କ ହାତର ଚିଜ କିଣିବା ପାଇଁ ଲୋକଙ୍କର ମନ ହେଲା । ପ୍ରଥମେ ପ୍ରଥମେ ପୁରୁଣାକାଳିଆ ଅରଟରେ ଲୋକେ ସୂତା କାଟିବା ଆରମ୍ଭ କଲେ । ଖଣ୍ଡେ ବାଉଁଶ, କେତେ ହାତ ଲମ୍ବର ସୂତା ଓ ଖଣ୍ଡେ ଲୁହା ତାର ହେଲେ ଅରଟଟିଏ ତିଆରି ହୋଇଗଲା । ମଜବୁତ ହେବ ବୋଲି କାଠ ଅରଟ ବାହାରିଲା ଓ ପରେ ଦୂରକୁ ବହି ନେବା ପାଇଁ ବାକ୍ସ ଚରଖା ବାହାରିଲା । ତା ପଛକୁ ଆସିଲା ଅମ୍ବର ଚରଖା । ଏ ଗୁଡ଼ିକ ହେଉଛି ଅରଟର ଭିନ୍ନ ଭିନ୍ନ ରୂପ ।

**ଅରଣ୍ୟ** : ପ୍ରକୃତି ଯେତେବେଳେ ମାଟି ତିଆରି କଲା ସେତେବେଳେ ଗୋଟିଏ କଥା ଲକ୍ଷ୍ୟକଲା । ବର୍ଷା, ପାଣି ଓ ପବନ ସେହି ମାଟିକୁ ସ୍ଥିର କରି ରଖି ଦେଉନାହାନ୍ତି । ପାଣି ତାକୁ ବୋହିନେଇ ଯାଉଛି । ଜୋର ପବନ ହେଲେ ମାଟିର ଉପର ଅଂଶକୁ ଉଡ଼େଇ ନେଉଛି । ଏହି ଦୁଇ ବିପଦରୁ ରକ୍ଷା କରିବାପାଇଁ ମାଟି ଉପରେ ଛୋଟ ବଡ଼ ନାନା ପ୍ରକାରର ଗଛ ଲଗାଇଦେଲା । ଦେଖିଥିବ, ଗୋଟାଏ ମାଟି ସଡ଼କ ତିଆରି କଲାବେଳେ ତାହାର ଦୁଇ ପାଖରେ ଘାସ ଚେକା ସବୁ ଛାଇ ଦିଆଯାଏ । ତାହେଲେ ବର୍ଷା ତାକୁ ଧୋଇ ନେଇପାରିବ ନାହିଁ । ବଡ଼ ବଡ଼ ପଡ଼ିଆ ଉପରେ ଘାସ ଛାଇ ହୋଇ ରହିଛି । କିନ୍ତୁ ଏତିକି କରି ତାର ମନ ବୋଧ ହେଲାନାହିଁ । ସେ ବଡ଼ ବଡ଼ ଗଛ ସବୁ ସୃଷ୍ଟି କରିଦେଲା । ଗୋଟାଏ ଗୋଟାଏ ଅଞ୍ଚଳରେ ମାଇଲ ମାଇଲ ଧରି ବଡ଼ ବଡ଼ ଗଛ ରହିଗଲେ । ତାକୁ କୁହାଗଲା ଅରଣ୍ୟ । ବଡ଼ ଗଛର ଚେର ମାଟି ଭିତରକୁ ଏମିତି ଭାବରେ ପଶିଲା ଯେ ତାକୁ ମଜବୁତ କରି ବାନ୍ଧିରଖିଲା । ଗଛ ଚେର ଯେଉଁବାଟେ ମାଟି ଭିତରକୁ ଯାଇଛି ସେହିବାଟେ ବର୍ଷା ପାଣି ଭୂଇଁ ତଳକୁ ଗଲା ଓ ଗୋଟାଏ ବଡ଼ ଅଞ୍ଚଳରେ ମାଟିତଳ ଜଳଭଣ୍ଡାର ସୃଷ୍ଟି ହୋଇଗଲା । ପରେ ସେହି ଜଳ କୌଣସି କୌଣସି ସ୍ଥାନରେ ଉପରକୁ ଉଠି ଝରଣା ସବୁ ତିଆରି

"ଆବଶ୍ୟକତାଟି ହେଉଛି ସବୁଠାରୁ ବଡ଼ ଶିକ୍ଷକ ।"

-- ଲାନୋନ

କରିଦେଲା । ଅରଣ୍ୟରେ ଥିବା ଗଛର ପତ୍ର ଫୁଲ, ଫଳ ଇତ୍ୟାଦି ତଳେ ପଡ଼ିଲାରୁ ସେଗୁଡ଼ିକ କ୍ରମେ ଖତ ପାଲଟିଗଲା ଓ ଜଙ୍ଗଲ ମାଟି ଉର୍ବର ହୋଇଗଲା । ମାଟିରେ ଯେତେବେଳେ ମଞ୍ଜି ପଡ଼ିଲା ନୂଆ ନୂଆ ଗଛ ଭଲ ଭାବରେ ବଢ଼ିଲା । ପ୍ରକୃତି ବିଗ୍ଭରିଲା ଗଛ କେବଳ ଗୋଟିଏ କାମ କାହିଁକି କରିବ । ସେଥିରେ ଭଲ ଫଳ ସବୁ ହେବ - ଲୋକେ ଖାଇବେ । ଯେଉଁଠି ଘନ ଜଙ୍ଗଲ ସେଠୁ ଗଛକୁ କାଟି କାଠ ବାହାର କରାଯିବ । ସେଥିରେ ଘରଦ୍ୱାର ତ ତିଆରି ହେବ, ଆହୁରି ଅନେକ କାମରେ କାଠ ଲାଗିବ । ଜଙ୍ଗଲର କାଠ, ଫୁଲ, ଫଳକୁ ଲୋକେ ନାନା ଭାବରେ ବ୍ୟବହାର କଲେ ।

ଆଉ ଗୋଟିଏ ଦାୟିତ୍ୱ ତ ଗଛକୁ ପ୍ରକୃତି ଦେଇଛି । ପବନରେ ଯେଉଁ ଅଙ୍ଗାରକାମ୍ଳ ଅଛି ତାକୁ ଗଛର ପତ୍ର ଗୋଟାଏ ବିଚିତ୍ର ପ୍ରକାରରେ ରାନ୍ଧି ଫଳ ମୂଳ କାଠ ଉପରେ ରଖିଦେଲା ଓ ତାହା ସହିତ ମିଶିକରି ଥିବା ଅମ୍ଳଜାନକୁ ପୁଣି ଆକାଶକୁ ଛାଡ଼ିଦେଲା । ଫଳରେ ଆକାଶର ଜୀବନ ସୃଷ୍ଟି ଶକ୍ତି ବଢ଼ିଗଲା । ଏତେ ଗୁଡ଼ାଏ କାମ ଅରଣ୍ୟ ଉପରେ ଦିଆଯାଇଥିବାରୁ ତାହା କେତେ ଉପକାରୀ ସେକଥା ଲୋକେ ବୁଝିଲେ ।

ସେଇଠି କଥା ତୁଟିଲା ନାହିଁ । ନାନା ଜାତିର ଜୀବଜନ୍ତୁ ଅରଣ୍ୟ ଭିତରେ ରହିଗଲେ । ସେମାନେ ଅରଣ୍ୟ ତଳୁ ଆରମ୍ଭ କରି ଗଛ ଉପର ପର୍ଯ୍ୟନ୍ତ ସବୁଠାରେ ଆଶ୍ରୟ ସ୍ଥଳ ସୃଷ୍ଟି କରିଦେଲେ । ସେହି ସବୁ ଜୀବଙ୍କ ଭିତରୁ କେତେକଙ୍କୁ ମାରି ମଣିଷ ତାହାର ଖାଦ୍ୟ ଅଭାବ ମେଣ୍ଟାଏ । ସେଥିରୁ ଜଣାପଡ଼ିଯିବ ପୃଥିବୀର ବହୁ ଅଞ୍ଚଳରୁ ଯଦି ଅରଣ୍ୟ ଲୋପ ପାଇଯିବ କେତେ ପ୍ରକାରର କ୍ଷତି ହେବ । ପୂର୍ବେ ବହୁ ଅଞ୍ଚଳରେ ଘନ ଜଙ୍ଗଲ ଥିଲା । ଲୋକ ଚ୍ୟଷ କରିବେ ବୋଲି ତାହାକୁ ସଫା କରିଦେଲେ । ଏବେ ଦେଖାଯାଉଛି ଯେଉଁସବୁ ଅଞ୍ଚଳରେ ଅରଣ୍ୟ ନାହିଁ ସେହି ଅଞ୍ଚଳର ମାଟି ଆସି ବଡ଼ ବଡ଼ ଜଳଭଣ୍ଡାରକୁ ପୋତି ଦେଉଛି । ହୀରାକୁଦ ଜଳଭଣ୍ଡାରର ସେହି ଅବସ୍ଥା କ୍ରମେ ହେଉଛି । ପାଣି ସାଙ୍ଗରେ ଗୁଡ଼ାଏ ମାଟି ଆସି ନଈକୁ କ୍ରମେ କ୍ରମେ ପୋତି ଦେଉଛି । ତେଣୁ ଅଳ୍ପ ବର୍ଷା ହେଲେ ମଧ୍ୟ ବନ୍ୟା ହୋଇଯାଉଛି । ପୃଥିବୀର ଭିନ୍ନ ଭିନ୍ନ ଅଂଶରେ ଭିନ୍ନ ଭିନ୍ନ ପ୍ରକାରର ଜଙ୍ଗଲ ରହିଛି । ଜଳବାୟୁ, ମାଟି ଓ ସେହି ଅଞ୍ଚଳର ସମୁଦ୍ର ପତନ ଠାରୁ ଉଚ୍ଚତା ଉପରେ ନିର୍ଭର କରୁଛି କି ପ୍ରକାରର ଜଙ୍ଗଲ ହେବ । ଗ୍ରୀଷ୍ମମଣ୍ଡଳୀୟ ଇଲାକାରେ ଘନ ଜଙ୍ଗଲ ରହିଥାଏ । ଯେଉଁ ସ୍ଥାନରେ ଖରାଦିନେ ୧୦ ସେଣ୍ଟିଗ୍ରେଡ୍ ଉତ୍ତାପ ହୁଏ ଓ ବର୍ଷକୁ ୮ ଇଞ୍ଚ ବା ୨୦୦ ମିଲିମିଟରରୁ ଅଧିକ ବର୍ଷା ହୁଏ, ସେଠାରେ ଅରଣ୍ୟ ସୃଷ୍ଟି ହୁଏ ।

ପ୍ରକୃତି ପାଣି, ପବନ, ଜଳବାୟୁ ମାଟି ଇତ୍ୟାଦିକୁ ଚମତ୍କାର ଭାବରେ ସଜାଇ ରଖି ମନୁଷ୍ୟର ଉପକାର ପାଇଁ ଯେଉଁ ବ୍ୟବସ୍ଥା କରିଛି ତାହା ବିଗିଡ଼ିଯିବ ଯଦି ପୃଥିବୀର ଅରଣ୍ୟ ଲୋପ ପାଇଲା ଅବସ୍ଥାକୁ ଆସିଯିବ । ପକ୍ଷୀ, ଜୀବଜନ୍ତୁ, କୀଟପତଙ୍ଗ ଅରଣ୍ୟ ସୃଷ୍ଟିରେ ବହୁତ କିଛି ସାହାଯ୍ୟ କରୁଛନ୍ତି । ବଡ଼ ଅଞ୍ଚଳରେ ବହୁ ସଂଖ୍ୟାରେ ବଡ଼ ଗଛ ଥିଲେ ତାକୁ ଅରଣ୍ୟ ବୋଲି କୁହାଯାଏ । କିନ୍ତୁ ଯଦି ବୁଦା ବୁଦା ହୋଇ ଛୋଟ ଛୋଟ ଗଛ ଗୋଟିଏ ଅଞ୍ଚଳରେ ଅଛି ତାକୁ ବୁଦା ଜଙ୍ଗଲ ବୋଲି କୁହାଯାଏ ।

ଅରଣ୍ୟ ବହୁ ଶିଳ୍ପ, କଳକାରଖାନା ସୃଷ୍ଟି କରିଛି । କାଠଚିରା କରତକଳତ ସାମାନ୍ୟ କଥା, କାଠରୁ କାଗଜ ତିଆରି ପାଇଁ ବଡ଼ ବଡ଼ କାଗଜ କଳ ରହିଛି । ଭଲ କାଠରୁ ଭଲ କାଗଜ ବାହାରେ । ଖବରକାଗଜମାନେ ଯେତିକି କାଗଜ କାମରେ ଲଗାଉଛନ୍ତି ସେଇତକ ଅଭାବ ମେଣ୍ଟାଇବା ପାଇଁ ଶହ ଶହ ଏକର ଜମିରୁ ଗଛ କାଟିବାକୁ ପଡୁଛି । ପୃଥିବୀର

"ଯଦି ଜ୍ଞାନୀ ହେବାକୁ ଇଚ୍ଛା କରୁଥାଅ ଗୁଡ଼ାଏ କଥା କହିବା ଅଭ୍ୟାସ ଛାଡ଼ ।"

--ଲେଭେଟର

କେତେକ ଦେଶର ଲୋକେ ଅରଣ୍ୟର ଦାନ ଉପରେ ନିର୍ଭର କରି ଚଳିଯାଉଛନ୍ତି ।

**ଅରବିନ୍ଦ ଘୋଷ**(୧୮୭୨-୧୯୫୦): ଭାରତକୁ ବିଦେଶୀ ଶାସନ କବଳରୁ ମୁକ୍ତ କରିବାପାଇଁ ପ୍ରଥମେ ପ୍ରଥମେ ଯେଉଁ ଅଳ୍ପ କେତେଜଣ ସାହସ ଦେଖାଇ ପଦାକୁ ବାହାରି ଆସିଥିଲେ ଅରବିନ୍ଦ ଘୋଷ ସେମାନଙ୍କ ଭିତରୁ ଜଣେ । ବହୁ ବର୍ଷ ପୂର୍ବେ ୧୯୦୮ରେ ତାଙ୍କୁ ସରକାର ନେଇ ଜେଲ ଭିତରେ ରଖିଦେଲେ । 'ବନ୍ଦେ ମାତରମ୍' ବୋଲି ଗୋଟିଏ



(ଅରବିନ୍ଦ ଘୋଷ)

କାଗଜର ସମ୍ପାଦକ ଥାଇ ସେ ଏଭଳି ଲେଖାସବୁ ଲେଖିଥିଲେ ଯେ ବହୁ ବିପ୍ଳବୀ ଯୁବକ ତାଙ୍କୁ ସେମାନଙ୍କର ନେତା ବୋଲି ସ୍ୱୀକାର କରିଗଲେ । ଜେଲ ଭିତରେ ଥିଲାବେଳେ ତାଙ୍କ ମନରେ କେତେଗୁଡ଼ିଏ ନୂଆ କଥା ଖେଳିଲା । ସେଥିରୁ କେତୋଟିକୁ ସେ ବୁଝି ମଧ୍ୟ ପାରିଲେ ନାହିଁ । ଜେଲରୁ ଖଲାସ ହେଲାପରେ ଧର୍ମଚର୍ଚ୍ଚା ଆଡ଼େ ମନ ଦେଲେ । ଇଂରେଜ ସରକାର ହୁଏତ ତାଙ୍କୁ ପୁଣି ନେଇ ଜେଲ ଭିତରେ ରଖିଦେବ, ସେକଥା ଭାବି ସେ ଗ୍ଭଲିଗଲେ ପଣ୍ଡିଚେରୀକୁ । ତାହା ଥାଏ ଫରାସୀ ମାନଙ୍କ ଅଧୀନରେ । ଇଂରେଜମାନେ ସେଠା ଲୋକଙ୍କୁ ଦଣ୍ଡ ଦେଇ ପାରନ୍ତି ନାହିଁ । ସେଇଠି ସେ ଗୋଟାଏ ଆଶ୍ରମ ପ୍ରତିଷ୍ଠା କରି ଯୋଗ ସାଧନା କଲେ । ବିପ୍ଳବୀ ଅରବିନ୍ଦ କ୍ରମେ ଦାର୍ଶନିକ ଅରବିନ୍ଦ ଭାବରେ ପରିଚିତ ହେଲେ ଓ ତାଙ୍କୁ ଶ୍ରୀ ଅରବିନ୍ଦ ବୋଲି କୁହାଗଲା । ପଣ୍ଡିଚେରୀ ଆଶ୍ରମ କଥା ବିଦେଶରେ ମଧ୍ୟ ଲୋକେ ଜାଣିଲେ । ସେ ବହୁସଂଖ୍ୟାରେ ବହି ଲେଖିଛନ୍ତି । ସେଗୁଡ଼ିକ ଇଂରାଜୀରେ ଲେଖିଥିଲେ ଓ ପରେ ଅନ୍ୟ ଭାଷାକୁ ଅନୁବାଦ ହେଲା । ଭାରତରେ ଓ ଭାରତ ବାହାରେ ତାଙ୍କର ବହୁ ଶିଷ୍ୟ ଥିଲେ । ତାଙ୍କୁ ଯେତେବେଳେ ମାତ୍ର ସାତବର୍ଷ ବୟସ ସେତେବେଳେ ସେ ବିଲାତ ଯାଇଥିଲେ । ସେଠାରେ ଗ୍ରୀକ, ଲାଟିନ ,ଭାଷା ଶିଖିଲେ । ସେ ଆଇ.ସି.ଏସ୍.ହୋଇ ଯାଇଥାନ୍ତେ, କିନ୍ତୁ ଘୋଡ଼ାଚଢ଼ାରେ ଫେଲ ହୋଇଯିବାରୁ ସେ ପଦ ତାଙ୍କୁ ମିଳିଲା ନାହିଁ । ୧୯୫୦ ଡିସେମ୍ବର ୫ ତାରିଖରେ ସେ ଦେହତ୍ୟାଗ କଲେ ଅର୍ଥାତ ଏ ସଂସାରରୁ ବିଦାୟ ନେଲେ । ତାଙ୍କ ପରେ ଶ୍ରୀମା ଅରବିନ୍ଦ ଆଶ୍ରମକୁ ଚଳାଇଲେ ।

**ଅରିକ୍ସ** : ମିରିଗଙ୍କ ଭଳି ଗୋଟିଏ ଜୀବ । ଆଫ୍ରିକାର ଉତ୍ତର ଅଂଶରେ ଓ ଆରବ ଦେଶର ମରୁଭୂମି ଅଞ୍ଚଳରେ ଏମାନେ ରୁହନ୍ତି । ଏହାର ଶିଙ୍ଗକୁ ଚୂରିଦେଇ ଖାଇଲେ ଲୋକର ବଳ ବଢ଼ିଯିବ ବୋଲି ଧାରଣା ଥିବାରୁ ଏଗୁଡ଼ିକୁ ମନଇଚ୍ଛା ଶିକାର କରାଗଲା । ଶେଷବେଳକୁ ଆରବ ଦେଶରେ ମୋଟେ ତିନୋଟି ରହିଥିଲେ । ସେମାନଙ୍କୁ ଧରି ଯତ୍ନରେ

"ଯାହାଙ୍କ ଚିତ୍ତ ସ୍ଥିର ନୁହେଁ ତାଙ୍କ ଠାରୁ କେବେହେଲେ ବିଜ୍ଞତା ଆଶା କରନାହିଁ ।"

--ସିସେରୋ

ଚିଡ଼ିଆଖାନାରେ ରଖାଗଲାରୁ ଗୋଟିଏ ଛୁଆ ଜନ୍ମ ହେଲା । ଅଣ୍ଟିରା, ମାଇ ଅରିକ୍ସଙ୍କର ଗୋଟିଏ ପ୍ରକାରର ଶିଙ୍ଘ ଅଛି ।

**ଅରିବି** : ଆଫ୍ରିକାର ଦକ୍ଷିଣ ଅଂଶରେ ମିରିଗ ଜାତିର ଗୋଟିଏ ଜୀବ । ଏଗୁଡ଼ିକ ଛୋଟ ଛୋଟ, କିନ୍ତୁ ଖୁବ୍ ଚ୍ଚଳାକ । ଏହାର ରଙ୍ଗ ଏମିତି ଯେ ଲୁଚିକରି ଶୋଇଥିଲେ ଠାବ କରିବା ସହଜ ନୁହେଁ । ଖୁବ୍ ଜୋରରେ ଦଉଡ଼େ । ଅତି ବେଗରେ ଦଉଡ଼ି ପାରୁଥିବାରୁ ଅନେକ ସମୟରେ ବେପରୁଆ ହୋଇ ଶୋଇଥାଏ । ଯଦି ବାଘ ଆସିଗଲା ସେ ଏଭଳି କୁଦାମାରି ଦୌଡ଼େ ଯେ ତାକୁ ଧରିବା ସହଜ ନୁହେଁ ।

**ଅରୁଣାଚଳ ପ୍ରଦେଶ** : ଏଇଟି ଭାରତର ୨୪ ତମ ରାଜ୍ୟ । ୧୯୮୭ରେ ଏହା ରାଜ୍ୟ ଭାବରେ ସ୍ୱୀକୃତି ପାଇଲା ଭାରତରେ ଯେଉଁ ପ୍ରଦେଶ ମାନଙ୍କରେ ଆଦିବାସୀମାନେ ବହୁ ସଂଖ୍ୟାରେ ରୁହନ୍ତି, ଅରୁଣାଚଳ ପ୍ରଦେଶ ସେଥିଭିତରୁ ଗୋଟିଏ । ଶହକେ ୭୯ ଜଣ ହେଉଛନ୍ତି ଆଦିବାସୀ । ଭାରତବର୍ଷରେ ଯେତେ ଆଦିବାସୀ ଲୋକ ବାସ କରୁଛନ୍ତି ସେଥିରୁ ଶତକରା ୭ ହେଉଛନ୍ତି ଏହି ରାଜ୍ୟର ଆଦିବାସୀ । ଅରୁଣାଚଳ ପ୍ରଦେଶରେ ପ୍ରାୟ ୨୦ ଜାତିର ଆଦିବାସୀ ଅଛନ୍ତି । ପ୍ରତ୍ୟେକ ନିଜ ନିଜ ଭାଷାରେ କଥା କୁହନ୍ତି । ଏହି ରାଜ୍ୟର କ୍ଷେତ୍ରଫଳ ୩୨, ୨୭୦ ବର୍ଗମାଇଲ ବା ୮୩, ୭୪୩ ବର୍ଗ କି: ମି: । ଲୋକସଂଖ୍ୟା ୮ ଲକ୍ଷ ୫୮ ହଜାର । ରାଜଧାନୀର ନାମ ଇଟାନଗର । ଏହାର ଉତ୍ତରରେ ଚୀନ, ପଶ୍ଚିମରେ ଭୁଟାନ, ପୂର୍ବରେ ମିନାମାର ଓ ଦକ୍ଷିଣରେ ଆସାମ । ଏଥିରେ ଏଗାରଟି ଜିଲ୍ଲା ଅଛି । ରାଜ୍ୟଟି ପାହାଡ଼ ପର୍ବତରେ ପୂର୍ଣ୍ଣ । ଦୁଇ ତୃତୀୟାଂଶ ଅଞ୍ଚଳରେ ଘଞ୍ଚ ଜଙ୍ଗଲ ରହିଛି । ଧାନ, ମକା, ଗହମ, ମାଣ୍ଡିଆ, ସୋରିଷ ପ୍ରଭୃତି ଚ୍ୱଷ ହୁଏ । ରାଜଧାନୀ ଇଟାନଗର ପାଖରେ ଇଟା ଫୋର୍ଟ ଗୋଟିଏ ଦର୍ଶନୀୟ ସ୍ଥାନ । ବୁଦ୍ଧଙ୍କ ପ୍ରାଚୀନ ମନ୍ଦିର ଓ ଅଭୟାରଣ୍ୟକୁ ମଧ୍ୟ ବହୁଲୋକ ଆସନ୍ତି ।

**ଅର୍ଥନୀତି** : ଯେତିକି ଚୂନା ସେତିକି ପିଠା କରିବା ଭଳି ଯେଉଁ କଥାଟି କୁହାଯାଏ ତାକୁହିଁ ମୋଟାମୋଟି ଅର୍ଥନୀତି କହିଲେ ଭୁଲ ହେବନାହିଁ ।

ଜମିରୁ କେତେ ଫସଲ ମିଳୁଛି, ଗାଈ ଗୋରୁ ରଖି ସେଥିରୁ ମଝିରେ ମଝିରେ ଗୋଟିଏ ବିକିଦେଲେ କେତେ ଟଙ୍କା ମିଳୁଛି ବା କ'ଣ କଲେ ନିଜର ଟଙ୍କା ପଇସା ଦୃଷ୍ଟିରୁ ଟିକିଏ ଅଧିକ ସୁବିଧା ହୋଇଯିବ ଇତ୍ୟାଦି ବିଷୟରେ ଯେତେବେଳେ ଆଲୋଚନା ଚ୍ଚଲିଲା ସେତେବେଳେ ପଣ୍ଡିତମାନେ ଏ ସବୁକୁ ଗୋଟାଏ ନାଁ ଦେଲେ । ପରେ ତାକୁହିଁ ଅର୍ଥନୀତି ବୋଲି କୁହାଗଲା ।

ମଣିଷ ଯେତେବେଳେ ଗୋଟିଏ ଗୋଟିଏ ଜାଗାରେ ବସିଗଲା ସେତେବେଳେ ଦେଖିଲା ଯେ ନିଜର ଯାହା ଲୋଡ଼ା ହେଉଛି ସବୁତକ କରିବାକୁ ଗଲେ ଅସୁବିଧା ହେଉଛି । ଯାହାକୁ ଯେଉଁଟା ଭଲ ଲାଗିଲା ବା ଯେଉଁଟା ଜଣେ ଭଲ କରି କରିପାରିଲା ସେ ସେହି କାମଟାକୁ ଆଦରି ରହିଲା । ଏହାଦ୍ୱାରା ବହୁତ ସୁବିଧା ହେଲା । ଜଣେ ଆଜି କାଠ କାମ କରୁଛି, କାଲିକି ହାଣ୍ଡି ଗଢ଼ିଲେ ତାକୁ ପୁଣି ଖାସ୍ କରି ସେ କାମ ଶିଖିବାକୁ ପଡ଼ିବ । ତେଣୁ ବଢ଼େଇ ତା କାମ କଲା ଓ କୁମ୍ଭାର ତା କାମ କଲା । ନିଜ ନିଜ ଭିତରେ ଅଦଳ ବଦଳ କରି କିଛି ନେଲେ ବା ବଢ଼େଇ ଅନ୍ୟକୁ ଗୋଟାଏ କାଠ ଜିନିଷ ବିକିଦେଇ ପଇସାରେ ହାଣ୍ଡି କିଣି ଆଣିଲା । ଦେଖିଲା ବେଳକୁ ଜିନିଷପତ୍ର କାରବାରର ଗୋଟାଏ ଅଦଳ ବଦଳ ବ୍ୟବସ୍ଥା କାମ କରୁଛି ।

ଯେତେବେଳେ ଲୋକେ କ୍ରମେ ଦୂର ଦୂରାନ୍ତକୁ ଗଲେ ଏହିସବୁ ଜିନିଷ ବିକିବା ପାଇଁ, ସେତେବେଳେ ହାଟ ବଜାର ଗଢ଼ି ଉଠିଲା । ଭିନ୍ନ ଭିନ୍ନ ଜିନିଷ ପାଇଁ

"ଅନ୍ୟକୁ ବହୁବାର କ୍ଷମା ଦିଅ; କିନ୍ତୁ ନିଜକୁ ଥରେ ହେଲେ କ୍ଷମା ଦିଅନାହିଁ ।"

--ସାଇସରସ୍

ଦୋକାନ ବସିଗଲା । କେଉଁ ଅଞ୍ଚଳରେ କି ପ୍ରକାର ଜିନିଷ ମିଳୁଛି ସେଥିରେ ଖବର ରଖିବା ପାଇଁ ସମସ୍ତଙ୍କର ମନ ବଳିଲା । ଦୂର ଅଞ୍ଚଳର ଲୋକେ କ'ଣ କିଣିବାକୁ ଇଚ୍ଛା କରୁଛନ୍ତି ସେ ବିଷୟରେ ଖବର ସଂଗ୍ରହ କରାଗଲା । ଏ ସବୁ ଖବର ସଂଗ୍ରହ କଲାପରେ କ'ଣ ତିଆରି କରାଯିବ, କ'ଣ ବିକ୍ରୀ କରାଯିବ, ସେ ବିଷୟରେ ମନ ସ୍ଥିର କରିନେଲେ । ଖର୍ଚ୍ଚ କରିବା, ରୋଜଗାର କରିବା, ଧାର କରିବା, ସଞ୍ଚୟ କରିବା, ଜିନିଷ ତିଆରି କରିବା ଓ ଅଦଳ ବଦଳ କରି ଅଭାବ ମେଣ୍ଟାଇବା ବା ଜିନିଷର ମୂଲ୍ୟକୁ ଟଙ୍କାରେ ଠିକ୍ କରି ବିକିବା ଇତ୍ୟାଦି ବିଷୟରେ ଯେଉଁମାନେ ଖାସ ଖବର ରଖିଲେ, କ'ଣ କେମିତି କଲେ ଲାଭହେବ-କ୍ଷତି ହେବନାହିଁ ବୋଲି ବତାଇଲେ ସେମାନଙ୍କୁ କୁହାଗଲା ଅର୍ଥନୀତିଜ୍ଞ । କ'ଣ କଲେ ଜିନିଷପତ୍ର ଦାମ ବଢ଼ିଯିବ ନାହିଁ, ଘରେ, ସମାଜରେ , ଦେଶରେ କିଭଳି ଭାବରେ କିଣାବିକା ଇତ୍ୟାଦି କଲେ କେହି ଅସୁବିଧାରେ ପଡ଼ିବେ ନାହିଁ ତାହା ମଧ୍ୟ ଏହି ଅର୍ଥନୀତିଜ୍ଞମାନେ କହିଲେ । ମୋଟରେ ଅର୍ଥନୀତି ହେଲା - ସବୁ ଆଡ଼କୁ ନଜର ଦେଇ, ବୁଝି ବିଚାରି ଭଲ ଭାବରେ ଚଳିବା ।

**ଅଳଙ୍କାର :** ମଣିଷର ବରାବର ଇଚ୍ଛା ହୁଏ ତା ଦେହଟି ଟିକିଏ ଅଧିକ ସୁନ୍ଦର ଦେଖାଯାନ୍ତା କି ! ବିଶେଷ କରି ଝିଅବୋହୂମାନେ ଏଭଳି ଇଚ୍ଛା କରନ୍ତି । ସେଥିପାଇଁ ପ୍ରଥମେ ମୁଣ୍ଡରେ ଫୁଲ ଖୋସି, ହାତରେ ଫୁଲମାଳ ଗୁଡ଼ାଇ ବା ବେକରେ ଫୁଲହାର ଝୁଲାଇ ଲୋକେ ଆନନ୍ଦ ପାଉଥିଲେ । ଫୁଲ ଶୁଖିଯାଉ ଥିବାରୁ ବରାବର ତାକୁ ବଦଳାଇବାକୁ ପଡୁଥିଲା । ଥରେ କିନ୍ତୁ ଯେତେବେଳେ ସୁନା ରୁପା ଭଳି ଧାତୁ ବାହାରି ପଡ଼ିଲା ସେଥିରେ ଅଳଙ୍କାର ତିଆରି କଲେ । ଏହାକୁ ତିଆରି କରିବାଟା ହାତର ବାହାଦୂରୀ । କିଏ କେତେ ସୁନ୍ଦର ସୁନ୍ଦର ଅଳଙ୍କାର କରୁଛି ତାହା ଜାଣିବାକୁ ଲୋକେ ଇଚ୍ଛାକଲେ । ପରେ କିନ୍ତୁ ଏହି ସୁନା ରୁପା ଅଳଙ୍କାର ଲୋକଙ୍କର ଗୋଟିଏ ସୁବିଧା କାମରେ ଆସିଲା । କିଛି ଟଙ୍କା ଖର୍ଚ୍ଚ କରି ଗହଣା କରି ଦେଉଛି । କାନ, ନାକ, ବେକ, ହାତରେ ତାକୁ ପିନ୍ଧିଛି । ହଠାତ୍ ଦରକାର ପଡ଼ିଲେ ତାକୁ ବିକିଦେଇ ଗୋଟାଏ କିଛି ଜରୁରୀ ଖର୍ଚ୍ଚ ତୁଲାଇ ଦେଉଛି । ସେଥିଯୋଗୁ କୁହାଯାଏ ଯେ ସୁନା ରୁପା ଅଳଙ୍କାର ଥିଲା ଏ ସଂସାରର ପ୍ରଥମ ବ୍ୟାଙ୍କ ।

**ଅଳାଇଚ :** ଖାଇ ସାରିଲା ପରେ ପାଟିଟା କେମିତି ଲାଗେ । ଟିକିଏ କିଛି ବାସ୍ନା ଚିଜ ଖାଇଦେଲେ ଭଲ ହୁଅନ୍ତା ବୋଲି ମନେହୁଏ । ତାହାର ବ୍ୟବସ୍ଥା ପ୍ରକୃତି କରିଛି । ଅଳାଇଚ ବା ଗୁଜୁରାତି ଦାନା ପାଟିରେ ପକାଇ ଚୋବେଇଲେ ନିଜକୁ ତ ଭଲ ଲାଗେ, ପାଟିର ଯଦି କୌଣସି ଦୋଷ ଥାଏ ଅନ୍ୟମାନେ ତାହା ଜାଣିପାରନ୍ତି ନାହିଁ । ଅଳାଇଚ, ଗୁଜୁରାତି ଭାରତର ଦକ୍ଷିଣ ଅଂଶରେ ମାଲବାର ଅଞ୍ଚଳରେ, ଶ୍ରୀଲଙ୍କାରେ ଓ ଜାଭା-ସୁମାତ୍ରା ବାଲିଦ୍ୱୀପ ଅଞ୍ଚଳରେ ଯଥେଷ୍ଟ ମିଳେ । ଅଳାଇଚ ମଞ୍ଜିର ଦାନା ବା ଗୋଟା ଅଳାଇଚକୁ ଗୁଣ୍ଡକରି ତରକାରିରେ ମସଲା ଭାବରେ ବ୍ୟବହାର କରାଯାଏ । ଏହାକୁ ଔଷଧରେ ମଧ୍ୟ କାମରେ ଲଗାଯାଏ । ପାନରେ ଏହି ମସଲା ବରାବର ଦିଆଯାଏ । ଆରବର ବେପାରୀମାନେ ଭାରତରୁ ଏହି ଅଳାଇଚ ଗୁଜୁରାତି ନେଇ ଇଉରୋପରେ ବିକି ବହୁତ ପଇସା ପାଉଥିଲେ । ଇଉରୋପର ଲୋକେ ଏହା କେଉଁଠୁ ମିଳେ ଖୋଜି ଖୋଜି ଭାରତରେ ଆସି ପହଞ୍ଚିଗଲେ । ସେଇଥି ଯୋଗୁ କୁହାଯାଏ ଯେ ଏହି ମସଲା ଗୋରା ମାନଙ୍କୁ ଡାକି ଆଣିଲା ଓ ସେମାନେ ଏ ଦେଶରେ ରାଜୁତି ଚଳାଇଲେ ।

---

"ଶ୍ରଦ୍ଧାଠାରୁ ବଳି ଆଶୀର୍ବାଦ ଆଉ କିଛି ନାହିଁ ।"

--ଲାଣ୍ଡନ

## ୬୧ ଅଲିଭ-ଅଲିମ୍ପିକ ଖେଳ

**ଅଲିଭ :** ଜନ୍ମ ହେଲାପରେ ପିଲାଟିର ଚମଡ଼ାକୁ ଖୁବ୍ ଚିକ୍କଣ ଓ ସୁସ୍ଥ ରଖିବା ପାଇଁ ତେଲ ମାଲିସ୍ କରାଯାଏ । ତେଲ ନାନା ପ୍ରକାରର ଅଛି । କିନ୍ତୁ ଯେଉଁମାନଙ୍କର ଟିକିଏ ପଇସା ଅଛି ସେମାନେ ଅଲିଭ ତେଲ ମାଲିସ୍ କରନ୍ତି । ଏହି ଅଲିଭ ତେଲ ଗୋଟିଏ ଫଳରୁ ବାହାରେ । ଗଛଟିର ନାଁ ମଧ୍ୟ ଅଲିଭ । ଆମ ଦେଶର ପଶ୍ଚିମରେ ଯେଉଁ ମିଶର ଦେଶ ଅଛି ସେହିଠାରେ ହଜାର ହଜାର ବର୍ଷ ପୂର୍ବେ ବହୁତ ଅଲିଭ ଗଛ ଥିଲା । ତାହାପରେ ଭୂମଧ୍ୟସାଗର କୂଳରେ ବହୁ ଦେଶରେ ଏହି ଗଛ ଲଗାଗଲା । ଖୁବ୍ ଉର୍ବର ମାଟି ନହେଲେ ଏ ଗଛ ବଢ଼େ ନାହିଁ । ପାଞ୍ଚ ବର୍ଷ ହୋଇଗଲା ବେଳକୁ ଫଳ ଧରେ । କିନ୍ତୁ ପନ୍ଦର କୋଡ଼ିଏ ବର୍ଷ ହେଲେ ଯାଇ ବହୁ ପରିମାଣରେ ଫଳ ହୁଏ । ଅଲିଭରୁ ତେଲ ବାହାରେ ଓ ସେହି ଫଳକୁ ମଧ୍ୟ ଲୋକେ ଖାଆନ୍ତି । ଏହି ତେଲରେ ରନ୍ଧା ହୁଏ ଏବଂ ଔଷଧରେ ମଧ୍ୟ ଲାଗେ । ଭଲ ସାବୁନ ହୁଏ । ଫଳକୁ ସିଧାସଳଖ



(ଅଲିଭ ଗଛ, ଫୁଲ ଓ ଫଳ)

ନ ଖାଇ ଲୁଣରେ ପକାଇ ଆଚାର ଭଳି କରି ଖାଇଲେ ଭଲଲାଗେ । ଗଛ ଗୁଡ଼ିକ ୩ରୁ ୧୨ ମିଟର (୧୦ରୁ ୪୦ ଫୁଟ) ପର୍ଯ୍ୟନ୍ତ ଉଚ୍ଚ ହୋଇଥାଏ । ଗଣ୍ଡିରୁ ଗୁଡ଼ାଏ ଡ଼ାଳ ବାହାରେ । ଏହି ଗଛର ପତ୍ର ଦେଖିବାକୁ ଏତେ ସୁନ୍ଦର ଯେ ହଜାର ହଜାର ବର୍ଷ ହେଲା ଲୋକେ ଗୀତରେ, କବିତାରେ ତାହାର ସୌନ୍ଦର୍ଯ୍ୟର ବର୍ଣ୍ଣନା କରିଛନ୍ତି ।

ଗୋଟିଏ ଫଳର ଓଜନ ଯେତିକି ତାହାର ଶତକଡ଼ା କୋଡ଼ିଏ ତିରିଶ ଭାଗ ହେଉଛି ତେଲ । ଏହି ଗଛର ଗୋଟାଏ ବାହାଦୁରୀ ଯେ ଏକ ହଜାର ବର୍ଷ ପର୍ଯ୍ୟନ୍ତ ବଞ୍ଚିକରି ରହିବ । ଏବେ ସ୍ପେନ ଓ ଇଟାଲୀରେ ଲୋକେ ଅଲିଭ ଚାଷରୁ ଧନୀ ହୋଇପାରିଛନ୍ତି ।

**ଅଲିମ୍ପିକ ଖେଳ :** ନିଜ ଦେହ ବିଷୟରେ ଯେଉଁ ଯୁଗରୁ ମଣିଷ ଚିନ୍ତା କରିବାକୁ ଆରମ୍ଭ କଲାଣି ସେହି କାଳରୁ ସେ ଗୋଟିଏ କଥା ଲକ୍ଷ୍ୟ କରି ଆସିଛି । ମନଟାକୁ ଖାଲି ଭଲ ରଖିଲେ ହେବନାହିଁ, ଦେହଟାକୁ ମଧ୍ୟ ଭଲ ରଖିବାକୁ ପଡ଼ିବ । ଦେହକୁ ଭଲ ରଖିବାକୁ ହେଲେ ନାନା ରକମର ବ୍ୟାୟାମ କରିବାକୁ ହେବ । କେବଳ ଚାଲିବା , ଦଉଡ଼ିବା ବା ଦଣ୍ଡ ବୈଠକ କଲେ ଲୋକ ହୁଏତ ସବୁଦିନେ ସେହି କାମ କରିବାକୁ ମନ ବଳାଇବ ନାହିଁ । ତେଣୁ ବ୍ୟାୟାମ କରିବା ପାଇଁ ନାନା ରକମର ଖେଳର ସୃଷ୍ଟି ହୋଇଛି । କିଏ ଭଲ ଖେଳୁଛି, ଶୀଘ୍ର ଶୀଘ୍ର ଦଉଡ଼ି ପାରୁଛି, କୁସ୍ତି କସରତ କରିପାରୁଛି ବୋଲି ଲକ୍ଷ୍ୟ କରି ଯଦି ଯିଏ ସବୁଠାରୁ ଭଲ କଲା ତାକୁ ପୁରସ୍କାର ଦିଆଯାଏ ତେବେ ତାହାର ଉତ୍ସାହ ବଢ଼େ । ଗ୍ରୀସ ଦେଶରେ ଆଜିକୁ ପ୍ରାୟ ୨୭୦୦ ବର୍ଷ ପୂର୍ବେ (ଖ୍ରୀ.ପୂ ୭୭୬) ଗୋଟାଏ ନୂଆ କଥା କରାଗଲା । ପୂର୍ବରୁ ଦିନ ଧାର୍ଯ୍ୟ କରି ବହୁ ଯୋଗ୍ୟ ଲୋକଙ୍କୁ ଅଲମ୍ପିଆ ବୋଲି ଗୋଟିଏ ସ୍ଥାନକୁ ଡକାଗଲା । ଖେଳାଳୀ, ଲେଖକ, କବି, ଚିତ୍ରଶିଳ୍ପୀ ,ମୂର୍ତ୍ତିଗଢ଼ା କାରିଗର ସବୁ ଏକାଠି ହୋଇ ଗୋଟାଏ ମେଳା ଭଳି କଲେ । ଲେଖକମାନେ ସେମାନଙ୍କ ନୂଆ ଲେଖା ପଢ଼ିଲେ ।

---

"ଆନନ୍ଦରେ ଥିବା ଲୋକଠାରୁ ଦୁଃଖରେ ଥିବା ଲୋକ ଅଧିକ ଶକ୍ତିଶାଳୀ ।"

--ସେଫାର୍ଡ

ଯେଉଁମାନେ ଭଲ ଚିତ୍ର କରିଛନ୍ତି ବା ମୂର୍ତ୍ତି ତିଆରି କରିଛନ୍ତି ସେଗୁଡ଼ିକ ଆଣି ଦେଖାଇଲେ । ଖେଳାଳୀମାନେ କେତେ ଶୀଘ୍ର ଦଉଡ଼ି ପାରୁଛନ୍ତି ତାହା ପ୍ରମାଣ କଲେ । ସେଇଠି ଠିକ୍ ହେଲା ଯେ ସବୁ ବର୍ଷତ ଏହା କରିହେବ ନାହିଁ, ପ୍ରତି ଚାରିବର୍ଷରେ ଏପରି ହେବ । ପ୍ରାୟ ହଜାର ବର୍ଷ କାଳ ଏହିଭଳି ଚାଲିଲା ପରେ ରୋମର ସମ୍ରାଟ ଆଦେଶ ଦେଲେ ଯେ ଏଭଳି ହୋଇପାରିବ ନାହିଁ । ସେ ହୁଏତ ଭାବିଲେ, ବହୁ ପ୍ରକାରର ବହୁ ଲୋକ ଆସି ଗୋଟାଏ ଜାଗାରେ ରୁଣ୍ଡ ହେଲେ ବିପଦ ଅଛି । କିଛି କାଳ ପରେ ଲୋକେ ସେ ବିଷୟ ଭୁଲିଗଲେ । ପ୍ରାୟ ଶହେବର୍ଷ ତଳେ ଜଣେ ଫରାସୀ ଲୋକ କୋବରଟିନ୍ କହିଲେ ଯେ ପୁଣି ଅଲିମ୍ପିକ ଖେଳ ଆରମ୍ଭ ହେଉ । ଗ୍ରୀସରେ ତ ପ୍ରଥମେ ଏହା ଆରମ୍ଭ ହୋଇଥିଲା । ତେଣୁ ଗ୍ରୀସର ସେହି ସ୍ଥାନରେ ଉତ୍ସବଟି ହେଉ । ୧୮୯୪ରେ ସେ ୯ଟି ଦେଶର ପ୍ରଧାନ ପ୍ରଧାନ ଲୋକଙ୍କୁ ଡାକି ଏ ପ୍ରସ୍ତାବ ଦେଲେ ଓ ସମସ୍ତେ ଏହାକୁ ଗ୍ରହଣ କରିଗଲେ । ଗ୍ରୀସ୍‌ର ଲୋକେ ଆନନ୍ଦରେ ଗୋଟାଏ ମାର୍ବଲ ଷ୍ଟେଡିୟମ ତିଆରି କରିଦେଲେ । ୧୮୯୬ରେ ଅଲିମ୍ପିକ ପୁଣି ଆରମ୍ଭ ହେଲା । ତାହା ପରେ ପ୍ରତି ଚାରି ବର୍ଷରେ ଏଭଳି ହେଉଛି । କେବଳ ପ୍ରଥମ ବିଶ୍ୱଯୁଦ୍ଧ ଓ ଦ୍ୱିତୀୟ ବିଶ୍ୱଯୁଦ୍ଧ ବେଳେ ଦୁଇ ଥର ହୋଇ ନଥିଲା । ଅଲିମ୍ପିକ ଖେଳରେ ଯେଉଁମାନେ ସୁନା, ରୁପା, ବ୍ରୋଞ୍ଜ ମେଡାଲ ପାଆନ୍ତି ସେମାନଙ୍କ ଉପରେ ପୃଥିବୀର ସବୁଆଡୁ ପ୍ରଶଂସା ଢାଳି



(ଅଲିମ୍ପିକ୍ ଖେଳର ପ୍ରତୀକ)

ହୋଇଯାଏ । ଯେତେବେଳେ ପ୍ରଥମେ ଆରମ୍ଭ ହୋଇଥିଲା ସେତେବେଳେ ଖେଳାଳୀମାନଙ୍କୁ ବେଶ୍ ଦାମିକା ପୁରସ୍କାର ଦିଆଯାଉଥିଲା । ପରେ ଯେଉଁମାନେ ଜିତିଲେ ସେମାନଙ୍କୁ ଗୋଟିଏ ଗୋଟିଏ ଅଲିଭ ଡାଳ ଦିଆଯାଇଥାଏ । ତାହା ସୁନା ଦାଆରେ କଟାଯାଇଥାଏ । କୁହାଯାଏ, ଜିତିବାଟା ହେଉଛି ଅସଲ ପୁରସ୍କାର; କାରଣ ଯିଏ ଜିତିବ ସିଏତ ବୀର ହୋଇଗଲା । ଅଲିମ୍ପିକ କ୍ରୀଡ଼ାରେ ଆଥଲେଟିକ୍ସ୍, ହକି, ଫୁଟବଲ, ଧନୁବିଦ୍ୟା, ପହଁରିବା, ଭାରୋତ୍ତୋଳନ, ଭଲିବଲ, ୱାଟର ପୋଲୋ, ମୁଷ୍ଟିଯୁଦ୍ଧ, ସାଇକେଲ ଚାଳନା, ବାସ୍କେଟ୍‌ବଲ ଓ କୁସ୍ତି ଭଳି ବହୁ ଖେଳ କସରତ ହୁଏ ।

**ଅଶୋକ :** ପ୍ରାୟ ୨୨ ଶହ ବର୍ଷ ପୂର୍ବେ ଜଣେ ମହାପ୍ରତାପୀ ସମ୍ରାଟ ମଗଧ ଦେଶରେ ରାଜୁତି ଚଳାଇ ଥିଲେ । ସେ ଭାରତର ବହୁ ଅଂଶକୁ ନିଜ ସାମ୍ରାଜ୍ୟ ସହିତ ମିଶାଇଦେଲେ । କିନ୍ତୁ କଳିଙ୍ଗ ରାଜ୍ୟ ସ୍ୱାଧୀନ ହୋଇ ରହିଥାଏ । ତାକୁ ଜୟ କରିବାପାଇଁ ସେ ବହୁ ସଂଖ୍ୟାରେ ସୈନ୍ୟ ସାମନ୍ତ ଆଣି ଆକ୍ରମଣ ଚଳାଇଲେ । ଓଡ଼ିଆମାନେ ସ୍ଥିର କଲେ ଯେ ଯେତେ ସଂଖ୍ୟାରେ ମରନ୍ତୁ ପଛକେ ଅଶୋକଙ୍କ ଆକ୍ରମଣ ଆଗରେ ମୁଣ୍ଡ ନୁଆଁଇବେ ନାହିଁ । ଲକ୍ଷେ ଓଡ଼ିଆ ବୀର ମରିଗଲେ, ଦେଢଲକ୍ଷଙ୍କୁ ଅଶୋକ ବନ୍ଦୀ କରିନେଲେ । ରକତର ସୁଅ ଛୁଟିଲା । ସେ ଦୃଶ୍ୟ ଦେଖି ରାଜା ଅଶୋକଙ୍କର ମନ ଦବିଗଲା ଓ ସେ ଜାଣିଲେ ଯେ ଓଡ଼ିଆ ଜାତି ବୀର ଓ ସାହସୀ । ତାଙ୍କ ମନ ବଦଳିଗଲା । ସେ ବୌଦ୍ଧଧର୍ମ ଗ୍ରହଣ କରିଗଲେ । ସେ ପର୍ଯ୍ୟନ୍ତ ତାଙ୍କୁ କୁହାଯାଉଥିଲା 'ଚଣ୍ଡାଶୋକ' । ଏଣିକି କୁହାଗଲା 'ଧର୍ମାଶୋକ' । ତାଙ୍କ ସାହାଯ୍ୟରେ ବୌଦ୍ଧଧର୍ମ ବହୁ ଦେଶକୁ ବ୍ୟାପିଲା । ପୃଥିବୀର ଚାରିଆଡ଼େ ଇତିହାସ ବହିରେ ଏହି କଳିଙ୍ଗ ଯୁଦ୍ଧ କଥା ଲେଖାଯାଇଛି ।

ପାହାଡ଼ ପର୍ବତ ଦେହରେ, ଗୁମ୍ଫା ଭିତରେ ପଥରର ବଡ଼ ବଡ଼ ଖମ୍ବ କରି ତା' ଦେହରେ ଅଶୋକ 'ଧର୍ମକଥା' ସବୁ ଲେଖାଇଲେ । ସେଗୁଡ଼ିକୁ 'ଅନୁଶାସନ' ବୋଲି

---

"ଯୁକ୍ତିତର୍କ ଆରମ୍ଭ ହେଲେ ମଧୁର ଆଳାପର ମୃତ୍ୟୁ ହୋଇଯାଏ ।"

--ଲୁଡ୍‌ୱଇଗ୍

କୁହାଯାଏ । ସେଥିରୁ ତିନୋଟି କଳିଙ୍ଗ ଅନୁଶାସନ । କଳିଙ୍ଗ ଯୁଦ୍ଧ ବିଷୟରେ ବହୁକଥା ସେ ପଥର ଦେହରେ ଲେଖାଇ ଦେଇଯାଇଛନ୍ତି ।

**ଅଶୋକ ସ୍ତମ୍ଭ :** ପ୍ରତ୍ୟେକ ସ୍ୱାଧୀନ ଦେଶ ନିଜର ମର୍ଯ୍ୟାଦା ପାଇଁ ତିନୋଟି ଚିହ୍ନ ବାଛି ନିଏ ଓ ସେହି ଚିହ୍ନ ପାଇଁ ତାହା ଗର୍ବ ଅନୁଭବ କରେ । ଗୋଟିଏ ହେଲା ଜାତୀୟ ପତାକା, ଦ୍ୱିତୀୟଟି ଜାତୀୟ ସଂଗୀତ ଓ ତୃତୀୟଟି ହେଲା ଜାତୀୟ ସଙ୍କେତ ବା ନିଶାଣ । ଭାରତ ସ୍ୱାଧୀନ ହେଲା ପରେ ଆମର ତ୍ରିରଙ୍ଗ ଜାତୀୟ ପତାକା ରହିଲା । 'ଜନଗଣମନ ଅଧିନାୟକ ଜୟ' କୁ ଜାତୀୟ ସଂଗୀତ ଭାବେ ଗ୍ରହଣ କରାଗଲା । ଶେଷକୁ କଥା ପଡ଼ିଲା ଜାତୀୟ ସଙ୍କେତ କ'ଣ ହେବ । ବହୁ



सत्यमेव जयते

(ଅଶୋକ ସ୍ତମ୍ଭ)

ଆଲୋଚନା ପରେ ସ୍ଥିର ହେଲା ଯେ ସାରନାଥ ଠାରେ ଅଶୋକଙ୍କ ଧର୍ମପ୍ରଚାରକୁ ମନେ ପକାଇବା ପାଇଁ ଯେଉଁ ସ୍ତମ୍ଭଟି ତିଆରି ହୋଇଥିଲା ତାକୁହିଁ ସ୍ୱାଧୀନ ଭାରତର ଜାତୀୟ ସଙ୍କେତ ଭାବେ ଗ୍ରହଣ କରାଯିବ । ତାହାରି ତଳେ ଲେଖାଯାଇଛି "ସତ୍ୟମେବ ଜୟତେ" । ଗାନ୍ଧୀ ଓ ବୁଦ୍ଧଙ୍କ ସତ୍ୟ ଓ ଅହିଂସାକୁ ସମ୍ମାନ ଦେଖାଇବା ପାଇଁ ଏଭଳି ଗୋଟିଏ ଜାତୀୟ ସଙ୍କେତ ସ୍ଥିର କରାଯାଇଛି ।

**ଅଶ୍ୱଘୋଷ :** ସଂସ୍କୃତ ହେଉଛି ଅତି ଉନ୍ନତ ଭାଷା । ଭାରତରେ ଏହି ଭାଷା ଜନ୍ମ ନେଇଛି ଓ ମଣିଷ ମନର ଯେକୌଣସି କଥାକୁ କହିବା ପାଇଁ ସେ ଯୁଗରେ ଏହି ଭାଷାର ଶକ୍ତି ଥିଲା । ଏହି ଭାଷାରେ ପୁସ୍ତକ ଲେଖି ଭାରତର କେତେଜଣ ପଣ୍ଡିତ ଏଭଳି ନାମ କରିଥିଲେ ଯେ ଆଜି ପର୍ଯ୍ୟନ୍ତ ସେମାନଙ୍କ କଥା ମନେ ପକାଇ ଆମେ ସବୁ ଗର୍ବ କରୁ । ଅଶ୍ୱଘୋଷ ସେହିମାନଙ୍କ ଭିତରୁ ଜଣେ । ତାଙ୍କ କାବ୍ୟ, ନାଟକ ଓ ଦର୍ଶନ ଗ୍ରନ୍ଥ ଅତି ଉଚ୍ଚକୋଟୀର । ସେ ଖୁବ୍ ସମ୍ଭବ ୧୮୦୦ ବର୍ଷ ପୂର୍ବେ ଅଯୋଧ୍ୟାରେ ଜନ୍ମ ହୋଇଥିଲେ ।

**ଅଶ୍ୱଶକ୍ତି :** ଗୋଟିଏ କିଛି ଜାଳିଲେ ସେଥିରୁ ତାପ ବାହାରେ । ମଣିଷର ମନ ହେଲା ସେହି ତାପରୁ ଫାଇଦା ଉଠାଇବା ପାଇଁ । ଜାଳ ଜାଳି ଭାତ ରାନ୍ଧୁ । ଏ ରନ୍ଧା କାମଟା ଏହି ତାପ ଯୋଗୁହିଁ ହୁଏ ।

ବିଜ୍ଞାନୀମାନେ ବାଷ୍ପ ଇଞ୍ଜିନ ବାହାର କରି ଦେଲେ । ବାଷ୍ପକୁ କାମରେ ଲଗାଇ ସେମାନେ ବହୁତ କିଛି କଲେ । ରେଳ ଇଞ୍ଜିନଟା ଗୋଟାଏ ବାଷ୍ପ ଇଞ୍ଜିନ । ତେଣିକି ଗୋଟାଏ ହିସାବ ଦରକାର ପଡ଼ିଲା । କେତେ ପରିମାଣର ଜାଳେଣି ଦେଲେ ଗୋଟାଏ ଇଞ୍ଜିନ ଚାଲିବ । ତା' ସାଙ୍ଗେ ସାଙ୍ଗେ ସେହି ଇଞ୍ଜିନ କେତେ କାମ କରୁଛି ତା'ର ମଧ୍ୟ ହିସାବ ଦରକାର । ବୈଜ୍ଞାନିକ ୱାଟ୍ ଲକ୍ଷ୍ୟ କଲେ ଗୋଟାଏ ଘୋଡ଼ା କେତେ ପରିମାଣରେ କାମ କରୁଛି । ତାକୁହିଁ ମୂଳ କରି ଧରିଲେ ଇଞ୍ଜିନ କେତେ କାମ କରୁଛି ଧରାପଡ଼ିଯିବ ବୋଲି ସେ ସ୍ଥିର କରିନେଲେ । ତାହାକୁ ସେ ନାଁ ଦେଲେ ଅଶ୍ୱଶକ୍ତି ବା ହର୍ସ ପାୱାର । ୩୩

"ସମସ୍ତ ଜ୍ଞାନ ଶେଷରେ କର୍ମରେ ହିଁ ରୂପାନ୍ତରିତ ହେବା ଉଚିତ ।"

--ସିଡ୍‌ନୀ

## ୬୪ ଅଶ୍ୱଶକ୍ତି-ଅଷ୍ଟ୍ରେଲିଆ

ହଜାର ପାଉଣ୍ଡ ଓଜନର ଜିନିଷକୁ ଗୋଟିଏ ମିନିଟ୍‌ରେ ଗୋଟିଏ ଫୁଟ ଦୂରକୁ ନେଇଯିବା ପାଇଁ ଯେତିକି ପାଓ୍ୱାର ବା ଶକ୍ତି ଲୋଡ଼ା ହେଉଛି ତାକୁହିଁ ସେ ନାଁ ଦେଲେ ଅଶ୍ୱଶକ୍ତି ବା ଅଶ୍ୱ-କ୍ଷମତା । ଇଂରାଜୀରେ ପାଓ୍ୱାର **(power)** ବୋଲି ଯେଉଁ ଶବ୍ଦ ଅଛି ତା ଅର୍ଥ ହେଉଛି କ୍ଷମତା । ଏହାର ଆଉ ଗୋଟିଏ ହିସାବ ହେଉଛି ୫୫୦ ପାଉଣ୍ଡ ଓଜନର କୌଣସି ପଦାର୍ଥକୁ ଗୋଟିଏ ସେକେଣ୍ଡରେ ଗୋଟିଏ ମିଟର ଦୂରକୁ ଉଠାଇନେବାକୁ ଯେତିକି କ୍ଷମତା ଲୋଡ଼ା ତାହାହିଁ ହେଉଛି ଅଶ୍ୱଶକ୍ତି ବା ଅଶ୍ୱ-କ୍ଷମତା । ପାଣି ଉଠାଇବାକୁ ଯେଉଁ ଟିଉବ୍‌ଓ୍ୱେଲ୍ ବସିଛି ତା'କୁ ଚଳାଇବାପାଇଁ ତିନି ଅଶ୍ୱକ୍ଷମତା ବା ପାଞ୍ଚ ଅଶ୍ୱକ୍ଷମତାର ବିଦ୍ୟୁତ୍ ମଟର ଦରକାର ବୋଲି ଯେତେବେଳେ କଥା ଉଠେ ସେତେବେଳେ ମନରେ ଥିବା ଉଚିତ ଯେ ତିନିଟା ବା ପାଞ୍ଚଟା ଘୋଡ଼ାଙ୍କଦ୍ୱାରା ଯେତିକି କାମ ହୁଅନ୍ତା ଏହି ମଟର ସେତିକି କାମ କରି ଦେଉଛି । ମୋଟ ଉପରେ ଅଶ୍ୱ କ୍ଷମତା ହେଉଛି ଗୋଟିଏ ମାପ । ସଂକ୍ଷେପରେ ହର୍ସ ପାଓ୍ୱାରକୁ ଏଚ୍. ପି. ବୋଲି କୁହାଯାଏ ।

**ଅଷ୍ଟ୍ରେଲିଆ** : ଏବେ ସିନା ପୃଥିବୀଟା ଏତେ 'ଛୋଟ' ହୋଇଗଲା, ଦୁଇଶହ ବର୍ଷ ପୂର୍ବେ ସେଇଟି ଥିଲା ଅତି ବଡ଼ । ଛୋଟ ହେବାର ଅର୍ଥ ହେଲା - ଦୂର ଜାଗା ବୋଲି ଆଉ ଗୋଟାଏ କିଛି ରହିଲା ନାହିଁ । ଉଡ଼ାଜାହାଜ, ରେଳ, ମଟର ଆଦି ଦୂର ଜାଗାକୁ ନିକଟ କରିଦେଲା । ରେଡ଼ିଓ, ଟେଲିଭିଜନ ତ ଏମିତି କରିଦେଲାଣି ଯେ ବେଳେ ବେଳେ ମନେ ହେଉଛି ସବୁ ଯେମିତି ହାତ ପାହାନ୍ତାରେ ।

ଇଉରୋପର ଲୋକେ ଯେତେବେଳେ ଠିକ୍ କଲେ ଯେ ଜାହାଜରେ ଯାଇ ସବୁ ମହାସାଗରରେ କେଉଁ କେଉଁ ସବୁ ଦେଶ ଅଛି ତାକୁ ଠାବ କରିବେ, ସେତେବେଳେ ବହୁ ନୂଆ ଅଞ୍ଚଳର ସନ୍ଧାନ ପାଇଲେ । ଶେଷକୁ ସେମାନେ ଗୋଟିଏ ଜାଗାରେ ପହଞ୍ଚି ଗଲେ । ସେ ଜାଗାକୁ ପୂର୍ବରୁ କେହି ଦେଖିନଥିଲେ ବୋଲି କହିଲେ ଚଳେ । ତା' ବିଷୟରେ ବି କିଛି ଜାଣି ନଥିଲେ । ଦେଖିଲେ ଯେ ସେଇଟା ଗୋଟାଏ ବଡ଼ ଦ୍ୱୀପ । କିନ୍ତୁ ସେଇଟା ଏତେ ବଡ଼ ଯେ ତାକୁ ଗୋଟିଏ ଛୋଟ ମହାଦେଶ ବୋଲି କହିଲେ । ସେହିକାଳୁ କୁହାହୋଇ ଆସୁଛି ଅଷ୍ଟ୍ରେଲିଆ ହେଉଛି ପୃଥିବୀର ସବୁଠାରୁ ବଡ଼ ଦ୍ୱୀପ ଓ ସବୁଠାରୁ ଛୋଟ ମହାଦେଶ । ୫୦ଟା ଓଡ଼ିଶା ଯେତିକି ଅଞ୍ଚଳରେ ରହନ୍ତା ସେତିକି ଅଞ୍ଚଳ ରହିଛି ଅଷ୍ଟ୍ରେଲିଆ ଭିତରେ । ତା' ଭିତରେ ପଶି ଦେଖିଲେ ଯେ ପାଞ୍ଚ ଭାଗରୁ ଚାରି ଭାଗରେ କେହି ଲୋକ ନାହାନ୍ତି । ମଣିଷ ରହି ପାରନ୍ତି ନାହିଁ । କାହିଁକି ନା ସେଠି ଅତି ଗରମ, ବର୍ଷା ହୁଏ ନାହିଁ ଓ ଏତେ ବଡ଼ ଅଞ୍ଚଳଟା ଖାଲି ମରୁଭୂମି ।

ଯେଉଁମାନେ ସେଠି ବସବାସ କରି ରହିଥିଲେ ସେମାନଙ୍କର ରଙ୍ଗ ଗୋରା ନୁହେଁ । ସେମାନଙ୍କର ସଂଖ୍ୟା ଥିଲା ତିନିଲକ୍ଷ । ସେମାନଙ୍କ ଭିତରୁ ଅନେକଙ୍କୁ ମାରିଦେଲେ; ଉର୍ବର ଅଞ୍ଚଳରୁ ମରୁଭୂମି ଅଞ୍ଚଳକୁ ତଡ଼ିଦେଲେ । କ୍ରମେ ସେମାନଙ୍କ ସଂଖ୍ୟା କମି ଆସିଲା । ଅଳ୍ପ କେତେ ହଜାର ରହିଲେ । ଗୋରା ଲୋକେ ଯେଉଁସବୁ ନୂଆ ରୋଗ ନେଇଥିଲେ ସେହି ସେହି ରୋଗ ବହୁ ଲୋକ ସମ୍ଭାଳି ନପାରି ମରିଗଲେ । ଏବେ ସେମାନଙ୍କ ସଂଖ୍ୟା ବଢ଼ିଛି । ସମଗ୍ର ଅଷ୍ଟ୍ରେଲିଆରେ ମାତ୍ର ୧ ଲକ୍ଷ ଅଛନ୍ତି; ଯଦିଓ ଆଜି ସେ ମହାଦେଶରେ ଲୋକସଂଖ୍ୟା ହେଉଛି ୧ କୋଟି ୭୬ ଲକ୍ଷ । ପୃଥିବୀର ଅନ୍ୟ ଅଞ୍ଚଳରୁ ବହୁ ଦୂରରେ ଥିବାରୁ ସେଠାରେ ଯେଉଁସବୁ ଜୀବ ରହୁଥିଲେ ସେଗୁଡ଼ିକ ଅନ୍ୟ ଅଞ୍ଚଳରେ ଦେଖାଯାଉନଥିଲେ । କଙ୍ଗାରୁ, ପ୍ଲାଟିପସ୍, କୋଆଲା, ନୂଆ ରକମର ମୂଷା ଓ ବାଦୁଡ଼ି

---

"ଯେଉଁ ଲୋକ କାମ କରି ଚାଲିଥାଏ, ସୁଯୋଗ ତା ପାଖକୁ ଶୀଘ୍ର ହେଉ ବା ବିଳମ୍ବରେ ହେଉ, ନିଶ୍ଚୟ ଆସେ ।"

--ରାଜଗୋପାଳାଚାରୀ

ଏହିଭଳି ଗୋଟିଏ ଗୋଟିଏ ଜୀବ । ଡେଙ୍ଗୁ ବା ବଣୁଆ କୁକୁର ଅଛନ୍ତି । ଏମୁ ଓ କାଶୋୱାରୀ ପକ୍ଷୀ ଉଡ଼ିପାରନ୍ତି ନାହିଁ ସତ, କିନ୍ତୁ ସେମାନଙ୍କ ଠାରେ ନୂଆ ଗୁଣ ଅଛି ।




(ଅଷ୍ଟ୍ରେଲିଆ)

ଉରୋପ ମହାଦେଶରେ ସୁବର୍ଣ୍ଣ ଈଗଲ ସବୁଠାରୁ ବଡ଼ । ଏହି ନୂଆ ମହାଦେଶରେ କିନ୍ତୁ ତା' ଠାରୁ ବଡ଼ ଈଗଲ ଅଛନ୍ତି । ସେମିତି ନୂଆ ଗଛ ମଧ୍ୟ ସେଠି ଦେଖିବାକୁ ମିଳିଲା । ଇଉକାଲିପ୍ଟସ୍ ସେଥିଭିତରୁ ଗୋଟିଏ । ଆକାଶିଆ ଗଛ ୬୫୮ ପ୍ରକାରର । ଏହି ଦ୍ୱୀପ ମହାଦେଶର ଲୋକେ ପଶମ (ଉଲ୍), ମାଂସ ଓ ଗହମ ଅନ୍ୟସବୁ ଦେଶକୁ ପଠାଇ ବହୁ କୋଟି ଟଙ୍କା ପାଆନ୍ତି । ସେଠାରେ ମୂଳ ଅଧିବାସୀମାନେ ଏମିତିକା ଗୋଟିଏ ଅସ୍ତ୍ର ବାହାର କରିଥିଲେ ଯେ କାଠ ତିଆରି ସେହି ଅସ୍ତ୍ରଟିକୁ ଦୂରକୁ ଫିଙ୍ଗିଲେ କୌଣସି ଜୀବ ଦେହରେ ବା ମଣିଷ ଦେହରେ ବାଜି ପୁଣି ହାତକୁ ଫେରିଆସେ । ତାକୁ କୁହନ୍ତି 'ବୁମେରାଙ୍ଗ୍' । ଏ ମହାଦେଶରେ କେତେ ଗୁଡ଼ିଏ ହ୍ରଦ ଅଛି, କିନ୍ତୁ ସେଥିରେ ପାଣି ନଥାଏ । ସେଗୁଡ଼ିକ ଖାଲି ଲୁଣ କ୍ଷେତ୍ର । ନଦୀରେ ବନ୍ୟା ଆସିଲେ ସେଗୁଡ଼ିକରେ ପାଣି ପଶିଯାଏ ।

୧୮୫୧ରେ ସେଠାରେ ସୁନାର ସନ୍ଧାନ ମିଳିଲା । ଏହାର କ୍ଷେତ୍ରଫଳ ହେଉଛି ୭୬୮୨୩୦୦ ବର୍ଗ କିଲୋମିଟର ବା ୨୯୬୬୨୦୦ ବର୍ଗ ମାଇଲ । ପୂର୍ବରୁ ପଶ୍ଚିମକୁ ୨୪୦୦ ମାଇଲ ବା ୩୮୪୦ କିଲୋମିଟର । ଉତ୍ତରରୁ ଦକ୍ଷିଣକୁ ୨୦୦୦ ମାଇଲ ବା ୩୧୦୦ କିଲୋମିଟର । ସମୁଦ୍ର କୂଳେ କୂଳେ ମହାଦେଶର ଘୂରିପଟେ ବୁଲି ଆସିଲେ ୧୨୨୧୦ ମାଇଲ ବା ୧୯୫୩୬ କିଲୋମିଟର ।

**ଅସ୍ଟ୍ରିଚ** : ସମୁଦ୍ରର ତିମି ଓ ମାଟି ଉପରେ ବୁଲୁଥିବା ହାତୀକୁ ଦେଖିଲେ ଆମେ ଟିକେ କାବା ହୋଇଯାଉ କିନ୍ତୁ ପ୍ରକୃତି କେଡ଼େ କେଡ଼େ ଜୀବ ତିଆରି କରିଛି । ସେମିତି ଯେତେ ପକ୍ଷୀ ଅଛନ୍ତି ତାଙ୍କ ଭିତରେ ଅସ୍ଟ୍ରିଚ ହେଉଛି ସବୁଠାରୁ ବଡ଼ । ଆଠ ଫୁଟ ବା ପ୍ରାୟ ଅଢ଼େଇ ମିଟର ଉଚ୍ଚ ଏହି ପକ୍ଷୀ ଅଛନ୍ତି । ଗୋଟା ଗୋଟାକର ଓଜନ ପ୍ରାୟ ୧୫୫ କିଲୋଗ୍ରାମ୍ । ଆଫ୍ରିକା ମହାଦେଶରେ ଏହି ବଡ଼ ବଡ଼ ପକ୍ଷୀଙ୍କୁ ଦେଖି ସେଠାକାର ଲୋକେ କୁହନ୍ତି ଏଇଟା ହେଉଛି ଆଫ୍ରିକାର ଅସୁର । ଏଇଟି କିନ୍ତୁ ଉଡ଼ିପାରେ ନାହିଁ । ସେଇଥିପାଇଁ କୁଦା



(ଅସ୍ଟ୍ରିଚ)

ମାରିବାରେ ତାକୁ ଧୁରନ୍ଧର କରିଦିଆଯାଇଛି । ଗୋଟାଏ ଗୋଟାଏ କୁଦାରେ ସେ ଆଠ ମିଟର ଗ୍ରୁଲିଯାଏ । ଘଣ୍ଟାକୁ ପଗ୍ୱଶରୁ ଶହେ ମାଇଲ ପର୍ଯ୍ୟନ୍ତ ଗ୍ରୁଲିଯାଇପାରେ । ଖାଇବାରେ ସେମିତି କିଛି ବାଛବିଗ୍ରର ନାହିଁ । ତାଳପତ୍ର ଖାଉଥିଲେ ମଧ୍ୟ ହାଡ଼, ଗୋଡ଼ି, ପଥର ଗିଳିଦିଏ । ଏହାର ମାଂସ ସୁଆଦିଆ ନୁହେଁ । ଅଣ୍ଡା କିନ୍ତୁ ସୁଆଦିଆ । ଅଣ୍ଡା ଖୋଳ ଖୁବ୍ ଟାଣ । ତାକୁ ବାସନ ଭାବରେ କାମରେ ଲଗାଯାଏ, ଯେମିତିକି ଲାଉଥାଳକୁ ଆମେ କାମରେ ଲଗାଉ । କୌଣସି କୌଣସି ଠାରେ ଏହାକୁ ପୋଷା ମନାଇ ଗାଡ଼ିରେ ଯୋଗ୍ୱଯାଏ ।

**ଅସ୍ପ୍ରେ** : ଯେତେ ଶିକାରୀ ପକ୍ଷୀ ଅଛନ୍ତି ସେମାନଙ୍କ ଭିତରେ ଅସ୍ପ୍ରେ ହେଉଛି ସବୁଠାରୁ ଦକ୍ଷ ମାଛଧରାଳୀ । ଲମ୍ବ ପ୍ରାୟ ୬୦ ସେ.ମି. । ଦେଖିବାକୁ ଖୁବ୍ ସୁନ୍ଦର । ସମୁଦ୍ର ଉପରେ ଉଚ୍ଚରେ ଉଡୁ ଉଡୁ ମାଛ କେଉଁଠି ପାଣି ଶିରା କାଟି ଗ୍ରୁଲିଛି ତାହା ଲକ୍ଷ୍ୟ କରୁଥାଏ । ହଠାତ୍ ଡେଣା ଜାକିଦେଇ ତୀର ଭଳି ପାଣିରେ ଯାଇ ପଡ଼େ । ମାଛ ମୁଣ୍ଡରେ ତା ନଖ ଗଳିଯାଏ ଓ ଶିକାରଟିକୁ ଧରି ଉପରକୁ ଉଠେ । ଅସ୍ପ୍ରେ ପକ୍ଷୀ ଖୁବ୍ ବଡ଼ ବଡ଼ ବସା ତିଆରି କରେ । ବେଳେବେଳେ ଆଠ ଦଶ ଫୁଟ ଲମ୍ବର ବସାରେ ରହେ । ପ୍ରକୃତି ଏହାର ମନ ଜାଣିଲା ଭଳି ନାନା ରଙ୍ଗର ବିଚିତ୍ର ଅଣ୍ଡା ଏହାକୁ ଦେଇଛି । ପୃଥିବୀର ଉତ୍ତର ଅଂଶରେ ଏମାନେ ବେଶୀ ଦେଖାଯା'ନ୍ତି ।

**ଅସରପା** : ଜୀବନଟା କେଡ଼େ ଟାଣ ସେହି କଥା ସମସ୍ତଙ୍କୁ ଜଣାଇଦେବା ପାଇଁ ସତେ ଯେପରିକି କୀଟପତଙ୍ଗଙ୍କୁ ପ୍ରକୃତି ସୃଷ୍ଟି କରିଛି । ଅନ୍ୟ ଅନେକ ଜୀବଙ୍କ ଶରୀରରେ କୋଟି କୋଟି ବର୍ଷ ଭିତରେ କିଛି କିଛି ପରିବର୍ତ୍ତନ ହୁଏତ ହୋଇଛି । କିନ୍ତୁ ଅସରପା ୩୫ କୋଟି ବର୍ଷ ତଳେ ଯେମିତି ଥିଲା ଆଜି ମଧ୍ୟ ସେମିତି ରହିଛି । ଏହା ସମ୍ଭବ ହୋଇଛି ତାହାର କେତେ ଗୁଡ଼ାଏ ଅଭ୍ୟାସ ଅଛି ବୋଲି । ରହିବା ପାଇଁ କୌଣସି ଗୋଟାଏ ଖାସ୍ ସ୍ଥାନ ଲୋଡ଼ାନାହିଁ । ରୋଷେଇ ଘର, ବହି ଥାକ, ଯେଉଁଠି ଧାନ ଗ୍ୱଉଳ ରହୁଛି ସେ ଯାଗା, ନର୍ଦ୍ଦମା, ଆଲମାରୀର ଭିତର ଅଂଶ, ଏଭଳିକି ରେଡିଓ, ଟେଲିଭିଜନ ସେଟ ଭିତରେ ବି ସମୟେ ସମୟେ ଦେଖିବ ଅସରପା ଆଶ୍ରୟ ନେଇଛି । ସ୍ଥାନଟି ଟିକିଏ ଉଷୁମ ହୋଇଥିବ, ଟିକିଏ ଅନ୍ଧାରୁଆ ଥିବ ଏବଂ ଓଦାଳିଆ ଥିବ - ଏତିକି ହୋଇଗଲେ ତାହାର ରହିବା



(ଅସରପା)

ବିଷୟରେ ଚିନ୍ତା ନାହିଁ । କଅଣ ସେ ଖାଇବ ସେ ବିଷୟରେ ମଧ୍ୟ କିଛି ବାରଣ ନାହିଁ - ଯାହା ମିଳିଲା ଖାଇଲା । ଚମଡ଼ାଠାରୁ ଆରମ୍ଭ କରି ସାବୁନ, କାଳିଠାରୁ ଆରମ୍ଭ କରି କାଠ-ସବୁକିଛି ତାହାର ଆହାର । କିଛି ନ ଖାଇ, ପାଣି ନପିଇ ଗୋଟିଏ ମାସ ଅକ୍ଲେଶରେ

---

" ଅନ୍ୟଠାରେ ଥିବା ସଦ୍‌ଗୁଣକୁ ଯିଏ ଚିହ୍ନି ପାରୁନାହିଁ, ସେ ନିଜଠାରେ ଥିବା ସଦ୍‌ଗୁଣକୁ ମଧ୍ୟ ଚିହ୍ନି ପାରିବ ନାହିଁ ।"

--ଆନନ୍

ରହିଯିବ । ଖାଦ୍ୟ ନଥାଉ, କେବଳ ପାଣି ଟିକିଏ ମିଳିଗଲେ ଦୁଇମାସ ପର୍ଯ୍ୟନ୍ତ ବଞ୍ଚିବ । ପାଣି ନମିଳିଲା, ଖାଲି ଶୁଖିଲା ଖାଦ୍ୟ ଖାଇ ପାଞ୍ଚ ମାସ ପର୍ଯ୍ୟନ୍ତ ଜୀବନ ଧରି ରହିଥିବ । ଏହାର ଛୋଟ ଛୋଟ ଡେଣା ଅଛି, କିନ୍ତୁ ଉଡ଼ିବାଟା ଏହାର ଅଭ୍ୟାସ ନୁହେଁ । ଖୁବ୍ ବେଗରେ ଦଉଡ଼ିପାରେ । ଭୟ ପାଇଗଲେ ଟିକିଏ ଉଡ଼ିଯାଏ । ଏଇଟି ଏଭଳି ଚରକା ଯେ ବିପଦ ଆସୁଛି ବୋଲି ଟିକିଏ ସୂଚନା ପାଇଲେ ଲୁଚିଯିବ । ଅସରପା ଏତେ ରକମର କ୍ଷତି କରୁଛି ଯେ ତାକୁ ମାରିବା ପାଇଁ ନାନା ପ୍ରକାରର କିଟମରା ଔଷଧ ବାହାରିଲାଣି; କିନ୍ତୁ ତାକୁ ଲୋପ କରିଦେଇ ହେଉନାହିଁ । କୌଣସିମତେ ତାହା ରହିଯାଉଛି ।

**ଅସହଯୋଗ ଆନ୍ଦୋଳନ :** ବିଲାତର ଲୋକେ ଭାରତକୁ କଳେବଳେ ଦଖଲ କରିଗଲାପରେ ଏଠାରେ ରାଜୁତି ଚଲାଇଲେ । ନାନା ବାଟରେ ଧନ ସମ୍ପଦ ବିଲାତକୁ ବହି ନେଲେ । ଲୋକେ ଦରିଦ୍ର ହୋଇଗଲେ । ଭାରତର ଶିକ୍ଷିତ ଲୋକଙ୍କ ଭିତରୁ



(ମହାତ୍ମା ଗାନ୍ଧୀ)

କେତେକ ଗୋରା ଶାସକ ମାନଙ୍କୁ କହିଲେ ଯାହାତ କଲଣି କଲଣି, ଏଣିକି ଏ ଦେଶରୁ ତମ ଶାସନ ଉଠାଇ ନିଅ । ଯେଉଁମାନେ ଏକଥା କହିଲେ ସେମାନଙ୍କ ମଧ୍ୟରୁ ଅନେକଙ୍କୁ ସରକାର ଜେଲ ଭିତରେ ପୁରାଇଲେ । ନାନା ପ୍ରକାର ଜୁଲମ କଲେ । ଏମିତି ହେଉ ହେଉ ବିଲାତ ଓ ଜର୍ମାନୀ ଭିତରେ ଯୁଦ୍ଧ ଲାଗିଗଲା । ଆମକୁ ଯୁଦ୍ଧରେ ସାହାଯ୍ୟ କର, ଲଢେଇ ଶେଷରେ ତୁମ ହାତକୁ କ୍ଷମତା ବଢେଇ ଦେବୁ ବୋଲି କହିଲେ । ସେହି ବିଶ୍ୱାସରେ ଭାରତର ହଜାର ହଜାର ଯୁବକ ଯାଇ ଇଉରୋପରେ ଜର୍ମାନୀ ବିରୁଦ୍ଧରେ ଲଢି ପ୍ରାଣ ଦେଲେ । ଯୁଦ୍ଧ ସରିଲା, ଜର୍ମାନୀ ହାରିଗଲା । ଏଣିକି ଆମକୁ କ୍ଷମତା ଦିଅ ବୋଲି ଭାରତର ଲୋକେ କହିଲାରୁ ସେମାନଙ୍କୁ ଡରାଇ ଦେବାପାଇଁ ଇଂରେଜମାନେ ବହୁ ନିରୀହ ଲୋକଙ୍କୁ ଗୁଳିକରି ମାରିଦେଲେ । ଏହି ଘଟଣା ଘଟିଥିଲା ପଞ୍ଜାବର ଅମୃତସର ସହରରେ । ତାକୁହିଁ କୁହାଯାଏ ଜାଲିଆନାୱାଲାବାଗ ହତ୍ୟାକାଣ୍ଡ । ଗାନ୍ଧୀଙ୍କ ପ୍ରାଣକୁ ଭାରି ବାଧିଲା । ବିଦେଶୀ ଶାସକ ମାନଙ୍କୁ ସେ କହିଲେ - ତୁମ ସହିତ ଆମେ ଆଉ ସହଯୋଗ କରିବୁ ନାହିଁ । ତୁମେସବୁ ଯେଉଁ ସ୍କୁଲ କଲେଜ ବସାଇବ ସେଥିରେ ଆମ ପିଲାଙ୍କୁ ପଢାଇବୁ ନାହିଁ । ତୁମ କୋର୍ଟ କଚେରିକୁ ଯିବୁ ନାହିଁ । ଆମରି ସାହାଯ୍ୟରେ ତୁମେ ଆମ ଦେଶରେ ଶାସନ ଚଳାଉଛ । ସେ କଥା ଆଉ ହୋଇପାରିବ ନାହିଁ । ୧୯୨୧ରେ ଗାନ୍ଧୀ ଏହି ଯେଉଁ ଡାକରା ଦେଲେ ତାକୁ କୁହାଯାଏ 'ଅସହଯୋଗ' ଆନ୍ଦୋଳନ । ଦେଶର ଶହ ଶହ ଛାତ୍ର ପାଠ ଛାଡ଼ିଦେଇ ପତାକା ତଳେ ଆସି ଠିଆ ହୋଇଗଲେ । ବଡ଼ ବଡ଼ ଓକିଲ ସବୁ ଆଉ କୋର୍ଟ କଚେରିକୁ ଗଲେ ନାହିଁ । ବିଲାତ ସରକାର ଜାଣିଲେ ଯେ ଭାରତର ଲୋକେ ଆଉ ବିଦେଶୀ ଶାସନକୁ

"ବିଦ୍ୟାକୁ କେହି ଅପହରଣ କରିପାରିବେ ନାହିଁ, ତେଣୁ ତାହାହିଁ ଶ୍ରେଷ୍ଠ ସମ୍ପଦ ।"

--ସଂସ୍କୃତ ଦିବ୍ୟବାଣୀ

ବରଦାସ୍ତ କରିବେ ନାହିଁ । ବହୁ ଦେଶପ୍ରେମୀଙ୍କୁ ଜେଲଦଣ୍ଡ ଦିଆଗଲା । ଗାନ୍ଧୀଙ୍କୁ ଗିରଫ କରି ଜେଲ ଭିତରେ ରଖାଗଲା ।

**ଅସ୍ତ୍ରଶସ୍ତ୍ର :** ସମସ୍ତେ ଗୋଟିଏ କଥା ନିଶ୍ଚୟ ଲକ୍ଷ୍ୟ କରିଛନ୍ତି । ଯେତେ ଯେତେ ଜୀବଜନ୍ତୁ ସୃଷ୍ଟି କରାଯାଇଛି ସମସ୍ତଙ୍କ ବିଷୟରେ ପ୍ରକୃତି ଟିକିଏ ଭାବିଛି । ଶତ୍ରୁ ଆକ୍ରମଣରୁ ଜାତିଏ ରକ୍ଷା ପାଇଯିବ ବୋଲି ଯଦି ବ୍ୟବସ୍ଥା ନ ହୁଏ ସେଇଟି କ୍ରମେ ଲୋପ ପାଇଯିବ । ତେଣୁ ନିଜକୁ ରକ୍ଷା କରିବା ପାଇଁ ଓ ତାହା ସଙ୍ଗେ ସଙ୍ଗେ ଦରକାର ପଡ଼ିଲେ ଶତ୍ରୁକୁ ଆକ୍ରମଣ କରିବା ପାଇଁ ତାହା ଦେହରେ କିଛି କିଛି ଉପାୟ ଖଞ୍ଜି ଦିଆଗଲା । ଶିଙ୍ଗ, ନଖ, ଦାନ୍ତ, ଖୁରାକୁ କେମିତି ଗୋରୁ, ମଇଁଷି, ଘୋଡ଼ା, ବାଘ, ଭାଲୁ ଇତ୍ୟାଦିଙ୍କ ଦେହରେ ଖଞ୍ଜାଯାଇଛି ଆମେ ଦେଖୁଛୁ । କଙ୍କଡ଼ାବିଛାଟି ଛୋଟିଆ ଜୀବ ହେଲେ ମଧ୍ୟ ତା ଲାଙ୍ଗୁଳରେ ଏଭଳି ବିଷ ରଖି ଦିଆଯାଇଛି ଯେ ତାକୁ ସହଜରେ ଧରି ପକାଇବାକୁ କାହାରି ସାହସ ହେବନାହିଁ । ଗୋଖର ସାପ ପାଟିରେ ଯଦି ବିଷ ନ ଥା'ନ୍ତା ସେଇଟି ଦେଖିବାକୁ ଯେମିତି ସୁନ୍ଦର, ଲୋକେ ତାକୁ ଧରି ଆଣନ୍ତେ । କେତେକ ଜୀବଙ୍କ ଉପର ଅଂଶଟାକୁ ଖୁବ୍ ଟାଣ କରି ଦିଆଯାଇଛି । ବଜରକାପ୍ତା, କଇଁଛ ସେମିତିକା ଗୋଟିଏ ଗୋଟିଏ ଜୀବ । ଝିଙ୍କ ଦେହରେ ଲୋମକୁ ଏମିତି ମୁନିଆ କରି ଦିଆଯାଇଛି ଯେ ଦେହଟାକୁ ଝାଡ଼ିଦେଲେ ଝିଙ୍କ କାଠି ଯାଇ ଅନ୍ୟ ଦେହରେ ପଶିଯିବ । କୌଣସି ଜୀବଟିଏ ଦଉଡ଼ିବା କୌଶଳ ଏମିତି ହାସଲ କରିଦେଇଛି ଯେ ନିଜକୁ ରକ୍ଷା କରିବା ପାଇଁ ତାହା ଅତି ବେଗରେ ଦଉଡ଼ି ପଳାଉଛି । କେତେକଙ୍କର ଚମଡ଼ା ଖୁବ୍ ମୋଟା । ପକ୍ଷୀଙ୍କ ଦେହରେ ଡେଣା ଖଞ୍ଜି ଦିଆଗଲା - ଜୀବନ ବଞ୍ଚାଇବା ପାଇଁ ଉଡ଼ି ଗୁଳିଯିବେ । ଏଭଳି କହି ବସିଲେ କହିବା ସରିବ ନାହିଁ ।

କିନ୍ତୁ ମନୁଷ୍ୟ ଦେହରେ ଏଭଳି କୌଣସି ବ୍ୟବସ୍ଥା ଖଞ୍ଜାଯାଇନାହିଁ । ତା'ର ଚମ ନରମ, ଦାନ୍ତ ଛୋଟ, ନଖ ସେମିତି କିଛି ମଜବୁତ୍ ନୁହେଁ । ତାକୁ ଗୋଟାଏ ଚିତାବାଘ ଗୋଡ଼ାଇଲେ ସେ ଦଉଡ଼ି ପଳାଇ ପାରିବ ନାହିଁ । ତା ହେଲେ ମଣିଷଟି ବଞ୍ଚିବ କେମିତି ? ଶତ୍ରୁଙ୍କ ଆକ୍ରମଣରୁ ନିଜକୁ ରକ୍ଷା କରିବ କେମିତି ? ତାହାର ବ୍ୟବସ୍ଥା ପ୍ରକୃତି ନିଶ୍ଚୟ କରିଛି । ତାହାର ଖପୁରି ଭିତରେ ମଜ୍ଜା ବା ମସ୍ତିଷ୍କ ବୋଲି ଯେଉଁଟି ରହିଛି ତାହାରି ଭିତରେ ସବୁ ବୁଦ୍ଧି ଭରି ରହିଛି । ସେହି ବୁଦ୍ଧି ବଳରେ ସେ ଏଭଳି ସବୁ ଜିନିଷ ତିଆରି କରିଦେଇ ପାରିଲା ଯେ ଯେତେ ଜୀବ ଅଛନ୍ତି ସମସ୍ତଙ୍କଠାରୁ ସେ ବଳିଗଲା ନିଜକୁ ରକ୍ଷା କରିବା ପାଇଁ ଓ ତାହା ଉପରକୁ ଯିଏ ବିପଦ ଆଣିଲା ତାକୁ ଆକ୍ରମଣ କରିବା ପାଇଁ । ତେଣୁ ମଣିଷଟି ଗୋଟିଏ ଅସହାୟ ଜୀବ - ଏଭଳି କଥା ଆଉ ରହିଲା ନାହିଁ । କିନ୍ତୁ ଆଶ୍ଚର୍ଯ୍ୟର କଥା ଯେ ବହୁ ବର୍ଷ ପର୍ଯ୍ୟନ୍ତ ମଣିଷ ଜାତି ଜାଣି ପାରୁନଥିଲା ତା ମୁଣ୍ଡରେ ଏତିକି ବୁଦ୍ଧି ଅଛି ଓ ତାହାରି ବଳରେ ସେ ନାନା ପ୍ରକାରର ଅସ୍ତ୍ରଶସ୍ତ୍ର ତିଆରି କରି ପାରିବ । ତାକୁ ଦୋଷ ବା ଦେବା କିପରି ? ନିଆଁ କେମିତି ଲଗାଇବାକୁ ଓ ସାଇତିବାକୁ ହୁଏ ସେକଥା ସେ ଜାଣି ନଥିଲା; ପଥର ମୁଣ୍ଡା ଭିତରେ ଯେ ଲୁହା ରହିପାରେ ଏହା ସେ ସ୍ୱପ୍ନରେ ସୁଦ୍ଧା ଭାବି ନଥିଲା । ସେ ପ୍ରଥମେ ନିଜ ହାତଗୋଡ଼କୁ ବ୍ୟବହାର କଲା ନିଜକୁ ରକ୍ଷା କରିବା ପାଇଁ କିମ୍ବା ଦରକାର ପଡ଼ିଲେ ଅନ୍ୟକୁ ଆକ୍ରମଣ କରିବା ପାଇଁ । ମୁଥ, ବିଧା, ଗୋଇଠା ମରାମରି ଥିଲା ଏହାର ଅସ୍ତ୍ରଶସ୍ତ୍ର । ତାହା ପରେ କାହା ମୁଣ୍ଡରୁ ବାହାରିଲା ଯେ ଖଣ୍ଡେ ପଥର ବା ମାଟି ଫୋପାଡ଼ି ସେ ନିଜକୁ ରକ୍ଷା କରିବ । ଆଉ ଜଣେ କହିଲା, ଗଛର ଖଣ୍ଡେ ସରୁଆ ଡାଳ ବା

---

"ନିଜର ଦୁର୍ବଳତା କେଉଁଠି ଅଛି, ତାହା ଜାଣି ନପାରିବାଟା ହେଉଛି ସବୁଠାରୁ ବଡ଼ ଦୁର୍ଭାଗ୍ୟ ।"

--କାର୍ଲାଇଲ୍

ଖଣ୍ଡିଏ ମଜବୁତ ବାଉଁଶ ସାହାଯ୍ୟରେ ଅନ୍ୟକୁ ପିଟିଦେଇହେବ । ସେଇଟି ଥିଲା ମଣିଷର ଆଦି 'ଶସ୍ତ୍ର' । ପଥରର କଟୁରୀ, କୁରାଢ଼ି ମଧ୍ୟ ସେ ବ୍ୟବହାର କଲା ଏହି ଉଦ୍ଦେଶ୍ୟରେ । ଜଣେ କେହି ପଥର ତୀର ତିଆରି କରିଦେଲା ଓ ବାଉଁଶ, ଲତା ସାହାଯ୍ୟରେ ଧନୁ ତିଆରି କରିଦେଲା । ତାହାପରେ ଯେତେବେଳେ ସେ ବ୍ରୋଞ୍ଜ ଭଳି ଧାତୁକୁ ଚିହ୍ନିଲା ସେତେବେଳକୁ ନାନା ରକମର ଅସ୍ତ୍ରଶସ୍ତ୍ର ପାଇଁ ବାଟ ଫିଟିଗଲା । ଲୁହା ମଧ୍ୟ ସେ ଦିଗରେ କାମଦେଲା । ବ୍ରୋଞ୍ଜର ଢାଲ ଗୋଟିଏ ହାତରେ ଧରି ନିଜକୁ ରକ୍ଷା କରୁଥାଏ ଓ ଆଉ ଗୋଟିଏ ହାତରେ ବଡ଼ ଛୁରୀ ବା ଖଣ୍ଡାଟାଏ ଧରି ସେ ଗ୍ଲଳିପାଉଥାଏ ଯୁଦ୍ଧ କରିବାକୁ । ଗୋଟାଏ ସମୟ ଥିଲା ଯେତେବେଳେ କି ଏକା ଚିଜକୁ ଅସ୍ତ୍ର ରୂପେ ବ୍ୟବହାର କରାଯାଉଥିଲା ଓ ଘରେ ଅନ୍ୟ କାମରେ ବି ଲଗାଯାଉଥିଲା । କଟୁରି, ବର୍ଚ୍ଛା, କୁରାଢ଼ି କେମିତି ଦୁଇ କାମରେ ଲାଗୁଛି ଆମେ ଦେଖୁଛୁ । ପୃଥିବୀର ଭିନ୍ନ ଭିନ୍ନ ଅଂଶରେ ଯେ ଭିନ୍ନ ଭିନ୍ନ ପ୍ରକାରର ଅସ୍ତ୍ରଶସ୍ତ୍ର ତିଆରି ହେଲା ସେଥିରୁ ଜଣା ପଡୁଛି ଗୋଟାଏ ଜାତି କେତେ ଦୂରକୁ ବୁଦ୍ଧିବିଦ୍ୟାରେ ଉପରକୁ ଉଠିଗଲା । କି ପ୍ରକାର ଉପାଦାନରେ ସେ ଅସ୍ତ୍ରଶସ୍ତ୍ର ତିଆରି କଲା ସେଥିରୁ କହିଦେଇ ହେଉଛି କେଉଁ ଜାତିଟା କେତେ ବୁଦ୍ଧି ଖେଳାଇ ପାରିଲା. । ଅନ୍ୟ ଲୋକ ତୀର ମାରିଲେ ନିଜକୁ ରକ୍ଷା କରିବା ପାଇଁ ସେ ଧାତୁରେ ସାଞ୍ଜୁ ତିଆରି କରି ପିନ୍ଧିଲା ଓ ନିର୍ଭୟରେ ଯୁଦ୍ଧ କରିବାକୁ ଗ୍ଲଲିଲା ।

ଦୂରକୁ ମାରଣ ଅସ୍ତ୍ର ଫୋପାଡ଼ିଲେ ତାକୁ 'ଅସ୍ତ୍ର' ବୋଲି କୁହାଗଲା ଓ ନିଜେ ଧରି ଲଢ଼ିଲେ ତାକୁ ଶସ୍ତ୍ର ବୋଲି କୁହାଗଲା । ତରବାରୀ ବା ଖଣ୍ଡା ହେଉଛି ଗୋଟାଏ ଶସ୍ତ୍ର - ତୀର ହେଉଛି ଗୋଟାଏ ଅସ୍ତ୍ର ।

ବନ୍ଧୁକ, ତୋପ ଭଳି ଅସ୍ତ୍ର ଯେତେବେଳେ ବାହାରିଲା ସେତେବେଳେ ମଣିଷ ବୁଝିଲା ତା ଭିତରେ କେତେ ଶକ୍ତି ରହିଛି । ପରେ ତ ଆହୁରି କେତେ କ'ଣ ହୋଇଗଲା । ଉଡ଼ାଜାହାଜରୁ ବୋମା ପଡ଼ିଲା, କ୍ଷେପଣାସ୍ତ୍ର ସବୁ ବାହାରିଲା, ହଜାର ହଜାର କିଲୋମିଟର ଦୂରକୁ ପରମାଣୁ ବୋମା ଫୋପାଡ଼ିବା କୌଶଳ ମଣିଷ ଜାଣିଗଲା । ଆଜି ହଜାର ହଜାର କୋଟି ଟଙ୍କା ଖର୍ଚ୍ଚ ହେଉଛି ଭିନ୍ନ ଭିନ୍ନ ଦେଶରେ ଅସ୍ତ୍ରଶସ୍ତ୍ର ତିଆରି କରିବାରେ ।

**ଅହମ୍ମଦାବାଦ** : ଭାରତର ଲୋକେ ଯେତେବେଳେ ଇଂରେଜ ଶାସନ ବିରୁଦ୍ଧରେ ଆନ୍ଦୋଳନ ଚଳାଇଥିଲେ, ସେତେବେଳେ ଗୁଜୁରାଟର ଏହି ସହରଟି ସ୍ୱାଧୀନତା ସଂଗ୍ରାମର ଗୋଟିଏ ବଡ଼ କେନ୍ଦ୍ର ହୋଇଯାଇଥିଲା । ସାବରମତୀ ନଦୀ କୂଳରେ ଥିବା ଏହି ସହରଟି ୧୪୧୧ ଖ୍ରୀଷ୍ଟାବ୍ଦରେ ବସାଯାଇଥିଲା । ବହୁଦିନ ଧରି ଏହା ଗୁଜୁରାଟ ରାଜ୍ୟର ରାଜଧାନୀ ଥିଲା । ଲୁଗାପଟା ତିଆରି ଶିଳ୍ପ ପାଇଁ ଏହା ପ୍ରସିଦ୍ଧ । ଅହମ୍ମଦାବାଦ ସହରର ଲୋକସଂଖ୍ୟା ପ୍ରାୟ ୩୨ ଲକ୍ଷ ।

**ଅହଲ୍ୟାବାଈ** (୧୭୨୫-୧୭୯୫) : ଶାସନ ଗାଦିରେ ବସି ଦେଶକୁ ଚଳାଇବା ଓ ତାହା ସଙ୍ଗେ ସଙ୍ଗେ ସୈନ୍ୟମାନଙ୍କୁ ଯୁଦ୍ଧକ୍ଷେତ୍ରରେ ଚଳାଇବା - ଏହି ଉଭୟ କାର୍ଯ୍ୟ ଖୁବ୍ ଭଲ ଭାବରେ କରିପାରିଥିଲେ ଭାରତର ଜଣେ ସାହସୀ ମହିଳା । ସେଇଥି ଯୋଗୁ ଭାରତର ଇତିହାସରେ ଏହାଙ୍କ ବିଷୟରେ ବହୁତ ଭାବରେ ଲେଖାଯାଇଛି । ସେ ମାଳବ ଦେଶକୁ ଶାସନ କରୁଥିଲେ । ତାଙ୍କୁ ଯେତେବେଳେ ମାତ୍ର ୧୯ ବର୍ଷ ବୟସ ସେତେବେଳେ ତାଙ୍କ ସ୍ୱାମୀ ମରିଗଲେ । ପୁଅଙ୍କୁ ମଧ୍ୟ ସେ ହରାଇଲେ । କିନ୍ତୁ ସାହସ ନ ହରାଇ ଅସୀମ

---

"ସମସ୍ତଙ୍କୁ ସମାନ ଭାବରେ ପ୍ରଶଂସା କରିବାଟା କାହାକୁ ଆଦୌ ପ୍ରଶଂସା ନ କରିବା ସଙ୍ଗେ ସମାନ ।"

--ଗୟ



(ଅହଲ୍ୟାବାଈ)

ଧୈର୍ଯ୍ୟର ପରିଚୟ ସେ ଦେଲେ । ମାଳବ ଦେଶରେ ବହୁସଂଖ୍ୟକ ମନ୍ଦିର ଓ ଧର୍ମଶାଳା ତିଆରି କରାଇ ଦେଇଥିଲେ । ସୁଦୀର୍ଘ ରାଜପଥ ତାଙ୍କର ରାଜୁତି କାଳରେ ତିଆରି କରାଯାଇଥିଲା । ସତୁରୀ ବର୍ଷ ବୟସ ବେଳେ ସେ ୧୭୯୫ରେ ପ୍ରାଣତ୍ୟାଗ କଲେ ।

**ଅହିରାଜ** : ପୃଥିବୀରେ ଯେତେ ପ୍ରକାରର ବିଷାକ୍ତ ସାପ ଅଛନ୍ତି ସେମାନଙ୍କ ଭିତରେ ଅହିରାଜ ସବୁଠାରୁ ବଡ଼ ବୋଲି କୁହାଯାଏ । ଏହାର କାମୁଡ଼ା ଅତି ଭୀଷଣ । ଏକା କାମୁଡ଼ାକେ ଏତେ ବିଷ ଅଜାଡ଼ି ଦିଏ ଯେ ଯାହାକୁ କାମୁଡ଼େ ତା'ର ବଞ୍ଚିବାର ଆଶା ଖୁବ୍ କମ୍ । ଗୋଟିଏ ଗୋଖରଠାରେ ଯେତେ ବିଷ ଥାଏ ଅହିରାଜଠାରେ ତା'ର ସାତ ଆଠ ଗୁଣ ଅଧିକ ବିଷ ଥାଏ । ଅହିରାଜ ଅତିମାତ୍ରାରେ ବୁଦ୍ଧିଆ । ମୁହୂର୍ତ୍ତକେ ଗତି ବା ବେଗ ବଦଳାଇ ଆକ୍ରମଣ କରେ । କିନ୍ତୁ ବିନା କାରଣରେ ଏହା ମଣିଷକୁ ଗୋଡ଼ାଇ ଆକ୍ରମଣ କରେ ନାହିଁ । ସବୁ ଅହିରାଜ ଛ' ମିଟରରୁ ଅଧିକ ଲମ୍ବ ନୁହନ୍ତି । ତିନି ମିଟରର ସାପ ମଧ୍ୟ ଅଛନ୍ତି । ଏମାନଙ୍କୁ 'ସାପଖିଆ' ଜୀବ କୁହାଯାଇପାରେ । ଡମଣା ଓ ଗୋଖରକୁ ଗୋଟା ଗୋଟା ସହଜରେ ଗିଳି ଦିଅନ୍ତି । ମାସେ ଦେଢ଼ମାସ କିଛି ନ ଖାଇଲେ ମଧ୍ୟ ଏହାର କିଛି କ୍ଷତି ହୁଏନାହିଁ । ଚିଡ଼ିଆଖାନାରେ ଏହି ଜାତିର ଗୋଟାଏ ସାପ ପ୍ରାୟ ୧୩ ବର୍ଷ ବଞ୍ଚିଥିଲା ।



(ଅହିରାଜ)

ଜଙ୍ଗଲରେ ଏମାନେ କେତେ ବର୍ଷ ବଞ୍ଚନ୍ତି ତାହା କହିହେବନାହିଁ । ଏହାର ରଙ୍ଗ ଫିକା ହଳଦିଆ ଓ ବାଦାମୀ ।

**ଅକ୍ଷର** : ଗୋଟାଏ ଯୁଗରେ ମଣିଷ ଜାତି ଏମିତି ଗୋଟାଏ ଅସୁବିଧାରେ ପଡ଼ିଲା ଯେ ସମସ୍ତଙ୍କ ମନଟା ଏକାବେଳେକେ ଖରାପ ହୋଇଗଲା । କିଛି ଗୋଟାଏ ବାଟ ବାହାର କରିବା ପାଇଁ ତା' ମନ ଉଚ୍ଛନ୍ନ ହେଉଥାଏ, କିନ୍ତୁ କିଛି ବାଟ ଦେଖାଯାଉ ନଥାଏ । ଏ ବହିର ଆରମ୍ଭରେ 'ଅ' ବୋଲି ଯେତେବେଳେ ଲେଖାଯାଇଛି ସେତେବେଳେ ବୁଝାଇ ଦିଆଯାଇଛି ଛାତି ଭିତରୁ ଯେଉଁ ପବନ ବାହାରୁ ଥିଲା ତାକୁ କେମିତି ଭିନ୍ନ ଭିନ୍ନ ରୂପ ଦିଆଗଲା ।

---

"ଘୋର ସଙ୍କଟପୂର୍ଣ୍ଣ ପରିସ୍ଥିତିଟି ମହାପୁରୁଷ ମାନଙ୍କ ବିଦ୍ୟାଳୟ ।"

--ମହାତ୍ମା ଗାନ୍ଧୀ

କିନ୍ତୁ ତା' ମନ କ'ଣ ସେତିକିରେ ମାନିଲା । ଗୋଟିଏ କଥା ଅନ୍ୟ ଜଣକୁ କହିଲା । ଦୂର ଜାଗାକୁ ଯାଇଥିଲା । ସେଠି କଅଣ ସବୁ ଦେଖିଲା ତାହା ତା'ର ମନେଥିଲା । ସେ ଅନେକଙ୍କୁ ବସାଇ କ'ଣ ସବୁ ଦେଖିଛି କହିଗଲା । ସମସ୍ତେ ଖୁସି । ସେମାନେ ହୁଏତ କିଛି କିଛି ମନେ ରଖି ଅନ୍ୟ କାହାକୁ କହିଥିବେ । ସେମାନେ ତ ଦେଖି ନାହାନ୍ତି - ଯେତିକି ମନେ ରହିଲା କହିଲେ । ସେଇଠି କଥାଟି ସରିଲା ।

ଅ, ଆ, କ, ଖ, ମ, ଯ, ର ଭଳି ଯେଉଁ ବର୍ଣ୍ଣସବୁ ମନୁଷ୍ୟ ସୃଷ୍ଟି କରିଛି ଓ ଯାହାକୁ ପରେ ଅକ୍ଷର ବୋଲି କହିଲେ, ସେଗୁଡ଼ିକର ଗୋଟିଏ ଗୋଟିଏ ଚିତ୍ର ଯଦି ଆଙ୍କି ଦିଆଯାଆନ୍ତା, ତାହାଲେ ଜଣଙ୍କର କଥାକୁ ସାଇତି ଦିଆଯାଆନ୍ତା । ପରେ ଅନ୍ୟମାନେ ତାକୁ ଦେଖିଲେ କହିପାରନ୍ତେ ସେ କଅଣ କହିଛି ।

ଏହି ଆଲୋଚନାରୁ ବାହାରିଲା ଛାତିରୁ ବାହାରୁଥିବା ଧ୍ୱନୀକୁ କେମିତି ରୂପ ଦିଆଯିବ । 'ଅ' ବୋଲି ଯେଉଁ ଧ୍ୱନି ବାହାରୁଛି ତାକୁ ଅକ୍ଷରରେ ଏମିତି ଲେଖିଦିଆଗଲା - ଅ । ଆଉ ଗୋଟାଏ ଧ୍ୱନିକୁ ଏମିତି ଲେଖି ଦିଆଗଲା - କ । ପୁଣି ଗୋଟାଏ ଧ୍ୱନିକୁ ଲ - ଏମିତି ଲେଖି ଦିଆଗଲା । ଅ, କ, ଲ ପାଖକୁ ପାଖକୁ ଲେଖିଦେଲାବେଳକୁ 'ଅକଲ' ବୋଲି ଶବ୍ଦଟିଏ ହୋଇଗଲା । ଏମିତି ବିଗ୍ଭରି ବିଗ୍ଭରି ୪୬ ପ୍ରକାର ଧ୍ୱନି ଯାହାକୁ କି ବର୍ଣ୍ଣ ବୋଲି କୁହାଯାଏ ତା'ରି ପାଇଁ ଗୋଟିଏ ଗୋଟିଏ ଅକ୍ଷର ଲେଖି ଦିଆଗଲା । ଥରେ ଅକ୍ଷରରେ ଲେଖା ହୋଇଗଲେ ସେଇଟି ବହୁକାଳ ପର୍ଯ୍ୟନ୍ତ ରହିଲା । ଆଜିକାଲି ଆମେ ଯେ କହୁଛୁ 'ଅକ୍ଷର ଅମର' ତାରି ମୂଳ ଯାଇ ସେଇଠି । କଥାଟା ପବନରେ ମିଶିଯାଉଛି । ଅକ୍ଷରଟା ପଥର, କାଠ, କାଗଜରେ ରହି ଯାଉଛି । ତା'ର ମରଣ ନାହିଁ । ପୂର୍ବରୁ ଯେଉଁ ଲୋକ କଥା କୁହାଗଲା ତା' ବେଳେ ଯଦି ଅକ୍ଷର ବାହାରି ଥାଆନ୍ତା ସେ ଯାହା ଦେଖିଥିଲା ସବୁତକ ଲେଖି ପକାଇ ଥାଆନ୍ତା । ତାକୁ ବହୁଲୋକ ପଢ଼ିଥାଆନ୍ତେ । ତା କଥାତ ପବନରେ ମିଶି ଯାଇ ନଥାନ୍ତା ।

ଏଇ ଅକ୍ଷର ଗୋଟାଏ ପ୍ରକାରର ମେଜିକ୍ ଦେଖାଏ । ଆମ ଓଡ଼ିଆ ବର୍ଣ୍ଣମାଳାରେ 'କ' ହେଉଛି ଗୋଟାଏ ସ୍ୱତନ୍ତ୍ର ଧ୍ୱନିର ଚିତ୍ର । ତାକୁ କେମିତି ଲେଖା ଯାଉଛି ତାକୁ ତ ସମସ୍ତେ ଦେଖୁଛ । କିନ୍ତୁ ଯେତେବେଳେ ବିହାରକୁ ଯିବ ଓ କହିବ ଏଇ କ ଧ୍ୱନିକୁ ସେମାନେ କେମିତି ରୂପ ଦେଇଛନ୍ତି ଟିକିଏ ଦେଖାଇ ଦିଅନ୍ତୁ, ସେମାନେ ଗୋଟିଏ ନୂଆ ଢଙ୍ଗରେ ଲେଖିବେ ଓ କହିବେ ଇଏ ହେଉଛି କ ଧ୍ୱନିର ଚିତ୍ର । ଭାରତବର୍ଷର ଗ୍ଭରିଆଡ଼େ ବୁଲି ଆସିଲେ ଏହି ଏକ 'କ' ଧ୍ୱନିର ୧୫।୧୬ ପ୍ରକାର ରୂପ ଦେଖିବ । ସମସ୍ତେ କହୁଛନ୍ତି କ, କିନ୍ତୁ ଚିତ୍ରଗୁଡ଼ିକ ଭିନ୍ନ ଭିନ୍ନ । ସେହି ଭିନ୍ନ ଭିନ୍ନ ଚିତ୍ର ଭିନ୍ନ ଭିନ୍ନ ନାମ ପାଇଛନ୍ତି । ଏଇଟା ବଙ୍ଗଳା ଅକ୍ଷର, ଏଇଟା ହିନ୍ଦୀ ଅକ୍ଷର, ସେଇଟା ତେଲୁଗୁ ଅକ୍ଷର ବୋଲି କହି ଦିଆଯାଉଛି । ଭିନ୍ନ ଭିନ୍ନ ପ୍ରକାରର କ ଲେଖାକୁ ଦେଖିଦେଇ ଆମେ 'କ' କହିଲାବେଳେ ଯେମିତି ଧ୍ୱନି କରୁ, ସାହେବମାନେ ମଧ୍ୟ ସେମିତି କ କୁହନ୍ତି । ଆମେ ସେହି ଧ୍ୱନିକୁ ଏମିତି ଲେଖିଲା ବେଳକୁ (-କ), ସେମାନେ ଲେଖୁଛନ୍ତି K । ସେମିତି ପୃଥିବୀ ବୁଲିଆସିଲା ବେଳକୁ ବହୁ ପ୍ରକାରର 'କ' ଧ୍ୱନି ରୂପକ ବହୁ ପ୍ରକାରର ଲେଖାରେ ଦେଖିବ ।

ପୃଥିବୀରେ ଭିନ୍ନ ଭିନ୍ନ ଅଂଶରେ କେତେ ପ୍ରକାରର ଅକ୍ଷର ଅଛି ଓ ସେଗୁଡ଼ିକୁ କିଭଳି ଭାବରେ ଲେଖା ଯାଉଛି ସେ ବିଷୟରେ ଅଧିକ ଜାଣିବା ଉଚିତ । ଉପରେ ଯେତେ ଯେତେ କଥା କୁହାଗଲା ତାକୁ

---

''ଆଦୌ ଯୁକ୍ତି ନ କରି ଯେଉଁ ଲୋକ ଅନ୍ୟମାନଙ୍କର ସବୁମତ ଗ୍ରହଣ କରିଯାଏ, ସେହି ହେଉଛି ପ୍ରକୃତ ଦାସ ।''

--ଡୁମଣ୍ଡ



( ବିଭିନ୍ନ ମୁଖ୍ୟ ଭାରତୀୟ ଭାଷାର ଅକ୍ଷର । ବାମରୁ ଡାହାଣକୁ : ଦେବନାଗରୀ ବା ହିନ୍ଦୀ, ଗୁରୁମୁଖୀ, ଗୁଜୁରାଟୀ, ମରାଠୀ, ସିନ୍ଧୀ, ମୁଲ୍‌ତନୀ, ବଙ୍ଗଳା, ଅହମିଆ, ଓଡ଼ିଆ, ବିଜୟନଗର, ତେଲୁଗୁ, କନ୍ନଡ଼, ତାମିଲ, ମାଲୟଲମ୍ । )

ଟିକିଏ ଭଲ ଭାବରେ ବୁଝାଇବା ପାଇଁ ଏଠାରେ କେବଳ ଗୋଟିଏ କଥା କହି ଦିଆଯାଉଛି । କଥାଟାକୁ ଅକ୍ଷର ରୂପ ଦେବାପାଇଁ ଚୀନ ଦେଶରେ ଯେଉଁ କିଟିମିଟିଆ ବାଟ ବଛାଗଲା ଓଡ଼ିଆ ବା ଇଂରାଜୀ ଅକ୍ଷର ଲେଖିଲା ବେଳେ ସେମିତି କରାଯାଇନାହିଁ । ଗୋଟିଏ ଗାର ଓ ଗୋଟିଏ ଅଧା ଗୁନ୍ଦକୁ ମୂଳ ବୋଲି ଧରାଗଲା । ଦି'ଟା ଅଧାଗୁନ୍ଦକୁ ଏକାଠି ଯୋଡ଼ିଦେଲେ (0) ଶୂନ ଭଳି ହୋଇଗଲା । ରୋମର ଲୋକେ ତ ମାତ୍ର ଛବିଶଟି ଅକ୍ଷର ବାହାର କଲେ । ସେଥିରୁ ସେମାନେ ୧୫ଟିକୁ କେବଳ ସିଧା ଗାର ପକାଇ ଲେଖିଦେଲେ । ସେହି ଗାରଗୁଡ଼ିକୁ ବସି ଟିକିଏ ସଜାଇ ଦେଲେ ।

ଭାରତର ଭିନ୍ନ ଭିନ୍ନ ଅଞ୍ଚଳରେ ଯେଉଁସବୁ ଅକ୍ଷର ରହିଛି ସେଗୁଡ଼ିକ ଏତେ ସରଳ ଭାବରେ ଲେଖା ନଯାଇଥିଲେ ମଧ୍ୟ ଢଙ୍ଗଟା ସମାନ ଥିବାରୁ କେବଳ ଅକ୍ଷର ଚିହ୍ନିଲେ ଯେ କୌଣସି ଭାଷା ପଢ଼ି ହୋଇଯାଉଛି । କିନ୍ତୁ ପୃଥିବୀର ଗୋଟାଏ ଅଂଶର ଲୋକେ ଆଉ ଏଇ ବର୍ଣ୍ଣମାଳା ବା ଅକ୍ଷର ସାହାଯ୍ୟରେ ଲେଖିଲେ ନାହିଁ । ସେମାନେ ଭାବିଲେ ଗୋଟିଏ ଗୋଟିଏ ଶବ୍ଦପାଇଁ ଗୋଟିଏ ଗୋଟିଏ ଚିତ୍ର ଆଙ୍କିଦେବେ । ଚିତ୍ରରୁ ଲୋକେ ବୁଝିଗଲେ କ'ଣ ଲେଖାଯାଉଛି । ଚୀନ୍ ଦେଶରେ ସେମିତି କଲେ । ସେମାନେ ଯଦି ବଗିଗ୍ର ବୋଲି ଲେଖିବାକୁ ଚାହିଁଲେ, ଦି'ଟା ମହୁମାଛିର ଚିତ୍ର ପାଖକୁ ପାଖକୁ ଲେଖିଲେ । ଯିଏ ପଢୁଆ ଲୋକ ସେ କହିଦେଲା ଏଇଟା ବଗିଗ୍ର ଲେଖା ହୋଇଛି । ଏହିଭଳି ଭାବରେ ସେ ୩୦।୪୦ ହଜାର ଚିତ୍ର ଆଙ୍କି ଦେଇଗଲେ । ସେଗୁଡ଼ିକୁ ସବୁତକ ଚିହ୍ନିଲେ ଯାଇ ଚୀନା ଭାଷା ଭଲ ଭାବରେ ପଢ଼ିପାରିବ ।

" ଯାହାର ଅନ୍ତର ସଦ୍‌ଭାବନାରେ ପୂର୍ଣ୍ଣ, ସେ ଜୀବନରେ କେତେବେଳେ ହେଲେ ଏକାକୀ ନୁହେଁ ।"

--ସିଡ୍‌ନୀ

## ୭୩ ଅକ୍ଷର-ଅକ୍ଷାଂଶ ଦ୍ରାଘିମା

ପୃଥିବୀରେ ତିନି ହଜାର ଭାଷା ରହିଛି । କିନ୍ତୁ ସବୁ ଭାଷାର ଅକ୍ଷର ନାହିଁ । କେବଳ ୩୦୦ରୁ କମ୍ ଭାଷାରେ ଲିପି ବା 'ଲେଖିବା ଅକ୍ଷର' ଅଛି । ଅନ୍ୟଗୁଡ଼ିକରେ ଯେଉଁ ସବୁ ଅକ୍ଷରର ଚଳନ ଅଛି ସେଥିଭିତରୁ ଗୋଟାଏ ନା ଗୋଟାକୁ ଆଦରି ଯାଇଛନ୍ତି ନିଜ ଭାଷାରେ ଲେଖିବା ପାଇଁ ।

**ଅକ୍ଷାଂଶ ଦ୍ରାଘିମା :** ମଣିଷ ଯେଉଁ ଯୁଗରେ ବେଶୀ ଦୂରକୁ ଯାଉ ନଥିଲା ସେ ଯୁଗରେ ସେ କେଉଁ ସ୍ଥାନରେ ରହିଛି ତାହା ଜାଣିବା ପାଇଁ ଇଚ୍ଛା କରୁ ନଥିଲା । ସେଭଳି ଜାଣିବା ମଧ୍ୟ ଦରକାର ନଥିଲା । ପରେ କିନ୍ତୁ ଅବସ୍ଥା ବଦଳିଗଲା । ଜାହାଜଟିଏ ମହାସାଗର ଭିତରେ ଚାଲିଛି । ସବୁବେଳେ ଜାହାଜର ଗୋଟିଏ ସହଜ ବାଟ ବାହାର କରିଦେଲା । ପୃଥିବୀଟାତ ଗୋଲାକିଆ । ଯେଉଁଠି ସବୁଠାରୁ ବେଶୀ ପଦାକୁ ବାହାରି ପଡ଼ିଛି ବା ଅନ୍ତଲ ପେଟ ଭଳି ହୋଇଛି ସେହିଠାରେ ସେ ମନରୁ ଗୋଟାଏ ଗୋଲେଇ ଗାର ଟାଣିନେଲା । ତାକୁ କହିଲା ବିଷୁବ ରେଖା । ସମାନ ଦୂରତା ରଖି ଉପରକୁ ଉପରକୁ ଗୋଲେଇ ଗାର ଟାଣିଲା । ଏମିତି କରି କରି ଉତ୍ତର ମେରୁ ପାଖରେ ପହଞ୍ଚିଗଲା । ଏଣେ ତଳକୁ ମଧ୍ୟ ସେମିତି ଟାଣି ଟାଣି ଦକ୍ଷିଣ ମେରୁ ପାଖରେ ପହଞ୍ଚିଗଲା । ଏଠାରେ ଦିଆଯାଇଥିବା ଚିତ୍ରରୁ ଦେଖିବ କେମିତି ବିଷୁବ ରେଖାର ଉପରକୁ ଓ ତଳକୁ ଗୋଲେଇ ଗାର ସବୁ ରହିଛି । ହିସାବ କରିବାକୁ ସୁବିଧା ହେବ ବୋଲି ସେଗୁଡ଼ିକୁ ଡିଗ୍ରୀ ( ) ବୋଲି କୁହାଯାଏ ।




(ଅକ୍ଷାଂଶ ଓ ଦ୍ରାଘିମା)

କପତାନ୍ ଜାଣିବାକୁ ଚାହୁଁଛି ସେ ଠିକ୍ କେଉଁ ସ୍ଥାନରେ ଅଛି । ତାହା ନହେଲେ ବିଗିବଣା ହୋଇଯିବ । ଉଡ଼ାଜାହାଜ ଆକାଶରେ ଯାଉଛି । କେତେବେଳେ କେଉଁଠି ଅଛି, ତାହା ଚାଳକ ଜାଣିବ ଓ ତଳକୁ ଖବର ଦେବ । ଟିକିଏ ଭୁଲ ଖବର ହୋଇଗଲେ ଅସୁବିଧା ହୋଇପାରେ । ଏହିସବୁ ଅସୁବିଧା ଦୂର କରିବା ପାଇଁ ମଣିଷ ଉଦ୍ୟମ କଲା ସମଗ୍ର ପୃଥିବୀର ସବୁ ସ୍ଥାନକୁ ଚିହ୍ନଟ କରିବା ପାଇଁ । ତାହା କରିବା ପାଇଁ ଦିନେ ସେ ବିଷୁବରେଖା ଗୋଲେଇକୁ ୦ ବୋଲି କହିବାରୁ ଉତ୍ତର ମେରୁ ପାଖରେ ୯୦ । ସେମିତି ଦକ୍ଷିଣ ମେରୁ ପାଖରେ ଆଉ ଗୋଟାଏ ୯୦ । ତେଣିକି ସୁବିଧା ହୋଇଗଲା ଗୋଟାଏ ସ୍ଥାନ କେତେ ଡିଗ୍ରୀ ଦେହରେ ରହିଛି । ୨୦ ପାଖରେ ହେଉଛି କଟକ ଓ ଭୁବନେଶ୍ୱର ।

---

" ଭୁଲର ପୁନରାବୃତ୍ତି ନ ହେବାହିଁ ହେଉଛି ସବୁଠାରୁ ବଳି ବଡ଼ ଅନୁତାପ ।"

--ଲୁଥର୍

# ୭୪ ଅକ୍ଷାଂଶ ଦ୍ରାଘିମା-ଆଇନ

ଏମିତି ସିନା ଗୋଟାଏ ସୁବିଧା ହୋଇଗଲା । ଆଉ ଗୋଟାଏ ଅସୁଆ ରହିଗଲା । କଟକ, ଭୁବନେଶ୍ୱର ପାଖ ୨୦ ଗୋଲେଇରେ ତ ପୃଥିବୀର ବହୁ ସ୍ଥାନ ରହିଛି । ତେବେ ଏହାକୁ ଠିକ୍ ଠାବ କରିହେବ କେମିତି ? ତାହାର ମଧ୍ୟ ଉପାୟ ବାହାର କରାଯାଇଛି । ଉତ୍ତର ମେରୁରୁ ଗୋଟିଏ ଗାର ଆଣି ବିଷୁବ ରେଖାକୁ କାଟି ତଳେ ଦକ୍ଷିଣ ମେରୁ ପାଖରେ ଛିଣ୍ଡେଇ ଦିଆଯାଇଛି । ଏମିତି ଯେଉଁ ସବୁ ଗାର ଲମ୍ବାରେ କାଟି ଦିଆଯାଇଛି ସେଗୁଡ଼ିକ ଉତ୍ତର ଦକ୍ଷିଣକୁ ଆସିଛି । ଗୋଲେଇ ଗାର ଗୁଡ଼ିକ ପୂର୍ବରୁ ପଶ୍ଚିମକୁ ଟଣା ହୋଇଛି । ଏହି ଗୋଲେଇ ଗୁଡ଼ାକୁ ଅକ୍ଷାଂଶ ଓ ଉତ୍ତରରୁ ଦକ୍ଷିଣକୁ ଯେଉଁଗୁଡ଼ିକ ଆସିଛି ତାକୁ ଦ୍ରାଘିମା ବୋଲି ନାମ ଦିଆଗଲା । ଯେ କୌଣସି ମାନଚିତ୍ରକୁ ଆଖି ଆଗରେ ପକାଇଲେ ଦେଖିବ ଏମିତିକା ଗାର ଗୁଡ଼ାକ ରହିଛି । ସବୁ ବଡ଼ ବଡ଼ ସହର କେଉଁ ଅକ୍ଷାଂଶରେ ବା କେଉଁ ଦ୍ରାଘିମାରେ ରହିଛି ତାହା ଆଟ୍‌ଲାସ ଶେଷରେ ଲେଖି ଦିଆଯାଉଛି । କଟକ ରହିଛି ବିଷୁବ ରେଖାଠୁ ଉତ୍ତରକୁ ୨୦ ଡିଗ୍ରୀର ଟିକିଏ ଉପରେ । ଏକାବେଳକେ ଠିକ୍ ଭାବରେ କହିବାକୁ ଗଲେ ୨୦.୨୬ ଉତ୍ତର । ଦ୍ରାଘିମା ଗୁଡ଼ିକୁ ଚିହ୍ନଟ କରିବା ପାଇଁ ଗୋଟିଏ ସଂଖ୍ୟା ଦିଆଯାଇଛି । ପ୍ରଥମେ ଯେଉଁ ଗାର ଟଣାଯାଇଥିଲା ଉତ୍ତରରୁ ଦକ୍ଷିଣକୁ, ତାହା ଇଂଲଣ୍ଡର ଗ୍ରୀନଉଇଚ୍ ସହର ନିକଟ ଦେଇ ଯାଇଥିଲା । ସେହି ଗାରକୁ ଶୂନ (୦) ବୋଲି କୁହାଗଲା । ସେଠାରୁ ପୂର୍ବକୁ ଓ ପଶ୍ଚିମକୁ ସମାନ ଦୂରରେ ଗାରସବୁ ରହିଛି । ତାହାର ପୂର୍ବକୁ ୮୫ ପାଖରେ ଅକ୍ଷାଂଶ ଓ ଦ୍ରାଘିମା କଟାକଟି ହୋଇଛନ୍ତି । (ପ୍ରକୃତରେ ୮୫.୫୩) । ମାନଚିତ୍ରରେ ଦେଖିବ ଲେଖାଅଛି କଟକ. ୨୦.୨୬ ଉତ୍ତର ଓ ୮୫.୫୩ ପୂର୍ବ । ଭୁବନେଶ୍ୱର ରହିଛି ୨୦.୧୫ ଉତ୍ତର ଓ ୮୫.୫ ପୂର୍ବରେ ।

ଏଣିକିତ କଥାଟା ସରଳ ହୋଇ ଆସିଲା । ଖବର କାଗଜରେ ବାହାରି ଯାଇଛି । କଟକରେ ଗୋଟାଏ ବଡ଼ ଘଟଣା ଘଟିଗଲା । ଆମେରିକାରେ ଯିଏ ଅଛନ୍ତି ସେ ଆଟଲାସ୍ ଖୋଲିଦେଲେ । ସେଥିରେ କଟକର ଏହି ଉପର ହିସାବଟା ରହିଯାଇଛି । ତେଣିକି ସେମାନେ ଠିକ୍ ଠାବ କରିଦେଲେ ଏଇଟି କେଉଁଠି । ପୃଥିବୀର ଯେ କୌଣସି ସହରକୁ ଏମିତି ଚିହ୍ନଟ କରିଦେଇ ହେବ । ଏହି ହେଉଛି ଅକ୍ଷାଂଶ ଦ୍ରାଘିମା ବିଷୟରେ ଜାଣିବାରେ ସୁବିଧା ।

**ଆ** : ଓଡ଼ିଆ ଅକ୍ଷର ଲେଖାଗଲା ବେଳେ ଅ ପରେ 'ଆ'ର ସ୍ଥାନ । ଏଇଟି କେବଳ ଅକ୍ଷର ନୁହେଁ । ଏହାର କିଛି କିଛି ଅର୍ଥ ମଧ୍ୟ ଅଛି । 'ଆସ' ବୋଲି ନକହି 'ଆ' କହିଦେଲେ କାମ ଚଳିଯାଉଛି । କଣ୍ଠରୁ ଏହାର ଉଚ୍ଚାରଣ ହୁଏ । ଆ ଉଚ୍ଚାରଣ କଲାବେଳେ ଓଠ, ଜିଭ ବା ତାଳୁକୁ କାମରେ ଲଗାଇବା ଦରକାର ନାହିଁ ।

**ଆଇନ** : ଯେଉଁ ଯୁଗରୁ ଲୋକମାନେ ବହୁ ସଂଖ୍ୟାରେ ଗୋଟିଏ ଗୋଟିଏ ଜାଗାରେ ଘରଦ୍ୱାର କରି ଏକାଠି ରହିଲେଣି ସେହି ଯୁଗରୁ ଆଇନ କଥାଟି ଜନ୍ମ ନେଲାଣି । ଲୋକେ କେମିତି ଚଳିବେ, ନିଜ ନିଜ ଭିତରେ କେମିତି କାରବାର କରିବେ, କି କି କାମ କରିବେ ନାହିଁ - ଏଭଳି ଅଳ୍ପ କେତୋଟି ନିୟମ ସମସ୍ତେ ବସି କରିଦେଲେ । ସମସ୍ତେ ଠିକ୍ କଲେ ଯେ ସେହି ନିୟମକୁ ଭାଙ୍ଗିବେ ନାହିଁ । ନିୟମ ବା ଆଇନ୍ ମାନି ଚଳିଲେ ଲାଭ । ସମସ୍ତଙ୍କର ସୁବିଧା ହୁଏ । ନମାନିଲେ ନିଜର ତ କ୍ଷତି - ଅନ୍ୟମାନେ ମଧ୍ୟ ଅସୁବିଧାରେ ପଡ଼ନ୍ତି । ତେଣୁ ପରେ ଠିକ୍ କରିଦିଆଗଲା ଯେ ଯେଉଁ ଲୋକ ଆଇନ୍ ନ ମାନିବ ତାକୁ ସମସ୍ତେ ମିଶି ଦଣ୍ଡ

"ଯେଉଁ ଘରେ ଦୈନ୍ୟ ପୂରି ରହିଛି, ସେ ଘରର ଗୃହିଣୀର ନାମ ହେଉଛି ଆଳସ୍ୟ ।"

--ସ୍ପର୍ଜନ୍

ଦେବେ । ଏଇଟା କାମ ଦେଲା । ଦଣ୍ଡ ଭୟରେ ଅନେକ ଲୋକ ଆଇନର ବିରୋଧ କଲେ ନାହିଁ ।

ମଣିଷ ଯେତେବେଳେ ସରଳ ଜୀବନ କଟାଉଥିଲା ସେତେବେଳେ ଦୁଇ ଚାରିଟା ବା ପାଞ୍ଚଟା ନିୟମ ବାନ୍ଧିଦେଲେ କାମ ଚଳିଯାଉଥିଲା । ସୁବିଧା ହେବ ବୋଲି ସମାଜରେ ଜଣଙ୍କ ଉପରେ ଦାୟିତ୍ୱ ଦିଆଯାଉଥିଲା - କିଏ ଆଇନ ବାହାରକୁ ଯାଇ କିଛି ଗୋଟାଏ କରିଦେଉଛି ତାହା ଦେଖିବା ପାଇଁ । ପୃଥିବୀର ଭିନ୍ନ ଭିନ୍ନ ଅଞ୍ଚଳରେ ଲୋକେ ନିଜର ସୁବିଧା ପାଇଁ ଭିନ୍ନ ଭିନ୍ନ ଆଇନ କରୁଥିଲେ । ଅବସ୍ଥା କ୍ରମେ ବଦଳିଲା । ବେପାର, ବଣିଜ ବଢ଼ିଲା । ବହୁ ଲୋକଙ୍କ ସହିତ ଜଣେ ହୁଏତ ସଂପର୍କ ରଖିଲା । 'ଦେଶକେ ଫାଙ୍କ, ନଈକେ ବାଙ୍କ' ଭଳି କଥା ହେଲା । ଯେଉଁ ଦେଶକୁ ଜଣେ ଗଲା ସେ ଦେଶର ଆଇନ ମାନିଲା । ନ ମାନିଲେ ତା'ର ଅସୁବିଧା ହେଲା । ଦେଶରେ ସେ ଚଳି ପାରିଲା ନାହିଁ ।

ଏମିତି ହେଉ ହେଉ ବହୁସଂଖ୍ୟାରେ ଆଇନ ସବୁ ବାହାର କରାଗଲା । ବଡ଼ ବଡ଼ ଆଇନ ବହି ଆଜିକାଲି ତିଆରି ହେଉଛି । ନାନା ପ୍ରକାରର ଆଇନ ବହି ରହିଛି । ଜଣେ କିଏ ଯଦି ଆଇନ ଭାଙ୍ଗିଲା ତା ନାଁରେ ମକଦ୍ଦମା ହେଉଛି । ମକଦ୍ଦମା କରିବା ହେଲା ପୋଲିସ ବା ଓକିଲଙ୍କ କାମ । ଜଣେ ଦୋଷୀ କି ନୁହେଁ ତାହା ସ୍ଥିର କରିବା ପାଇଁ ବିଚାରପତିମାନେ ଅଛନ୍ତି । ଦଣ୍ଡ ଭୟ ଥାଉ ବା ନଥାଉ ନିଜର ଭଲ ପାଇଁ ସମସ୍ତେ ଆଇନକୁ ମାନି ଚଳିବା ଦରକାର । ଯେଉଁ ଦେଶର ଲୋକେ ଆଇନକୁ ଭଲ ଭାବରେ ମାନନ୍ତି, ସେ ଦେଶର ଲୋକେ ସୁଖ ଶାନ୍ତିରେ ତ ରହନ୍ତି ନିଜର ଉନ୍ନତି ପାଇଁ କାମ କରିବାର ଖୁବ୍ ସୁଯୋଗ ପାଆନ୍ତି ।

**ଆଇନ ଅମାନ୍ୟ ଆନ୍ଦୋଳନ** : କଥାଟା ଶୁଣିଲାବେଳକୁ ଅଡୁଆ ଲାଗୁଛି । ଆଇନ ତ ହେଉଛି ଲୋକଙ୍କର ମଙ୍ଗଳ ପାଇଁ, ସମସ୍ତେ ଭଲଭାବରେ ଚଳିବେ ବୋଲି; ଏଥିରେ ପୁଣି ଆଇନକୁ ଅମାନ୍ୟ କରିବା ପାଇଁ ମହାତ୍ମା ଗାନ୍ଧୀଙ୍କ ଭଳି ଲୋକେ ୧୯୩୦ ମସିହାରେ କହିଲେ କାହିଁକି ? ପ୍ରଥମେ କେବଳ ଭାରତ କାହିଁକି ପୃଥିବୀର ଅନେକ ପଢ଼ାଶୁଣା ଲୋକ ଟିକିଏ ଆଶ୍ଚର୍ଯ୍ୟ ହୋଇଗଲେ । କିନ୍ତୁ ପରେ ଯେତେବେଳେ କଥାଟା ବୁଝିଗଲେ ସେତେବେଳେ ଯାଇ କହିଲେ ଗାନ୍ଧୀ କେଡ଼େ ବଡ଼ କଥାଟା କହୁଛନ୍ତି । ଇଂରେଜମାନେ ଭାରତଟାକୁ ମାଡ଼ିବସି ଏଭଳି ସବୁ ଆଇନ କରିଦେଲେ ଯେ - ଭାରତର ଲୋକଙ୍କର କ୍ଷତି ହେବ, ବିଲାତର ଲୋକଙ୍କର ଲାଭ ହେବ । ଗାନ୍ଧୀ କହିଲେ ଆମେ ସଭ୍ୟ ଜାତି, ଆମ ଉପରେ ଯେଉଁ ଖରାପ ଆଇନ ସବୁ ଲଦି ହୋଇଛି ଆମେ ତାକୁ ମାନିବୁ ନାହିଁ । ସରକାର ଗୋଟାଏ ଆଇନ କରିଥା'ନ୍ତି ଯେ ସମୁଦ୍ର ପାଣିରୁ କେହି ଲୁଣ ମାରିପାରିବେ ନାହିଁ, ମାରିବାକୁ ହେଲେ ଟିକସ ଦେବାକୁ ହେବ । ଗାନ୍ଧୀ କହିଲେ ଏକଥା ହୋଇ ପାରିବ ନାହିଁ । ଏଭଳି ଅନ୍ୟାୟ ଆଇନ ଆମେ ମାନିବୁ ନାହିଁ । ସରକାର କହିଲେ ନ ମାନିଲେ ତୁମକୁ ଜେଲ୍ ଦେବୁ । ଗାନ୍ଧୀ ତାଙ୍କ ସାଙ୍ଗରେ କେତେଜଣଙ୍କୁ ଧରି ସମୁଦ୍ର କୂଳକୁ ଚାଲିଲେ ଓ ସେଠାରେ ଲୁଣ ଆଇନକୁ ଅମାନ୍ୟ କଲେ । ସରକାର ତାଙ୍କୁ ଗିରଫ କରି ଜେଲ୍‌ରେ ରଖିଲେ ସିନା - ଭାରତର ହଜାର ହଜାର ଲୋକ ଲୁଣ ଆଇନକୁ ଅମାନ୍ୟ କଲେ । ତାକୁ କୁହାଯାଏ 'ଆଇନ ଅମାନ୍ୟ ଆନ୍ଦୋଳନ' । ଲୋକଙ୍କର ସାହସ ବଢ଼ିଗଲା । ସେମାନେ ମାତି ଉଠିଲେ । ଜେଲ୍ ଦଣ୍ଡ, ଲାଠି, ଗୁଳିକୁ ଖାତିର କଲେନାହିଁ । ଏମିତି ୧୫ ବର୍ଷ ଚାଲିଲା ପରେ ବିଲାତ ସରକାର ଦେଖିଲେ ଗାନ୍ଧୀଙ୍କ କଥା ନ ଶୁଣି ସେମାନେ

"ନିଜେ ନିଜକୁ ଅଜ୍ଞ ବୋଲି ବିଚାରି ପାରିଲେ ଜ୍ଞାନ ହାସଲର ପଥ ତୁମ ପାଇଁ ଉନ୍ମୁକ୍ତ ହୋଇଯିବ ।"

--ସୋକ୍ରେଟିସ

## ୭୬-ଆଇନ ଅମାନ୍ୟ ଆନ୍ଦୋଳନ-ଆଇନଷ୍ଟାଇନ



(ମହାତ୍ମା ଗାନ୍ଧୀ ଲୁଣ ମାରିବାପାଇଁ ଡାଣ୍ଡି ଅଭିମୁଖେ ବାହାରିଛନ୍ତି)

ଏ ଦେଶରେ ରାଜୁତି ଚଳାଇ ପାରିବେ ନାହିଁ । ସେମାନଙ୍କର ସଦ୍‌ବୁଦ୍ଧି ହେଲା । ଭାରତକୁ ସ୍ୱାଧୀନ କରି ଏ ଦେଶରୁ ବିଦାୟ ନେଇଗଲେ ।

**ଆଇନଷ୍ଟାଇନ** (୧୮୭୯-୧୯୫୫) : ସତ କହିବାକୁ ଗଲେ ଆଜି ଯେଉଁ ମଣିଷକୁ ଦେଖୁଛ ଓ ତାକୁ ସଭ୍ୟ ବୋଲି କହୁଛ ସେହି ମଣିଷକୁ ଦୁଇ ହଜାର ବର୍ଷକାଳ ଲାଗିଲା ଏହି ଅବସ୍ଥାରେ ଆସି ପହଞ୍ଚିବାକୁ । ଅନ୍ୟଭାବରେ କହିବାକୁ ଗଲେ ଏତିକି ହଜାର ବର୍ଷ ପରୀକ୍ଷା ଚଳାଇଲାପରେ ମଣିଷ କିଛି କିଛି ଅସଲ ଜ୍ଞାନ ହାସଲ କଲା ଓ ସେହି ଜ୍ଞାନ ବଳରେ ଏହି ପୃଥିବୀଟାକୁ ନୂଆ ଛାଞ୍ଚରେ ପକାଇ ସୁନ୍ଦର କରି ଗଢ଼ି ଚାଲିଛି । ଏତେ ଗୁଡ଼ାଏ ବର୍ଷ ଲାଗିବାର କାରଣ ହେଲା ପ୍ରକୃତି ବା ଭଗବାନ ମଣିଷଠାରୁ କେତେଗୁଡ଼ାଏ କଥା ଏଯାବେଳକେ ଲୁଚାଇ ରଖିଛି । ତୁମେ ତ ଦେଖୁଛ ବିଜୁଳି ଶକ୍ତି କି କାମ କରୁଛି । କିନ୍ତୁ ସେହି ଶକ୍ତିକୁ ବାହାର କରାଗଲା ତ ଅଳ୍ପ କେତେବର୍ଷ ତଳେ - ଯଦିଓ ମଣିଷ ଏ ସଂସାରରେ ବୁଲିଲାଣି କେତେ ଲକ୍ଷ ବର୍ଷ ପୂର୍ବେ । ଏଇଆକୁ କୁହାଯାଏ 'ପ୍ରକୃତିର ରହସ୍ୟ' । ଜଣେ ଜଣେ ମଝିରେ ମଝିରେ ଜନ୍ମ ହୁଅନ୍ତି । ପ୍ରକୃତି ମଣିଷ ଠାରୁ ଯାହାକୁ ଲୁଚାଇ ରଖିଥାଏ ତା'ର ସନ୍ଧାନ ପାଇଯା'ନ୍ତି । ସେହି ନୂଆ ଜ୍ଞାନକୁ କାମରେ ଲଗାଇଲା ପରେ ପୁରୁଣା ମଣିଷ ସତେ ଯେପରିକି ନୂଆ ହୋଇଯାଏ । ଯିଏ ଏଭଳି କରନ୍ତି ତାଙ୍କୁ କୁହାଯାଏ ବିଜ୍ଞାନୀ । କେଉଁଟା ସତ ଖୋଜୁ ଖୋଜୁ ସେ ଗୋଟାଏ ଗୋଟାଏ ନୂଆ ଜ୍ଞାନ ହାସଲ କରିଯାଆନ୍ତି । ମଣିଷ ଜାତି ତାଙ୍କରି ପାଖରେ ମୁଣ୍ଡ ନୁଆଁଏ । ଜର୍ମାନୀ ଦେଶରେ ୧୮୭୯ ମାର୍ଚ୍ଚ ୧୪ ତାରିଖ ଦିନ ଗୋଟିଏ ପିଲା ଜନ୍ମ ହୋଇଥିଲା । ତା' ନାଁ ହେଉଛି ଆଲବର୍ଟ ଆଇନଷ୍ଟାଇନ । ଅଙ୍କ ବା ଗଣିତ ବିଦ୍ୟାରେ ସେ ଧୁରନ୍ଧର ହୋଇଗଲା । ସବୁବେଳେ ତାଙ୍କ ପକେଟରେ ଛୋଟ ଛୋଟ କାଗଜ ଖଣ୍ଡ ଥାଏ । ପେନ୍‌ସିଲ୍‌ଟିଏ ମଧ୍ୟ ଥାଏ । ଯାଉଛନ୍ତି- ଗୋଟାଏ କ'ଣ ମନକୁ ଆସିଗଲା ତ ଟିପି ଦିଅନ୍ତି । ଏମିତି କରୁ କରୁ ସେ ଦିନେ ଅନ୍ୟମାନଙ୍କୁ ଆସି କହିଲେ - 'ମୁଁ ଗୋଟାଏ ସୂତ୍ର ପାଇଗଲି ।' ଏଇଆ କହୁ କହୁ ସେ ଏମିତି ଲେଖିଦେଲେ : $E=MC^2$ । ଅନ୍ୟ ବିଜ୍ଞାନୀ ପଚାରିଲେ ଏଇଟା କଅଣ ? ସେ ମୁଣ୍ଡ ଟେକି କହିଲେ ''ଏହାରି ଭିତରେ ତ ସବୁକଥା ରହିଛି । ଆମେ ବହୁତ ପଦାର୍ଥ ଦେଖୁଛୁ । ସେଗୁଡିକୁ କହୁଛୁ 'ଜଡ଼ବସ୍ତୁ' । ବାହାରୁ ଶକ୍ତି ବା ଉର୍ଜା ଲଗାଇଲେ ଯାଇ ସେ ପଦାର୍ଥକୁ କାମରେ ଲଗାଇ ହେଉଛି । ଗୋଟାଏ ରେଳ ଇଂଜିନ୍ ଭିତରେ କୋଇଲା ଭରିଦେଲେ ତା ଭିତରେ ଗୋଟାଏ ଶକ୍ତି ତିଆରି ହୋଇ ଯାଉଛି । ସେହି ଶକ୍ତି ବଳରେ ଇଂଜିନ୍ ଚାଲୁଛି । ତା' ପଛରେ ଗୁଡ଼ାଏ ଡବା ଖଞ୍ଜିଦେଲେ ମାଲବୁହା ହେଲା । ମୁଁ ପୁଣି ଥରେ କହୁଛି ଶୁଣ । ଏଗୁଡ଼ାକୁ ସବୁ କୁହା ହେଉଛି ଜଡ଼ବସ୍ତୁ । ତାକୁ କାମରେ ଲଗାଇବା ପାଇଁ ପ୍ରକୃତି ଶକ୍ତି, ଉର୍ଜା ବା

''ଶାନ୍ତି ଗୋଟାଏ ଅମୂଲ୍ୟ ମଣି; ତାକୁ ପାଇବା ପାଇଁ ସତ୍ୟ ବ୍ୟତୀତ ଅନ୍ୟ ଯେ କୌଣସି ମୂଲ୍ୟ ଦେବାକୁ ମୁଁ ପ୍ରସ୍ତୁତ ।''

--ରସ୍ ହେନରୀ

ଏନର୍ଜୀ ସୃଷ୍ଟି କରିଛି । କିନ୍ତୁ ମୋର ହିସାବ ହେଲା ଏଇ ସବୁ ଜଡ଼ବସ୍ତୁ ଗୁଡ଼ାକ କେବଳ ଶକ୍ତି ବା ଏନର୍ଜୀ । ମଣିଷ ଇଚ୍ଛାକଲେ ଏଇ ଜଡ଼ବସ୍ତୁକୁ ଶକ୍ତିରୂପ ଦେଇଦେବ ବା ଶକ୍ତିରେ ପରିଣତ କରିଦେବ ।"

ଅନ୍ୟ ବହୁ ଜଣାଶୁଣା ବିଜ୍ଞାନୀ ତାଙ୍କ କଥାର ଅର୍ଥ ବୁଝି ପାରିଲେ ନାହିଁ । ସେ ହସ ହସ ମୁହଁରେ ସେମାନଙ୍କୁ କହିଲେ -"ମୋ କଥା ମିଛ ହୋଇ ନପାରେ । ଗଣିତଶାସ୍ତ୍ର ଭୁଲ କରି ନ ପାରେ । ଦେଖିବ ଦିନେ ତୁମେ ସ୍ୱୀକାର କରିବ ଗୋଟିଏ କୁଇଣ୍ଟାଲ କୋଇଲାରୁ ଆମେ ଯେତିକି ଶକ୍ତି ବା ଉର୍ଜା (ଏନର୍ଜୀ) ପାଆନ୍ତୁ; ଆମ ଯୋଗ୍ୟତା ବଳରେ ଆମେ ଦିନେ ସେହି ଗୋଟିଏ କୁଇଣ୍ଟାଲରୁ ପ୍ରାୟ ୩୪୬୦ କୋଟି କୁଇଣ୍ଟାଲ କୋଇଲାରୁ ମିଳିପାରବା ଶକ୍ତି ପାଇଯିବୁ ।"

କାହାରି ସେକଥାରେ ବିଶ୍ୱାସ ହେଲାନାହିଁ । କିନ୍ତୁ ଯେତେବେଳେ ଆଇନଷ୍ଟାଇନ୍ କହୁଛନ୍ତି, ସେଇଟା ଭୁଲ ବୋଲି ମଧ୍ୟ ଅନ୍ୟମାନେ କେମିତି କହିବେ - ନିଜ ନିଜ ଭିତରେ କୁହାକୁହି ହେଲେ ଆମେ ଯେଉଁଟା ବୁଝି ନପାରୁଛୁ ସେଇଟା ଯେ ଭୁଲ ଏକଥା କେମିତି କହିବା । ଯେତେହେଲେ ଆମେତ ବିଜ୍ଞାନୀ । ବୁଝିବାକୁ ଆମ ବୁଦ୍ଧି ପାଉନାହିଁ ବୋଲି ସେ ଯାହା କହୁଛନ୍ତି ଭୁଲ୍, ଏକଥା ଆମେ କହିବା ନାହିଁ ।

ଦିନେ ତାଙ୍କ କଥା ସତ ବୋଲି ପ୍ରମାଣ ହେଲା । ଅଣୁ ପରମାଣୁ ବିଷୟରେ ତ ଏ ବହିର ଆଉ ଗୋଟିଏ ସ୍ଥାନରେ ଲେଖା ହୋଇଛି । ସେହି ଏତେ ସୂକ୍ଷ୍ମ ପରମାଣୁ ଭିତରେ କିଭଳି ଶକ୍ତି ଭରି ରହିଛି ତାହା ଜାଣିବାର ବାଟ ଆଇନଷ୍ଟାଇନ୍ ଫିଟାଇ ଦେଲେ । ମଣିଷ ସେହି ପରମାଣୁକୁ କାମରେ ଲଗାଇ କେତେ ଯେ କ'ଣ କରି ଯାଉଛି ତା'ର ଠିକଣା ନାହିଁ । ପରେ ତାଙ୍କ ପ୍ରଶଂସା କରିବାକୁ ଲୋକେ ଭାଷା ପାଇଲେ ନାହିଁ । ନୋବେଲ୍ ପୁରସ୍କାର ଠାରୁ ଆରମ୍ଭ କରି କେତେ କଅଣ ତାଙ୍କ



(ଆଇନଷ୍ଟାଇନ)

ଉପରେ ନଦିଦେଲେ । ସମସ୍ତେ ଏକ ସ୍ୱରରେ କହିଲେ -"ଭଗବାନ ଏହାଙ୍କୁ ସୃଷ୍ଟି କରିଥିଲେ ଏକ ଜଗତର ମଙ୍ଗଳ ପାଇଁ । ତାଙ୍କୁ ଏମିତିକା ଆଖି ଦୁଇଟି ଦେଇଥିଲେ ଯେ ଅତି ବଡ଼ ଶକ୍ତିଶାଳୀ ଦୂରବୀକ୍ଷଣ ଯନ୍ତ୍ର ଯାହା ଦେଖି ନପାରୁଛି ସତେ ଯେପରିକି ସେ ସେହି ଦୂରର ସନ୍ଧାନ ପାଇ ଯାଉଥିଲେ । ତାଙ୍କ ଆଖି ଯେମିତି ସୂକ୍ଷ୍ମ କଥା ଦେଖି ପାରୁଥିଲା କୌଣସି ଅଣୁବୀକ୍ଷଣ ସେମିତି ଦେଖି ପାରୁନଥିଲା ।"

ଏହି ବିଜ୍ଞାନୀ ନିଜକୁ ନିଜେ ଗଢ଼ିଛନ୍ତି । 'ମୋତେ ସୁଯୋଗ ମିଳିଲେ ମୁଁ ଅମୁକ କାମଟା କରନ୍ତି'. ଏକଥା ପାଇଁ ସେ ଅପେକ୍ଷା ନ କରି ନିଜେ ସୁଯୋଗ ସୃଷ୍ଟି କରିଛନ୍ତି । ଯାହା ପଢ଼ିଲେ, ଶୁଣିଲେ, ଅନୁଭବ କଲେ

---

"ମୁଖ୍ୟତଃ ସାଧନାରୁ ହିଁ ପ୍ରତିଭାର ଜନ୍ମ ହୁଏ ।"
--ଆରନଲଡ୍



(ଆକବର ରାଜଧାନୀ ଫତେପୁର ସିକ୍ରୀର ନିର୍ମାଣ କାର୍ଯ୍ୟ ତଦାରଖ କରୁଛନ୍ତି)

ତାକୁସବୁ ସତେ ଯେପରିକି ଏକାଠି ରଖିଲେ । ତାହା ସହିତ ଅସଲ ଜ୍ଞାନକୁ ମିଶାଇଲେ ଓ ଘଣ୍ଟାଲବ୍ଧୁହା ପରିଶ୍ରମ କରି ସେ ନିଜର ଯୋଗ୍ୟତା ଏମିତି ବଢ଼ାଇଲେ ଯେ ବିଜ୍ଞାନ ରାଇଜରେ ଅତି ବେଗରେ ଆଗେଇଗଲେ ।

ଆରମ୍ଭରୁ ସେ ସେଭଳି କିଛି ବୁଦ୍ଧିମାନ ଛାତ୍ର ନଥିଲେ । ଏମିତିକି ସେ ଥରକରେ ମାଟ୍ରିକ ମଧ୍ୟ ପାଶ୍ କରି ପାରିଲେ ନାହିଁ । କିନ୍ତୁ ତାଙ୍କ ଭିତରେ ଗୋଟାଏ ନୂଆ ପ୍ରକାରର ବୁଦ୍ଧି ଥିଲା । ତାଙ୍କୁ ଯେତେବେଳେ ମାତ୍ର ପାଞ୍ଚବର୍ଷ ବୟସ ସେ ଗୋଟାଏ କମ୍ପାସ ଦେଖିଲେ । ଯେତେ ପ୍ରକାରେ ରଖିଲେ ମଧ୍ୟ ସେ କମ୍ପାସର ଛୁଞ୍ଚି ଉତ୍ତର ଆଡ଼କୁ ରହୁଛି । ସେ କାବା ହୋଇଗଲେ । ସେହି ବୟସରୁ ତାଙ୍କ ମନରେ ବିଜ୍ଞାନର ମଞ୍ଜି ପୋତା ହେଲା । ଜର୍ମାନୀରେ ସେ ଜନ୍ମ ହୋଇଥିଲେ । ୧୯୩୩ରେ ସେହି ଦେଶରେ ହିଟ୍‌ଲର ବୋଲି ଜଣେ ଲୋକ ରାଜୁତି ଚଳାଇଲେ । ଇହୁଦୀ ବୋଲି ଯେଉଁ ଜାତି ଅଛନ୍ତି ସେମାନଙ୍କୁ ଲୋପ କରିବାପାଇଁ ହିଟ୍‌ଲରଙ୍କ ମୁଣ୍ଡରେ ଗୋଟାଏ ସଇତାନ ବୁଦ୍ଧି ଖେଳିଲା । ଆଇନଷ୍ଟାଇନ୍ ହେଉଛନ୍ତି ଇହୁଦୀ । ସେ ଜର୍ମାନୀ ଛାଡ଼ି ପଳାଇଲେ । ଆମେରିକାରେ ଯାଇ ପହଞ୍ଚିଲେ ଓ ସେହିଠାରେ ହିଁ ବିଜ୍ଞାନ ଉପରେ କାମ କରିବା ପାଇଁ ସୁଯୋଗ ପାଇଲେ । ୧୯୫୫ ଏପ୍ରିଲ ୧୮ ତାରିଖ ଦିନ ସେ ଏହି ସଂସାରରୁ ବିଦାୟ ନେଇଗଲେ ।

**ଆକବର** (୧୫୪୨-୧୬୦୫) : ମୋଗଲମାନଙ୍କ ସମୟରୁ ଆରମ୍ଭ କରି ବ୍ରିଟିଶ ରାଜତ୍ଵକାଳ ପର୍ଯ୍ୟନ୍ତ ଯେଉଁ ବିଦେଶୀମାନେ ଭାରତକୁ ଆସି ଆମ ଲୋକଙ୍କୁ ଶାସନକୁ ଆଣିଥିଲେ ସେମାନଙ୍କ ଭିତରେ ଗୋଟାଏ ରୀତି ବରାବର ରହିଥିଲା । ସେମାନେ ଭାରତକୁ ଆସନ୍ତି । କିଛିଦିନ ରାଜତ୍ଵ ଚଳାନ୍ତି । କିଛି ଧନ ସମ୍ପତ୍ତି ନେଇ ନିଜ ଦେଶକୁ ଫେରିଯାନ୍ତି । ଏ ଦେଶରେ ରହିବେ ନାହିଁ ବୋଲି ସ୍ଥିର କରିଥିବାରୁ ଏଠା ଲୋକଙ୍କ ପ୍ରତି ସେମାନଙ୍କର କିଛି ଦୟାମାୟା ନଥାଏ ।



(ଆକବରଙ୍କ ଦ୍ଵାରା ପ୍ରଚଳିତ ରାମ, ସୀତା ନାମାଙ୍କିତ ମୁଦ୍ରା)

"ଲେଖନୀ ଓ ତରବାରୀ ଉଭୟେ ଶକ୍ତିଶାଳୀ, କିନ୍ତୁ ଶେଷରେ ଲେଖନୀର ହିଁ ଜୟ ହୁଏ ।"
--ନେପୋଲିୟନ

କିନ୍ତୁ ଆକବର ବୋଲି ଯେଉଁ ମୋଗଲ ସମ୍ରାଟ ଭାରତରେ ରାଜୁତି କଲେ ସେ ଠିକ୍ କଲେ ଯେ ଏହି ଦେଶରେ ବାସିନ୍ଦା ହୋଇ ରହିବେ । ତେଣୁ ଭାରତର ଲୋକମାନଙ୍କ ସହିତ ଭଲ ସଂପର୍କ ରଖିଲେ ଓ ନିଜକୁ ସେ ଭାରତୀୟ କରିଦେଲେ । ସେ କହିଲେ ଭାରତ ଗୋଟାଏ ସଭ୍ୟ ଦେଶ । ସେମାନଙ୍କୁ ଚିରଦିନ ପାଇଁ ବିଦେଶୀ ଶାସନ ଅଧୀନରେ ରଖିହେବ ନାହିଁ । ଯଦି ଭାରତରେ ମୋଗଲମାନେ ରହିବାକୁ ଚାହାଁନ୍ତି, ତା'ହେଲେ ସେମାନଙ୍କୁ ଭୁଲିଯିବାକୁ ହେବ ଯେ ସେମାନେ ବିଦେଶୀ ଓ ଭାରତ ସେମାନଙ୍କର ମାତୃଭୂମି ନୁହେଁ । ଭାରତକୁ ନିଜର ମାତୃଭୂମି ବୋଲି ବିଚାରି ନେବାକୁ ହେବ, ଏହି କଥା ବୁଝିଯିବାରୁ ଏ ଦେଶର ମଙ୍ଗଳ ପାଇଁ ସେ ବହୁତ କିଛି କାମ କଲେ । ସବୁ ଧର୍ମର ଲୋକଙ୍କୁ ସମାନ ଭାବରେ ଦେଖିଲେ ।

**ଆକାଶ :** ପୃଥିବୀ କହିଲେ ସାଧାରଣତଃ ବୁଝାଏ ଜଳ, ସ୍ଥଳ, ଆକାଶ । ପ୍ରଥମ ଅବସ୍ଥାରେ ମନେ ହେଉଥିଲା ପୃଥିବୀଟି ପ୍ରକୃତରେ ଜଳ ଓ ସ୍ଥଳକୁ ନେଇ ଗଢ଼ା ହୋଇଥିଲା । ବେଶୀ ଭାଗ ଜଳ ଓ କମ୍ ଭାଗ ସ୍ଥଳ । ତା' ଉପରକୁ ଯେଉଁଟା ରହିଛି, ସେଇଟା ଶୂନ୍ୟସ୍ଥାନ - ସେଥିରେ କିଛି ନାହିଁ । ବହୁ ଉଚ୍ଚରେ ଚନ୍ଦ୍ର, ତାରା ସବୁ ଦେଖାଯା'ନ୍ତି ।

କିନ୍ତୁ ପରେ ଜଣାପଡ଼ିଲା ଯେ ପୃଥିବୀ ଚାରିପଟେ ପବନର ଗୋଟାଏ ଢାଙ୍କୁଣୀ ରହିଛି । ଆକାଶ ବୋଇଲେ ଏହାକୁହିଁ ବୁଝାଉଛି । ଶୂନ୍ୟ ବୋଲି ଜଣାପଡୁଥିବା ଆକାଶଟା ପ୍ରକୃତରେ ଶୂନ୍ୟ ନୁହେଁ । କେତେ ପ୍ରକାରର ବାଷ୍ପ ରହିଛି । ବେଶୀ ଭାଗ ହେଲା ଯବକ୍ଷାରଜାନ (ନାଇଟ୍ରୋଜେନ) ଏବଂ ଅମ୍ଳଜାନ । ଜଳୀୟ ବାଷ୍ପ ଓ ଆଉ କେତେକ ତରଳ, କଠିନ, ସୂକ୍ଷ୍ମ ପଦାର୍ଥ ମଧ୍ୟ ଆକାଶ ଭିତରେ ରହିଛି । ଏହି ଆକାଶକୁ ବାୟୁମଣ୍ଡଳ ନାମ ଦିଆଯାଇଛି । ପୃଥିବୀ ଚାରିପଟେ ଏହି ଆସ୍ତରକୁ ଜଣାପଡୁ ନଥିବା ଘୋଡ଼ଣୀ ପରସ୍ତ ପରସ୍ତ ବୋଲି ବିଜ୍ଞାନୀମାନେ କହିଲେ । ଏହି ବାୟୁମଣ୍ଡଳଟି ପୃଥିବୀକୁ ଗୋଟାଏ ବିପଦରୁ ରକ୍ଷା କରିଛି । ସୂର୍ଯ୍ୟଙ୍କର ତେଜ କିରଣ ଯଦି ସିଧା ସଳଖ ଆସି ପୃଥିବୀ ଉପରେ ପଡ଼ନ୍ତା ତାହାହେଲେ ଜୀବଜନ୍ତୁ, ଗଛଲତା ତାହାକୁ ସମ୍ଭାଳି ପାରନ୍ତେ ନାହିଁ । ବାୟୁମଣ୍ଡଳ ବା ଆକାଶ ସେହି ତେଜ କିରଣକୁ ଅଟକାଇ ଅଟକାଇ ତା' ତେଜ କମାଇ କମାଇ ପୃଥିବୀ ଉପରକୁ ଏଭଳି ଭାବରେ ଛାଡୁଛି ଯେ ଆମର କିଛି କ୍ଷତି ହେଉନାହିଁ । ଶୂନ୍ୟ ଆକାଶକୁ ବିଜ୍ଞାନୀମାନେ କେତେଟା ସ୍ତରରେ ଭାଗ କରି କୁହନ୍ତି କେଉଁ ସ୍ତରରେ କ'ଣ ସବୁ ଅଛି ।

ପୃଥିବୀକୁ ଲାଗିକରି ଯେଉଁ ପବନ ରହିଛି ସେଥିରେ ଶହକେ ଅଠସ୍ତରି ଭାଗ ହେଉଛି ଯବକ୍ଷାରଜାନ ବାଷ୍ପ, ଶହକେ ଏକୋଇଶ ଭାଗ ହେଉଛି ଅମ୍ଳଜାନ । ଖୁବ୍ ଅଳ୍ପ ପରିମାଣରେ ଅଙ୍ଗାରକାମ୍ଳ ରହିଛି । ଏହା ବାଦ ଉଦ୍‌ଜାନ ଏବଂ ଓଜୋନ ଭଳି କେତୋଟି ବାଷ୍ପ ଅଳ୍ପ ପରିମାଣରେ ରହିଛି । ଶହେ କି.ମି. ଉଚ୍ଚରେ ପବନର ଏହି ଯେଉଁ ଭାଗମାପ କଥା କୁହାଗଲା ତାହା ବଦଳିଯାଉଛି । ଏହା ଫଳରେ କ'ଣ ହେଉଛି ଜାଣିବା ଆବଶ୍ୟକ ।

ବିଜ୍ଞାନୀମାନେ ପତଳା ପବନ ବୋଲି ସମୟେ ସମୟେ କହିଦିଅନ୍ତି । ଏମିତି କହିବାର କାରଣ ମଧ୍ୟ ଅଛି । ପୃଥିବୀକୁ ଲାଗିକରି ଯେଉଁ ପବନ ଅଛି, ସେଥିରେ ଅମ୍ଳଜାନ ବେଶୀ ପରିମାଣରେ ଅଛି । ତେଣୁ ଆମେ ନିଃଶ୍ୱାସରେ ଯେଉଁ ପବନ ନେଉ ତାହା ଆମ ଶରୀର

"ନିଜର ବୁଦ୍ଧି ବିଷୟରେ ଯଦି ଅଯଥା ଅହଙ୍କାର ନ ଦେଖାଅ ତୁମର ପ୍ରକୃତରେ ଯେତିକି ବୁଦ୍ଧି ଅଛି ତା'ଠାରୁ ଅଧିକ ଅଛି ବୋଲି ଅନ୍ୟମାନେ ସ୍ୱୀକାର କରିଯିବେ ।"

--ଶାସ୍ତ୍ରବାଣୀ

ଭିତରେ ଯେତିକି ଅମ୍ଳଜାନ ଆମର ଲୋଡ଼ା ସେତିକି ଯୋଗାଇ ଦିଏ । କିନ୍ତୁ ଆମେ ଯଦି ହିମାଳୟ ପର୍ବତ ଉପରକୁ ଚଢ଼ିବା, ଅନୁଭବ କରିବା ଯେ ଆମେ ଅଣନିଃଶ୍ୱାସୀ ହୋଇ ଯାଉଛୁ । ସେଠା ପବନରେ ଅମ୍ଳଜାନ ଭାଗର ପରିମାଣ ବହୁତ କମ । ସେଥିପାଇଁ ଯେଉଁମାନେ ଉଚ୍ଚ ପର୍ବତ ଚଢ଼ନ୍ତି ସେମାନେ ଅମ୍ଳଜାନ ମୁଖା ନେଇଯାଇ ଥାଆନ୍ତି । ସେଥିରୁ ଅମ୍ଳଜାନ ଶରୀର ଭିତରକୁ ଯିବାରୁ ଆମେ ଅଣନିଃଶ୍ୱାସୀ ହେଉନାହୁଁ ।

ଯାହାକୁ ଶୂନ୍ୟ ବୋଲି କହୁଛୁ ତାହାରି ଦେହରେ ସମୟେ ସମୟେ ଜଳକଣା ଭରିଯାଏ । ଆକାଶରେ ବାଦଲ ଦେଖାଯାଏ । ବାଦଲ ଯେତେବେଳେ ଘନ ହୋଇଯାଏ, ସେହି ଜଳକଣା ବର୍ଷା ରୂପରେ ଭୂଇଁ ଉପରେ ପଡ଼େ । ଟିକେ ଲକ୍ଷ୍ୟ କଲେ ଦେଖିପାରିବ ସମୟେ ସମୟେ ବାଦଲ କେତେ ଜୋରରେ ଆକାଶରେ ଭାସୁଥାଏ । ସମସ୍ତେ ଦେଖିଛେ ବତାସ ବେଳେ କ'ଣ ହୁଏ । ପବନ ଏତେ ଜୋରରେ ବହେ ଯେ ଘରଦ୍ୱାର ଗଛ ଭାଙ୍ଗି ପକାଏ । ସେତିକିବେଳେ ବିଜ୍ଞାନୀମାନେ କହନ୍ତି ଯେଉଁ ପବନ ଦେଖୁଛ ତାହାର ଓଜନ ଅଛି ଓ ତାହାର ପୃଥିବୀ ଉପରେ ଗୋଟାଏ ଚାପ ଅଛି । ବାୟୁମଣ୍ଡଳ କଥା କୁହାଗଲା ବେଳେ ଏସବୁ କଥା ଭଲ ଭାବରେ ବୁଝାଇ ଦିଆଯାଇ ପାରିବ ।

**ଆକାଶବାଣୀ** : ଯାହା କେବେହେଲେ ହେବନାହିଁ ବୋଲି ସମସ୍ତେ ଭାବୁଥିଲେ, ତାହା ହୋଇ ସାରିଲାଣି । କୋଟି କୋଟି ଲୋକ ପ୍ରତିଦିନ ପ୍ରମାଣ ପାଉଛନ୍ତି ଯେ ସେ କଥା ସତ । ଅନ୍ୟମାନେ ହସିବେ ବୋଲି ଭାବି କେହି କେହି ନିଜ ଭିତରେ କଥାବାର୍ତ୍ତା ହୁଅନ୍ତି - 'ଶାହେକୋଣ' ଦୂରରେ ଜଣେ ଗୀତ ଗାଉଛି, ଆମେ ଏଠି ବସି ଗୀତକୁ ଶୁଣି ପାରନ୍ତୁ କି ! କଟକରୁ ଗାଇଲେ କଲିକତାରେ ଥିବା ଲୋକ ଶୁଣି ପାରନ୍ତା କି ! ଏଗୁଡ଼ାକ ସବୁ ଥିଲା ସପନ । ଜଣେ ଯେ ଏଭଳି ଭାବି ପାରୁଛି - ଏକଥା କହି ଅନ୍ୟମାନେ ହସୁଥିଲେ ।

କାଳ ବଦଳିଗଲା । ସବୁ ଗୁଡ଼ାକ ସତ ହୋଇଗଲା । ଛୋଟ ରେଡିଓ ଖଣ୍ଡିଏ ପ୍ରାୟ ସବୁ ଗାଁ ରେ ରହିଗଲାଣି । କଲିକତାରେ ଗୀତ ବୋଲା ହେଲେ କଟକ ଲୋକେ ଶୁଣୁଛନ୍ତି । କଟକରେ ଜଣେ କିଛି କହିବେ - ଦିଲ୍ଲୀବାଲା ଶୁଣୁଛନ୍ତି । ଏମିତି ଯେ ଶୁଣାଯାଉଛି, ଏହାକୁ କ'ଣ କୁହାଯିବ ବୋଲି ନାମଟିଏ ଖୋଜା ପଡ଼ିଲା । କେହି କେହି କହିଲେ ଶୂନ୍ୟରୁ ତ ଏ ବାଣୀ ଆସୁଛି । ତାର ନାହିଁ । କଥା ଭାସି ଆସୁଛି । ତେଣୁ ଏହାକୁ ନାଁ ଦିଆଯାଉ 'ଆକାଶବାଣୀ' । ସମସ୍ତେ ଶୁଣୁଥିବ, ପ୍ରତିଦିନ ଖବର ପଢ଼ିଲା ପୂର୍ବରୁ ଦିଲ୍ଲୀ ରେଡିଓ ଲୋକ କହୁଛନ୍ତି - 'ଆକାଶବାଣୀ' । ଭାରତ ସରକାରଙ୍କ ବେତାର ସଂସ୍ଥାର ଏଇଟି ହେଉଛି ସରକାରୀ ନାମ । ତେଣୁ ପ୍ରତ୍ୟେକ ବେତାର କେନ୍ଦ୍ର ନାଁ ପୂର୍ବରୁ ଆକାଶବାଣୀ ବୋଲି କୁହାଯାଇଥାଏ । ଯେମିତି "ଆକାଶବାଣୀ, କଟକ" ।

**ଆକୁପଙ୍କଚର** : ଶରୀରରେ ନିଶ୍ଚୟ ରୋଗ ରହିବ । ସେ ରୋଗକୁ ଭଲ କରିବା ପାଇଁ ଉପାୟ ବାହାର କରାଯାଏ । ହଜାର ହଜାର ବର୍ଷର ପରୀକ୍ଷା ନିରୀକ୍ଷା ପରେ ରୋଗ ଭଲ କରିବାପାଇଁ ଗୋଟିଏ ଗୋଟିଏ ପନ୍ଥା ବାହାର କରାଗଲା । ସେଗୁଡ଼ିକୁ ଗୋଟିଏ ଗୋଟିଏ ନାମ ଦିଆଯାଇଛି । ଗୋଟିକର ନାମ ଆୟୁର୍ବେଦ, ଆଉ ଗୋଟିକର ନାମ ଏଲୋପାଥି । ଏହା ସାଙ୍ଗକୁ ହୋମିଓପାଥି ଓ ୟୁନାନୀ ମଧ୍ୟ ଅଛି । ଯେଉଁମାନେ ଆୟୁର୍ବେଦ ବାଟ ଧରିଛନ୍ତି ସେମାନଙ୍କୁ କବିରାଜ ଓ ଏଲୋପାଥି ଆଦରି ନେଇଥିବା ଲୋକଙ୍କୁ

---

"ଯେଉଁ ଲୋକ ଧୈର୍ଯ୍ୟର ସହିତ ଅପେକ୍ଷା କରିବା ବିଦ୍ୟାଟି ହାସଲ କରିଛି, ସେ ସଫଳତାର ଚାବି ପାଇଯାଇଛି ।"

--ମଲମ୍ବେକ୍

ଡାକ୍ତର ବୋଲି କୁହାଯାଏ । ଚୀନ ଦେଶରେ କେତେକ ଲୋକ କେତେଗୁଡ଼ିଏ ରୋଗକୁ ଭଲ କରିବାପାଇଁ ଛୁଞ୍ଚିଫୋଡ଼ା କୌଶଳ ବାହାର କଲେ । ଦେହରେ ସାତଶହଟି ସ୍ଥାନ ସ୍ଥିର କରିଦିଆଗଲା । ସେହି ସେହି ସ୍ଥାନରେ ଭିନ୍ନ ଭିନ୍ନ ଧାତୁରେ ତିଆରି ଛୁଞ୍ଚି ଫୋଡ଼ି କେତେ



(ଚୀନା ଭାଷାରେ ଲେଖାଥିବା ଶରୀରର ଆକୁପଙ୍କଚର ଉପଯୋଗୀ ସ୍ଥଳ)

ଗୁଡ଼ିଏ ରୋଗ ଭଲ କରାଯାଉଛି । କାଠର ମନୁଷ୍ୟ ମୂର୍ତ୍ତିଟିଏ ତିଆରି କରି କେଉଁଠି କେଉଁଠି ଛୁଞ୍ଚି ଫୋଡ଼ାଯିବ ସେ ବିଷୟରେ ଲୋକଙ୍କୁ ଶିକ୍ଷା ଦିଆଯାଏ । ଏହି ପ୍ରକାର ଚିକିତ୍ସାକୁ ଆକୁପଙ୍କଚର ବୋଲି ନାମ ଦିଆଯାଇଛି । ତାହାରି ନାମ ହେଉଛି 'ତୀକ୍ଷ୍ଣ-ସୂଚୀ-ଭେଦ' ଚିକିତ୍ସା । ଚୀନାମାନେ ଏହାକୁ କହନ୍ତି ଚେନ୍‌ସିୟୁ । ଚୀନ ଠାରୁ ଜାପାନ ଲୋକେ ଏହାକୁ ଶିଖିଲେ । ଏବେ ପୃଥିବୀର ବହୁ ଅଞ୍ଚଳରେ ଏହାର ପରୀକ୍ଷା ଚାଲିଛି । ଆମ ଦେଶରେ ଏହାର ଚଳଣି ଦେଖାଦେଲାଣି ।

**ଆଖି :** ଯାହାଙ୍କୁ ପଚାରିବ ସେ କହିବେ ଆମ ଦେହକୁ ଚଳାଉଛି ଖପୁରି ଭିତରେ ଥିବା ମଗଜ ବା ମସ୍ତିଷ୍କ । ଆମ ଚାରିପଟେ ଯାହାସବୁ ଘଟିଯାଉଛି ତା'ର




(ମଣିଷ ଆଖିର ଗଠନ)

ଖବର ସଂଗ୍ରହ କରୁଛି ସେହି ମସ୍ତିଷ୍କ । ତା'ପରେ କେଉଁଟା କରାଯିବ ବା କେଉଁଟା ନ କରାଯିବ ସେ ବିଷୟ ସ୍ଥିର କରି ନେଉଛି ଓ ସେହି ଅନୁସାରେ ଦେହର ଭିନ୍ନ ଭିନ୍ନ ଅଙ୍ଗକୁ ବରାଦ ଦେଉଛି । ଏ କଥା ଯେତେବେଳେ ସତ, ତେଣିକି ପ୍ରଶ୍ନ ଉଠୁଛି ମସ୍ତିଷ୍କ ଖବର ସଂଗ୍ରହ କରୁଛି କେମିତି ? ତା'ର ବ୍ୟବସ୍ଥା ହୋଇସାରିଛି । ଆଖି, କାନ, ନାକ, ଚର୍ମ ଓ ଜିଭ - ଏହି ଗୁଣ ଗୁଡ଼ିକ ମସ୍ତିଷ୍କକୁ ଜଣେଇ ଦେଉଛନ୍ତି କେଉଁଠି କ'ଣ ଘଟିଯାଉଛି । ସେମାନଙ୍କୁ ଗୋଟିଏ ଗୋଟିଏ ଇନ୍ଦ୍ରିୟ ବୋଲି କୁହାଯାଏ । ଏମାନଙ୍କ ଭିତରେ ଦର୍ଶନ ଇନ୍ଦ୍ରିୟ ବା ଆଖି ଉପରେ ବହୁତ କିଛି ଦାୟିତ୍ୱ ରହିଛି । ଚାରିଆଡ଼େ କ'ଣ ସବୁ ଘଟୁଛି ତା'ର ଖବର ସେ ବରାବର ସଂଗ୍ରହ କରୁଛି ଓ ମୁଣ୍ଡ ଭିତରକୁ ପଠାଉଛି । କାମ କରି କରି ଯେତେବେଳେ ଆଖି ଥକି ଯାଉଛି ସେତେବେଳେ ଟିକେ ବିଶ୍ରାମ

" ଧନୀ ହୋଇ ମରିବା ଉଦ୍ଦେଶ୍ୟରେ ଜୀବନ ତମାମ ଦୀନହୀନ ଦରିଦ୍ର ଭଳି ବଞ୍ଚିବାଠାରୁ ପାଗଳାମି ଆଉ କ'ଣ ଅଛି ।"

--ବର୍ଟନ

ନେଇଯାଉଛି । ଆମେ କହୁଛୁ ଆଖି ବୁଜି ହୋଇ ଗଲାଣି । ଅନ୍ୟଭାବରେ କହୁଛୁ ମଣିଷଟି ଶୋଇଛି । ଏଇ ଆଖି କେମିତି ଗଢାଯାଇଛି ଓ କେମିତି କାମ କରୁଛି ସେ ବିଷୟ ଜାଣିବା ଆବଶ୍ୟକ । ସେଥିପାଇଁ ବହୁଭାବେ ଲେଖାଯାଇଛି । ତେବେ ଏଇଠି ଗୋଟିଏ କଥା କହିଦେଲେ ଭଲହେବ । ଆଖି ବହୁଦୂରର ଜିନିଷ ଦେଖି ପାରେନାହିଁ । ଜୀବ ବା ଜିନିଷଟି ଯଦି ଅତି ଛୋଟ ତା'କୁ ବି ଦେଖି ପାରେନାହିଁ । ଏଇ ଅସୁବିଧା ଦୂର କରିବା ପାଇଁ ମଣିଷ ଉପାୟ ବାହାର କଲାଣି । ଦୂରକୁ ଦେଖିବାପାଇଁ ଦୂରବୀକ୍ଷଣ ଓ ଖୁବ୍ ଛୋଟକୁ ଦେଖିବା ପାଇଁ ଅଣୁବୀକ୍ଷଣ ବାହାର କରିଛି ।

**ଆଖୁ :** ମନୁଷ୍ୟର ସ୍ୱଭାବ ହେଲା ଗୋଟାଏ କିଛି ଭଲ ନୂଆ କଥା ଦେଖିଲେ ସେ ଆନନ୍ଦରେ ନାଚିଯାଏ । ବହୁ ହଜାର ବର୍ଷ ପୂର୍ବେ ଦିନେ ବଣ ଭିତରେ ଦଳେ ଲୋକ ଆନନ୍ଦରେ ନାଚିଲେ । ତା'ର କାରଣ ହେଲା ସେମାନେ ଯାହା ପାଇବେ ବୋଲି କେବେହେଲେ ଆଶା କରିନଥିଲେ ସେମିତିକା ଗୋଟିଏ ନୂଆ ଚିଜ ପାଇଲେ । ବଣରେ ଯାଉଛନ୍ତି । ଚାରିପଟେ ଘାସ । ଜାଗାଏ ଜାଗାଏ ଆଣ୍ଠୁଏ, ଅଣ୍ଟାଏ ଉଚ୍ଚର ବଢ଼ିଛି । ତା'ରି ଭିତରେ ବାଟ କାଟି ଯାଉଛନ୍ତି । ଟିକିଏ ଆଗକୁ ଗଲା ବେଳକୁ ଖୁବ୍ ଉଚ୍ଚକୁ ବଢ଼ିଥିବା ଘାସ । ତା' ମୂଳ ଡାଙ୍ଗ ଗୁଡାକ ମୋଟା ମୋଟା, ବାଟ କାଟି ଯିବାକୁ ଅସୁବିଧା ହେଉଛି । ଜଣେ ରାଗିଯାଇ ସେଥିରୁ ଖଣ୍ଡେ ଭାଙ୍ଗି ପକାଇଲା । ତା ଭିତରଟାକୁ ଦେଖି ମନ କ'ଣ ହେଲା କେଜାଣି ତା'କୁ ଟିକେ ଚୋବାଇ ଦେଲା । ତା' ସାଙ୍ଗଙ୍କ ଆଡ଼କୁ କାବା ହୋଇ ଚାହିଁଲା । ଅନ୍ୟମାନେ ବି ଖଣ୍ଡେ ଖଣ୍ଡେ ଭାଙ୍ଗିଲେ । ବଡ଼ ସୁଆଦ ଲାଗୁଛି । ଏମିତି ସୁଆଦିଆ ଚିଜ ସେମାନେ କୌଣସି ଗଛ ଗଣ୍ଡିରୁ, ଡାଳରୁ, ଡାଙ୍ଗରୁ ଖାଇନଥିଲେ । ଆଉ ଆଗକୁ ଯିବେ କିଏ ? ସେଥିରୁ ବିଡ଼ାଏ ବିଡ଼ାଏ ଭାଙ୍ଗି ଘରକୁ ଫେରିଲେ । ପିଲାଠାରୁ ବଡ଼ ସମସ୍ତେ ତାକୁ ଚୋବେଇ ରସ ଢୋକିଲେ । ସେ ଦିନ ଆଉ କିଛି ଖାଇବା ଦରକାର ପଡ଼ିଲା ନାହିଁ ।

ସେହି ମୋଟା ଘାସର ନାମ ହେଉଛି ଆଖୁ । ଏବେ ମଧ୍ୟ ଉଦ୍ଭିଦ ବିଜ୍ଞାନୀ ମାନେ ଆଖୁ କଥା କହିଲା ବେଳେ ଉଚ୍ଚ ଉଚ୍ଚ ମୋଟା ମୋଟା ବହୁଦିନ ଧରି ରହୁଥିବା ଘାସ ବୋଲି ବୁଝନ୍ତି ।

ମଣିଷ ବଞ୍ଚି ରହିବାକୁ ହେଲେ ତା'ର ଶରୀର କାମ କରିବ । ଦେହରେ ମାଂସପେଶୀ ଖଞ୍ଜାଯାଇଛି କାମ କରିବାକୁ । କାମ କରିବାକୁ ହେଲେ କିଛି ଶକ୍ତି ଲୋଡ଼ା । ସେହି ଶକ୍ତି ତା'କୁ ମିଳିଯାଉଛି ରକ୍ତ ଭିତରେ ଥିବା ଶର୍କରା ବା ଚିନିରୁ । ଡାକ୍ତରମାନେ କୁହନ୍ତି ହାଡ଼କୁ ଲାଗି ଯେଉଁ ପ୍ରାୟ ଛ'ଶହ ମାଂସପେଶୀ ଅଛନ୍ତି, ସେଗୁଡ଼ିକ ପ୍ରତ୍ୟେକ ଗୋଟିଏ ଗୋଟିଏ ଜୀଅନ୍ତା ଇଞ୍ଜିନ । ଇଞ୍ଜିନକୁ ଚଳାଇବା ପାଇଁ କୋଇଲା ବା ପେଟ୍ରୋଲ ଦରକାର । ଏହି ଜୀଅନ୍ତା ଇଞ୍ଜିନକୁ ଚଳାଇବା ପାଇଁ 'ରକ୍ତ ଚିନି' ଦରକାର । ଆଖୁ ମଣିଷର ଦରକାର ହେଉଥିବା ବେଶୀ ଭାଗ ଚିନି ଯୋଗାଇ ଦେଉଛି । ଗୁଡ଼, ଚିନି, ମିଶ୍ରି ହେଉଛନ୍ତି ମଣିଷ ପାଇଁ ଆଖୁର ଦାନ । ଆଖୁ ନଥିଲେ ଏତେ ପ୍ରକାରର ମିଠାଇ, ପିଠାପଣାର ସୁଆଦ ଆମେ ପାଉନଥାନ୍ତୁ ।

ପୃଥିବୀର ଯେଉଁ ଅଞ୍ଚଳରେ ବର୍ଷା ଭଲ ଭାବରେ ହୁଏ ସେହି ଅଞ୍ଚଳରେ ଆଖୁ ହୁଏ । ସବୁ ଆଖୁ ସମାନ ନୁହେଁ । ମାଟିଗୁଣେ ଆଖୁ ଭିତରେ କମ୍ ବେଶୀ ରସ ଥାଏ । ଏହି ଗଛ ଗୁଡିକ ଦଶରୁ ଛବିଶ ଫୁଟ ବା ତିନିରୁ ଆଠ ମିଟର ଉଚ୍ଚ ହୋଇଥାଏ । ଏଥିରୁ ରସ ବାହାର କରିବା ପାଇଁ କୋଲ୍ହୁଆ ବା ଆଖୁପେଡ଼ା ଯନ୍ତ୍ର

---

"ଯେଉଁ ଲୋକ ଗୌରବର ଅଧିକାରୀ, ତା' ପ୍ରତି ଗୁଡ଼ାଏ ଅନୁକମ୍ପା ପ୍ରଦର୍ଶନ କଲେ ତାକୁ ସୁଖ ଲାଗେ ନାହିଁ ।"

--ଆକ୍ରେ

ବାହାରିଲା । ଭଲ ଭାବରେ ରସ ବାହାର କରିନେବା ସମ୍ଭବ ହେଲା । ତା'ପରେତ ଚିନିକଳ ସବୁ ବସିଗଲା । ଯେତେବେଳେ ଆଖୁ ରସରୁ ଗୁଡ଼ ରନ୍ଧାହୁଏ, ତା' ଚାରିପଟେ ବଡ଼ ସାନ ସମସ୍ତେ ବସିଯାନ୍ତି । କିଏ ଖଣ୍ଡେ ଆଖୁ ଖାଉଛି ତ କିଏ ଟିକେ ରସ ପିଇ ଦେଉଛି । ଗାଁର ବହୁକଥା ସେଇଠି ପଡ଼େ । ଆମ ଭକ୍ତକବି ମଧୁସୂଦନ ଲେଖିଯାଇଛନ୍ତି -

''ଆଖୁ କ୍ଷେତ ଦିଶେ ଯତନ ଆଖୁ ଶାଳରେ ବସି
ଗ୍ରାମକଥା ଗ୍ରାମବାସୀଏ ଗଳ୍ପ କରନ୍ତି ହସି
ଆଖୁ ଭାଙ୍ଗି ରସ ମଧୁର ପିଇ ବାଳକ ଗଣ
ବୁଲନ୍ତି ଚୌଦିଗେ ହରଷେ ପୂରିଅଛି ବଦନ ।''

ଆଖୁ କିଆରୀ, ଆଖୁଶାଳାରେ ବସିଥିଲାବେଳେ ଲୋକଙ୍କ ଭିତରେ ବେଶ୍ ମଜାକଥା ପଡ଼େ । ପିଲାଟିଏ ଯାଇଛି ଖଣ୍ଡେ ଆଖୁ ଆଣିବ ବୋଲି । ସେ ଖଣ୍ଡକ ଦେହରେ ହାତ ଦେଲାବେଳକୁ ଆଉ ଖଣ୍ଡେ ତା'ଠାରୁ ମୋଟ ବୋଲି ଦେଖି ଦେଉଛି । ତା' ଆଡ଼କୁ ହାତ ବଢ଼ାଇଲା ବେଳକୁ ଆଉ ଖଣ୍ଡେ ଅଧିକ ମୋଟ । ସେ ଖଣ୍ଡକ ନେବାକୁ ତା'ର ଇଚ୍ଛା । ସେଥିପାଇଁ କହନ୍ତି 'ସେ'ତ ଆଖୁ କିଆରୀରେ ପଶିଛି ।' ଗାଁରେ ଯିଏ ଟିକେ ଅମାନିଆ ହୁଏ, ଟାଣ ଟାଣ କଥା କହୁଛି ଓ ଦାବୀ କରୁଛି ଯେ ତାକୁ କେହି ଜବତ କରି ପାରିବେନାହିଁ ତାକୁ କୁହାଯାଏ - 'ଆରେ ଆଖୁ ସିନା ଦାନ୍ତକୁ ଟାଣ, କ'ଣ କୋଲ୍ହୁଆକୁ ଟାଣ ।'

**ଆଗ୍ନେୟଗିରି** : ମାଆର ମନ ଖୁସିଥିଲେ, ସେ ପିଲାଙ୍କୁ ହସାଏ । ରାଗିଗଲେ ତାକୁ ଖୁବ୍ କନ୍ଦାଏ, ମାଡ଼ ଦିଏ । ବସୁଧା ମାତା ବା ପୃଥିବୀ ମଣିଷକୁ ସେମିତି ହସାଉଛି, କନ୍ଦାଉଛି । ପ୍ରକୃତି ଏ ଜଗତକୁ କେଡ଼େ ସୁନ୍ଦର କରି ଗଢ଼ିଛି । ନଦୀସବୁ କଳ କଳ ନାଦ କରି ବହିଯାଉଛନ୍ତି । ଭୂଇଁ ଉପରେ ଫୁଲ ଫଳ ଭରି ରହିଛି । ଦୂରରୁ ଦେଖିଲେ ବି ପର୍ବତ କେଡ଼େ ସୁନ୍ଦର । ଉପରେ ନୀଳ ଆକାଶ । ମନୁଷ୍ୟ କହୁଛି ମୋ ଜୀବନ ଧନ୍ୟ । ମୁଁ ଏଭଳି ବସୁଧା ମାତା କୋଳରେ ଖେଳୁଛି । କିନ୍ତୁ ଯେତେବେଳେ ବସୁଧା ରାଗିଯାଉଛି ନଈରେ ବନ୍ୟା, ବଢ଼ିପାଣି ମାଡ଼ିଯାଇ କେତେ କ'ଣ କ୍ଷତି କରିପକାଉଛି । କେତେବେଳେ ଭୂମିକମ୍ପ ହେଉଛି । ବହୁ ଲୋକ ମରିଯାଉଛନ୍ତି । ଏମିତିକା ଝଡ଼ ହେଉଛି ଯେ ଘରଦ୍ୱାର, ବଡ଼ ବଡ଼ ଗଛ ଭାଙ୍ଗି ତଳେ ଲୋଟି ଯାଉଛନ୍ତି । ଆଉ କେବେ କେବେ ଆଦୌ ବର୍ଷା ନହେବାରୁ ଭୂଇଁ ଫାଟି ଯାଉଛି । ଗଛସବୁ ମରି ଯାଉଛନ୍ତି । ମଣିଷ ପାଣି ଟୋପାଏ ପିଇବାକୁ ନପାଇ ବିକଳ ହେଉଛି । ଏହିସବୁକୁ କୁହାଯାଏ ପ୍ରକୃତିର ମଣିଷକୁ ଦଣ୍ଡ ବା ବସୁଧା ମାତାର କୋପ ।

କିନ୍ତୁ ବସୁଧା ତା'ର ସବୁଠାରୁ ଭୀଷଣ ରୂପ ଦେଖାଏ ଯେତେବେଳେ କି ପୃଥିବୀର ଭିତର ଅଂଶରୁ ଅତି ଗରମ ବାଷ୍ପ, ପାଉଁଶ, ଖଣ୍ଡ ଖଣ୍ଡ ନିଆଁ, ପଥର, ଅତି ଗରମ ତରଳ ପଦାର୍ଥ ଜୋରରେ ପାହାଡ଼ ଫଟାଇ ଉପର ବାଟେ ବାହାରି ପଡ଼ନ୍ତି ଓ ଆଖି ପିଛୁଳାକେ ଗୋଟାଏ ଗୋଟାଏ ଅଞ୍ଚଳକୁ ମରୁଭୂମି କରିଦିଅନ୍ତି । ଶହ ଶହ ହଜାର ହଜାର ଲୋକ ମରି ଶୋଇଯାଆନ୍ତି । ଗୋଟାଏ ଗୋଟାଏ ସହର ଉପରେ ୧୦ରୁ ୧୫ ମିଟର ବହଳରେ ଗରମ ପାଉଁଶ, ଖଣ୍ଡ ଖଣ୍ଡ ପଥର, ଅତି ତରଳ ପଦାର୍ଥ ଜମିଯାଏ । ସେ ସହରର ଆଉ ଚିହ୍ନବର୍ଣ୍ଣ ରହେନାହିଁ । ଉପରକୁ ସିନା ଥଣ୍ଡା ବୋଲି ଜଣା ପଡୁଛି, ପୃଥିବୀର ଭିତରଟା କିନ୍ତୁ ଅତି ମାତ୍ରାରେ ଗରମ ବା ଉତ୍ତପ୍ତ । ଭିତରର ତାପ ବହୁ ଜିନିଷକୁ ତରଳାଇ ଦେଇଥାଏ । ସେଗୁଡ଼ିକ ମଧ୍ୟ ଅତି ଗରମ ଅବସ୍ଥାରେ ଥାଆନ୍ତି । ପୃଥିବୀ ଉପରର ତାପରେ ସେହି ସେହି

---

''ନ୍ୟାୟ ପକ୍ଷ ସମର୍ଥନ କରିବାପାଇଁ ଯେଉଁ ସଦ୍‌ଗୁଣରୁ ପ୍ରେରଣା ମିଳେ, ତାହାରି ନାମ ସାହସ ।''

--ସିସେରୋ

ପଦାର୍ଥ ସ୍ଥିର ଅବସ୍ଥାରେ ଥାଆନ୍ତି ବୋଲି କହିଲେ ଚଳେ । କିନ୍ତୁ କୌଣସିଠାରେ ସ୍ତୂପ ଜମିଗଲେ ବା ସେହିଭଳି ଆଉକିଛି ହୋଇଗଲେ ସେହିସବୁ ଅତି ଗରମ ଚିଜ ଅସ୍ଥିର ହୋଇ ଉଠନ୍ତି ଓ ପଦାକୁ ବାହାରି ଆସିବାକୁ ଚେଷ୍ଟା କରନ୍ତି । ପୃଥିବୀର ଯେଉଁଠି ଟିକିଏ ନରମ ଅଂଶ ଅଛି ସେହିବାଟେ ପଦାକୁ ବାହାରି ଆସନ୍ତି ।

ସମଗ୍ର ପୃଥିବୀରେ ପ୍ରାୟ ଏକ ହଜାର ଆଗ୍ନେୟଗିରି ରହିଛି । ପରେ ଜଣା ପଡ଼ିଲା ଯେ ସେଥିରୁ ପ୍ରାୟ ୨୦୦ ଅଛନ୍ତି ସମୁଦ୍ର ଭିତରେ । ସବୁ ଆଗ୍ନେୟଗିରି ଯେ ସବୁ ସମୟରେ ଅଗ୍ନି ବରଷୁଥାଏ ତା' ନୁହେଁ । କିଛିଦିନ ଏଭଳି କଳାପରେ ବନ୍ଦ ହୋଇଯାଏ । ଦେଖିଲା ବେଳକୁ ପୁଣି କେତେଶହ ବର୍ଷ ପରେ ଆଉଥରେ ସେହି ପାହାଡ଼ଟା ଜାଗି ଉଠୁଛି ଓ ପୁଣି ଅଗ୍ନି ବର୍ଷା ହେଉଛି । ଆମ ଦେଶରେ ଆଗ୍ନେୟଗିରି ନଥିବାରୁ ତାହା କିଭଳି ଭୀଷଣ ଓ କେତେ କ୍ଷତି କରେ ତାହା ଅନୁମାନ କରିବା ଆମ ପକ୍ଷରେ ସହଜ ନୁହେଁ ।

ଆଗ୍ନେୟଗିରି କେତେ କ୍ଷତି କରିଛି ତାହା ଶୁଣିଲେ ଲୋମ ଟାଙ୍କୁରି ଉଠିବ । ପ୍ରାୟ ଶହେବର୍ଷ ପୂର୍ବେ ଜାଭା, ସୁମାତ୍ରା ଦ୍ୱୀପରେ ଥିବା ଗୋଟିଏ ପାହାଡ଼ରେ ଯେଉଁ ଅଗ୍ନି ଉତ୍ପାତ ହେଲା ସେଥିରେ ଦେଢ଼ କି.ମି. ଓସାର ଓ ଦେଢ଼ କି.ମି. ଲମ୍ବର ଜଳ ଗରମ ହୋଇ ବାଷ୍ପ ରୂପରେ ଆକାଶକୁ ଉଠି ଯାଇଥିଲା । ଗୋଟିଏ ଦ୍ୱୀପ ୪୫ ବର୍ଗ କି.ମି. - ତାହାର ତିନିଭାଗରୁ ଦୁଇଭାଗ ଧୂଳିହୋଇ ଆକାଶକୁ ଉଡ଼ିଗଲା । ଧୂଆଁ ଓ ପାଉଁଶ ଆକାଶରେ ୨୫ କିଲୋମିଟର ଉପରକୁ ଉଠିଥିଲା । ତା ଉପରକୁ ଉଠିଯାଇଥିଲା ଗରମ ବାଷ୍ପ । ପାଉଁଶ ଯେତେବେଳେ ଉପରକୁ ଉପରକୁ ଉଠି ପୁଣି ତଳକୁ ଖସିଲା, ପାଖରେ ଥିବା ଜଙ୍ଗଲଗୁଡ଼ିକୁ ମରୁଭୂମି କରିଦେଲା । ଶହ ଶହ ଗାଁ ନିଶ୍ଚିହ୍ନ ହୋଇଗଲା । ୩୬ ହଜାର ଲୋକ ମରିଥିଲେ । ଯେଉଁ ହଜାର ହଜାର ଟନ୍ ପାଉଁଶ ଆକାଶରେ ବହୁ ଉଚ୍ଚକୁ ଉଠିଗଲା ତାକୁ ପବନ ଘଣ୍ଟାକୁ ୧୨୦ କିଲୋମିଟର ବେଗରେ ପୂର୍ବରୁ ପଶ୍ଚିମ ଆଡ଼କୁ ଉଡ଼ାଇ ନେଲା । ୧୬୦ କିଲୋମିଟର ଦୂରରେ ଜାକର୍ତ୍ତା ସହର । ତା' ଉପର ଦେଇ ଯେତେବେଳେ ଏ ପାଉଁଶ ଉଡ଼ିଲା ସେତେବେଳେ ଦିନଟାକୁ ରାତି କରିଦେଲା । ଦିନବେଳେ ମଧ୍ୟ ଏମିତି ଅନ୍ଧାର ହୋଇଗଲା ଯେ ଲୋକେ କିଛି ଦେଖି ପାରିଲେ ନାହିଁ । ପାଉଁଶ ଯୋଗୁଁ ସୂର୍ଯ୍ୟ ଅସ୍ତବେଳେ ଏଭଳି ଚମତ୍କାର ରଙ୍ଗ ହୋଇଗଲା ଯେ ବହୁ ଦୂରରେ ଇଂଲଣ୍ଡର ଲୋକେ ସେ ଦୃଶ୍ୟ ଦେଖୁଥିଲେ । ଏହିଭଳି ଶହ ଶହ କଥା କୁହାଯାଇ ପାରେ ।

ଗୋଟିଏ କଥା କିନ୍ତୁ କହିଦେବା ଭଲ । ଆଗ୍ନେୟଗିରି କିଛି କିଛି ଉପକାର ମଧ୍ୟ କରେ । ବଢ଼ି ପାଣି ପଟୁ ପକାଇଲା ଭଳି ପୃଥବୀ ଗର୍ଭରୁ ଆସିଥିବା ଗୋଟାଏ ପ୍ରକାର ପାଉଁଶ ମାଟିରେ ପଡ଼ିଗଲେ ଜମି ଉର୍ବର ହୋଇଯାଏ ।

ଆମ ଭାଷାରେ କହୁଛୁ ଆଗ୍ନେୟଗିରି, ଇଂରାଜୀରେ କୁହନ୍ତି - ଭଲ୍‌କାନୋ । ଭଲ୍‌କାନ ହେଉଛନ୍ତି ରୋମ ଦେଶର ଜଣେ ଦେବତା । ତାଙ୍କୁ କୁହାଯାଏ ଅଗ୍ନି-ଦେବତା । ସୂର୍ଯ୍ୟ ତାଙ୍କୁ ଅଧିକାର ଦେଇଛନ୍ତି ତାଙ୍କ ତେଜ ବିଷୟରେ ସେ ଅନ୍ୟମାନଙ୍କୁ ବୁଝାଇବେ । ତାଙ୍କରି ନାଁ ଅନୁସାରେ ହୋଇଛି ଭଲ୍‌କାନ୍ ।

**ଆଗୌଟି** : ଠେକୁଆ ଯେତେ, ସେତିକି ଶରୀରଟିଏ ବହିଥିବା ଏହି ମୂଷାଜାତୀୟ ଜୀବଟି ରାତିରେ ଚରି ବୁଲିବାକୁ ବାହାରେ । ତା' ଆଖି ବେଶ୍ ବଡ଼



(ଆଗୌଟି)

ବଡ଼ । ଗୋଡ଼ ଗୁଡ଼ିକ ଏମିତି ସରୁ ଓ ଛୋଟ ଛୋଟ ଯେ ଦେଖିଲେ ମନେହୁଏ ଏତେବଡ଼ ଦେହଟାକୁ ଏ ସମ୍ଭାଳୁଛି କେମିତି ? ଆମେରିକା ମହାଦେଶର ଦକ୍ଷିଣ ଅଂଶରେ ଏହା ଦେଖିବାକୁ ମିଳେ ।

**ଆଗ୍ରା :** ଉତ୍ତର ପ୍ରଦେଶର ଯମୁନା ନଦୀ କୂଳରେ ଏହି ସହର ଅବସ୍ଥିତ । ଏହା ବିଷୟ ସମସ୍ତେ ଜାଣନ୍ତି । କାରଣ ଏହି ସହରରେ ପୃଥିବୀ ପ୍ରସିଦ୍ଧ ତାଜମହଲ ରହିଛି । ପ୍ରାୟ ୪୦୦ ବର୍ଷ ତଳେ ଏହି ସହରର ସୁନାମ ହୋଇଗଲା । ତାଜମହଲ ବ୍ୟତୀତ ଆହୁରି ଅନେକ ପୁରୁଣା କୀର୍ତ୍ତି ମଧ୍ୟ ଏଠାରେ ଦେଖିବାକୁ ମିଳେ । ଆଗ୍ରା ସହରର ଲୋକସଂଖ୍ୟା ପ୍ରାୟ ୮ ଲକ୍ଷ ୯୨ ହଜାର ।

**ଆଗ୍ରୂର :** ଜଣେ ତାଙ୍କ ସାଙ୍ଗଙ୍କୁ କହିଲେ - ମୋ ପିଲାଟି କେମିତି ଗୋଟିଏ ଭଲ ମଣିଷ ହେବ ? ସେ ଉତ୍ତର ଦେଲେ - 'ସେ ଆଗ ମଣିଷଟିଏ ହେଉ, ଭଲ ମଣିଷ ହେବା ତ ପଛ କଥା' । ଏଭଳି ଉତ୍ତର ଶୁଣିବାକୁ ସେ ଆଶା କରିନଥିଲେ ।

କଥାଟିର ମରମ ହେଲା - ସମାଜରେ ଚଳିବାକୁ ହେଲେ ଅତି କମ୍‌ରେ କେତେଗୁଡ଼ିଏ ନିୟମ ମାନିବାକୁ ହେବ । ଚାଲି ଚଳଣ ଏମିତି ହୋଇଥିବ ଯେ ସମସ୍ତଙ୍କର ପସନ୍ଦ ହେଉଥିବ । ଅନ୍ୟଲୋକ ଖୁସି ହେଉଥିବେ । ଯେଉଁମାନେ ବୟସରେ ବଡ଼ ସେମାନଙ୍କ ସହିତ କିଭଳି କଥାବାର୍ତ୍ତା କରିବ ସେଇଟା ଭଲ ଭାବରେ ଜାଣିବା ଦରକାର । ସଭା, ସମିତିରେ ବସିଲେ ଅନ୍ୟମାନଙ୍କର ଅସୁବିଧା ହେଲାଭଳି କିଛି କରିବ ନାହିଁ । ଏମିତି କଥାବାର୍ତ୍ତା କରିବ ନାହିଁ ଯେମିତି ଅନ୍ୟ ମନରେ କଷ୍ଟ ହେବ । ଦେହ, ଲୁଗାପଟା ସଫା ରଖିବ । ଏମିତି ନକଲେ ତମେ ଯାଇ ଯାହା ପାଖରେ ବସିବ ତାକୁ ହୁଏତ ଅଡୁଆ ଲାଗିବ । ନିଜର ଗୁଡ଼ାଏ ବାହାଦୁରୀ ଗପିବ ନାହିଁ । ଏହିସବୁ ହେଲା - ଆଗ୍ରୂର । ସତ୍ ଆଗ୍ରୂରକୁ ସଦାଗ୍ରୂର ବୋଲି କୁହାଯାଏ । ଜଣେ ମଣିଷ ଜନ୍ମ ହୋଇଥିବାରୁ ସେ ଏହିଭଳି ଆଚରଣ ଦେଖାଇବା ଦରକାର । ଆହୁରି ଭଲ ମଣିଷ ହେବାକୁ ହେଲେ ଆଉ କେତେ ଗୁଣ ଲୋଡ଼ା । ସେଇଥି ପୋଗୁଁ ଜଣେ କହିଥିଲେ ଯେ ଆଗ ମଣିଷ ହୁଅ, ପଛେ ଭଲ ମଣିଷ ହେବ । ପଣ୍ଡିତ ମାନେ କୁହନ୍ତି ପ୍ରଥମେ ତୁମେ ଆଗ୍ରୂର ଶୁଦ୍ଧି କର । ତା' ପରେ ଯାଇ ପ୍ରକୃତ ଜ୍ଞାନୀଙ୍କ ମେଳରେ ବସିବ ।

**ଆଗ୍ରୂର୍ଯ୍ୟ :** ଯେଉଁମାନେ ଆଗ୍ରୂର ଶୁଦ୍ଧି ପରେ ଅଧିକରୁ ଅଧିକ ଜ୍ଞାନ ଅର୍ଜନ କରୁଥିଲେ ତାଙ୍କୁ ଆଗ୍ରୂର୍ଯ୍ୟ ବୋଲି କୁହନ୍ତି । ଏହି ଶବ୍ଦର ଅର୍ଥ ହେଲା ଯାହାଙ୍କର ଆଚରଣ ଶୁଦ୍ଧ, ଯାହାଙ୍କର ଚାଲିଚଳଣ ଦେଖିଲେ ଅନ୍ୟ ମନରେ ଭକ୍ତି ଜନ୍ମିବ, ଯାହାଙ୍କୁ ଦେଖିଲେ ମନ କହିବ ମୁଁ କେମିତି ଏହାଙ୍କ ପରି ହୁଅନ୍ତି କି ! ତାଙ୍କୁହିଁ ଆଗ୍ରୂର୍ଯ୍ୟ ବୋଲି କୁହାଯାଏ । ହଜାର ହଜାର ବର୍ଷ ପୂର୍ବେ ମୁନି ଋଷିମାନେ ଏହି କଥା କହି ଯାଇଛନ୍ତି । ସେତିକିବେଳେ ସେମାନେ ଉପଦେଶ ଛଳରେ କହିଛନ୍ତି, ଆଗ୍ରୂର୍ଯ୍ୟଙ୍କ ନିକଟକୁ ନଗଲେ, ତାଙ୍କ ନିକଟରେ କିଛିକାଳ ନରହିଲେ ତୁମେ ପ୍ରକୃତ ବିଦ୍ୟା ଅର୍ଜନ କରିପାରିବ ନାହିଁ । ସେହିମାନେ ବେଦ ପଢ଼ାଉଥିଲେ । ପୂଜ ବା ସମାଜର ହିତ କରୁଥିଲେ ବୋଲି ସେମାନେ ହେଲେ ପୁରୋହିତ ।

**ଆଗ୍ରୂର୍ଯ୍ୟ ହରିହର** (୧୮୭୯-୧୯୭୧) : ପୁରୀ ଜିଲାର ଶ୍ରୀରାମଚନ୍ଦ୍ରପୁରରେ ଜନ୍ମଗ୍ରହଣ କରିଥିବା ହରିହର ଦାଶ ପ୍ରଥମେ ଜଣେ ଶିକ୍ଷକ ହିସାବରେ ଜୀବନ ଆରମ୍ଭ କରିଥିଲେ । ଉତ୍କଳମଣି ଗୋପବନ୍ଧୁ ସାକ୍ଷୀଗୋପାଳଠାରେ ବନବିଦ୍ୟାଳୟ ଖୋଲିଲେ ଓ ଛାତ୍ରମାନଙ୍କୁ ପାଠପଢ଼ାଇବା ସଙ୍ଗେ ସଙ୍ଗେ ଦେଶପ୍ରେମ

---

"ମହୁମାଛି ଭଳି ଆମ ଶ୍ରମଟାକୁ ଆମେ ଚିତ୍ତ-ବିନୋଦନ ବୋଲି ବିଗ୍ରୂରିବା ଉଚିତ ।"

--ପାଇଥୋଗୋରା

ଶିଖାଇଲେ । ସେତେବେଳେ ହରିହର ଦାଶ ସେଠାରେ ଯାଇ ଯୋଗଦେଲେ । ତାଙ୍କର ଆଚରଣ, ଛାତ୍ରମାନଙ୍କ ପ୍ରତି ଶ୍ରଦ୍ଧା-ଆଦର ଦେଖି ତାଙ୍କୁ ଲୋକେ ଆଗ୍ଚର୍ଯ୍ୟ ହରିହର ବୋଲି କହିଲେ । ମହାତ୍ମା ଗାନ୍ଧୀଙ୍କର ଡାକରା ଶୁଣି ସ୍ୱାଧୀନତା ଆନ୍ଦୋଳନରେ ଯୋଗଦେଲେ । ସେ ୧୯୩୦ ଏପ୍ରିଲ ୧୩ ତାରିଖ ଦିନ ବାଲେଶ୍ୱରର ଇଂଚୁଡ଼ିଠାରେ ପ୍ରଥମେ ଲବଣ ଆଇନ ଅମାନ୍ୟ କରି



(ଆଗ୍ଚର୍ଯ୍ୟ ହରିହର)

ଓଡ଼ିଶାରେ ସେହି ସଂଗ୍ରାମର ଶୁଭ ଦେଲେ । ସେହି ଆନ୍ଦୋଳନକୁ ଲବଣ ସତ୍ୟାଗ୍ରହ ବୋଲି କୁହାଗଲା । ସେବେଠାରୁ ୧୯୪୫ ପର୍ଯ୍ୟନ୍ତ ସେ ବହୁବାର ଜେଲ୍ ଯାଇଛନ୍ତି । ତାଙ୍କଭଳି ଜଣେ ତ୍ୟାଗୀ ଲୋକଙ୍କ କଥା ମନେ ପଡ଼ିଲେ ସମସ୍ତେ ଭକ୍ତିରେ ମୁଣ୍ଡ ନୁଆଁନ୍ତି । ତାଙ୍କର ନିଜର ବୋଲି କିଛି ନଥିଲା ଓ ମୃତ୍ୟୁ ବେଳକୁ କିଛି ହେଲେ ସମ୍ପତ୍ତିର ମାଲିକ ସେ ନଥିଲେ । ଆଗ୍ଚର୍ଯ୍ୟ ହରିହରଙ୍କର ଜନ୍ମ ୧୮୭୯ରେ । ୧୯୭୧ରେ ସେ କଟକଠାରେ ଏହି ସଂସାରରୁ ବିଦାୟ ନେଲେ ।

**ଆଜ୍‌ବେଷ୍ଟସ :** ବହୁବର୍ଷ ତଳର କଥା । ଇଉରୋପର ଜଣେ ସାହେବ ଚୀନ ଯାଇଥିଲେ । ସେଠାରୁ ସେ ଫେରିଲାପରେ ନିଜ ଦେଶର ଲୋକଙ୍କୁ କହିଲେ- ଚୀନା ଝିଅମାନେ ଗୋଟାଏ "ନିତ୍ୟଦୀପ" ଜାଳୁଛନ୍ତି । ସେହି ଦୀପର ସଳିତାକୁ ନିଆଁ କେବେହେଲେ ଖାଇ ପାରିବ ନାହିଁ । ଆଉ ଜଣେ ଚୀନରୁ ଫେରି କହିଲେ - ଚୀନ ଦେଶର ଲୋକେ ଏଭଳି ଗୋଟାଏ କୁରୁତା ପିନ୍ଧୁଛନ୍ତି ଯେ ତାହା କେବେହେଲେ ମଇଳା ହେବନାହିଁ । ଏଭଳିକି ନିଆଁରେ ପକାଇ ଦେଲେ ତାହା କେବେ ପୋଡ଼ିବ ନାହିଁ ।

ପରେ ଜଣା ପଡ଼ିଲା ଯେ ଆଜ୍‌ବେଷ୍ଟସ ବୋଲି ଗୋଟାଏ ଖଣି ଜିନର ସୂତା ଦେହରେ ନିଆଁ ଲାଗିଲେ ସେଇଟି ପୋଡ଼ିଯିବ ନାହିଁ । ଚୀନାମାନେ ସେତେବେଳେ ଏହା ଜାଣିସାରିଥିଲେ । ଖଣି ପଥର ଭିତରେ ଆଜ୍‌ବେଷ୍ଟସ୍ ରହିଥାଏ । ତାକୁ ସେଥିରୁ ବାହାର କରି କାମରେ ଲଗାଯାଉଥାଏ । ଯାହାକୁ ଅଗ୍ନି ଖାଇଯାଇ ପାରିବ ନାହିଁ, ସେହିଭଳି ଉପାଦାନ ହେବା ସଙ୍ଗେ ସଙ୍ଗେ ଏଥିରେ ତୁଳା ବା ସିଲ୍‌କ୍‌ର ଗୁଣ ରହିଛି । ତୁଳା ବା ସିଲ୍‌କ୍‌ରୁ ସୂତା କରି ଯେଭଳି କପଡ଼ା ବୁଣାଯାଉଛି, ଆଜ୍‌ବେଷ୍ଟସରୁ ମଧ୍ୟ ସେମିତି ସୂତା ବାହାର କରାଯାଇପାରିବ । ଗୋଟାଏ ପ୍ରକାରର କଳା ପଥର ମାର୍ବଲ ବା ଗ୍ରାନାଇଟ୍ ଭଳି ଟାଣ । ଏହାରି ଭିତରେ ଧଳା, ନୀଳ ବା ବାଦାମୀ ତନ୍ତୁ ବା ଅଂଶୁ ସବୁ ରହିଛି ।

"ନିଜେ ବୁଝିବାକୁ ଯିଏ ପ୍ରସ୍ତୁତ ନୁହେଁ, ଆଲୋଚନାରେ ଭାଗ ନେବା ପାଇଁ ସେ ଅଯୋଗ୍ୟ ।"

--ହୁଏଟ୍‌ଲୀ

୧୮୬୮ ମସିହାରେ ଆଜ୍‌ବେଷ୍ଟସ୍‌ର ଗୋଟାଏ ଶିଳ୍ପ ଖୋଲିଗଲା । ଏବେ ତାହାର ୩୦୦୦ ପ୍ରକାରର ବ୍ୟବହାର ରହିଛି । ପ୍ରାୟ ସମସ୍ତେ ଦେଖୁଛନ୍ତି ଆଜ୍‌ବେଷ୍ଟସ୍ ଛାତ ପକାଇ ଦେଲେ ଘରେ ଆଉ ନିଆଁ ଲାଗିବାର ଭୟନାହିଁ । ବହୁ କଳକାରଖାନା, ଯନ୍ତ୍ରପାତିକୁ ନିଆଁରୁ ରକ୍ଷା କରିବା ପାଇଁ ଆଜ୍‌ବେଷ୍ଟସ୍ ଲୋଡ଼ା ହେଉଛି । ଅସ୍ତ୍ରଶସ୍ତ୍ର ତିଆରି ବେଳକୁ ମଧ୍ୟ ଏହାକୁ ଖୋଜା ପଡୁଛି । ଯେଉଁ ଜେଟ ଉଡ଼ାଜାହାଜ ଉଡୁଛି ତା'ର ଗୋଟିଏ ବଡ଼ ବଳ ହେଲା ଆଜ୍‌ବେଷ୍ଟସ୍ । ଇଞ୍ଜିନ ଭିତରେ କେତେକ ଅଂଶ ଅତିମାତ୍ରାରେ ଗରମ ହୋଇଯାଏ । ଆଜ୍‌ବେଷ୍ଟସ୍ ନଥିଲେ ସେ ଇଞ୍ଜିନକୁ ଉଡ଼ାଜାହାଜରେ ଖଞ୍ଜି ହୁଅନ୍ତା ନାହିଁ । ମନୁଷ୍ୟ ତା' ଭିତରେ ବସି ଚଳାଇ ପାରନ୍ତା ନାହିଁ । ବିଜ୍ଞାନୀମାନେ କହିଲେଣି ଦିନେ ତ ଚନ୍ଦ୍ରରେ ରହିବା ପାଇଁ ଘର ତିଆରି ହେବ । ସେ ଘରର ବେଶୀ ଭାଗ ତିଆରି ହେବ ଏହି ଆଜ୍‌ବେଷ୍ଟସ୍‌ରେ । ଆଜ୍‌ବେଷ୍ଟସ୍‌ର ସୂତାର କପଡାରେ ପୋଷାକ ପିନ୍ଧି ନିଆଁ ଲିଭାଳିମାନେ ଘର ପୋଡ଼ିଗଲେ ନିଆଁ ଲିଭାଉଛନ୍ତି ।

ଏହି ଯେଉଁ ଆଜ୍‌ବେଷ୍ଟସ୍ ଶବ୍ଦଟି ଶୁଣୁଛ, ଗ୍ରୀକ୍ ଭାଷାର ଦୁଇଟି ଶବ୍ଦକୁ ନେଇ ଏଇଟି ତିଆରି ହୋଇଛି । ଏହାର ଆକ୍ଷରିକ ଅର୍ଥ ହେଉଛି - ଯାହାକୁ ଧ୍ୱଂସ କରି ହେବନାହିଁ । ତେଣୁ ଆଜ୍‌ବେଷ୍ଟସ୍‌ର ଅର୍ଥ ହେଉଛି - ଅଦାହ୍ୟ ।

**ଆଜାଦ୍, ଅବୁଲ୍‌କଲାମ୍** (୧୮୮୮-୧୯୫୮) : ମହାତ୍ମା ଗାନ୍ଧୀ ଯେତେବେଳେ ଭାରତରେ ସ୍ୱାଧୀନତା ସଂଗ୍ରାମ ଚଳାଇଲେ ଦେଶର କେତେଜଣ ଅତି ଜଣାଶୁଣା ଲୋକ ତାଙ୍କ ଚାରିପଟେ ଠିଆ ହୋଇଗଲେ । ସେହିମାନେ ଗାନ୍ଧୀଙ୍କୁ ବଳ ଯୋଗାଇଲେ । ଲୋକେ କହିଲେ ଏଇମାନେ ହେଉଛନ୍ତି ମୁକ୍ତି ସଂଗ୍ରାମର ସେନାପତି । ମୌଲାନା ଅବୁଲ୍ କଲାମ୍ ଆଜାଦ ଥିଲେ ସେହିମାନଙ୍କ ଭିତରୁ ଜଣେ । ତାଙ୍କ ବାପା ଭାରତ ଛାଡ଼ି ଆରବ ଦେଶକୁ ଚାଲିଯାଇଥିଲେ; କାରଣ ୧୮୫୭ରେ ଭାରତରେ ଯେଉଁ ଲଢ଼ାଇ ଆମ ସିପାହି ମାନେ କରିଥିଲେ ସେ ଲଢ଼ାଇରେ ସିପାହିମାନେ ହାରିଗଲେ । ଫଇରୁଦିନ୍‌ଙ୍କ ମନ ଏକାବେଳକେ ଭାଙ୍ଗିପଡ଼ିଲା । ସେ ଆରବକୁ ଚାଲିଗଲେ । ସେହିଠାରେ ତାଙ୍କର ବିବାହ ହୋଇଥିଲା । ମୁସଲମାନଙ୍କର ଅତି ପବିତ୍ର ସ୍ଥାନ ମକ୍‌କାରେ ୧୮୮୮ ନଭେମ୍ବର ୧୧ ତାରିଖରେ ଅବୁଲ୍ କଲାମ୍ ଆଜାଦ୍‌ଙ୍କର ଜନ୍ମ । ତାପରେ ତାଙ୍କ ବାପା କଲିକତାକୁ ଚାଲି ଆସିଥିଲେ ।



(ଆଜାଦ୍)

ତାଙ୍କ ବାପା ଆରବୀ ଓ ଫାରସୀ ଭାଷାରେ ଥିଲେ ଜଣେ ପଣ୍ଡିତ । ତାଙ୍କର ଇଚ୍ଛା ନଥିଲା ପୁଅ ଯାଇ କୌଣସି ଇଂରାଜୀ ସ୍କୁଲରେ ପଢୁ । ଘରେ ରହି ସେ ବହୁତ କିଛି ପଢ଼ାପଢ଼ି କଲେ । ମିଶର ଦେଶରେ ଯାଇ କିଛିଦିନ ପଢ଼ିଥିଲେ । ଫାରସୀ ଓ ଆରବୀ ଭାଷାରେ ତାଙ୍କର ଦଖଲ ଦେଖି ମିଶରର ପ୍ରଫେସରମାନେ ବାବା ହୋଇଗଲେ ।

"ଅନେକ ଗୁଡ଼ିଏ କାମ ଆରମ୍ଭ କରିଦେଲେ କୌଣସିଟା ଶେଷ କରିପାରିବ ନାହିଁ ।"

--ପି. ସାଇମନ୍

## ୮୮ ଆଜାଦ୍, ଅବୁଲ କଲାମ୍-ଆଟଲାଣ୍ଟିକ ମହାସାଗର

ସେହି ପଣ୍ଡିତ ଯେତେବେଳେ ସ୍ୱାଧୀନତା ଆନ୍ଦୋଳନରେ ଯୋଗଦେଲେ ସେତେବେଳେ ସମସ୍ତଙ୍କର ଆନନ୍ଦର ସୀମା ରହିଲା ନାହିଁ । ଚମତ୍କାର ଭାଷଣ ଦେବାରେ ସେ ସମସ୍ତଙ୍କୁ ଟପି ଯାଇଥିଲେ । ପାଟଣାରେ ଗଙ୍ଗାକୂଳରେ ସେ ଯେତେବେଳେ ଇଂରେଜମାନଙ୍କ ଅତ୍ୟାଚାର ବିଷୟରେ ଭାଷଣ ଦେଲେ ଶହ ଶହ କଲେଜ ପଢ଼ୁଆ ଯୁବକ ପାଠ ଛାଡ଼ିଦେଇ ଗାନ୍ଧୀ ପତାକା ତଳେ ଆସି ଠିଆ ହୋଇଗଲେ । ସେହି ସଭାରେ ଥିବା ଜଣେ କଲେଜ ପଢ଼ା ଯୁବକ ପରେ ଲେଖିଲେ - "ମୌଲାନା ଆଜାଦ ଯେତେବେଳେ ଭାଷଣ ଦେଉଥିଲେ ସେତେବେଳେ ମନେ ହେଉଥିଲା ଯେପରିକି ଗଙ୍ଗାଜଳ ହୁ ହୁ ହୋଇ ଜଳୁଛି" । ଏହି ନେତା ବହୁବାର କଂଗ୍ରେସର ସଭାପତି ହୋଇଥିଲେ । ଦେଶ ସ୍ୱାଧୀନ ହେବାପରେ ସେ ଶିକ୍ଷା ଦାୟିତ୍ୱରେ ରହିଲେ । ୧୯୫୮ ଫେବୃୟାରୀ ୨୨ ତାରିଖରେ ସେ ଏ ସଂସାରରୁ ବିଦାୟ ନେଇଗଲେ ।

**ଆଜାଦ୍‌ହିନ୍ଦ୍ ଫୌଜ :** ୧୯୩୯ ସେପ୍‌ଟେମ୍ବର ତିନି ତାରିଖ ଦିନ ଇଉରୋପ ମହାଦେଶରେ ଗୋଟାଏ ବଡ଼ ଧରଣର ଯୁଦ୍ଧ ଲାଗିଗଲା । ତାକୁହିଁ କୁହାଯାଏ ଦ୍ୱିତୀୟ ବିଶ୍ୱଯୁଦ୍ଧ । ଭାରତରେ ଥାଏ ବ୍ରିଟିଶ ଶାସନ । ଆମର ସେ ଯୁଦ୍ଧ ସହିତ କିଛି ସଂପର୍କ ନଥାଏ । କିନ୍ତୁ ଇଂରେଜ ସରକାର ଘୋଷଣା କରିଦେଲେ ଭାରତ ଯୁଦ୍ଧରେ ମିଶୁ । ଆମ ନେତାମାନଙ୍କୁ ନ ପଚାରି ଇଂରେଜ ସରକାର ଏଭଳି କରିଦେବାରୁ କଂଗ୍ରେସ ତା'ର ପ୍ରତିବାଦ କଲା । ଏ ଦେଶରୁ ହଜାର ହଜାର ଯୁବକ ଯୁଦ୍ଧଭୂଇଁରେ ମରିବାପାଇଁ ପଠାଇ ଦିଆଗଲା । ଯୁଦ୍ଧ ଖର୍ଚ୍ଚ ତୁଲାଇବା ପାଇଁ କୋଟି କୋଟି ଟଙ୍କାର ଖାଦ୍ୟ ଶସ୍ୟ ଓ ଅନ୍ୟ ପଦାର୍ଥ ଚାଲିଲା ଯୁଦ୍ଧଭୂଇଁକୁ । ଯେଉଁମାନେ ଏହା ବିରୁଦ୍ଧରେ କହିଲେ ସେମାନଙ୍କୁ ଜେଲରେ ଭର୍ତ୍ତି କରିଦିଆଗଲା । ମହାତ୍ମା ଗାନ୍ଧୀ ଅହିଂସା ଲଢ଼ାଇର ଡାକରା ଦେଲେ । କିନ୍ତୁ ସୁଭାଷ ଚନ୍ଦ୍ର ବୋଷ କହିଲେ ଆମେ ଜର୍ମାନୀ, ଜାପାନୀ ସୈନ୍ୟଙ୍କ ସାହାଯ୍ୟରେ ଏ ଦେଶରୁ ଇଂରେଜଙ୍କୁ ହଟାଇବା । ତାଙ୍କୁ ସରକାର ବନ୍ଦୀ କରି କଡ଼ା ପୋଲିସ ପହରା ଭିତରେ ରଖିଲେ । ଏଇଟି ହେଉଛି ୧୯୪୦ ଜୁଲାଇ ଦୁଇ ତାରିଖର ଘଟଣା । ସେ କହିଲେ ମୋତେ ଏଭଳି ଜେଲରେ ରଖିଲେ ମୁଁ ଅନ୍ନ ଜଳ ଛୁଇଁବି ନାହିଁ । ଅନଶନ କରି ମରିବି । ସରକାର ତାଙ୍କୁ ଜେଲରୁ ମୁକ୍ତି ଦେଇ ତାଙ୍କ ନିଜ ଘରେ ବନ୍ଦୀ କରି ରଖିଲେ । ଘରିଆଡ଼େ ବନ୍ଧୁକଧାରୀ ପୋଲିସ ଜଗିଲେ । ସେ କିନ୍ତୁ ୧୯୪୧ ଜାନୁୟାରୀ ୧୯ ତାରିଖ ଦିନ ଅତି ଗୋପନରେ ଘରୁ ବାହାରି ଭାରତ ସୀମା ପାର ହୋଇ ଜର୍ମାନୀକୁ ପଳାଇଗଲେ । ଜର୍ମାନୀରୁ ଗୋଟାଏ ବୁଡ଼ାଜାହାଜରେ ଗୁପ୍ତରେ ଯାଇ ଜାପାନରେ ପହଞ୍ଚି ଗଲେ । ସେ ଇଂରେଜମାନଙ୍କ ବିରୁଦ୍ଧରେ ଲଢ଼ିବାପାଇଁ ଭାରତର ଯେଉଁ ଲୋକମାନଙ୍କୁ ତାଲିମ ଦେଲେ ସେହିମାନଙ୍କୁ ଆଜାଦ୍ ହିନ୍ଦ୍ ଫୌଜର ସୈନ୍ୟ ବୋଲି କୁହାଗଲା । 'ଆଜାଦ' ଶବ୍ଦର ଅର୍ଥ ସ୍ୱାଧୀନ ।

**ଆଟଲାଣ୍ଟିକ ମହାସାଗର :** ପୃଥିବୀ କହିଲେ ଆମେ ବୁଝୁଛୁ ଜଳ, ସ୍ଥଳ, ଆକାଶ । ଉଡ଼ାଜାହାଜରେ ବସି ଆକାଶରେ ଗଲେ ପୃଥିବୀର ଯେ କୌଣସି ସ୍ଥାନରେ ପହଞ୍ଚି ଯାଇହେବ । ଜଳଭାଗରେ ଗୋଟିଏ ସ୍ଥାନରୁ ବାହାରିଲେ ଯେତେ ଦେଶ କୂଳକୁ ସମୁଦ୍ର ଲାଗିଛି, ସେଠାକୁ ଜାହାଜରେ ଚାଲିଯାଇହେବ । କିନ୍ତୁ ସ୍ଥଳଭାଗ ବେଳକୁ ଆହୁରି ଅସୁବିଧା ହେବ । ଜଣେ କଟକରୁ ବାହାରି ସ୍ଥଳଭାଗରେ ଗଲେ ଶ୍ରୀଲଙ୍କାରେ ପହଞ୍ଚି ପାରିବ ନାହିଁ । କାରଣ ମଝିରେ ରହିଛି ସମୁଦ୍ର । ମାନଚିତ୍ରକୁ ଆଖି ଆଗରେ ରଖି ଆମେ ଦେଖୁଛୁ ଭିନ୍ନ ଭିନ୍ନ ଦେଶ ରହିଛନ୍ତି । ମଝିରେ ମଝିରେ ସମୁଦ୍ର ସେଗୁଡ଼ିକୁ ଭାଗ

---

"ମନୁଷ୍ୟକୁ ବିଳାସ ଏଭଳି କୋମଳ କରିଦିଏ ଯେ, ସେ ଶେଷରେ ସେ ବିଳାସର ବୋଝ ସମ୍ଭାଳି ପାରେନାହିଁ ।"

--ମାକେଞ୍ଜି

## ୮୯ ଆଟଲାଣ୍ଟିକ ମହାସାଗର




(ଆଟଲାଣ୍ଟିକ ମହାସାଗର)

ଭାଗ କରିଦେଉଛି । ସବୁ ଦେଶ ଗୋଟିଏ ବୋଲି କହିହେବ ନାହିଁ । କିନ୍ତୁ ସବୁ ସମୁଦ୍ରକୁ ଗୋଟିଏ ବୋଲି କହିଦେବାରେ ଭୁଲ ନାହିଁ । ତା' ହେଲେ ମଧ୍ୟ ଅନେକ କଥା କହିବାକୁ ସୁବିଧା ହେବ ବୋଲି ଜଳଭାଗକୁ ତିନୋଟି ମହାସାଗରରେ ମୋଟାମୋଟି ଭାବରେ ଭାଗ କରି ଦିଆଯାଇଛି । ସେହିସବୁ ମହାସାଗରର ଭିନ୍ନ ଭିନ୍ନ ଅଂଶକୁ ଗୋଟିଏ ଗୋଟିଏ ନାଁ ଦିଆଯାଇଛି । ଏମିତିକି ଭାରତ ମହାସାଗରର ଯେଉଁ ଅଂଶଟା ବଙ୍ଗ ଦେଶକୁ ଲାଗିଛି ତା' ନାଁ ବଙ୍ଗୋପସାଗର ; ଯେଉଁ ଅଂଶଟା ଆରବ ଦେଶକୁ ଲାଗିଛି ତା ନାଁ ଆରବ ସାଗର ।

ତିନି ମହାସାଗରର ନାମ ହେଲା - ପ୍ରଶାନ୍ତ, ଭାରତ ଏବଂ ଆଟଲାଣ୍ଟିକ । ଏଠାରେ ଦିଆଯାଇଥିବା ଚିତ୍ରରୁ ଦେଖିବ ଆଟଲାଣ୍ଟିକ ମହାସାଗର କହିଲେ ଜଳଭାଗର କେଉଁ ଅଂଶକୁ ବୁଝାଉଛି । ପୂର୍ବପଟେ ଇଉରୋପ ମହାଦେଶ ଓ ଆଫ୍ରିକା ମହାଦେଶ, ପଶ୍ଚିମ ପଟେ ଦୁଇ ଆମେରିକା ମହାଦେଶ । ଏଇଟି ଯେ ଏହି ଅବସ୍ଥାରେ ଅଛି, ଏକଥା ୫୦୦ ବର୍ଷ ପୂର୍ବେ ଲୋକେ ଜାଣି ନଥିଲେ । ତା'ର କାରଣ ହେଲା ସେତେବେଳେ ଆମେରିକା ମହାଦେଶର ପରିଚୟ ଅନ୍ୟମାନେ ପାଇ ନଥିଲେ ।

ସମଗ୍ର ପୃଥିବୀର ଉପର ଅଂଶର ପାଞ୍ଚଭାଗରୁ ଭାଗେ ସ୍ଥାନରେ ଏହି ମହାସାଗର ବ୍ୟାପି ରହିଛି । ଇଉରୋପ ଓ ଆଫ୍ରିକା ମହାଦେଶକୁ ଆମେରିକା ମହାଦେଶରୁ ଅଲଗା କରିଦେଇଛି । ପ୍ରଶାନ୍ତ ମହାସାଗରକୁ ଛାଡ଼ିଦେଲେ ଏହା ହେଉଛି ଦ୍ୱିତୀୟ ବୃହତ୍ତମ ମହାସାଗର । କ୍ଷେତ୍ରଫଳ ୪୧୧୦୦୦୦୦ ବର୍ଗମାଇଲ ବା ୧୦୬୪୬୦୦୦୦ ବର୍ଗ କିଲୋମିଟର । ଭାରତ ଠାରୁ ଏହା ତିନିଗୁଣରୁ ଅଧିକ । ବଲ୍‌ଟିକ୍ ଭୂମଧ୍ୟ ସାଗର, କାରିବିଆନ୍ ସାଗର ଓ ମେକ୍ସିକୋ ଉପସାଗର ଗୁଡ଼ିକ ଏହାର ଶାଖା ଭଳି ରହିଛନ୍ତି । ଏହା ବିଷୟରେ ଗୋଟିଏ ନୂଆ କଥା କୁହାଯାଇ ପାରେ । ଅନ୍ୟ ମହାଦେଶ ଗୁଡ଼ିକ ତୁଳନାରେ ଏହା ଭିତରକୁ ସବୁଠାରୁ ବେଶୀ ନଦୀଜଳ ଆସେ । ତା'ର ଦୁଇପଟେ ଥିବା ମହାଦେଶ ଗୁଡ଼ିକ ଏହାରି ଆଡ଼କୁ ଢଳିଲା ଭଳି ରହିଛନ୍ତି । ଫଳରେ ବର୍ଷା ପାଣି ବହୁ ପରିମାଣରେ ଆସି ପଡ଼େ; ପ୍ରଶାନ୍ତ ମହାସାଗରରେ ଯେତେ ପରିମାଣରେ ମିଶୁଛି ତା'ର ତ୍ରିଗୁଣ ଆଟ୍‌ଲାଣ୍ଟିକରେ ମିଶୁଛି । ଭାରତ ମହାସାଗର ବିଷୟରେ ମଧ୍ୟ ସେମିତି କୁହାଯାଇପାରେ । ଏହାର ଉତ୍ତର ଅଂଶରେ ବହୁ ସଂଖ୍ୟକ ଦ୍ୱୀପ ଅଛନ୍ତି । ମହାସାଗର ତଳ ଦେଶରେ

"ବିପଦ ବେଳେ କେବଳ ତୁମ ଦୃଢ଼ ଚିତ୍ତତା ତୁମର ଏକମାତ୍ର ସାହାଯ୍ୟକାରୀ ।"

--ସେକ୍ସପିଅର

## ୯୦ ଆଟଲାଣ୍ଟିକ ମହାସାଗର-ଆଟ୍ଲାସ ପର୍ବତମାଳା

ଗୋଟିଏ ଦୀର୍ଘ ପର୍ବତମାଳା ରହିଛି । ଏକଥା ଅନେକ ଦିନ ପର୍ଯ୍ୟନ୍ତ ଜଣାପଡ଼ି ନଥିଲା । ସମଗ୍ର ପୃଥିବୀରେ ୧୪ଟି ବଡ଼ ବଡ଼ ମାଛଧରା କେନ୍ଦ୍ର ରହିଛି । ସେଥିରୁ ଛ'ଟା ହେଉଛି କେବଳ ଆଟ୍ଲାଣ୍ଟିକ ମହାସାଗରରେ । ଉତ୍ତର ଭାଗରେ କାନାଡ଼ା ନିକଟରେ ଏଭଳି ଗୋଟିଏ ଜାତିର ମାଛ ଅଛନ୍ତି ଯେ ସେମାନଙ୍କ ଦେହ ଖୁବ୍ ନିଦା । ସମୁଦ୍ର ତଳେ ବହୁ ପରିମାଣରେ ଖଣିଜ ଦ୍ରବ୍ୟ ରହିଛି । ଅନ୍ୟ ଦୁଇ ମହାସାଗରରେ ଯେତେସଂଖ୍ୟକ ଜାହାଜ ଚଳାଚଳ କରେ ଆଟଲାଣ୍ଟିକ ମହାସାଗରରେ ତାହା ତୁଳନାରେ ବହୁ ଅଧିକ ଜାହାଜ ଚଳାଚଳ କରେ । କାରଣ ଇଉରୋପ ଓ ଆମେରିକା ଭିତରେ ବେପାର ବଣିଜ ବହୁତ କିଛି ହୁଏ । ନିଜ ନିଜ ଦେଶର ନିରାପଦତା ରକ୍ଷା କରିବା ପାଇଁ ଆଟଲାଣ୍ଟିକ କୂଳରେ ଥିବା ବହୁ ଦେଶ ଅନେକ ଯୁଦ୍ଧ ଜାହାଜ ତିଆରି କରିଛନ୍ତି ।

**ଆଟ୍ଲାସ୍ :** ଗ୍ରୀକ୍ ପୁରାଣର ଏ ହେଉଛନ୍ତି ଜଣେ ଦେବତା । ଏହାଙ୍କୁ ପାତାଳ ଦୁଆର ମୁହଁରେ ନେଇ ଠିଆ କରିଦିଆଗଲା । ତାଙ୍କୁ କୁହାଗଲା ଯେ କାନ୍ଧରେ ଆକାଶ ବା ସ୍ୱର୍ଗକୁ ରଖି ଗୋଟିଏ ସ୍ଥାନରେ ସେମିତି ରହିଥିବେ । ସେହିକାଳୁ ସେ ପୃଥିବୀଟାକୁ ସେମିତି କାନ୍ଧେଇ ରହିଛନ୍ତି ।

**ଆଟ୍ଲାସ୍ :** ଗୁଡ଼ିଏ ମାନଚିତ୍ରକୁ ଏକାଠି କରି ବହି ବାନ୍ଧିଦେଲେ ତାକୁ ଆଟ୍ଲାସ୍ ବୋଲି କୁହାଯାଏ । ୧୫୯୫ରେ ଗୁଡ଼ିଏ ମାନଚିତ୍ରକୁ ଏକାଠି ବାନ୍ଧି ଦିଆ ଯାଇଥିଲା । ତା'ର ପ୍ରଥମ ପୃଷ୍ଠାରେ ଆଟ୍ଲାସ୍ ଦେବତାଙ୍କର ଗୋଟିଏ ଚିତ୍ର ରହିଥିଲା । ସେହିଦିନୁ ମାନଚିତ୍ର ବନ୍ଧା ବହିକୁ ଆଟ୍ଲାସ ବୋଲି କୁହାହେଉଛି । ପ୍ରଥମେ ପ୍ରଥମେ ଗୁଡ଼ିଏ ମାନଚିତ୍ର ରହୁଥିଲା ଆଟ୍ଲାସ୍‌ରେ । ପରେ ଅନୁଭବ କରାଗଲା ଯେ ଗୋଟାଏ ସ୍ଥାନ ଖୋଜି ପାଇବାକୁ ଅସୁବିଧା ହେଉଛି । ତେଣୁ ଜଣାଶୁଣା ସ୍ଥାନମାନଙ୍କର ନାମ ଲେଖି ତା' ଡାହାଣରେ ଅକ୍ଷାଂଶ ଦ୍ରାଘିମା ଦେଇ ଦିଆଗଲା । ଫଳରେ ଠାବ କରିବା ସହଜ ହେଲା । ଏଣିକି ଯେଉଁ ସବୁ ବଡ଼ ବଡ଼ ଆଟ୍ଲାସ୍ ବାହାରୁଛି ସେଥିରେ ଅନ୍ୟାନ୍ୟ ବହୁତ କଥା ଦିଆଯାଉଛି । ମହାକାଶରେ ପୃଥିବୀର ସ୍ଥାନ, ଆକାଶରେ ଗ୍ରହ ନକ୍ଷତ୍ରଙ୍କ ସ୍ଥାନ, ଚନ୍ଦ୍ରର ମାନଚିତ୍ର, ପୃଥିବୀର ଗଠନ, ଭୂଇଁ ତଳେ କି କି ଖଣିଜ ସଂପଦ ରହିଛି, ପୃଥିବୀରେ ଜୀବଜନ୍ତୁ କେଉଁ ଯୁଗରେ ପ୍ରଥମେ ଦେଖାଦେଇଥିଲେ, ମହାସାଗର ଗୁଡ଼ିକର ପରିଚୟ, ଜଳବାୟୁ ସଂପର୍କରେ ତଥ୍ୟ, କୃଷି କିଭଳି ଭାବରେ କେଉଁଠି କି ଅବସ୍ଥାରେ ଅଛି, ପକ୍ଷୀଗୁଡ଼ିକ କିଭଳି ହଜାର ହଜାର କି.ମି. ଦୂରକୁ ଉଡ଼ିଯାଉଛନ୍ତି ଓ ନିଜ ସ୍ଥାନକୁ ଫେରି ଆସୁଛନ୍ତି, ଗ୍ରିଆଡ଼େ କିକି ପ୍ରକାରର ଜୀବଜନ୍ତୁ ଅଛନ୍ତି, ମନୁଷ୍ୟ କେମିତି ପ୍ରଥମେ ପୃଥିବୀରେ ପାଦ ଦେଲା, ପରେ କେମିତି ସଭ୍ୟତା ପଥରେ ଆଗେଇଗଲା, କେଉଁ ଦେଶରେ କି କି ଧର୍ମ ଅଛି, ପୃଥିବୀର ସବୁ ଅଂଶର ପରିଚୟ ପାଇବା ପାଇଁ କିଭଳି ଉଦ୍ୟମ ହୋଇଥିଲା, ଲୋକସଂଖ୍ୟା କେମିତି ବଢୁଛି, କେଉଁ ଅଞ୍ଚଳର ଲୋକଙ୍କର ସ୍ୱାର୍ଥ କିଭଳି ଇତ୍ୟାଦି କଥା ମାନଚିତ୍ରରେ ରହିଛି ।

**ଆଟ୍ଲାସ :** ଗ୍ରୀବା ବା ବେକ ଉପରେ ମୁଣ୍ଡଟି ରହିଛି । ଆମର ଯେଉଁ ମେରୁଦଣ୍ଡ ଅଛି, ତାହାର ଉପର ଅଂଶର ପ୍ରଥମ ହାଡ଼ଟିକୁ ଆଟ୍ଲାସ ବୋଲି କୁହାଯାଏ । ତାହାରି ଉପରେ ଖପୁରୀ ଆଶ୍ରା କରି ରହିଛି । ମୁଣ୍ଡ ରୂପକ ଗ୍ଲୋବ୍‌କୁ ଏହି ହାଡ଼ ଖଣ୍ଡିକ ଆଶ୍ରା ଦେଇଥିବାରୁ ତାହାକୁ ଏପରି ନାମ ଦିଆଯାଇଛି - ଗ୍ରୀକ୍ ପୁରାଣର ସେହି ଆଟ୍ଲାସ୍‌ଙ୍କ ନାମରେ ।

**ଆଟ୍ଲାସ ପର୍ବତମାଳା :** ଆଫ୍ରିକା ମହାଦେଶର ଉତ୍ତର ପଶ୍ଚିମ ଅଂଶରେ ଏହି ପର୍ବତଟି ଏମିତି ଭାବରେ ରହିଛି ଯେ ସମୁଦ୍ର କୂଳ ସହିତ

---

"ଖୁବ୍ ଅଳ୍ପ ଶବ୍ଦ ବ୍ୟବହାର କରିଲେ ଭଗବତ୍ ପ୍ରାର୍ଥନା ସର୍ବୋତ୍କୃଷ୍ଟ ହୁଏ ।"

--ଲୁଥର

ଯେମିତିକି ତାଳ ମିଳାଇ ଘୁରିଛି । ତା'ର ଲମ୍ବ ୧୫୦୦ ମାଇଲ ବା ୨୪୦୦ କିଲୋମିଟର । ଉତ୍ତର ଦିଗରେ ଭୂମଧ୍ୟସାଗର । ଦକ୍ଷିଣ ପଟେ ସାହାରା ମରୁଭୂମି । ଇଉରୋପୀୟମାନେ କହିଲେ ଏହି ପର୍ବତରେ ଆଟ୍‌ଲାସ ଦେବତା ରହୁଥିଲେ, ତେଣୁ ତାଙ୍କରି ନାମରେ ପର୍ବତର ନାମ ରହିବ । ଆଫ୍ରିକା ଲୋକେ କିନ୍ତୁ ଏକଥାକୁ ସ୍ୱୀକାର କରୁନାହାନ୍ତି ।

**ଆଠଗଡ଼ :** କଟକ ଜିଲାର ଏହି ସବ୍‌ଡିଭିଜନଟି ମହାନଦୀ କୂଳରେ ରହିଛି । ମହାନଦୀ ଗର୍ଭରେ ଧବଳେଶ୍ୱର ମହାଦେବଙ୍କ ଆସ୍ଥାନ । ଏଇଟି ଓଡ଼ିଶାର ଗୋଟିଏ ତୀର୍ଥ ସ୍ଥାନ ।

ସବ୍‌ଡିଭିଜନର ଲୋକସଂଖ୍ୟା ପ୍ରାୟ ୪ଲକ୍ଷ ୧୬ ହଜାର ଓ ଆୟତନ ୮୮୦ ବର୍ଗକିଲୋମିଟର ।

**ଆଠମଲ୍ଲିକ :** ଢେଙ୍କାନାଳ ଜିଲାର ଏହି ସବ୍‌ଡିଭିଜନର ଦକ୍ଷିଣ ଦିଗରେ ମହନଦୀ ବହିଯାଉଛି । ଆଠମଲ୍ଲିକର ପଞ୍ଚଧାର ପର୍ବତ ଅଞ୍ଚଳର ଦୃଶ୍ୟ ଚମତ୍କାର । ଲୋକସଂଖ୍ୟା ୧ ଲକ୍ଷ ୭୭ ହଜାର ଓ ଆୟତନ ପ୍ରାୟ ୧୬୬୮ ବର୍ଗକିଲୋମିଟର ।

**ଆଡ୍‌ଭାର୍କ :** ଏହି ପୃଥିବୀରେ ଯେତେଯେତେ ଜୀବ ବୁଲୁଛନ୍ତି ସେମାନଙ୍କୁ ଜୀବ-ବିଜ୍ଞାନୀମାନେ ଗୋଟିଏ ଗୋଟିଏ ଶ୍ରେଣୀରେ ଭାଗ କରିଦେଇଛନ୍ତି । ଗୋଟିଏ



(ଆଡ୍‌ଭାର୍କ)

ଜୀବ କଥା ପଢ଼ିଲେ ସେମାନେ କହିଦେବେ ଏଇଟିକୁ ଏହି ଶ୍ରେଣୀରେ ରଖାଯାଇଛି । କାରଣ ତା'ର ଏଇ ଏଇ ଲକ୍ଷଣ ଅଛି । ସେହିଭଳି ଲକ୍ଷଣ ଥିବା ଆଉ କେତେକ ଜୀବମାନଙ୍କ ନାଁ ମଧ୍ୟ ସେ କହିଦେବେ । କିନ୍ତୁ ଆଫ୍ରିକା ମହାଦେଶର ଜଙ୍ଗଲରେ ଏଭଳି ଗୋଟିଏ ଜୀବ ଅଛି ଯେ ତା' ସାଙ୍ଗର ଅର୍ଥାତ୍ ତା' ଶ୍ରେଣୀର ଅନ୍ୟ କୌଣସି ଜୀବ ଏ ପୃଥିବୀରେ କେଉଁଠି ହେଲେ ନାହାନ୍ତି । ସେଇଥିପାଇଁ ସେଇଟିକୁ ବିଜ୍ଞାନୀମାନେ ଦେଖିଲେ କେତେ କଅଣ ବିଗୁଡ଼ି ଯାଉଛନ୍ତି । ତାଆରି ନାଁ ଆଡ୍‌ଭାର୍କ । ପିଠିଟା କୁଜା, କାନ ଦୁଇଟା ଠେକୁଆ କାନଭଳି, ମୁହଁଟା ଗୋଜିଆ ହୋଇ ବାହାରି ଆସିଛି । ପିମ୍ପୁଡ଼ି ଓ ଉଈ ହେଉଛନ୍ତି ଏହାର ଖାଦ୍ୟ । ଆଗଗୋଡ଼ ଦୁଇଟା ଖୁବ୍ ମଜବୁତ୍, ସେଥିରେ ସେ ମାଟି ଖୋଳି ପକାଏ । ଗୋଟାଏ ଲମ୍ବ ଜିଭ ରହିଛି, ସେଇଟିକୁ ସେ ବଢ଼ାଇ ପିମ୍ପୁଡ଼ି ବା ଉଈ ଖାଇଯାଏ । ଏଇ ଜିଭଟା ସେ କାଢ଼ିଲା ବେଳେ ଖୁବ୍ ଅସୁନ୍ଦର ଦେଖାଯାଏ; ସତେ ଯେପରିକି ସେ କହି ଦେଉଥାଏ ମୋ ସମକକ୍ଷ ହେଲାଭଳି କେହି କେଉଁଠି ହେଲେ ନାହିଁ । ଏଇଟି ସ୍ତନ୍ୟପାୟୀ - ଛୁଆ ମାଆଠାରୁ କ୍ଷୀର ଖାଏ ।

**ଆଡାକ୍ସ :** ଆଫ୍ରିକା ମହାଦେଶର ଏହି ହରିଣର ଶିଙ୍ଗ ଭାରି ସୁନ୍ଦର । ଅଣ୍ଡିରା, ମାଈ ଉଭୟଙ୍କର



(ଆଡାକ୍ସ)

"ଯଦି ମହତ୍ କାର୍ଯ୍ୟରେ ଲାଗିରହିଛ, ବ୍ୟର୍ଥତାରେ ମଧ୍ୟ ଗୌରବ ଅଛି ।"

--ଲଙ୍ଗିନ୍‌ସ୍



(ମଣିଷ ଆଣ୍ଠୁ)

ଶିଙ୍ଗ ଅଛି । ଦେହର ରଙ୍ଗ ଗୋଟାଏ ନୂଆ ପ୍ରକାରର । ଆଖି ତଳର ରଙ୍ଗଟି ଏମିତି ଯେ ମନେହେବ ଗୋଟାଏ ତଉଲିଆକୁ ସେଠି ଓଦାକରି କିଏ ବାନ୍ଧି ଦେଇଛି ।

**ଆଣ୍ଠୁ** : ଦେହର ଯେଉଁଠି ଖଣ୍ଡେ ହାଡ଼ ସହିତ ଆଉ ଖଣ୍ଡେ ହାଡ଼ ଯୋଡ଼ି ଦିଆଯାଇଛି ସେଠାରେ ଗୋଟିଏ ଗିଣ୍ଠି ତଆିର ହୋଇଯାଇଛି । ମଣିଷ ଦେହର ଗୋଟାଏ



(ଛିଡ଼ାହେବା ଓ ବସିବା ଅବସ୍ଥାରେ ଆଣ୍ଠୁ)

ଗଣ୍ଠି ଆଣ୍ଠୁକୁ ଯେତେବେଳେ ତିଆରି କରାଗଲା, ସେତେବେଳେ ବହୁତ କିଛି ବୁଦ୍ଧି ଖର୍ଚ୍ଚ କରାଗଲା । ସେମିତି କରିବାର ଗୋଟାଏ କାରଣ ଅଛି । ମଣିଷ

"ବିରୁଡ଼ି ବସାକୁ ଟେକା ମାରିବା ଓ କ୍ରୋଧର ବଶବର୍ତ୍ତୀ ହେବା - ଏହି ଦୁଇଟି ଏକ ପ୍ରକାରର କାର୍ଯ୍ୟ ।"

--ମାଲୟର ଲୋକବଚନ

ଦିନେ ଥିଲା ଚାରିଗୋଡ଼ିଆ । ପରେ ପ୍ରକୃତି ତା'ର ଆଗ ଦୁଇ ଗୋଡ଼କୁ ହାତ କରିଦେଲା ଓ ତାକୁ ଦି'ଗୋଡ଼ିଆ କରି ସିଧା ଠିଆ କରାଇ ଦେଲା । ଯେତେବେଳେ ଏମିତି କଲା ସେତେବେଳେ ଗୋଡ଼ ଉପରେ ଦେହଟାର ବୋଝକୁ ସମ୍ଭାଳିବା ଦାୟିତ୍ୱ ପଡ଼ିଗଲା । ଦେହଟାର ବାଲାନ୍ସ ସେହି ରଖୁଛି । ତାହାରି ଉପରେ ଟଳଟଳିଆ ଶରୀରଟି ରହିଛି । ତେଣୁ ତାକୁ ଦେହର ସବୁ ଗଣ୍ଠି ଠାରୁ ମଜବୁତ୍ କରାଯାଇଛି । ତାକୁ ରକ୍ଷା କରିବା ପାଇଁ କେମିତି ଗୋଟାଏ ହାଡ଼ଟୋପି ତା' ଆଗରେ ଖଞ୍ଜାଯାଇଛି ନିଜ ଆଣ୍ଠୁରେ ହାତ ମାରିଲେ ଜାଣିପାରିବ । କଥାରେ କୁହାଯାଏ, ମଣିଷର ପଛଗୋଡ଼ ସବୁଦିନେ ପ୍ରକୃତିକୁ କହୁଛି - ଆଗ ଗୋଡ଼କୁ ହାତ କରିଦେଲ, ସେଇଟି ମହାମଉଜରେ କାନ୍ଧରେ ଝୁଲୁଛି । ମତେ କିନ୍ତୁ ଏମିତି କରିଦେଲ ଯେ ସବୁ ବୋଝ ଆସି ମୋ ଉପରେ ।

**ଆଣ୍ଡାମାନ ଦ୍ୱୀପପୁଞ୍ଜ** : ଯାହାକୁ କୁହନ୍ତି "ସ୍ଥାନ ଗୁଣେହିଁ ସୁବିଧା" - ସେମିତିକା କଥାଟିଏ ହୋଇଛି ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜରେ । ବଙ୍ଗୋପସାଗରରେ ଏହା କେଉଁଠି ରହିଛି ଦେଖିଦେଲେ ବୁଝି ହୋଇଯିବ । ଏହା ବିଷୟରେ କାହିଁକି ଏତେ ଆଲୋଚନା ହେଉଛି । ଭାରତ, ବଙ୍ଗଳା ଦେଶ, ବ୍ରହ୍ମଦେଶଙ୍କର ଦୃଷ୍ଟି ଏହା ଉପରେ ବରାବର ଅଛି । କାରଣ ଯଦି କେତେବେଳେ ଭାରତ ମହାସାଗରରେ ଯୁଦ୍ଧ ହୋଇଯିବ ଏଇଟି ଗୋଟିଏ ବଡ଼ ଘାଟୀ ହୋଇଯିବ । ଆଣ୍ଡାମାନରେ ଅଛି ୨୦୪ ଗୋଟି ଛୋଟ ବଡ଼ ଦ୍ୱୀପ ଓ ନିକୋବରରେ ୧୯ଟି ।

ଏଠା ଲୋକେ ଖୁବ୍ ସାହସୀ ଥିଲେ । ବିଦେଶୀମାନେ ସେଠାକୁ ଯେତେବେଳେ ଗଲେ ସେମାନେ ପ୍ରବଳ ବାଧାଦେଲେ । କିନ୍ତୁ ଶେଷରେ ଏହି ଅଞ୍ଚଳକୁ ଇଂରେଜମାନେ ଦଖଲ କରି ରହିଲେ । ଭାରତ ସ୍ୱାଧୀନ ହେଲାପରେ ଏହା ଭାରତର ଗୋଟିଏ ଅଂଶ ହୋଇ ରହିଛି ।

ଦୁଇଟି କାରଣରୁ ଭାରତର ଲୋକେ ଅନେକ ସମୟରେ ଆଣ୍ଡାମାନ କଥା ପକାନ୍ତି । ଏ ଦେଶ ପରାଧୀନ ହେଲାପରେ ୧୮୫୭ରେ ଭାରତର ଲୋକେ ଇଂରେଜ ମାନଙ୍କ ବିରୁଦ୍ଧରେ ବିପ୍ଳବ କଲେ ।




(ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ)

ଇଂରେଜମାନେ ରକ୍ତମୁହାଁ ହୋଇ ହଜାର ହଜାର ସିପାହୀ ଓ ଅନ୍ୟ ଲୋକଙ୍କୁ ମାରିଦେଲେ । ଯେଉଁମାନେ ଯୁଦ୍ଧ କରୁଥିଲେ ଓ ମରିନଥିଲେ ସେମାନଙ୍କୁ ଭାରତରେ ଆଉ ରଖିବା ନିରାପଦ ହେବନାହିଁ ବୋଲି ଭାବି ଏହି ଆଣ୍ଡାମାନ ଦ୍ୱୀପକୁ ନେଇଗଲେ । ସେତେବେଳେ କୁହାଯାଉଥିଲା ଯେ ସେମାନଙ୍କୁ କଳାପାଣି ପାର କରି ଦିଆଯାଉଥିଲା ।

"ଯେଉଁମାନେ ଯୁକ୍ତି କରି ଜାଣନ୍ତି ନାହିଁ ସେହିମାନେ କଥାବାର୍ତ୍ତା ବେଳେ କଳି କରନ୍ତି ।"

--ଚେଷ୍ଟରଟନ୍

ଯେଉଁମାନଙ୍କୁ ନେଇଥିଲେ ସେହିମାନଙ୍କୁ କାମରେ ଲଗାଇ ଗୋଟିଏ ବଡ଼ ଜେଲ୍ ପାଚେରୀ ତିଆରି କରିଦେଲେ ଓ ତାହାରି ଭିତରେ କେତେ ହଜାର ଲୋକଙ୍କୁ ରଖିଦେଲେ । ଭାରତରେ ଯେଉଁମାନେ ମଣିଷ ମାରିଛନ୍ତି ବୋଲି ଦଣ୍ଡ ପାଉଥିଲେ ସେମାନଙ୍କୁ ନେଇ ସେଠାରେ ରଖିଲେ । ପରେ ଭାରତର ବହୁ ଦେଶ-ଭକ୍ତଙ୍କୁ ରାଜଦ୍ରୋହ କରିଛନ୍ତି ବୋଲି କହି ଆଣ୍ଡାମାନ ଜେଲ୍‌ରେ ବର୍ଷ ବର୍ଷ ଧରି ବନ୍ଦୀ କରି ରଖାଗଲା । ୧୮୭୨ରେ ଭାରତର ଭାଇସ୍‌ରାୟ ଲର୍ଡ ମେୟୋ ସେଠାକୁ ଯାଇଥିଲେ । ଜଣେ ବନ୍ଦୀ ସେହିଠାରେ ତାଙ୍କୁ ହତ୍ୟା କରିଦେଲା । ଇଂରେଜମାନେ ଭାରତରେ ଯେଉଁ ଅତ୍ୟାଚାର କରିଥିଲେ ତାହାର ପ୍ରତିଶୋଧ ନେବାପାଇଁ ସେ ଏହା କଲେ ।

ଏହିସବୁ ଦ୍ୱୀପର ମୋଟ ଏରିଆ ହେଉଛି ୮୩୨୭ ବର୍ଗକିଲୋମିଟର ବା ୩୨୧୫ ବର୍ଗମାଇଲ । ଲୋକସଂଖ୍ୟା ୨,୭୮,୦୦୦ । ପୋର୍ଟବ୍ଲେୟାର ହେଉଛି ଆଣ୍ଡାମାନର ଶାସନ କେନ୍ଦ୍ର ।

**ଆଣ୍ଡିଜ ପର୍ବତମାଳା :** ପୃଥିବୀର ସବୁଠାରୁ ଲମ୍ବ ଏହି ପର୍ବତମାଳା ଦକ୍ଷିଣ ଆମେରିକାର ପଶ୍ଚିମ ଅଂଶରେ ରହିଛି । ହିମାଳୟ ପର୍ବତମାଳାର ଲମ୍ବ ୧୫୦୦ ମାଇଲ ବା ୨୪୦୦ କିଲୋମିଟର ହୋଇଥିବା ସ୍ଥଳେ, ଆଣ୍ଡିଜ୍ ପର୍ବତମାଳା ୪୦୦୦ ମାଇଲ ବା ୬୪୦୦ କିଲୋମିଟର ଲମ୍ବ । ବହୁ ବଡ଼ ବଡ଼ ନଦୀ ଏହି ପର୍ବତରୁ ବାହାରି ପୂର୍ବ ଆଡ଼କୁ ଯାଇଛନ୍ତି । ଭାରତର ଲୋକେ କୁହନ୍ତି ପୃଥିବୀର ସବୁ ସୁନ୍ଦର ସୁନ୍ଦର ଦୃଶ୍ୟ ହିମାଳୟ ଦେହରେ ଠୁଳ ହୋଇଛି । ସେମିତି ଦକ୍ଷିଣ ଆମେରିକାର ଲୋକେ କୁହନ୍ତି ଆଣ୍ଡିଜ ହେଉଛି ପୃଥିବୀର ସୌନ୍ଦର୍ଯ୍ୟର ଲୀଳାଭୂମି ।

**ଆଣ୍ଡ୍ରୁଜ୍** (୧୮୭୨-୧୯୪୨) **:** ବହୁଲୋକ ନିଜ ଦେଶରର ସେବା କରି ଧନ୍ୟ ହୋଇଛନ୍ତି । ସେମାନେ ନିଜ ଦେଶର ଲୋକଙ୍କ ପାଖରେ ଏତେ ପ୍ରିୟ ହୋଇଯା'ନ୍ତି ଯେ ଯେତେକାଳ ପର୍ଯ୍ୟନ୍ତ ସେ ଦେଶ ଥିବ ସେ ଜାତି ଥିବ ସେମାନଙ୍କ ନାମ ଅମର ହୋଇଥିବ । କିନ୍ତୁ ଏଭଳି ଖୁବ୍ କମ୍ ଲୋକ ଅଛନ୍ତି ଯେଉଁମାନେକି ଅନ୍ୟଦେଶର ମଙ୍ଗଳ ପାଇଁ କାମକରି ଯାଇଛନ୍ତି ଓ ନିଜକୁ ସେହି ଦେଶର ଜଣେ ବୋଲି ଭାବି ନେଇଛନ୍ତି । ଏଣୁ ସେ ଜଣେ ବିଦେଶୀ, ଏକଥା କେହିହେଲେ କହିବାକୁ ସାହସ କରେନାହିଁ ।

ଚାର୍ଲସ୍ ଫ୍ରିଆର ଆଣ୍ଡ୍ରୁଜ ଥିଲେ ସେହି ଶ୍ରେଣୀର ଜଣେ ଇଂରେଜ । ବ୍ରିଟୀଶ ଜାତି ଭାରତକୁ ଶୋଷଣ କରୁଥିଲା ବେଳେ ଓ ଲୋକଙ୍କ ଉପରେ ଅତ୍ୟାଚାର କରୁଥିଲା ବେଳେ ଜଣେ ଇଂରେଜ ଆଣ୍ଡ୍ରୁଜ୍ ଭାରତୀୟ ମାନଙ୍କ ସପକ୍ଷରେ ବରାବର କହି ଆସୁଥିଲେ । ଗାନ୍ଧୀ ଓ ରବୀନ୍ଦ୍ରନାଥ ତାଙ୍କୁ 'ଦୀନବନ୍ଧୁ' ନାମ ଦେଇଥିଲେ । ସେ ଦୀର୍ଘ ତ୍ରିଶବର୍ଷ କାଳ ଭାରତରେ ରହି ସେବା କାର୍ଯ୍ୟ କରିଥିଲେ । ଦକ୍ଷିଣ ଆଫ୍ରିକା ଓ ଫିଜୀ ଦ୍ୱୀପରେ ଭାରତୀୟମାନେ ଅସୁବିଧାରେ ପଡ଼ିଥିଲାବେଳେ ଆଣ୍ଡ୍ରୁଜ ସେଠାକୁ ମଧ୍ୟ ଯାଇଥିଲେ । ଓଡ଼ିଶାକୁ ସେ ବହୁବାର ଆସିଛନ୍ତି ।

**ଆନନ୍ଦପୁର :** କେନ୍ଦୁଝର ଜିଲାର ଏକ ସବ୍‌ଡିଭିଜନ । ଏହାର ସଦର ମହକୁମା ମଧ୍ୟ ଆନନ୍ଦପୁର । ଏହି ସହରଟି ବୈତରଣୀ ନଦୀ କୂଳରେ ରହିଛି । ଏହା ଗୋଟିଏ ବାଣିଜ୍ୟ କେନ୍ଦ୍ର । ଲୋକସଂଖ୍ୟା ୩ ଲକ୍ଷ ୪୧ ହଜାର ଓ ଆୟତନ ପ୍ରାୟ ୯୭୧ ବର୍ଗକିଲୋମିଟର ।

**ଆନହିଙ୍ଗା :** ଏହି ପକ୍ଷୀଟିର ବେକ ଏମିତି ଭାବରେ ତିଆରି ହୋଇଛି ଓ ଅଷ୍ଟଟି ଏମିତି ଖଞ୍ଜାଯାଇଛି

"ନିଜର ଖ୍ୟାତିକୁ ନିଜେଯଦି ନଷ୍ଟ ନ କରି ଦେବ, ଅନ୍ୟ କେହିହେଲେ ତାକୁ ନଷ୍ଟ କରିପାରିବ ନାହିଁ ।"

--ମଙ୍କ୍

ଯେ ମନେହେବ ସତେ ଯେପରିକି ସେଇଟି ସାପ ଭଳି ଫଣାଟେକି କାହାକୁ ମାରିଦେବ ବୋଲି ବାହାରିଛି । ସେଇଥିପାଇଁ ଏହାକୁ 'ସାପ ଚଢେଇ' ବୋଲି ମଧ୍ୟ କୁହନ୍ତି । ପହଁରିଲାବେଳେ ଯେମିତିକି ସମସ୍ତ ଦେହଟାରେ ପହଁରୁଛି । ମୁଣ୍ଡଟି କେବଳ ଉପରକୁ ଅଛି । ଶିକାର ପାଇଁ ଭିତରକୁ ଜୋରରେ ବୁଡ଼ିଯାଉଛି । ମୁନିଆ ଅଣ୍ଟରେ ମାଛ ଶିକାର କରିବା ସହଜ । ଗୋଡ଼ ଗୁଡ଼ାକ ଠିକ୍ ହଂସପାଦ ଭଳି । ଆମେରିକା ମହାଦେଶରେ ଦେଖିବାକୁ ମିଳନ୍ତି ।

**ଆନାକୋଣ୍ଡା ସାପ :** ଦକ୍ଷିଣ ଆମେରିକା ମହାଦେଶରେ ଅଜଗର ଜାତିର ଏହି ସାପ ଅଛନ୍ତି । ବିଷ ନାହିଁ ସତ, କିନ୍ତୁ ଶିକାର ଦେହରେ ଗୁଡ଼ାଇ ହୋଇଯାଇ ଏଭଳି ଭିଡ଼ିଦିଏ ଯେ ତା'ର ହାଡ଼ସବୁ ଭାଙ୍ଗିଯାଏ । ସେ ତା'କୁ ଗିଳିଦିଏ । ଏହାର ଲମ୍ବ ୧୦



(ଆନାକୋଣ୍ଡା ସାପ)

ମିଟର ପର୍ଯ୍ୟନ୍ତ ହୋଇଥାଏ । ଏଇଟି ହେଉଛି ପୃଥିବୀର ସବୁଠାରୁ ଓଜନିଆ ସାପ । ପାଣି ଭିତରେ ରହେ । ନଦୀ ବା ପାଣି ପାଟରେ ସମୁଦାୟ ଦେହଟିକୁ ବୁଡ଼ାଇ ରଖି ମୁଣ୍ଡଟିକୁ ପଦାକୁ କାଢ଼ିଥାଏ । ବଡ଼ ବଡ଼ ହଂସ ପହଁରିଲା ବେଳେ ସହଜରେ ଧରିନିଏ । ଗୋଟାଏ ଗୋଟାଏ କୁମ୍ଭୀରର ଦେହରେ ଗୁଡ଼ାଇ ହୋଇଯାଇ ଶେଷରେ ତା'କୁ ଗିଳିଦିଏ । ସାପଟିର ଚିତାବାଘ ଭଳି ରଙ୍ଗ ।

**ଆନୋଆ :** ଏହାର ଚେହେରାଟା ଏମିତି ଯେ ଏହାକୁ କୁଜା ମଇଁଷି ବୋଲି କୁହାଯାଇଥାଏ । ମାଂସପେଶୀ ଗୁଡ଼ିକ ଖୁବ୍ ମଜବୁତ । ଗୋଟିଏ ଗାଈର ବାଛୁରୀ ଯେତିକି ଏହା ପ୍ରାୟ ସେତିକି । ଏହାର ଶିଙ୍ଗ



(ଆନୋଆ)

ଯୋଗୁ ମନୁଷ୍ୟ ଓ ଅନ୍ୟ ଜୀବଙ୍କ ପାଇଁ ବିପଦ ହୋଇ ରହିଛି । ଟିକିଏ ଛୁରୁଡ଼ିଗଲେ ବା ଡରିଗଲେ ଆକ୍ରମଣ କରେ ।

**ଆମଦାନୀ-ରପ୍ତାନୀ :** ଯେତେଯାହା କଲେ ମଧ୍ୟ ମନୁଷ୍ୟର ଯାହାସବୁ ଲୋଡ଼ା, ନିଜ ଦେଶରେ ତିଆରି ହୋଇ ପାରେ ନାହିଁ । ଦେଶର ସମସ୍ତଙ୍କ ପାଇଁ ଯେତକ ଖାଦ୍ୟ ଲୋଡ଼ା ସବୁତକ ହୁଏତ ବର୍ଷେ ବର୍ଷେ ଦେଶ ଭିତରେ ମିଳିବ ନାହିଁ । ତେଣୁ ଅନ୍ୟ ଦେଶରୁ ଆଣିବାକୁ ପଡ଼େ । ତାକୁହିଁ ଆମଦାନୀ ବୋଲି କୁହାଯାଏ । ସେମିତି ଗୋଟାଏ ଦେଶରେ ଯେତକ ବଳକା ଜିନିଷ ରହୁଛି, ତାକୁ ଅନ୍ୟ ଦେଶକୁ ବିକିବାକୁ ପଡ଼ିବ । ସେହି କାମଟାକୁ ରପ୍ତାନି ବୋଲି କୁହାଯାଏ । ଭାରତରେ ବଳକା ଝୋଟ ରହିଛି । ସେତକ ସେ ରପ୍ତାନୀ କରିବ ଆରବ ଦେଶକୁ । ଆରବ ଦେଶରୁ ଆମଦାନୀ କରିବ ପେଟ୍ରୋଲ । ସବୁ ଦେଶ ଚେଷ୍ଟା କରନ୍ତି ଯେତିକି ଟଙ୍କାର ଜିନିଷ ଆମଦାନୀ କରିଛନ୍ତି

"ଯେଉଁ କାର୍ଯ୍ୟ ଫଳରେ ଅନ୍ୟର କଷ୍ଟ ହେବ, ସେ କାର୍ଯ୍ୟ ମୋତେ ଆନନ୍ଦ ଦେଲେ ମଧ୍ୟ ମୁଁ ତା କରିବି ନାହିଁ ।"

--ଅମ୍‌ସନ୍

ସେତିକି ଟଙ୍କାର ଜିନିଷ ରପ୍ତାନି କରିବା ପାଇଁ । ତାହାହେଲେ ଦେଶର ଧନସମ୍ପତ୍ତିର ଗୋଟାଏ ସମତୁଲ ଅବସ୍ଥା ରହିବ । ଧାରୁଆ ହେବାକୁ ପଡ଼ିବ ନାହିଁ । ଯେଉଁ ଦେଶରେ ଏହିଭଳି ସମତୁଲ ଅବସ୍ଥା ଅଛି ସେ ଦେଶରେ ଅନେକ କିଛି ସୁବିଧା ହୁଏ । ବେଶୀ ଟଙ୍କାର ଜିନିଷ ଆମଦାନୀ କରିଲେ ସେତକ ଦେଶ ଉପରେ ବୋଝ ଭଳି ରହିଲା । ସେଥିପାଇଁ ଯେତେବେଳେ ଦୁଇ ଦେଶ ଭିତିରେ କିଣା ବିକା କଥା ପଡ଼େ, ସେତେବେଳେ ହିସାବ କରିବାକୁ ହୁଏ କି କି ଜିନିଷ ରପ୍ତାନି କଲେ ଆମଦାନୀ ଜିନିଷର ଟଙ୍କା ଭରଣା ହେବ । ଆମଦାନୀ ରପ୍ତାନି ଉପରେ ସରକାର ଶୁଳ୍କ ବସାନ୍ତି । ସେଥିରୁ ସରକାରଙ୍କର ଆୟ ବଢ଼େ ।

**ଆତ୍ମଜୀବନୀ :** ଯେଉଁମାନେ କିଛି ଗୋଟାଏ ସୁନାମ କରନ୍ତି, ଅନ୍ୟମାନଙ୍କ ଦୃଷ୍ଟି ସେମାନଙ୍କ ଉପରେ ପଡ଼େ । ତେଣିକି ଲୋକେ ଗ୍ରହାଁନ୍ତି ଜାଣିବାପାଇଁ ସେ କେଉଁଠାର ଲୋକ, କ'ଣ ଶିଖିଛନ୍ତି; ଯାହାସବୁ କରିଗଲେଣି ବା କରୁଛନ୍ତି ସେସବୁ କେମିତି ସମ୍ଭବ ହେଲା ଇତ୍ୟାଦି ଇତ୍ୟାଦି । କେହି ଜଣେ ସେମାନଙ୍କ ଭିତରୁ କାହାରି କାହାରି ଜୀବନୀ ଲେଖିଦିଅନ୍ତି । ତାକୁ ପଢ଼ିଲେ ଅନ୍ୟମାନଙ୍କର ଲାଭ ହୁଏ । ଦୂରରୁ ଦେଖି, ଜାଣି, ଖବର ସଂଗ୍ରହ କରି ଲେଖକମାନେ ଜୀବନୀ ଲେଖନ୍ତି । ତାଙ୍କ ପକ୍ଷରେ କିନ୍ତୁ ଜଣକର ଜୀବନର ସବୁ ଘଟଣା ଜାଣିବା ସହଜ ହୁଏନାହିଁ । ତେଣୁ ସେହି ବଡ଼ ଲୋକମାନଙ୍କୁ କୁହାଯାଏ, ଆପଣ ନିଜ ବିଷୟରେ ଯାହା ଜାଣନ୍ତି ସବୁ ଲେଖି ଦିଅନ୍ତୁ, ତାହାହେଲେ ଆପଣଙ୍କ ବିଷୟରେ ବହୁତ ନୂଆ କଥା ଜାଣିହେବ । ଏହି ଧରଣର ବହିକୁ ଆମେ ଆତ୍ମଜୀବନୀ ବୋଲି କହୁ । ସମସ୍ତଙ୍କର କିଛି ଦୋଷ ନା ଗୁଣ ଅଛି । ଆତ୍ମଜୀବନୀ ଲେଖିଲାବାଲା ନିଜର ଦୋଷ ବିଷୟରେ ହୁଏତ ଲେଖିଦେବେ । ଯଦି ସେ କିଛି ଭୁଲ କରିଛନ୍ତି ତାକୁ ସ୍ୱୀକାର କରିଯିବେ । କ'ଣ ହେଲାରୁ ସେ ଏପରି ଭୁଲ କରିବାକୁ ବାଧ୍ୟ ହେଲେ ତାହାର କୈଫିୟତ ସେ ହୁଏତ ଦେବେ । ସେତକ ଦେଲେ ଜଣଙ୍କର ଜୀବନର ପୂର୍ଣ୍ଣ ଚିତ୍ର ଅଙ୍କା ହୋଇପାଇପାରିବ । ପୃଥିବୀର ବହୁ ବିଶିଷ୍ଟ ଲୋକ ନିଜ ବିଷୟରେ ଲେଖି ଯାଇଛନ୍ତି । ଅନ୍ୟମାନେ ସେଗୁଡ଼ିକୁ ଅତି ଆଗ୍ରହର ସହ ପଢ଼ନ୍ତି ।

**ଆତ୍ମବିଶ୍ୱାସ :** ପ୍ରତ୍ୟେକ ଲୋକ ଭିତରେ ନିଶ୍ଚୟ କିଛି ନା କିଛି ଶକ୍ତି ରହିଛି । ସେ ଇଚ୍ଛା କଲେ ଅନେକ କାମ କରିପାରିବ । ଯେଉଁଲୋକ ଏହି କଥା ବୁଝୁଛି, ତା'ର ନିଜ ଶକ୍ତି ଉପରେ ବିଶ୍ୱାସ ରହିଛି ବୋଲି କୁହାଯାଏ । ତା'ରି ଅନ୍ୟନାମ ହେଲା ଆତ୍ମବିଶ୍ୱାସ । ମୂଳରୁ ଯେ ଆତ୍ମବିଶ୍ୱାସ ହରାଇ ବସେ, ସେ ଆଉ ଆଗେଇ ଯାଇ କିଛି ଭଲ କାମ, ବଡ କାମ କରିପାରେ ନାହିଁ । ହଁ, କାମଟା ନିଶ୍ଚୟ କଷ୍ଟ । ମୋର ବିଶ୍ୱାସ ମୁଁ ତାକୁ କରିପାରିବି - ଏଇଟା ହେଲା ଆତ୍ମବିଶ୍ୱାସ । ଆରମ୍ଭରୁ ଯେ କୁହେ ମୋ ଦ୍ୱାରା ଏ କାମ ହୋଇପାରିବ ନାହିଁ, ତା'କୁ ଆଉ କେହି ସାହାଯ୍ୟ କରିପାରିବେ ନାହିଁ । ଯାହା ଭିତରେ ଟାଣ ଆତ୍ମବିଶ୍ୱାସ ଅଛି ସେ ଲୋକ ବଡ଼ ହୋଇପାରେ ।

**ଆତ୍ମସମ୍ମାନ :** ଜଣେ ଆମର ଗୁରୁଜନ, ତାଙ୍କୁ ସମ୍ମାନ ଦେଖାଇବା ଉଚିତ । ଆଉ ଜଣେ ଅନ୍ୟମାନଙ୍କ ମଙ୍ଗଳପାଇଁ କାମ କରୁଛି, ସେ ମଧ୍ୟ ସମ୍ମାନର ଅଧିକାରୀ । ପରକୁ ସମ୍ମାନ ଦେଖାଇଲେ ନିଜର ମହତପଣିଆ ପ୍ରକାଶ ପାଏ ।

କିନ୍ତୁ ନିଜର ମଧ୍ୟ କିଛି ସମ୍ମାନ ଅଛି । ତାକୁ ହରାଇ ବସିଲେ ଆମର ମଣିଷପଣିଆ ଲୋପ ହୋଇଗଲା । ଜଣେ ପଇସା ଲୋଭ ଦେଖାଇ ଆମକୁ କହୁଛି - ଏଇ କାମଟା କରିଦିଅ । ସେତେବେଳେ ଆମେ କହିବା ଉଚିତ - ମୋର ନିଜର ତ ଗୋଟାଏ ସମ୍ମାନ ଅଛି, ଏଭଳି

"ଦକ୍ଷତା ଓ ଦାୟିତ୍ୱ ଜ୍ଞାନ ଯାଆଁଳା ଭାଇ ଭଳି ।"

--ହଲାଣ୍ଡ

କାମଟିଏ କରିଦେଲେ ମୁଁ ତା'କୁ ହରାଇ ବସିବି । ଲୋକେ ମୋତେ ଅଙ୍ଗା କରିବେ । ନିଜ ହାତ ଗୋଡ଼ ଚଳୁଥିଲା ଯାଏ, ଅନ୍ୟ ପାଖରେ ହାତ ପତାଇଲେ ନିଜର ମାନ ଯାଏ । ନିଜର ସମ୍ମାନ ବା ଆତ୍ମସମ୍ମାନ ଥିବା ଲୋକ ଏଭଳି କେବେ କରିବ ନାହିଁ । ଏହି ଆତ୍ମସମ୍ମାନ ଜ୍ଞାନ ହେଉଛି ମନୁଷ୍ୟର ଶ୍ରେଷ୍ଠ ଭୂଷଣ ! ନିଜର ଟିକେ ଅସୁବିଧା ହେଉ ପଛକେ, ମୁଣ୍ଡ ଟେକି ଚାଲିଲେ ନିଜର ମାନ ବଢ଼େ । କାହାକୁ ଡରିଯାଇ ବା ନିଜର ସାମାନ୍ୟ ଲାଭ ପାଇଁ କିଛି ଗୋଟାଏ ଭୁଲ କରିଦେଲେ, ଲୋକେ କୁହନ୍ତି ଏ ଲୋକର ଆତ୍ମସମ୍ମାନ ନାହିଁ ।

**ଆଣ୍ଡ୍ରୋକ୍ଲିସ :** ମଣିଷର ଗୋଟାଏ ଭଲ ଗୁଣ ହେଲା ଜଣେ ଯଦି ଉପକାର କରିଛି, ଦରକାର ପଡ଼ିଥିଲାବେଳେ ସେ ମଧ୍ୟ ଉପକାର କରିବ । ତାକୁହିଁ କୁହନ୍ତି 'ମଣିଷ ପଣିଆ' । କିନ୍ତୁ ପଶୁ ଯେ ମଣିଷର ଉପକାରକୁ ମନେ ରଖେ, ବିପଦ ବେଳେ ତା'କୁ ସାହାଯ୍ୟ କରେ - ଏକଥା ବୁଝାଇବା ପାଇଁ ଆଣ୍ଡ୍ରୋକ୍ଲିସ୍ କାହାଣୀ କୁହାଯାଇଛି ।

ଗୋଟାଏ ଯୁଗରେ ମଣିଷ ମଣିଷକୁ ଧରିନେଇ କହୁଥିଲା - ତୁ ହେଲୁ ମୋର ଦାସ ବା ଚାକର । ତୋତେ ମୁଁ ପଇସା ଦେଇ କିଣି ଆଣିଲି । ଜୀବନଯାକ ତୁ ମୋରି ଘରେ ଖଟିବୁ । ଅନେକ ସମୟରେ ତା'କୁ ପଶୁଭଳି ଖଟାନ୍ତି, ନାନାପ୍ରକାର ଅତ୍ୟାଚାର କରନ୍ତି, କଷ୍ଟ ସହି ନପାରି ସେ କୌଶଳକ୍ରମେ ପଳାଇଲେ ତାକୁ ଖୋଜାଯାଏ । ଧରା ପଡ଼ିଲେ ଦଣ୍ଡ ଦିଆଯାଏ, ଏମିତିକି ଜୀବନରେ ମାରିଦିଆଯାଏ । ଆଣ୍ଡ୍ରୋକ୍ଲିସ୍ ବୋଲି ଜଣେ ଦାସକୁ ତା'ର ମାଲିକ ବହୁତ କିଛି କଷ୍ଟ ଦେଲା । ବରଂ ବଣ ଭିତରେ ରହିବା ଭଲ - ଏଠି ରହିବି ନାହିଁ ବୋଲି ଭାବି କୌଶଳ କରି ଖସି ଚାଲିଗଲା । ଘୋର ଜଙ୍ଗଲ ଭିତରେ ଯାଇ ଗୋଟିଏ ପର୍ବତ ଗୁମ୍ଫାରେ ଆଶ୍ରୟ ନେଲା ।

ଖସି ପଳାଇ ଆସିଛି ବୋଲି ଭାବି ସେ ନିଜ ମନଟାକୁ ଖୁସି କରୁଥିଲା ବେଳେ ଦେଖିଲା ଯେ ତା ଗୁମ୍ଫା ଆଡ଼କୁ ଗୋଟାଏ ସିଂହ ଆସୁଛି । ସିଂହଟି ଟିକେ ଛୋଟୋଉ ଥିଲା । ସେ ଆଣ୍ଡ୍ରୋକ୍ଲିସକୁ ଡରାଇଲାଭଳି କିଛି କରୁ ନଥାଏ ବରଂ ଲୋକଟି ନିକଟକୁ ଯାଇ ନିଜ ଗୋଡ଼ଟିକୁ ଦେଖାଇଲା । ଗୋଟାଏ କଣ୍ଟା ସେ ଗୋଡ଼ରେ ପଶିଯାଇ ପୂଜ ବାହାରୁଥିଲା - ଆଣ୍ଡ୍ରୋକ୍ଲିସ ତାକୁ ବାହାର କରିଦେଲା । ସିଂହ ତା' ଆଡ଼କୁ ଏମିତି ଚାହିଁଲା ଯେ ମନେହେବ ସିଂହ ଭାବୁଛି ସେ ତାର ବହୁତ କିଛି ଉପକାର କରିଛି । କିଛିଦିନ ପରେ ସିଂହଟି ଧରା ପଡ଼ିଗଲା । ତାକୁ ନେଇ ସର୍କସ ପିଞ୍ଜରା ଭିତରେ ରଖାଗଲା । ଏଣେ ଏମିତିକା ଯୋଗ ଯେ ଆଣ୍ଡ୍ରୋକ୍ଲିସ ମଧ୍ୟ ଧରାହୋଇ ତାର ପୂର୍ବ ମାଲିକ ପାଖକୁ ନିଆଗଲା । ଯିଏ ଥରେ ମୁଣ୍ଡ ବିକିଛି ସେ କାହିଁକି ପଳାଇଲା ବୋଲି ତାକୁ ପ୍ରାଣଦଣ୍ଡ ଦେବାକଥା । କେହି କେହି କହିଲେ ଯଦି ଫାଶୀ ଦିଆଯାଏ ସେ ତ ସହଜରେ ମରିଯିବ । ତା'କୁ କଲବଲ କରି ମାରିଦିଆଯାଉ । ସିଂହଟିକୁ କିଛିଦିନ ଭୋକିଲା ରଖିଲାପରେ ଆଣ୍ଡ୍ରୋକ୍ଲିସକୁ ତା' ପିଞ୍ଜରା ଭିତରକୁ ଠେଲି ଦିଆଗଲା । ସିଂହ କିପରି ତାକୁ କଲବଲ କରି ମାରିବ ସେ ଦୃଶ୍ୟ ଦେଖିବା ପାଇଁ ବହୁ ଲୋକ ରୁଣ୍ଡ ହୋଇଥା'ନ୍ତି । କିନ୍ତୁ ଆଶ୍ଚର୍ଯ୍ୟର କଥା ଯେ ସିଂହ ତାକୁ ଆସି ଆଦର କଲା ଓ ଚାଟିଲା । ଦେଖଣାହାରୀ ସମସ୍ତେ ଏକସ୍ୱରରେ କହିଲେ - ଆଣ୍ଡ୍ରୋକ୍ଲିସକୁ ଛାଡ଼ି ଦିଆଯାଉ । ପୃଥିବୀର ଜଣେ ଅତି ଜଣାଶୁଣା ନାଟ୍ୟକାର ଜର୍ଜ ବର୍ଣ୍ଣାଡ଼ ଶ ଏହି ବିଷୟରେ ଗୋଟିଏ ନାଟକ ଲେଖିଦେଲା ପରେ ଏ କାହାଣୀ ସମସ୍ତଙ୍କର ମନରେ ରହିଗଲା ।

---

"କ୍ରୋଧ ଯେତେବେଳେ ତୁମ ଅନ୍ତରର ଆସନରେ ବସିଥାଏ, ବିବେକ ସେଠାରୁ ବହୁ ଦୂରରେ ଥାଏ ।"

--ହେନରୀ

**ଆନ୍ଧ୍ରପ୍ରଦେଶ :** ଓଡ଼ିଶାର ଦକ୍ଷିଣ ସୀମାକୁ ଲାଗି ରହିଥିବା ଏକ ପ୍ରଦେଶ ସହିତ ଓଡ଼ିଶାର ଲୋକଙ୍କର ବହୁକାଳରୁ ସଂପର୍କ ରହି ଆସିଛି । ଗୋଟାଏ ସମୟରେ




(ଆନ୍ଧ୍ର ପ୍ରଦେଶ)

ଓଡ଼ିଶାର ରାଜାଙ୍କ ଶାସନ ଅଧୀନରେ ଆନ୍ଧ୍ର ପ୍ରଦେଶର କେତେକ ଅଞ୍ଚଳ ଥିଲା । ସେଠା ଲୋକଙ୍କ ଭାଷା ହେଉଛି ତେଲୁଗୁ । ଉର୍ଦ୍ଦୁ ଭାଷାର ପ୍ରଭାବ ମଧ୍ୟ ରହିଛି । ଉତ୍ତରରେ ଓଡ଼ିଶା, ଦକ୍ଷିଣରେ ତାମିଲନାଡୁ ଏବଂ କର୍ଣ୍ଣାଟକ, ପୂର୍ବରେ ବଙ୍ଗୋପସାଗର ଓ ପଶ୍ଚିମରେ ରହିଛି ମହାରାଷ୍ଟ୍ର । ପୂର୍ବେ ଏହା ମାନ୍ଦ୍ରାଜ ପ୍ରେସିଡେନ୍‌ସିର ଗୋଟିଏ ଅଂଶ ଥିଲା । ତେଲୁଗୁ ଭାଷାଭାଷୀ ଲୋକେ କହିଲେ ଯେ ଯେଉଁମାନେ ତେଲୁଗୁ କହୁଛନ୍ତି, ସେମାନେ ଯେଉଁ ଅଞ୍ଚଳରେ ରହୁଛନ୍ତି, ତାକୁ ଅଲଗା କରିଦେଇ ଗୋଟିଏ ସ୍ୱତନ୍ତ୍ର ପ୍ରଦେଶ ଗଠନ କରିଦିଆଯାଉ । ଶେଷରେ ତାହାହିଁ ହେଲା । ତେଲୁଗୁ ଗୋଟିଏ ଉନ୍ନତ ଭାଷା ।

ଏହି ପ୍ରଦେଶର କ୍ଷେତ୍ରଫଳ ୨,୭୫,୦୬୮ ବର୍ଗ କିଲୋମିଟର । ଲୋକସଂଖ୍ୟା ପ୍ରାୟ ୬.୬୩ କୋଟି । ସବୁଠାରୁ ବଡ଼ ପର୍ବତ ହେଉଛି ମହେନ୍ଦ୍ର ଗିରି । କୃଷ୍ଣା, ଗୋଦାବରୀ ହେଉଛନ୍ତି ବଡ଼ ନଦୀ । ଗୋଦାବରୀ ଖୁବ୍ ଗଭୀର । ପ୍ରଦେଶର ରାଜଧାନୀର ନାମ ହାଇଦ୍ରାବାଦ । ଗୋଲକୁଣ୍ଡା ଦୁର୍ଗ, ଚାର୍‌ମିନାର, ହୁସେନ ସାଗର, ତିରୁପତି ମନ୍ଦିର, ସଲାରଜଙ୍ଗ ମିଉଜିୟମ ପ୍ରଭୃତି ବହୁ ଦର୍ଶନୀୟ ସ୍ଥାନ ରହିଛି । ଧାନ, ଆଖୁ, ମାଣ୍ଡିଆ, ଲଙ୍କା, ଜଡ଼ା ପ୍ରଭୃତି ହେଲା ମୁଖ୍ୟ ଫସଲ । ପ୍ରଦେଶଟି ୨୩ ଗୋଟି ଜିଲାରେ ବିଭକ୍ତ ।

**ଆପୋଲୋ :** ଗ୍ରୀସ୍ ଦେଶର ପୁରାଣରେ ଜଣେ ପ୍ରସିଦ୍ଧ ଦେବତାଙ୍କ ନାମ ହେଲା ଆପୋଲୋ । ଯେତେ ଯେତେ ଗ୍ରୀକ୍ ଦେବତା ଅଛନ୍ତି, ତାଙ୍କ ଭିତରେ ସେ ହେଉଛନ୍ତି ସବୁଠାରୁ ଶକ୍ତିଶାଳୀ ଓ ଏହାଙ୍କୁ ଯେତେଲୋକ ପୂଜା କରନ୍ତି, ଅନ୍ୟ କୌଣସି ଦେବତାଙ୍କୁ ସେତେ ଲୋକ ପୂଜା କରନ୍ତି ନାହିଁ । ଏହାଙ୍କୁ ଦୂର ଦେବତା ବୋଲି ଯେ କୁହାଯାଏ, ତାର କାରଣ ହେଲା ବହୁ ଦୂରରେ

"ତୁମ ପ୍ରତି ଶ୍ରଦ୍ଧା ନୁହେଁ - ତୁମଠାରେ ବିଶ୍ୱାସହିଁ ତୁମ ମହତପଣିଆର ମାପକାଠି ।"

--ମାକ୍‌ଡୋନାଲ୍‌ଡ୍

## ୯୯ ଆପୋଲୋ-ଆପୋଲୋ କାର୍ଯ୍ୟକ୍ରମ



(ଆପୋଲୋ)

ଆଇ ମଧ୍ୟ ଶତ୍ରୁ ମନରେ ଭୟ ଜନ୍ମାଇ ଦିଅନ୍ତି । ମଣିଷ ଯଦି କିଛି ଦୋଷ କରିଥାଏ ତା' ସ୍ୱୀକାର କରିବାକୁ ଆପୋଲୋ ତାଙ୍କୁ ବାଧ୍ୟ କରନ୍ତି ଓ ତାଙ୍କୁ ଭଲ ମଣିଷ କରିଦିଅନ୍ତି । ଦେବତାମାନେ ମଧ୍ୟ ତାଙ୍କୁ ଭୟ କରନ୍ତି । ସଂଗୀତ, କବିତା, ନୃତ୍ୟର ଦେବତା ବୋଲି ମଧ୍ୟ ଏହାଙ୍କୁ କୁହାଯାଏ । ସେ ଡେଲୋ ଦ୍ୱୀପରେ ଜନ୍ମ ହୋଇଥିଲେ । ସେଠାରୁ ଗଲେ ପାଇଥୋ । ସେଠାରେ ସେ ଗୋଟାଏ ବିରାଟ ଅଜଗରକୁ ମାରିଲେ । ଏହି ଅଜଗର ସେଠାରେ କାହାରିକୁ ପୂରାଇ ଦେଉ ନଥିଲା । (ଇଂରାଜୀରେ ଅଜଗରକୁ 'ପାଇଥନ' ବୋଲି କୁହନ୍ତି) । ଏବେ ମଧ୍ୟ ଆପୋଲୋ ଅଜଗରକୁ ମାରିବା ଉପରେ ଗୋଟାଏ ଉତ୍ସବ ଗ୍ରୀସ୍ ଦେଶରେ ହୁଏ ।

**ଆପୋଲୋ କାର୍ଯ୍ୟକ୍ରମ :** ବହୁ ବର୍ଷ ପୂର୍ବେ ଜଣେ ବିଜ୍ଞାନ ବିଷୟରେ କାହାଣୀ ଲେଖୁ ଲେଖୁ ଲେଖିଦେଲେ ଯେ ଦିନେ ମଣିଷ ଯାଇ ଚନ୍ଦ୍ରରେ ଓହ୍ଲାଇ ପଡ଼ିବ । ଏଭଳି ସବୁ ଅସମ୍ଭବ କଥା ଗୁଡ଼ାକ କାହିଁକି ସେ ଲେଖୁଛନ୍ତି ବୋଲି କହି ଅନେକ ବିରକ୍ତ ହେଲେ । ଏ ଗୁଡ଼ାକ ପାଗଳାମି ଛଡ଼ା ଆଉ କିଛି ନୁହେଁ । କିନ୍ତୁ ତା' ସମ୍ଭବ ହେଲା; ୧୯୬୯ ଜୁଲାଇ ୨୦ ତାରିଖ ଦିନ ଆର୍ମଷ୍ଟ୍ରଙ୍ଗ ନାମକ ଜଣେ ମହାକାଶଚାରୀ ତା' ଉପରେ ଯାଇ ଓହ୍ଲାଇ ପଡ଼ିଲେ । ମଣିଷ ଜାତି ନିଜ ଆଖିକୁ ମଧ୍ୟ ବିଶ୍ୱାସ କରି ପାରିଲା ନାହିଁ ଯଦିଓ ଟେଲିଭିଜନରେ ସେ ଦୃଶ୍ୟ ଦେଖାଗଲା ।

ଏହା ଅରକରେ ସମ୍ଭବ ହୋଇଯାଇନାହିଁ ।



(ଡାହାଣ : ଆପୋଲୋ କାର୍ଯ୍ୟକ୍ରମର ମହାକାଶ ଯାତ୍ରୀ ଚନ୍ଦ୍ର ପୃଷ୍ଠରେ ପରୀକ୍ଷା ଚଳାଉଛନ୍ତି )



(ଚନ୍ଦ୍ରରେ ଓହ୍ଲାଇଥିବା ପ୍ରଥମ ଯାନ)

ବହୁ ଗୁଡ଼ିଏ ମହାକାଶଯାନ ଗୋଟିକ ପରେ ଗୋଟିଏ ଛଡ଼ାହେଲା । ସେମାନେ ଯେଉଁସବୁ ଖବର ସଂଗ୍ରହ କଲେ, ତା'କୁ ବିଚାରକୁ ନେଇ ଗୋଟିଏ ଗୋଟିଏ ନୂଆ ମହାକାଶ ଯାନ ତିଆରି କରାଯାଇ ଛଡ଼ାଗଲା । ଯୁକ୍ତରାଷ୍ଟ୍ର ଆମେରିକା ୧୯୬୧ ମେ ମାସରେ ଘୋଷଣା କଲା ଯେ ଆପୋଲୋ ଯାନରେ ମଣିଷ ଯାଇ ଚନ୍ଦ୍ରରେ ପହଞ୍ଚିବ । ତେଣିକି ପ୍ରଶ୍ନ ଉଠିଲା, ମଣିଷକୁ ତ ସେଠାରେ ଓହ୍ଲାଇ ଦେଇହେବ, କିନ୍ତୁ ତାକୁ ଫେରାଇ ଆଣିହେବ କେମିତି । କେତେ ଗୁଡ଼ିଏ ଯାନ ଚନ୍ଦ୍ର ଚାରିପଟେ ପ୍ରଥମେ ଦୂରରେ ବୁଲି ବୁଲି ଶେଷକୁ ପାଖକୁ ଆସି ବୁଲିଲେ । ଯେଉଁ ଆପୋଲୋ ଯାନରେ ପ୍ରଥମେ ମନୁଷ୍ୟ ବସିକରି ଗଲେ, ସେଇଟି ୧୯୬୭ରେ ନିଆଁ ଧରିଗଲା ଓ ତିନିଜଣ ମହାକାଶଯାତ୍ରୀ ମରିଗଲେ । ତା' ପରେ ଗୋଟିଏ ପରେ ଗୋଟିଏ ଆପୋଲୋ ଯାନ ପରୀକ୍ଷା ଚଳାଇଲେ ଓ ଶେଷରେ ଜଣେ ଯାତ୍ରୀ ଚନ୍ଦ୍ର ଉପରେ ପାଦ ଦେଲେ । ଯେଉଁଥିରେ ସେ ଯାଇଥିଲେ ତାକୁ କୁହାଯାଏ - ଆପୋଲୋ-୧୧ ମହାକାଶ ଯାନ । ତା'ପରେ ଆଉ କେତୋଟି ଆପୋଲୋ ଯାନ ଚନ୍ଦ୍ରକୁ ଯାଇଛି ଓ ଚନ୍ଦ୍ରରୁ ଶିଳା ବା ପଥର ସଂଗ୍ରହ କରିଛି ।

୧୯୭୨ ଡିସେମ୍ବରରେ ଶେଷଥର ପାଇଁ ଆପୋଲୋ-୧୭ ଚନ୍ଦ୍ରକୁ ଯାଇଥିଲା ଓ ସେହିଠାରେ ଏହି ପରୀକ୍ଷା ଶେଷ ହେଲା । ଏହି କାର୍ଯ୍ୟକୁ 'ଆପୋଲୋ କାର୍ଯ୍ୟକ୍ରମ' ବୋଲି କୁହାଯାଏ ।

**ଆଫଗାନିସ୍ତାନ :** ଯେତେବେଳେ ଭାରତ କହିଲେ ପାକିସ୍ତାନ, ଭାରତ ଓ ବାଂଲାଦେଶକୁ ବୁଝାଉଥିଲା, ସେତେବେଳେ ଆଫଗାନିସ୍ତାନର ସୀମା ଭାରତର ପଶ୍ଚିମ ସୀମାକୁ ଲାଗି ରହିଥିଲା । ଏବେ କିନ୍ତୁ ପାକିସ୍ତାନ ଏହି ଦେଶକୁ ଭାରତଠାରୁ ଦୂରେଇ ଦେଇଛି । ଏଠାରେ ଥିବା ମାନଚିତ୍ରଟିକୁ ଭଲକରି ଦେଖିଲେ ଜଣାପଡ଼ିବ ଇରାନ, ରୁଷ, ପାକିସ୍ତାନ ରହିଛନ୍ତି ଏହାର ସୀମାରେ । ଆଫଗାନିସ୍ତାନର ଗୋଟିଏ ସରୁ, ଅଣଓସାରିଆ ଅଂଶ ଚୀନକୁ ମଧ୍ୟ ଲାଗିଛି । ସମୁଦ୍ର ସହିତ ଏ ଦେଶର କୌଣସି ସଂପର୍କ ନାହିଁ । ବାହାର ଜଗତକୁ ଏମାନେ ସ୍ଥଳପଥରେହିଁ ଯାଆନ୍ତି ।

ଏହି ଦେଶର ଇତିହାସ ଆମକୁ କିଛି କଥା କହିଦେଉଛି । ଇଉରୋପ ଏବଂ ଏସିଆର ବହୁ ଜାତିର, ଭାଷାର ଓ ସଂସ୍କୃତିର ଲୋକେ ଏହିଠାରେ ଗୋଟାଏ ନା ଗୋଟାଏ ସମୟରେ ଏକାଠି ରହିଛନ୍ତି । ଯେଭଳି ଜାଗାରେ ଏଇଟି ରହିଛି ସେଥିରେ ବାହାରୁ ଯେଉଁ ବିଜେତାମାନେ ଭାରତ ଭିତରକୁ ଆସନ୍ତି ସେମାନେ ଆଫଗାନିସ୍ତାନ ଭିତର ଦେଇହିଁ ଆସିବାଟାକୁ ଟିକିଏ

"ସଦ୍‌ଲୋକର ବନ୍ଧୁ, ବିଜ୍ଞ ଲୋକର ପଥ ପ୍ରଦର୍ଶକ, ନିର୍ବୋଧର ଶାନ୍ତିଦାତା ଓ ଅସତ୍ ଲୋକର ଶତ୍ରୁ- ଏହି ଚାରି ରୂପରେ ଭାଗ୍ୟ ଦେଖାଦିଏ ।"

--ଆଲ୍‌ଜର

ସହଜ ବୋଲି ବିଚାରନ୍ତି । ହିନ୍ଦୁକୁଶ ପର୍ବତମାଳା ତାହାର ସାକ୍ଷ୍ୟ ଦେବ । ମୁସଲମାନ ମାନେହିଁ ପ୍ରଥମେ ଏ ଅଞ୍ଚଳକୁ ହଜାରେ ବର୍ଷ ପୂର୍ବେ 'ଆଫଗାନିସ୍ତାନ' ବୋଲି କହିଲେ । ପାରସ୍ୟର ରାଜା ଏହାକୁ ବହୁଦିନ ଧରି ଶାସନ କଲେ । ତାହା ପୂର୍ବରୁ ଗ୍ରୀକ୍ ବୀର ଆଲେକ୍‌ଜାଣ୍ଡାର ପ୍ରାୟ ୨୪୦୦ ବର୍ଷ ପୂର୍ବେ ଏହି ଅଞ୍ଚଳକୁ ନିଜ ଅଧୀନରେ ରଖିଥିଲେ । ପରେ ଭାରତର ମୌର୍ଯ୍ୟମାନେ ଏ ଅଞ୍ଚଳ ଦଖଲ କଲେ । ଏମିତି ଗୋଟିଏ ସମୟ ଥିଲା ଯେ ଏହି ଦେଶରେ ହିଁ ଗ୍ରୀକ୍ ସଭ୍ୟତା ଓ ଭାରତୀୟ ସଭ୍ୟତାର ମିଳନ ହୋଇଥିଲା । ପ୍ରାୟ




(ଆଫଗାନିସ୍ତାନ)

୧୮୦୦ ବର୍ଷ ପୂର୍ବେ ଭାରତର କୁଶାଣ ରାଜା କନିଷ୍କ ଆଫଗାନିସ୍ତାନର ରାଜା ହେଲେ । ସେତିକିବେଳେ ସେଠାରେ ବୌଦ୍ଧ ଧର୍ମର ପ୍ରଚାର ହେଲା । ସେଠାରେ ବହୁ ଗୁମ୍ଫାରେ ସେ କାଳର ରାଜୁତି ବିଷୟରେ ଲେଖାଯାଇଛି । ଗୋଟାଏ ସମୟରେ ହିନ୍ଦୁମାନେ ପାରସ୍ୟ ବାଟେ ଯାଇ ଏଠାରେ ନିଜର ପ୍ରଭାବ ବିସ୍ତାର କରିଥିଲେ । ନବମ ଶତାବ୍ଦୀରେ ଇସ୍‌ଲାମ ଧର୍ମ ଆସ୍ଥାନ ଜମାଇଲା । ମଙ୍ଗୋଲମାନେ ଚେଙ୍ଗିଜ୍ ଖାଁଙ୍କ ନେତୃତ୍ୱରେ ୧୨୧୯ରେ ଏହାକୁ ଆକ୍ରମଣ କରିଥିଲେ । ତାହାପରେ ଅଷ୍ଟାଦଶ ଶତାବ୍ଦୀ ପର୍ଯ୍ୟନ୍ତ ମୋଗଲମାନେ ରାଜୁତି କରି ଆସୁଥିଲେ । ଭାରତରେ ଥିବା ମୋଗଲ ସମ୍ରାଟ ଏ ଅଞ୍ଚଳକୁ ଶାସନ କରୁଥିଲେ । ଏତିକିବେଳେ ରୁଷ ଓ ବ୍ରିଟେନ ଏ ଦେଶ ବିଷୟରେ ଚିନ୍ତା କରିବାକୁ ଲାଗିଲେ-କାହାର ପ୍ରଭାବ ସେଠାରେ ବେଶୀ ରହିବ । ଇଂରେଜମାନଙ୍କ ସହିତ ଆଫ୍‌ଗାନ ମାନଙ୍କର ତିନିଥର ଯୁଦ୍ଧ ହୋଇଯାଇଛି । ଶେଷରେ ୧୯୧୯ରେ ହିଁ ଆଫଗାନିସ୍ତାନ ଗୋଟିଏ ସ୍ୱତନ୍ତ୍ର ସ୍ୱାଧୀନ ରାଜ୍ୟ ବୋଲି ଇଂରେଜମାନେ ସ୍ୱୀକାର କରିଗଲେ । ଭାରତ ଥାଏ ଇଂରେଜମାନଙ୍କ ଅଧୀନରେ । ରୁଷ ସୀମାଠାରୁ ଭାରତର ସୀମା ଦୂରରେ ରହୁ ବୋଲି ଇଂରେଜମାନେ ଇଚ୍ଛାକଲେ । ତେଣୁ ମଝିରେ ଗୋଟିଏ ଦେଶ ରହିଗଲେ ଭଲହେବ ବୋଲି ସେମାନେ ବିଚାରିଲେ । ଏବେ ମଧ୍ୟ ଆଫ୍‌ଗାନିସ୍ତାନରେ ଅସ୍ଥିର ଅବସ୍ଥା ରହିଛି ।

ଏହାର କ୍ଷେତ୍ରଫଳ ୨,୫୧,୮୨୫ ବର୍ଗମାଇଲ ବା ୬,୫୨,୨୨୫ବର୍ଗ କି.ମି. । ରାଜଧାନୀର ନାମ କାବୁଲ । ଦେଶର ଲୋକସଂଖ୍ୟା ୨ କୋଟି ୩ ଲକ୍ଷ । ରୁଷ ସୈନ୍ୟ ୧୯୭୯ରେ ଏ ଦେଶକୁ ପଶିଲା ପରେ ୪୦ ଲକ୍ଷ ଲୋକ ପଳାଇ ଆସି ପାକିସ୍ତାନରେ ରହିଯାଇଥିଲେ । ୨ ଲକ୍ଷ ୫୨ ହଜାର ବର୍ଗମାଇଲ ଭିତରୁ କେବଳ ୪୦ ହଜାର ବର୍ଗମାଇଲରେ ଚାଷ ହୁଏ । ଆଉସବୁ ଅଞ୍ଚଳ ମରୁଭୂମି ବା ପାହାଡ଼ ପର୍ବତ । ହିମାଳୟ ପର୍ବତମାଳାର ଗୋଟାଏ ଅଂଶ ଏହି ଦେଶ ଭିତରେ ରହିଛି । ପ୍ରସିଦ୍ଧ ହିନ୍ଦୁକୁଶ ପର୍ବତମାଳା ମଧ୍ୟ ଏହାରି ଭିତରେ । ମଝିରେ ମଝିରେ ଏ ଅଞ୍ଚଳରେ ଭୂମିକମ୍ପ ହୁଏ । ୧୯୦୦ ଖ୍ରୀଷ୍ଟାବ୍ଦ ପରେ

---

"ତୁମକୁ ଯଦି କେହି ଭଲ ପାଉନାହାନ୍ତି, ତେବେ ଭଲଭାବରେ ଜାଣିରଖ ଯେ ତୁମ ଦୋଷରୁହିଁ ସେପରି ହୋଇଛି ।"

--ତବ୍ରିଜ୍

ଛ'ଥର ଏପରି ହେଲାଣି । ଅମୁଦରିଆ ନଦୀ ଆଫଗାନିସ୍ତାନ ଓ ରୁଷ ସୀମାରେ ରହିଛି । ଏହାର ଦୈର୍ଘ୍ୟ ହେଉଛି ପ୍ରାୟ ୨୫୦୦ କି.ମି. । ଅନ୍ୟ ବଡ଼ ନଦୀଟିର ନାମ ହେଲମଣ୍ଡ୍ । ଦକ୍ଷିଣ-ପଶ୍ଚିମ ଅଂଶରେ ଥିବା ମରୁଭୂମି ଅଞ୍ଚଳରେ ବର୍ଷକୁ ମାତ୍ର ୭୫ ମିଲିମିଟର ବର୍ଷା ହେଉଥିବା ସ୍ଥଳେ ଅନ୍ୟ କେତେକ ଅଞ୍ଚଳରେ ବହୁ ଅଧିକ ବର୍ଷା ହୁଏ । ଦେଶରେ ଲୁହା, ତମ୍ବା, ସୀସା, ଜିଙ୍କ୍ ବହୁ ପରିମାଣରେ ରହିଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ସେ ସବୁକୁ କାମରେ ଲଗାଯାଇ ପାରିନାହିଁ । କିନ୍ତୁ ପ୍ରାକୃତିକ ଗ୍ୟାସ୍‌କୁ କାମରେ ଲଗାଯାଉଛି । ୧୪ ହଜାର କୋଟି ଘନମିଟର ଗ୍ୟାସ୍ ରହିଛି ବୋଲି ହିସାବ କରାଯାଇଛି । ପ୍ରଚୁର ପରିମାଣରେ କୋଇଲା ଅଛି ।

ଅଧିକାଂଶ ଲୋକ ଇସ୍‌ଲାମ ଧର୍ମ ଗ୍ରହଣ କରି ଯାଇଛନ୍ତି । ଅଳ୍ପ ସଂଖ୍ୟକ ହିନ୍ଦୁ, ଶିଖ ଓ ଇହୁଦୀ ଅଛନ୍ତି । ବେଶୀ ଭାଗ ଲୋକ ପୁସ୍ତୁ ଭାଷା କୁହନ୍ତି । ଉଜ୍‌ବେକ ଭାଷା ପ୍ରାୟ ୧୦ ଲକ୍ଷ ଲୋକ କହୁଥିଲେ ମଧ୍ୟ ଦେଶରେ ସମସ୍ତେ ପୁସ୍ତୁ ଭାଷା ବୁଝନ୍ତି । ଦେଶରୁ ବହୁ ପରିମାଣରେ ଫଳ, ଖଜୁର, ପ୍ରାକୃତିକ ବାଷ୍ପ ଓ ମୂଲ୍ୟବାନ ସତରଞ୍ଜି ବା କାର୍ପେଟ୍ ରପ୍ତାନି ହୁଏ । ବାହାରୁ କପଡ଼ା, ପେଟ୍ରୋଲିୟମ ଜାତ ଦ୍ରବ୍ୟ ଆମଦାନୀ କରାଯାଏ । ୧୯୭୯ରେ ସୋଭିଏତ୍ ସୈନ୍ୟମାନେ ଏ ଦେଶ ଭିତରକୁ ପଶିଆସିଥିଲେ । ସେମାନଙ୍କ ସଂଖ୍ୟା ୧ ଲକ୍ଷରୁ ଅଧିକ । ମୂର୍ତ୍ତିଗଠନ ଏବଂ ଚିତ୍ରକଳା ପାଇଁ ଏ ଦେଶ ପ୍ରସିଦ୍ଧ । ବହୁ ଦେଶର ଚିତ୍ରଶିଳ୍ପୀ ଗୋଟାଏ ନା ଗୋଟାଏ ସମୟରେ ଏଠାକୁ ଆସିଛନ୍ତି ଓ ନିଜ ଦେଶର ବାହାଦୁରୀ ସାଇତି ଦେଇ ଯାଇଛନ୍ତି । କେବଳ ସ୍ଥାନର ଗୁରୁତ୍ୱ ପାଇଁ ଆଫ୍‌ଗାନିସ୍ତାନ ବିଷୟରେ ବିଂଶ ଶତାବ୍ଦୀର ଶେଷ ଭାଗରେ ବହୁତ କିଛି ଆଲୋଚନା ଚାଲିଛି ଓ ସେଭଳି ଚାଲିବାରହିଁ କଥା ।

**ଆଫ୍ରିକା :** ଅଳ୍ପ କେତେଶହ ବର୍ଷ ପୂର୍ବେ ଆଫ୍ରିକା ମହାଦେଶର ବେଶୀଭାଗ ବିଷୟରେ ବାହାରର ଲୋକେ ବିଶେଷ କିଛି ଜାଣି ନଥିଲେ । ତା'ର ଉତ୍ତର ଅଂଶ ବିଷୟରେ ଯାହାକିଛି ଜଣାଶୁଣା ଥିଲା । ତେଣୁ ତାକୁ 'ଅନ୍ଧକାର ରାଇଜ' ବୋଲି କୁହାଯାଉଥିଲା । ଭୂମଧ୍ୟସାଗରକୁ ଲାଗି ଯେଉଁ ଅଂଶଟି ଅଛି ସେଇ ଅଂଶର ସଂପର୍କ ଥିଲା ଏସିଆ ଏବଂ ଇଉରୋପର ଗୋଟାଏ ଅଂଶ ସହିତ । ଇଜିପ୍ଟ, ଲିବ୍ୟା, ମରକ୍କୋ, ଆଲ୍‌ଜେରିଆ ଏହିସବୁ ହେଉଛି ଉତ୍ତର ଅଞ୍ଚଳ । ଏହାର ଦକ୍ଷିଣରେ ଅତି ଓସାରିଆ ସାହାରା ମରୁଭୂମି । ଓଟ ପିଠି ଉପରେ ବସି ସେହି ମରୁଭୂମିର କେତେକ ଅଂଶକୁ ଲୋକେ ଯାଇ ପାରୁଥିଲେ ସତ, ତା' ଦକ୍ଷିଣକୁ ରହି ଯାଇଥିଲା ପ୍ରକୃତ ଆଫ୍ରିକା ମହାଦେଶ । ଜାହାଜରେ ପଶ୍ଚିମ ଆଫ୍ରିକାର କିଛି ଅଞ୍ଚଳକୁ ଯାଇ ହେଉଥିଲା । ଆଉ ଦକ୍ଷିଣକୁ ଯିବା ସମ୍ଭବ ନଥିଲା ।

ପରେ ଇଉରୋପୀୟମାନେ ଜାହାଜରେ ବହୁ ଦୂରକୁ ଯିବା କୌଶଳ ହାସଲ କଲାପରେ ମହାଦେଶର ପଶ୍ଚିମ କୂଳେ ଦକ୍ଷିଣକୁ ଚାଲି ଯାଉଥିଲେ ଓ ଏକା ବେଳକେ ଦକ୍ଷିଣ ସୀମାରେ ଯାଇ ପହଞ୍ଚିଲା ପରେ ପୁଣି ଉତ୍ତରକୁ ଚାଲିଲେ ଓ ପୂର୍ବ କୂଳେ କୂଳେ ଥିବା ଦେଶ ଗୁଡ଼ିକ ବିଷୟରେ ଜାଣିଲେ ।

ଗୋଟାଏ ସମୟ ଆସିଲା ଯେତେବେଳେ କି ସମଗ୍ର ମହାଦେଶଟାକୁ ଇଉରୋପର ଭିନ୍ନ ଭିନ୍ନ ଦେଶ ନିଜ ଭିତରେ ବାଣ୍ଟିନେଲେ । ସେ ମହାଦେଶରେ ଏତେ ସଂପଦ ରହିଥିଲା ଯେ ଇଉରୋପୀୟମାନେ ଜାହାଜ ଜାହାଜ ମୂଲ୍ୟବାନ, ପଦାର୍ଥ ନେଲେ ମଧ୍ୟ ଭାବୁଥା'ନ୍ତି ଯେ ଯଥେଷ୍ଟ ନେଇହେଉ ନାହିଁ । ଗୋରାମାନେ ଦକ୍ଷିଣ ଭାଗର ଗୋଟାଏ ଅଂଶରେ ଯାଇ ସ୍ଥାୟୀ ଭାବରେ ରହିଗଲେ । ଯେଉଁମାନେ ସେଠାରେ ମୂଳ ଅଧିବାସୀ ସେମାନଙ୍କୁ ନିଜ ଭିଟାମାଟିରୁ ତଡ଼ି ଗୋରା ବସତି ସବୁ

"ଆନନ୍ଦର ଅନ୍ୟ ନାମ ସ୍ୱାସ୍ଥ୍ୟ, ବିଷାଦର ଅନ୍ୟ ନାମ ରୋଗ ।"

--ହାଲିବର୍ଟନ୍

ବସାଇ ଦେଲେ । ସେହି ଅଞ୍ଚଳରେ ପରେ ସୁନା ବହୁ ପରିମାଣରେ ରହିଛି ବୋଲି ଜଣା ପଡ଼ିଲା । ସୁନା ପଥର ବାହାର କରିବା ପାଇଁ ପଥର କାଟି ଖଣି ତିଆରି କରିବାକୁ ପଡ଼ିଲା । ସେହି କାମରେ ମୂଳ ଅଧିବାସୀମାନଙ୍କୁ ସେମାନେ ଲଗାଇଲେ । ବିଷୁବ ରେଖାର ଦକ୍ଷିଣକୁ ଯେଉଁମାନେ ଆରମ୍ଭରୁ ରହିଥିଲେ ସେମାନଙ୍କର ରଙ୍ଗ କଳା, ମୁଣ୍ଡର ବାଳ ଛୋଟ । ସେମାନଙ୍କୁ ନିଗ୍ରୋ ବୋଲି କୁହାଗଲା ।

ଇଉରୋପୀୟ ମାନଙ୍କର ଆଉ ଗୋଟିଏ ଲୋଭ ହେଲା । ଏଣେ ଆମେରିକା ମହାଦେଶକୁ ସେମାନେ ଠାବ କଲେଣି । ସେ ମହାଦେଶରେ ଅତି ଉର୍ବର ଜମି ପଡ଼ିରହିଛି । ସେହି ଜମିରେ ଫସଲ କରିବାକୁ ଲୋକ ନାହାଁନ୍ତି । ସେମାନଙ୍କର ଲୋଭ-ଦୃଷ୍ଟି ପଡ଼ିଲା ଏହି ନିଗ୍ରୋମାନଙ୍କ ଉପରେ । ଯେଉଁମାନଙ୍କ ବାହୁରେ ବଳ ଅଛି ସେହିଭଳି ହଜାର ହଜାର ଯୁବକ ନିଗ୍ରୋଙ୍କୁ ଜବରଦସ୍ତ ଧରିନେଇ ଜାହାଜରେ ବସାଇ ଆମେରିକା ମହାଦେଶକୁ ନେଇଗଲେ । ମଣିଷ ବିକିବା ଓ କିଣିବା ହେଲା ଗୋଟାଏ ବଡ଼ ବ୍ୟବସାୟ । ସେହିମାନଙ୍କୁ ନାମ ଦିଆଗଲା କ୍ରୀତଦାସ । ପରେ ହିସାବ କରି ଜଣାପାଇଛି ଯେ ପ୍ରାୟ ପାଞ୍ଚ ଛ' କୋଟି ଲୋକଙ୍କୁ ସେମାନେ ଆଫ୍ରିକାରୁ ଧରିନେଇ ପଶୁଭଳି ଖଟାଇ ଥିଲେ । ସେହିମାନଙ୍କ ବଂଶଧରମାନେ ଆଜି ଆମେରିକା ମହାଦେଶରେ ରହୁଛନ୍ତି ଓ ସେମାନଙ୍କୁ କଳାଲୋକ ବୋଲି କୁହାଯାଉଛି । ପଶ୍ଚିମ ଭାରତୀୟ ଦ୍ୱୀପପୁଞ୍ଜ, କିଉବା ଓ ସେ ଅଞ୍ଚଳରେ ଅନେକ ଦ୍ୱୀପରେ ସେମାନେ ସ୍ଥାୟୀ ଭାବରେ ରହିଗଲେ । ପଶ୍ଚିମ ଦ୍ୱୀପପୁଞ୍ଜର କ୍ରିକେଟ ଖେଳାଳୀ ମାନଙ୍କ ଭିତରେ ଏହିମାନେ ଏତେ ସଂଖ୍ୟାରେ ଅଛନ୍ତି ତାହା ଏବେ ଟେଲିଭିଜନରେ ସମସ୍ତେ ଦେଖୁଛନ୍ତି । ମଣିଷକୁ ଜବରଦସ୍ତ ଧରିନେଇ ବିକି ପଇସା କରିବା ଭଳି କଳଙ୍କ ଗୋରାମାନଙ୍କ ନାମରେ ଏପର୍ଯ୍ୟନ୍ତ ରହିଛି । ପ୍ରଥମେ ପ୍ରଚାର କରାଗଲା ଯେ ନିଗ୍ରୋମାନେ ଅସଭ୍ୟ । କିନ୍ତୁ ପ୍ରମାଣ ମିଳିଲା, ସେମାନେ ଥିଲେ ଭଲ କାରିଗର, ପ୍ରକୃତ ଅର୍ଥରେ ସଭ୍ୟ । ସେମାନଙ୍କ କାରିଗରୀ ହାତ କଅଣ ସବୁ ତିଆରି କରି ପାରୁଥିଲା ତାହାର ନମୁନା ଏବେ ଆବିଷ୍କୃତ ହେଲାଣି ।

ପୃଥିବୀର ଯେଉଁ କେତୋଟି ମହାଦେଶ ଅଛି ତା'ଭିତରେ ଆଫ୍ରିକାର ସ୍ଥାନ ହେଉଛି ଦ୍ୱିତୀୟ । ପୃଥିବୀର ସ୍ଥଳଭାଗର ପାଞ୍ଚ ଭାଗରୁ ଭାଗେ ରହିଛି ଏହି ମହାଦେଶରେ । ୯ଟି ଭାରତବର୍ଷ ସହିତ ଏହାର ଏରିଆ ସମାନ : ୧୧, ୬୬୬, ୧୫୯ ବର୍ଗ ମାଇଲ ବା ୩୦, ୨୧୭, ୮୯୪ ବର୍ଗକିଲୋମିଟର । ବିଷୁବ ରେଖା ଏହାକୁ ପ୍ରାୟ ଦୁଇଭାଗ କରି ଦେଇଛି । ଉପର ଅଂଶଟା ଟିକିଏ ପଶ୍ଚିମକୁ ବେଶୀ ବଢ଼ିଯାଇଛି । ଆଫ୍ରିକାର ଉତ୍ତରରେ ଭୂମଧ୍ୟ ସାଗର, ପଶ୍ଚିମରେ ଆଟ୍‌ଲାଣ୍ଟିକ ମହାସାଗର, ପୂର୍ବପଟେ ଲୋହିତ ସାଗର ଓ ଭାରତ ମହାସାଗର, ଦକ୍ଷିଣ ପଟେ ଭାରତ ମହାସାଗର ଓ ଆଟ୍‌ଲାଣ୍ଟିକ ମହାସାଗରର ମିଳନର ସ୍ଥଳ । କେତେ ଗୁଡ଼ିଏ ଦ୍ୱୀପ ମହାଦେଶ ନିକଟରେ ଅଛନ୍ତି । ତାହା ଭିତରେ ସବୁଠାରୁ ବଡ଼ ହେଉଛି ମାଡାଗାସ୍କାର । ୧୯୯୩ରେ ଏହାର ଲୋକସଂଖ୍ୟା ଥିଲା ୬୮ କୋଟି ଓ କ୍ରମେ ଏହା ବଢୁଛି ।

ସତେ ଯେପରିକି ଏ ମହାଦେଶଟା କୋଟି କୋଟି ବର୍ଷ ତଳେ ଗୋଟାଏ ଅତି ବିଶାଳ ଶିଳାଖଣ୍ଡ ରୂପରେ ଜନ୍ମ ନେଇଥିଲା । ବହୁ ଉଚ୍ଚ ପର୍ବତ ଏଠାରେ ରହିଛି । ନୀଳନଦୀ ଏବଂ କଙ୍ଗୋ ନଦୀ ମହାଦେଶଟିକୁ ଗୋଟିଏ ଦୃଷ୍ଟିରୁ ଜୀବନ ଦେଇଛନ୍ତି । ବିଷୁବ ରେଖାଟା

---

"ଯେଉଁ ମୁହୂର୍ତ୍ତରୁ ତୁମ ଭୁଲଟିକୁ ତୁମେ ସ୍ୱୀକାର କରିଗଲ, ସେହି ମୁହୂର୍ତ୍ତରୁ ଭଲ କାମ ପାଇଁ ତୁମ ରାସ୍ତା ଖୋଲିଗଲା ।"

--ଅଗଷ୍ଟିନ୍

ମଝିରେ ଗ୍ଭଲିଯାଇଥିବାରୁ ବର୍ଷର ଅଧିକାଂଶ ସମୟ ଆଫ୍ରିକାରେ ଗରମ । ଉଚ୍ଚ ଉଚ୍ଚ ପାହାଡ଼ ଓ ମହାସାଗରର ତଳିଆ ସ୍ରୋତ କେତେକ ଅଂଶକୁ ଟିକିଏ ଥଣ୍ଡାକରି ରଖୁଛି । ସମଗ୍ର ମହାଦେଶର ଶତକରା ମାତ୍ର ଛଅଭାଗ ଗ୍ଭଷଯୋଗ୍ୟ ଜମି । ଗ୍ଭରି ଭାଗରୁ ଭାଗେ ଅଞ୍ଚଳରେ ଅରଣ୍ୟ ପୂରି ରହିଛି । ଅରଣ୍ୟ, ଉଚ୍ଚ ଉଚ୍ଚ ଘାସଭୂମି ଓ ଶହ ଶହ ମାଇଲ ଧରି ଥିବା ବୁଦାଭୂମିରେ ଚରି ବୁଲିବା ବଣ୍ୟଜନ୍ତୁ ମାନଙ୍କ ଭିତରେ ସହଜ । ଆଫ୍ରିକାର ହାତୀ ଖୁବ୍ ବଡ଼ । ପେଟ୍ରୋଲ, ବକ୍‌ସାଇଟ୍, ୟୁରାନିୟମ ଏବଂ ତମ୍ବା ବହୁ ପରିମାଣରେ ଅଛି । ଏହା ସାଙ୍ଗକୁ ଲୁହା, ମାଙ୍ଗାନିଜ୍ ଇତ୍ୟାଦି ଅଛି ।

ବଡ଼ ବଡ଼ ପାହାଡ଼ ପର୍ବତ, ଘଞ୍ଚ ଅରଣ୍ୟ ଲୋକମାନଙ୍କୁ ପରସ୍ପର ଠାରୁ ଅଲଗା କରି ଦେଇଛି ବୋଲି କହିଲେ ଚଳେ । ତେଣୁ ପ୍ରାୟ ୮୦୦ରୁ ୧୦୦୦ ଭାଷା ଏହି ମହାଦେଶରେ ଲୋକେ କୁହନ୍ତି । ଉତ୍ତର ଅଂଶରେ କିନ୍ତୁ ଆରବୀ ଭାଷା ପ୍ରାୟ ସମସ୍ତେ କହନ୍ତି, ବୁଝନ୍ତି । ଗୋରାମାନେ ଯେତେବେଳେ ଏ ଅଞ୍ଚଳକୁ ଦଖଲ କଲେ, ସେହିମାନଙ୍କ ଭାଷା ଚଳାଇଲେ । ଇଂରାଜୀ, ଫରାସୀ, ଜାପାନୀ, ପର୍ତ୍ତୁଗୀଜ ଭାଷା ନିଜ ନିଜର ପ୍ରଭାବ ବିସ୍ତାର କଲେ । ପରେ କିନ୍ତୁ ସ୍ଥାନୀୟ ଭାଷା ଓ ଆରବୀ ଭାଷାକୁ ମିଶାଇ ସ୍ୱାହିଲୀ ବୋଲି ଗୋଟିଏ ଭାଷା ସୃଷ୍ଟି ହୋଇଛି ଓ ସେହି ଭାଷାରେ ଆଫ୍ରିକାର ବହୁଲୋକ ନିଜ ନିଜ ଭିତରେ କଥାବାର୍ତ୍ତା କରନ୍ତି । ମହାଦେଶର ଉତ୍ତରରୁ ଦକ୍ଷିଣକୁ ଓ ପୂର୍ବରୁ ପଶ୍ଚିମକୁ ଗ୍ଭଲିଲେ ବହୁ ରକମ ଫସଲ ଦେଖିବାକୁ ମିଳିବ ।

ଦକ୍ଷିଣ ଆଫ୍ରିକାରେ ବହୁପରିମାଣରେ ହୀରା ଅଛି । ପୃଥିବୀରେ ଯେତେ ହୀରା ରହିଛି ତା'ର ଗ୍ଭରି ଭାଗରୁ ଭାଗେ ଅଛି ଏହିଠାରେ । ସେମିତି ପୃଥିବୀରେ ଯେତେ ସୁନା ଅଛି ଏହାର ଅଧାରୁ ଅଧିକ ଆଫ୍ରିକା ମହାଦେଶର ତିନୋଟି ଦେଶରେ ରହିଛି । ଭୂଇଁତଳୁ ମିଳୁଥିବା ଗ୍ୟାସ ଓ ପେଟ୍ରୋଲ ପାଇଁ ଆଫ୍ରିକା ପ୍ରସିଦ୍ଧ । ଦିନେ ଅନୁମାନ କରାଯାଉଥିଲା ଯେ ମହାଦେଶଟି ସ୍ୱାଧୀନ ହୋଇଗଲା ପରେ ବହୁତ କିଛି ନୂଆକଥା ହୋଇଯିବ । କିନ୍ତୁ ଦେଖାଗଲା ଯେ ତାହା ହେଉନାହିଁ । କାହିଁକି ନା ଭିନ୍ନ ଭିନ୍ନ ଦେଶ ଭିତରେ ବହୁତ ମତଭେଦ ରହିଛି ।

ଶେଷରେ ଗୋଟିଏ କଥା କୁହାଯାଇପାରେ । ସେଇଟି ହେଉଛି ସବୁଠାରୁ ବଡ଼କଥା । ମନୁଷ୍ୟ ଜାତି ପ୍ରଥମେ ଏହି ମହାଦେଶରେ ବୁଲୁଥିଲା । ଅନ୍ୟଭାବରେ କହିବାକୁ ଗଲେ ପ୍ରକୃତି ବା ଭଗବାନ ପ୍ରଥମେ ଯେଉଁ ମଣିଷ ତିଆରି କଲେ ତାକୁ ଆଫ୍ରିକାରେହିଁ ରୂପ ଦେଲେ । ଆଉ କେହି କେହି ଅବଶ୍ୟ କୁହନ୍ତି ଯେ ଚୀନରେ ମଧ୍ୟ ସେହି ସମୟରେ ମଣିଷ ବୁଲୁଥିଲେ । ଦୁଇ କୋଟି ଅଢ଼େଇ କୋଟି ବର୍ଷ ପୂର୍ବେ କେତେକ ଜାତିର ବାନର ତିଆରି କରି ପ୍ରକୃତି ଶେଷ ପରୀକ୍ଷା ଚଳାଇଲା କେମିତି ମଣିଷ ତିଆରି କରିବ ବୋଲି । କେତେ ଲକ୍ଷ ବର୍ଷ ପୂର୍ବେ ପ୍ରଥମେ ମଣିଷ ଏହି ଅଞ୍ଚଳରେ ବୁଲିଥିଲା ସେ ବିଷୟରେ ସମସ୍ତେ ଏକମତ ହେଉନାହାନ୍ତି । "ମନୁଷ୍ୟ" କଥା କହିଲା ବେଳେ ଏହି ସମ୍ପର୍କରେ ଆଲୋଚନା କରାଯାଇଥାଏ ।

୫୦୦ ବର୍ଷ ପୂର୍ବେ ଇଉରୋପର ପର୍ତ୍ତୁଗୀଜ ମାନେ ଏହି ମହାଦେଶର ସମୁଦ୍ର କୂଳ ଅଞ୍ଚଳରେ ପ୍ରବେଶ କଲେ । ତା'ପରେ ଆସିଲେ ଡଚ୍ । ପରେ ଇଂରେଜ ମାନେ ଭିତର ଅଂଶକୁ ଗ୍ଭଲିଲେ । ଇଉରୋପୀୟ ମାନଙ୍କ ଭିତରେ ବହୁତ କିଛି ଝଗଡ଼ା ହେଲା ମହାଦେଶର କେଉଁ ଅଞ୍ଚଳକୁ କିଏ ଅଧିକାର କରିଯିବ । ୧୯୨୦ରେ ଯେତେବେଳେ ଭାରତରେ ସ୍ୱାଧୀନତା ଆନ୍ଦୋଳନ

---

"ଯାହା ଶିଖିଲ, ତାକୁ ଜ୍ଞାନରେ ପରିଣତ କରିବା ହେଉଛି ଶିକ୍ଷାର ଉଦ୍ଦେଶ୍ୟ ।"

--ଟେମ୍ପଲ୍

ଗାନ୍ଧିଜୀ ଆରମ୍ଭ କରୁଥା'ନ୍ତି, ସେତେବେଳକୁ କେବଳ ଇଥିଓପିଆ, ଲାଇବେରିଆ ଓ ଦକ୍ଷିଣ ଆଫ୍ରିକା ଇଉନିଅନ - ଏହି ତିନୋଟି ଦେଶକୁ ଛାଡ଼ିଦେଲେ ବାକି ସବୁ ଅଞ୍ଚଳକୁ ଦଖଲ କରିଯାଇଥିଲେ । ଭାରତ ୧୯୪୭ରେ ସ୍ୱାଧୀନ ହୋଇଗଲା ପରେ ଇଉରୋପର ସାମ୍ରାଜ୍ୟ ସବୁ ଭୁଶୁଡ଼ି ପଡ଼ିଲା ଓ ୧୯୫୦ ବେଳକୁ ମହାଦେଶର ଚାରିଆଡ଼େ ମୁକ୍ତି ସଂଗ୍ରାମ ଆରମ୍ଭ ହୋଇଗଲାଣି । ତା'ପରେ ଗୋଟିଏ ପରେ ଗୋଟିଏ ସବୁ ଦେଶ ସ୍ୱାଧୀନ ହୋଇଗଲେ ।

**ଆବଶ୍ୟକତା :** ଏଇଟି ଏମିତି ଗୋଟିଏ କଥା ଯେ ଏହା ବିଷୟରେ ଯେତେ କହିଲେ ମଧ୍ୟ ସରିବ ନାହିଁ ଓ କାଳ ଯେତେ ଅଗେଇ ଯାଉଥିବ ଏହାର ନୂଆ ନୂଆ ରୂପ ହେଉଥିବ । ଏହାରି ନାମ "ଆବଶ୍ୟକତା" ।

କାହିଁ କେତେ ହଜାର ବର୍ଷର ପୂର୍ବ କଥା । ନଈରେ ପାଣି ବହିଯାଉଛି, ଝରଣାରୁ ପାଣି ଝରି ଆସିଛି । ଲୋକ ପିଇଦେଇ ଖୁସି ହୋଇଯାଉଛି । ସେ କିନ୍ତୁ ଟିକିଏ ଦୂରରେ ରହୁଛି । ଶୋଷ ହେଲେ ସବୁବେଳେ ନଦୀ ବା ଝରଣା ପାଖକୁ ଆସିବ ପାଣି ଟୋପାଏ ପାଇବା ପାଇଁ - ସବୁବେଳେ ଏମିତି ସୁବିଧା ହେଉନଥିଲା । ରାତିରେ ଶୋଇଛି । ତା' ଛୁଆଟିକୁ ଶୋଷ ହେଲା ବା ତାକୁ ଶୋଷ ହେଲା । ପିଲାଟା କାନ୍ଦିଲାଣି । ଦୂରକୁ ଯାଇ ପାଣି ଆଣିଲା ବେଳକୁ ସେ ଉଛନ୍ନ ହେଲାଣି । ତା' ମୁଣ୍ଡରୁ ଗୋଟାଏ ବୁଦ୍ଧି ବାହାରିଲା । ଖଣ୍ଡେ କାଠକୁ ସେ ପଥରରେ କାଟି କାଟି ତା'ଭିତରେ ଗୋଟାଏ ଖାଲ କରିଦେଲା । ସେଇଥିରେ ପାଣି ଆଣି ସେ ରାତି ପାଇଁ ରଖିଦେଲା । ଗୋଟାଏ ବଡ଼ ଅସୁବିଧା ଦୂର ହୋଇଗଲା । ପାଣି ଆବଶ୍ୟକ ହେଉଥିବାରୁ ଏଇ ପାଣିପାତ୍ରଟି ତିଆରି ହେଲା । ତାହାପରେ ଅବଶ୍ୟ ପଥରରେ ସେ ଆଉ ଟିକିଏ ବଡ଼କରି ତିଆରି କଲା । ବର୍ଷାବେଳେ ତାକୁ ପଦାରେ ରଖିଦେଲେ ସେଥିରେ ପାଣି ଜମିଗଲା । ଆଉ ଖଣ୍ଡେ ପତଳା ପଥର କିମ୍ବା କାଠ ଆଣି ତା ଦେହରେ ଘୋଡ଼େଇ ଦେଲା । ଗୋଟିଏ ପାଣି ପାତ୍ର, ଗୋଟିଏ ଘୋଡ଼ଣୀ ତାକୁ ଗୋଟାଏ ଦୃଷ୍ଟିରୁ ନିଶ୍ଚିନ୍ତ କରିଦେଲା ।

ଏମିତିକା ହଜାର ହଜାର କଥା କୁହାଯାଇ ପାରିବ । ପ୍ରତ୍ୟେକ ପିଲା ଟିକିଏ ଯଦି ଭାବିବ ଏମିତିକା ଶହେଟା କଥା କହିଦେଇପାରିବ । ଅକ୍ଷର ଲେଖିବା ଦରକାର ପଡ଼ିଲାରୁ ସେ ଖଣ୍ଡେ ଚକ୍ ମୁଣ୍ଡା ବା ଅଙ୍ଗାରରେ ଲେଖିଲା । ସେଇଟା ତ ଲିଭିଯିବ । ତେଣୁ ଲୁହାର ଗୋଟାଏ ଓଜନିଆ କଲମ କଲା । ତାଳପତ୍ରକୁ ଶୁଖାଇ ପାଗ କରି କାଗଜ ଭଳି ଛୋଟ ଛୋଟ ଫର୍ଦ୍ଦ କରିଦେଲା । ଲେଖନୀରେ ସେ ତାଳ ପତ୍ର ଉପରେ ଲେଖିଲା । ବେଶୀ ଲେଖିବାରୁ ଯେତେବେଳେ ଆବଶ୍ୟକତା ଦେଖାଦେଲା ସେ ଭିନ୍ନ ଭିନ୍ନ ପ୍ରକାରର କଲମ ଓ କାଗଜ ତିଆରି କଲା । ଏବେ ବି ଦେଖୁଥିବ ଯେଉଁ ବୁଢ଼ାଲୋକଟି ମୋଟେ ପାଠ ପଢ଼ିନାହିଁ, ଜୀବନରେ କିଛି ହେଲେ ଲେଖିନାହିଁ, ତା'ର କାଗଜ କଲମ କାହିଁକି ବା ଦରକାର ହେବ ।

ମଣିଷ ଯେତେବେଳେ କ୍ରମେ ସଭ୍ୟ ହେବାକୁ 'ଲାଗିଲା' ସେତେବେଳେ ନାନା ଚିଜର ଦରକାର ପଡ଼ିଲା । ସେ ନୂଆ ନୂଆ ଚିଜ ତିଆରି କଲା । ସେଇଥି ଯୋଗୁ କୁହାଯାଏ ଯେତେ ନୂଆ ନୂଆ ଯନ୍ତ୍ରପାତି ବାହାରିଛି, ସମସ୍ତଙ୍କର ଜନନୀ ହେଉଛି ଆବଶ୍ୟକତା ।

**ଆବିଷ୍କାର :** ଶିଶୁଟିଏ ଜନ୍ମ ହେଉଛି । ଦେଖିବାକୁ କେଡ଼େ ଛୋଟ । ତାକୁହିଁ ଯେତେବେଳେ ପଚିଶ ତିରିଶ ବର୍ଷ ବୟସ ହୋଇଯାଉଛି ସେ କେଡ଼େ ବଡ଼ ଲାଗୁଛି । ଯିଏ ତା' ଜନ୍ମବେଳୁ ଦେଖିଥିଲେ ସେ

"ଗୋଟିଏ ମା' ଲକ୍ଷେ ଧର୍ମୋପଦେଷ୍ଟାଙ୍କ ସଙ୍ଗେ ସମାନ ।"

--ସ୍ପେନ୍ ଦେଶର ଲୋକବାଣୀ

ତା ଯୁବକ ବେଳ ଚେହେରା ଦେଖି ମନେ ମନେ ଟିକିଏ ହସୁଛନ୍ତି । ଅବଶ୍ୟ କେହି ଦେଖିନାହିଁ । କିନ୍ତୁ ଦିନେ ଏହି ପୃଥିବୀଟି କେତେ ଛୋଟ ବୋଲି ମଣିଷ ଭାବିଥିଲା ସେଇକଥା ଭାବିଲେ ଆଜିର ମଣିଷ ଟିକିଏ ହସୁଛି । ମଣିଷର ସ୍ୱଭାବ ହେଲା ତା' ଚାରିପଟେ କେଉଁମାନେ ଅଛନ୍ତି ଓ କଅଣ ସବୁ ଅଛି ସେ ବିଷୟରେ ଜାଣିବା ପାଇଁ ମନ କରିବା । ସେ ଯେଉଁଠି ରହୁଥିଲା ସେଠାରୁ କେତେ କୋଷ, କେତେ ଯୋଜନ ଦୂରକୁ ଥରେ ଥରେ ସେ ଚାଲିଯାଉଥିଲା । ତେଣିକି ଯିବାପାଇଁ ସେ ଡରୁଥିଲା ଓ ଫେରି ଆସୁଥିଲା । ଆଜିର ମଣିଷ ପୃଥିବୀର ସବୁ ଅଞ୍ଚଳ ଦେଖିପିବାରୁ କହୁଛି - "ପୃଥିବୀଟା ଏତେ ବଡ଼! ସେ ଯୁଗର ମଣିଷ ତ ନିଶ୍ଚୟ ଭାବିଥିବ ପୃଥିବୀଟି କେତେ ଛୋଟ !"

ମଣିଷକୁ ମଣିଷ ଚିହ୍ନିବା ପାଇଁ ଯେଉଁ ଚେଷ୍ଟା କଲା ସେହି ଉଦ୍ୟମର କାହାଣୀ ଏତେ ସୁନ୍ଦର ଯେ ଅନ୍ୟ କୌଣସି କାହାଣୀ ତା'ଭଳି ହୋଇପାରିବ ନାହିଁ । ସାତ ଶହ, ଆଠ ଶହ ବା ହଜାରେ ବର୍ଷ ତଳେ ପୃଥିବୀର ଗୋଟିଏ ଅଞ୍ଚଳର ଲୋକ ଅନ୍ୟ ଅଞ୍ଚଳର ଲୋକଙ୍କ ବିଷୟରେ କିମ୍ଭୁତ କିମାକାର ଧାରଣା ରଖିଥିଲା । ଯେଉଁମାନେ ଦୂର ଦେଶରେ ଯାଇ ବେପାର ବଣିଜ କରୁଥିଲେ ସେମାନେ ସେଠା ଲୋକଙ୍କ ମନ ଖୁସି କରିବା ପାଇଁ ମନରୁ ଫାନ୍ଦି କେତେ କଅଣ କହି ଯାଉଥିଲେ । ସେ ସବୁକଥା ଶୁଣି ଜଣାଶୁଣା ଓ ପଢ଼ାଶୁଣା ଲୋକ ମଧ୍ୟ ବିଶ୍ୱାସ କରିଯାଉଥିଲେ ଯେ ପୃଥିବୀର ଭିନ୍ନ ଭିନ୍ନ ଅଂଶରେ ନିଶ୍ଚୟ ବିଚିତ୍ର ଲୋକ ସବୁ ଅଛନ୍ତି । କାହାର ହାତୀ ଭଳି ମୁଣ୍ଡ ତ କାହାର ଅଛି ବଡ଼ ବଡ଼ କାନ । ଏକ ପାଦିଆ, ଛେଳି ମୁଣ୍ଡିଆ, ଏକ ଆଖିଆ, ମୁଣ୍ଡ ନଥିବା, କୁକୁର ମୁଣ୍ଡିଆ ଓ ହଂସବେକା ଜୀବସବୁ ଅଛନ୍ତି ବୋଲି ସମସ୍ତେ ଧରି ନେଇଥିଲେ ।

କିନ୍ତୁ ପ୍ରାୟ ପାଞ୍ଚଶହ ବର୍ଷତଳେ ଲୋକ ଯେତେବେଳେ ପୃଥିବୀର ସବୁ ଅଞ୍ଚଳକୁ ଯିବାକୁ ମନ କଲା ଓ ଗଲା ମଧ୍ୟ, ସେତେବେଳେ ତାହାର ସେ ଭୁଲ୍ ଧାରଣା ଦୂର ହୋଇଗଲା ଓ ସେ ଯେଉଁ ବୁଢ଼ୀ ଅସୁରୁଣୀ ଗପସବୁ ଶୁଣୁଥିଲା ସେସବୁ ମିଛ ବୋଲି ଆବିଷ୍କାର କଲା । ଆବିଷ୍କାରର ଅର୍ଥ ହେଲା - ଯେଉଁ ଦେଶକୁ ଜଣେ ଯାଇ ନଥିଲା କି ସେମିତି ଦେଶ ଅଛି ବୋଲି ଜାଣି ନଥିଲା ସେମିତିକା ଦେଶରେ ପହଞ୍ଚିଲା । ସମୁଦ୍ରରେ ଯିବା ପାଇଁ ଯେତେବେଳେ ଭଲ ଭଲ ଜାହାଜସବୁ ବାହାରିଲା ମଣିଷ ବହୁ ଦୂରକୁ ଯାଇପାରିଲା । କେଉଁ ବର୍ଷ କିଏ ଇଉରୋପରୁ ବାହାରି କେଉଁ ନୂଆ ଦେଶରେ ପହଞ୍ଚିଲେ ତାହାରି ଟିକିନିଖି ବର୍ଣ୍ଣନା ଯେଉଁମାନେ ଯାଇଥିଲେ ସେମାନେ ଲେଖିଦେଇ ଯାଇଛନ୍ତି । ପାଞ୍ଚଶହ ବର୍ଷ ପୂର୍ବେ ଆମେରିକା ବୋଲି ଗୋଟାଏ ମହାଦେଶ ଅଛି - ଲୋକେ ବିଶ୍ୱାସ କରୁ ନ ଥିଲେ । କଲମ୍ବସ୍ ବୋଲି ଜଣେ ପ୍ରଥମେ ସେ ମହାଦେଶକୁ ଦେଖିଲେ । ପୃଥିବୀର ମାନଚିତ୍ର ନୂଆ ଭାବରେ ଅଙ୍କା ହେଲା । ନୂଆ ନୂଆ ଅଞ୍ଚଳ ଓ ଦେଶ ଆବିଷ୍କାର କଲାରୁ ପୃଥିବୀରେ କେତେ ଯେ ନୂଆ କଥା ଘଟିଗଲା ସେସବୁ ଜାଣିଲେ, ପଢ଼ିଲେ କେତେ ଆନନ୍ଦ ହୁଏ ଓ କେତେ ନୂଆ ନୂଆ କଥା ଜାଣିହୁଏ ତାକୁ କଥାରେ ସହଜରେ କହିହେବ ନାହିଁ । ଆବିଷ୍କାର ପୃଥିବୀର ଗୋଟାଏ ଅଞ୍ଚଳର ମନୁଷ୍ୟଙ୍କ ସହିତ ଅନ୍ୟ ଅଞ୍ଚଳ ମନୁଷ୍ୟଙ୍କର ପରିଚୟ କରାଇ ଦେଲା ।

**ଆଭୋସେଟ୍** : ପକ୍ଷୀଙ୍କ ଭିତରେ ଗୋଟାଏ ଜାତି ଅଛନ୍ତି ଯେଉଁମାନେ କି ପାଣି କୂଳେ କୂଳେ ବୁଲନ୍ତି । ସେହି ଅଳ୍ପ ପାଣି ଥିବା କୂଳରେ ଯେଉଁ କାଦୁଅ ଥାଏ ତାହାରି ଭିତରେ ଲମ୍ବା ଥଣ୍ଟକୁ ଏଭଳି ଭାବରେ ଏପାଖ ସେପାଖ କରି ଦିଅନ୍ତି ଯେ ଖାଇବା ପାଇଁ ଯଥେଷ୍ଟ

"ଯିଏ ବିଜ୍ଞ ଲୋକ, ସେ କହିଲା ପୂର୍ବରୁ ଚିନ୍ତା କରେ - କ'ଣ କହିବି; ମୂର୍ଖ ଲୋକ କହିସାରି ଚିନ୍ତାକରେ - କ'ଣ କହିଲା ।"

--ଡି ଲିଲେ

ଛୋଟ ମାଛ, ଛୋଟ ପୋକ ମିଳି ଯାଆନ୍ତି । ଆଭୋସେଟ୍ ସେହି ଜାତିର ଗୋଟିଏ ପକ୍ଷୀ । ଚିତ୍ରରୁ ଦେଖି ପାରିବ କେମିତି ମୁହଁରୁ ଗୋଟାଏ ସରୁ ଥଣ୍ଟ ବାହାରି ଯାଇଛି । କାଦୁଅ ଭିତରକୁ ସହଜରେ ପଶିଯିବା ପାଇଁ ଯେମିତି ସେଇଟିକୁ ତିଆରି କରାଯାଇଛି । ଡେଣା ଗୁଡ଼ିକ ଏମିତି କଳା, ଧଳା ହୋଇଛି ଯେ ସୁନ୍ଦର ଦେଖାଯାଏ । ଗୋଡ଼ ଦୁଇଟି ନୀଳ ବର୍ଣ୍ଣର; ପାଣି କୂଳରେ ଅଣ୍ଡା ଦିଅନ୍ତି । ଗଭୀର ପାଣିକୁ ଚାଲିଗଲେ ବତକ ଭଳି ପହଁରନ୍ତି ।



(ଆଭୋସେଟ୍)

୪୫ ସେଣ୍ଟିମିଟର ଲମ୍ବ ହୁଅନ୍ତି । ଏଗୁଡ଼ିକ ବହୁଜାତିର ଅଛନ୍ତି । ଉତ୍ତର ଆମେରିକା ମହାଦେଶରେ ଦେଖାଯାଆନ୍ତି ।

**ଆମାଜୋନ ନଦୀ :** ମନୁଷ୍ୟ ଯେତେବେଳେ ଦଳବାନ୍ଧି ଗୋଟିଏ ଗୋଟିଏ ସ୍ଥାନରେ ରହିବାକୁ ଆରମ୍ଭ କଲା ସେତେବେଳେ ସେ ପ୍ରଥମେ ନଦୀ କୂଳରେହିଁ ଗାଁ ଗଣ୍ଡା ବସାଇଲା, କାରଣ ପାଣିର ସୁବିଧା ହେଲା । ଦକ୍ଷିଣ ଆମେରିକା ମହାଦେଶର ଆମାଜୋନ ନଦୀଟି ହେଉଛି ପୃଥିବୀର ସବୁ ନଦୀଙ୍କ ଭିତରେ ଗୋଟାଏ ଦୃଷ୍ଟିରୁ ବଡ଼ । ଏହାଠାରୁ ସାମାନ୍ୟ ଅଧିକ ଲମ୍ବର ନଦୀ ଥିଲେ ମଧ୍ୟ ଏହା ଭିତର ଦେଇ ଯେତେ ପରିମାଣର ପାଣି ଯାଏ ସେହି ଦୃଷ୍ଟିରୁ ପୃଥିବୀରେ ଏହାର ସ୍ଥାନ ପ୍ରଥମ । ପ୍ରଶାନ୍ତ ମହାସାଗର ପଟେ ୧୬୦ କି.ମି. ମାଇଲ ଦୂର ଆଣ୍ଡିଜ ପର୍ବତରୁ ବାହାରି ନଈଟି ଆସି ପଡ଼ିଛି




(ଆମାଜୋନ୍ ନଦୀ)

ଆଟଲାଣ୍ଟିକ ମହାସାଗରରେ । ମୋଟ ଲମ୍ବ ୪୦୦୦ ମାଇଲ ବା ୬୪୦୦ କି. ମି. ରୁ ଅଧିକ । ଆମ ମହାନଦୀର ଲମ୍ବ ପ୍ରାୟ ୭୫୦ କି.ମି. । ଏଥିରୁ ବେଶ୍ ଅନୁମାନ କରିହେବ ଆମାଜୋନ ନଦୀଟି କେତେ ଲମ୍ବ ! ସମଗ୍ର ପୃଥିବୀ ପୃଷ୍ଠରୁ ଯେତେ ପରିମାଣର ଜଳ ନଦୀବାଟେ ସମୁଦ୍ରକୁ ବହିଯାଉଛି, ସେଥିରୁ ପାଞ୍ଚ ଭାଗରୁ ଭାଗେ କେବଳ ଏହି ଆମାଜୋନ ବାଟେହିଁ ଯାଉଛି । ଏକ ହଜାର ଉପନଦୀ ଏଥିରେ ଆସି ମିଶିଛନ୍ତି । ସେଥିରୁ କେତେ ଗୁଡ଼ିକର ଲମ୍ବ ୧୫୦୦ରୁ ୨୪୦୦ କି.ମି. । ନଦୀ ମୁହାଣଟା ୧୫୦ ମାଇଲ ବା ୨୪୦ କି.ମି. ଓସାର । ଘଣ୍ଟାକୁ ୧୭ ହଜାର କୋଟି ଗ୍ୟାଲନ ପାଣି ଏହି ମୁହାଣବାଟେ ଆଟଲାଣ୍ଟିକ

"ସିଧା ବାଟଟି ସବୁଠାରୁ କମ୍ ବୋଲି ଗଣିତ ତଥା ନୀତିଶାସ୍ତ୍ର ଉଭୟେ କହିଛନ୍ତି ।"

--ଏଜ୍‌ୱାର୍ଥ

ମହାସାଗରରେ ପଡୁଛି । ଏତେ ପରିମାଣର ପାଣି ପଡୁଥିବାରୁ ସମୁଦ୍ରର ୧୫୦ କି.ମି. ଅଞ୍ଚଳର ଲୁଣି ପାଣି ମଧୁର ପାଲଟି ଯାଉଛି । ମୁହାଣ ଠାରୁ ୧୬୦୦ କି.ମି. ଉପରକୁ ନଦୀରେ ବଡ଼ ବଡ଼ ଜାହାଜ ଯାଇପାରେ, ଛୋଟ ଛୋଟ ଜାହାଜ ତ ୩୫୦୦ କି.ମି. ପର୍ଯ୍ୟନ୍ତ ଯାଇପାରେ । ସ୍ଥାନେ ସ୍ଥାନେ ଏହି ନଦୀ ଏତେ ଓସାର ଯେ ତାହା ଭିତର ଦେଇ ନୌକା ଚାଲିଲାବେଳେ ଯାତ୍ରୀ ତାହାର ଦୁଇ କୂଳକୁ ଦେଖିପାରେ ନାହିଁ ।

**ଆମିବା :** ଗୋଟାଏ ପୋଖରୀରୁ ବୁନ୍ଦାଏ ପାଣି ନେଇଯାଇ ଯଦି ଅଣୁବୀକ୍ଷଣରେ ଦେଖିବ ତେବେ ଆଖିରେ ପଡ଼ିଯିବ ଶହ ଶହ ଅତି ଛୋଟ ଛୋଟ ଜୀବାଣୁ । ଆମିବା ସେହିମାନଙ୍କ ଭିତରୁ ଗୋଟିଏ ଜାତିର । ପ୍ରକୃତି ଯେତେବେଳେ ଜୀବସୃଷ୍ଟି ଆରମ୍ଭ କଲା ସେତେବେଳେ କେମିତି ଆରମ୍ଭ କରିବ ସେହିକଥା ବିଚାରୁ ବିଚାରୁ ଏହିସବୁ ଅତି ସୂକ୍ଷ୍ମ ଜୀବ ତିଆରି କରିଦେଲା । ଆମିବାଟି ଗୋଟିଏ ଜୀବକୋଷରେ ତିଆରି । ତାହା ଦେହରେ ନା' ଅଛି ହାଡ଼ ନା ମାଂସ ବା



(ଆମିବା)

କୌଣସି ଟାଣ ପଦାର୍ଥ । ଗୋଟାଏ ମିଲିମିଟରର ଦଶ ଭାଗରୁ ଭାଗେ ହେଉଛି ଏହାର ଲମ୍ବ । ଏହି ଯେଉଁ ଲମ୍ବକଥା କୁହାଗଲା ଗୋଟିଏ ପିନ୍ କଣ୍ଟାର ମୁନ ସଙ୍ଗେ ସମାନ । ଏପଟୁ ସେପଟକୁ ଦେଖାଯାଏ । କାରଣ ସେମିତିକା ପଦାର୍ଥରେ ସେଇଟି ତିଆରି । ଏଇଟି କେତେବେଳେ ସ୍ଥିର ହୋଇ ରହି ନଥାଏ । ସବୁବେଳେ ଚାଲୁଥାଏ । ଜେଲି ଭଳି ହୋଇଥିବାରୁ ତା' ଆକାର ସବୁବେଳେ ବଦଳୁଥାଏ । ଜୀବ ସବୁ କେମିତି ଗତି କରିବେ ତାହା ହୁଏତ ପ୍ରକୃତି ପରୀକ୍ଷା କରୁଥିଲା । ତାହାଠାରୁ ସାନ ଜୀବାଣୁଙ୍କ ଚାରିପଟେ ସେ ଗୁଡ଼ାଇ ହୋଇଯାଏ ଓ ସେଗୁଡ଼ିକୁ ହଜମ କରିଦିଏ । ପାଣିକୁ ପଛପଟେ ଭିଜାଇ ଦେଇ ସେଥିରୁ ଅମ୍ଳଜାନ ପାଇଯାଏ । ସେ ନିଜେ ନିଜେ ଗୋଟିକରୁ ଦୁଇଟି ହୋଇଯାଏ । ଏହାକୁ ଲକ୍ଷ୍ୟକରି ବିଜ୍ଞାନୀମାନେ ଜୀବକୋଷ ବିଷୟରେ ଅନେକ କଥା ଜାଣି ପାରିଲେ ଓ ଜାଣି ପାରୁଛନ୍ତି । କେତେକ ବଡ଼ ବଡ଼ ଆମିବାଙ୍କୁ ଖାଲି ଆଖିରେ ମଧ୍ୟ ଦେଖି ହୁଏ ।

**ଆମେରିକା (ଉତ୍ତର) :** ପାଞ୍ଚଶହ ବର୍ଷ ପୂର୍ବେ ପୃଥିବୀର ଗୋଟିଏ ଅଞ୍ଚଳର ନାମ ମଧ୍ୟ ଶୁଣାଯାଇ ନଥିଲା । ଏଭଳି ଗୋଟିଏ ଅଞ୍ଚଳ ଅଛି ବୋଲି କାହାରି ବିଶ୍ୱାସ ନଥିଲା, । ପୃଥିବୀ ବୋଇଲେ ଏସିଆ, ଇଉରୋପ ଓ ଆଫ୍ରିକା ମହାଦେଶକୁହିଁ ବୁଝାଉଥିଲା । କିନ୍ତୁ ଆଜି ପୃଥିବୀର ସବୁ ଅଞ୍ଚଳର ଲୋକଙ୍କ ଦୃଷ୍ଟି ଆମେରିକା ଭଳି ଗୋଟିଏ ମହାଦେଶ ଉପରେ ପଡ଼ିଛି । ଗୋଟିଏ ଗ୍ଲୋବ୍‌କୁ ଦେଖିଲେ ଦେଖିବ ଯେ ଗୋଟିଏ ଅଧରେ ଉତ୍ତରରୁ ଦକ୍ଷିଣକୁ ଲମ୍ବିଥିବା ଗୋଟାଏ ବିରାଟ ଅଞ୍ଚଳ ରହିଛି । ତାକୁହିଁ ନୂତନ ପୃଥିବୀ, ପଶ୍ଚିମ ଗୋଲାର୍ଦ୍ଧ ବା ଆମେରିକା ନାମ ଦିଆଯାଇଛି । ଆଲୋଚନା କରିବାକୁ ସୁବିଧା ହେବ ବୋଲି ସେହି ଅଞ୍ଚଳକୁ ଦୁଇ ମହାଦେଶ - ଉତ୍ତର ଆମେରିକା ଓ ଦକ୍ଷିଣ ଆମେରିକା ବୋଲି କୁହାଯାଏ । ଏହି ଉତ୍ତର ଆମେରିକାରେ ଅଛି ଯୁକ୍ତରାଷ୍ଟ୍ର ଆମେରିକା ଓ କାନାଡ଼ା ବୋଲି ଦୁଇଟି ଦେଶ ଓ ତଳ ଅଂଶକୁ ମେକ୍ସିକୋ ଏବଂ ଆଉ କେତୋଟି ଛୋଟ ଛୋଟ ଦେଶ ।

"ଜଣକର ଜ୍ଞାନ କେତେ ବେଶୀ, ତା' ଜଣା ପଡ଼ିଯିବ ତା' ପ୍ରଶ୍ନରୁ - ଉତ୍ତରରୁ ନୁହେଁ ।"

--ଭଲଟାୟାର

## ୧୦୯ ଆମେରିକା (ଉତ୍ତର)



(ଉତ୍ତର ଆମେରିକା)

ଏବେ ସମସ୍ତେ ସ୍ୱୀକାର କରୁଛନ୍ତି ଯେ ଉତ୍ତର ଆମେରିକା ହେଉଛି ପୃଥିବୀର ସବୁଠାରୁ ଅଧିକ "ସମୃଦ୍ଧ" ଅଞ୍ଚଳ । ସେଠା ଲୋକେ ଖୁବ୍ ଧନୀ । ସେମାନଙ୍କର ଖାଇବା ପିନ୍ଧିବାର ଅଭାବ ନାହିଁ । ଲୋକେ ଯଥେଷ୍ଟ ପଇସା ରୋଜଗାର କରୁଛନ୍ତି । ବିଲାତ, ଜର୍ମାନୀ ଓ ଫ୍ରାନ୍ସ ପ୍ରଭୃତି ଥିବା ପଶ୍ଚିମ ଇଉରୋପ ଦେଶର ଲୋକଙ୍କ ତୁଳନାରେ ଆମେରିକା ଲୋକଙ୍କ ମୁଣ୍ଡପିଛା ଆୟ ଢେର ବେଶୀ । ଏସିଆର ଲୋକେ ଯେତିକି ଖାଦ୍ୟ ଖାଆନ୍ତି ତାହା ତୁଳନାରେ ଆମେରିକା ଲୋକେ ପ୍ରାୟ ଦେଢଗୁଣରୁ ଅଧିକ ସାରବାନ ଖାଦ୍ୟ ଖାଉଛନ୍ତି । କଳକାରଖାନା ଇତ୍ୟାଦି ବସାଇବାରେ ଅର୍ଥାତ ଶିଳ୍ପ କ୍ଷେତ୍ରରେ ମନୁଷ୍ୟ ଉନ୍ନତି କରି ଯାଉଛି ଯଦି ତାକୁ ଇଚ୍ଛା ମୁତାବକ ଶକ୍ତି ବା ଉର୍ଜା ମିଳିଯାଉଛି । କୋଇଲା, ପେଟ୍ରୋଲ, ଗ୍ୟାସ ସାଙ୍ଗକୁ ପରମାଣୁ କୌଶଳ ଏହି ଶକ୍ତି ଯୋଗାଇ ଦିଏ । କେଉଁ ଦେଶ କେତେ ଧନୀ ତାହାର ହିସାବ କରାଯାଏ ସେ ଦେଶର ଲୋକେ କେତେ ପରିମାଣରେ ଶକ୍ତି ଖର୍ଚ୍ଚ କରୁଛନ୍ତି ତାକୁହିଁ ଦେଖି । ପୃଥିବୀର ସବୁ ଅଞ୍ଚଳରେ ହାରାହାରି ମୁଣ୍ଡପିଛା ଯେତିକି ଶକ୍ତି ବା ଏନର୍ଜୀ ଖର୍ଚ୍ଚ ହୁଏ ଆମେରିକାରେ ତାହାର ଛଅଗୁଣ ହୋଇଥାଏ ।

ଉତ୍ତର ଆମେରିକାର ଏରିଆ ବା କ୍ଷେତ୍ରଫଳ ହେଉଛି ୯୩,୫୫.୦୦୦ ବର୍ଗମାଇଲ ବା ୨,୪୨,୩୦,୦୦୦ ବର୍ଗ କିଲୋମିଟର । ପୃଥିବୀରେ ଯେତେଲୋକ ଅଛନ୍ତି ତାହାର ମାତ୍ର ଶତକଡା ୧୦ ଜଣ ଏହି ମହାଦେଶରେ ରହନ୍ତି । କିନ୍ତୁ ସବୁ ଦେଶର କଳକାରଖାନାରୁ ଯେତିକି ଜିନ ତିଆରି କରାଯାଏ କେବଳ ଆମେରିକାରେ ତାହାର ତିନିଭାଗରୁ ଭାଗେ ହୋଇଥାଏ ।

ଇଉରୋପ ଲୋକ ଯେତେବେଳେ ଏ ଦେଶରେ ଯାଇ ପହଞ୍ଚିଲେ ସେଠି ଯାଇ ଦେଖିଲେ ଯେ ଯେଉଁ ଆଡ଼କୁ ଗ୍ରହିଁବ ଉର୍ବର ମାଟି ଓ ଜଙ୍ଗଲ ଭରି ରହିଛି । ମାଟି ତଳେ ବିଭିନ୍ନ ପ୍ରକାରର ଧାତୁ ଏବଂ ପେଟ୍ରୋଲ, କୋଇଲାର ସୀମା ନାହିଁ । ଜଳ ସଂପଦର ଅଭାବ ନାହିଁ । ଅଭାବ ଅଛି କେବଳ ଲୋକବଳର । ଗାଁ ଗାଁ ଅଳ୍ପ କେତେକ ଲୋକ ଅଛନ୍ତି । ଇଉରୋପରୁ ଯାଇଥିବା ଅଳ୍ପ କେତେକ ଲୋକଙ୍କ ପକ୍ଷରେ ସବୁ ସମ୍ଭବ ହେଲାନାହିଁ । ଆଫ୍ରିକାରୁ ସେମାନେ ଲକ୍ଷ ଲକ୍ଷ ନିଗ୍ରୋଙ୍କୁ ଜବରଦସ୍ତ ଧରିନେଇ ସେ ଦେଶରେ ଖଟାଇଲେ ଓ ଆମେରିକା ପାଲଟି ଗଲା ଗୋଟିଏ ଧନୀ ଦେଶ ।

---

"ସୁଯୋଗ କ୍ୱଚିତ୍ ଆସେ, ତେଣୁ ଥରେ ଆସିଲେ ତାକୁ ଛାଡ଼ିଦିଅ ନାହିଁ ।"

--ବେୟାର୍ଡ

## ୧୧୦ ଆମେରିକା (ଉତ୍ତର)-ଆମ୍ବ

ଇଟାଲୀ ଦେଶର ଜଣେ ନାବିକ ଏବଂ ବଣିକଙ୍କର ନାମ ଆମେରିକା । ସେ ଏହି ମହାଦେଶରେ ଆସ୍ଥାନ ଜମାଇ ଥିବାରୁ ତାଙ୍କରି ନାଁ ଅନୁସାରେ ଏହାକୁ କୁହାଗଲା 'ଆମେରିକା' । ଉତ୍ତର ଆମେରିକାରେ ଯୁକ୍ତରାଷ୍ଟ୍ର ଆମେରିକା ବୋଲି ଯେଉଁ ଦେଶ ଅଛି ତାହା ସବୁ ଦୃଷ୍ଟିରୁ ପୃଥିବୀର ଧନୀ ଦେଶ । ସେଠା ଲୋକଙ୍କ ହାତରେ ଅତି ଆଧୁନିକ ଅସ୍ତ୍ରଶସ୍ତ୍ର ରହିଛି । କଥାରେ କୁହାଯାଏ ଯେ ଯୁକ୍ତରାଷ୍ଟ୍ର ଆମେରିକାରେ ଗୋଟାଏ କିଛି ନୂଆ କଥା ଘଟିଲେ ପୃଥିବୀର ସବୁ ଅଞ୍ଚଳ ଉପରେ ତା'ର ପ୍ରଭାବ ପଡ଼େ । ସାଧାରଣ ଲୋକେତ କହିଦିଅନ୍ତି, "ଆମେରିକା ଯଦି ଛିଙ୍କିବ, ପୃଥିବୀର ସବୁ ଦେଶରେ ଶର୍ଦ୍ଦି ବ୍ୟାପିଯିବ ।"

**ଆମ୍ବ :** ମନୁଷ୍ୟ ଯେଉଁସବୁ ଫଳ ଖାଏ ତା' ଭିତରେ ଗ୍ରୀଷ୍ମ-ପ୍ରଧାନ ଅଞ୍ଚଳରେ ଆମ୍ବ ଗୋଟାଏ ଭଲ ସ୍ଥାନ ମାଡ଼ି ବସିଛି । ପାଚିଲେ ଏହାକୁ ତ ସମସ୍ତେ ଆନନ୍ଦରେ ଖାଆନ୍ତି, ପାଚିଲା ପୂର୍ବରୁ ମଧ୍ୟ ନାନା ପ୍ରକାରରେ ଏହାକୁ ବ୍ୟବହାର କରନ୍ତି । ଅତି ଛୋଟ ଛୋଟ ହୋଇଥିଲା ବେଳେ ତାକୁ ଭାଙ୍ଗିଆଣି ପଖାଳରେ ତା' ନାସି ପକାଇ ଦେଲେ ପଖାଳ ବାସେ । ଆଉ ଟିକିଏ ବଡ଼ ହୋଇଗଲେ ତାକୁ ଛେଚି ଚଟଣି କରାଯାଏ । ତା' ଠାରୁ ଟିକିଏ ବଡ଼ ହେଲେ ଦି'ଫାଳ ଲେଖା କରିଦେଇ ଲୁଣି ଆମ୍ବୁଲ କରାଯାଏ । ଟାକୁଆ ଟିକିଏ ଟାଣ ହୋଇଗଲେ ଆମ୍ବଟାକୁ ଦି'ଫାଳ କରି ଆମ୍ବୁଲ ତିଆରି ହୁଏ । ଟାକୁଆ ଆହୁରି ଟାଣ ହୋଇଗଲେ ଗୋଟା ଅବସ୍ଥାରେ ଗ୍ରୀ ଫାଳ କରି ସୋରିଷ ଗୁଣ୍ଡ ଦେଇ ଆଗ୍ରର କରାଯାଏ । ଏହିସବୁ ଆମ୍ବ ଆଗ୍ରର ବର୍ଷ ତମାମ୍ ରହିଥାଏ । ଆମ୍ବ ପାଚିଗଲେ ଖିଆଯାଏ । ଯଦି ବେଶୀ ଗୁଡ଼ାଏ ରହିଗଲା ରସ ଚୁପୁଡ଼ି ଆମ୍ବସଢ଼ା କରାହୁଏ । ଅନ୍ୟ କୌଣସି ଫଳ ଲୋକଙ୍କୁ ଏତେ ପ୍ରକାରର ଚିଜ ଯୋଗାଇ ନାହିଁ । ଗଛଟି ଖୁବ୍ ଉଚ୍ଚ ହୁଏ । ବହୁବର୍ଷ ପର୍ଯ୍ୟନ୍ତ ରହେ । ଏଥିରେ ପେଷ୍ଟା ପେଷ୍ଟା ବଉଳ ହୁଏ । ତାହା ହେଉଛି ଆମ୍ବର ଫୁଲ । ବଉଳ ଧରିଥିବା ବେଳେ ଆମ୍ବତୋଟାରେ ପଶିଗଲେ ଗ୍ରୁରିଆଡ଼ଟା ଯେମିତି ମହକି ଉଠୁଛି ବୋଲି ମନେହୁଏ । ପିଲାମାନେ ଗୀତ ଗାଇ ଗାଇ ବୁଲନ୍ତି --

"ଆମ୍ବ ବଉଳଇ ଫଗୁଣ ମାସେ,<br>
ବାସ ଚହଟଇ ତାର ସୁବାସେ ।"

ଅତି ଛୋଟ ଛୋଟ ଆମ୍ବ ମଧ୍ୟ ଅଛି । ସେଗୁଡ଼ିକୁ କୁହାଯାଏ ଖୁରୁଡ଼ି । କିଲେ ଦି'କିଲୋର ଆମ୍ବ ମଧ୍ୟ ରହିଛି । ସେମିତି ନାନା ଆକାରର ଫଳ ଦେଖିବାକୁ ମିଳେ । ସେଗୁଡ଼ିକୁ ଗୋଟିଏ ଗୋଟିଏ ନାଁ ଦିଆଯାଇଛି । ମଣିଷ ମୁଣ୍ଡିଆ, ନାକେଇ, ନାକ ଚେପଟା -ଏହିଭଳି କେତେ କଅଣ ଅଛି । ସୁଆଦ ଓ ଆକାରକୁ ନେଇ ମିଠେଇ, ବାଇଗଣ ପଲେଇ, ଲେଙ୍ଗେଡ଼ା, ଚିରେଇ ହେଉଛି ଗୋଟିଏ ଗୋଟିଏ ନାଁ । ଏ ଫଳର ଭିନ୍ନ ଭିନ୍ନ ରଙ୍ଗ ରହିଛି । ସୁନ୍ଦରୀଟି ଦେଖିବାକୁ ଭାରି ଭଲ । ନାଲି, ହଳଦିଆ, ଶାଗୁଆ ମିଶାମିଶି ରଙ୍ଗର ବହୁ ପ୍ରକାରର ଦେଖିବାକୁ ମିଳେ । ଭିତର ଶସଟା ହଳଦିଆସିଆ ନାଲିଆସିଆ, କମଳା ରଙ୍ଗର । ଆମ୍ବ ରସ ଭିତରେ ଫଳ ଶର୍କରା ବହୁ ପରିମାଣରେ ଅଛି । ଏ. ସି. ଡି. ଭିଟାମିନ ପ୍ରଚୁର ପରିମାଣରେ ରହିଥାଏ । କାଲୋରି ଥାଏ - କଷାରେ ଶତକରା ୪୪ ଓ ପାଚିଲାରେ ୭୪ ।

ଭାରତରେ କେତେ ଯେ ଗୀତ, ଢଗଢମାଳି ମଉଜିଆ ମଉଜିଆ କଥା ଆମ୍ବ ଫଳ, ପତ୍ର କାଢ଼କୁ ମୂଳ କରି ଲେଖାଯାଏ ତା'ର ଠିକଣା ନାହିଁ । ବହୁ ଶୁଭ କାମରେ ଆମ୍ବଡାଳଟିଏ ଦରକାର ହୁଏ , କଳସ ଉପରେ ନାସିଲଗା ପଇଡ଼ଟିଏ ରଖାଯାଏ । ବୁଦ୍ଧ ଛାଇ

---

"ଆଜି ଯେଉଁ କାମ କରିପାରିବ, ତାକୁ କେବେହେଲେ କାଲିକୁ ରଖନାହିଁ ।"

--ଫ୍ରାଙ୍କଲିନ୍

ତଳେ ବସି ଲୋକଙ୍କୁ ଉପଦେଶ ଦେବେ ଓ ଚିନ୍ତାମଗ୍ନ ରହିବେ ବୋଲି ତାଙ୍କ ପାଇଁ ଗୋଟିଏ ଆମ୍ବ ତୋଟା କରାଯାଇଥିଲା ।

ଆମ୍ବକୁ ଇଂରାଜୀରେ 'ମାଙ୍ଗୋ' ବୋଲି କୁହନ୍ତି । ସ୍ପେନୀୟ ଭାଷାରେ ମଧ୍ୟ ସେଇ ନାମ । ପର୍ତ୍ତୁଗୀଜର ଲୋକେ ଯେତେବେଳେ ଆସି ତାମିଲ ଭାଷାଭାଷୀ ଲୋକଙ୍କ ପାଖରେ ପହଞ୍ଚିଲେ ଏହି ଫଳକୁ ଦେଖିଲେ । ତା' ନାଁ ପଚାରିଲାରୁ ସେମାନେ କହିଲେ - 'ମାଙ୍କେ' ବା 'ମାଙ୍ଗେ' । ପର୍ତ୍ତୁଗୀଜ ମାନେ ତା'ର ଉଚ୍ଚାରଣ କଲେ ମାଙ୍ଗା । ସେଇଥିରୁ ମାଙ୍ଗୋ ଶବ୍ଦଟିର ସୃଷ୍ଟି । ପରେ ସେମାନେ ଚେଷ୍ଟା କରିଥିଲେ ଆମ୍ବଟାକୁଆ ନେଇ ଆମେରିକା ମହାଦେଶରେ ଉତାରିବେ । ସେ ଯୁଗରେ ତ ଉଡ଼ାଜାହାଜ ନଥିଲା । ଜାହାଜରେ ବହୁତ ଦିନ ଲାଗିଯାଉଥିଲା । ସେତେବେଳକୁ ଆମ୍ବଟାକୁଆ ଶୁଖି ଯାଉଥିଲା ଓ ଗଜା ବାହାରୁ ନଥିଲା । ତା' ପରେ ଛୋଟ ଛୋଟ ଗଛ ନେଇ ସେମାନେ ୩୦୦ ବର୍ଷ ତଳେ ବ୍ରାଜିଲ ଦେଶରେ ଲଗାଇଲେ । ଆମେରିକା ମହାଦେଶର ନିକଟରେ ଥିବା କେତେକ ଦେଶରେ ତାହା ଉଧେଇଲା । ଏବେ ବହୁସଂଖ୍ୟକ କଲମୀ ଗଛ ଲଗାଯାଉଛି ଓ ଚାରି ପାଞ୍ଚ ବର୍ଷରେ ଫଳିବା ଦେଖାଯାଉଛି । ଏହାପାଇଁ ସେମିତି କିଛି ଖାସ ମାଟି ଦରକାର ନାହିଁ । କିନ୍ତୁ ମାଟି ଗୁଣେ ଫଳର ସୁଆଦ ବଢ଼େ । ଏ ଗଛର ଗୋଟାଏ ବିପଦ ହେଉଛି କୁହୁଡ଼ି । ଆମ୍ବ ଡାଳରେ ଗୋଟାଏ ରକମ କୀଟ ଆଆନ୍ତି । କୁହୁଡ଼ି ହେଲେ ସେମାନଙ୍କ ସଂଖ୍ୟା ଅତି ଅଳ୍ପ ଦିନେ ହୁହୁ ହୋଇ ବଢ଼ିଯାଏ ଓ ବଉଳ କଳା ପଡ଼ିଯାଏ । ସେମିତି ହେଲେ ଆଉ ଗୋଟିଏ ସୁଦ୍ଧା ଆମ୍ବ ରହେନାହିଁ । ଗଛକୁ ଏହି ବିପଦରୁ ରକ୍ଷା କରିବା ପାଇଁ କିଛି ଉପାୟ ବାହାର କରାଗଲାଣି ଓ ଏବେ କରାଯାଉଛି ମଧ୍ୟ ।

**ଆମେରିକା ଲୋକ :** ଦୁଇ ଆମେରିକା ମହାଦେଶରେ ଆଜି ଯେଉଁସବୁ ଲୋକ ଅଛନ୍ତି ପାଞ୍ଚଶହ ବର୍ଷ ପୂର୍ବେ ସେମାନଙ୍କର କୌଣସି ପୂର୍ବପୁରୁଷ ସେ ଅଞ୍ଚଳରେ ନଥିଲେ । କଲମ୍ବସ ଯେତେବେଳେ ଭାରତ ବା ଇଣ୍ଡିଆ କେଉଁଠି ଥିବ ବୋଲି ଖୋଜିବାକୁ ଜାହାଜରେ ବସି ବାହାରିଲେ ସେ ଇଉରୋପରୁ ଦକ୍ଷିଣ ଏବଂ ତାହାପରେ ପୂର୍ବମୁହାଁ ହୋଇ ନଯାଇଁ ସିଧା ସିଧା ଆଟ୍‌ଲାଣ୍ଟିକ ମହାସାଗରରେ ପଶ୍ଚିମ ମୁହାଁ ହୋଇ ଯାଇ ଗୋଟାଏ ଅଞ୍ଚଳକୁ ଦେଖିଲେ । ତାହାକୁ ସେ ଇଣ୍ଡିଆ ବୋଲି ଭାବିଲେ ଓ ଇଉରୋପରେ ଆସି କହିଲେ । ସେଠାରେ ଯେଉଁ ମୂଳ ଅଧିବାସୀ ଥିଲେ ସେମାନଙ୍କୁ ଇଣ୍ଡିଆନ୍ ବୋଲି କୁହାଗଲା । ପରେ ଇଉରୋପୀୟମାନେ ଯେତେବେଳେ ପ୍ରକୃତ ଭାରତ ବା ଇଣ୍ଡିଆକୁ ଦେଖିଲେ ସେତେବେଳେ ଆମେରିକାରେ ଯେଉଁମାନଙ୍କୁ ପ୍ରଥମେ ଦେଖିଥିଲେ ସେମାନଙ୍କୁ 'ରେଡ୍‌ଇଣ୍ଡିଆନ' ବା ଲୋହିତ ଭାରତୀୟ ବୋଲି କହିଲେ ।

ବହୁ ହଜାର ବର୍ଷ ପୂର୍ବେ ଆମେରିକା ମହାଦେଶରେ ଯେଉଁସବୁ ଲୋକ ଥିଲେ ସେମାନଙ୍କୁ ଆଙ୍ଗୁଳିରେ ଗଣି ହୋଇଯିବ । ଏସିଆରୁ କେତେକ ଲୋକ ଏକାବେଳକେ ଉତ୍ତର ଅଞ୍ଚଳ ବାଟେ ଆଲାସ୍କାରେ ଯାଇ ପହଞ୍ଚିଲେ । ସେଠାରେ ଥିବା ସମୁଦ୍ର ବର୍ଷର ଅଧିକାଂଶ ସମୟରେ ବରଫ ପାଲଟି ଯାଇଥାଏ । ତେଣୁ ସେହିବାଟେ ଆମେରିକା ମହାଦେଶକୁ ଚାଲିଯିବା ସହଜ ହେଲା । ଆଲାସ୍କାରୁ ସେମାନେ ଦକ୍ଷିଣ ମୁହାଁ ହୋଇ ଉତ୍ତର ଆମେରିକାର ପଶ୍ଚିମ ଅଂଶକୁ ଚାଲିଲେ । ସେହିମାନଙ୍କୁ ଆମେରିକାର ମୂଳ ଅଧିବାସୀ ବୋଲି କୁହାଯାଏ । ସେହିମାନେ ଥିଲେ ପଥର ଯୁଗର ଲୋକ । ଶିକାର କରି ଯାଉଥିଲେ । ସବୁଦିନେ ରହିବା ପାଇଁ ଘରଦ୍ୱାର

"ଯେଉଁ ଲୋକ ଖୁବ୍ ବିଳମ୍ବରେ ପ୍ରତିଶ୍ରୁତି ଦିଏ,
ସେହି ଲୋକ ତାକୁ ଅବଶ୍ୟ ପାଳନ କରେ ।"
--ରୁଦ୍‌ସା



(ଆମେରିକା ଲୋକ)

ନ କରି ବୁଲାଜୀବନ କଟାଉଥିଲେ । ଅଳ୍ପ ଅଳ୍ପ ଲୋକ ଗୋଟାଏ ଗୋଟାଏ ଗୋଷ୍ଠୀ ବାନ୍ଧି ବୁଏଡ ଚଲୁଥିଲେ । ଏସିଆର ଲୋକ ହୋଇଥବାରୁ ସେମାନଙ୍କର ଥିଲା କାରିଗରି ହାତ । ତେଣୁ ସେମାନଙ୍କର ହାତର ତିଆରି ଚିତ୍ରର ପ୍ରମାଣ ଏବେ ମଧ୍ୟ ରହିଛି । ଏହିଭଳି ଭାବରେ କେତେ ହଜାର ବର୍ଷ କଟିଗଲା ଓ ଇଉରୋପୀୟମାନେ ସେଠାରେ ପହଞ୍ଚିଲେ । ଦୁଇ ବିରାଟ ମହାଦେଶ ଓ ତା' ନିକଟରେ ଥିବା ବହୁ ଦ୍ୱୀପରେ ଯେତେକ ଲୋକ ଥିଲେ - ସେମାନଙ୍କର ସଂଖ୍ୟା ୫୦ ଲକ୍ଷରୁ ଅଧିକ ନଥିଲା ବୋଲି ଇଉରୋପୀୟ ମାନେ ହିସାବ କଲେ । ଯୁକ୍ତରାଷ୍ଟ୍ର ଆମେରିକା ଓ କାନାଡ଼ାରେ ଖୁବ୍ ହେଲେ ଆଠ ଦଶ ଲକ୍ଷ ଲୋକ ଥିଲେ । ଗୋରା ଲୋକହିଁ ସେ ଅଞ୍ଚଳରେ ପହଞ୍ଚିଲାପରେ ମୂଳ ଅଧିବାସୀଙ୍କ ସଂଖ୍ୟା କମାଇ ଦେବାପାଇଁ ନାନା କୌଶଳ କଲେ ଓ ସେ ଦିଗରେ ସେମାନେ ସଫଳ ହେଲେ । ତେଣୁ ଏବେ ଦେଖାଯାଉଛି ଯେ ଏହି ଆମେରିକା ମହାଦେଶ ହୋଇଯାଇଛି ଗୋରାମାନଙ୍କ ଦେଶ । ଯେଉଁ ଲକ୍ଷ ଲକ୍ଷ, କୋଟି କୋଟି ଲୋକଙ୍କୁ ନେଇ ସେମାନେ ଘୁଷୁରି ଭଳି ଖଟାଉଥିଲେ ସେହି ମାନଙ୍କ ବଂଶଧର ଅଛନ୍ତି । କାରଣ ସେମାନେ ଆଉ ନିଜ ମୂଳଦେଶକୁ ଫେରିଯିବାର ପ୍ରଶ୍ନ ନାହିଁ । ଯେଉଁ ଅଳ୍ପ କେତେକ ଲୋକ ଆରମ୍ଭରୁ ଥିଲେ ସେମାନେ ବଦଳି ଗଲେଣି କହିଲେ ଚଳେ । ଇଉରୋପର ଭାଷା, ଚାଲିଚଳନ, ସଭ୍ୟତା ସେମାନଙ୍କୁ ଇଉରୋପୀୟ ଛାଞ୍ଚରେ ପକାଇ ଦେଲାଣି ।

**ଆମୋନିଆ :** ଜମିରେ ସାର ଦିଆଯାଏ ତାକୁ ଉର୍ବର କରିବା ପାଇଁ । ପ୍ରକୃତି ଦେଇଛି ଗୋବର, ପଙ୍କ, ନାନା ପ୍ରକାରର ଅଳିଆ ପାଉଁଶ ଓ ସେହିଭଳି ଆଉ କେତେକ ପଦାର୍ଥ । ମଣିଷ କିନ୍ତୁ କେତେପ୍ରକାରର ସାର ବ୍ୟବହାର କରୁଛି । ସେତିକିବେଳେ ସେ ଗୋଟିଏ ଗ୍ୟାସ ତିଆରି କରି ତାକୁ ଜମିରେ ବ୍ୟବହାର କରୁଛି । ଯବକ୍ଷାରଜାନ, ଉଦ୍‌ଜାନରେ ଏହି ଗ୍ୟାସ ତିଆରି । ତା'ର ନାମ ଆମୋନିଆ । ନାଇଲନ ଭଳି କୃତ୍ରିମ ସୂତା କପଡ଼ା ତିଆରି କଲାବେଳେ ଏହା ଲୋଡ଼ା ପଡୁଛି । ତୁଳା, ପଶମ ଓ ଶିଲ୍‌କକୁ ରଙ୍ଗ କରିବା ପାଇଁ ଏହାର ସାହାଯ୍ୟ ନିଆଯାଉଛି । ରବର ଶିଳ୍ପ ଓ ପେଟ୍ରୋଲିୟମ

"ବହୁ ଲୋକ ଖୁସାମତ କରି ଜାଣନ୍ତି; ଖୁବ୍ କମ୍ ଲୋକ ପ୍ରଶଂସା କରି ଜାଣନ୍ତି ।"

--ଗ୍ରୀସ୍‌ର ଲୋକବଚନ

ଶୋଧନ ଶିଳ୍ପରେ ଏହାକୁ ଖୋଜା ପଡ଼ିଛି । ମିଶାଧାତୁ ତିଆରି ପାଇଁ ଏହା ଲୋଡ଼ା । ଘରେ ବାସନକୁଶନ ବା ଘରତଳି ଇତ୍ୟାଦି ସଫା କରିବା ପାଇଁ ଯେଉଁସବୁ ଜିନ ତିଆରି ହେଉଛି, ସେଥିରେ ଆମୋନିଆ ଭାଗ ରହିଛି । ୧୭୭୪ରେ ଯୋଶେଫ ପ୍ରିଷ୍ଟଲି ଏହାକୁ ପ୍ରଥମେ ତିଆରି କଲେ ଓ ତାର ୧୧ ବର୍ଷ ପରେ ବାର୍ଥୋଲେଟ୍ ଠିକ୍ ଭାବରେ ଦେଖାଇ ଦେଲେ ଯେ ଏହା କିଭଳି ଭାବରେ ତିଆରି ହୋଇଛି ।

**ଆମ୍ବୁଲାନ୍‌ସ :** ଏବେ ସିନା ଭିନ୍ନ ପ୍ରକାରର ଯୁଦ୍ଧ ହେଉଛି, ଦେଢ଼ଶହ ବର୍ଷ ପୂର୍ବେ ଉଭୟ ପକ୍ଷର ସୈନ୍ୟ ଅନେକ ସମୟରେ ଯୁଦ୍ଧକ୍ଷେତ୍ରରେ ମୁହାଁମୁହିଁ ହୋଇଯାଉଥିଲେ । ଯେଉଁ ସୈନ୍ୟମାନେ ଆହତ ହେଉଥିଲେ ସେମାନଙ୍କୁ ଶୀଘ୍ର ଯୁଦ୍ଧକ୍ଷେତ୍ରରୁ ନେଇଯାଇ ଚିକିତ୍ସା କରିବା ଥିଲା ଗୋଟାଏ ସମସ୍ୟା । ବଡ଼ ବଡ଼ ଗାଡ଼ିରେ ଔଷଧପତ୍ର, ଯନ୍ତ୍ରପାତି ରଖି ଯେଉଁଠି ସୈନ୍ୟମାନେ ଲଢୁଛନ୍ତି ସେଠାକୁ ପଠାଇ ଦିଆଯାଉଥିଲା । ସେଗୁଡ଼ିକୁ ଚଳନ୍ତି ଡାକ୍ତରଖାନା ବୋଲି କୁହାଯାଉଥିଲା । ସେତିକିବେଳେ ଜଣେ ତାକୁ ନାମ ଦେଲେ 'ଆମ୍ବୁଲାଣ୍ଟ' । ଏହି ଶବ୍ଦର ଅର୍ଥ ହେଉଛି 'ଗ୍ଭଲିବା ବା ଚଳିବା' । ପରେ ତାକୁହିଁ କୁହାଗଲା 'ଆମ୍ବୁଲାନ୍‌ସ' । ଡାକ୍ତରଖାନାରୁ ବାହାରକୁ ନେବା ବା ବାହାରୁ ଡାକ୍ତରଖାନାକୁ ଆଣିବା ପାଇଁ ଯେଉଁ ଗାଡ଼ି ବ୍ୟବସ୍ଥା ରହିଛି ତା'କୁ ଆମ୍ବୁଲାନ୍‌ସ ବୋଲି କୁହାଯାଏ । ଆଜିକାଲି ଆମ୍ବୁଲାନ୍‌ସ ଭିତରେ ଅନେକ କିଛି ଯନ୍ତ୍ରପାତି ସାଇତି ରଖାଯାଉଛି । ରୋଗୀଟି ଯେତେବେଳେ ଆଉ ଚଳପ୍ରଚଳ କରିପାରେ ନାହିଁ ସେତେବେଳେ ତାକୁ ବହିନେବା ପାଇଁ ଆମ୍ବୁଲାନ୍‌ସ ଦରକାର ପଡ଼େ ।

**ଆମ୍ବେଦକର** (୧୮୯୧-୧୯୫୬) : ଭାରତର ଲୋକମାନଙ୍କ ଭିତରେ ନୂଆ ଭାବନା ଓ ନୂଆ ଚିନ୍ତା ସୃଷ୍ଟିକରି ଯେଉଁମାନେ ଜନସାଧାରଣଙ୍କର ମଙ୍ଗଳ କରିଛନ୍ତି ଡକ୍ଟର ଭୀମରାଓ ରାମଜୀ ଆମ୍ବେଦକର ସେହିମାନଙ୍କ ଭିତରୁ ଜଣେ । ଗୋଟାଏ ସମୟ ଥିଲା ଯେତେବେଳେକି ସମାଜର ଗୋଟିଏ ଜାତିକୁ ଛୁଇଁ ଦେଲେ ଅନ୍ୟଜାତିର ଲୋକେ ନିଜେ ଅପବିତ୍ର ହୋଇଯିବେ ବୋଲି ବିଗ୍ଭରୁଥିଲେ । ଆମ୍ବେଦକର ଥିଲେ ସେହି "ଅଛୁଆଁ" ମାନଙ୍କ ଭିତରୁ ଜଣେ । ତାଙ୍କର



(ଆମ୍ବେଦକର)

ଜନ୍ମସ୍ଥାନ ମହାରାଷ୍ଟ୍ର । ସେ ନିଜ ଯୋଗ୍ୟତା ବଳରେ ଦେଶର ଜଣେ ପ୍ରସିଦ୍ଧ ଲୋକ ହୋଇଗଲେ ଓ ଛୁଆଁ ଅଛୁଆଁ ଭାବ ବିରୁଦ୍ଧରେ ସାହାସର ସହିତ ପ୍ରଗ୍ଭର କଲେ । ଏହି କଥା କହିବା ପାଇଁ ତାଙ୍କୁ ବହୁତ କିଛି କଷ୍ଟ ସହିବାକୁ ପଡ଼ିଛି । ୧୯୩୦-୩୧ ବେଳେ ବ୍ରିଟିଶ ସରକାର କେତେଜଣ ଜଣାଶୁଣା ଭାରତୀୟଙ୍କୁ ବିଲାତକୁ

"କୃତ୍ରିମ ବିନୟର ଅନ୍ୟନାମ ଅହଂଭାବ ।"

--ବ୍ରୁଅର୍

ଡକାଇଥିଲେ ଆମ ଦେଶ ଲୋକଙ୍କ ହାତରେ କେତେ କ୍ଷମତା ଦେବେ ସେହି ବିଷୟରେ ବିଚାର କରିବା ପାଇଁ । ମହାତ୍ମା ଗାନ୍ଧୀ, ମଦନମୋହନ ମାଳବ୍ୟ ଓ ଶ୍ରୀମତୀ ସରୋଜିନୀ ନାଇଡୁ ସେମାନଙ୍କ ଭିତରୁ ଥିଲେ ଜଣେ ଜଣେ । ଭୀମରାଓ ଆମ୍ବେଦକର ମଧ୍ୟ ସେହି ବୈଠକରେ ଯୋଗଦେଇ ଥିଲେ । ଏମିତି ଗୋଟିଏ ସମୟ ଆସିଲା ଯେ ସ୍ୱାଧୀନ ଭାରତର ଶାସନ ଚିଠା ବା ସମ୍ବିଧାନ କ'ଣ ହେବ ସେ ସଂପର୍କରେ ଜଣେ ଯୋଗ୍ୟ ଲୋକ ଦରକାର ପଡ଼ିଲେ । ଆମ୍ବେଦକରଙ୍କୁ ସେହି ଦାୟିତ୍ୱ ଦିଆଗଲା ଓ ସେ ଯେଉଁ ସମ୍ବିଧାନର ଚିଠା କଲେ ତାକୁ ଦେଖି ସମସ୍ତେ ତାଙ୍କର ପ୍ରଶଂସା କଲେ । ୧୯୫୬ ଡିସେମ୍ବର ୬ ତାରିଖ ଦିନ ସେ ଏହି ସଂସାରରୁ ବିଦାୟ ନେଇଗଲେ ।

**ଆୟର୍ଲାଣ୍ଡ** : ଗୋଟାଏ ସମୟରେ ବ୍ରିଟାଶ ଦ୍ୱୀପପୁଞ୍ଜ କହିଲେ ଇଂଲଣ୍ଡ, ସ୍କଟ୍‌ଲାଣ୍ଡ, ୱେଲ୍ସ ଓ ଆୟର୍ଲାଣ୍ଡକୁ ବୁଝାଉଥିଲା । ପରେ ବ୍ରିଟେନର ପଶ୍ଚିମରେ ଥିବା ଆଇରିସ୍ ଅଞ୍ଚଳଟି ସ୍ୱାଧୀନତା ପାଇଁ ଲଢ଼ିଲା ଓ ସ୍ୱାଧୀନ ହୋଇଗଲା । ବ୍ରିଟେନ କିନ୍ତୁ ଆୟର୍ଲାଣ୍ଡର ଉତ୍ତର ଅଂଶରେ ଥିବା ଗୋଟିଏ ଅଞ୍ଚଳକୁ ନିଜର ଅଙ୍ଗ ବୋଲି ବିଚାରି ସ୍ୱାଧୀନ ଆୟର୍ଲାଣ୍ଡ ସହିତ ମିଶିବାକୁ ଦେଲା ନାହିଁ ।

ଏହାର କ୍ଷେତ୍ରଫଳ ୨୭,୧୩୭ ବର୍ଗମାଇଲ ବା ୭୦,୨୮୫ ବର୍ଗକିଲୋମିଟର । ୧୯୯୩ରେ ଲୋକସଂଖ୍ୟା ୩୫ ଲକ୍ଷ ୧୬ ହଜାର । ରାଜଧାନୀର ନାମ ଡବ୍‌ଲିନ୍ । ସେଣ୍ଟ ଜର୍ଜ ଚ୍ୟାନେଲ ଆୟର୍ଲାଣ୍ଡକୁ ବ୍ରିଟାଶ ଦ୍ୱୀପପୁଞ୍ଜଠାରୁ ଅଲଗା କରି ଦେଇଛି । ୬ରୁ ୧୫ବର୍ଷ ପର୍ଯ୍ୟନ୍ତ ସମସ୍ତେ ନିଶ୍ଚୟ ପାଠ ପଢ଼ିବେ ବୋଲି ଆଇନ ଥିବାରୁ ଲୋକେ ଆଉ ନିରକ୍ଷର ହୋଇ ରହି ନାହାନ୍ତି । ଏହି ବୟସର ପିଲାଙ୍କୁ ପାଠ ପଢ଼ିବାକୁ କୌଣସି ଖର୍ଚ୍ଚ କରିବାକୁ ପଡ଼େନାହିଁ । ଏହି ଦେଶର ଭାଷାର ନାମ ହେଉଛି ଆଇରିସ୍ ।

**ଆୟୁର୍ବେଦ** : ମନୁଷ୍ୟର ଯେତେବେଳେ ଗୋଟିଏ ଦେହ ଅଛି, ମଝିରେ ମଝିରେ ସେଇଟି ଟିକିଏ ବିଗିଡ଼ି ଯିବ । ସେତେବେଳେ କୁହାଯିବ ଯେ ତାକୁ ରୋଗ ହୋଇଛି । କେଉଁଠି କେମିତି ହୁଏତ କଟି ଯାଇପାରେ । ରୋଗ ଭଲ କରିବା ପାଇଁ, କଟିଗଲେ ଘା' ସୁଖାଇବା ପାଇଁ, ମଣିଷ ଜାତି ଯେଉଁଦିନୁ ଜନ୍ମ ହୋଇଛି ସେହିଦିନୁ କିଛି ନା କିଛି ଉପାୟ ବାହାର କରିଛି । ଚେର, ମୂଳ, ପତ୍ର ଥିଲା ପ୍ରଧାନ ପ୍ରଧାନ ଔଷଧ ଓ ରୋଗ ଭଲ କରିବା ଉପାୟକୁ କୁହାଗଲା ଚିକିତ୍ସା । ପୃଥିବୀର ଭିନ୍ନ ଭିନ୍ନ ଅଞ୍ଚଳରେ ଲୋକେ ସବୁ ନାନା ପ୍ରକାରର ଚିକିତ୍ସା ଉପାୟ ବାହାର କଲେ । ଭାରତରେ ଆୟୁର୍ବେଦ, ଆରବ ଓ ପାରସ୍ୟରେ ୟୁନାନୀ ଚିକିତ୍ସା ପ୍ରଣାଳୀ ଚାଲିଲା । ଚୀନ ଦେଶରେ ମଧ୍ୟ ସେମାନେ ଭଲ ଭଲ ଉପାୟ ବାହାର କଲେ । ବହୁକାଳ ପରେ ଗୋଟିଏ ନୂଆ ଉପାୟ ବାହାର କରାଗଲା । ତାକୁ କୁହାଗଲା ଏଲୋପାଥୀ । ଏବେ ଅଧିକାଂଶ ଡାକ୍ତରଖାନାରେ ଏଲୋପାଥୀ ଚିକିତ୍ସା ଚାଲିଛି । ଆୟୁର୍ବେଦକୁ ଯେଉଁମାନେ ଆଦରିଛନ୍ତି ସେମାନଙ୍କୁ କବିରାଜ ବୋଲି କୁହାଯାଏ, ଯେମିତି ଏଲୋପାଥି ଚିକିତ୍ସକଙ୍କୁ ଡାକ୍ତର ବୋଲି କୁହାଯାଏ । ଏହା ସାଙ୍ଗକୁ ହୋମିଓପାଥି ଚିକିତ୍ସା ମଧ୍ୟ ଚାଲିଛି ।

**ଆୟୁଷ** : ଗୋଟିଏ ବିଷୟରେ ସମସ୍ତେ ଏକମତ । ଭିନ୍ନ ମତ ହେବାର କୌଣସି କାରଣ ନାହିଁ - କାହିଁକିନା ଆଖିରେତ ସବୁ ଦେଖୁଛନ୍ତି । ବିଷୟଟି ହେଲା - ଯିଏ ଜନ୍ମ ହୋଇଛି ସିଏ ମରିବ । ଯେତେଦିନ ସେ ବଞ୍ଚିଛି ତାକୁହିଁ ତାହାର ଆୟୁଷ ବୋଲି କୁହାଯାଏ । ଅତି ତଳ ସ୍ତରର ଜୀବଙ୍କ ଠାରୁ ଆରମ୍ଭ କରି ମନୁଷ୍ୟ ପର୍ଯ୍ୟନ୍ତ ସମସ୍ତଙ୍କର ଆୟୁଷ କେତେ ତାହାର ହିସାବ କରାଯାଇଛି । ଏମିତି ହୋଇଛି ଯେ

"ନୂତନତ୍ୱ ହେଉଛି ଆନନ୍ଦର ଜନ୍ମଦାତା ।"

--ସାଉଥି

ଅତି ତଳ ସ୍ତରର ଗୋଟିଏ ଜୀବର ଆୟୁଷ ମାତ୍ର କେତେ ଘଣ୍ଟା । ମନୁଷ୍ୟ ଶହେ ବର୍ଷରୁ ଅଧିକ ହୁଏତ ବଞ୍ଚୁଛି । ଲୋକଙ୍କୁ ଯେତେବେଳେ ଆଶୀର୍ବାଦ କରାଯାଏ ସେତେବେଳେ କୁହାଯାଏ - "ତୁ ଶହେ ଆଠବର୍ଷ ପର୍ଯ୍ୟନ୍ତ ବଞ୍ଚିବୁ" । ଜୀବଜନ୍ତୁ କେତେବର୍ଷ ପର୍ଯ୍ୟନ୍ତ ବଞ୍ଚନ୍ତି ସେ ବିଷୟରେ କେତେକ ମନଗଢ଼ା କଥା ମଧ୍ୟ କୁହାଯାଏ । କିନ୍ତୁ ଏବେ ଆଉ ସେଭଳି କୁହାଯାଉ ନାହିଁ । ବୟସ ଜାଣିବା ଗୋଟାଏ ଖାସ ବିଦ୍ୟା ।

ଏପର୍ଯ୍ୟନ୍ତ ଯେତିକି ଜଣାଯାଇଛି କଇଁଛର ଆୟୁଷ ହିଁ ସବୁଠାରୁ ବେଶୀ । ଯେଉଁସବୁ ବଡ଼ ବଡ଼ ବା ବିରାଟ କଇଁଛ ଅଛନ୍ତି ସେଗୁଡ଼ିକର ବୟସ ୧୧୫ରୁ ୧୮୫ବର୍ଷ - ୨୦୦ ବର୍ଷ ପର୍ଯ୍ୟନ୍ତ ମଧ୍ୟ ବଞ୍ଚିଥିବାର ଦେଖାଯାଇଛି । କୁମ୍ଭୀର ଓ ତିମିଙ୍କର ତାହା ତଳକୁ ସ୍ଥାନ । ହାତୀ ଯଦି ବଣରେ ଥାଏ ୧୦୦ରୁ ୧୫୦ ବର୍ଷ ପର୍ଯ୍ୟନ୍ତ ବଞ୍ଚେ - ଘରେ ଆଣି ପାଳିଲେ ତା ଆୟୁଷ ୭୦ରୁ ୧୦୦ ବର୍ଷ । ମୁକ୍ତା ଶାମୁକା ବା ଅୟଷ୍ଟର ଅନ୍ତତଃ ୧୦୦ ବର୍ଷ ପର୍ଯ୍ୟନ୍ତ ରହୁଛି । ସାଲମନ ବୋଲି ଯେଉଁ ମାଛ ଅଛି ସେଇଟି ମଧ୍ୟ ୮୦ରୁ ୧୦୦ ବର୍ଷ ବଞ୍ଚୁଛି । ଛଞ୍ଚାଣ, ପେଚା, କାଉ ୬୦ରୁ ୧୦୦ ବର୍ଷ ; ଈଗଲ, ବଣ ରାଜହଂସ ୮୦ ବର୍ଷ ଗୋଟିଏ ଜାତିର ବଗ ୬୦ ବର୍ଷ; ଓଟ ୪୦ ବର୍ଷ; ମେରୁ ପ୍ରଦେଶର ଭାଲୁ ୩୫ବର୍ଷ; ଆନାକୋଣ୍ଡା ଓ ବୋଡ଼ା ସାପ ୨୫ ବର୍ଷ; ଗୋଖର ଓ ରାଟ୍ଲ (ଜଟଜଟିଆ) ସାପ ୧୩ ବର୍ଷ; ଅସରପା ୫ ବର୍ଷ; କୁକୁର ପ୍ରାୟ ୧୨ ବର୍ଷ ଓ ଶିମ୍ପାଜୀ ୪୦; ଓରାଂଉଟାଂ ୨୬; ଗିବନ ୨୫, ସିଂହ ୩୦, ଚିତାବାଘ ୨୦ ଓ ନେଉଳ ୧୨ ବର୍ଷ ବଞ୍ଚିବାର ପ୍ରମାଣ ମିଳିଛି ।

ମନୁଷ୍ୟ ସବୁବେଳେ ଚେଷ୍ଟା କରି ଆସିଛି ସେ କେମିତି ବେଶୀ ଦିନ ବଞ୍ଚନ୍ତା । ସେଥିପାଇଁ ନାନା ଉପାୟ ବାହାର କରାଯାଉଛି । ଅନ୍ତ କେତେକ ଲୋକ ବୁଢ଼ା ବୟସରେ ଅବଶ୍ୟ କୁହନ୍ତି, 'ଜୀବ ଯିବାର ବଡ଼ ସୁଖ, ଜୀଇବା ସମ ନାହିଁ ଦୁଃଖ' । ମଣିଷଙ୍କୁ ଅଧିକ ଦିନ ବଞ୍ଚାଇବା ପାଇଁ ଡାକ୍ତରମାନେ ଯେଉଁ ଚେଷ୍ଟା କରୁଛନ୍ତି ତାହା ବହୁ ଦୂରକୁ ସଫଳ ହେଲାଣି । ଗୋଟାଏ ସମୟ ଥିଲା ଯେତେବେଳେକି ୪୦ ବର୍ଷ ହୋଇଗଲେ ଲୋକେ କହୁଥିଲେ, ଇଏତ ଆସି ବୁଢ଼ା ହେଲାଣି । ୬୦ ବର୍ଷରେ ଜଣେ ମଲେ କେହି ଆଶ୍ଚର୍ଯ୍ୟ ହେଉନଥିଲେ - 'କଳିଷଠା ଷାଠିଏ' କହି ମନକୁ ବୁଝାଇ ଦେଉଥିଲେ । ଏବେ କିନ୍ତୁ ୭୫ ବା ୮୦ ବର୍ଷ ବୟସରେ ଜଣେ ମଲେବି ଲୋକେ କହୁଛନ୍ତି ଆଉ କିଛି ଦିନ ବଞ୍ଚି ଥା'ନ୍ତା କି ? ପୃଥିବୀର ବହୁ ଦେଶରେ ଅନେକ ଲୋକ ଅଛନ୍ତି ଯେଉଁମାନଙ୍କର ବୟସ ୧୦୦ରୁ ଅଧିକ । ୧୯୮୪ରେ ଅନୁସନ୍ଧାନ କରି ଜଣା ପଡ଼ିଲା ଯେ ଜାପାନରେ ଜଣକର ବୟସ ୧୧୯ ବର୍ଷ ; ୧୯୮୨ ଜନଗଣନାରେ ଜଣାପଡ଼ିଲା ଯେ ୧୦୦ ବର୍ଷରୁ ଅଧିକ ବଞ୍ଚୁଥିବା ୩୬୨୫ ଲୋକ ଅଛନ୍ତି । ସେମାନଙ୍କ ଭିତରୁ ତିନି ଜଣରେ ଦୁଇ ଜଣ ହେଉଛନ୍ତି ନାରୀ । ଯୁକ୍ତରାଷ୍ଟ୍ର ଆମେରିକାରେ ୧୦୦ ବର୍ଷରୁ ଅଧିକ ଲୋକଙ୍କ ସଂଖ୍ୟା ପ୍ରାୟ ୩୨ ହଜାର ।

**ଆୟୋଡିନ :** ଶରୀର ଭିତରେ ଅବଟୁ ଗ୍ରନ୍ଥି ବା ଥାଇରଏଡ୍ ଗ୍ଲାଣ୍ଡ ବୋଲି ଗୋଟିଏ ଅଙ୍ଗ ଅଛି । ଆୟୋଡିନ ସାହାଯ୍ୟରେ ସେହି ଗ୍ରନ୍ଥିରୁ ଗୋଟିଏ ପ୍ରକାର ରସ ବାହାରେ । ମନୁଷ୍ୟର ହୃତପିଣ୍ଡ ଓ ସ୍ନାୟୁ ଭଲ ଭାବରେ କାମ କରିବା ପାଇଁ ଏହି ରସ ଲୋଡ଼ା । ଦେହଟି ଯେତିକି ବଢ଼ିବାର କଥା ସେତେ ବଢ଼ିବ ନାହିଁ ଯଦି ଏହି ରସର ଅଭାବ ଘଟେ । ଦେହ ଭିତରେ ଯେଉଁସବୁ କାମ ହେଉଛି ସେସବୁ ମଧ୍ୟ ଠିକ୍ ଠିକ୍ ଚାଲିପାରେ ନାହିଁ । ଆୟୋଡିନ ଅଭାବରେ ଗାଲୁଆ

"ଆଲୋକ ନ ଥିବା ଦୀପ ଓ ବୁଝି ହେଉନଥିବା ଲେଖା - ଦୁଇଟିଯାକ ସମାନ ।"

--ସାଇମନ

ହୁଏ । ପାର୍ବତ୍ୟ ଅଞ୍ଚଳରେ ଏହି ରୋଗ ବେଶୀ ପରିମାଣରେ ଦେଖାଯାଏ । ସମୁଦ୍ର କୂଳଠାରୁ ଯେଉଁ ଅଞ୍ଚଳ ବେଶୀ ଦୂର ସେଠାରେ କମ୍ ଆୟୋଡିନ ଥାଏ । ସମୁଦ୍ର କୂଳରେ ଯେଉଁମାନେ ଅଛନ୍ତି ସେମାନଙ୍କୁ ସେହି ରୋଗ ଖୁବ୍ କମ୍ ଧରେ । ଆୟୋଡିନ ଅଭାବରେ ଚମଡ଼ା ଶୁଖିଲା ହୋଇଯାଏ, ମୁଣ୍ଡବାଳ ଉପୁଡ଼ିଯାଏ, ମୁହଁଟା ଟିକିଏ ଫୁଲିଲା ଫୁଲିଲା ଦେଖାଯାଏ , ମାଂସପେଶୀ ଦୁର୍ବଳ ହୋଇଯାଆନ୍ତି । ଲୁଣରେ ଏହାକୁ ଗୋଟାଏ ପ୍ରକାରେ ମିଶାଇ ଦେଲେ ଆୟୋଡିନ ଅଭାବ ଦୂର ହୋଇଯାଏ । ପୃଥିବୀର କେତେକ ଅଞ୍ଚଳରେ ସରକାର ନିୟମ କରିଦେଇଛନ୍ତି ଯେ ଏଭଳି ମିଶା ଲୁଣ ବ୍ୟତୀତ ଅନ୍ୟ ଲୁଣ କେହି ବ୍ୟବହାର କରି ପାରିବେ ନାହିଁ । ଲୁଣରେ ଆୟୋଡିନ୍ ମିଶାଇଲାପରେ ତାକୁ ଆୟୋଡାଇଜ୍ଡ୍ ଲୁଣ ବୋଲି କୁହାଯାଏ । ସୁଇଜରଲାଣ୍ଡ ଓ ଯୁକ୍ତରାଷ୍ଟ୍ର ଆମେରିକା ଏହିଭଳି ଲୁଣ ବ୍ୟବହାର କରିବା ଫଳରେ ଗାଲୁଆ ରୋଗ ଆଉ ହେଉନାହିଁ । ସାଧାରଣ ଲୋକେ ପ୍ରଥମେ ଆୟୋଡିନ ସହିତ ପରିଚିତ ହେଲେ ଯେତେବେଳେ ଦେହରେ କୌଣସି ସ୍ଥାନରେ ଖଣ୍ଡିଆ ହେଲେ ଟିଙ୍କଚର ଆୟୋଡିନ୍ ଲଗାଇ ଦିଆଗଲା । ଏହାକୁ ଲଗାଇଦେଲେ ଖୁବ୍ ପୋଡ଼େ । କେତେକ ପ୍ରକାରର ରଙ୍ଗ ଓ ରଙ୍ଗୀନ ଫଟୋ ତିଆରି କରିବାରେ ଏହାକୁ ବ୍ୟବହାର କରାଯାଉଛି । ପ୍ରକୃତି ଯେଉଁ ମୌଳିକ ଉପାଦାନ ବା ଏଲିମେଣ୍ଟ ସବୁ ତିଆରି କଲା, ଆୟୋଡିନ୍ ସେଥିଭିତରୁ ଗୋଟିଏ ।

**ଆରବ** : ଏସିଆ ମହାଦେଶର ମାନଚିତ୍ରକୁ ଆଗରେ ପକାଇଲେ ଦେଖାଯିବ ଯେ ଭାରତ ସମୁଦ୍ର ଭିତରକୁ ପଶିଆସିଛି । ତାହାର ପଶ୍ଚିମ ଦିଗରେ ଆରବ ଭୂଖଣ୍ଡ ମଧ୍ୟ ସମୁଦ୍ରକୁ ପଶିଆସିଛି । ଭାରତ ଆକାର ତିନିକୋଣିଆ ହୋଇଥିଲା ବେଳେ ଆରବ ଭୂଖଣ୍ଡର ଆକାର ଚ୍ରିକୋଣିଆ ହୋଇଥିବା ଭଳି ଦେଖାଯାଉଛି । ଭାରତର କ୍ଷେତ୍ରଫଳ ଠାରୁ ଏହାର କ୍ଷେତ୍ରଫଳ ମାତ୍ର ସାତଲକ୍ଷ ବର୍ଗ କି.ମି. କମ୍ । ମୋଟ ଏରିଆ ୨୬ ଲକ୍ଷ ବର୍ଗ କି.ମି. । ପଶ୍ଚିମରେ ଲୋହିତ ସାଗର କୂଳେ କୂଳେ ୧୪୦୦ ମାଇଲ ବା ୨୨୪୦ କି. ମି. ପଶ୍ଚିମରେ ୟେମେନଠାରୁ ପୂର୍ବରେ ଓମାନ ପର୍ଯ୍ୟନ୍ତ ଓସାର ୧୨୫୦ ମାଇଲ ବା ୨୦୦୦ କିଲୋମିଟର । ସାଉଦୀଆରବ, ୟେମେନ, ମସ୍କାଟ, ଓମାନ୍ ଓ ଏଡେନ୍‌କୁ ନେଇ ଏହି ଭୁଖଣ୍ଡ ଗଠିତ ।




(ଆରବ ସାଗର)

**ଆରବ ସାଗର** : ଭାରତ ମହାସାଗରର ଉତ୍ତର ପଶ୍ଚିମ ଭାଗରେ ଯେଉଁ ଜଳରାଶି ରହିଛି ତାକୁ ଆରବ ସାଗର ନାମ ଦିଆଯାଇଛି । ଏଇଟି ଭାରତର

"ଯେଉଁ ଲୋକର ଚିତ୍ତ ପ୍ରଫୁଲ୍ଲ, ସେ ସବୁଦିନେ ଯୁବକ ।"

--ଟ୍ରିୟନ୍

ପଶ୍ଚିମ ଭାଗକୁ ଲାଗିକରି ରହିଛି । ଆରବ ଦେଶର ବଣିକମାନେ ପାଲଟଣା ଜାହାଜରେ ଏହି ସମୁଦ୍ରବାଟେ ଆସି ଭାରତରୁ ମସଲା, ତେଜରାତି ଓ ସଉଦା କିଣୁଥିଲେ । ସେହିମାନେ ଏହାକୁ ଏଭଳି ନାମ ଦେଇଛନ୍ତି । ଏହାର ପୂର୍ବ ସୀମା ଭାରତ ଓ ଉତ୍ତର ସୀମା ପାକିସ୍ତାନ ।

**ଆରବୀ ଭାଷା :** ସମସ୍ତେ ଜାଣନ୍ତି, ଯଦି ଗୋଟାଏ ଜାତି ଭିନ୍ନ ଭିନ୍ନ ଦେଶ ଜୟ କରିଯାଏ ସେହି ଜାତିର ଭାଷା ସୁଯୋଗ ପାଇଯାଏ ସେହିସବୁ ଅଞ୍ଚଳରେ ପ୍ରଭାବ ବିସ୍ତାର କରିବାକୁ । କ୍ରମେ ତାହାର ଖୁବ୍ ଉନ୍ନତି ହୁଏ । ଇଂରାଜୀ, ଆରବୀ, ଫରାସୀ ଓ ସ୍ପେନୀୟ ହେଲେ ସେହିଭଳି ଗୋଟିଏ ଗୋଟିଏ ଭାଷା । ଇସ୍‌ଲାମ୍ ଧର୍ମ ଯେତେବେଳେ ଆରବରୁ ଦକ୍ଷିଣ ପଟେ ଢାଳ୍ୟା ବିସ୍ତାର କଲା, ସେତେବେଳେ ଆଫ୍ରିକାର ଉତ୍ତର ଅଂଶର ବହୁ ଅଞ୍ଚଳରେ ଆରବୀ ଭାଷା ଚ୍ଛିଲିଲା । ଏହି ଭାଷାକୁ ଇସ୍‌ଲାମ ଧର୍ମଗ୍ରନ୍ଥ କୋରାନ ଗୋଟିଏ ବଡ଼ ସୁବିଧା ଦେଇଦେଲା । ପୃଥିବୀର ଯେଉଁଠାରେ ମୁସଲମାନ ଅଛନ୍ତି ବା ଯେଉଁଠାକୁ ଯାଇଛନ୍ତି ସେଠାରେ କୋରାନ ପାଠ କରାଯାଏ । ପ୍ରତ୍ୟେକ ଧର୍ମପ୍ରାଣ ମୁସଲମାନ ଆରବୀ ଭାଷାରେ ଲେଖାଯାଇଥିବା ଏହି ଧର୍ମଗ୍ରନ୍ଥ କୋରାନର ଅର୍ଥ ବୁଝିବା ପାଇଁ ନିଶ୍ଚୟ ଉଦ୍ୟମ କରନ୍ତି । ଇସ୍‌ଲାମ ଧର୍ମଶାସ୍ତ୍ର, ଦର୍ଶନ ଓ ବିଜ୍ଞାନର ଭାଷା ମଧ୍ୟ ଆରବୀ । ଏହି ଭାଷା ଇଂରାଜୀ ଭାଷାଠାରୁ ପୁରୁଣା । ଆରବୀ, ସଂସ୍କୃତ ବା ଲାଟିନ ତୁଳନାରେ ଇଂରାଜୀ ଭାଷାର ବୟସ ଖୁବ୍ କମ୍ । ଆରବ ଦେଶର ବଣିକମାନେ ପୃଥିବୀର ବହୁ ଅଞ୍ଚଳକୁ ଗଲାରୁ ନିଜ ସାଙ୍ଗରେ ଏହି ଭାଷାକୁ ନେଇଗଲେ । ରୋମାନ ଅକ୍ଷର ପଛକୁ ଆରବୀ ଲିପିର ସ୍ଥାନ । ଏହି ଭାଷାର ଶବ୍ଦଗୁଡ଼ିକ ବଡ଼ ଚମତ୍କାର ଭାବରେ ନିଜ ରୂପରେ ସାମାନ୍ୟ ଅଦଳ ବଦଳ କରିଦେଲେ ବହୁ ନୂଆ ଶବ୍ଦ ତିଆରି ହୋଇ ଯାଉଛି । କ, ତ, ବ - ଏହି ତିନୋଟି ବ୍ୟଞ୍ଜନ ବର୍ଣ୍ଣ ସ୍ୱରବର୍ଣ୍ଣର ସାମାନ୍ୟ ସାହାଯ୍ୟ ନେଇ କେମିତି ନୂଆ ନୂଆ ଶବ୍ଦ ସୃଷ୍ଟି କରୁଛନ୍ତି ତାହାର ଗୋଟିଏ ମାତ୍ର ଉଦାହରଣ ଦେଲେ ବହୁକଥା ଜାଣି ହୋଇଯିବ । କତ୍‌ବା (ସେ ଲେଖିଛନ୍ତି), କତ୍‌ବୁ (ସେମାନେ ଲେଖୁଛନ୍ତି), କାତିବ୍ (ଲେଖକ), ମକ୍‌ତୁବ୍ (ଲେଖା ବା ପତ୍ର) ମକ୍‌ତୁବ୍ (ଲେଖିବା ସ୍ଥାନ), କିତାବ (ବହି), ମୁକ୍‌ତିବ୍ (ଲେଖାର ଶିକ୍ଷକ) - ଏହିଭଳି ଭିନ୍ନ ଭିନ୍ନ ଅର୍ଥ ବାହାରୁ ଥିବା ଶବ୍ଦ ତିଆରି ହୁଏ । ଚମତ୍କାର ଢଙ୍ଗ ବା ଶୈଳୀ ଯୋଗୁ ଆରବୀ ଭାଷାର ଗଦ୍ୟ ଓ ପଦ୍ୟରେ ନୂଆ ସୌନ୍ଦର୍ଯ୍ୟ ଭରି ଦିଆଯାଏ ।

**ଆରାବଲୀ :** ଏଇଟି ଗୋଟିଏ ପର୍ବତମାଳା । ଭାରତର ରାଜସ୍ଥାନ ପ୍ରଦେଶ ଦେଇ ଏହା ୪୮୦ରୁ ୬୪୦ କି.ମି. ପର୍ଯ୍ୟନ୍ତ ବ୍ୟାପିଛି । ସବୁଠାରୁ କମ୍ ଓସାର ୧୦ ଓ ଅଧିକ ଓସାର ୯୬ କି.ମି. । ପର୍ବତ ଶୃଙ୍ଗଗୁଡ଼ିକ ସାଧାରଣତଃ ୩୦୦ରୁ ୧୦୦୦ ମିଟର ଉଚ୍ଚ । ଅଧିକାଂଶ ଅଞ୍ଚଳରେ ଗଛଲତା ନାହାନ୍ତି । ଲୋକବସତି ମଧ୍ୟ ଖୁବ୍ କମ୍ । ଏଠାରେ ମିଳୁଥିବା ପଥର ଭିତରେ ସ୍ଲେଟ୍, ଶିଷ୍ଟ, ନାଇସ୍, ଶଙ୍ଖ ମଲମଲ ଓ ଗ୍ରାନାଇଟ୍ ମୁଖ୍ୟ ।

**ଆରିଷ୍ଟଟଲ୍ :** ଜଣେ ଲୋକ ଠିଆ ହୋଇଛନ୍ତି । ସେ କିଏ ବୋଲି ପଚ୍ଚାରି ଦେଲାରୁ ଉତ୍ତର ମିଳୁଛି ସେ ଜଣେ ଭଲ ଡାକ୍ତର । ଆଉ ଜଣେ କହିଲାଣି ନାଁ ନାଁ ସେ ଜଣେ ଭଲ ଇଂଜିନିୟର । ଟିକିଏ ଦୂରରେ ଯିଏ ଛିଡ଼ା ହୋଇଛି ସେ ମାଡ଼ିଆସି କହିପକାଇଲାଣି ସେ ବିଶ୍ୱବିଦ୍ୟାଳୟର ଜଣେ ପ୍ରସିଦ୍ଧ ପ୍ରଫେସର - ଦର୍ଶନ ଶାସ୍ତ୍ର ପଢ଼ାନ୍ତି । ଚତୁର୍ଥ ଲୋକ କହୁଛି ତୁମେ କ'ଣ ତାଙ୍କୁ ଜାଣିନା ? ସେ ପରା ଜଣେ ପ୍ରସିଦ୍ଧ ବିଜ୍ଞାନୀ । ଏଇ ସମସ୍ତଙ୍କ କଥାକୁ କାଟିଦେଲା ଭଳି ଆଉ ଜଣେ

---

"ତୁମଠାରୁ ଯିଏ ଦୁଃଖୀ, ତାହା ଆଗରେ ତୁମ ସୁଖ କଥା କୁହ ନାହିଁ ।"

--ପ୍ଲୁଟାର୍କ

କହିଲେଣି ମଣିଷ ଜାତି ଯେତେ ଯେତେ ଜ୍ଞାନ ହାସଲ କରିଛି ସବୁତକର ସାର ସଂଗ୍ରହ କରି ଏଇ ଲୋକ ସମସ୍ତଙ୍କ ମନକୁ ପାଇଲା ଭଳି ନୂଆ ନୂଆ କଥା ବୁଝାଇ ଦେଉଛି । ଜଣେ ଟିକିଏ ହସିଦେଇ ଦମ୍ଭର ସହିତ କହୁଛନ୍ତି - ଦେଶରେ ଶାସନ କେମିତି ଚଳିବା ଉଚିତ ସେ ବିଷୟରେ ଇଏ ଯାହା କହିଯାଇଛନ୍ତି ତା' ଉପରକୁ ଏ ପର୍ଯ୍ୟନ୍ତ କେହି କହିପାରି ନାହାଁନ୍ତି । ଶେଷ ଜଣକ ଟିକିଏ ବିରକ୍ତ ହେଲାଭଳି ସ୍ୱରକରି ପଚାରିଲା - ଇଏ କ'ଣ ସବୁ ବିଦ୍ୟାରେ ଧୁରନ୍ଧର ? ତାଙ୍କୁ ମଧ୍ୟ ସେମିତି ଟାଣ ଉତ୍ତର ମିଳିଲା । ଏଥିରେ କ'ଣ ଆଉ ସନ୍ଦେହ ଅଛି ? ପ୍ରକୃତରେ ଆଜିକୁ ପ୍ରାୟ ୨୩୦୦ ବର୍ଷ ପୂର୍ବେ



(ଆରିଷ୍ଟଟଲ୍)

ଇଉରୋପରେ ଗ୍ରୀସ୍ ଦେଶରେ ଆରିଷ୍ଟଟଲ୍ ବୋଲି ଜଣେ ଜନ୍ମ ହୋଇଥିଲେ ଓ ସେ ଯୁଗର ସବୁଜ୍ଞାନର ସେ ଥିଲେ ଉଣାଅଧିକେ ଅଧିକାରୀ । ଦୁଇଜଣ ଲୋକ ପୃଥିବୀର ସବୁ ଶିକ୍ଷିତ ଲୋକଙ୍କ ମନକୁ ଉଠାଉଥିଲେ, ପକାଉଥିଲେ । ଜଣଙ୍କର ନାମ ପ୍ଲାଟୋ ଓ ଆଉ ଜଣଙ୍କର ନାମ ଆରିଷ୍ଟଟଲ୍ । ଅରସ୍ତୁ (ଆରିଷ୍ଟଟଲ୍‌ଙ୍କର ଆଉ ଗୋଟିଏ ନାମ) ଯାହାସବୁ କହିଲେ ତାକୁ ଆଜିର ପଣ୍ଡିତମାନେ ମଧ୍ୟ ବାରମ୍ବାର ପଢୁଛନ୍ତି ଓ ନିଜ ଭିତରେ ଜୁହାଜୁହି ହେଉଛନ୍ତି ଏଭଳି ଜଣେ ଲୋକତ କେହି ଏପର୍ଯ୍ୟନ୍ତ ଜନ୍ମ ହୋଇନାହାଁନ୍ତି । ଜ୍ଞାନର ଗୋଟିଏ ଗୋଟିଏ ବିଭାଗର ଜଣେ ଜଣେ ବହୁତ କିଛି ଜାଣିଛନ୍ତି । କିନ୍ତୁ ପ୍ରକୃତ ଅର୍ଥରେ ସର୍ବଜ୍ଞ ହେବା ଏପର୍ଯ୍ୟନ୍ତ ଆଉ ଜଣେ ଜନ୍ମ ହୋଇ ନାହାଁନ୍ତି । ସେ ଏଭଳି ସବୁ କଥା କହିଗଲେ ଯେ ଶିକ୍ଷିତ ଲୋକଙ୍କ ମନ ସତେ ଯେପରିକି ନୂଆ ନୂଆ ଛାଞ୍ଚରେ ପଡ଼ିଗଲା । ସେସବୁ ଛାଞ୍ଚ ଆରିଷ୍ଟଟଲହିଁ ଗଢ଼ିଦେଇ ଯାଇଥିଲେ ।

ସେ ଖ୍ରୀଷ୍ଟପୂର୍ବ ୩୮୪ରେ ଜନ୍ମ ହୋଇଥିଲେ । ମାତ୍ର ସତର ବର୍ଷ ବୟସରେ ଯାଇ ପ୍ଲାଟୋଙ୍କ ନିକଟରେ ପହଞ୍ଚିଲେ ଓ ସେ ଯେଉଁ ଏକାଡେମୀ ବା ଶିକ୍ଷା ମନ୍ଦିର କରିଥିଲେ ସେଇଥିରେ ପାଠ ପଢ଼ିଲେ । ଦୀର୍ଘ ୨୦ ବର୍ଷ କାଳ ସେ ଗୁରୁଙ୍କ ପାଖରେ ରହି ବହୁ ବିଦ୍ୟା ହାସଲ କଲେ । ସେତିକିବେଳେ ଜ୍ଞାନର ଯେଉଁ ମଜବୁତ୍ ମୂଳଦୁଆ ପଡ଼ିଗଲା ସେଇଥିରେ ସେ ନିଜକୁ ଗଢ଼ି ଚାଲିଲେ । ଖ୍ରୀଷ୍ଟପୂର୍ବ ୩୨୨ରେ ସେ ଏ ସଂସାରରୁ ବିଦାୟ ନେଲେ ।

**ଆର୍କିମିଡିସ୍** (ଖ୍ରୀ. ପୂ. ୨୮୭-୨୧୨) : ଏଇ ପୃଥିବୀରେ ଜଣେ ଜଣେ ଲୋକ ଜନ୍ମ ହୁଅନ୍ତି ଯେଉଁମାନେ କି ଏଇଟା କ'ଣ, କେମିତି ତିଆରି ହୋଇଛି, ପ୍ରକୃତି କାହିଁକି ଏଇଟାକୁ ତିଆରି କଲା ଇତ୍ୟାଦି ପ୍ରଶ୍ନ ନିଜକୁ ପଚାରନ୍ତି ଓ ତା'ର ଉତ୍ତର ନ ପାଇଲା ପର୍ଯ୍ୟନ୍ତ ସେମାନଙ୍କ ମନଟା ସ୍ଥିର ହୋଇ ରହିପାରେ ନାହିଁ । ସେହିମାନଙ୍କୁ କୁହାଯାଏ 'ଜ୍ଞାନପାଗଳ' । କିନ୍ତୁ ଏଭଳି ଗୋଟିଏ ଗୋଟିଏ ଉତ୍ତର ସେମାନେ ପାଇଯାଆନ୍ତି ଯେ ତା' ଲୋକଙ୍କର ମଙ୍ଗଳତ କରେ, ସେଥିରୁ ଆହୁରି ନୂଆ

---

"ପ୍ରତ୍ୟେକ ଲୋକର ମୁହଁରେ ତା' ଜୀବନ-କାହାଣୀ ଲେଖା ଅଛି-ଆମେ ତାକୁ ପଢ଼ି ଜାଣିଲେହିଁ ହେଲା ।"

--ସ୍ମିଥ୍

ନୂଆ କଥାର ଖିଅ ଅନ୍ୟମାନେ ବାହାର କରି ପକାନ୍ତି । ଇଉରୋପ ମହାଦେଶର ଇଟାଲୀରେ ସେଭଳି ଜଣେ ଲୋକ ଯୀଶୁଖ୍ରୀଷ୍ଟ ଜନ୍ମ ହେବାର ୨୮୭ ବର୍ଷ ପୂର୍ବରୁ ଜନ୍ମ ହୋଇଥିଲେ । ତାଙ୍କ ନାମ ଆର୍କିମିଡିସ୍ । ସେ ଗଣିତ ବିଦ୍ୟାରେ ଥିଲେ ଧୁରନ୍ଧର । ସେହି ବିଦ୍ୟା ସାହାଯ୍ୟରେ ମାନବ ଜାତିକୁ ବହୁତ କିଛି ନୂତନ ଜ୍ଞାନ ହେଇଥିଲେ ।

ମେସିନ୍ କହିଲେ ଆମେ ବୁଝୁ ସେଥିରେ ଅନେକ ଗୁଡ଼ାଏ ପାର୍ଟ୍ ଥିବ । ବିଚିତ୍ର ଢଙ୍ଗରେ ହଠାତ୍ ସାଧାସିଧା ଭାବରେ ନ ହୋଇ ଜଟିଳ ଭାବରେ ହୋଇଥିବ । ଡିଜେଲ ବା ବିଜୁଳି ଶକ୍ତିରେ ଚାଲୁଥିବ । କିନ୍ତୁ ଏହିସବୁ ଯେତେବେଳେ ତିଆରି ହୋଇ ନଥିଲା ସେତେବେଳେ ମଣିଷତ ନିଜର ସୁବିଧା ପାଇଁ ନୂଆ ନୂଆ ଚିଜ ବାହାର କରୁଥିଲା । ମେସିନ ଶବ୍ଦର ଗୋଟାଏ ଅର୍ଥ ହେଲା - ଅଳ୍ପ ପରିଶ୍ରମ ବା ଉଦ୍ୟମରେ ଅଧିକ କାମ କରିବା ପାଇଁ ଯେଉଁଟି ଆମକୁ ସାହାଯ୍ୟ କରେ, ସେହିଭଳି ଗୋଟିଏ ସାଧନ । କାଠର ପିଟଣାଟିଏ, ଲୁହାର ହାତୁଡ଼ିଟିଏ, ପେଚ୍‌କସଟିଏ ଯେ ଗୋଟାଏ ଯୁଗର ସାଧାସିଧା ସରଳ ମେସିନ ଏକଥା ସ୍ୱୀକାର କରିବାକୁ ହେବ । ଗୋଟାଏ ଲମ୍ବା ବାଉଁଶକୁ ମଧ୍ୟ ଲୋକ ମେସିନ ଭଳି କାମରେ ଲଗାଇଛି କଷ୍ଟ କାମକୁ ସହଜ କରିଦେବା ପାଇଁ । ଗୋଟାଏ ବଡ଼ କାଠଗଡ଼କୁ ଠେଲି ଠେଲି ନେବାକୁ ବହୁଲୋକ ଦରକାର ପଡ଼ନ୍ତି । କିନ୍ତୁ ଗୋଟାଏ ଲମ୍ବା ବାଉଁଶ ବା ତଡ଼ାକୁ କାଠଗଡ଼ ତଳେ ପୁରାଇ ଦେଇ ଜଣେ ଲୋକ ଠେଲିଦେଲେ ମଧ୍ୟ ସେଇଟିକୁ ଘୁଞ୍ଚାଇ ଦେଇହୁଏ । ଆଜିକାଲିର ଭାଷାରେ ତାହାରି ନାମ ହେଉଛି 'ଲିଭର' । ପାଞ୍ଚ ହଜାର ବର୍ଷ ପୂର୍ବେ ମିଶର ଦେଶରେ ସେହିଭଳି କାମ ହୋଇଥିଲା ବୋଲି ପିରାମିଡ୍ ସବୁ ତିଆରି ହୋଇଗଲା । କିନ୍ତୁ ଆର୍କିମିଡିସଙ୍କ ପାଇଁ ବାକୀ ଥିଲା ସେଇ କୌଶଳ ଭିତରେ ଅସଲ ସୂତ୍ର କେଉଁଠି ଅଛି ତାହାକୁ ଲୋକଙ୍କୁ ଭଲକରି ବୁଝାଇ ଦେବା । ସେ ଯଦି ଲିଭର ସୂତ୍ର ବତାଇ ନଥାନ୍ତେ କଚୁରୀରେ କପଡ଼ା କାଟିବା, ଗୁଆକାତିରେ ଗୁଆ କାଟିବା କାହିଁକି ସହଜ ହେଉଛି ଆମେ ବୁଝାଇ ଦେଇ ପାରୁନଥା'ନ୍ତେ । ବଢ଼େଇ ହାତର ପ୍ଲାସ, ରୋଷେଇ ଘରର ଚୁମୁଟା, କାରିଗର ହାତର ପେଚ୍‌କସ୍ ବା ଅତି ଓଜନିଆ ପଦାର୍ଥକୁ ଟେକିନେବା କ୍ରେନ୍ ବାହାରି ନ ଆନ୍ତା ।

ଇଏତ ସାମାନ୍ୟ ଉଦାହରଣଟିଏ । ଛୋଟ ଛୋଟ କଥାରୁ ସେ କେତେ ନୂଆ ନୂଆ ଜ୍ଞାନ ମଣିଷ ଜାତିପାଇଁ ଦେଇ ଯାଇଛନ୍ତି ତାହା ଲେଖି ବସିଲେ ଏହିଭଳି ଗୋଟିଏ ବହି ହୋଇଯିବ । ଏଭଳି ଜଣେ ଲୋକଙ୍କ ମରଣ କେମିତି ହେଲା ଶୁଣିଲେ ଭଲ ହେବ । ରୋମର ସୈନ୍ୟମାନେ ଆର୍କିମିଡିସ୍ ରହୁଥିବା ସିରାକସ୍ ନଗରକୁ



(ଆର୍କିମିଡିସ୍‌ଙ୍କ ଦ୍ୱାରା ଉଦ୍‌ଭାବିତ ପାଣିଉଠା କଳ)

ଦଖଲ କଲେ । ବହୁ ଲୋକଙ୍କୁ ହତ୍ୟା କଲେ । ସେନାପତି କିନ୍ତୁ କହିଥା'ନ୍ତି ବିଜ୍ଞାନୀ ଆର୍କିମିଡିସ୍‌ଙ୍କୁ ଯେମିତି ହତ୍ୟା ନ କରିବ । ଜୀବନ ରକ୍ଷା ପାଇଁ ସବୁ ପଳାଉଛନ୍ତି । ଆର୍କିମିଡିସ୍ କିନ୍ତୁ ବଜାର ଭିତରେ ଗୋଟିଏ ସ୍ଥାନରେ ଚୁପ୍ ଚାପ ବସି ବାଲିରେ ଗୋଟିଏ ବୃତ୍ତ ଟାଣୁଛନ୍ତି । ଜଣେ ରୋମ ସୈନ୍ୟ ଖଣ୍ଡାଧରି ତାଙ୍କ ଆଡ଼କୁ ଧାଇଁ ଆସିଲା । ସେ ଯଦି ନିଜ ନାମଟା ହଠାତ୍ କହି ଦେଇଥା'ନ୍ତେ ହୁଏତ ରକ୍ଷା ପାଇଯାଇଥାନ୍ତେ । 'ତା' ନକରି ସେ ଧୀର ସ୍ୱରରେ କହିଲେ - ମୁଁ ଟିକେ ବୃତ୍ତଟା

"ଭୀରୁତା ଓ ମିଥ୍ୟା ହେଲେ ଦୁଇଟି ଯାଆଁଳା ଭାଇ ।"

---ମାର୍‌ଫା

ଆଙ୍କି ଦେଇସାରେ, ତା'ପରେ ମୋତେ ପଛେ ମାରିବ । ସୈନିକ ସେ କଥା ଶୁଣିଲା ନାହିଁ । ତାଙ୍କ ମୁଣ୍ଡଟାକୁ କାଟିଦେଲା । ରୋମର ସେନାପତି ଯେତେବେଳେ ଏକଥା ଶୁଣିଲେ ତାଙ୍କ ମନ ଅତି ଖରାପ ହୋଇଗଲା । ପରେ ତାଙ୍କ ସମ୍ମାନରେ ଗୋଟିଏ ଉଚ୍ଚ କବର ତିଆରି କରାଗଲା । ଆର୍କିମିଡିସ୍ କହିଯାଇଥିଲେ - "ମୋ କବର ଉପରେ ଗୋଟିଏ ବୃତ୍ତ ଓ ଗୋଟିଏ ସିଲିଣ୍ଡର ଛବି ରହିବ ।" ତାହାହିଁ କରାଗଲା । ସେ ବହୁସଂଖ୍ୟକ ବହି ଲେଖିଥିଲେ । ସେଥିରୁ କେତେକ ଅଛି ଓ କେତେକ ଲୋପ ପାଇଯାଇଛି ।

**ଆରଗନ୍** : ୧୮୯୪ ପୂର୍ବରୁ ଆରଗନ୍ ବୋଲି କହିଲେ ବିଜ୍ଞାନୀମାନେ କିଛିହେଲେ ବୁଝି ପାରୁ ନ ଥିଲେ । କାରଣ ମୁହଁଛପା ଦେଇ ରହିଥିବା ଏହି ମୂଳ ଉପାଦାନ ବା ଏଲିମେଣ୍ଟକୁ ଲର୍ଡ ରାଲେ ଓ ଉଇଲିୟମ ରାମ୍‌ସେ ବୋଲି ଦୁଇଜଣ ବିଜ୍ଞାନୀ ପବନ ଭିତରୁ ବାହାର କରି ଆଣି ଅନ୍ୟମାନଙ୍କୁ ଚିହ୍ନାଇ ଦେଲେ । ଏହାରି ନାମ ଆରଗନ୍ । ଗ୍ୟାସ୍ ପୂର୍ଣ୍ଣ ହୋଇଥିବା ଇଲେକ୍‌ଟ୍ରିକ୍ ବଲ୍‌ବ, ରେଡ଼ିଓ ଟିଉବ୍ ଓ ସେହିଭଳି ଆଉ କେତେକ ଜିନିଷ ତିଆରି କଲାବେଳେ ଆର୍‌ଗନ୍ ଲୋଡ଼ା ପଡ଼େ । ଆଲୁମିନିୟମ ଓ ଷ୍ଟେନ୍‌ଲେସଷ୍ଟିଲ ତିଆରି ବେଳେ ଏହାର ସାହାଯ୍ୟ ନେବାକୁ ପଡ଼େ । ବାୟୁମଣ୍ଡଳରେ ଶହେରେ ମାତ୍ର ଏକ ଭାଗରୁ ଟିକିଏ ଅଧିକ ଥାଏ ଏହି ପଦାର୍ଥ । ପ୍ରକୃତି ଯେତେବେଳେ ପୃଥିବୀ ଗଢ଼ିଲା ସେତିକିବେଳରୁ ଆର୍‌ଗନ୍‌ର ସୃଷ୍ଟିହୋଇଛି ।

**ଆର୍ଜେଣ୍ଟିନା** : ଦକ୍ଷିଣ ଆମେରିକା ମହାଦେଶର ଏକାବେଳକେ ଦକ୍ଷିଣ ଅଂଶରେ ଏହି ଦେଶଟି ରହିଛି । କ୍ଷେତ୍ରଫଳ ପ୍ରାୟ ୨୭ ଲକ୍ଷ ବର୍ଗ କିଲୋମିଟର । ରାଜଧାନୀର ନାମ ବୁଏନୋଆଇରିସ । ଆଟଲାଣ୍ଟିକ ମହାସାଗରକୁ ଏହାର ସୀମା ଲାଗିଛି ଓ ୪୦୦୦ କି.ମି. ଦୀର୍ଘ ଉପକୂଳ ରହିଛି । ଲୋକସଂଖ୍ୟା ପ୍ରାୟ ୩ କୋଟି ୨୫ ଲକ୍ଷ । ପ୍ରାଇମେରୀ ସ୍କୁଲରୁ ଆରମ୍ଭ କରି ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ବିନା ବେତନରେ ଶିକ୍ଷା ଦିଆଯାଏ । ଇଉରୋପୀୟମାନେ




(ଆର୍ଜେଣ୍ଟିନା)

କୁହନ୍ତି ଯେ ଆରମ୍ଭରୁ ସେଠି ଯେଉଁମାନେ ବାସ କରୁଥିଲେ ସେମାନେ ଗୋଟାଏ ବୁଲାଜାତି ଭାବରେ ରହୁଥିଲେ ଓ ଶିକାର କରି ଚଳୁଥିଲେ । କେବଳ ଉତ୍ତର ପଶ୍ଚିମ ଅଞ୍ଚଳରେ ଇନ୍‌କାମାନେ ସଭ୍ୟ ହୋଇ ସାରିଥିଲେ । ୧୫୩୬ରେ ସ୍ପେନର ଲୋକେ ଏ ଦେଶ ଭିତରେ ପ୍ରବେଶ କଲେ । ଲୋକେ ସେମାନଙ୍କୁ ପ୍ରବଳ ବାଧା ଦେଲେ । ପିଇବା ପାଣି ନପାଇ ସ୍ପେନ୍ ସୈନ୍ୟମାନେ ପଳାଇ ଆସିଲେ । ପରେ ଅବଶ୍ୟ ସେମାନେ ଯାଇ ସେ ଦେଶକୁ ଦଖଲ କଲେ । ଆଜି ସେଇଟି ଗୋଟିଏ ସ୍ପେନ ଭାଷାଭାଷୀ ଅଞ୍ଚଳ ହୋଇଯାଇଛି ।

"ଯିଏ ସଦାବେଳେ କର୍ମରତ ଥାଏ ସେହିଁ ଜୀବନକୁ ଉପଭୋଗ କରେ ।"

--ଇମରସନ୍

**ଆର୍ଥର ମୀ** (୧୮୭୫-୧୯୪୩) : 'ତୁମେମାନେ ପିଲା । ଏଗୁଡ଼ାକ ବୁଝିପାରିବ ନାହିଁ । ତେଣୁ ତୁମକୁ ସେ ବିଷୟରେ କହି କିଛି ଲାଭ ନାହିଁ;' ଏହିଭଳି କଥା ଯେଉଁମାନେ କହୁଥିଲେ ସେମାନଙ୍କୁ ଆର୍ଥର ମୀ ବୋଲି ଜଣେ ଖବରକାଗଜ ଲେଖିଲାବାଲା କହିଲେ - ହଁ, ଏକଥା ସତ ଯେ ପିଲାମାନେ କେତେକ କଥା ଆଦୌ ବୁଝିପାରିବେ ନାହିଁ । କିନ୍ତୁ ଯେତକ ବୁଝି ପାରିବେ ସେତକ ସଜାଇ ରଖିଦେଲେ କ୍ଷତି କଅଣ ? ଏହା କହି ସେ ପିଲାମାନଙ୍କ ପାଇଁ ଇଂରାଜୀ ଭାଷାରେ ଗୋଟିଏ ଏନ୍‌ସାଇକ୍ଲୋପିଡ଼ିଆ ବା ଜ୍ଞାନମଣ୍ଡଳ ଲେଖିଦେଲେ । ତାଙ୍କର ମାର୍ଜୋରୀ ନାମରେ ଗୋଟିଏ ଝିଅ ଥିଲା । ସେ ତାହାରି ପାଇଁ ଏହାକୁ ଲେଖୁଛନ୍ତି ବୋଲି ଧରିନେଇ ଆଗେଇ ଚାଲିଲେ । ମୂଳରୁ ସେ ଭାବିନେଲେ, କଥାଟାକୁ ପିଲା ଯେଭଳି ଭାଷାରେ ବୁଝିପାରିବେ ସେହିଭଳି ଭାଷାରେ ଲେଖିଲେ ଯାଇ ଚଳିବ । ୧୯୦୭ରେ ସେ ଏହି କାମ ଆରମ୍ଭ କଲେ । ବଡ଼ ବଡ଼ ପ୍ରାୟ ଦଶ ଖଣ୍ଡରେ ଏହାକୁ ଶେଷ କରି ତାର ନାମ ରଖିଲେ "ଶିଶୁ ଜ୍ଞାନମଣ୍ଡଳ" ବା ଦି ଚିଲ୍‌ଡ୍ରେନ୍‌ସ୍ ଏନ୍‌ସାଇକ୍ଲୋପିଡ଼ିଆ । ଏହି ବହି ଯେତେବେଳେ ଆମେରିକାରେ ଛାପା ହେଲା ତାହାର ନାମ ରଖାଗଲା 'ଜ୍ଞାନ ପୁସ୍ତକ' ବା 'ଦି ବୁକ୍ ଅଫ୍ ନଲେଜ' । ଏଥିରେ ବହୁ ସଂଖ୍ୟକ ଚିତ୍ର ଦିଆଯାଇଥିଲା । ସେହିସବୁ ଚିତ୍ର ଦେଖି ପିଲାମାନେ ଭଲ ଭାବରେ ସବୁକଥା ବୁଝି ଯାଉଥିଲେ ।

ଆର୍ଥର ମୀଙ୍କର ଗୋଟିଏ ଗୁଣ ଥିଲା, ଯେଉଁ କଥାଟା ଅନ୍ୟମାନେ କହିଲେ ଲୋକଙ୍କର ଶୁଣିବା ପାଇଁ ସେତେ ଇଚ୍ଛା ହେବନାହିଁ ସେହି କଥାଟିକୁ ସେ ଏଭଳି ଢଙ୍ଗରେ କହିଦେବେ ଯେ ସମସ୍ତେ ଆଗ୍ରହର ସହିତ ଶୁଣିବେ । ମାତ୍ର କୋଡ଼ିଏ ବର୍ଷ ବୟସରେ ସେ ଗୋଟିଏ ଖବରକାଗଜର ସଂପାଦକ ହୋଇଗଲେ । ଦେଖାଗଲା, ନିଜ ଘର ବାହାରକୁ ନଯାଇ, କାହାକୁ କିଛି ନ ପଚାରି ସେ ଯେ କୌଣସି ବିଷୟରେ ଲେଖି ଦେଉଛନ୍ତି । ତାହା ଗୋଟିଏ କାରଣରୁ ସମ୍ଭବ ହେଲା । ବହୁ ସଂଖ୍ୟକ ଖବରକାଗଜ ସେ ପଢ଼ନ୍ତି । ପଢ଼ିଲାବେଳେ ଯେଉଁସବୁ ବିଷୟ ସମସ୍ତେ ଜାଣିବା ଦରକାର ସେଗୁଡ଼ିକୁ କାଟିନେଇ ଅକ୍ଷର ଅନୁସାରେ ସଜାଇ ଦିଅନ୍ତି । ଦେଖାଗଲା ଯେ ସେ ଲକ୍ଷ ଲକ୍ଷ ଖବରକାଗଜ କଟା ବିଷୟ ସାଇତି ଦେଉଛନ୍ତି । ସେ ସବୁକୁ ରଖିବା ପାଇଁ ସ୍ୱତନ୍ତ୍ର ଭାବରେ ଗୋଟିଏ ଗୋଟିଏ ବଡ଼ ବଡ଼ ଲଫାପା ତିଆରି କଲେ । ବହୁ ସଂଖ୍ୟକ ଆଲମାରୀରେ ସେଗୁଡ଼ିକ ରହି ଯାଉଥାଏ । ଯେତେବେଳେ ଯେଉଁ ଜିନିଷଟା ଦରକାର ପଡ଼େ ସେ ଖୋଜି ବାହାର କରି ଆଣନ୍ତି । ବିଷୟଟିର ମୂଳ ଅକ୍ଷର ଅନୁସାରେ ସେ ସଜାଇ ରଖିଥିବାରୁ ଏହା ସମ୍ଭବ ହୁଏ । ଶିଶୁ ଜ୍ଞାନମଣ୍ଡଳଟିକୁ ଶେଷ କରିଦେଲା ପରେ ସେ ଗୋଟିଏ ଶିଶୁ ଖବର କାଗଜ ବାହାର କଲେ । ତାଙ୍କ ଶିଶୁ ଜ୍ଞାନମଣ୍ଡଳ ଇଉରୋପର ଅନ୍ୟସବୁ ଭାଷାରେ ଅନୁବାଦ ହୋଇଗଲା । ଏବେ ମଧ୍ୟ ତାଙ୍କ ମୃତ୍ୟୁ ପରେ ଲୋକେ ନିଜ ଘରେ ଏହାକୁ ରଖୁଛନ୍ତି । ଏହାକୁ ପଢ଼ି ଛୋଟପିଲା, ସେମାନଙ୍କର ବାପା, ମାଆ, ଓ ଶିକ୍ଷକମାନେ ବହୁତ କିଛି ଜାଣୁଛନ୍ତି । ସେଥିରେ ଯାହାସବୁ ଅଛି ତାକୁ ପିଲାମାନେ ବୁଝିଲେ କି ନାହିଁ ସେକଥା ବାପା ମାଆ ମଝିରେ ମଝିରେ ଯାଞ୍ଚ କରୁଛନ୍ତି ଓ ଯେଉଁଠି ବୁଝି ନ ପାରୁଛନ୍ତି ସେମାନଙ୍କୁ ବୁଝାଇ ଦେଉଛନ୍ତି । ଦିନେ ସେ ବିଚାରିଲେ - ଗୋଟିଏ ଗୋଟିଏ ଚିତ୍ର ରହିବ ଓ ତା ତଳେ ଅଳ୍ପ କେତୋଟି ଶବ୍ଦ ଲେଖି ଦିଆଯିବ । ସେହି ଲେଖାରୁ ଚିତ୍ରଟି କାହିଁକି ଦିଆ ଯାଇଛି ପିଲାମାନେ ସହଜରେ ବୁଝିଯିବେ । ସେ ବହି ନାଁ ରଖିଲେ - "ମୁଁ ସବୁ କିଛି ଦେଖୁଛି" । ସେଥିରେ ହଜାର ହଜାର ଚିତ୍ର ଥିଲା । ସବୁ ଲାଇବ୍ରେରୀରେ ଏହି ବହି

"ସହନଶୀଳ ବ୍ୟକ୍ତିର କେବେହେଲେ ପରାଜୟ ନାହିଁ ।"

--ଅସିଅସ୍

ରହିଗଲା, କାରଣ କେବଳ ଆଖି ପକାଇ ଦେଲେ ଗୋଟାଏ କଥା ବୁଝି ହୋଇଗଲା । ପୃଥିବୀର ଯେ କୌଣସି ଭାଷାରେ ପିଲାମାନଙ୍କ ପାଇଁ ଲେଖିବାକୁ ଗଲେ ଆର୍ଥର ମୀଙ୍କ ବହିର ସାହାଯ୍ୟ ସାଧାରଣତଃ ନିଆଯାଏ ।

**ଆର୍ମଷ୍ଟ୍ରଙ୍ଗ** (୧୯୩୦) : ପୃଥିବୀ ଠାରୁ ବହୁ ଉଚ୍ଚରେ ଗୋଟିଏ ବିଚିତ୍ର ପ୍ରକାରର ପରଦା ଘେରି ରହିଛି । ଏହାରି ନାମ ମାଧ୍ୟାକର୍ଷଣ । ନିୟମ ହେଲା ଯେଉଁ ପଦାର୍ଥଟା ପୃଥିବୀରୁ ଉଚ୍ଚକୁ ଉଠିବ ତାହା ପୁଣି ଫେରି ଆସିବ । ତାକୁ ତଳକୁ ଟାଣି ଆଣିବାରେ ଶକ୍ତି ପୃଥିବୀର ରହିଛି । ଏହାକୁ ମାଧ୍ୟାକର୍ଷଣ ଶକ୍ତି ବୋଲି କୁହାଯାଏ । ମାଧ୍ୟାକର୍ଷଣ ପରଦାକୁ ଟପି ମନୁଷ୍ୟ ତ ଦୂରର କଥା, କୌଣସି ରକେଟ୍ ବା ସେଭଳି ଦ୍ରୁତଗାମୀ ପଦାର୍ଥ ଆହୁରି ଉପରକୁ ଗ୍ଲଲିଯାଇପାରିବ, ଏକଥା କେହି ବିଶ୍ୱାସ କରୁ ନଥିଲେ । ଚନ୍ଦ୍ରଟି ହେଉଛି ପୃଥିବୀର ଗୋଟିଏ ଉପଗ୍ରହ । ତାହା ନିକଟକୁ ଯିବା କେବେହେଲେ ସମ୍ଭବ ନୁହେଁ - କାରଣ ଯେଉଁ ଯାନ ସେଠାକୁ ଯାଉ ବୋଲି ପୃଥିବୀରୁ ଛଡ଼ାଯିବ, ତାହା ନିଶ୍ଚୟ ତଳକୁ ଖସିପଡ଼ିବ ।

କିନ୍ତୁ ଅସଲ କଥାଟି ହେଲା, ପୃଥିବୀ ବାହାରକୁ ଯଦି ମଣିଷ ନଗ୍ଲଲିଯିବ ଓ ଚନ୍ଦ୍ର ଉପରେ ବୁଲି ନପାରିବ ତେବେ ଆହୁରି ଦୂରରେ ଯେଉଁସବୁ ଗ୍ରହ, ଉପଗ୍ରହ, ନକ୍ଷତ୍ର ଅଛନ୍ତି ସେ ବିଷୟରେ ପ୍ରକୃତଜ୍ଞାନ ହାସଲ କରିପାରିବ ନାହିଁ । ଚନ୍ଦ୍ରରେ ଠିଆ ହୋଇ ମଣିଷ ଯଦି ପୃଥିବୀକୁ ଲକ୍ଷ୍ୟ କରିବ ତେବେ ସେ ନୂଆ ନୂଆ ଦୃଶ୍ୟ ଦେଖିବ, ନୂଆ ନୂଆ କଥା ଜାଣିପିବ । ସେହି କଥା କରିବା ପାଇଁ ବିଜ୍ଞାନୀମାନେ ବହୁତ କିଛି ବୁଦ୍ଧି ଖଟାଉଥିଲେ ଓ ୧୯୫୭ ଅକ୍ଟୋବର ୪ ତାରିଖ ଦିନ ଗୋଟିଏ କ୍ଷୁଦ୍ର ଯାନ ପୃଥିବୀର ମାଧ୍ୟାକର୍ଷଣ ଅଞ୍ଚଳ ବାହାରକୁ ଗ୍ଲଲିଗଲା ଓ ପୃଥିବୀ ଗ୍ଲରିପଟେ ବୁଲିଲା । ମଣିଷ ଜାତି ତା' ଆଖିକୁ, କାନକୁ ବିଶ୍ୱାସ କରିପାରିଲା ନାହିଁ । ତେଣିକି ବିଜ୍ଞାନୀମାନଙ୍କର ସାହସ ହୋଇଗଲା ଦିନେ ଚନ୍ଦ୍ରରେ ମନୁଷ୍ୟ ଯାଇ ପହଞ୍ଚିବ । ଯେଉଁ ପ୍ରଥମ



(ଆର୍ମଷ୍ଟ୍ରଙ୍ଗ)

ଯାନଟି ଯାଇଥିଲା ତାହାର ନାମ ସ୍ପୁଟ୍‌ନିକ୍ ଓ ରୁଷ ଦେଶରୁ ତାହା ଉପରକୁ ଛଡ଼ାଯାଇଥିଲା ।

ତାହାପରେ ଗ୍ଲଲିଗଲା ବାର ବର୍ଷ । ୧୯୬୯ ଜୁଲାଇ ୨୦ ତାରିଖ ଦିନ ନିଲ୍ ଆର୍ମଷ୍ଟ୍ରଙ୍ଗ ନାମକ ଆମେରିକାର ଜଣେ ମହାକାଶଗ୍ଲରୀ ଚନ୍ଦ୍ର ଦେହରେ ଯାଇ ଠିଆ ହୋଇଗଲେ । ତାଙ୍କ ସହିତ ମହାକାଶଯାନରେ ଥିଲେ ଆଲ୍‌ଡ୍ରିନ୍ ଓ କଲିନ୍‌ସ୍ । ସେଠାରେ ଠିଆ ହୋଇଯାଇ ଅତି ବିନୟର ସହିତ ଆର୍ମଷ୍ଟ୍ରଙ୍ଗ କହିଲେ - ମୁଁ ଏଠାରେ ଯେ ଗ୍ଲଲିଲି ସେଇଟା ଜଣେ ଲୋକ ପାଇଁ ଗୋଟିଏ କ୍ଷୁଦ୍ର ପାଦଗ୍ଲଳନା, କିନ୍ତୁ ମନୁଷ୍ୟଜାତି ପାଇଁ ଏହା ହେଉଛି ଗୋଟାଏ ବିରାଟ ଲମ୍ଫ । ଆର୍ମଷ୍ଟ୍ରଙ୍ଗ ହେଉଛନ୍ତି ପୃଥିବୀର ପ୍ରଥମ ମନୁଷ୍ୟ ଯିଏକି ପୃଥିବୀ ବାହାରେ ଗୋଟିଏ ଉପଗ୍ରହରେ ଯାଇ ପାଦଦେଲେ ।

---

"ଅତିଟା ସବୁକ୍ଷେତ୍ରରେ ଖରାପ - ଅତିମାତ୍ରାରେ ଆଲୋକ ଆମକୁ ଅନ୍ଧ କରିଦିଏ ।"

--ପାସ୍କାଲ୍

୧୯୩୦ ଅଗଷ୍ଟ ୫ ତାରିଖ ଦିନ ଏହାଙ୍କର ଜନ୍ମ । ମାତ୍ର ୧୬ ବର୍ଷ ବୟସରେ ସେ ଜଣେ ବିମାନଚାଳକ ଭାବରେ ଲାଇସେନ୍‌ସ ପାଇଲେ ଓ ୧୭ ବର୍ଷ ବୟସରେ ନୌବିଭାଗର ବିମାନଚାଳନା ତାଲିମ କେନ୍ଦ୍ରରେ ଯୋଗଦେଲେ । ୧୯୫୦ରେ ଯେତେବେଳେ କୋରିଆ ଦେଶରେ ଆମେରିକାର ସୈନ୍ୟମାନେ ଲଢୁଥିଲେ ସେତେବେଳେ ଶତ୍ରୁପକ୍ଷର ଗୁଳିମାଡ଼ରେ ଆର୍ମଷ୍ଟ୍ରଙ୍ଗ ତାଙ୍କ ଉଡ଼ାଜାହାଜ ସହିତ ତଳେ ଖସିପଡ଼ିଥିଲେ । କିନ୍ତୁ ସେ ବଞ୍ଚିଯାଇଥିଲେ । ୧୯୬୯ ଜୁଲାଇ ୨୧ ତାରିଖରେ ସେ ଚନ୍ଦ୍ରରୁ ପୃଥିବୀ ଆଡ଼କୁ ଆସିଲେ ଓ ଜୁଲାଇ ୨୪ରେ ପ୍ରଶାନ୍ତ ମହାସାଗରରେ ତାଙ୍କ ଯାନ ଓହ୍ଲାଇ ପଡ଼ିଲା । ୧୮ ଦିନ କାଳ ସେମାନଙ୍କୁ ଅଲଗା ରଖାଗଲା - କାଳେ ଚନ୍ଦ୍ରରୁ କୌଣସି ରୋଗ ଜୀବାଣୁ ସେମାନଙ୍କ ଦେହରେ ପଶିଯାଇଥିବ, ଏହି ଆଶଙ୍କାରେ ।

**ଆର୍ଯ୍ୟଭଟ୍ଟ** : ଭାରତ ଭୂଇଁରେ ୪୭୬ ଖ୍ରୀଷ୍ଟାବ୍ଦରେ ଯେଉଁ ଶିଶୁଟି ମଗଧ (ବିହାର) ରାଜ୍ୟରେ ଜନ୍ମ ହୋଇଥିଲା ଦିନେ ସେ ଭାରତର ପ୍ରସିଦ୍ଧ ବିଜ୍ଞାନ ପଣ୍ଡିତ ବୋଲି ପରିଚିତ ହୋଇଗଲା । ଗଣିତ ବିଦ୍ୟାରେ ସେ ଧୂରନ୍ଧର ହୋଇ ଯାଇଥିଲେ । ତାଙ୍କ ହାତରେ କୌଣସି ଯନ୍ତ୍ରପାତି ନଥିଲେ ମଧ୍ୟ ପୃଥିବୀ ବାହାରେ ଥିବା ଗ୍ରହ ନକ୍ଷତ୍ର ଗୁଡ଼ିକ ବିଷୟରେ ବହୁତ କିଛି ସଠିକ ତଥ୍ୟ ସଂଗ୍ରହ କରିଥିଲେ । ଆଜିର ବିଜ୍ଞାନୀମାନେ ଏହା ଦେଖି ପଚାରୁଛନ୍ତି-ଏହି ଯୋଗଜନ୍ମା ପୁରୁଷ ଏତେ ତଥ୍ୟ କେମିତି ସଂଗ୍ରହ କଲେ ? ୧୯୭୫ ମସିହାରେ ଭାରତ ତାହାର ପ୍ରଥମ ଉପଗ୍ରହକୁ ରୁଷିଆର ଗୋଟିଏ ଘାଟୀରୁ ମହାଶୂନ୍ୟକୁ ଛାଡ଼ିଥିଲା । ତାହାର ନାମ ରଖାଯାଇଥିଲା ଆର୍ଯ୍ୟଭଟ୍ଟ । ଏପରି ନାମ ଦେବା ଦ୍ୱାରା ବିଜ୍ଞାନୀ ଆର୍ଯ୍ୟଭଟ୍ଟ କେଡ଼େ ବଡ଼ ଲୋକ ଥିଲେ ତାହାର ଯେମିତି କି ଟିକିଏ ସୂଚନା ଦେଇଦିଆଗଲା ।

**ଆଳୁ** : ମଣିଷର ଗୋଟିଏ ଦେହ ଅଛି । ସେ କାମ କରିବ । କାମ କରିବା ପାଇଁ ତା'ର ବଳ ଦରକାର । ସେହି ବଳ ଯୋଗାଇ ଦେଉଛନ୍ତି ଚାଉଳ, ଗହମ, ମାଣ୍ଡିଆ ଜାତିର ଖାଦ୍ୟ । ବିଜ୍ଞାନୀମାନେ କୁହନ୍ତି ଏଥିରେ ଯେଉଁ ଶ୍ୱେତସାର ଅଛି ତାହାହିଁ ଆମକୁ ଶକ୍ତି ଯୋଗାଉଛି । ବହୁକାଳ ପର୍ଯ୍ୟନ୍ତ ଜଣା ନଥିଲା ଯେ ଏହା ସାଙ୍ଗକୁ ଆଉ ଗୋଟିଏ ଶକ୍ତି ଯୋଗାଇବା ଖାଦ୍ୟ



(ଆଳୁ)

ପ୍ରକୃତି ତିଆରି କରିଛି ଓ ସେହି ଖାଦ୍ୟର ଫସଲ ଆମେରିକା ମହାଦେଶର ଦକ୍ଷିଣ ଅଂଶରେ ଅଛି । ସ୍ପେନ୍‌ର ଲୋକେ ଯେତେବେଳେ ଯାଇ ଦକ୍ଷିଣ

"ଭଗବାନଙ୍କ ବାଣୀ କେବଳ ଶାସ୍ତ୍ର ପୁରାଣରେ ଲେଖାନାହିଁ; ବୃକ୍ଷ-ଲତା-ପୁଷ୍ପ-ଫଳ-ମେଘ-ନଦୀ-ସମୁଦ୍ରରେ ମଧ୍ୟ ଲେଖା ଅଛି ।"

--ଲୁଥର୍

## ୧୨୪ ଆଳୁ-ଆଲ୍‌ପକା

ଆମେରିକାର ଆଣ୍ଡିଜ ପର୍ବତମାଳା ନିକଟରେ ପହଞ୍ଚିଲେ, ଦେଖିଲେ ମାଟି ତଳର ଏହି ଫସଲଟିକୁ ଲୋକେ ଆଗ୍ରହରେ ଖାଉଛନ୍ତି । ଗହମ ବା ଗ୍ଧଉଳ ଏସିଆ, ଇଉରୋପର ଲୋକଙ୍କ ପାଇଁ ଯାହା-ଆଳୁ ସେହି ଅଞ୍ଚଳର ଲୋକଙ୍କ ପାଇଁ ସେଇଆ । ଅଳ୍ପ ସମୟ ଭିତରେ ଏତେ ପରିମାଣର ଫଳ କୌଣସି ଫସଲ ଦେଇପାରିବ ନାହିଁ । ସେଥିପାଇଁ ଏହାକୁ ସେମାନେ 'ଗରିବ ଲୋକର ବନ୍ଧୁ' ବୋଲି କହିଲେ । ଏଇଟି ହେଉଛି ୫୦୦ ବର୍ଷ ତଳର କଥା । ସେମାନେ ଏହାକୁ ଇଉରୋପ ମହାଦେଶକୁ ଆଣିଲେ । ପ୍ରାୟ ଦୁଇଶହ ବର୍ଷ ପୂର୍ବେ ଇଂରେଜମାନେ ଭାରତରେ ଡେରାଡୁନ୍‌ଠାରେ ଏହାର ଚାଷ ଆରମ୍ଭ କଲେ । ଇଉରୋପର ଲୋକେ ଯଥେଷ୍ଟ ଗହମ ପାଉନଥିଲେ । ତେଣୁ ପେଟ ପୂରାଇ ରୁଟି ଖାଇବାର ସୁଯୋଗ ନଥିଲା । ଆଳୁ ସେହି ଅସୁବିଧା ଦୂର କରିଦେଲା । ଇଉରୋପର ଲୋକଙ୍କର ସ୍ୱାସ୍ଥ୍ୟ ବଦଳିଗଲା । ସେମାନେ ବେଶୀ ବେଶୀ କାମ କରିପାରିଲେ । ଆଜି ଭାରତର ସବୁ ଅଞ୍ଚଳରେ ଲୋକ ଏହି ଆଳୁକୁ ଖାଉଛନ୍ତି ।

ଏହା ଭିତରେ ଶ୍ୱେତସାର ତ ରହିଛି । ତାହା ସାଙ୍ଗରେ କିଛି ପ୍ରୋଟିନ ଅଛି । ପୋଟାସିୟମ, ମାଗ୍ନେସିୟମ ଓ ଫସଫରସ ଭଳି ଖଣିଜ ଲବଣ ମଧ୍ୟ ଅଛି । ଶରୀର ସୁସ୍ଥ ରହିବାକୁ ହେଲେ ଏହିସବୁ ଦରକାର । ଆଳୁରେ 'ସି' ଭିଟାମିନ୍ ଥିବାରୁ ଏହା ମଣିଷ ଦେହର ବହୁତ କିଛି ଉପକାର କରୁଛି । ଏହାକୁ ତ ଖିଆଯାଏ, ତାହା ସାଙ୍ଗକୁ ଗ୍ଲୁକୋଜ, ଆଲକୋହଲ ପ୍ରଭୃତି ତିଆରି କରିବାରେ ବ୍ୟବହାର କରାଯାଏ । ମହାକାଶଯାନସବୁ ଯେତେବେଳେ ଉପରକୁ ଛଡ଼ାଗଲା ତାହା ଭିତରେ ଆଳୁ ରଖାଯାଇଥିଲା, କାରଣ ସେଠାରୁ ଫେରିଲା ପରେ ଏହି ଆଳୁକୁ ପରୀକ୍ଷା କରି ଅନେକ ନୂଆ କଥା ଜଣା ପଡ଼ିବ । ଆଳୁକୁ ଅଟାଭଳି କରି ନାନା ଭାବରେ ବ୍ୟବହାର କରାଯାଉଛି ।

**ଆଲ୍‌ପକା :** ପଶୁଙ୍କ ଚମଡ଼ା ଗୋଟାଏ ଯୁଗରେ ମନୁଷ୍ୟର ବହୁତ କିଛି ଉପକାର କରୁଥିଲା । ଗୋଟିଏ ଜୀବକୁ ମାରି ତାର ମାଂସ ଖାଇଲା ପରେ ଚମଡ଼ାଟିକୁ ଖରାରେ ପକାଇ ଦେଉଥିଲେ । ଶୁଖିଗଲେ ତାକୁ ଶୀତଦିନେ ଘୋଡ଼େଇ ହେଉଥିଲେ । ଦରକାର ପଡ଼ିଲେ ତାକୁ ଉପରେ ପକାଇ ଦେଇ ଘରେ ରହିଲା ଭଳି ତା' ତଳେ ରହିପାଉଥିଲେ । ପରେ ଚମଡ଼ାକୁ ନରମ କରିବା କୌଶଳ ଜଣାପଡ଼ିଲା । ତାହା କେତେ କାମରେ ଲାଗୁଛି ସମସ୍ତେ ଦେଖୁଛନ୍ତି । ଗୋଟିଏ ଜାତିର ଜୀବଙ୍କ ଚମଡ଼ା ଉପରେ ଅତି ନରମ ଓ ସୁନ୍ଦର ଲୋମ ରହିଥାଏ ।



(ଆଲ୍‌ପକା)

ସେହି ଚମଡ଼ା ପିନ୍ଧିଲେ ଲୋକ ମନରେ ଗୋଟାଏ ଆନନ୍ଦ ହୁଏ, କାରଣ ତାହା ସୁନ୍ଦର ଦେଖାଯାଏ । ଦକ୍ଷିଣ ଆମେରିକାର ପେରୁ, ଚିଲି ଓ ବଲିଭିଆରେ ଆଲ୍‌ପକା ବୋଲି ଯେଉଁ ଜୀବ ଅଛି ତାହା ଏହି ଜାତିର । ଚିତ୍ରରୁ ଜଣାପଡ଼ିବ ତାହାର ଚମଡ଼ା ଉପରେ କେଡ଼େ ସୁନ୍ଦର

"ମୋ ବ୍ୟତୀତ ଅନ୍ୟ ସମସ୍ତେ ଯଦି ଅନ୍ଧ ହୋଇ ଥାଆନ୍ତେ ଏଡ଼େ ବଡ଼ ଘର ବା ଦାମିକା ଖଟ ପଲଙ୍କ ମୋର ଲୋଡ଼ା ହୁଅନ୍ତା ନାହିଁ - କାରଣ ଅନ୍ୟମାନଙ୍କ ଆଖିହିଁ ମୋତେ ବିଳାସ ଆଡ଼କୁ ଟାଣି ନେଉଛି ।"

--ଫ୍ରାଙ୍କଲିନ୍

ସୁନ୍ଦର ଲୋମ ରହିଛି । ଆଣ୍ଡିଜ ପାହାଡ଼ର ଗଡ଼ାଣିଆ ଅଂଶରେ ଏମାନେ ବହୁ ଉଚ୍ଚରେ ରହନ୍ତି । କିଛି ନଖାଇ, ନପିଇ ମଧ୍ୟ ଅନେକ ଦିନ ରହିପାଆନ୍ତି । ଗୋଡ଼ତଳଟି ଗଦିଭଳି ହୋଇଛି, କିନ୍ତୁ ଖୁବ୍ ଟାଣ ଓ ବଙ୍କାଳିଆ ନଖ ଅଛି । ତେଣୁ ସହଜରେ ପଥର କାଛିରେ ଉପରକୁ ଚଢ଼ିଯାଇପାରେ । ଏହାର ଉଚ୍ଚତା ଦେଢ଼ମିଟର । ବେକଟା ସିଧା ଉପରକୁ ରହିଛି । ଏମାନେ ବଣୁଆ ଅବସ୍ଥାରେ ନଥିଲେ । ଲୋକେ ଦଳ ଦଳ କରି ରଖି ପାଳନ୍ତି । ଇଉରୋପ ଓ ସ୍ପେନର ଲୋକେ ଯାଇ ଦେଖିଲେ ଯେ ସେଗୁଡ଼ିକ ବୋଝବାହୀ ପଶୁ ଭାବରେ କାମ କରୁଛନ୍ତି । ତାଙ୍କ ଲୋମରୁ ସୂତା କାଢ଼ି ଲୁଗା ବୁଣୁଛନ୍ତି । ଦୁଇବର୍ଷରେ ଥରେ ଲୋମ କଟାଯାଏ । ସବୁଯାକ ନ କାଟି ଅଗରୁ ଅଗରୁ କାଟି ଆଣନ୍ତି । ଲୋମ ଖୁବ୍ ହାଲୁକା ଓ ଉଷୁମ ରଖେ । ଆଲପକା ଲୋମର ସୂତାରେ ପୋଷାକ ହୁଏ । ରାଜାମାନେହିଁ ମୋଟା ଆଲ୍‌ପକା ଉଲ୍ ଚମଡ଼ା ନିଜ ଦେହରେ ପକାଉଥିଲେ ।

**ଆଲ୍‌ବାଟ୍ରସ :** ଯେତେ ଜାତିର ସମୁଦ୍ର ପକ୍ଷୀ ଅଛନ୍ତି ସମସ୍ତଙ୍କ ଭିତରେ ବଡ଼ ହେଉଛି ଏହି ଆଲ୍‌ବାଟ୍ରସ୍ । ଲୋକେ କହନ୍ତି ଦେଖ, ସମୁଦ୍ର ଭିତରେ ରହିଛି ଏ ଜଗତର ସବୁଠାରୁ ବଡ଼ ଜୀବ ତିମି ଓ ସମୁଦ୍ର ଉପର ଆକାଶରେ ଉଡ଼ିବୁଲୁଛି ଏଡ଼େ ବଡ଼ ସାଗର ପକ୍ଷୀ ଆଲ୍‌ବାଟ୍ରସ । ଏଗୁଡ଼ିକ ବାର ତେର ଜାତିର । ଗୋଟିଏ ଗୋଟିଏ ଜାତିର ଓଜନ ପ୍ରାୟ ୧୦ କେ.ଜି । ଡେଣା ମେଲାଇଦେଲେ ୪ ମିଟର ହୋଇଯାଏ । ଯେଉଁ ଅଞ୍ଚଳରେ ଜୋରରେ ପବନ ବହୁଥାଏ ବା ଝଡ଼ ଭଳି ହେଉଥାଏ ସେହି ଅଞ୍ଚଳରେ ଏହି ପକ୍ଷୀଟି ତାର ଦୁଇ ଡେଣାକୁ ଆଦୌ କାମରେ ଲଗାଏ ନାହିଁ - ପବନରେ ଭାସି ଭାସି ଉଡ଼ିଗଲାଭଳି ଗ୍ଲିଯାଉଥାଏ । କେବଳ ଅଣ୍ଡା ଦେଲା ସମୟକୁ ଛାଡ଼ିଦେଲେ ଅନ୍ୟ ସମୟରେ ଏହା ପାଣିରୁ ଭୂଇଁକୁ ଆସେ ନାହିଁ । ଥରକେ ଗୋଟିଏ ମାତ୍ର ଅଣ୍ଡା ଦିଏ ।

**ଆଲର୍ଜୀ :** ଜଣେ ଭୋଜି ଖାଇବାକୁ ଯାଇଥିଲେ । ଗୋଳିଆଗୋଳି ତରକାରିରେ କଞ୍ଚା କଦଳୀ ପଡ଼ିଥିଲା । ସେ ତାକୁ ଖାଇଦେଲେ । ସକାଳୁ ଦେଖିଲା ବେଳକୁ ତାଙ୍କ ଦେହର ଗ୍ରରିଆଡ଼ ଯାଦୁ ଭଳି ହୋଇଯାଇଛି । ଅନ୍ୟ ଯେଉଁମାନେ ଖାଇଲେ ସେମାନଙ୍କର କିଛି ହୋଇନାହିଁ । ଜଣେ ଖୁବ୍ ସୁସ୍ଥ ଲୋକ । ତାଙ୍କ ଘରେ ଚିଲିକା ସମୁଦ୍ର କଙ୍କଡ଼ା ଦିନେ ରାତିରେ ରନ୍ଧା ହୋଇଥିଲା । ପରିବାରର ଆଠ ଦଶଜଣ ଖାଇଲେ । ସକାଳୁ ଉଠି ଦେଖନ୍ତି ଯେ ତାଙ୍କ ମୁହଁ ଫୁଲି ଲାଲ ହୋଇଯାଇଛି । ଦେହଯାକ ଅନେକ ସ୍ଥାନରେ ଫୁଲା ହୋଇଯାଇଛି । ତାଙ୍କୁ କୁଷ୍ଠ ହୋଇଗଲା ବୋଲି ବିକଳ ହୋଇ କାନ୍ଦିଲେ । ଡାକ୍ତର କହିଲେ - କଙ୍କଡ଼ା ଖାଇବା ଦ୍ୱାରାହିଁ ତୁମ ଦେହରେ ଏହି ବିଷକ୍ରିୟା ହୋଇଛି । ଦଳେ ଲୋକ ମଉଜ ମଜଲିସ କରିବା ପାଇଁ ଗୋଟାଏ ଜାଗାକୁ ଯାଇଥିଲେ । ସେଠାରେ ବାର ଘଣ୍ଟା ରହିଲା ପରେ ଦେଖିଲା ବେଳକୁ ସମସ୍ତଙ୍କୁ ଛିଙ୍କ, ଆଖି କୁଣ୍ଡାଇ ହେଉଛି ଓ ପାଣି ବହୁଛି । ଜଣେ ଜଣେ ନିଶ୍ୱାସ ନେଲାବେଳେ କଷ୍ଟ ଅନୁଭବ କରୁଛନ୍ତି । ଟୁଙ୍ଗୁ ଟୁଙ୍ଗୁ ଗୋଟାଏ ଜାତିର ଫୁଲ ସେହି ଅଞ୍ଚଳରେ ଖୁବ୍ ହୁଏ । ତାହାରି ପରାଗ ପବନରେ ଉଡ଼ିଆସି ଏମାନଙ୍କୁ ଏହି ବିପଦରେ ପକାଇଛି ।

ଡାକ୍ତରମାନେ କୁହନ୍ତି, ଗୋଟିଏ ଗୋଟିଏ ପଦାର୍ଥ ଜଣ ଜଣକ ଧାତୁରେ ଯାଏନାହିଁ । ଯେଉଁ ଖାଦ୍ୟ ପଦାର୍ଥକୁ ସମସ୍ତେ ଖାଉଛନ୍ତି ଓ କାହାର କିଛି କ୍ଷତି ହେଉନାହିଁ ତାକୁହିଁ ଖାଇ ଜଣକର ରୋଗ ହେଉଛି । ଏହି ରୋଗକୁ

---

"ସତ୍ୟରେ ତୁମର ବିଶ୍ୱାସ ଅଛି ବୋଲି ଜଣା ପଡ଼ିବ ଯଦି ତୁମେ ଅନ୍ୟ ପ୍ରତି ନ୍ୟାୟ ଆଚରଣ କରୁଥାଏ ।"

--ଇମରସନ୍

ନାମ ଦିଆଯାଇଛି ଆଲର୍ଜୀ । ଏହାକୁ ଗୋଟିଏ ରୋଗ ବୋଲି ମଧ୍ୟ କହି ହେବନାହିଁ । ତାହାର କାରଣ ହେଲା, ଶହ ଶହ ଭିନ୍ନ ଭିନ୍ନ କାରଣରୁ ଏଭଳି ହେଉଛି ଓ ଶହ ଶହ ଭିନ୍ନ ଭିନ୍ନ ଲକ୍ଷଣ ପ୍ରକାଶ ପାଉଛି । ମଣିଷ ଜନ୍ମ ହେଲା ଦିନୁ ଏପରି ହେଉଥିଲା । କିନ୍ତୁ ଅନେକ କାଳ ପର୍ଯ୍ୟନ୍ତ ଏହା ବିଷୟରେ ଗୋଟାଏ ମୋଟାମୋଟି ଧାରଣା କରିବା ସମ୍ଭବ ହେଉ ନଥିଲା ।

ଗ୍ରୀକ୍ ଭାଷାରେ 'ଆଲୋ' ବୋଲି ଯେଉଁ ଶବ୍ଦ ଅଛି ତାହାର ଅର୍ଥ ହେଉଛି 'ଅନ୍ୟ' । ସେହି ଭାଷାର 'ଏର୍ଗନ୍' ଶବ୍ଦର ଅର୍ଥ 'କାମ' । ସେଇଥିରୁ ଆଲର୍ଜୀ ଶବ୍ଦଟି ଆସିଛି । ଦେହଟି ଯଦି ଅଯଥାରେ ଚିଡ଼ିଚିଡ଼ା ହୋଇଯାଏ, ଅର୍ଥାତ ଯେଉଁଟା ହଜାର ହଜାର ଲୋକଙ୍କର କ୍ଷତି କରୁନାହିଁ ସେହି ପଦାର୍ଥ ବିରୁଦ୍ଧରେ ଦେହ ଯଦି ରାଗି ଯାଉଛି ବା ଅନ୍ୟ ଭାବରେ କହିବାକୁ ଗଲେ ତା' ଦେହରେ ସେହି ଜିନିଷଟା ସହୁନାହିଁ, ତେବେ କୁହାଯିବ ସେହି ଜିନିଷ ପ୍ରତି ତାହାର ଆଲର୍ଜୀ ଭାବ ରହିଛି । କଥାରେ ଯେ କୁହାଯାଏ 'ଜଣକର ଖାଦ୍ୟ, ଅନ୍ୟ ଜଣକର ବିଷ' - ତାହାର ପ୍ରମାଣ ଏଇଠି ମିଳୁଛି । ଡାକ୍ତରମାନେ ଆଲର୍ଜୀ ରୋଧକ ଔଷଧ ବ୍ୟବହାର କରୁଛନ୍ତି । କିନ୍ତୁ ଏଭଳି ଗୋଟାଏ ଘୁରିଆଡ଼କୁ ବାହା ମେଲିଥିବା ରୋଗର ପ୍ରତିକାର ବା ଚିକିତ୍ସା ସେଭଳି କିଛି ସହଜ ନୁହେଁ ।

**ଆଲକାତରା :** ଯାହାକୁ ପଥର କୋଇଲା ବୋଲି କୁହାଯାଏ, ତାକୁ ଜାଳେଣୀ ଭାବରେ ତ ବ୍ୟବହାର କରାଯାଏ, ତା' ସଙ୍ଗେ ସଙ୍ଗେ ଦିନେ ତା ଭିତରୁ ଦରକାରୀ ଚିଜ ବାହାରିପଡ଼ିଲା । ଦୁଇଲକ୍ଷରୁ ଅଧିକ ନୂତନ ନୂତନ ପଦାର୍ଥ ଦେଇସାରିଲାଣି ଆମକୁ ଏଇ ପଥର କୋଇଲା । ତା'ରି ଭିତରେ ମୁହଁଛପା ଦେଇ ରହିଥିଲା ଆଲକାତରା ବୋଲି ଗୋଟିଏ ପଦାର୍ଥ । ତିନିଶହ ବର୍ଷ ତଳେ କୋଇଲାକୁ ସିଧାସଳଖ ବ୍ୟବହାର ନ କରି ସେଥିରୁ କୋକ୍ ଓ ଗ୍ୟାସ୍ ପାଇବାକୁ ଯେତେବେଳେ ଚେଷ୍ଟା କରାଗଲା ସେତେବେଳେ ଆସବନ ପ୍ରଣାଳୀର ଆଶ୍ରୟ ନିଆଗଲା । ସେଇଥିରୁ ମନୁଷ୍ୟ ପାଇଗଲା ଆଲକାତରା । ଏହି ଆଲକାତରାହିଁ ସତେ ଯେପରିକି ଗୋଟାଏ ବିପ୍ଳବ ଆଣିଦେଲା । ଆମ ମୁଣ୍ଡ ଟିକେ ବଥାଉଛି । ଡାକ୍ତରଙ୍କ ପରାମର୍ଶ ନେଇ ଟିକେ ଆସ୍ପିରିନ୍ ଖାଇଦେଲୁ । ତାଙ୍କୁ ପଚ୍ଚରିଲେ ସେ କହିବେ ଏହି ଔଷଧଟି ହେଉଛି ଆଲକାତରାର ଦାନ । ତାହାରି ଭିତରେ ସଲ୍‌ଫା ଔଷଧ ମୁହଁ ଛପା ଦେଇ ରହିଥିଲା । ଯେତେବେଳେ ଏହି ଔଷଧ ଚିହ୍ନା ପଡ଼ି ନଥିଲା, ଡାକ୍ତରମାନେ ବଡ଼ ଅସୁବିଧାରେ ପଡୁଥିଲେ । ଖୁବ୍ ଦାମିକା ଗୋଲାପି ଅତର କେବଳ ରାଜା, ମହାରାଜା ବା ଧନୀଲୋକ ବ୍ୟବହାର କରୁଥିଲେ, କିନ୍ତୁ ଆଲକାତରା ଭିତରୁ ସେଇ ଗୋଲାପି ଓ ଅନ୍ୟ ବହୁ ପ୍ରକାରର ଅତର ବାହାର କରାଗଲା । ଯେଉଁସବୁ ପ୍ଲାଷ୍ଟିକ ଦେଖୁଛ ଆଲକାତରା ବିନା ତାହା ଏଭଳି ସୁନ୍ଦର ହୋଇ ନଥା'ନ୍ତା । ଫସଲକୁ ଯେଉଁସବୁ କୀଟ ନଷ୍ଟକରି ଦେଉଛନ୍ତି ସେମାନଙ୍କୁ ମାରିବାପାଇଁ ଏହାରି ଭିତରୁ କୀଟମରା ଔଷଧ ବାହାରୁଛି । ଆଲକାତରାର ବିନା ସାହାଯ୍ୟରେ ଆମେ ଚମତ୍କାର ଫଟୋ ବା ଆଲୋକ ଚିତ୍ର ପାଇ ପାରୁନଥାନ୍ତେ । ଏହିଭଳି ଶହ ଶହ କଥା କୁହାଯାଇପାରେ । କୋଇଲାକୁ ଯେତେବେଳେ କାର୍ବୋନାଇଜ କରାଯାଏ ଅର୍ଥାତ୍ ପବନ ନଥିବା ଅବସ୍ଥାରେ ୯୦୦°ରୁ ୧୨୦୦° ଉତ୍ତାପରେ ଗରମ କରାଯାଏ, ସେତେବେଳେ ଆଲକାତରା ମିଳିଯାଏ । ଏହାକୁ ଇଂରାଜୀରେ କହନ୍ତି କୋଲ୍‌ଟାର ।

**ଆଳସ୍ୟ :** ଜଣେ ପଚ୍ଚରିଲେ ମଣିଷର ସବୁଠାରୁ ବଡ଼ ଶତ୍ରୁ କିଏ ? ତାକୁ ଆଉଜଣେ ଉତ୍ତର ଦେଲା

---

"ଅଜ୍ଞ ବନ୍ଧୁ ବଡ଼ ବିପଜ୍ଜନକ - ବିଜ୍ଞ ଶତ୍ରୁ ବରଂ ତା'ଠାରୁ ଭଲ ।"

--ଲା ଫଣ୍ଟେନ

ଅଳସୁଆମୀ ବା ଆଳସ୍ୟ ହେଉଛି ମନୁଷ୍ୟର ବଡ଼ ଶତ୍ରୁ ବା ମହାରିପୁ । ନଈବଢ଼ି ବେଳେ ଜଣେ ପହଁରୁଛି । ହଠାତ୍ ଦେଖିଲାବେଳକୁ ସେ ଗୋଟାଏ ଭଉଁରି ଭିତରେ ପଡ଼ିଗଲାଣି । ସେଠି ପାଣିଟା କେବଳ ବୁଲୁଛି । ଲୋକଟି ଯେତେ ଚେଷ୍ଟା କଲେବି ସେଥିରୁ ବାହାରି ପାରୁନାହିଁ । ଶେଷରେ ବୁଡ଼ିଯାଉଛି । ଅଳସୁଆମୀ ଠିକ୍ ସେହିଭଳି କରେ । ମଣିଷ ଯଦି ଅଳସୁଆମୀ ଭଉଁରୀରେ ପଡ଼ିଗଲା ସେଥିରୁ ସେ ଆଉ ପଦାକୁ ବାହାରି ପାରେ ନାହିଁ । ତା' ଜୀବନଟା ଜାଣ ନଷ୍ଟ ହୋଇଗଲା । ଲୋକ ତା' ଅଜାଣତରେ ଅଳସୁଆ ହୋଇଯିବା ଦେଖାଯାଇଛି । ଆଜି ଏ କାମ ନକରି କାଲି ବା ପଅରଦିନ କରିବି ବୋଲି ଥରେ ଭାବି ଦେଲେ, ଲୋକଟି ଅଳସୁଆମୀର ପାଲରେ ପଡ଼ିଗଲା । ସେତିକି ବେଳେ ତାକୁ ଚେତାଇ ଦେଇ ଜାଣିବା ଶୁଣିବା ଲୋକେ କୁହନ୍ତି - ଜଣକର ଆୟୁଷ ଯଦି ୬୦ ବର୍ଷ ସେଥିରୁ ତ ସେ ୨୦ ବର୍ଷ ଶୋଇଲା । ଅନ୍ୟସବୁ ଛୋଟ ଛୋଟ ନିତ୍ୟକର୍ମରେ ତା'ର ୪, ୫ ବର୍ଷ ଗ୍ଲିଗଲା । ଏହା ସାଙ୍ଗକୁ ରୋଗ, ବଇରାଗ ଅଛି । ଆଉ ଯେତିକି ବର୍ଷ ଆୟୁଷ ରହିଲା, ସେଥିରେ ଯଦି କାଲି, ପଅରଦିନ ଭଳି କଥା ପଶିଯିବ ତାହା ହେଲେ ଆଉ କାମ କରିବ କେତେବେଳେ ? ଅଳସୁଆମୀ ଭିତରେ ବୁଡ଼ିରହିବା ଓ ନିଜକୁ ତିଳ ତିଳ କରି ମାରିବା ଜାଣି ଏକା କଥା । ସକାଳ ଛ'ଟା ବେଳେ ନ ଉଠି ଦିନେ ଯଦି ସାତଟା ବେଳେ ଉଠିଲ ତାହାହେଲେ ସେଇଠି ଘଣ୍ଟାଏ ନଷ୍ଟ ହୋଇଗଲା । ଅଳସୁଆ ଲୋକ ଏମିତି ନିଜ ଜୀବନର ବହୁ ସମୟକୁ ନଷ୍ଟହିଁ କରିଦିଏ ।

**ଆଲାସ୍କା :** ମାତ୍ର ଗୋଟିଏ କାରଣରୁ ଯୁକ୍ତରାଷ୍ଟ୍ର ଆମେରିକାର ଏହି ପ୍ରଦେଶ ବିଷୟରେ ଆଜି ମଧ୍ୟ ବହୁ ସମୟରେ ଆଲୋଚନା ହୁଏ । ରୁଷ ବୋଲି ଯେଉଁ ଦେଶ ଅଛି, ତାହା ଇଉରୋପ ଏବଂ ଏସିଆ ମହାଦେଶରେ ବ୍ୟାପି ରହିଛି । ୧୮୬୭ ମାର୍ଚ୍ଚ ୨୯ ତାରିଖ ଦିନ ସେହି ଦେଶ ଆମେରିକା ମହାଦେଶର ଗୋଟାଏ ଅଂଶରେ ମଧ୍ୟ ଥିଲା । ମଝିରେ ରହିଥିଲା ଗୋଟିଏ ଅଣଓସାରିଆ ସମୁଦ୍ର - ବେରିଂ ପ୍ରଣାଳୀ । ରୁଷର ସମ୍ରାଟ ଜାର୍ ଗୋଟାଏ ଏକରକୁ ମାତ୍ର ଦଶ ପଇସା ମୂଲ୍ୟରେ ଏହି ଅଞ୍ଚଳଟାକୁ ଯୁକ୍ତରାଷ୍ଟ୍ର ଆମେରିକାକୁ ସେହିବର୍ଷ ମାର୍ଚ୍ଚ ୩୦ ତାରିଖରେ ବିକ୍ରୀ କରିଦେଲେ । ତାହା ଯଦି ନ କରିଥା'ନ୍ତେ, ଆଜି ରୁଷ ହୋଇଥାନ୍ତା ପୃଥିବୀର ସବୁଠାରୁ ଶକ୍ତିଶାଳୀ ଦେଶ । ରୁଷଠାରୁ ବହୁ ଦୂରରେ ଥିବା ଯୁକ୍ତରାଷ୍ଟ୍ର ଆମେରିକାର ସୀମା ଏହି ଆଲାସ୍କା ଯୋଗୁ ରୁଷର ପୂର୍ବ ସୀମାକୁ ପ୍ରାୟ ଲାଗିଯାଉଛି । ଏହା ହେଉଛି ଯୁକ୍ତରାଷ୍ଟ୍ର ଆମେରିକାର ସବୁଠାରୁ ବଡ଼ ଷ୍ଟେଟ୍ ବା ପ୍ରଦେଶ । ଆଲାସ୍କାର କ୍ଷେତ୍ରଫଳ ୧୫, ୩୦,୭୦୦ ବର୍ଗ କି.ମି. । ସମଗ୍ର ଭାରତର ପ୍ରାୟ ଅଧା ଅଞ୍ଚଳ ସହ ସମାନ । ଆମ ଓଡ଼ିଶା କ୍ଷେତ୍ରଫଳର ପ୍ରାୟ ଦଶଗୁଣ । ୧୯୦୧ରେ ଏଠାରେ କେବଳ ୪୪ ହଜାର ଲୋକ ରହୁଥିଲେ । ୧୯୯୩ରେ ଏହି ସଂଖ୍ୟା ବଢ଼ି ଛ' ଲକ୍ଷରେ ପହଞ୍ଚିଲାଣି ।

**ଆଲୁମିନିୟମ :** ଅଳ୍ପ କେତେ ବର୍ଷ ପୂର୍ବେ ଧଳା ରଙ୍ଗର ବାସନ କୁସନ ଓଡ଼ିଶାର ସବୁଆଡ଼ର ଲୋକ ଦେଖିଲେ । ଯେଉଁମାନେ ଦେଖିଲେ ସେମାନେ ତାକୁ ସିଲ୍‌ଭର ବାସନ ବୋଲି କହିଲେ । ରୂପାର ଇଂରାଜୀ ହେଉଛି ସିଲ୍‌ଭର । ତା'ରି ଭଳି ରଙ୍ଗ ହୋଇଥିବାରୁ ଏହି ନାମ ଦେଲେ । ଆଜି କିନ୍ତୁ ସମସ୍ତେ ଏହାକୁ ବ୍ୟବହାର କରୁଛନ୍ତି । ଏହି ଧାତୁଟିକୁ ପ୍ରଥମେ ୧୮୨୫ରେ ହିଁ ବିଜ୍ଞାନୀମାନେ ଚିହ୍ନିପାରିଲେ । ତା'ପରେ ୩୦ ବର୍ଷ ଗ୍ଲିଗଲା । ୧୮୫୫ରେ ଫ୍ରାନ୍‌ସ୍‌ର ରାଜଧାନୀ ପ୍ୟାରିସ୍‌ଠାରେ ଗୋଟିଏ ପ୍ରଦର୍ଶନୀ ହେଉଥାଏ । ସେହିଠାରେ ସାଧାରଣ ଲୋକେ ପ୍ରଥମେ ନିଜ ଆଖିରେ

---

"ଉତ୍ସାହ ସହିତ ଯଦି ବିଜ୍ଞର ବୁଦ୍ଧି ଯୋଗ ହୋଇଗଲା, ତେବେ ସେ ଦୁହିଁଙ୍କ ମିଶ୍ରଣରେ ଆନ୍ତରିକତାର ଜନ୍ମ ନିଶ୍ଚୟ ହେବ ।"

--ପାସ୍‌କାଲ

ଏହି ନୂଆ ଧାତୁଟିକୁ ଦେଖିଲେ । ସେତେବେଳେ କୁହାଯାଉଥିଲା ସମସ୍ତଙ୍କର ଚାହିଦା ଏହା ପୂରଣ କରି ପାରିବ ନାହିଁ । କାରଣ ଏତେ ପରିମାଣର ଆଲୁମିନିୟମ୍ ମିଳିବ ନାହିଁ । ସେତେବେଳେ ଏହାର କେତେ ଗ୍ରାମ୍‌ର ମୂଲ୍ୟ ଥିଲା ୫୬ ଟଙ୍କା । ସୁନା ଥିଲା ଏହାଠାରୁ ଶସ୍ତା । ଫରାସୀ ଦେଶର ରାଜା ଯେତେବେଳେ ଅନ୍ୟଦେଶର ରାଜାଙ୍କୁ ତାଙ୍କ ନଅର ଭିତରକୁ ଡାକୁଥିଲେ, ସେତେବେଳେ ଆଲୁମିନିୟମ ତିଆରି କଣ୍ଟା ଓ ଚାମଚ ଟେବୁଲ ଉପରେ ରଖୁଥିଲେ । ସେମାନଙ୍କଠାରୁ ଯେଉଁମାନଙ୍କର ଟିକେ ତଳ ଆସନ ସେମାନଙ୍କୁ ସୁନା ବା ରୁପାର ଚାମଚ ଦେଉଥିଲେ । ସେଇଠୁ ଆସି ଆଜି କେମିତି ସମସ୍ତଙ୍କ ଘରେ ଆଲୁମିନିୟମ ରହିଗଲାଣି ଆମେ ଦେଖୁଛୁ ।

ବହୁପ୍ରକାର କାମରେ ଏହାକୁ ବ୍ୟବହାର କରାଯାଉଛି । ଉଡ଼ାଜାହାଜର ଇଂଜିନକୁ କାଢ଼ିଦେଲେ ଆଉ ଯାହା ରହିଲା ତା'ର ଓଜନର ୬୯ ଭାଗ ହେଉଛି ଆଲୁମିନିୟମ । ଏହି ଧାତୁଟି ଖୁବ୍ ହାଲୁକା । ଲୁହାର ତିନି ଭାଗରୁ ଭାଗେ ଓଜନ । ଏଥିରୁ ସହଜରେ ତାର ତିଆରି କରିହୁଏ, ଅତି ପତଳା ଚଦର ମଧ୍ୟ ବାହାର କରାଯାଇ ପାରିବ । ଏହାକୁ କଳଙ୍କି ଖାଇପାରେ ନାହିଁ ।

**ଆଲେକ୍‌ଜାଣ୍ଡାର** (ଖ୍ରୀ. ପୂ. ୩୫୬-୩୨୩) : କେବଳ ଓଡ଼ିଶା କାହିଁକି, ଭାରତବର୍ଷର ପ୍ରତ୍ୟେକ ସ୍କୁଲ ଛାତ୍ର ଏହାଙ୍କ ବିଷୟରେ କିଛିନା କିଛି ଜାଣେ । ସେ ଯୁଦ୍ଧବିଦ୍ୟାରେ ଜଣେ ଧୁରନ୍ଧର ସମ୍ରାଟ ଥିଲେ ଓ ଗ୍ରୀସ୍‌ରୁ ଭାରତ ବର୍ଷ ଭିତର ପର୍ଯ୍ୟନ୍ତ ଗୋଟାଏ ବଡ଼ ଇଲାକାର ବହୁ ରାଜାଙ୍କୁ ପରାସ୍ତ କରି କ୍ଷମତା ବିସ୍ତାର କରିଥିଲେ । ସେଥିପାଇଁ ଇତିହାସ ପଣ୍ଡିତମାନେ ତାଙ୍କର ଅତିମାତ୍ରାରେ ପ୍ରଶଂସା କରି ପକାଇଛନ୍ତି । ଗ୍ରୀସ୍‌ଦେଶରେ ସେ ଯେତେବେଳେ ରାଜାହେଲେ ତାଙ୍କୁ ମାତ୍ର କୋଡ଼ିଏ



(ଆଲେକ୍‌ଜାଣ୍ଡାର)

ବର୍ଷ ବୟସ । ତା' ପରେ ବାରବର୍ଷ କାଳ ବହୁ ରଣକ୍ଷେତ୍ରରେ ଲଢ଼ି ବିଜୟ ହାସଲ କଲେ । ଗୋଟିଏ ସୁଦ୍ଧା ଯୁଦ୍ଧରେ ସେ ହାରି ନାହାନ୍ତି ।

ସେ ଭାରତର ସିନ୍ଧୁନଦୀ କୂଳରେ ଆସି ପହଞ୍ଚି ଯାଇଥିଲେ । ସେତେବେଳେ ଭାରତର ଯେଉଁମାନେ ରାଜା ଥିଲେ ସେମାନେ ଭୟଭୀତ ହୋଇଗଲେ । ଝେଲମ୍ ନଦୀ କୂଳରେ ପୁରୁ ରାଜା ତାଙ୍କ ବିରୁଦ୍ଧରେ ସାହସର ସହିତ ଲଢ଼ିଲେ । ପୁରୁ ହାରିଯାଇ ଆଲେକ୍‌ଜାଣ୍ଡାରଙ୍କ ହାତରେ ବନ୍ଦୀ ହୋଇ ରହିଲେ । ଆଲେକ୍‌ଜାଣ୍ଡାର ପୁରୁଙ୍କ ସୈନ୍ୟମାନଙ୍କ ବୀରତ୍ୱ ଦେଖି ଏଭଳି ବିସ୍ମିତ ହୋଇଯାଇଥିଲେ ଯେ ପୁରୁଙ୍କୁ ତାଙ୍କ ରାଜ୍ୟ ଫେରାଇ ଦେଲେ । ତା' ବାଦେ ଏହି ଗ୍ରୀସ୍ ରାଜାଙ୍କ ଇଚ୍ଛା ଥିଲା ଗଙ୍ଗା ନଦୀ ପାର ହୋଇ ଆହୁରି ଭିତରକୁ ପଶିବେ । ସେତେବେଳକୁ ଗ୍ରୀସ୍‌ର ସୈନ୍ୟମାନେ ଥକି ପଡ଼ିଲେଣି । ସେମାନେ ଆଉ

''ଯୋଗ୍ୟ ଲୋକ ଅନ୍ୟକୁ ନ ଡାକିଲେ ମଧ୍ୟ ତାଙ୍କ ପାଖକୁ ଅନ୍ୟ ଯୋଗ୍ୟ ଲୋକ ଚାଲି ଯାଆନ୍ତି ।''
--ଚୀନା ନୀତିବାକ୍ୟ

ଆଗକୁ ଯିବାପାଇଁ ସାହସ କଲେ ନାହିଁ କି ଇଚ୍ଛା କଲେ ନାହିଁ । ସେ ଫେରିଗଲେ ଓ ଖ୍ରୀଷ୍ଟପୂର୍ବ ୩୨୩ରେ ତାଙ୍କର ମୃତ୍ୟୁ ହୋଇଗଲା ।

**ଆଲୋକ :** ଆଲୁଅ କହିଲେ କଅଣ ବୁଝାଏ ଓ ତାହା କଅଣ କରେ ସେ ବିଷୟରେ ପ୍ରତ୍ୟେକ ଲୋକ ନିଜ ଅନୁଭୂତିରୁ ବହୁତ କିଛି କହିପାରନ୍ତି । ଆଲୁଅ ଥିଲେ ଆମେ ଦେଖି ପାରୁଛୁ । ଏହା ନଥିବା ଅବସ୍ଥାକୁ ଅନ୍ଧାର ବୋଲି କୁହାଯାଏ । ଅନ୍ଧାରରେ ଆମେ ଦେଖି ପାରୁନାହିଁ । ଅଳ୍ପ ଅନ୍ଧାର ହୋଇଥିଲେ ଅବା ଟିକିଏ କିଛି ଜଣାପଡ଼ିଯାଏ । କିଟି କିଟି ଅନ୍ଧାର ହୋଇଥିଲେ କିଛି ହେଲେ ଦେଖି ହୁଏ ନାହିଁ । ଏତିକି କହିଦେଲେ ଆଲୋକ ବିଷୟରେ ସବୁକିଛି କହିଦିଆ ହେଲା ବୋଲି ଧରିନିଆ ହେବ । କିନ୍ତୁ ବିଜ୍ଞାନୀମାନଙ୍କୁ ପଚାରିଲେ ସେମାନେ ଏତେ ଏତେ କଥା କହିବେ ଯେ ସେଥିରୁ କିଛି ସାଧାରଣ ଲୋକେ ବୁଝି ପାରିବେ ନାହିଁ । ଯେତେକ ବୁଝିବେ ସେତକ ଏ ବହିର ଭିନ୍ନ ଭିନ୍ନ ସ୍ଥାନରେ ଲେଖାଯାଇଛି । ଉଦାହରଣ ସ୍ୱରୂପ ସୂର୍ଯ୍ୟଙ୍କ ବିଷୟରେ କୁହାଯାଇଛି । ଏଠାରେ ଅଳ୍ପ କେତୋଟି କଥା ମାତ୍ର ସୂଚାଇ ଦିଆଯାଉଛି ।

"ଆଲୁଅରେ ଆମେ ଦେଖିପାରୁ" କହିବାର ଗୋଟାଏ ଖାସ୍ ଅର୍ଥ ଅଛି । ଦେଖିବା ପାଇଁ ଆମ ଦେହରେ ଗୋଟାଏ ଜୀଅନ୍ତା ଯନ୍ତ୍ର ଖଞ୍ଜି ଦିଆଯାଇଛି । ତାହାରି ନାମ ଆଖି । ଟିକିଏ ଦୂରରେ ଆମ ସାମନାରେ ଗୋଟିଏ ଫୁଟବଲ ରଖା ହୋଇଥିଲା । ତା' ଦେହରେ ଆଲୁଅ ଆସି ପଡ଼ୁଛି । ସେହି ଆଲୁଅ ପୁଣି ଆସି ଆମ ଆଖିରେ ପଡ଼ୁଛି । ତେଣୁ ଆମେ ତାକୁ ଦେଖିପାରି କହୁଛୁ ଏଠି ବଲ୍ ରଖା ହୋଇଛି । ତା'ର ଗୋଟାଏ ପାଖ ଆମେ ଦେଖୁଛୁ । ବିପରୀତ ପାଖ ବା ଆରପାଖଟାକୁ ଦେଖିପାରୁନୁ । ତା'ର କାରଣ ହେଲା ସେଠି ଆଲୁଅ ପଡ଼ୁନାହିଁ । ଯଦି ଅନ୍ଧାରରେ ସେଇଟି ରଖିବ, ତା'ର କୌଣସି ପାଖ ଆମେ ଦେଖିପାରିବୁ ନାହିଁ । ଆଲୁଅ ପଡ଼ୁଥିଲେ ମଧ୍ୟ ଯିଏ ଅନ୍ଧ ସିଏ କିଛି ଦେଖିପାରୁ ନାହିଁ । କାରଣ ଅନ୍ୟ ଗୋଟାଏ ପଦାର୍ଥରୁ ଆସୁଥିବା ଆଲୁଅ ଧରିବା ପାଇଁ ତା'ର ସେହି ଜୀଅନ୍ତା-ଯନ୍ତ୍ର ଆଖି ନାହିଁ । ଆମ ନିଜ ମୁହଁକୁ ଆମେ ଦେଖିପାରୁନୁ । ସାମନାରେ ଗୋଟିଏ ଦର୍ପଣ ଧରିଛୁ । ତାହା ଉପରେ ଆଲୁଅ ପଡ଼ିଲା । ତା' ପଛଟିକୁ ଏମିତି ଡ଼ରିଦିଆଯାଇଛି ଯେ ଆଲୁଅ ତା' କାଚ ଭିତରେ ସେପାଖକୁ ଗ୍ଲାଲି ଯାଉନାହିଁ । ଦର୍ପଣରୁ ଓଲଟି ଆସି ଆମ ମୁହଁରେ ପଡ଼ୁଛି । ପୁଣି ତା' ଭିତରେ ଆମ ମୁହଁଟିକୁ ଦେଖି ପାରୁଛୁ । ଏଇଟି ହେଲା ଆଲୁଅର ମେଜିକ୍-ଆଲୁଅର ବାହାଦୁରୀ ।

ସବୁ ଆଲୁଅର ଜନ୍ମସ୍ଥାନ ହେଉଛି ନକ୍ଷତ୍ର । ସୂର୍ଯ୍ୟଠାରୁ ପୃଥିବୀ ଉପରକୁ ଯେଉଁ ଆଲୋକ ଓ ତାପ ଆସୁଛି ତାହା ପୃଥିବୀକୁ ଉଷୁମ କରି ରଖିଛି । ତାହେଲେ ମଧ୍ୟ ଏକଥା ଠିକ୍ ଯେ ଆଲୁଅ ଭିତରେ ଶକ୍ତି, ଉର୍ଜା ବା ଏନର୍ଜୀ ରହିଛି । ଖରାରେ ଅନେକ ଦିନ କଟାଇଲେ ଯେ ଚମତ୍କାର ରଙ୍ଗଟା କଳା ହୋଇ ଯାଉଛି ତାହାର କାରଣ ହେଲା - ଆଲୁଅର ଉର୍ଜା ତାହା ଉପରେ ପ୍ରଭାବ ପକାଉଛି । ଏହା ଭିତରେ ଏହିଭଳି ତେଜ ବା ଶକ୍ତି ରହିଥିବାରୁ ସବୁଜ ଗଛପତ୍ର ତାହାରି ସାହାଯ୍ୟରେ ନିଜର ଖାଦ୍ୟ ତିଆରି କରୁଛନ୍ତି । ଏହା ପଛକୁ ଯେଉଁ ଆଲୋକ ସଂଶ୍ଳେଷଣ ଲେଖାଟି ରହିଛି ସେଥିରୁ ଆଉ ଟିକିଏ ଅଧିକ ଜାଣିଯିବ । ଦିନ ହେଲେ ଆଲୁଅ ଅଛି - ରାତିହେଲେ ନାହିଁ । ରାତିର ଅନ୍ଧାର ହଜାର ହଜାର ବର୍ଷ ଧରି ମଣିଷକୁ ଡରାଇ ରଖିଛି । ସେଠା ଗ୍ଲାରିପଟେ କେହି ଦେଖି ନପାରୁଥିବାରୁ ଗୁମ୍ଫା ଭିତରେ ବା ପଥର ଘର ଭିତରେ ଜାକୁଥ ହୋଇ ରାତିଟି କଟାଉଛି । ସେତେବେଳେ ବିଗ୍ଲାରୁଥାଏ ଅନ୍ଧାରକୁ କେମିତି ସେ ଜୟ କରନ୍ତା କି ! ସୂର୍ଯ୍ୟ ଯେଉଁ ଆଲୁଅ ଦେଉଛନ୍ତି ତାହା

"ଅନ୍ତର ଭିତରେ ପ୍ରସନ୍ନତା ରହିଛି କି ନାହିଁ, ତାହା ଚେହେରାରୁ ଜଣା ପଡ଼ିଯିବ ।"

--ଧର୍ମବାଣୀ




( ଆଲୋକରେ ଥିବା ରଙ୍ଗସମୂହ )



( ଆଲୋକ କେବଳ ସିଧାରେ ଗତି କରିପାରେ)

ବଦଳରେ ସେ ଆଉ ଗୋଟିଏ ପ୍ରକାରର ଆଲୁଅ ପାଆନ୍ତା କି ! ଦିନେ ଭଗବାନ ତାହାର ଅଳି ଶୁଣିଲେ । ସେ ଅନ୍ଧାରକୁ ଜୟ କରିଗଲା । କୁଟା, ଘୋଟ ବା ନଡ଼ିଆ ଶିପକୁ ଛେଚି ଏକାଠି ବାନ୍ଧିଦେଇ ନିଆଁ ଲଗାଇ ଟର୍ଚ୍ଚ ଧରିଲା ଭଳି ଅନ୍ଧାରରେ ବୁଲିଲା । ତାହାପରେ ଆସିଲା ଗୋଟାଏ ରକମର ଦୀପର ଯୁଗ । ଗୋଟାଏ ଗାତୁଆ ପଥରରେ ସେ କିଛି ଚର୍ବି ରଖିଦେଲା । ତାହାରି ଦେହରେ ଖଣ୍ଡେ ଛେଣ୍ଡ଼ା ଡାଙ୍ଗ ବା ତାଳ ରଖିଦେଇ ଦୀପ ଭଳି ଜାଳିଲା । ତାହାପରେ ଆସିଲା ମହମବତୀ କାରବାର । ବହୁକାଳ ପରେ କୋଇଲା ଗ୍ୟାସ୍ । ଗ୍ୟାସ୍ ଆଲୁଅ ମଣିଷ ମନରେ ଗୋଟାଏ ଚମକ ଖେଳାଇ ଦେଲା । ତାହା ପୂର୍ବରୁ କିରୋସିନ ଜଳିଲାଣି ଡିବି ଓ ଲଣ୍ଠନରେ । ଶେଷକୁ ଆସିଗଲା ବିଜୁଳି ଆଲୁଅ । ମଣିଷ ଅନ୍ଧାରକୁ କହିଲା - ତୋ ଉପରେ ମୋର ବିଜୟ ହେଲା । ତୁ ଆଉ ମୋତେ ଡରାଇ ପାରିବୁ ନାହିଁ । ତୁ ଥିଲେ ବି ମୁଁ ସବୁକିଛି ଦେଖି ପାରିବି । ଏତେକଥା କହିଲା ପରେ ମଧ୍ୟ ସଂକ୍ଷେପରେ କୁହାଯାଇପାରେ ଆଲୁଅହିଁ ସବୁ ଚିଜର ସବୁ କିଛି ବାର୍ତ୍ତା ଆମକୁ ଦେଉଛି । ଆଲୁଅ ଚିତ୍ର ଆଙ୍କି ଦେଉଛି ଯାହାକୁ କି ଆମେ ଫଟୋ ବୋଲି କହୁଛୁ । ଫଟୋ ଶବ୍ଦର ଅର୍ଥ ଆଲୁଅ । ଆଲୁଅ ସାହାଯ୍ୟରେ ଆଙ୍କିବା ଅର୍ଥ ଫଟୋଗ୍ରାଫି । ମଣିଷ ଯଦି ଏଇ କୌଶଳ ବହୁକାଳରୁ ହାସଲ କରିଆଆନ୍ତା ରାମ, କୃଷ୍ଣ, ଯୀଶୁଙ୍କର ଚେହେରା କେମିତି ଥିଲା ଆମେ ଆଜି ସିଧା ସଳଖ ଦେଖିପାରୁଥା'ନ୍ତେ ।

---

"କୌଣସି କଥାକୁ ଅସମ୍ଭବ ବୋଲି କହିଦିଅ ନାହିଁ - କାରଣ ପ୍ରକୃତି ତାର ସମସ୍ତ ଗୋପନ ତଥ୍ୟ ଆମକୁ ଜଣାଇ ନାହିଁ ।"

--ବାଲଜାକ୍

ଆଲୁଅ କେତେ ବେଗରେ ଚାଲିପାରେ ତାହା ହିସାବ କରାଯାଇଛି । ଗୋଟିଏ ସେକେଣ୍ଡରେ ପ୍ରାୟ ୧,୮୬,୦୦୦ ମାଇଲ ବା ୩ ଲକ୍ଷ କିଲୋମିଟର । 'ଆଲୋକ ବର୍ଷ' ଲେଖାରେ ଏହି କଥାଟିକୁ ବୁଝାଇ ଦିଆଯାଇଛି ।

ମୁନି ଋଷିମାନେ ଭଗବାନଙ୍କୁ ପ୍ରାର୍ଥନା କରିଛନ୍ତି - ଆମକୁ ଅନ୍ଧାରରୁ ଆଲୁଅକୁ ନେଇଯାଅ । ସେଠି ସେମାନେ ଅବଶ୍ୟ ଟିକିଏ ଭିନ୍ନ ଅର୍ଥରେ ଏକଥା କହିଛନ୍ତି - କିନ୍ତୁ ମୂଳ ଅର୍ଥରୁ ଦୂରେଇ ଯାଇ ନାହାନ୍ତି । ସେମାନଙ୍କର କହିବାର କଥା ଭଗବାନଙ୍କର ସୃଷ୍ଟିର ରହସ୍ୟ ଆମେ ଭେଦକରି ପାରୁନୁ । ଆମର ସେଭଳି ଜ୍ଞାନ ନାହିଁ । ତୁମେ ଆମକୁ ବୁଦ୍ଧି ଦିଅ । ଆମେ ଯେମିତି ଜାଣିପାରିବୁ ଏଇ ସଂସାରକୁ କେମିତି ଗଢ଼ିଛ, କାହିଁକି ଗଢ଼ିଛ ଓ ଆମକୁ ମଣିଷ ଜନ୍ମ କାହିଁକି ଦେଇଛ ।

**ଆଲୋକ ବର୍ଷ :** ସତ ମଣିବାକୁ ତାକତ ଅଛି ? ବୋଲି ଗୋଟିଏ କଥା ଜଣେ କହିଥିଲେ । ଏମିତିକା କଥା ସେ କାହିଁକି ପଗ୍ଚରୁଛନ୍ତି ବୋଲି ପ୍ରଥମେ ବୁଝିହେଲା ନାହିଁ । ଯେତେବେଳେ ସେ ଧୀରେ ଧୀରେ ସବୁକଥା ବୁଝାଇ ଦେଲେ, ଯେଉଁମାନେ ଶୁଣୁଥିଲେ ସେମାନେ କହିଲେ - ପ୍ରକୃତରେ ଗୋଟାଏ ଗୋଟାଏ କଥା ବିଶ୍ୱାସ କରିବା ପାଇଁ ମଧ୍ୟ ସାହସ ହୁଏନାହିଁ ।

ମାପ ହେଉଛି ଏହିଭଳି ଗୋଟାଏ କଥା । ଆମେ ଯେତେବେଳେ ଘରର ଗୋଟାଏ ବଖରାକୁ ମାପିବାକୁ ଯାଉ ଗୋଟିଏ 'ଫୁଟ' ମିଳିଗଲେ କାମ ଚଳିଯାଏ । ଘରଟାର ଲମ୍ବ ୨୦ ଫୁଟ ଓ ଓସାର ୧୦ ଫୁଟ ବୋଲି କହି ଦେଉ । ବଡ଼ ହଲଟି ମାପିବାକୁ ଗଲେ ଲମ୍ବ ହୁଏତ ଷାଠିଏ ସତୁରୀ ଫୁଟ - ଓସାର ସେହି ଅନୁପାତରେ । ଗୋଟିଏ ବଡ଼ କିଆରିକୁ ମାପିବାକୁ ଗଲାବେଳକୁ ଫୁଟରେ ମାପିବା ଅସୁବିଧା ହୁଏ । ଖଣ୍ଡିଏ ୧୦ ଫୁଟିଆ ବାଡ଼ି ବା ଲଠା ନେଇ ମାପିଲେ ସୁବିଧା ହୁଏ । ଯଦି ଗାଁର ଏମୁଣ୍ଡ ସେମୁଣ୍ଡ ଦରକାର ପଡ଼ିଲା ଗହେକଡ଼ିର ଗୋଟିଏ ଲୁହା ଜଞ୍ଜିର ଅଣାଯାଏ । ସେଇଥିରେ ମାପିବାକୁ ସହଜ ହୁଏ, ଶୀଘ୍ର ଶୀଘ୍ର କାମ ହୋଇଯାଏ । ହିସାବ ରଖିବାକୁ ସୁବିଧା ହୁଏ । ଯେତେବେଳେ ଗୋଟାଏ ବଡ଼ ଅଞ୍ଚଳ ବା ଜିଲ୍ଲା ମପାଯାଏ ସେତେବେଳେ ଏହିସବୁ ଲଠା, ଜଞ୍ଜିର ଚଳେ ନାହିଁ । ତେଣିକି ଆମେ କହୁ - ଏ ସ୍ଥାନରୁ ସେ ସ୍ଥାନ ଏତେ ମାଇଲ ବା କିଲୋମିଟର । କିନ୍ତୁ ଆମେ ଯେତେବେଳେ ଆକାଶ ମାପିବାକୁ ବାହାରିବା, ପୃଥିବୀ ଠାରୁ ଚନ୍ଦ୍ର ସୂର୍ଯ୍ୟ କେତେ ଦୂରରେ, ସୂର୍ଯ୍ୟଠାରୁ ଅନ୍ୟ ଗ୍ରହ କେତେ ଦୂରରେ ହିସାବ କରିବା; ଆଉ କି.ମି. କାମ ଦେବନାହିଁ । ପୃଥିବୀଠାରୁ ଚନ୍ଦ୍ରର ଦୂରତା ୩, ୬୪, ୦୦୦ କି.ମି. । ପୃଥିବୀଠାରୁ ସୂର୍ଯ୍ୟ ୧୫ କୋଟି କି.ମି. । ଏତେ ବଡ଼ ଦୂରତାଟାକୁ ମନେ ରଖିବାକୁ ଅସୁବିଧା ହେଉଛି । ତାହାହେଲେ ସୂର୍ଯ୍ୟଠାରୁ ଅନ୍ୟ ଗ୍ରହଗୁଡ଼ିକର ଦୂରତାର ମାପ ଆସିଲା ବେଳକୁ କ'ଣ କରାଯିବ । ଗୋଟାଏ ହିସାବ ବାହାର କରାଗଲା । "ଗ୍ରହଫିତା" - ଏହି ହିସାବ ଧରାଗଲା । ସେହି ଫିତାର ଲମ୍ବ ହେଲା ୧୫ କୋଟି କି.ମି. । ସୂର୍ଯ୍ୟଙ୍କ ଠାରୁ ଶନିଗ୍ରହ ସାଢେନଅ ଗ୍ରହଫିତା ଦୂରରେ ।

ମନୁଷ୍ୟ ସିନା ଭାବିଥିଲା ଯେ ଏହି ବଡ଼ ମାପ ଫିତାରେ କାମ ଚଳିଯିବ । କିନ୍ତୁ ଏହି ଯେଉଁ ଆକାଶ ରହିଛି, ଯାହାକୁ ଅନ୍ତରୀକ୍ଷ ବୋଲି କୁହାଯାଉଛି, ସେଥିରେ ଯେଉଁସବୁ ନକ୍ଷତ୍ର ଅଛନ୍ତି ସେମାନେ କାହାଠାରୁ କେତେ ଦୂରରେ ଅଛନ୍ତି ତାହାର ହିସାବ ତ ଏହି ଛୋଟିଆ ଗ୍ରହଫିତାଟିରେ ହୋଇ ପାରିବ ନାହିଁ । ପୃଥିବୀଠାରୁ ସବୁଠାରୁ ନିକଟରେ ଯେଉଁ ତାରାଟି ଅଛି ତାହାର ଦୂରତା ତ ୨, ୬୦, ୦୦୦ ଫିତା । ତାହାଠାରୁ ଆହୁରି ଅନେକ ଦୂରରେ ତ ଅନେକ ତାରା ଅଛନ୍ତି । ସମସ୍ତେ ଏକମତ

---

"ଜ୍ଞାନରୁ ଶକ୍ତି ମିଳିବ ବୋଲି ନ କହି ଜ୍ଞାନହିଁ ଶକ୍ତି ବୋଲି କହିବା ବରଂ ଠିକ୍ ।"

--ବେକନ୍

ହୋଇ ଗୋଟିଏ ଲମ୍ବ ମାପ ଫିତା ବାହାର କଲେ । ସେମାନେ କହିଲେ - ମଣିଷର ମନ ତ ସବୁଠାରୁ ବେଗରେ ଦଉଡ଼େ । ତା' ଦଉଡ଼ ମାପି ହେବନାହିଁ । ତାକୁ ବାଦ୍‌ଦେଲେ ଆଲୋକର ଗତି ସବୁଠାରୁ ଅଧିକ । ପ୍ରତି ସେକେଣ୍ଡକୁ ପ୍ରାୟ ୧, ୮୬, ୦୦୦ ମାଇଲ ବା ୩,୦୦,୦୦୦ କି. ମି. । ଆଲୋକ ବର୍ଷକୁ ଯେତେବାଟ ଯାଇ ପାରିବ ସେତେଯାକ ସବୁକୁ ଗୋଟିଏ " ଏକକ" ବୋଲି ଧରାଗଲା । ବର୍ଷକୁ ଆଲୁଅ ଯାଇ ପାରିବ ଛଅଲକ୍ଷ କୋଟି ମାଇଲ । ଏହି ଦୂରତାର ନାମ ଦିଆଗଲା 'ଆଲୋକ ବର୍ଷ' । ସେହି ଆଲୋକ ବର୍ଷ ମାପରେ ଆମଠାରୁ ଅତି ନିକଟରେ ଥିବା ତାରାର ଦୂରତା ହେଉଛି ସାଢେ ଚାରି ଆଲୋକ ବର୍ଷ । ବହୁ ତାରା ଆମଠାରୁ ଶହ ଶହ, ହଜାର ହଜାର ଆଲୋକ ବର୍ଷ ଦୂରରେ ଅଛନ୍ତି । ସେମାନଙ୍କୁ ଚିହ୍ନଟ କରାଗଲାଣି । ଫଟୋ ନିଆଗଲାଣି । ଗୋଟିଏ ଆଲୋକ ବର୍ଷ ହେଉଛି ୯ ଲକ୍ଷ ୪୬ ହଜାର କୋଟି କିଲୋମିଟର ।

**ଆଲୋକ ସଂଶ୍ଳେଷଣ :** ପୃଥିବୀଟିକୁ ତିଆରି କରିଦେଲା ପରେ ପ୍ରକୃତି ତା' ଦେହରେ ଗଛପତ୍ର ସବୁ ଖଞ୍ଜି ଦେଲା । ହଜାର ହଜାର ପ୍ରକାରର ଜୀବଜନ୍ତୁ ତିଆରି କରି ଛାଡ଼ିଦେଲା । କୁହାଯାଏ ଯେ ପୃଥିବୀ ତାକୁ ଜୀବନ ଦେଇଦେଲା । କିନ୍ତୁ ଯଦି କିଛି ଉପାୟ ବାହାର ନ କରାଯାଏ ତେବେ ଏହିସବୁ ଗଛପତ୍ର ଜୀବଜନ୍ତୁ ଲୋପ ପାଇଯିବେ । ପୃଥିବୀରେ କେବଳ ମାଟି, ପଥର, ବାଲି, ପାଣିହିଁ ରହିବ ।

ତା'ର ଗୋଟାଏ ଉପାୟ ବାହାର କରାଗଲା । ଜୀବକୋଷ ଗୁଡ଼ିକ ଭିତରେ ଜୀବନ ଅଛି । ସେଗୁଡ଼ିକୁ ଖାଦ୍ୟ ଯୋଗାଇ ଦେଲେ ସେଥିରୁ ଶକ୍ତି ବା ଏନର୍ଜୀ ସୃଷ୍ଟି କରିଦେବେ ଓ ସେହି ଉର୍ଜା (ଏନର୍ଜୀ) ବଳରେ ସବୁକିଛି ଚାଲିବ । ସୂର୍ଯ୍ୟଙ୍କ ଭିତରେ ଅସରନ୍ତି ଶକ୍ତି ଭରି ରହିଛି । ସୂର୍ଯ୍ୟଙ୍କଠାରୁ ଯେଉଁ ଆଲୁଅ ଆସୁଛି ତାହାରି ଭିତରେ ଥିବା ଶକ୍ତିକୁ ଯଦି ଗଛ ଭିତରେ ସାଇତି ଦେଇହେବ ତା ହେଲେ ସେ ଏମିତିକା ରୂପ ଧରିବ ଯେ ଗଛତ ବଞ୍ଚିବେ, ଜୀବଜନ୍ତୁ ମଧ୍ୟ ଖାଦ୍ୟ ପାଇଯିବେ । ପବନରେ ଅଙ୍ଗାରକାମ୍ଳ ରହିଛି । ସୂର୍ଯ୍ୟକିରଣ ବା ଆଲୋକ ସାହାଯ୍ୟରେ ଗଛର ପତ୍ର ସେହି ଅଙ୍ଗାରକାମ୍ଳ ଭିତରୁ ଅଙ୍ଗାରତକ ବାହାର କରିନେଇ ଗଛରେ ସାଇତି ଦେଉଛି ଓ ଅମ୍ଳଜାନତକ ପୁଣି ପବନକୁ ଫେରାଇ ଦେଉଛି । ସେଇଥିପାଇଁ କୁହାଯାଏ ପ୍ରତ୍ୟେକ ପତ୍ର ହେଉଛି ଗୋଟିଏ ଗୋଟିଏ ଚୁଲି । ସେ ଚୁଲିରେ ଜାଳ ହେଉଛି ସୂର୍ଯ୍ୟର ଆଲୋକ । ଗଛ ଚେର ମାଟିତଳୁ ପାଣି ସେହି ପତ୍ର ଚୁଲିରେ ପହୁଞ୍ଚାଇ ଦେଉଛି । ସେହିଠାରେ ଅଙ୍ଗାରକାମ୍ଳକୁ ରାନ୍ଧିଦିଆ ହେଉଛି । ଅଙ୍ଗାରତକ ରହିଯାଉଛି ପତ୍ର, ଫୁଲ, ଫଳ ବା କାଠ ଭିତରେ । ଅମ୍ଳଜାନତକ ଯେ ପବନରେ ପୁଣି ମିଶି ଯାଉଛି ଏହା ତ କୁହାଯାଉଛି । ସେମିତି ନହେଉଥିଲେ ପବନରୁ ଅମ୍ଳଜାନ ଅଂଶ କମି ଯାଆନ୍ତା ଓ ତା' ଅଭାବରେ ଆମେ ମରିଯାଆନ୍ତେ । ସୂର୍ଯ୍ୟର ଆଲୋକ ଏହିଭଳି କାର୍ଯ୍ୟ କରୁଥିବାରୁ ତାକୁ ଆଲୋକ ସଂଶ୍ଳେଷଣ ବା ଫଟୋସିନ୍ଥେସିସ୍ ବୋଲି କୁହାଯାଏ । ଏହି କାର୍ଯ୍ୟଟି କିପରି ଚାଲିଛି ସେ ବିଷୟରେ କ୍ରମେ ଅଧିକରୁ ଅଧିକ ଜ୍ଞାନ ହାସଲ କରାଯାଉଛି ଓ ବହୁତ କିଛି ନୂଆ କଥା ଜଣା ପଡ଼ିଗଲାଣି ।

କୋଟି କୋଟି ବର୍ଷ ତଳେ ପ୍ରକୃତି ଏଇ ଆଲୋକ ସଂଶ୍ଳେଷଣ କାର୍ଯ୍ୟ କରୁଥିବାରୁ ଓ ବହୁ ପରିମାଣରେ ଶକ୍ତିକୁ କୋଇଲା, ପେଟ୍ରୋଲ ଓ ଗ୍ୟାସ ଆକାରରେ

"ଭଲକାମ କରିବା ପାଇଁ ଲୋକମାନଙ୍କୁ ସୁଯୋଗ ଦେବା ପ୍ରକୃତ ସରକାରର କର୍ତ୍ତବ୍ୟ ।"

--ଗ୍ଲାଡ୍‌ଷ୍ଟୋନ୍

ପୃଥିବୀ ଗର୍ଭରେ ସାଇତି ଦେଇଥିବାରୁ ଆଜି ଆମେ ସେସବୁକୁ କାଢ଼ି କେମିତି କାମରେ ଲଗାଉଛୁ ତାହା ସମସ୍ତେ ଦେଖୁଛ !

**ଆଶୁତୋଷ ମୁଖର୍ଜୀ** (୧୮୬୪-୧୯୨୪): ଭାରତରେ ଶିକ୍ଷା ବିସ୍ତାର ପାଇଁ ଆଶୁତୋଷ ମୁଖର୍ଜୀ ବହୁତ କିଛି କରିଛନ୍ତି । ଦେଶର ପ୍ରସିଦ୍ଧ କଲିକତା ବିଶ୍ୱବିଦ୍ୟାଳୟକୁ ସେ ନିଜ ହାତରେ ଗଢ଼ିଛନ୍ତି ବୋଲି କହିଲେ ଚଳେ । ସେ କହିଲେ - ବିଶ୍ୱବିଦ୍ୟାଳୟର ଅସଲ କାମ ନୁହେଁ ପିଲାଙ୍କୁ ପରୀକ୍ଷାରେ ପାଶ୍ କରାଇବା । ଏହା ଭିତରେ ଲୋକେ ସବୁବିଦ୍ୟା ବିଷୟରେ ଗବେଷଣା ବା ଆଲୋଚନା ଚଳାଇବେ ଓ ଛାତ୍ରମାନଙ୍କୁ ଅସଲ ଶିକ୍ଷା କହିଲେ ଯାହା ବୁଝାଏ ସେହିଭଳି ଶିକ୍ଷା ଦିଆଯିବ । ଦେଶରେ ଯେଉଁଠି ଭଲ ପାଠୁଆ ଲୋକ ଦେଖିଲେ ତାଙ୍କୁ ସେ ଆଣି ପ୍ରଫେସର କରାଇଲେ ।ଯଦି ଜଣେ ଆଶୁତୋଷ ମୁଖର୍ଜୀ ନଥାନ୍ତେ ବୈଜ୍ଞାନିକ ସି. ଭି. ରମଣ ରେଳ କମ୍ପାନୀରେ କିରାଣୀ ଜୀବନରୁ ଉଠି ଉଠି ହୁଏତ ଜଣେ ଅଫିସର ହୋଇଥାନ୍ତେ । ଦକ୍ଷିଣରୁ ରାଧାକୃଷ୍ଣନ୍ ଏହାଙ୍କ ଯୋଗୁହିଁ ଏତେବଡ଼ ହୋଇ ପାରିଲେ । ପଣ୍ଡିତ ନୀଳକଣ୍ଠ ଦାସଙ୍କୁ ସେ ନେଇ ଓଡ଼ିଆ ବିଭାଗର ପ୍ରଫେସର କରାଇଲେ । ଓଡ଼ିଶାର କୁଳବୃଦ୍ଧ ମଧୁସୂଦନ ଆଶୁତୋଷଙ୍କୁ ତାଙ୍କ ଘରେ ପଢ଼ାଉଥିଲେ । ସେ ଆଇନ ବିଦ୍ୟାରେ ଧୁରନ୍ଧର ଥିଲେ ଓ ଜଣେ ଆଦର୍ଶ ପୁରୁଷ ଥିଲେ । ୧୯୨୪ ଖ୍ରୀଷ୍ଟାବ୍ଦରେ ସେ ଏ ସଂସାରରୁ ବିଦାୟ ନେଇଗଲେ ।

**ଆସବାବ** : ଆମେ ସମସ୍ତେ ଦେଖୁଛେ ଖଣ୍ଡେ ଚଉକି, ଟେବୁଲ ବା ଆଲ୍‌ମାରୀ ନ ହେଲେ ଚଳୁନାହିଁ । ପୋଷାକ ପିନ୍ଧିବାର ଢଙ୍ଗ ବଦଳି ଯିବାରୁ ଲୋକେ ଆଉ ଚେକାମାଲି ପକାଇ ବସିବାକୁ ସୁବିଧା ମନେକରୁ ନାହାନ୍ତି । କିନ୍ତୁ ଗୋଟାଏ ଯୁଗ ଥିଲା ଯେତେବେଳେ କି ମଣିଷ ପାଇଁ ଏ ସବୁ କିଛି ଦରକାର ନଥିଲା । ଖଣ୍ଡେ ଖଜୁରୀ ପଟି ବା ଖଣ୍ଡେ ସପ ପକାଇ ଶୋଇ ପଡୁଥିଲା । ଏବେ କିନ୍ତୁ ଖଟ ଖଣ୍ଡେ ବା ପଲଙ୍କ ଖଣ୍ଡେ ନହେଲେ ଚଳୁନାହିଁ । ଏହିଗୁଡ଼ିକୁ ସବୁ କୁହାଯାଏ ସୁନ୍ଦର କରିବା । ତେଣୁ ସବୁପ୍ରକାର ଆସବାବକୁ ସେ ସୁନ୍ଦରରୁ ସୁନ୍ଦରତର କରିଛି । ଖାଲି



( ବିଭିନ୍ନ ପ୍ରକାରର ଅଫିସ ଆସବାବ)

ଯେ ସୁନ୍ଦର କରୁଛି ତା' ନୁହେଁ; ବସିବାକୁ, ଶୋଇବାକୁ ସୁବିଧା ହେବ ବୋଲି ସେ ନୂଆ କୌଶଳ ବାହାର କରୁଛି । 'ଘୂରାଚଉକି' ବାହାରିଲାଣି । ତା' ଦେହରେ ବସି ଡାହାଣକୁ, ବାଆଁକୁ ବା ପଛକୁ ଆଉଜି ଯାଇହେବ । ଚଉକିରେ ଗଦି ଖଞ୍ଜିଦେଲେ ଅନେକ

"ଯେଉଁମାନଙ୍କ ମନକୁ ସବୁବେଳେ ନୂତନ ଚିନ୍ତା, ନୂତନ ଭାବନା ଆସୁଥାଏ, ସେମାନେ କଦାପି ବୁଢ଼ା ହୁଅନ୍ତି ନାହିଁ ।"

--ସେକ୍ସ୍‌ପିଅର

ସମୟ ବସିଲେ ମଧ୍ୟ କଷ୍ଟ ହେବନାହିଁ । ଆଲମାରୀ ଭିତରେ ଏମିତି ସବୁ କରିଦେଉଛି ଯେ ପୋଷାକ ରଖିହେବ, ଭିନ୍ନ ଭିନ୍ନ ଜିନିଷ ସଜାଇ ଦେଇହେବ । ପୃଥିବୀଯାକ ବୁଲି ଆସିଲେ ନାନା ପ୍ରକାରର ଆସବାବ ଦେଖିବ ।

**ଇଉକାଲିପ୍‌ଟସ୍‌** : ଅଷ୍ଟ୍ରେଲିଆ ମହାଦେଶ ଅନ୍ୟସବୁ ମହାଦେଶଠାରୁ ଦୂରରେ ରହିଯିବାରୁ ସେଠାରେ କଙ୍ଗାରୁ ଭଳି ବିଚିତ୍ର ଜୀବ ରହିଛନ୍ତି - ଇଉକାଲିପ୍‌ଟସ୍‌ ଭଳି ଗଛ ମଧ୍ୟ ଅଛି । ଅନ୍ୟ କୌଣସି ଦେଶରେ ଏହି ଗଛ ଦେଖିବାକୁ ମିଳୁ ନଥିଲା । ଅବଶ୍ୟ ପରେ ଏହାକୁ ନେଇ ଲଗାଇଛନ୍ତି । ଏଇଟି ୫୦୦ ଜାତିର । ୯୦ ମିଟର ବା ୩୦୦ ଫୁଟ ଉଚ୍ଚ ମଧ୍ୟ ଅଛି । ସେହି ଗଛ ଗୁଡ଼ିକର ଗୋଲେଇ ହେଉଛି ସାଢେ ସାତ ମିଟର ବା ୨୫ ଫୁଟ । ଖୁବ୍‌ ଶୀଘ୍ର ଶୀଘ୍ର ବଢେ । ପତ୍ର ଦେହରୁ ତେଲ ବାହାରେ । ସେ ତେଲକୁ ଆଘ୍ରାଣ କଲେ ନାକ ଭିତରଟା ଭଲ ରହେ ଓ ଆହୁରି ଭିତରକୁ ଯାଇ ଶ୍ୱାସପଥର ଉପକାର କରେ । ଏହାର ଗନ୍ଧର କଫନାଶକ ଗୁଣ ଅଛି । ଗଛ ଗଣ୍ଡିରେ ଛୁରୀରେ ଦାଗଦେଇ ଗୋଟାଏ ରକମ ଅଠା ବାହାର କରାଯାଏ । ବେଶୀଭାଗ ଇଉକାଲିପ୍‌ଟସ୍‌ କାଠ ଜାଳ ହୁଏ, ଘର ତିଆରିରେ ଲାଗେ ବା ବାଡ଼ ଦେହରେ ପୋତାଯାଏ । କେତେକ ଜାତିର ଛେଲିରୁ କାଗଜ ତିଆରି ହୁଏ । ଚମଡ଼ା କଷା କାମରେ ମଧ୍ୟ ଏହି ଛେଲି ଲାଗେ । ଏହାର ଫଳ ଗୁଡ଼ିକ ଦୁଇରୁ ଅଢ଼େଇ ଇଞ୍ଚ ବା ପାଞ୍ଚରୁ ଛଅ ଇଞ୍ଚ ହୋଇଥାଏ । ଅଷ୍ଟ୍ରେଲିଆ, ନିଉଜିଲାଣ୍ଡ ଅଞ୍ଚଳର ଲୋକେ ଏହାକୁ ଅଠାଗଛ ବୋଲି କହିଥାନ୍ତି । ଲକ୍ଷ ଲକ୍ଷ ସଂଖ୍ୟାରେ ଗୋଟିଏ ଗୋଟିଏ ଅଞ୍ଚଳରେ ଥିବାରୁ ମହୁମାଛି ଏଥିରୁ ବହୁତ ମହୁ ସଂଗ୍ରହ କରନ୍ତି । ଶହ ଶହ ହଜାର ହଜାର ସଂଖ୍ୟାରେ ମହୁବାକ୍‌ସ ରଖି ମହୁମାଛି ପାଳକମାନେ କୋଟି କୋଟି ଟଙ୍କାର ମହୁ ସଂଗ୍ରହ କରନ୍ତି ଓ ପୃଥିବୀ ବଜାରରେ ବିକନ୍ତି । ଇଉକାଲିପ୍‌ଟସ୍‌ର ମହୁ ଖୁବ୍‌ ସୁଆଦିଆ ।

ଭାରତରେ ବହୁ ସଂଖ୍ୟାରେ ଏହି ଗଛ ଲଗାଯାଉ ଥିଲା । ଏବେ ମଧ୍ୟ ଲଗାଯାଉଛି । କିନ୍ତୁ ଉଦ୍‌ଭିଦ ବିଜ୍ଞାନୀମାନେ କହୁଛନ୍ତି ଯେ ମାଟିତଳୁ ଏଇ ଗଛ ଏତେ ପରିମାଣରେ ପାଣି ଚେର ବାଟେ ଶୋଷି ନେଉଛି ଯେ ମାଟିତଳର ଜଳସ୍ତର ଶୁଖି ଯାଉଛି । ତେଣୁ ଏହାକୁ ବହୁ ପରିମାଣରେ ନ ଲଗାଇଲେ ଭଲ ।

**ଇଉରୋପ** : ଏସିଆ ତୁଳନାରେ ଇଉରୋପଟି ଗୋଟିଏ ଅତି ଛୋଟ ଅଞ୍ଚଳ ହେଲେ ମଧ୍ୟ ତାହା ଏଭଳି ଗୋଟିଏ ମହାଦେଶ ଯେ ପୃଥିବୀର ସବୁ ଶିକ୍ଷିତ ଲୋକ ତା' ବିଷୟରେ କିଛି ନା କିଛି ଜାଣନ୍ତି । ଏହି ମହାଦେଶର ଘଟଣା ବହୁଦେଶର ପ୍ରତିଦିନର ଖବରକାଗଜରେ ନିଶ୍ଚୟ ଅଳ୍ପ ବହୁତେ ସ୍ଥାନ ପାଉଛି । ଅଳ୍ପ କେତେ ଦଶନ୍ଧି ପୂର୍ବେ ଏଭଳି ପରିସ୍ଥିତି ଥିଲା ଯେ ପୃଥିବୀର ଗୋଟାଏ ବଡ଼ ଅଂଶକୁ ଇଉରୋପର ଭିନ୍ନ ଭିନ୍ନ ଦେଶ ନିଜ ଅଧୀନରେ ରଖିଥିଲେ । ସେହିମାନେ ହିଁ ଅଳ୍ପ କେତେ ଶହ ବର୍ଷ ପୂର୍ବେ ଉତ୍ତର ଅମେରିକା, ଦକ୍ଷିଣ ଆମେରିକା ଓ ଅଷ୍ଟ୍ରେଲିଆ ମହାଦେଶରେ ସ୍ଥାୟୀ ଭାବରେ ବସବାସ କରି ରହିଗଲେ । ଆଫ୍ରିକାର ଦକ୍ଷିଣ ଅଂଶକୁ ମଧ୍ୟ "ଇଉରୋପୀୟ ଅଞ୍ଚଳ"ରେ ପରିଣତ କରିଦେଲେ । ଗୋଟାଏ ଯୁଗର ଇଉରୋପର ଗୋଟିଏ ଦ୍ୱୀପ ବ୍ରିଟେନ୍‌ ସମଗ୍ର ପୃଥିବୀରେ ଗୋଟାଏ ନା ଗୋଟାଏ ଅଞ୍ଚଳ ଦଖଲ କରି ରହିଥିଲା ଓ ବ୍ରିଟିଶ୍‌ ଦ୍ୱୀପପୁଞ୍ଜର ଲୋକେ ମୁଣ୍ଡ ଟେକି କହୁଥିଲେ - "ବ୍ରିଟିଶ୍‌ ସାମ୍ରାଜ୍ୟରେ ସୂର୍ଯ୍ୟ କେବେହେଲେ ଅସ୍ତ ହୁଅନ୍ତି ନାହିଁ ।" ଏବେ ମଧ୍ୟ ବ୍ରିଟେନ୍‌, ଜର୍ମାନୀ, ଫ୍ରାନ୍‌ସ ଓ ରୁଷ ଭଳି ଇଉରୋପୀୟ ଦେଶ ପୃଥିବୀର ସବୁ ଅଂଶ ଉପରେ ପ୍ରଭାବ ପକାଉଛନ୍ତି ଓ ଇଉରୋପୀୟ ମାନେହିଁ

---

"ପାଗଳାମିର ସାମାନ୍ୟ ପରଖ ନଦେଇ ପ୍ରକୃତି କେବେହେଲେ ପ୍ରତିଭାବାନ୍‌ ଲୋକ ସୃଷ୍ଟି କରିନାହିଁ ।"

--ଆରିଷ୍ଟଟଲ

(ଆମେରିକା ଲୋକଙ୍କୁ ମିଶାଇ ) ଆମ ସମସ୍ତଙ୍କ ଭାଗ୍ୟ ନିୟନ୍ତ୍ରଣ କରୁଛନ୍ତି -ଗୋଟାଏ ଦୃଷ୍ଟିରୁ । କେତେଶହ ବର୍ଷ ଧରି ସେମାନେ ପୃଥିବୀର ପ୍ରାୟ ସବୁ ଦେଶରୁ ଧନ ସଂପଦ ନେଇ ନିଜ ଇଲାକାରେ ଠୁଳ କରିଥିଲେ । କଞ୍ଚାମାଲ ନେଇ ଶହ ଶହ ହଜାର ହଜାର କଳକାରଖାନାରେ ନାନାପ୍ରକାର ଦ୍ରବ୍ୟ ତିଆରି କରି ଯେଉଁଠାରୁ କଞ୍ଚାମାଲ ନେଇଥିଲେ ସେହିସବୁ ଦେଶରେ ବିକି ଅଜସ୍ର ଧନ ବୋହି ନେଇଥିଲେ । ଥରେ ଧନ ସମ୍ପଦ ଠୁଳ କଲାପରେ ଶିକ୍ଷା, ଦୀକ୍ଷା, ସଭ୍ୟତା, ସଂସ୍କୃତି - ସବୁ ଦିଗରେ ଆଗେଇ ଗଲେ ଓ ଦିନେ ଭାବିବାକୁ ଲାଗିଲେ ଯେ ସେହିମାନେହିଁ ସଭ୍ୟ ଓ ପୃଥିବୀର ଅନ୍ୟ ଅଞ୍ଚଳର ଲୋକେ ସଭ୍ୟତାର ବହୁ ଦୂରରେ ଅଛନ୍ତି । ଅନ୍ୟମାନେ ସେହିମାନଙ୍କ ବିରୁଦ୍ଧରେ ସଂଗ୍ରାମ ଚଳାଇଲେ; ହଜାର ହଜାର ଲକ୍ଷ ଲକ୍ଷ ସଂଖ୍ୟାରେ ପ୍ରାଣ ଦେଲେ ଓ ଇଉରୋପୀୟମାନେ ଯେ ସବୁ ଦେଶରେ ପ୍ରଭୁ ବା ମାଲିକ ଏକଥା ଆଉ ରହିଲା ନାହିଁ । ତାହା ହେଲେ ମଧ୍ୟ ବହୁକାଳରୁ ସଞ୍ଚିତ ଧନ ବିଦ୍ୟାବୁଦ୍ଧି ସେମାନଙ୍କୁ ବଡ଼ କରି ରଖିଦେଇଛି । ଯେଉଁ ଦେଶସବୁ ସେମାନଙ୍କ ଅଧୀନରେ ଥିଲା ସେହିସବୁ ଦେଶ ଆଜି ମଧ୍ୟ ଇଉରୋପର ସାହାଯ୍ୟ ଭିକ୍ଷା କରୁଛନ୍ତି ।

ପୃଥିବୀର ଯେତେ ସ୍ଥଳଭାଗ ଅଛି ତାହାର ପନ୍ଦର ଭାଗରୁ ଭାଗେ ହେଉଛି ଇଉରୋପ ମହାଦେଶ । ଏରିଆ ହେଲା ପ୍ରାୟ ୧, ୦୬,୦୦,୦୦୦ ବର୍ଗ କିଲୋମିଟର । ଭାରତର ଏରିଆ ହେଉଛି ୩୨, ୮୭, ୯୦୦ ବର୍ଗ କି. ମି. । ମୂଳ ଭୂଖଣ୍ଡକୁ ଛାଡ଼ିଦେଲେ ଏହା ସହିତ ରହିଛି ବ୍ରିଟୀଶ୍ ଦ୍ୱୀପପୁଞ୍ଜ, ଆଇସ୍‌ଲାଣ୍ଡ, ନୋଭିଆ ଜାମ୍‌ଲିଆ, କର୍ସିକା, ସାର୍ଡିନିଆ, ସିସିଲି ଓ କ୍ରେଟ୍ ଦ୍ୱୀପ । ବହୁ ସ୍ଥାନରେ ସମୁଦ୍ର ଏହି ଭୂଖଣ୍ଡ ଭିତରକୁ ପଶିଯାଇଛି । ଏଭଳି ହେବାରୁ ଉପକୂଳ ଏରିଆଟା ବଢ଼ିଯାଇଛି, ପ୍ରାୟ ୨୪ ହଜାର ମାଇଲ ବା ୩୮ ହଜାର କିଲୋମିଟର ଲମ୍ବ । ସମଗ୍ର ଇଉରୋପ ମହାଦେଶର ଲୋକସଂଖ୍ୟା ଭାରତର ଲୋକସଂଖ୍ୟା ଠାରୁ କମ୍ - ୬୯ କୋଟି ୭୨ ଲକ୍ଷ ୧୦ ହଜାର । ପୃଥିବୀର ଲୋକସଂଖ୍ୟାର ଏହା ହେଉଛି ଛଅ ଭାଗରୁ ଭାଗେ । କ୍ରମେ ଅଧିକରୁ ଅଧିକ ଲୋକ ଆସି ସହରରେ ରହିଯାଉଛନ୍ତି । ବ୍ରିଟେନ୍ ଓ ନେଦରଲାଣ୍ଡରେ ଶହକେ ୯୦ ଜଣ ଆସି ସହରରେ ରହିଗଲେଣି । ଏହି ମହାଦେଶରେ ୫୦ଟା ବଡ଼ ବଡ଼ ସହର ରହିଛି ଯେଉଁ ସବୁର ଲୋକସଂଖ୍ୟା ୧୦ ଲକ୍ଷରୁ ଅଧିକ । କେତେ ଗୁଡ଼ିଏ ବଡ଼ ବଡ଼ ନଦୀ ରହିଛି । ଭଲଗା ନଦୀ, ଦାନିଉବ, ରାଇନ୍, ଭିସ୍ଥୁଲା, ରୋନ୍ ଓ ଉତ୍ତର ନଦୀ ହେଲେ ବଡ଼ ବଡ଼ । ଏଥିରୁ ପ୍ରାୟ ସବୁ ନଦୀରେ ସମୁଦ୍ରରୁ ନଦୀ ପଥରେ ଭିତରକୁ ବହୁଦୂର ପର୍ଯ୍ୟନ୍ତ ବୋଟ୍ ଲଞ୍ଚ ପ୍ରଭୃତି ଯାଇପାରେ । ନଦୀରୁ ଜଳବିଦ୍ୟୁତ ସଂଗ୍ରହ କରାଯାଉଛି । ବହୁସଂଖ୍ୟକ ହ୍ରଦ ରହିଛି । ରୁଷ ଇଉରୋପ ଅଞ୍ଚଳରେ ଲାଡୋଗା ହ୍ରଦ ସବୁଠାରୁ ବଡ଼ । ଅବିଭକ୍ତ କଟକ ଜିଲାର ପ୍ରାୟ ଦେଢ଼ଗୁଣ ଏରିଆ । ସ୍ଥଳଭାଗର ତିନିଭାଗରୁ ଭାଗେ ଅଞ୍ଚଳରେ ଫସଲ ହୁଏ । ଗହମ ଓ ବାର୍ଲି ବହୁଦେଶରେ ଚାଷ କରାଯାଏ ।

ଏହି ବିଂଶ ଶତାବ୍ଦୀରେ ଇଉରୋପ ମହାଦେଶରେ ଦୁଇ ଦୁଇଟା ବିଶ୍ୱଯୁଦ୍ଧ ହୋଇଯାଇଛି । ଲକ୍ଷ ଲକ୍ଷ ସଂଖ୍ୟାରେ ଲୋକ ମରିଛନ୍ତି । ଗୋଟାକୁ ଗୋଟା ସହର ଓ କଳକାରଖାନା ମାଟିରେ ମିଶି ଯାଇଛନ୍ତି । ତଥାପି ସେ ଦେଶ ପୁଣି ମୁଣ୍ଡ ଟେକିଛନ୍ତି । କାରଣ ପରିଶ୍ରମୀ ଇଉରୋପୀୟମାନେ ମାଟିରେ ମିଶିଯାଇଥିବା ସହର ସ୍ଥାନରେ ନୂଆ ସହର ବସାଇ ଦେଇଛନ୍ତି ଓ କଳକାରଖାନା ତିଆରି କରିଦେଇଛନ୍ତି ।

---

"ମୋର ସର୍ବଶ୍ରେଷ୍ଠ ବନ୍ଧୁ ଓ ସବୁଠାରୁ ସାହସୀ ଶତ୍ରୁ - ଏହି ଉଭୟଙ୍କୁ ମୁଁ ଭଲପାଏ; କାରଣ ଠିକ୍ ବାଟରେ ଚାଲିବାକୁ ମୋତେ ସେହିମାନେହିଁ ସତର୍କ କରି ଦେଉଥାନ୍ତି ।"

--ବର୍ଣ୍ଣାଡ୍ ଶ

ଏ ମହାଦେଶର ଲୋକଙ୍କର ସ୍ୱାସ୍ଥ୍ୟ ଖୁବ୍ ଭଲ । ମୃତ୍ୟୁହାର କମ୍, କାରଣ ଲୋକଙ୍କ ଚିକିତ୍ସା ପାଇଁ ସରକାରୀ ଓ ବେସରକାରୀ ସୂତ୍ରରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଛି । ଉପଯୁକ୍ତ ଶିକ୍ଷାପାଇ ଏହି ସୁସ୍ଥ ଲୋକେ ଭଲଭାବରେ ଖାଇପିଇ ଚଳୁଛନ୍ତି ।

ଶେଷରେ ଉଲ୍ଲେଖ କରାଯାଇ ପାରେ ଯେ ଗଲା ଦୁଇଶହ ବର୍ଷ ଭିତରେ ଇଉରୋପରୁ ପ୍ରାୟ ଛଅ କୋଟି ଲୋକ ବିଦେଶକୁ ଚାଲିଯାଇ ସ୍ଥାୟୀ ଭାବରେ ଅନ୍ୟ ଦେଶରେ ରହିଯାଇଛନ୍ତି । ଦୁଇ ଆମେରିକା ମହାଦେଶ, ଅଷ୍ଟ୍ରେଲିଆ, ନିଉଜିଲାଣ୍ଡ ଓ ଦକ୍ଷିଣ ଆଫ୍ରିକାକୁ ଦେଖିଲେ ଏହା କିଭଳି ସତ ତାହାର ପ୍ରମାଣ ମିଳେ ।

**ଇଂରାଜୀ ଭାଷା :** ଭାରତରେ ଗୋଟିଏ ମଜାର କଥା କୁହାଯାଏ । ସେଇଟି ସତେ ଯେପରିକି ଇଂରାଜୀ ଭାଷା କଥା ପଡ଼ିଲା ବେଳକୁ ପୂରା ଖାପ ଖାଇ ଯାଉଛି । ଜଣେ ଭିକାରୁଣୀ ତା'ର ଗୋଟିଏ ଛୋଟ ଛୁଆକୁ କୋଳରେ ଧରି ଭିକ ମାଗି ବୁଲୁଥିଲା । ପିଲାଟିକୁ ଦେଖି ଜଣେ ପଇସାବାଲା ଲୋକଙ୍କର ମନ କଅଣ ହେଲା କେଜାଣି ସେଇଟିକୁ ନେଇଗଲେ ଓ ମାଆ ନିଜେ ଚଳିବା ପାଇଁ ତାକୁ ବହୁତ କିଛି ପଇସା ଖଞ୍ଜିଦେଲେ । ଦିନେ ଦେଖିଲା ବେଳକୁ ସେଇ ପିଲା ଗୋଟାଏ ରାଜଗାଦୀରେ ବସିଛି । ଯିଏ ଦେଖିଲା କହିଲା 'ଆରେ ଅକିଞ୍ଚନ ପିନ୍ଧିଛି ରାଜ ମୁକୁଟ' ।

ସେମିତି ବିଲାତର ଗୋଟିଏ ଭାଷା କେତେଶହ ବର୍ଷ ପୂର୍ବେ ଥିଲା ଅତି ଅକିଞ୍ଚନ । ଭାରତର ସଂସ୍କୃତ ଭାଷା ଯେତେବେଳେ ସବୁଦୃଷ୍ଟିରୁ ଅତି ଉଚ୍ଚକୁ ଉଠି ଗଲାଣି ସେତେବେଳେ ଇଂରାଜୀ ଭାଷାର ଜନ୍ମ ମଧ୍ୟ ନାହିଁ । ଓଡ଼ିଆ ଭାଷାରେ ଗଦ୍ୟରେ ସାରଳା ମହାଭାରତ ଲେଖାହେଲା ବେଳକୁ ଇଂରାଜୀ ଭାଷାରେ ସେଭଳି ସାହିତ୍ୟ ସୃଷ୍ଟି ହୋଇନାହିଁ । କିନ୍ତୁ ବିଂଶ ଶତାବ୍ଦୀ ଶେଷ ହୋଇ ଆସିଲା ବେଳକୁ ସମସ୍ତେ କହୁଛନ୍ତି - ଇଂରାଜୀ ପୃଥିବୀର ସବୁ ଅଂଶରେ ବହୁ ଲୋକଙ୍କ ମନ ଭିତରେ ସ୍ଥାନ ପାଇଯାଇଛି । ଏଇ ଭାଷା ଯିଏ ଜାଣିଛି, ସିଏ ଯେଉଁ ଦେଶକୁ ଯାଉ ପଛେ ସେଠାରେ ଚଳିଯିବ । ଏଇଥିପାଇଁ ଏକଥା କୁହାଯାଇଛି ଯେ ସବୁ ଦେଶରେ ବହୁ ଶିକ୍ଷିତ ଲୋକ ଅଛନ୍ତି, ଯିଏ କି ଇଂରାଜୀ ଭାଷା ଜାଣନ୍ତି । ପୃଥିବୀରେ ପ୍ରାୟ ଦୁଇଶହ ପର୍ଯ୍ୟନ୍ତ ଖୁବ୍ ଧନୀ ବା ଭଲ ଭାଷା ଅଛନ୍ତି । ସେସବୁ ଭାଷାରେ ଯାହାକିଛି ଭଲ ଭଲ କଥା ଲେଖାଯାଇଛି ଇଂରାଜୀ ଭାଷାରେ ସେ ସବୁର ପୂରା ବା ଆଂଶିକ ସାରକଥା ରହିଯାଇଛି । ସେଇଥିପାଇଁ କୁହାଯାଏ ଯେ ଏଇଟି ଏମିତି ଗୋଟାଏ ଭାଷା ଯେ ତାକୁ ଜ୍ଞାନଜଗତରେ ଗବାକ୍ଷ ବା ଝରକା ବୋଲି କୁହାଯିବ । ସେହିବାଟେ ଚାହିଁଦେଲେ ଦୁନିଆର ସବୁ ଜ୍ଞାନର ପରିଚୟ ଉଣା ଅଧିକେ ମିଳିଯିବ ।

ଆଜି ବ୍ରିଟେନ, ଯୁକ୍ତରାଷ୍ଟ୍ର ଆମେରିକା, କାନାଡ଼ାର ଗୋଟାଏ ବଡ଼ ଅଞ୍ଚଳ, ଅଷ୍ଟ୍ରେଲିଆ ମହାଦେଶର ଲୋକଙ୍କର ମାତୃଭାଷା ହୋଇଯାଇଛି ଇଂରାଜୀ । ଭାରତ, ଏସିଆର ଦକ୍ଷିଣ ପୂର୍ବ ଅଞ୍ଚଳରେ ଥିବା ବହୁ ଦେଶ, ପାକିସ୍ଥାନ, ବାଂଲାଦେଶ ଏବଂ ଆଫ୍ରିକା ମହାଦେଶର ବହୁ ଅଞ୍ଚଳର "ଦ୍ୱିତୀୟ ଭାଷା" ହେଉଛି ଇଂରାଜୀ । ଭାରତ ଇଂରେଜମାନଙ୍କ କବଳରୁ ମୁକ୍ତ ହେଲେ ମଧ୍ୟ ଲୋକସଭାରେ, ରାଜ୍ୟସଭାରେ ବେଶୀଭାଗ ସଭ୍ୟ ଇଂରାଜୀରେ କହୁଛନ୍ତି - ଯଦିଓ ଭାରତର ବହୁ ଭାଷାଙ୍କର ଭାବ ପ୍ରକାଶର ଶକ୍ତି ସାମର୍ଥ୍ୟ ଇଂରାଜୀ ତୁଳନାରେ କିଛି କମ୍ ନୁହେଁ । କୁହାଯାଉଛି, ଇଂରାଜୀ ଭାଷା ନୌକାରେ ବସିଲେ ପୃଥିବୀର ଭାଷାସାଗର - ମହାସାଗରରେ ଯେକୌଣସି ସ୍ଥାନରେ ଯାଇ ପହଞ୍ଚି ଯାଇହେବ ।

---

"ଅନ୍ୟଠାରେ ବିଶ୍ୱାସ ସ୍ଥାପନ କଲେ, ତୁମ ଠାରେ ବିଶ୍ୱାସ ସ୍ଥାପନ କରିବାକୁ ସେ ବାଧ୍ୟ ହେବ ।"

--ଲିଭୀ

ତିନି ଶ୍ରେଣୀର ଇଂରାଜୀ ଭାଷାଭାଷୀ ଲୋକେ ପୃଥିବୀରେ ଅଛନ୍ତି । ଗୋଟିଏ ଶ୍ରେଣୀ ହେଲେ, ଯେଉଁମାନଙ୍କର ଏଇଟି ହେଉଛି ମାତୃଭାଷା । ଅନ୍ୟମାନେ ତାକୁ ଭଲଭାବରେ ଶିଖୁଛନ୍ତି, କାରଣ ତାଙ୍କ ଦେଶରେ ଦୁଇ ଚାରିଟା ବା ଅଧିକ ଭାଷାଭାଷୀ ଲୋକ ଅଛନ୍ତି । ଇଂରାଜୀ ଜାଣିଦେଲେ ସେମାନେ ନିଜ ନିଜ ଭିତରେ କଥାବାର୍ତ୍ତା କରି ପାରୁଛନ୍ତି । ଭାରତରେ କୋଟି କୋଟି ଲୋକ ହିନ୍ଦୀରେ କଥାବାର୍ତ୍ତା କରୁଥିଲେ ମଧ୍ୟ ଦକ୍ଷିଣର ଲୋକେ କହୁଛନ୍ତି, ଆମେ ହିନ୍ଦୀ ଜାଣିନୁ । ଆମ ସଙ୍ଗରେ ଇଂରାଜୀରେ କଥା କୁହ । ତୃତୀୟ ଶ୍ରେଣୀ ହେଲେ ବଣିଜ ବେପାର ଚଳାଇବା ପାଇଁ । ଚୀନର ଜଣେ ଲୋକ, ଜାପାନର ଜଣେ ଲୋକ ଭାରତରେ ଆସି ବଣିଜ ବେପାର ବିଷୟରେ କଥାବାର୍ତ୍ତା ହେଲା ବେଳେ ଇଂରାଜୀରେ କଥା ହେଉଛନ୍ତି । ହିସାବ କରି ଦେଖାଯାଉଛି ପୃଥିବୀରେ ଯେତେ ଲୋକ ଅଛନ୍ତି ସେମାନଙ୍କ ଭିତରେ ସାତଜଣରୁ ଜଣେ ଏହି ତିନି ଶ୍ରେଣୀ ଭିତରକୁ ଆସିଯାଉଛନ୍ତି ।

ଆଉ ଗୋଟିଏ କାରଣରୁ ବହୁ ଲୋକ ଇଂରାଜୀ ଶିଖିବା ପାଇଁ ଇଚ୍ଛା କରୁଛନ୍ତି । ଜାପାନ ଦେଶରେ ଜଣେ ସାହିତ୍ୟ ପାଇଁ ନୋବେଲ ପୁରସ୍କାର ପାଇଲେ । ତାଙ୍କ ବହି ପଢ଼ିବା ପାଇଁ ଆମର ମନ ହେଉଛି । କିନ୍ତୁ ଆମେ ଭାରତର ଶିକ୍ଷିତ ଲୋକ ଜାପାନୀ ଭାଷା ଜାଣିନାହୁଁ । ତାହାର ଇଂରାଜୀ ଅନୁବାଦ ବାହାରି ପଡ଼ିଲାଣି । ପୃଥିବୀର ଯେ କୌଣସି ଭାଷାର ଭଲ ଭଲ ବହିର ଅନୁବାଦ ଇଂରାଜୀରେ ରହିଛି । ଏମିତି ହୋଇଛି ଯେ ବହୁ ଶିକ୍ଷିତ ଭାରତୀୟ ସଂସ୍କୃତ ଜାଣି ନଥିବାରୁ ଉପନିଷଦ ସବୁ ପଢ଼ି ନାହାନ୍ତି । ବିଲାତରେ ଯାଇ ପାଠ ପଢ଼ିଲା ବେଳେ ଦେଖୁଛନ୍ତି ସବୁ ଉପନିଷଦର ଇଂରାଜୀ ଅନୁବାଦ ହୋଇସାରିଛି । ସହଜରେ ବୁଝି ହୋଇପାଉଛି । ଇଂରାଜୀ ଭାଷା ଗର୍ବର ସହିତ କହୁଛି ମୋ କୋଳରେ ମୁଁ ପୃଥିବୀର ସବୁ ଜ୍ଞାନକୁ ଇଂରାଜୀ ପୋଷାକ ପିନ୍ଧାଇ ଦେଇ ବସାଇ ଦେଇଛି । ଜଣେ ଇଂରେଜ ଅନ୍ୟ କୌଣସି ଭାଷା ନପଢ଼ି ମଧ୍ୟ ପୃଥିବୀର ସବୁ ଭାଷାର ଭଲ ଭଲ କଥା ସହିତ ପରିଚିତ ହୋଇଯାଇ ପାରୁଛି ।

ତେଣିକି ଯେ କୌଣସି ଲୋକ ବିଚାରିବ ଏ ଭାଷା ଏଭଳି ଉନ୍ନତି କଲା କିମିତି ? ଏକଥା କହିଦେଲେ ଚଳିବ ନାହିଁ ଯେ ଇଂରେଜମାନେ ବହୁ ଦେଶକୁ ପରାଧୀନ କରିଥିବାରୁ ସେସବୁ ଦେଶରେ ଇଂରାଜୀକୁ ଚଳାଇ ଦେଲେ ଓ ବହୁଲୋକ ଏହାକୁ ଆଦରି ଯିବାରୁ କ୍ରମେ ଏହାର ଉନ୍ନତି ହେଲା । ଏଭଳି କଥା ଭିତରେ ନିଶ୍ଚୟ କିଛି ସତ ଅଛି, କିନ୍ତୁ କେବଳ ଏହି ଉପାୟରେ ସେ ଭାଷା ଉପରକୁ ଉଠି ନାହିଁ । ସେମାନେ ମୂଳରୁ ଗୋଟିଏ କଥା ଧରିନେଲେ । ସେହି ଗୋଟିଏ କଥାହିଁ ଇଂରାଜୀ ଭାଷାକୁ ବଳ ଦେଲା କ୍ରମେ ଉପରକୁ ଉପରକୁ ଉଠିବାକୁ । ସେମାନେ ଧରିନେଲେ ଯେ ଭାବ ପ୍ରକାଶ ପାଇଁ ଭାଷାରେ ସବୁ ପ୍ରକାର ଶବ୍ଦ ଥିବା ଦରକାର । ଇଂରାଜୀ ଭାଷାରେ ଖୁବ୍ କମ୍ ଶବ୍ଦ ଅଛି । ସବୁକଥା ଯିଏ ଲେଖିବାକୁ ବସିବ ଲେଖିଲା ବେଳକୁ ଇଂରାଜୀ ଶବ୍ଦଟିଏ ମିଳୁ ନାହିଁ । କ'ଣ କରାଯିବ ? ଅନ୍ୟ ଯେଉଁ ଭାଷାରେ ମନର ସେହିକଥା ବୁଝାଇବା ପାଇଁ ଗୋଟିଏ ଭଲ ଶବ୍ଦ ଅଛି ତାହାର ଖୋଜ୍ ନେଲେ । ଦେଖିଲେ ଯେ ଫରାସୀ ଭାଷାରେ ମିଳିଯାଉଛି । ସେଇଟିକୁ ନେଇଆସି ଇଂରାଜୀ ଶବ୍ଦ ବୋଲି ଧରିନେଲେ । ତେଣିକି ଆଉ ଅସୁବିଧା ହେଲାନାହିଁ । ଆଉ ଗୋଟିଏ କଥା ବେଳକୁ ସେହି ଅସୁବିଧା । ଦେଖିଲେ ଯେ ଆରବୀ ଭାଷାରେ ମନର ଚାହିଦା ପୂରଣ କରିବା ପାଇଁ ଶବ୍ଦଟିଏ ଅଛି । ତାକୁ ମଧ୍ୟ ନେଇ ଆସିଲେ । କହିଲେ - ଏଇଟି ଇଂରାଜୀ ଶବ୍ଦ । ଭାରତକୁ ଆସିଲେ । ଇଂରେଜ ମାନେ ସିନା ପୁରୁଣା ଲାଟିନ୍, ଗ୍ରୀକ୍ ଭାଷା ଭିତରୁ ଅନେକ

"ଆଳାପ ଆଲୋଚନା ବେଳେ ତୁମ ନୀରବତା ତଥା ନମ୍ରତା ହେଉଛି ତୁମର ଭୂଷଣ ।"

--ମଣ୍ଟେନ

## ୧୩୮ ଇଂରାଜୀ ଭାଷା

ଶବ୍ଦକୁ ଆଦରି ଯାଇଥିଲେ, ସଂସ୍କୃତ ଭାଷାରୁ ସେମିତି ନେଇପାରି ନଥିଲେ । ତେଣୁ ଦେଖିଲେ ଯେ ସଂସ୍କୃତରେ ଏମିତି ଗୋଟିଏ ଗୋଟିଏ ଶବ୍ଦ ଅଛି, ଯାହା କି ଇଂରାଜୀରେ ତ ନାହିଁ, ଏମିତିକି ଲାଟିନ୍, ଗ୍ରୀକ୍, ଫରାସୀ ଭାଷାରେ ମଧ୍ୟ ନାହିଁ । ତାକୁ ଆଣି ନିଜ ଅଭିଧାନରେ ରଖି କହିଲେ - 'ଏଇଟି ଇଂରାଜୀ ଶବ୍ଦ ।' ତାଙ୍କ ଦେଶରେ ଲୋକ ନାଚନ୍ତି । ଆମ ଦେଶରେ ବି ଲୋକ ନାଚନ୍ତି । ନାଚ ବା ନୃତ୍ୟ ପାଇଁ 'ଡାନ୍ସ' ବୋଲି ଗୋଟିଏ ଶବ୍ଦ ଥିଲା । ଭାରତରେ ଆସି ଦେଖିଲେ ଲୋକେ 'ଅଭିନୟ' କରୁଛନ୍ତି । ଭାରି ଚମତ୍କାର ଦେଖାଯାଉଛି । ସେମାନେ ନାଚୁଛନ୍ତି ବା ଡାନ୍ସ୍ କରୁଛନ୍ତି ବୋଲି କୁହାଯାଇ ପାରିବ ନାହିଁ । ତେଣୁ 'ଅଭିନୟ' ଶବ୍ଦଟି ଇଂରାଜୀ ଭାଷାର ଗୋଟିଏ ଶବ୍ଦ ବୋଲି କହିଲେ । ସେମିତି 'ପୁଣ୍ୟ', 'ଅଧର୍ମ' ଭଳି ଶବ୍ଦକୁ ଆଦରିଗଲେ । ନ ନେଇ ବା କଅଣ କରନ୍ତେ ? ପୁଣ୍ୟ ବା ଅଧର୍ମ କହିଲେ ଯାହା ବୁଝାଉଛି ସେମିତିକା କଥା ତାଙ୍କ ମନରେ ଉଠିଲେ ଇଂରାଜୀ ଶବ୍ଦରେ ତ ତାକୁ କହିପାରନ୍ତେ ନାହିଁ । ଆହୁରି ପୂର୍ବକୁ ଗ୍ରହିଲେ । ଜାଭା, ବାଲି, ସୁମାତ୍ରା, ଚୀନ୍, ଜାପାନ ସବୁଦେଶର ଭାଷାରୁ କିଛି କିଛି ଶବ୍ଦ ଆଣିଲେ । ଆଫ୍ରିକାରେ ବହୁ ଭାଷା ଅଛି । ସେଠାରୁ ଅନେକ ନୂଆ ଶବ୍ଦ ସଂଗ୍ରହ କଲେ । ଆମେରିକାରେ ଯେଉଁମାନେ ମୂଳରୁ ଥିଲେ - ଯେଉଁମାନଙ୍କୁ ଲୋହିତ ଭାରତୀୟ ବୋଲି କୁହାଯାଏ, ସେମାନେ ମଧ୍ୟ କିଛି କିଛି ଶବ୍ଦ ଇଂରାଜୀ ଭାଷାକୁ ଦାନ କରିଦେଲେ । ଗୋଟାଏ ସମୟରେ ହିସାବ କଲା ବେଳକୁ ଇଂରାଜୀ ଅଭିଧାନରେ ଯଦି ପାଖକୁ ପାଖ ଶହେଟା ଶବ୍ଦ ଅଛି, ସେଥିରୁ ହେଉଛି ୧୫ଟି ଇଂରାଜୀ ଓ ୮୫ଟି "ଧାର ଶବ୍ଦ" । ଜ୍ଞାନର କଥା କହିବା ପାଇଁ ପଛେଇ ଯାଉଥିଲା ବେଳେ ଇଂରାଜୀ ଭାଷା କହୁଛି - "ମୋର ସେମିତି କିଛି ଅସୁବିଧା ହେଉନାହିଁ ।" ଆମ ଦେଶରେ ଗୋଟାଏ ବଡ଼ ଅସୁବିଧା ହେଲା ବିଦେଶର ଗୋଟାଏ ଶବ୍ଦକୁ ଆଣି ଆମ ଭାଷାରେ ମିଶାଇବା ପାଇଁ ସହଜରେ ଆମ ମନ ବାନ୍ଧୁ ନାହିଁ । ସବୁକଥାରେ ପଛୁଆ ଭାବ । ବିଦେଶୀ ଶବ୍ଦ ପ୍ରତି ଦୂର ଦୂର ଭାବ ହେଲା ଆମର ବଡ଼ ଦୋଷ । ସବୁ ଉନ୍ନତି ହୋଇସାରିଲା ବେଳକୁ ତ ସାଇକେଲ୍‌ଟି ତିଆରି ହୋଇନାହିଁ । ସେଥିରେ ଯେଉଁ ଭଲଟିଉବ୍‌ଟି ଲାଗିଛି ତା' ପାଇଁ ସଂସ୍କୃତ ଶବ୍ଦଟିଏ କେମିତି ବାହାରି ଆଆନ୍ତା ? କାହିଁକି ବା ବାହାରି ଆଆନ୍ତା ? ତେଣୁ ଭଲ୍‌ଟିଉବଟିକୁ ଓଡ଼ିଆ ଭାଷା ବୋଲି କହିବାରେ ଅସୁବିଧା କ'ଣ ? ଇଂରାଜୀ ଭାଷାର ପ୍ରଥମ ସୁବିଧା ହେଲା ପୃଥିବୀର ବଡ଼ ବଡ଼ ଦେଶରୁ ବହୁ ଶବ୍ଦ ଆଣି ନିଜ ଭାଷାରେ ମିଶାଇବା ।

ଉପରେ ଯେତେ ଯେତେ କଥା କୁହାଗଲା ସବୁତକ ଜାଣିଲା ପରେ ଏକଥା ନିଶ୍ଚୟ କୁହାଯିବ ଯେ ଆମ ଦେଶର ବହୁଲୋକ ଇଂରାଜୀ ଜାଣିବା ଦରକାର । ତାହା ନହେଲେ ଆମେ ଆଜିକାଲିର ଦୁନିଆରେ ଏକଘରିଆ ହେଲାଭଳି ରହିଯିବୁ । ତା' ସଙ୍ଗେ ସଙ୍ଗେ ଏତକ ନିଶ୍ଚୟ ମନେରଖିଲେ ହେବ ଯେ ଆମ ଦେଶର କୋଟି କୋଟି ଲୋକଙ୍କ ଭିତରେ ଇଂରାଜୀ ଭାଷା ଜରିଆରେ ଜ୍ଞାନର ପ୍ରସାର ହୋଇପାରିବ ନାହିଁ, ଶିକ୍ଷାର ପ୍ରସାର ହୋଇପାରିବ ନାହିଁ । ଇଂରାଜୀ ଭାଷାରୁ ସବୁ ଜ୍ଞାନର ସବୁ ସାର ସାର କଥା ସଂଗ୍ରହ କରି ନିଜ ମାତୃଭାଷାର ଛାଞ୍ଚରେ କୋଟି କୋଟି ଲୋକଙ୍କ ପାଖରେ ପହଞ୍ଚାଇବାକୁ ପଡ଼ିବ । ଗଲା ଦୁଇଶହ ବର୍ଷ ଭିତରେ ଆମ ଦେଶରେ ଲକ୍ଷ ଲକ୍ଷ ଲୋକ କେବଳ ଇଂରାଜୀ ଭାଷା ଶିଖିବାରେ ସମୟ କଟାଇ ଦେଇଛନ୍ତି । ସେତିକି ସମୟରେ ଯଦି ମାତୃଭାଷା ଜରିଆରେ ସବୁକଥା ଜାଣିବାର ସୁଯୋଗ

---

"ବଳ ପ୍ରୟୋଗ କରି ଶାନ୍ତି ପ୍ରତିଷ୍ଠା କରାଯାଇ ନପାରେ; ବୁଝାମଣା ଦ୍ୱାରାହିଁ ତାହା ସମ୍ଭବ ।"

--ଆଇନ୍‌ଷ୍ଟାଇନ୍

ପାଉଥା'ନ୍ତେ, ଭାରତର ଭାଷାସମୂହ ବହୁଗୁଣ ଉନ୍ନତ ହୋଇସାରନ୍ତାଣି ।

**ଇଗୁଆନା :** ଏହି ଗୋଧି ଜାତୀୟ ଜୀବଟି ଆମେରିକା ମହାଦେଶର ଦକ୍ଷିଣ ଓ କେନ୍ଦ୍ର ଅଂଶରେ ଥାଏ । ଗୋଟିକୁ ମାରିଦେଲେ ପ୍ରାୟ ୧୫ କେ. ଜି. ମାଂସ ହୁଏ । ସେଠାର ଲୋକେ କୁହନ୍ତି - ଏହାର ଧଳା, ନରମ ମାଂସ ଖୁବ୍ ସୁଆଦିଆ । ପିଠି ଉପରେ ଏଣ୍ଟୁଅ ଭଳି ଯେଉଁ କଣ୍ଟା ଚିତ୍ରରେ ଦେଖାଯାଉଛି ତାହା



( ଇଗୁଆନା )

ମୁନିଆ ନୁହେଁ - ନରମ ଓ ମୋଟା ଚମଡ଼ା ଭଳି ଟାଣ । ଗଛଡାଳରେ ରୁହେ । ତା'କୁ ଶତ୍ରୁ ସହଜରେ ଠାବ କରି ପାରିବ ନାହିଁ ବୋଲି ତା'ର ତଳ ଅଂଶର ରଙ୍ଗକୁ ଟିକିଏ ଶାଗୁଆ କରିଦିଆଯାଇଛି । ଏହି ବୃକ୍ଷବାସୀ ଇଗୁଆନାର ସମ୍ପର୍କୀୟ ଗୋଟିଏ ଦ୍ୱିତୀୟ ଜାତିକୁ ସାମୁଦ୍ରିକ ଇଗୁଆନା ବୋଲି କୁହାଯାଏ ।

**ଇଜିପ୍ଟ :** ହଜାର ହଜାର ବର୍ଷ ପୂର୍ବେ ମନୁଷ୍ୟ ଜାତି କଅଣ ସବୁ କରିପାରିଥିଲା ବୋଲି ଜାଣିବାପାଇଁ ଯେତେବେଳେ ଏ ଯୁଗର ମଣିଷ ଇଚ୍ଛା କରେ ସେତେବେଳେ ପୃଥିବୀର ମାତ୍ର ଅଳ୍ପ କେତୋଟି ଦେଶ ଉପରେ ତା'ର ଦୃଷ୍ଟି ପଡ଼େ । ଯେଉଁ ପିରାମିଡ୍ କଥା ସମସ୍ତେ ଶୁଣିଛନ୍ତି, ତାକୁ ମିଶରର ଇଂଜିନିୟରମାନେ ଏହି ଦେଶରେ ତିଆରି କରିଥିଲେ । ସେ ଦେଶରେ ଇତିହାସ ଲେଖାହୋଇ ଏହି ପିରାମିଡ୍ ତଳେ ସାଇତି ଦିଆଯାଇଥିଲା । ଆଫ୍ରିକା ମହାଦେଶର ଏକାବେଳକେ ଉତ୍ତର ଅଂଶରେ ଏହା ରହିଛି । ପ୍ରସିଦ୍ଧ ନୀଳ ନଦୀ ପଟୁ ପକାଇ ଏ ଦେଶକୁ ତିଆରି କରିଛି । ଏହାର ଉତ୍ତର ପୂର୍ବ ଅଂଶଟି ଏସିଆ ମହାଦେଶ ସହିତ ଲାଗି ଯାଇଛି । ଏସିଆର ଯେଉଁ ଅଂଶର ଲୋକେ ଦିନେ ଖୁବ୍ ସଭ୍ୟ ଥିଲେ, ସେହିମାନେ ମିଶରକୁ ଆସୁଥିଲେ । ତେଣୁ ଏସିଆର ସଭ୍ୟତା ଏ ଦେଶରେ




(ଇଜିପ୍ଟ)

ଚେର ମାଡ଼ିଥିଲା । ଏହାର ଉତ୍ତର ସୀମାରେ ରହିଛି ଭୂମଧ୍ୟସାଗର । ଏହି ସାଗରର ଉତ୍ତରରେ ଇଉରୋପ ମହାଦେଶ । ତେଣୁ ମିଶରଟି ତିନି ମହାଦେଶର ମିଳନ ସ୍ଥଳ । ଇଜିପ୍ଟର ଅନ୍ୟନାମ ହେଲା ମିଶର ।

ପାଞ୍ଚ ହଜାର ବର୍ଷ ପୂର୍ବେ ଏହି ଦେଶର ଲୋକେ ତୀର, ଧନୁ ତିଆରି ବିଦ୍ୟାରେ ଧୁରନ୍ଧର ହୋଇଯାଇଥିଲେ । ମିଶରୀୟମାନେ ବହୁ ହଜାର ବର୍ଷ ପୂର୍ବେ ଅତି ଚମତ୍କାର ବଡ଼ ବଡ଼ ନୌକାସବୁ ତିଆରି କରୁଥିଲେ ।

---

"ଲକ୍ଷ୍ୟ ସ୍ଥଳରେ ପହଞ୍ଚିବାକୁ ଇଚ୍ଛା କରୁଥିଲେ ଗୋଟିଏ ରାସ୍ତାରେ ଆଗେଇ ଯାଅ-ଏଣେତେଣେ ବୁଲାବୁଲି କରନାହିଁ ।"

--ସେନେକା

ଏହାର କ୍ଷେତ୍ରଫଳ ୩, ୮୬, ୨୨୯ ବର୍ଗମାଇଲ ବା ୯, ୯୭, ୭୩୯ ବର୍ଗକିଲୋମିଟର । ରାଜଧାନୀର ନାମ କାଏରୋ ବା କାହାରା । ଲୋକସଂଖ୍ୟା ହେଉଛି ୫ କୋଟି ୭୧ ଲକ୍ଷ । ଦେଶର ବହୁ ଅଂଶ ମରୁଭୂମି । ନୀଳ ନଦୀ କୂଳେ କୂଳେ କୃଷିଯୋଗ୍ୟ ଜମି ରହିଛି । ୧୩୦୦ ବର୍ଷ ଧରି ଏ ଦେଶର ଲୋକେ ଆରବୀ ଭାଷାକୁ ଆଦରି ଯାଇଛନ୍ତି । ଲୋକମାନଙ୍କର ଧର୍ମ ହେଉଛି - ଇସ୍‌ଲାମ ।

ନୀଳ ନଦୀ ଉପରେ ଅଶ୍ୱାନବନ୍ଧ ତିଆରି କରି ଜଳସେଚନର ବ୍ୟବସ୍ଥା କରାଯାଇଛି । ୧୯୭୦ରେ ଏ ବନ୍ଧ ଶେଷ ହୋଇଥିଲା । ପେଟ୍ରୋଲ ଓ ପ୍ରାକୃତିକ ଗ୍ୟାସ୍ ମାଟି ତଳେ ରହିଛି ।

**ଇଞ୍ଜିନ** : ଏହି ଶବ୍ଦଟି ସହିତ ଉଣା ଅଧିକେ ସମସ୍ତେ ପରିଚିତ । ମଟରରେ ଆସୁଥିଲ । ଇଞ୍ଜିନଟା ଖରାପ ହୋଇଗଲା । ଗୁଡ଼ାଏ ରେଳଡବା ଥିବାରୁ ରେଳଗାଡ଼ିର ଆଗରେ ଗୋଟାଏ ଇଞ୍ଜିନ, ପଛରେ ଗୋଟାଏ ଇଞ୍ଜିନ । ଇନ୍ଧନ ଭିତରେ ଶକ୍ତି ବା ଏନର୍ଜି ରହିଛି । ଏଇ ଶକ୍ତିକୁ ଗୋଟାଏ ଲୁହା ତିଆରି ଗାଡ଼ି ଚଳାଇବାରେ ଯେଉଁ ମେଶିନଟି ବ୍ୟବହାର ହୋଇଛି, ତାକୁ ଇଞ୍ଜିନ କୁହାଯାଉଛି । ବୁଝିବାପାଇଁ ଆହୁରି ସହଜ ହେବ ବୋଲି ବିଜ୍ଞାନୀମାନେ ଆମକୁ କୁହନ୍ତି - ମୋ ହାତଗୋଡ଼କୁ ଲକ୍ଷ୍ୟକର । ଦେଖିବ ବହୁ ସଂଖ୍ୟକ ମାଂସପେଶୀ ଖଞ୍ଜାଯାଇଛି । ହାଡ଼ ଖଞ୍ଜାଯାଇ ଯେଉଁ ଶରୀର ଗଢ଼ାଯାଇଛି, ତାକୁ ଚଳାଇ ନେବା ପାଇଁ ଇଞ୍ଜିନ ଦରକାର । ଏ ମାଂସପେଶୀ ଗୁଡ଼ିକ ହେଉଛନ୍ତି ସେଭଳି ଗୋଟିଏ ଗୋଟିଏ ଇଞ୍ଜିନ । ଦେହରେ ପ୍ରାୟ ଦୁଇଶହ ଖଣ୍ଡ ହାଡ଼ ରହିଛି । ସେଗୁଡ଼ିକୁ ଭିନ୍ନ ଭିନ୍ନ ଭାବରେ ଚଳାଇବାପାଇଁ ଛ' ଶହଟା ଇଞ୍ଜିନ ଖଞ୍ଜାଯାଇଛି ବୋଲି କୁହାଯାଏ । ମଟର ଇଞ୍ଜିନ ଚଳାଇବାପାଇଁ ପେଟ୍ରୋଲ ବା ଡିଜେଲ ଦରକାର ହେଉଛି । କୋଇଲା ଭଳି ଜାଳେଣି ସାହାଯ୍ୟରେ ରେଳଗାଡ଼ି ଚାଲୁଛି । ମାଂସପେଶୀ ଇଞ୍ଜିନକୁ ଜାଳେଣି ବା ଫୁଏଲ ଯୋଗାଉଛି ଆମ ଖାଦ୍ୟ । ତେଣୁ ମୋଟାମୋଟି ଭାବରେ ଏହାକୁ କୁହାଯାଇପାରେ ଯେ ଏନର୍ଜିକୁ ଯନ୍ତ୍ରବଳ (force) ବା ଗତିରେ ପରିଣତ କରିବାପାଇଁ ଯେଉଁ ମେସିନ ତିଆରି ହେଉଛି, ତା'ରି ନାମ ଇଞ୍ଜିନ ।

ସରଳ, ଜଟିଳ ବହୁ ପ୍ରକାରର ଇଞ୍ଜିନ ରହିଛି । ମଟରଗାଡ଼ି ହୁଡ଼ଟାକୁ ଟେକିଦେଲେ ତା' ଭିତରେ




(ପେଟ୍ରୋଲ ମଟର ଇଞ୍ଜିନ୍‌ର ଭିନ୍ନ ଭିନ୍ନ ଅଂଶ : ୧-ଫ୍ୟାନ୍, ୨-କ୍ରାଙ୍କ୍‌ସାଫଟ୍, ୩-ଫ୍ୟାନ୍ ବେଲଟ୍, ୪-ପିଷ୍ଟନ, ୫-କଗ୍ ହୁଇଲ, ୬-ସିଲିଣ୍ଡର, ୭-ଏୟାର ଫିଲଟର, ୮-ଏୟାର ଇନ୍‌ଲେଟ୍, ୯-ଡିଷ୍ଟ୍ରିବ୍ୟୁଟର, ୧୦-ସ୍ପାର୍କ ପ୍ଲଗ ।)

“ଯେଉଁମାନଙ୍କ ମନ ଛୋଟ, ସେମାନଙ୍କୁ ବିପଦ ଜବତ କରିଦିଏ - କିନ୍ତୁ ଯାହାର ମନ ବଡ଼ ସେ ବିପଦକୁ ପରାସ୍ତ କରିଦିଏ ।”

--ଇର୍‌ଭିଙ୍ଗ୍

ଯେଉଁ ଇଞ୍ଜିନ ଅଛି ତା'ଦେହରେ କେତେ ପ୍ରକାରର ପାର୍ଟ ରହିଛି, ଦେଖି ପାରିବ । ଏଠା ଚିତ୍ରଟିକୁ ଦେଖିଲେ ମଧ୍ୟ ଅନୁମାନ କରିପାରିବ ।

**ଇଞ୍ଜିନିଅରିଙ୍ଗ୍ :** ପ୍ରକୃତି ମାଟି ସୃଷ୍ଟି କରିଛି, ପଥରକୁ ସୃଷ୍ଟିକରିଛି । ମନୁଷ୍ୟ ସେହି ମାଟିକୁ ଚକଟି ଇଟା ତିଆରି କରି ଘର ତିଆରି କାମରେ ଲଗାଇଛି । ପଥରକୁ ମଧ୍ୟ ଛୋଟ ଛୋଟ କରି କାଟି ସେହି ଉଦ୍ଦେଶ୍ୟରେ ବ୍ୟବହାର କରୁଛି । ଏହିସବୁ କାମ କରାଇବାପାଇଁ ଖାସ୍ ତାଲିମ ପାଇଥିବା ଲୋକସବୁ ଅଛନ୍ତି । ସେହିମାନେ କାରିଗରମାନଙ୍କୁ ବତାଇ ଦେଲେ ସେମାନେ ଘର, ମନ୍ଦିର, ପ୍ରାସାଦ ସବୁ ତିଆରି କରିଦେଉଛନ୍ତି । ପ୍ରକୃତିଠାରୁ ଦାନ ସ୍ୱରୂପ ପାଇଥିବା ପଦାର୍ଥକୁ କାମରେ ଲଗାଇବା ପାଇଁ ମେସିନ୍ ସବୁ ଦରକାର ହେଉଛି । ଖାସ୍ କାମ ପାଇଁ ଖାସ୍ ମେସିନ୍ ଦରକାର । ସିମେଣ୍ଟ ତିଆରି ନ ହେଲେ ଘର ହୋଇ ପାରୁନାହିଁ । ସିମେଣ୍ଟ ତିଆରି ମେସିନ୍ ଓ ତା'କୁ ବସାଇବାକୁ କେମିତିକା ଘର ଦରକାର ତାହା କେତେକ ଲୋକ ନିଜ ବୁଦ୍ଧିରୁ କରିଦେଉଛନ୍ତି । ନଦୀ ଉପରେ ପୋଲ ତିଆରି ନ ହେଲେ ଚଳାଚଳରେ ଅସୁବିଧା । ପୋଲକୁ କେମିତି ଭାବରେ ତିଆରି କଲେ ତାହା ଦବିଯିବ ନାହିଁ, ବହୁଦିନ ଯାଏ ରହିବ ତା'ର ବ୍ୟବସ୍ଥା ହେବା ଦରକାର । ଏହିସବୁ କାମ ଯେଉଁମାନେ କରୁଛନ୍ତି ସେମାନଙ୍କୁ କୁହାଯାଉଛି ଇଞ୍ଜିନିୟର ।

ହଜାର ହଜାର ବର୍ଷ ପୂର୍ବେ ମଧ୍ୟ ଖୁବ୍ ଦକ୍ଷ ଇଞ୍ଜିନିୟର ଥିଲେ । ତାହା ନ ହେଲେ ମିଶରର ପିରାମିଡ୍ ତିଆରି ହୋଇ ପାରିନଥାନ୍ତା । ଆଜି ମଧ୍ୟ ଅତି ପାଠପଢୁଆ ଇଞ୍ଜିନିୟର ସେହି ପିରାମିଡ୍‌କୁ ଚାହିଁ କହୁଛନ୍ତି ସେକାଳର ଇଞ୍ଜିନିୟର ମାନଙ୍କର ବୁଦ୍ଧି କେମିତି ଥିଲା । ସାଧାରଣ ଭାବରେ ଇଞ୍ଜିନିୟର କହିଲେ ବୁଝାଏ ଯେଉଁମାନେ କୋଠାବାଡ଼ି ସବୁ ତିଆରି କରୁଛନ୍ତି । କିନ୍ତୁ ବିଜୁଳି କାରଖାନା ତିଆରି କରିବା, ଦୂର ଦୂରକୁ ବିଜୁଳି ଶକ୍ତି ନେଇଯିବା, ବଡ଼ ବଡ଼ ମେସିନର ନକ୍ସା କରିବା ଇତ୍ୟାଦି ପାଇଁ ଭିନ୍ନ ଭିନ୍ନ ଶ୍ରେଣୀର ଇଞ୍ଜିନିୟର ଅଛନ୍ତି । ପୋଲ, ରାସ୍ତା, ସୁଡ଼ଙ୍ଗ, ବନ୍ଦର, ଉଡ଼ାଜାହାଜ ଷ୍ଟେସନ ସବୁ ଏଭଳି ଭାବରେ ତିଆରି ହେବା ଉଚିତ ଯେ କୌଣସିଟି ଗୋଟାଏ ଗୋଳମାଳ ହୋଇ ସେଗୁଡ଼ିକ ଯେମିତି ଭାଙ୍ଗି ନ ଯିବ ବା ଖରାପ ହୋଇ ନ ଯିବ । ଜମିରେ ଜଳସେଚନ ହେବ । ସେଥିପାଇଁ ଜଳସେଚନ ଇଞ୍ଜିନିୟର ଦରକାର । ପନ୍ଦର, କୋଡ଼ିଏ, ଏପରିକି ପଚାଶ ଷାଠିଏ ମହଲା କୋଠା ତିଆରି ହେବ । ତିଆରିରେ ସାମାନ୍ୟ ଭୁଲ୍ ରହିଗଲେ ମହାବିପଦ । କେତେକ ଶ୍ରେଣୀର ଇଞ୍ଜିନିୟର କେବଳ ସେହି ଦିଗରେ ଚିନ୍ତା କରୁଛନ୍ତି । ଯେତେବେଳେ ଖୁବ୍ ବଡ଼ ବଡ଼ କାରଖାନା ତିଆରି ହେଲା ସେତେବେଳେ ଇଞ୍ଜିନିୟରିଙ୍ଗ କୌଶଳ ଲୋଡ଼ା ପଡ଼ିଲା ବଡ଼ ବଡ଼ ମେଶିନ ତିଆରି କରିବା ପାଇଁ । ଇଞ୍ଜିନିୟରିଙ୍ଗ ବିଦ୍ୟାର ବହୁ ଶାଖା ମେଲିଗଲାଣି । ଦିନେ ଦେଖିଲା ବେଳକୁ ପେଟ୍ରୋଲିୟମ ଇଞ୍ଜିନିୟରିଙ୍ଗ କଥା କୁହାଯାଉଛି । ସମର-ଇଞ୍ଜିନିୟର ସବୁ ଅଛନ୍ତି । ଶତ୍ରୁ ସୈନ୍ୟ ମାଡ଼ି ଆସୁଛନ୍ତି । ଗୋଟାଏ ନଦୀର ପୋଲକୁ ଭାଙ୍ଗି ନଦେଲେ ସେମାନେ ସହଜରେ ପଶିଆସିବେ । ଅତି ଶୀଘ୍ର କେମିତି ଭାଙ୍ଗି ଦେବାକୁ ପଡ଼ିବ ସେଥିପାଇଁ ସ୍ୱତନ୍ତ୍ର ତାଲିମ ଦରକାର । ଶତ୍ରୁ ସୈନ୍ୟ ହଟି ପଳାଇଲେ ସେମାନଙ୍କ ପିଛା ଧରିବା ପାଇଁ ନଦୀର ସେହି ସ୍ଥାନରେ ଗୋଟିଏ ପୋଲ ତିଆରି କରି ଦେବାକୁ ହେବ । ସେଠାରେ ସମର ଇଞ୍ଜିନିୟର ମାନଙ୍କର ବାହାଦୁରୀ ପରୀକ୍ଷା ହୁଏ । ମୋଟ ଉପରେ ଇଞ୍ଜିନିୟରିଙ୍ଗ ବିଦ୍ୟାର ବହୁ ସଂଖ୍ୟକ ଶାଖା ମେଲୁଛି । ସେଥିରୁ ପୁଣି ଛୋଟ ଛୋଟ ଶାଖା ବାହାରି ପଡ଼ିଛି ।

"ଜଣେ ଦୁଷ୍ଟ ଲୋକ ଦିନେ ହୁଏତ ଭଲ ହୋଇଯିବ; କିନ୍ତୁ ନୀଚ ଲୋକର ଭବିଷ୍ୟତ ଅନ୍ଧକାରମୟ ।"

--ବିଚର୍

**ଇଟା :** ଖରା-ବର୍ଷାରୁ ରକ୍ଷା ପାଇବା ପାଇଁ ମନୁଷ୍ୟ ଯେଉଁ ଯୁଗରେ ଘର ତିଆରି କଲା ସେତେବେଳେ କାନ୍ଥ ଦେବାର ଉପାୟ ବାହାର କରାଗଲା । ମାଟିକୁ ଚକଟି ଦୁଆ ଦୁଆ କାନ୍ଥ ଦେଇ ଶେଷରେ ଛାତ ପର୍ଯ୍ୟନ୍ତ ନିଆଯାଉଥାଏ । ମାଟି ଶୁଖିଗଲେ କାନ୍ଥ ମଜବୁତ ହୋଇଯାଏ । ଏଭଳି ମେଞ୍ଚା ମେଞ୍ଚା ଚକଟା ମାଟିରେ ଯେଉଁ କାନ୍ଥ ତିଆରି ହୋଇଥାଏ, ସେଗୁଡ଼ିକୁ ସୁନ୍ଦର କରିବାପାଇଁ ସମୟ ଲାଗେ - ପରିଶ୍ରମ ଲୋଡ଼ା । କେହି ଜଣେ ଲକ୍ଷ୍ୟ କଲେ ଯେ କଞ୍ଚା ବା ଓଦା ମାଟିରେ କାନ୍ଥ ଦେଲାବେଳକୁ ଆଉ ଗୋଟିଏ ଅସୁବିଧା ହେଲା । ହାତେ ବା ଦୁଆଏ କାନ୍ଥ ଦେଇଦେଲାପରେ କିଛିଦିନ ଅପେକ୍ଷା କରିବାକୁ ପଡ଼ିବ । ତାହା ଶୁଖିଲେ ଯାଇଁ ଆଉ ଦୁଆଏ ଦେବାକୁ ପଡ଼ିବ । ଏକାବେଳକେ ଉପରକୁ ଉପରକୁ ନଦିଦେଲେ ଭୁଷୁଡ଼ି ପଡ଼ିବ ।

ଜଣେ ବୁଦ୍ଧି ବାହାର କଲେ ଯେ ଚକଟା ମାଟି ସମାନ ସାଇଜର ଛୋଟ ଛୋଟ ଖଣ୍ଡ କରିଦେଲେ ଖରାରେ ଶୁଖାଇ ଦେଇହେବ ଓ ସେତକ ଶୁଖିଗଲେ ଉପରକୁ ଉପରକୁ ଖଞ୍ଜିଦେଇ ଅଳ୍ପ ସମୟ ଭିତରେ କାନ୍ଥ ତିଆରି କରିହେବ । ଏଇଟା ଥିଲା କଞ୍ଚାଇଟା ଯୁଗ । ଗୋଟାଏ ଜାଗାରେ କଞ୍ଚାଇଟା ତିଆରି ହୋଇ ଶୁଖୁଛି । ଶୀତଦିନ ରାତିରେ ତା' ପାଖରେ କାଠଜାଳି ଲୋକେ ନିଆଁ ପୁଇଁଲେ । ସକାଳକୁ ଦେଖିଲା ବେଳକୁ କେତେଗୁଡ଼ାଏ ଇଟା ବେଶ୍ ଟାଣ ହୋଇଯାଇଛି । ଅଧା ଅଧା ଲାଲ ମଧ୍ୟ ଦେଖାଯାଉଛି । ସେଇଥିରୁ ଶିକ୍ଷାପାଇ କଞ୍ଚାଇଟାକୁ ପୋଡ଼ାହେଲା ଓ ଆଜି ଆମେ ଯେଉଁ ଇଟା ଦେଖୁଛୁ ତା'ର ଜନ୍ମ ସେତିକିବେଳେ ହେଲା । ସେଇଟାକୁ ପୋଡ଼ାଇଟା ଯୁଗ ବୋଲି କୁହାଗଲା । ମାଟି ଚକଟି ଇଟା ଉପରକୁ ଉପରକୁ ଯୋଡ଼ି ଦେବା ସହଜ ହୋଇଗଲା । କାଳକ୍ରମେ ଚୂନରେ ଇଟା ଯୋଡ଼ା ହେଲା ଓ ଶେଷକୁ ଇଟା ଓ ସିମେଣ୍ଟର ଯେଉଁ କାନ୍ଥ ତିଆରି କରିଦିଆଯାଉଛି ତାହା ପଥର ପରି ମଜବୁତ୍ ହୋଇଯାଉଛି ।

ଛୋଟ ଛୋଟ ଇଟା ତିଆରି ହେଲାରୁ କାରିଗରମାନେ ସହଜରେ ନାନା ପ୍ରକାରର ନୂଆ ନୂଆ ଡିଜାଇନର ଘର କଲେ । ବଡ଼ ବଡ଼ ଚଉଖୁଣ୍ଟିଆ ପଥର ଖଞ୍ଜି ଯାହା କରାଯାଇ ପାରୁ ନଥିଲା ତାହା କରାଯାଇ ପାରିଲା । ସେଥିଯୋଗୁ କୁହନ୍ତି ଇଟା ଯଦି ନ ବାହାରି ଥା'ନ୍ତା, ଏତେ ସୁନ୍ଦର ସୁନ୍ଦର ଖିଲାଣ, କାନ୍ଥ ଓ ସେହିଭଳି ସବୁ ଜିନିଷ କରାଯାଇ ପାରିନଥା'ନ୍ତା । ଅନୁମାନ କରାଯାଉଛି ଛ' ହଜାର ବର୍ଷ ପୂର୍ବେ ପ୍ରଥମେ ମନୁଷ୍ୟ ଇଟା ତିଆରି କୌଶଳ ଶିଖିଲା । ସେତେବେଳେ କେବଳ କାଠରେ ଇଟା ପୋଡ଼ା ଯାଉଥିଲା । ପରେ କୋଇଲାରେ ପୋଡ଼ା ହେଲା । କୋଇଲା ପୋଡ଼ା ଇଟା ଖୁବ୍ ଟାଣ ଓ କିଛି ଗୋଟାଏ ତିଆରି କଲାବେଳେ ସହଜରେ ଭାଙ୍ଗିଲା ନାହିଁ । ଭିନ୍ନ ଉଦ୍ଦେଶ୍ୟରେ ଭିନ୍ନ ଭିନ୍ନ ପ୍ରକାର ଇଟା ପୋଡ଼ାଯାଉଛି । ଲୁହା କାରଖାନାରେ ଯେଉଁ ବଡ଼ ଖାତ ରହୁଛି ତା'କାନ୍ଥରେ ଖୁବ୍ ଟାଣ ଇଟା ଖଞ୍ଜାଯାଉଛି । ସାଧାରଣ ଇଟା ସେଥିରେ କାମ ଦେବନାହିଁ । କାରଣ ଲୁହା ତରଳାଇବା ପାଇଁ ଯେଉଁ ଉତାପ ଦରକାର ସେଥିରେ ସେ ଇଟା ତରଳି ଯିବ । ତେଣୁ ସ୍ୱତନ୍ତ୍ର ଭାବରେ "ଅଗ୍ନି-ସହ ଇଟା" ତିଆରି କରାଯାଉଛି । ସେହି ଇଟା ସେଇ ଉତାପକୁ ସମ୍ଭାଳୁଛି । ପ୍ରାୟ ଛ' ହଜାର ବର୍ଷ ପୂର୍ବେ କେମିତି କଞ୍ଚା ଇଟା ତିଆରି ହେଉଥିଲା ତା'ର ନମୁନା ଇରାନ୍ ପାରସ୍ୟ ଦେଶରେ ଏବେ ମିଳୁଛି ।

**ଇଣ୍ଡିୟମ :** ପ୍ରକୃତି ପ୍ରଥମେ ଯେଉଁ ୯୨ଟି ମୂଳ ରାସାୟନିକ ଉପାଦାନ ତିଆରି କରିଥିଲା ଇଣ୍ଡିୟମ ତାହାରି ଭିତରୁ ଗୋଟିଏ । ୧୮୬୩ ପର୍ଯ୍ୟନ୍ତ ଏହା

"ଯେଉଁମାନେ ତୁମକୁ ଈର୍ଷା ଚକ୍ଷୁରେ ଦେଖନ୍ତି ସେହିମାନେ ଯଦି ତୁମର ପ୍ରଶଂସା କରିବାକୁ ବାଧ୍ୟ ହେଲେ, ତାହାହେଲେ ପ୍ରମାଣିତ ହେବ ଯେ ତୁମଠାରେ ପ୍ରକୃତ ଯୋଗ୍ୟତା ଅଛି ।

--ରୋସେଫ୍‌କଲ

ମୁହଁଛପା ଦେଇ ରହିଥିଲା । ବିଜ୍ଞାନୀମାନେ ଏହାକୁ ଚିହ୍ନି ନଥିଲେ । ଫର୍ଡିନାଣ୍ଡ ରାଇକ୍ ଓ ଥିଓଡର ରିକ୍ଟର ଜିଙ୍କ୍ ପଥରର ନମୁନା ପରୀକ୍ଷା କରୁ କରୁ ଏହି ନୂଆ ଚିଜଟିକୁ ଚିହ୍ନିଦେଲେ । ତାହାର ରଙ୍ଗ ଟିକିଏ ନେଳିଆସିଆ ଥିବାରୁ ତା' ନାଁ ରଖିଲେ ଇଣ୍ଡିୟମ୍ । ସୀସାଠାରୁ ଏହା ନରମ । ନଖରେ ଦାଗ ଦେଇଦେଲେ ଚିହ୍ନ ରହିଯାଏ । ରୁପା ଯେମିତି ବେଶୀ ପରିମାଣରେ ନାହିଁ, ଇଣ୍ଡିୟମ ମଧ୍ୟ ସେମିତି ବେଶୀ ପରିମାଣରେ ନାହିଁ । ଜିଙ୍କ୍ ଓ ସୀସା ପଥର ସାଙ୍ଗରେ ଏହା ଅତି ଅଳ୍ପ ପରିମାଣରେ ଥାଏ । ଉଡ଼ାଜାହାଜ ଇଞ୍ଜିନ ଦେହରେ ଇଣ୍ଡିୟମ ବୋଳିଦେଲେ ଏହା ମଜବୁତ ହୋଇରହେ । ଏବେ ଯେଉଁ 'ଅର୍ଦ୍ଧ ପରୀବାହୀ' ବ୍ୟବସ୍ଥା ବାହାରିଛି ସେଥିପାଇଁ ଇଣ୍ଡିୟମ ଦରକାର ପଡୁଛି ।

**ଇଣ୍ଡୋନେସିଆ :** ଦିନେ ଓଡ଼ିଆ ବଣିକମାନେ ଯେଉଁ ଜାଭା, ବାଲି, ସୁମାତ୍ରା ଦ୍ୱୀପକୁ ବଣିଜ ପାଇଁ ଯାଉଥିଲେ ସେହିସବୁ ଦ୍ୱୀପ ସାଙ୍ଗକୁ ଆହୁରି ଅନେକ ଦ୍ୱୀପକୁ ମିଶାଇ ଇଣ୍ଡୋନେସିଆ ଦେଶ ସୃଷ୍ଟି ହୋଇଛି । ଦକ୍ଷିଣ-ପୂର୍ବ ଏସିଆରେ ଏହା ରହିଛି । ଏହି ଦ୍ୱୀପ-ଦେଶରେ ୧୭,୫୦୮ଟି ଛୋଟ ବଡ଼ ଦ୍ୱୀପ ଅଛି । ଦେଶଟି ଲମ୍ବା ହୋଇ ୫୦୦୦କି. ମି. ବ୍ୟାପିଛି । ରାଜଧାନୀର ନାମ ଜାକର୍ତ୍ତା । ୧୯୯୩ରେ ଲୋକସଂଖ୍ୟା ଥିଲା ପ୍ରାୟ ୧୯ କୋଟି । ଏଥିରେ ପ୍ରାୟ ୨୦୦ ଆଗ୍ନେୟଗିରି ରହିଛି ଓ ଘନ ଜଙ୍ଗଲ ମଧ୍ୟ ଅଛି । ଭାରତର ଲୋକେ ଦିନେ ଏହି ଦେଶରେ ନିଜର ସଭ୍ୟତାର ପ୍ରଭାବ ପକାଇଥିଲେ । ଇଣ୍ଡୋନେସିଆ ଦେଶରେ ଯେଉଁ ବିମାନ ସେବା ଅଛି, ତା'ର ନାମ ଗରୁଡ଼ । ସେ ଦେଶର ଭାଷାର ନାମ 'ବାହାସା' । ବର୍ଷ ତମାମ୍ କିଛି କିଛି ବର୍ଷା ହେଉଥାଏ । ବହୁ ପରିମାଣରେ ଖଣିଜ ପଥର ଓ ତେଲ ରହିଛି । ରବର ଓ ଧାନ ବାହାରକୁ ରପ୍ତାନୀ କରାଯାଏ । ବହୁ ପରିମାଣରେ କାଠ ମଧ୍ୟ ପଠାଯାଏ । ଲୋକମାନଙ୍କ ଭିତରୁ ଅଧିକାଂଶ ମୁସଲମାନ ହେଲେ ମଧ୍ୟ ଏବେ ଗାଁ ଗହଳରେ ରାମାୟଣ, ମହାଭାରତ ନାଟକ ଓ ଯାତ୍ରା ମାଧ୍ୟମରେ ପ୍ରଚ୍ଚର କରାଯାଏ । ଦେଶର ୧୯ କୋଟି ଲୋକଙ୍କ ଭିତରୁ କେବଳ ଜାଭା ଦ୍ୱୀପରେ ଅଛନ୍ତି ପ୍ରାୟ ୬୦ ଭାଗ ।




( ଇଣ୍ଡୋନେସିଆ )

ଶହକେ ୭୭ ଜଣ ଲେଖାପଢ଼ା ଜାଣନ୍ତି ।

**ଇତିହାସ :** ଆଜି ଯାହାସବୁ ଘଟିଯାଉଛି ସେ ସବୁକୁ ମନରେ ରଖିଲେ ଭବିଷ୍ୟତରେ ବହୁତ କିଛି ଉପକାର ହୁଏ । ଏହି କାମଟା କଲା ଫଳରେ ମନୁଷ୍ୟର ଲାଭ ହୋଇଛି, ଏଇଟା କଲାରୁ କ୍ଷତି ହୋଇଛି - ଏହି ଆଲୋଚନା ବରାବର ଲୋକମାନଙ୍କ ଭିତରେ ହୁଏ । ଯେଉଁଟା ଭୁଲ ହୋଇଛି ତାକୁ ଆଉଥରେ ଯେମିତି ନ କରାଯାଏ ସେଥିପାଇଁ ଲୋକେ ସାବଧାନ ହୁଅନ୍ତି । ଆଜି ଯାହା ଘଟିଲା ସେ ବିଷୟରେ ଛ' ମାସ ବା ବର୍ଷକ ପରେ ଆଲୋଚନା କଲାବେଳେ କୁହାଯାଏ ଏଇଟା ହେଉଛି ଇତିହାସ, ଅର୍ଥାତ ଏହା ଅବଶ୍ୟ ଘଟିଛି । ଯେଉଁ ଯୁଗରେ ମନୁଷ୍ୟ କୌଣସି କଥାଟିକୁ ଲେଖିଦେଇ ଯାଇପାରୁ ନଥିଲା ସେ ଯୁଗରେ ଇତିହାସ ଥିଲା ମୁହଁର କଥା । ଜଣକର ଯାହା ମନେ ଅଛି ସେତକ ସେ ଅନ୍ୟମାନଙ୍କୁ ବା ପୁଅ ନାତିଙ୍କୁ କହି ଦେଉଛି । ମୁହଁର କଥା ହୋଇଥିବାରୁ ମନୁଷ୍ୟ କେତେ ଗୁଡ଼ିଏ କଥାକୁ ଭୁଲିଯାଉଥିଲା । ତେଣୁ ଠିକ୍ ଠିକ୍ ଇତିହାସ ରହୁ ନଥିଲା । କିନ୍ତୁ ମଣିଷ ଯେତେବେଳେ ଅକ୍ଷର ଶିଖିଲା, ଲେଖିଲା, ତାହାର ମନ ହେଲା ଯେଉଁଗୁଡ଼ିକ ଅସଲ ଅସଲ କଥା ସେତକ ଲେଖି ଦେଇଯିବ । ବହୁ ହଜାର ବର୍ଷ ପୂର୍ବେ ଯାହାସବୁ ଘଟୁଥିଲା ତାକୁ ପୃଥିବୀର କେତେକ ଦେଶର ଲୋକେ ପଥର ଦେହରେ ଲେଖିଦେଇ ଯାଉଥିଲେ । ପରେ ଆସିଗଲା କାଗଜ କଲମର ଯୁଗ । ସେତେବେଳେ ବହୁତ କଥାକୁ ସହଜରେ ଲେଖି ରଖି ଦିଆଗଲା ଓ ଆଜି ଆମେ ତାକୁହିଁ ଇତିହାସ ବୋଲି କହୁଛୁ । ସେହି ଇତିହାସ ବହି କହିଦେଉଛି ଗୋଟାଏ ଜାତି କେତେ ଦୂରକୁ ସଭ୍ୟ ଥିଲା, କେତେଦୂରକୁ ଅସଲ ଅସଲ ଜ୍ଞାନ ଅର୍ଜନ କରିଥିଲା । ଯେଉଁ ଦେଶରେ ଭଲ ଭାବରେ ଇତିହାସ ଲେଖାଯାଇଛି ସେ ଦେଶରେ ଲୋକେ କେମିତି ଉନ୍ନତି କରିଥିଲେ ତାହାର ପ୍ରମାଣ ମିଳୁଛି । ଏହିସବୁ କାରଣରୁ ଇତିହାସ ହୋଇଯାଉଛି ଗୋଟିଏ ଜ୍ଞାନ ପୁସ୍ତକ । ଚୀନ ଓ ମିଶର ବା ଇଜିପ୍ଟ ଦେଶରେ ହଜାର ହଜାର ବର୍ଷର ଇତିହାସ ରୀତିମତ ଲେଖା ହୋଇ ରହିଛି । ସେ ସବୁକୁ ପଢ଼ିଲେ ମଣିଷ ଜାତି ନିଜର ଉନ୍ନତି ପାଇଁ କେମିତି କ'ଣ ସବୁ କରନ୍ତି ତାହା ଜଣାପଡୁଛି । ମୋଟ ଉପରେ ଏତିକି କୁହାଯାଇପାରେ, ସମସ୍ତେ ଭଲ ଭାବରେ ଇତିହାସ ପଢ଼ିବା ଦରକାର । ସେମିତି ପଢ଼ିଲେ ବହୁତ କିଛି ଲାଭ ହେବ ।

**ଇନ୍ଦିରା ଗାନ୍ଧୀ** (୧୯୧୭-୮୪) : ସ୍ୱାଧୀନ ଭାରତରେ ତିନିଥର ଇନ୍ଦିରା ଗାନ୍ଧୀ ପ୍ରଧାନମନ୍ତ୍ରୀ ଆସନରେ ବସିଛନ୍ତି । ୧୯୮୪ ଅକ୍ଟୋବର ୩୧ ତାରିଖ ଦିନ ତାଙ୍କ ଜୀବନରକ୍ଷା ଦାୟିତ୍ୱରେ ଥିବା ଜଣେ ପ୍ରହରୀ ତାଙ୍କୁ ଗୁଳିକରି ମାରିଦେଲା ।

ଇନ୍ଦିରାଙ୍କ ପିତା ଜବାହାରଲାଲ ନେହରୁ ଭାରତର ମୁକ୍ତି ସଂଗ୍ରାମର ପ୍ରସିଦ୍ଧ ସେନାପତି ଓ ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ । ଜବାହରଲାଲଙ୍କର ପିତା ମୋତିଲାଲ ନେହରୁ ଥିଲେ ମହାତ୍ମା ଗାନ୍ଧୀଙ୍କର ସହକର୍ମୀ । ସେ ମଧ୍ୟ ସ୍ୱାଧୀନତା ସଂଗ୍ରାମରେ ଝାସଦେଇ



( ଇନ୍ଦିରା ଗାନ୍ଧୀ )

"ଅଜ୍ଞତାର ମାତ୍ରା ସମାଜରେ ଯେଉଁ ଅନୁପାତରେ ବଢ଼ିବ, ଶାସକଙ୍କ ସ୍ୱେଚ୍ଛାଚାରିତା ସେହି ଅନୁପାତରେହିଁ ବଢ଼ି ଚାଲିଥିବ ।"

--ସ୍ପେଗ୍

ବହୁତ କିଛି ତ୍ୟାଗ କରିଥିଲେ । ଇନ୍ଦିରାଙ୍କ ପୁତ୍ର ରାଜୀବ ମଧ୍ୟ ଭାରତର ପ୍ରଧାନମନ୍ତ୍ରୀ ହୋଇଥିଲେ ।

ଇନ୍ଦିରା ଗାନ୍ଧୀ ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟ (ଶାନ୍ତିନିକେତନ)ରେ ପାଠ ପଢ଼ିଥିଲେ ଓ ତାହା ପରେ ବିଲାତ ଯାଇ ଅକ୍‌ସଫୋର୍ଡ ବିଶ୍ୱବିଦ୍ୟାଳୟରେ ପଢ଼ିଲେ । ବିବାହ ପୂର୍ବରୁ ତାଙ୍କର ନାମ ଥିଲା ଇନ୍ଦିରା ନେହରୁ । ୧୯୪୨ରେ ସେ ଫିରୋଜ ଗାନ୍ଧୀଙ୍କୁ ବିବାହ କରିବାରୁ ତାଙ୍କର ନାମ ରହିଲା ଇନ୍ଦିରା ଗାନ୍ଧୀ । ପଣ୍ଡିତ ନେହରୁଙ୍କ ମୃତ୍ୟୁ ପରେ ଲାଲବାହାଦୂର ଶାସ୍ତ୍ରୀ ହେଲେ ଭାରତର ପ୍ରଧାନମନ୍ତ୍ରୀ । ୧୯୬୬ ଜାନୁୟାରୀରେ ଶାସ୍ତ୍ରୀଙ୍କର ହଠାତ୍ ମୃତ୍ୟୁ ହୋଇଯିବାରୁ ଇନ୍ଦିରା ଗାନ୍ଧୀ ଭାରତର ପ୍ରଧାନମନ୍ତ୍ରୀ ହେଲେ ।

**ଇନ୍ଦ୍ରାବତୀ :** ଏହି ନଦୀଟି କଳାହାଣ୍ଡି ଜିଲାର ପାହାଡ଼ିଆ ଇଲାକାରୁ ବାହାରି ଅଙ୍କାବଙ୍କା ଗତି କରି ଅବିଭକ୍ତ କୋରାପୁଟ ଜିଲା ଭିତରେ ଦେଇ ମଧ୍ୟପ୍ରଦେଶର ବସ୍ତର ଅଞ୍ଚଳକୁ ଯାଇଛି । ବସ୍ତରର ଜଗଦଲପୁର ସହରର ଉତ୍ତରକୁ ଯାଇ ଅତି ମନୋରମ ଚିତ୍ରକୁଣ୍ଡ ନାମକ ପ୍ରପାତ ସୃଷ୍ଟି କରିଛି । ପ୍ରାୟ ୫୩୦ କି. ମି. ଗତି କରିବା ପରେ ଇନ୍ଦ୍ରାବତୀ ନଦୀ ଗୋଦାବରୀ ନଦୀ ସହିତ ମିଶିଛି । ଇନ୍ଦ୍ରାବତୀ ନଦୀର ଯେଉଁ ବହୁମୁଖୀ ଯୋଜନା ହେଉଛି, ତାହା ଫଳରେ ବହୁ ପରିମାଣର ବିଜୁଳି ଶକ୍ତି ମିଳିବା ସଙ୍ଗେ ସଙ୍ଗେ ଏକ ବିରାଟ ଅଞ୍ଚଳକୁ ଚାଷ ପାଇଁ ପାଣି ଯୋଗାଇ ଦେଇହେବ ।

**ଇନ୍ଦ୍ରିୟ :** ନିଜ ଦେହଟି କେମିତି କାମ କରୁଛି କେବଳ ସେତିକି ଜାଣିଦେଲେ ଇନ୍ଦ୍ରିୟ ବୋଇଲେ କଅଣ ବୁଝାଏ ତାହା ବୁଝି ହୋଇଯିବ । ମୁଣ୍ଡ ବା ଖପୁରି ଭିତରେ ଗୋଟିଏ ନରମ ଅଙ୍ଗ ରହିଛି । ତାକୁ ମସ୍ତିଷ୍କ ବୋଲି କୁହନ୍ତି । ପରେ ଜଣାପଡ଼ିଲା ଯେ ସେହି ମସ୍ତିଷ୍କ ଭିତରେ ଏମିତିକା ବାହାଦୁରୀ ରହିଛି ଯେ ଦେହର ଅନେକ ଗୁଡ଼ିଏ କାମ ସହଜରେ ହୋଇ ଯାଉଛି ।

କିନ୍ତୁ ସେହି ମସ୍ତିଷ୍କ ପାଖରେ ବାହାରର ବହୁତ ଖବର ପହୁଞ୍ଚିବା ଦରକାର । ସେହିସବୁ ଖବର ପହଞ୍ଚାଇବା ପାଇଁ ଆମ ଦେହରେ ପାଞ୍ଚଟି ଅଙ୍ଗ ଖଞ୍ଜାଯାଇଛି । ସେଗୁଡ଼ିକର ନାମ ହେଲା ଆଖି, କାନ, ନାକ, ଚର୍ମ ଓ ଜିଭ । ଆଖି ଦେଖିଦେଲା କିଛି ଦୂରରେ ଗୋଟାଏ ଗୋଖର ସାପ ଯାଉଛି । ସେହି ଖବରକୁ ତାହା ମସ୍ତିଷ୍କ ପାଖରେ ପହଞ୍ଚାଇ ଦେଲା । ସେଇଠି ସ୍ଥିର କରାଯିବ ଲୋକଟି ଦଉଡ଼ି ପଳାଇବ ବା ଗୋଟାଏ ବାଡ଼ି ଧରି ସାପକୁ ପିଟିବ । କଅଣ କରିବ ସେ ବିଷୟରେ ସେହି ମଗଜ ଭିତରେ ସ୍ଥିର କରାଯିବ । କାନ, ନାକ, ଚର୍ମ ଓ ଜିଭ ମଧ୍ୟ ସେହିଭଳି ଗୋଟିଏ ଗୋଟିଏ ଖବର ମଗଜ ଭିତରକୁ ପଠାଇ ଦେଉଛନ୍ତି । ଫଳରେ ଆମେ ଅନେକ ବିପଦରୁ ରକ୍ଷା ପାଇ ଯାଉଛୁ । ଏହି ଇନ୍ଦ୍ରିୟ ଗୁଡ଼ିକ ଯଦି ସାହାଯ୍ୟ ନକରନ୍ତି ମଣିଷର ମସ୍ତିଷ୍କ ଦାୟିତ୍ୱ ତୁଲାଇ ପାରିବ ନାହିଁ । ଏହି ପାଞ୍ଚଟିଯାକ ଇନ୍ଦ୍ରିୟଙ୍କୁ ସମୟେ ସମୟେ ପାଞ୍ଚ ଇନ୍ଦ୍ରିୟ ବା 'ପଞ୍ଚେନ୍ଦ୍ରିୟ' ବୋଲି କୁହାଯାଏ ।

**ଇନ୍‌ଫ୍ଲୁଏଞ୍ଜା :** କେତେଗୁଡ଼ିଏ ଲକ୍ଷଣ ଦେଖିଲେ ଏହି ରୋଗ ହୋଇଛି ବୋଲି କୁହାଯାଏ । ନିଶ୍ୱାସ ପଥ ଦରଜ ହୋଇଯାଏ, ଦେହ ହାତ ଘୋଳା-ବିନ୍ଧା ହୁଏ, ମୁଣ୍ଡ ବଥାଏ, ପେଟ ଦରଜ ହୋଇଯାଏ, ଜ୍ୱର ଓ ସର୍ଦ୍ଦିର ଲକ୍ଷଣ ପ୍ରକାଶ ପାଏ, ରୋଗୀ ଦୁର୍ବଳ ହୋଇଯାଏ । ଗୋଟିଏ ରକମର ଭୂତାଣୁ ବା ଭାଇରସ୍ ଏହି ରୋଗ ସୃଷ୍ଟି କରନ୍ତି । ଗୋଟିଏ ଅଞ୍ଚଳରେ ଏହି ରୋଗ ଦେଖାଦେଲେ ବହୁଲୋକ ଏ ରୋଗରେ ପଡ଼ିଯାଆନ୍ତି । ଥରେ ଥରେ ଦେଶକୁ ଦେଶ ଏହା ବ୍ୟାପିଯାଏ । ଏ ରୋଗ ଧରିବାକୁ ବୟସର ବାଛ ବିଗ୍ଭର ନାହିଁ - ପିଲା, ବଡ଼ ସମସ୍ତଙ୍କୁ ହୁଏ । ସ୍ଥିରି ପାଞ୍ଚ ଦିନରେ ରୋଗ ଲକ୍ଷଣ କମି ଆସେ । ସାଧାରଣତଃ ଲୋକ ଏଥିରେ ମରନ୍ତି ନାହିଁ । ବୁଢ଼ା ମାନଙ୍କୁ ଏହା ସାଙ୍ଗରେ ଯଦି

"ଆଲୋକ ହେଉଛି ସତ୍ୟର ପ୍ରତୀକ ।"

--ଲୋଏଲ୍

ନିଉମୋନିଆ ଧରିଯାଏ ସେମାନେ ହୁଏତ ମରି ଯାଆନ୍ତି । ଏହାକୁ ଭଲ କରିବା ପାଇଁ ସେମିତି କିଛି ଖାସ୍ ଔଷଧ ନାହିଁ । ଲକ୍ଷଣ ଦେଖି ଚିକିତ୍ସକମାନେ ଚିକିତ୍ସା କରନ୍ତି ।

**ଇନକିଲାବ - ଜିନ୍ଦାବାଦ :** ୧୯୩୦ରେ ଯେତେବେଳେ ଲବଣ ସତ୍ୟାଗ୍ରହ ଚାଲିଲା ଓ ଇଂରେଜମାନଙ୍କ ହାତରୁ ଭାରତକୁ ମୁକ୍ତ କରିବା ପାଇଁ ବହୁ ଲୋକ ପ୍ରାଣଦେଲେ, ସେତେବେଳେ ଲକ୍ଷ ଲକ୍ଷ ଲୋକ ଏହି ଧ୍ୱନି ଦେଇ ସହରକୁ ସହର, ଗାଁକୁ ଗାଁ ବୁଲୁଥିଲେ । ୧୯୨୯ ଏପ୍ରିଲ ୮ ତାରିଖ ଦିନ ଦିଲ୍ଲୀରେ କେନ୍ଦ୍ର ଆସେମ୍ବ୍ଲିର ବୈଠକ ବସିଥାଏ । ଦର୍ଶକ ଗ୍ୟାଲେରୀରୁ ଗୋଟାଏ ବୋମା ଆସି ହଲ ମଝିରେ ପଡ଼ିଲା ।ଯେତେ ଲୋକ ସେହି ହଲ୍‌ରେ ଥିଲେ ସମସ୍ତେ ଥରି ଉଠିଲେ । ବିପ୍ଳବୀ ଭଗତ ସିଂହ ଓ ତାଙ୍କ ସାଥୀ ବଟୁକେଶ୍ୱର ଦତ୍ତ ଚିତ୍କାର କରୁଥା'ନ୍ତି - "ଇନ୍‌କିଲାବ ଜିନ୍ଦାବାଦ୍" । ସେମାନେ ଭୟରେ ସେଠାରୁ ପଳାଇ ନଯାଇ ଛାତି ଫୁଲାଇ ନିର୍ଭୟରେ ଠିଆ ହୋଇ ଖୁବ୍ ବଡ଼ ପାଟିରେ ଏହି ଧ୍ୱନି ଦେଉଥାନ୍ତି ।

ଯେଉଁଦିନ କଚେରୀରେ ସେମାନଙ୍କ ବିଚାର ହେଲା ସେଦିନ ସେମାନେ ବିଚାରପତିଙ୍କୁ କହିଲେ - "କୌଣସି ଇଂରେଜଙ୍କୁ ମାରିବା ଆମର ଉଦ୍ଦେଶ୍ୟ ନଥିଲା ।ଯଦି ସେମିତି ଥାଆନ୍ତା ତାହାହେଲେ ସେହି ହଲରେ ଥିବା ବହୁ ବଡ଼ ବଡ଼ ଇଂରେଜ ସରକାରୀ କର୍ମଚାରୀଙ୍କୁ ସହଜରେ ହତ୍ୟା କରି ହୋଇଥାନ୍ତା ।ନିଜର ଜୀବନକୁ ପାଣି ଛଡ଼ାଇ ଆମେ ଏହି ବୋମା ଫୁଟାଇ, ବିଦେଶୀ ଇଂରେଜ ସରକାରଙ୍କୁ କହିଦେବାକୁ ଇଚ୍ଛା କରୁଥିଲୁ ସେମାନେ ଏ ଦେଶରେ ଆଉ ଅଧିକ କାଳ ରହି ପାରିବେ ନାହିଁ ।ବିଦେଶୀ ସରକାର ଆମର ଏହି କଥା ଶୁଣିବାକୁ ପ୍ରସ୍ତୁତ ନଥିଲେ ।ସତେ ଯେପରିକି ସେମାନଙ୍କ କାନକୁ ଏହା ଶୁଣା ଯାଉନଥିଲା । ବୋମା ଫୁଟିବା ବେଳେ ଯେଉଁ ଶବ୍ଦ ହେଲା ତାକୁ କୌଣସି ବଦ୍ଧ କାଲା ମଧ୍ୟ ଶୁଣିପାରିବ । ଆମେ ଦୁଇଜଣ ସାମାନ୍ୟ ଲୋକ । ଆମକୁ ଫାଶୀ ଦେଇଦେଲେ ଭାରତର ଲୋକଙ୍କର ମନବଳ ତୁମେ ଭାଙ୍ଗିଦେଇ ପାରିବ ନାହିଁ । ଯେତେ ସଂଖ୍ୟକ ଫାଶୀ ଖୁଣ୍ଟ ପୋତିଲେ ମଧ୍ୟ ଗୋଟାଏ ଜାତିର ମନକୁ ଚପାଇ ଦେଇ ପାରିବ ନାହିଁ" । ଇନ୍‌କିଲାବ୍ ହେଉଛି ଗୋଟିଏ ଫାରସୀ ଶବ୍ଦ । ଏହାର ଅର୍ଥ ହେଉଛି 'ବିପ୍ଳବ' । 'ଜିନ୍ଦାବାଦ'ର ଅର୍ଥ 'ଦୀର୍ଘଜୀବୀ ହେଉ' ।

**ଇନ୍‌ସୁଲିନ୍ :** ଆମ ଦେହଟା ଯେ କାମ କରୁଛି ବା ଚଳୁଛି ତା'ର କାରଣ ହେଲା ଶରୀର ଭିତରେ ଗୋଟାଏ ପ୍ରକାରର ଉର୍ଜା ବା ଏନର୍ଜୀ ତିଆରି ହୋଇଯାଉଛି । ପେଟ୍ରୋଲ ବା କୋଇଲା ଇଞ୍ଜିନ ଚଳାଇବା ପାଇଁ ଯେଭଳି କାମ କରୁଛନ୍ତି, ଶରୀରର ମାଂସପେଶୀ ଇଞ୍ଜିନକୁ ଚଳାଇବା ପାଇଁ 'ରକ୍ତ ଚିନି' ସେହିଭଳି କାମ କରୁଛି । ଆମେ ଭାତ, ରୁଟି, ଆଳୁ ଖାଉଛୁ । ତା' ସାଙ୍ଗରେ କେତେବେଳେ କେତେବେଳେ ଚିନି ଖାଉଛୁ । ଶରୀର ଭିତରେ ଏହିସବୁ ହଜମ ହୋଇ ଗୋଟାଏ ପ୍ରକାରର ଚିନି ପାଲଟି ଯାଉଛି । ତା'କୁ ଗ୍ଲୁକୋଜ ବା ରକ୍ତ ଶର୍କରା ବୋଲି କୁହନ୍ତି । ସେହି ଗ୍ଲୁକୋଜ ରକ୍ତ ଭିତରେ ମିଶି ଦେହର ଚାରିଆଡ଼କୁ ଯାଉଛି ଓ ମାଂସପେଶୀ ଗୁଡ଼ିକୁ କାମ କରିବାପାଇଁ ଶକ୍ତି ଯୋଗାଉଛି । ଏହି କାମଟିକୁ ଭଲ ଭାବରେ କରିବା ପାଇଁ ଦେହ ଭିତରେ ଗୋଟାଏ ରସ ତିଆରି ହେଉଛି । ତା'ରି ନାଁ ଇନ୍‌ସୁଲିନ୍ । ଅଗ୍ନ୍ୟାଶୟ ବା ପାନ୍‌କ୍ରିଆଜ ବୋଲି ଗୋଟିଏ ଛୋଟ ଅଙ୍ଗ ଦେହ ଭିତରେ ଅଛି । ସେଇଥିରୁ ଇନ୍‌ସୁଲିନ୍ ବାହାରେ । ଯଦି ରକ୍ତରେ ବେଶୀ ପରିମାଣରେ ଗ୍ଲୁକୋଜ ରହିଗଲା,

"ଯେଉଁଲୋକ କେବଳ ଅର୍ଥଲାଭ ପାଇଁ କାର୍ଯ୍ୟକରେ, ସେ ତା' କାର୍ଯ୍ୟରୁ କେବେହେଲେ ଆନନ୍ଦ ପାଏ ନାହିଁ ।"

--ସ୍ୱବ୍

ତାକୁ କାମରେ ଲଗାଇବା ପାଇଁ ଅଧିକ ପରିମାଣରେ ଇନ୍‌ସୁଲିନ୍ ତିଆରି ହୁଏ । ଗ୍ଲୁକୋଜର ପରିମାଣ ଯଦି କମିଗଲା, ଇନ୍‌ସୁଲିନ୍ ତିଆରି ମଧ୍ୟ କମିଯାଏ । ପ୍ରକୃତି ଏମିତି ବ୍ୟବସ୍ଥା କରିଛି ଯେ ଯେତିକି ଆବଶ୍ୟକ ସେତିକି ଇନ୍‌ସୁଲିନ୍ ତିଆରି ହେଉଛି ଓ ଦେହର କାମ ଠିକ୍ ଠିକ୍ ଚାଲିଛି । ଯେତିକି ଦରକାର ତା'ଠାରୁ ଯଦି କମ୍ ଇନ୍‌ସୁଲିନ୍ ତିଆରି ହୁଏ, ତାହାହେଲେ ଗ୍ଲୁକୋଜ ବା ରକ୍ତ ଚିନି ଠିକ୍ ଭାବରେ କାମରେ ଲାଗିପାରେ ନାହିଁ । ତେଣିକି ରକ୍ତରେ ଜମୁଥିବା ଅଧିକ ଚିନିକୁ ଦେହ ବାହାରକୁ ବାହାର କରି ଦିଆଯାଏ - ପରିସ୍ରା



( ଇନ୍‌ସୁଲିନ୍ ତିଆରି ହେଉଛି ଆମ ଅଗ୍ନ୍ୟାଶୟରେ )

ବାଟେ ସେସବୁ ବାହାରି ଯାଏ । ଗ୍ଲୁକୋଜ ଯେଉଁ କାମ କରନ୍ତା, ତାହା କରି ନ ପାରିବାରୁ ଦେହ ଦୁର୍ବଳ ହୋଇଯାଏ । ଲୋକକୁ ଡାଏବେଟିସ୍ ରୋଗ ହେଲା ବୋଲି କୁହାଯାଏ । ପୂର୍ବେ ଏହି ରୋଗରେ ବହୁଲୋକ ମରିଯାଉଥିଲେ; କାହିଁକି ନା ରୋଗର କାରଣ ଜଣାପଡୁ ନଥିଲା । ତେଣୁ ଚିକିତ୍ସା ହୋଇ ପାରୁନଥିଲା । ୧୯୨୧ରେ କାନାଡ଼ା ଦେଶର ଦୁଇଜଣ ବୈଜ୍ଞାନିକ ଏହି ଇନ୍‌ସୁଲିନ୍‌କୁ ଚିହ୍ନିଲେ । ଗୋରୁ, ଘୁଷୁରୀଙ୍କ ଅଗ୍ନ୍ୟାଶୟରୁ ଇନ୍‌ସୁଲିନ୍‌କୁ ଅଲଗା କରି ଡାଏବେଟିସ୍ ରୋଗୀ ଦେହରେ ଇଞ୍ଜେକ୍‌ସନ୍ ଦେଇଦେଲେ ରୋଗଟା ଅକ୍ତିଆର ଉପରକୁ ଆସିଗଲା । ଏଣିକି ଏହି ଡାଏବେଟିସ୍ ବା ବହୁମୂତ୍ର ରୋଗକୁ ଅକ୍ତିଆର କରାଯାଇ ପାରିଲା ।

**ଇମ୍ଫାଲ** : ମଣିପୁର ରାଜ୍ୟର ରାଜଧାନୀ । ଏହା ଗୋଟିଏ ବଡ଼ ବ୍ୟବସାୟ କେନ୍ଦ୍ର । ଜିଲାର ଲୋକସଂଖ୍ୟା ପ୍ରାୟ ୭ ଲକ୍ଷ ୦୭ ହଜାର ।

**ଇବ୍** : ଏଇଟି ମହାନଦୀର ଗୋଟିଏ ଉପନଦୀ । ବିହାରର ଛୋଟନାଗପୁର ଅଞ୍ଚଳର ମାଳଭୂମିରୁ ବାହାରି ସୁନ୍ଦରଗଡ଼ ଜିଲାରେ ଓଡ଼ିଶାରେ ପ୍ରବେଶ କରିଛି । ତାହାପରେ ଦକ୍ଷିଣ ଦିଗକୁ ବହି ସମ୍ବଲପୁର ଜିଲାରେ ପଶିଛି । କିନ୍ତୁ ତାହାପରେ ମଙ୍ଗଳପୁର ଠାରେ ହଠାତ୍ ଦିଗ ବଦଳାଇ ପଶ୍ଚିମକୁ ମୁହାଁଇଛି ଓ ବାଘରା ନିକଟରେ ମହାନଦୀରେ ପଡ଼ିଛି । ମହାନଦୀ ସହିତ ଇବ୍ ଯେଉଁଠି ମିଶିଛି ତାହା ତଳକୁ ହୀରାକୁଦ ବନ୍ଧ ତିଆରି ହୋଇଛି ।

**ଇରାକ** : ପୃଥିବୀର ଅଳ୍ପ କେତୋଟି ଅଞ୍ଚଳରେ ପ୍ରଥମେ ମନୁଷ୍ୟ ବୁଲିବାକୁ ଆରମ୍ଭ କଲା । ସେଥିଭିତରୁ ଗୋଟିଏ ଅଞ୍ଚଳ ହେଲା ଇରାକ । ଏହାକୁହିଁ କୁହା ଯାଉଥିଲା ମେସୋପଟାମିଆ । ସଭ୍ୟତା କହିଲେ ଆଜି ଯାହା ବୁଝାଉଛି ତାହା ଜନ୍ମ ନେଇଥିଲା ଇଉରୋପ-ଏସିଆ ମହାଦେଶକୁ ଲାଗି ରହିଥିବା ଏହି ଅଞ୍ଚଳରେ । ପ୍ରଥମ ବିଶ୍ୱଯୁଦ୍ଧ ପରେ ୧୯୨୧ରେ ଏଇଟି ଇରାକ ବୋଲି ପରିଚିତ ହେଲା । ଏହି ଶବ୍ଦର ଅର୍ଥ ହେଲା "ଦୁଇ ନଦୀର ମଝିରେ ଥିବା ଅଞ୍ଚଳ ।" ଇଉଫ୍ରେଟିସ୍ ଓ ଟାଇଗ୍ରିସ୍ - ଏଇ ଦୁଇ ନଦୀ ଭିତରେ ଇରାକ ରହିଛି । କେତେକ ସଭ୍ୟତା ଏହିଠାରେ ଜନ୍ମ ନେଇଥିଲେ, ଆଉ କେତେକ ସଭ୍ୟତା ଏହିଠାରେ ଲୋପ ମଧ୍ୟ ପାଇଯାଇଛନ୍ତି ।

"ଭବିଷ୍ୟତଟିକୁ ସୁନ୍ଦର କରି ଗଢ଼ିବାର ସର୍ବୋତ୍କୃଷ୍ଟ ଉପାୟ ହେଉଛି ଆଜିର କର୍ତ୍ତବ୍ୟଟିକୁ ଭଲ ଭାବରେ ସଂପାଦନ କରିବା ।"

--ମାକ୍‌ଡୋନାଲଡ୍

ପାରସ୍ୟ ଉପସାଗରର ଉତ୍ତର ପଶ୍ଚିମ ମୁଣ୍ଡରେ ଏହା ରହିଛି । କ୍ଷେତ୍ରଫଳ ହେଉଛି ପ୍ରାୟ ୪, ୩୫, ୦୦୦ ବର୍ଗକିଲୋମିଟର । ଉତ୍ତର ଅଂଶରେ ରହିଛି ତୁର୍କି ଦେଶ । ୧୯୯୩ରେ ଇରାକର ଲୋକସଂଖ୍ୟା ହେଉଛି ପ୍ରାୟ ୧ କୋଟି ୮୦ ଲକ୍ଷ । ରାଜଧାନୀର ନାମ ବାଗ୍‌ଦାଦ ।

ଗ୍ରୀଷ୍ମ ଋତୁରେ ଖୁବ୍ ଗରମ ହୁଏ । ଅନେକ ସମୟରେ ପ୍ରବଳ ବାଲିଝଡ଼ ହୋଇଥାଏ । ଗୋଟାଏ ସମୟରେ ଏଠାରେ ଭଲ ଅରଣ୍ୟ ଥିଲା । ଲୋକେ ମୂଲ୍ୟବାନ କାଠ ବାହାର ଦେଶକୁ ପଠାଇଲେ । ବହୁ ସଂଖ୍ୟାରେ ପଶୁ ଚରିଲେ । ଆଜିକାଲି ଶହକେ ମାତ୍ର ତିନିଭାଗ ହେଉଛି ଜଙ୍ଗଲ । ଇରାକ ଦେଶଟି ସତେ




( ଇରାକ )

ଯେପରିକି ପେଟ୍ରୋଲ ଭଣ୍ଡାର ଉପରେ ରହିଛି । ପ୍ରାକୃତିକ ଗ୍ୟାସ ବହୁ ପରିମାଣରେ ମିଳେ । ସିମେଣ୍ଟ, ଲୁହା, କୃତ୍ରିମ ସାର କାରଖାନା, ଭଲ କପଡ଼ା ତିଆରି କାରଖାନା ଓ ନାନା ପ୍ରକାରର ପେଟ୍ରୋଲିୟମଜାତ ପଦାର୍ଥର କଳକାରଖାନା ଅଛି । ଶହକେ ୯୬ ଜଣ ହେଉଛନ୍ତି ମୁସଲମାନ । ନିକଟରେ ଥିବା ଇରାନ ଦେଶର ଲୋକମାନେ ମଧ୍ୟ ମୁସଲମାନ । କିନ୍ତୁ ୧୯୮୦ରୁ ୯୧ ଭିତରେ ଦୁଇଟି ବୃହତ୍ ଯୁଦ୍ଧ ହେବାରୁ କେତେ ଲକ୍ଷ ଲୋକ ମରିଛନ୍ତି ଓ ଶହଶହ କୋଟି ଟଙ୍କା କ୍ଷତି ହୋଇଯାଇଛି । ଭାରତକୁ ଆର୍ଯ୍ୟମାନେ ଏହି ଅଞ୍ଚଳରୁ ଆସିଥିଲେ ବୋଲି ଇତିହାସ ପଣ୍ଡିତମାନେ କୁହନ୍ତି ।

**ଇରାନ** : ୧୯୪୭ରେ ଭାରତ ଭାଗ ଭାଗ ହୋଇଗଲା ପୂର୍ବରୁ ଆମ ଦେଶର ପଶ୍ଚିମ ସୀମାକୁ ଇରାନର ସୀମା ଲାଗିଥିଲା । ପୂର୍ବେ ଏହାର ନାମ ଥିଲା ପାରସ୍ୟ ଦେଶ । ଏହାର କ୍ଷେତ୍ରଫଳ ପ୍ରାୟ ୧୬ ଲକ୍ଷ ବର୍ଗକିଲୋମିଟର ଓ ୧୯୯୩ରେ ଲୋକସଂଖ୍ୟା ହେଲା ପ୍ରାୟ ଛ' କୋଟି । ପାରସ୍ୟ ଦେଶର ଭାଷାକୁ




( ଇରାନ )

ଭାରତରେ ଫାରସୀ ବୋଲି କୁହାଯାଏ । ଭାରତରେ ଚଳୁଥିବା ଭାଷା ଗୁଡ଼ିକରେ ବହୁସଂଖ୍ୟକ ଫାରସୀ ଶବ୍ଦ ମିଶିଯାଇଛି । ଟିକିଏ ଉଚ୍ଚାରଣ ତଫାତ୍ ରହିଥିଲେ ମଧ୍ୟ ସେସବୁ ଶବ୍ଦ ଚିହ୍ନା ପଡ଼ିଯାଉଛି । ସଂସ୍କୃତ ଭାଷାରେ ଥିବା ସିନ୍ଧୁକୁ ଫାରସୀମାନେ ହିନ୍ଦୁ ବୋଲି

---

"ସତ୍ୟ ଓ ମିଥ୍ୟାକୁ ଚିହ୍ନି ପାରିବାର ଯୋଗ୍ୟତା ହେଉଛି ବିଜ୍ଞତା ।"

--ଲାକ୍‌ଟେନ୍‌ସିଅସ୍

କହିଲେ । ସଂସ୍କୃତର ଅସୁରମେଧା ପାରସୀ ଲୋକଙ୍କ ତୁଣ୍ଡରେ ଅହୁରମଜ୍‌ଦା ବୋଲି ଶୁଣାଗଲା । ଭୂମିକୁ 'ବୁମି' ଏବଂ ହସ୍ତକୁ 'ଦସ୍ତ' ବୋଲି କୁହାଗଲା । ହାତ ଲେଖାକୁ ଦସ୍ତଖତ ବୋଲି କୁହାଯାଏ । ଇରାନର ରାଜଧାନୀର ନାମ ତେହରାନ । ଇରାନରେ ବେଶୀ ପରିମାଣରେ ବର୍ଷା ହୁଏନାହିଁ । ଅଧାରୁ ଅଧିକ ଅଞ୍ଚଳ ପର୍ବତ, ମରୁଭୂମି ବା ଲୁଣା ମରୁଭୂମି । ତେଣୁ ସେଠାରେ ଲୋକେ ରହି ପାରନ୍ତି ନାହିଁ । ଇରାକ ଭଳି ଇରାନ ସତେ ଯେପରିକି ପେଟ୍ରୋଲ ଭଣ୍ଡାର ଉପରେ ଭାସୁଛି । ଶହକେ ପଇଁତ୍ରିଶ ଜଣ ହେଉଛନ୍ତି ପାରସୀ । କୁର୍ଦ ଜାତିର ଅନେକ ଲୋକ ଅଛନ୍ତି ।

ଇରାନୀମାନେ ବହୁ ପୁରାତନ ଜାତି । ପଥର ଦେହରେ ବହୁ ପ୍ରକାରର କାରୁକାର୍ଯ୍ୟ ଏ ଦେଶରେ ରହିଛି । ପୃଥିବୀରେ ନାଁ କରିଥିବା ବହୁ ପ୍ରସିଦ୍ଧ କବି ଏ ଦେଶରେ ଜନ୍ମ ହୋଇଛନ୍ତି । ଫିରଦୋଶୀ, ଉମରଖାଏମ୍, ସାଦୀ, ନେଜାମୀଙ୍କ କବିତା ପୃଥିବୀର ସବୁ ଉନ୍ନତ ଭାଷାରେ ଅନୁବାଦ ହୋଇଯାଇଛି ।

**ଇଲିଶି :** ମାଛଙ୍କ ଭିତରେ ଏହାର ଗୋଟାଏ ଖାସ୍ ସ୍ଥାନ ରହିଛି । ନଦୀ ହେଉଛି ଏ ମାଛର ଜନ୍ମସ୍ଥଳ ଓ ସମୁଦ୍ର ହେଉଛି ଚଲାବୁଲା ଜାଗା । ଦଳବାନ୍ଧି ସମୁଦ୍ର କୂଳେ କୂଳେ ବର୍ଷ ତମାମ ବୁଲୁଥାନ୍ତି । ଡିମ୍ବ ଦେବା ସମୟ ଆସିଲେ ବଡ଼ ବଡ଼ ନଦୀ ଭିତରକୁ ଯାଆନ୍ତି । ଯେଉଁଠାରେ ନଦୀଟି କମ୍ ଗଭୀର ଏବଂ ସୁଅର ବେଗ ବେଶୀ ନୁହେଁ, ସେହିଭଳି ସ୍ଥାନରେ ଅଣ୍ଡା ଦିଅନ୍ତି । ଏହି ମାଛ ଦେହରେ ଗୋଟାଏ ରକମର ତେଲ ଥାଏ । ସେହି ତେଲ ଏହାକୁ ଗୋଟାଏ ନୂଆ ରକମର ସୁଆଦ ଦେଇଛି । ଏହି ସୁଆଦ ପାଇଁ ଭାରତର ପୂର୍ବ ଅଂଶରେ ଇଲିଶି ହେଉଛି ମାଛଙ୍କ ଭିତରେ ରଜା ବୋଲି କୁହାଯାଏ । ବଙ୍ଗ ଦେଶରେ ପ୍ରଥମେ ଯେତେବେଳେ ଇଲିଶି ଧରାଯାଏ, ତା'କୁ ରାନ୍ଧିଲା ପୂର୍ବରୁ ଗୋଟାଏ ରକମର ପୂଜା କରାହୁଏ । ଭାରତର ଅନେକ ନଦୀରେ ଏହା ମିଳୁଥିଲେ ମଧ୍ୟ ଗୋଟିଏ ନଦୀର ଇଲିଶିର ସ୍ୱାଦ ଅନ୍ୟ ନଦୀର ଇଲିଶିର ସ୍ୱାଦଠାରୁ ଟିକିଏ ଅଲଗା । ଭାରତର ଗଙ୍ଗା ଓ ପଦ୍ମାନଦୀରେ ଏହା ଅଧିକ ସଂଖ୍ୟକ ଦେଖାଯାନ୍ତି । ମହାନଦୀରେ ମଧ୍ୟ ଏହା ସମୁଦ୍ର ମୁହାଣରୁ ଉପରମୁହାଁ ହୋଇ ବହୁତ ଉପରକୁ ଉଠି ଆସନ୍ତି ଓ ବହୁସଂଖ୍ୟାରେ ଏଗୁଡ଼ିକୁ ଲୋକେ ଧରନ୍ତି । ଦେଖିବାକୁ ଏ ମାଛଟି ବେଶ୍ ସୁନ୍ଦର । ଅନ୍ୟ ମାଛ ତୁଳନାରେ ଏହାର ମୂଲ୍ୟ ସବୁ ସମୟରେ ବେଶୀ ।

**ଇଲେକ୍‌ଟ୍ରନ୍ :** ଯେଉଁ କଥାଟିକୁ ସହସ୍ରବାର କହିଲା ପରେ ମଧ୍ୟ ଆଉଥରେ କହିଲାବେଳକୁ ନୂଆ ଭଳି ଶୁଭେ, ଇଲେକ୍‌ଟ୍ରନ ସେହିଭଳି ଗୋଟିଏ 'କଥା' । ଗୋଟିଏ ବିଷୟରେ ତ ସମସ୍ତେ ଏକମତ ହୋଇ ଯାଇଥିଲେ - ସେଇଟି ହେଲା ପ୍ରକୃତି ଅତି କ୍ଷୁଦ୍ର କ୍ଷୁଦ୍ର ତିନୋଟି ଜିନିଷ ତିଆରି କରିଦେଲା ପରେ ସେହିଗୁଡ଼ିକୁ ନାନା ଭାବରେ ଖଞ୍ଜି ଏ ପୃଥିବୀର, ବିଶ୍ୱର ସବୁକିଛି ତିଆରି କରିଦେଲା । ସେହି ତିନୋଟିର ନାମ ହେଲା ଇଲେକ୍‌ଟ୍ରନ, ପ୍ରୋଟନ୍ ଓ ନିଉଟ୍ରନ୍ । ସେଗୁଡ଼ିକୁ କିନ୍ତୁ ପୂରାପୂରି ଅଲଗା ଅଲଗା କରି ଖାସ୍ ଚିହ୍ନଟ କରାଯାଇ ପାରିଲା ନାହିଁ । ଏହି ଇଲେକ୍‌ଟ୍ରନ ବହୁକାଳ ଧରି ମୁହଁଛପା ଦେଇ ରହିଯାଇଥିଲା । ଊନବିଂଶ ଶତାବ୍ଦୀ ଶେଷହୋଇ ଆସିଲାବେଳକୁ ୧୮୯୭ ମସିହାରେ ଥମ୍ସନ୍ ନାମକ ଜଣେ ବୈଜ୍ଞାନିକ ଇଲେକ୍‌ଟ୍ରନକୁ ଚିହ୍ନି ପକାଇଲେ । ସେହି ଚିହ୍ନିବାଟା ମନୁଷ୍ୟକୁ ବହୁତ କିଛି ଜ୍ଞାନ ଦେଇଦେଲା । ସେତିକିବେଳେ କୁହାଗଲା ପ୍ରୋଟନ୍ ଓ ନିଉଟ୍ରନ୍ ନିଜକୁ ଖୁବ୍ ମଜବୁତ୍ ଭାବରେ ବାନ୍ଧି ରଖିଛନ୍ତି ଓ ତା'କୁ କୁହାଯାଇଛି ନାଭି ବା ନିଉକ୍ଲିଅସ୍ । ତା'ରି ଘେରିପଟେ ଭିନ୍ନ ଭିନ୍ନ କକ୍ଷ ବା 'ଗୋଲେଇ'ରେ ଇଲେକ୍‌ଟ୍ରନ ସବୁ ଘୂରୁଛନ୍ତି । ଏହି "ବନ୍ଧନ ଓ ଘୂର୍ଣ୍ଣନ"କୁ ନାମ ଦିଆଯାଇଛି ପରମାଣୁ ।

---

"ପରିଶ୍ରମୀ ପିମ୍ପୁଡ଼ିଟି ଟିକିଏ ହେଲେ ଶବ୍ଦ ନ କରି ଏ ଜଗତକୁ ଶ୍ରମର ମହତ୍ତ୍ୱ ବୁଝାଇ ଦେଉଛି ।"

--ଫ୍ରାଙ୍କ୍‌ଲିନ୍

ତାହାପରେ ଚାଲିଲା କେତେ କ'ଣ ଗବେଷଣା । ଆମେ ପରମାଣୁ ଯୁଗରେ ଅଛୁ ବୋଲି କୁହାଯାଉଛି । ସେହି ଗବେଷଣା ଶେଷ ହେଉନାହିଁ କି ହେବନାହିଁ । ନୂଆ ନୂଆ ଅନୁସନ୍ଧାନ ଚାଲିଥିବ, ନୂଆ ନୂଆ ତଥ୍ୟ ମିଳୁଥିବ ।

ଏହାରି ପରିଚୟ ମିଳିଗଲା ପରେ ବିଜ୍ଞାନୀମାନେ ୟୁରାନିୟମକୁ କାମରେ ଲଗାଇ ଆଜି ଅସରନ୍ତି ପରମାଣୁ ଶକ୍ତି ପାଇବାପାଇଁ ଚେଷ୍ଟା କରୁଛନ୍ତି । ସେହି ଶକ୍ତି ବଳରେ ମଣିଷର ଉପକାର ପାଇଁ ପରମାଣୁ ଶକ୍ତି ତିଆରି କାରଖାନା ହୁଏତ କରାଉଛନ୍ତି ବା ପରମାଣୁ ବୋମା ତିଆରି କରି ଧ୍ୱଂସଲୀଳା ଚଳାଉଛନ୍ତି । ପରମାଣୁ ବିଷୟରେ ଏ ବହିର ଗୋଟିଏ ସ୍ଥାନରେ ବର୍ଣ୍ଣନା ଦିଆଯାଇଛି । ତା'କୁ ମନଦେଇ ପଢ଼ିଲେ ଇଲେକ୍ଟ୍ରନ୍ ବିଷୟରେ ବହୁକଥା ଜାଣିହେବ ।

**ଇଷ୍ଟର** : ଯେଉଁମାନେ ଖ୍ରୀଷ୍ଟଧର୍ମକୁ ଆଦରି ଯାଇଛନ୍ତି, ସେମାନଙ୍କ ପାଇଁ ଇଷ୍ଟରଟି ହେଉଛି ଗୋଟିଏ ପ୍ରଧାନ ପର୍ବ । ସେହିଦିନ ପ୍ରତ୍ୟେକ ଖ୍ରୀଷ୍ଟିଆନ୍ ଅନୁଭବ କରନ୍ତି - ସେ ଖ୍ରୀଷ୍ଟ ଧର୍ମାବଲମ୍ବୀ ହୋଇଥିବାରୁ ନିଜେ ଧନ୍ୟ ହୋଇଛନ୍ତି ।

**ଇସ୍‌ଲାମ୍** : ସନାତନ ବା ହିନ୍ଦୁଧର୍ମ, ଖ୍ରୀଷ୍ଟଧର୍ମ ଭଳି ଇସ୍‌ଲାମ୍ ମଧ୍ୟ ହେଉଛି କୋଟି କୋଟି ମୁସଲମାନଙ୍କର ଧର୍ମ । ପୈଗମ୍ବର ମହମ୍ମଦ ସପ୍ତମ ଶତାବ୍ଦୀରେ ଏହି ଧର୍ମର ପ୍ରଚାର କରିଥିଲେ । ଯେଉଁମାନେ ଏହି ଧର୍ମ ଗ୍ରହଣ କରିବେ ସେମାନଙ୍କ ଆଚରଣ ସଂପର୍କରେ ସେ କେତେକ କଡ଼ା ନିୟମ କରିଦେଇଥିଲେ । ଏହି ଧର୍ମର ଲୋକଙ୍କ ଭିତରେ କେତେଗୁଡ଼ିଏ ଭିନ୍ନ ଭିନ୍ନ ଶ୍ରେଣୀ ରହିଛନ୍ତି । ପୃଥିବୀର ବହୁ ଅଂଶରେ ମୁସଲମାନ ମାନଙ୍କ ଭିତରେ ଚାଲିଚଳନରେ ମଧ୍ୟ କିଛି କିଛି ତଫାତ୍ ରହିଛି । ତଥାପି ସମସ୍ତେ ସତେ ଯେପରିକି ଗୋଟିଏ ବିଶ୍ୱାସର ଡୋରିରେ ବାନ୍ଧିହୋଇ ରହିଛନ୍ତି । ପବିତ୍ର ଗ୍ରନ୍ଥ କୋରାନ୍ ସବୁ ମୁସଲମାନ ମାନଙ୍କର ହେଉଛି ଧର୍ମଗ୍ରନ୍ଥ । କୋରାନ୍‌ର ବହୁ ସ୍ଥାନରେ ଇସ୍‌ଲାମ୍‌ର ବ୍ୟବହାର ରହିଛି । ଏହାର ଆକ୍ଷରିକ ଅର୍ଥ ହେଲା ଆଲ୍ଲା ବା ଭଗବାନଙ୍କ ଇଚ୍ଛା ନିକଟରେ ଆତ୍ମ- ସମର୍ପଣ । ପ୍ରତ୍ୟେକ ମୁସଲମାନଙ୍କ ପାଇଁ କୋରାନରେ ଲିଖିତ ସବୁକଥା ଭଗବାନଙ୍କର ବାଣୀ । ସେହି ବାଣୀକୁ ମହମ୍ମଦ ଏ ଜଗତରେ ପ୍ରଚାର କରିଛନ୍ତି ।

**ଇସ୍‌ଲାମାବାଦ** : ପାକିସ୍ତାନର ଏହା ହେଉଛି ରାଜଧାନୀ । ପାକିସ୍ତାନର ଗଠନ ପରେ କରାଚୀ ଏହାର ରାଜଧାନୀ ବୋଲି ଏକରକମ ସ୍ଥିର ହୋଇଥିଲା । କିନ୍ତୁ ୧୯୫୯ରେ କୁହାଗଲା ଯେ କରାଚୀ ଏଭଳି ଗୋଟିଏ ସ୍ଥାନରେ ଅଛି ଯେ ତାହା ପାକିସ୍ତାନର ରାଜଧାନୀ ହେବାଭଳି ଉପଯୁକ୍ତ ସ୍ଥାନ ନୁହେଁ । ୧୯୬୧ରେ ନୂତନ ଇସ୍‌ଲାମାବାଦ୍ ସହର ଗଢ଼ାହେବା ଆରମ୍ଭ ହେଲା । ପୃଥିବୀର ବହୁ ଅଞ୍ଚଳର କାରିଗର ମାନଙ୍କୁ ଅଣାଗଲା ସୁନ୍ଦର ସୁନ୍ଦର ଘରସବୁ ତିଆରି କରିବାପାଇଁ । କେବଳ ସହରଟି ୬୫ ବର୍ଗକିଲୋମିଟର ଏରିଆ ଭିତରେ ରହିଛି । କେନ୍ଦ୍ରଶାସିତ ଇସ୍‌ଲାମାବାଦ ଅଞ୍ଚଳର କ୍ଷେତ୍ରଫଳ ୯୦୬ ବର୍ଗ କି.ମି. ଓ ଲୋକସଂଖ୍ୟା ପ୍ରାୟ ଚାରି ଲକ୍ଷ ।

**ଇସପ** : ମଣିଷ ଯେମିତି ଭଲ ହେବ, ସେଥିପାଇଁ ତାକୁ ବରାବର ଚେତାଇ ଦିଆଯାଉଛି । ତାକୁହିଁ ମୁନି - ଋଷିମାନଙ୍କର ଉପଦେଶ ବୋଲି କୁହାଯାଏ । କଥାଟାକୁ ଯଦି ଗଳ୍ପ ଛଳରେ କୁହାଯାଏ, ଲୋକଙ୍କୁ ଶୁଣିବାକୁ ଭଲ ଲାଗେ । ଭଲ ଗପଟିଏ ଶୁଣିଦେଲେ ମନଭିତରେ ସେଇଟା ଲାଖି ରହିଗଲା ଭଳି ରହିଯାଏ । ପଚିଶ ଶହ ବର୍ଷ ପୂର୍ବେ ଇସପ ବୋଲି ଜଣେ ଲୋକ ଏହିଭଳି ଗପ କହିବାକୁ ଆରମ୍ଭ କଲେ । ଜୀବଜନ୍ତୁଙ୍କ ଭିତରେ

---

"ତୁମେ ଯାହାଠାରୁ ନିଜକୁ ଛୋଟ ମନେ ନ କରୁଛ, ତା ପ୍ରତି ସହଜରେ ଇର୍ଷାନ୍ୱିତ ହୋଇପାରିବ ନାହିଁ ।"

--ପ୍ଲିନୀ

ସତେ ଯେପରିକି କଥାବାର୍ତ୍ତା ହେଉଛି ! ଗୋଟିଏ ଜୀବ ମଧ୍ୟ ଅନ୍ୟ ଜୀବଟିର ଭୁଲ ଦେଖାଇ ଦେଉଛି । ସେହିଭଳି ଭୁଲ ଦେଖାଇ ଦେବା ଛଳରେ ଇସପ ଗୋଟିଏ ଗୋଟିଏ ଉପଦେଶ ବା ନୀତି ଗଳ୍ପ କହି ଯାଇଛନ୍ତି । ସେଗୁଡ଼ିକ ଏତେ ସୁନ୍ଦର ଯେ ଅଢ଼େଇ ହଜାର ବର୍ଷ ପରେ ମଧ୍ୟ ପିଲାମାନଙ୍କୁ ସେସବୁ ଗପ କୁହାଯାଉଛି । ଯେଉଁମାନେ ଚିତ୍ର ଆଙ୍କନ୍ତି ସେମାନେ ଏହିସବୁ ଗପକୁ ଚିତ୍ର ସାହାଯ୍ୟରେ ଆହୁରି ଭଲକରି ବୁଝାଇ ଦେଇଛନ୍ତି । ପିଲାଙ୍କ ପଢ଼ାବହିରେ ମଝିରେ ମଝିରେ ଏଥିରୁ ଗୋଟିଏ ଗୋଟିଏ ଦିଆଯାଏ । ଇସପ ଗପ କହିଲେ ସମସ୍ତଙ୍କ ମନ ଭିତରେ ଗୋଟାଏ ନୂଆ ରକମର ଆନନ୍ଦ ଖେଳିଯାଏ । '

ଭାରତର ପଞ୍ଚତନ୍ତ୍ର ମଧ୍ୟ ଏହି ଧରଣର ଗଳ୍ପ । ଉଭୟ ଶ୍ରେଣୀର ଗପ ପୃଥିବୀର ସବୁ ଭଷାରେ ନାନା ଭାବରେ ଲେଖାଯାଇଛି ବା ଅନୁବାଦ ହୋଇଛି ।

**ଇସ୍ପାତ** : ମନୁଷ୍ୟର ତ ବୁଦ୍ଧି ଅଛି, କିନ୍ତୁ ସେ ବୁଦ୍ଧିକୁ କାମରେ ଲଗାଇଲେ ସିନା ପ୍ରକୃତ ଅର୍ଥରେ ସେ ମନୁଷ୍ୟ ପାଲଟିବ, ନହେଲେ ଯେତେ ବୁଦ୍ଧିଥାଇ କି ଲାଭ ? ତେଣିକି କଥା ଉଠୁଛି ମନୁଷ୍ୟ ଯୋଗ୍ୟତା ବା ବୁଦ୍ଧିକୁ କାମରେ ଲଗାଇବା ପାଇଁ କିଛି ସାଧନା ଲୋଡ଼ା । ଲୋକଟି ଯେତେ ଭଲ ଚିତ୍ର ଆଙ୍କି ପାରୁଥିଲେ ମଧ୍ୟ ଯଦି କାଳି ବା ତୁଳୀ ନାହିଁ, ତା'ହାତର ବାହାଦୁରୀ ସେ ଦେଖାଇ ପାରୁନାହିଁ । ଏହିଭଳି ଗୋଟିଏ ଅଡୁଆ ଅବସ୍ଥାରୁ ମନୁଷ୍ୟକୁ ଉଦ୍ଧାର କରିବାପାଇଁ ପ୍ରକୃତି ତାକୁ ଦୁଇଟି ପଦାର୍ଥ ବା ସାଧନ ଧରାଇ ଦେଲା । ଗୋଟିଏ ହେଲା ଅଗ୍ନି ଏବଂ ଅନ୍ୟଟି ଲୁହା । ପଥରରେ ହତିଆର ତିଆରି କରି ସେଥିରେ ମୋଟା ଓ ସୂକ୍ଷ୍ମ - ଯେତେ ପ୍ରକାରର ଚିଜ ତିଆରି କଲେ ମଧ୍ୟ ତା' ମନ ମାନୁ ନଥାଏ । ସେ ବରାବର ବିଗ୍ରରେ ଗୋଟାଏ ବେଶି ଟାଣ ହତିଆର ତା' ହାତରେ ପଡ଼ନ୍ତା'କି ! ତା' ବିକଳ ତାକ ପ୍ରକୃତି ଶୁଣିଲା । ପଥର ଦେହରେ ଲୁଚି ରହିଥିବା ଲୁହାର ସନ୍ଧାନ ତା'କୁ ଦେଇଦେଲା । ସେଇଥିପାଇଁ କୁହାଯାଏ ମଣିଷ ପାଇଁ ପଥରର ହୃଦୟ ମଧ୍ୟ ତରଳି ଗଲା । ଗୋଟାଏ କିସମର ପଥର ଉପରେ ବହୁଦିନ ଧରି ନିଆଁ ଜଳିଥିବ । ଦିନେ ତାହା ନରମ ହୋଇ ତରଳ ଅବସ୍ଥାକୁ ଗ୍ଲିଯାଇଥିବ । ଲୋକେ ଭୟଭୀତ ହୋଇଯାଇଥିବେ । ପରେ ଯେତେବେଳେ ତାହା ଶୀତଳ ହୋଇଯାଇଥିବ - ସେମାନଙ୍କୁ ଜଣା ପଡ଼ିଥିବ ତାହା ହେଉଛି ପଥର ଠାରୁ ଟାଣ । ତାକୁ ଯେତେବେଳେ ସେମାନେ କାମରେ ଲଗାଇଥିବେ ସେତେବେଳେ ଲୁହା ଯୁଗର ଆରମ୍ଭ ହୋଇଥିବ ।

ଲୁହା ବାହାରିଲା ପରେ ଲୋକ ନିଶ୍ଚୟ ଚେଷ୍ଟା କରିଥିବ ଆହୁରି ଅଧିକ ମଜବୁତ ଲୁହା କିମିତି ହୁଅନ୍ତା । ଦିନେ ଦେଖିଲା ବେଳକୁ ମଣିଷ ଏହି ଲୁହାର ଗୋଟାଏ ପାଗକରି ଇସ୍ପାତ ତିଆରି କରିଦେଉଛି । ଲୁହା ଏବଂ ଅଙ୍ଗାର (କାର୍ବନ) ରେ ଯେଉଁ ମିଶ୍ର ଧାତୁ ହୁଏ ତାକୁହିଁ ଇସ୍ପାତ କୁହାଯାଏ । ଇସ୍ପାତ ନାନା ପ୍ରକାରର ହୋଇ ବାହାରିଲା । କେମିତି ଏସବୁ ହେଲା, ତା' ବିଷୟରେ ଅଧିକ ଜାଣିବା ପାଇଁ ଲୁହା ବିଷୟ ରେ ପଢ଼ିବା ଆବଶ୍ୟକ ।

ଭାରତର ବଡ଼ ଲୁହା କାରଖାନା ତିଆରି ହୋଇଥିଲା ଟାଟାନଗର ଠାରେ - ୧୯୦୮ରେ । ୧୯୫୯ରେ ରାଉରକେଲାରେ ଓଡ଼ିଶାର ପ୍ରଥମ ବଡ଼ ଲୁହା କାରଖାନା ବସିଲା ।

**ଇସ୍ରାଏଲ** : ବର୍ତ୍ତମାନ ପୃଥିବୀର ଯେଉଁ କେତୋଟି ଧନୀ ଏବଂ ଶକ୍ତିଶାଳୀ ଦେଶର କଥା ସମସ୍ତେ ପକାଉଛନ୍ତି, ସେଥିଭିତରୁ ଇସ୍ରାଏଲ ଦେଶର ବୟସ ସବୁଠାରୁ କମ୍ । ୧୯୪୮ ମେ ୧୪ ତାରିଖ ପୂର୍ବରୁ

"ଜୀବନର ମାପକାଠି ବର୍ଷ, ମାସ, ଦିନ ନୁହେଁ; ପ୍ରକୃତ ମାପକାଠି ହେଉଛି ସତ୍‌କାର୍ଯ୍ୟ ।"

--ସେରିଭାନ୍

## ୧୫୨ ଇସ୍ରାଏଲ

ଏ ଦେଶ ବିଷୟରେ କେହି ସେମିତି କିଛି ଜାଣି ନଥିଲେ । ସେ ଦିନ ପୃଥିବୀର ଚାରିଆଡ଼େ ଥିବା ଇହୁଦିମାନଙ୍କ ପାଇଁ ଗୋଟିଏ ରାଷ୍ଟ୍ର ଜନ୍ମ ନେଲା । ସମଗ୍ର ପୃଥିବୀରେ ଯେଉଁ ଏକକୋଟି ଅଶୀ ଲକ୍ଷ ଇହୁଦି ଅଛନ୍ତି, ସେମାନଙ୍କ ଭିତରୁ ପ୍ରାୟ ୪୦ ଲକ୍ଷ ରହନ୍ତି ଇସ୍ରାଏଲ ଦେଶରେ ।

ଓଡ଼ିଶାର ସାତଭାଗରୁ କମ୍ କ୍ଷେତ୍ରଫଳ ଥିବା ଏହି ଦେଶ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିପାରିଛି । ୧୯୯୩ରେ ଏହାର କ୍ଷେତ୍ରଫଳ ୨୦,୭୦୦ ବର୍ଗକିଲୋମିଟର ଓ ଲୋକସଂଖ୍ୟା ପ୍ରାୟ ୫୫ ଲକ୍ଷ ।




( ଇସ୍ରାଏଲ୍ )

ଏ ଦେଶରେ ବସବାସ କରି ରହିଯାଇଥିବା ଇହୁଦିମାନଙ୍କ ବିଷୟରେ ଗୋଟିଏ କଥା କୁହାଯାଏ । ବହୁକାଳ ଧରି ଇହୁଦିମାନେ ସତେ ଯେପରିକି କହି ଆସୁଥିଲେ -ଖ୍ରୀଷ୍ଟିୟାନ ମାନଙ୍କର ବେଥେଲହେମ୍ ଓ ରୋମ୍ ରହିଛି ; ମୁସଲମାନ ମାନଙ୍କର ମକ୍କା, ମଦିନା ଅଛି; ହିନ୍ଦୁମାନଙ୍କର ଭାରତରେ ଚାରିଧାମ ରହିଛି । କିନ୍ତୁ ଆମମାନଙ୍କର ଏକମାତ୍ର ଅତି ପ୍ରିୟ ସ୍ଥାନ ଜେରୁସେଲମ୍ ଆମର ବୋଲି ଆମେ ଦାବୀ କରିପାରୁନାହୁଁ । ଦୁଇ ହଜାର ବର୍ଷ ଧରି ନିସାର ପର୍ବର ସ୍ତୁତିରେ ଇହୁଦିମାନେ ଯେତେବେଳେ ପ୍ରାର୍ଥନା କରନ୍ତି, ସେତେବେଳେ ଗୋଟାଏ ଦୀର୍ଘ ନିଶ୍ୱାସ ପକାଇ କୁହନ୍ତି - ଆସନ୍ତା ବର୍ଷକୁ ଆମେ ଜେରୁସେଲମ୍‌ରେ ପ୍ରାର୍ଥନା କରିବା । କିନ୍ତୁ ଏଇଟି ଥିଲା ସେମାନଙ୍କ ପାଇଁ ଗୋଟିଏ ସ୍ୱପ୍ନ । ସେହି ସ୍ୱପ୍ନ ସତ୍ୟ ହେଲା ୧୯୪୮ ମେ ୧୪ ତାରିଖରେ ।

ଏହାର ସୀମାକୁ ଲାଗି ରହିଥିବା ଆରବ ରାଷ୍ଟ୍ରମାନେ ଏହା ଉପରେ ଆକ୍ରମଣ ଚଳାଇଲେ । ଇହୁଦିମାନେ ସେମାନଙ୍କୁ ପରାସ୍ତ କରିଦେଲେ । ଏହାପରେ ତିନି ତିନିଥର ଇସ୍ରାଏଲ ଆରବ ଯୁଦ୍ଧ ହୋଇଯାଇଛି । ପ୍ରତ୍ୟେକ ଥର ଇସ୍ରାଏଲର ଜୟ ହୋଇଛି । ବଞ୍ଚିରହିବା ପାଇଁ ସେମାନଙ୍କ ଭିତରେ ଯେଉଁ ପ୍ରବଳ ଇଚ୍ଛା ଜନ୍ମ ନେଲା, ସେହି ଇଚ୍ଛାହିଁ ସେମାନଙ୍କୁ ଶକ୍ତି ଯୋଗାଇଲା ଯୁଦ୍ଧକ୍ଷେତ୍ରରେ ପ୍ରାଣମୂର୍ଚ୍ଛା ହୋଇ ଲଢ଼େଇ କରିବା ପାଇଁ ।

ଇସ୍ରାଏଲଟି ଥିଲା ଗୋଟିଏ ବାଲିଭୂମି । ଇହୁଦି କୃଷି ବିଜ୍ଞାନୀମାନେ ଏହାର ଗୋଟାଏ ବଡ଼ ଅଂଶକୁ ଶସ୍ୟଶ୍ୟାମଳ କରିପକାଇଲେ । ଜଳସେଚନର ନୂଆ ବାଟ ବାହାର କରି ଏମାନେ ଏପରି କରିଦେଲେ । ଦେଶର ପାଞ୍ଚଭାଗରୁ ମାତ୍ର ଏକ ଭାଗ ଜମିରେ ଚାଷ

"କ୍ଷମତାର ଅପବ୍ୟବହାର ଫଳରେ ବହୁ ସାମ୍ରାଜ୍ୟ ଭୁଷୁଡ଼ି ପଡ଼ିଛି ।"

--କ୍ରାବେ

ହୁଏ । ସେଭଳି କିଛି ପ୍ରାକୃତିକ ସଂପଦ ଏ ଦେଶରେ ନାହିଁ - ତମ୍ୱାକୁ ବାଦ୍ ଦେଲେ । ବାହାରୁ କଞ୍ଚାମାଲ ଆଣି ସେମାନେ ନିଜ ଦେଶର ସଂପଦ ବଢ଼ାଉଛନ୍ତି ।

ଲୋକଙ୍କ ଭିତରୁ ଇହୁଦିଙ୍କ ସଂଖ୍ୟା ଶହକେ ୮୨ । ମୁସଲମାନଙ୍କ ସଂଖ୍ୟା ଶହକେ ୧୪ ଜଣ ।

**ଇହୁଦି :** ଯେଉଁମାନଙ୍କର ଧର୍ମ ହେଉଛି 'ଜୁଦା', ସେମାନଙ୍କୁ ଇଂରାଜୀ ଭାଷାରେ ଜିଉ ଓ ହିବ୍ରୁ ଭାଷାରେ ଇହୁଦି ବୋଲି କୁହାଯାଏ । ଅତୀତରେ ଯେଉଁ ଇହୁଦିମାନେ ଥିଲେ ସେମାନଙ୍କର ବଂଶଧରମାନେ ପୃଥିବୀର ଯେଉଁ ଅଂଶରେ ଥାଆନ୍ତୁ ପଛକେ ସମସ୍ତେ ଇହୁଦି ଭାବରେ ପରିଚିତ । ଏହିଭଳି ପରିସ୍ଥିତି ହୋଇଥିବାରୁ ଆଜିକାଲି ଜିଉ ବା ଇହୁଦି ଶବ୍ଦର ଠିକ୍ ସଂଜ୍ଞା ବା ଅର୍ଥ ସଂପର୍କରେ ନିର୍ଭୁଲ ଭାବରେ କୁହାଯାଇ ପାରୁନାହିଁ ।

ନିଜର କୌଣସି ଗୋଟାଏ ଦେଶ ନଥିବାରୁ ଏମାନେ ପୃଥିବୀର ବହୁ ଦେଶରେ ପରସ୍ପରଠାରୁ ଅଲଗା ହୋଇ ରହିଗଲେ । ଦରକାର ପଡ଼ିଲେ ସେମାନେ ଅନ୍ୟ ଅଞ୍ଚଳକୁ ଚ୍ଳିଯାନ୍ତି । କଥାରେ କୁହନ୍ତି ଦେଶହୀନ, ବାସହୀନ ଓ ଭୂମିହୀନ ଅବସ୍ଥାରେ ଏମାନେ ଶହ ଶହ ବର୍ଷଧରି ରହିଥିଲେ । ରୁଷ ଦେଶର ସମ୍ରାଟ ଜାର୍‌ମାନଙ୍କ ଅତ୍ୟାଚ୍ରରରେ ଇହୁଦିମାନେ ସେ ଦେଶ ଛାଡ଼ି ଆମେରିକା ପଳାଇଗଲେ । ଜର୍ମାନୀରେ ହିଟଲର ଯେତେବେଳେ ଶାସନକୁ ଆସିଲେ ଲକ୍ଷ ଲକ୍ଷ ସଂଖ୍ୟାରେ ଜିଉଙ୍କୁ ହତ୍ୟା କରିଦେଲେ । ଶେଷରେ ୧୯୪୮ରେ ସେମାନେ ଇସ୍ରାଏଲ ଦେଶ ଗଢ଼ିଲେ ଓ ସେହିଠାରେ ଦୃଢ଼ ଆସ୍ଥାନ ଜମାଇ ରହିଲେ । ପୃଥିବୀରେ ପ୍ରାୟ ଏକକୋଟି ଅଶୀ ଲକ୍ଷ ଇହୁଦି ଅଛନ୍ତି ।



( ଈଗଲ )

ଅତୀତରେ ଇହୁଦିମାନେ ବହୁବାର ନିଜ ଜନ୍ମଭୂଇଁରୁ ତଡ଼ା ଖାଇଛନ୍ତି, କେତେ ଶହ ବର୍ଷ ଏଣେତେଣେ ବୁଲି ପୁଣି ସେହି ପବିତ୍ର ଭୂଇଁକୁ ଫେରି ଆସିଛନ୍ତି । ପ୍ରାୟ ୨୭୦୦ ବର୍ଷ ପୂର୍ବେ ଇହୁଦିମାନେ ଦେଶ ଛାଡ଼ି ଯାଉଥିବା ଗୋଟିଏ ଚିତ୍ର ଜଣେ ରାଜାଙ୍କ ପ୍ରାସାଦ କାନ୍ଥରୁ ମିଳିଛି ।

**ଈଗଲ :** ପକ୍ଷୀମାନଙ୍କ ଭିତରେ ଗୋଟିଏ ଶ୍ରେଣୀକୁ ଶିକାରୀ ବୋଲି କୁହାଯାଏ । ଏଗୁଡ଼ିକ ମୂଷା, ଠେକୁଆ ଆଦି ଜୀବଙ୍କୁ ଖାଇ ପ୍ରାୟ ସଫା କରିଦିଅନ୍ତି । ତା' ନହେଉଥିଲେ ଏ ସବୁ ଜୀବ

"ଆଦର୍ଶ ସମାଜର କେନ୍ଦ୍ରରେ ରହିଛି ସୁପରିଚ୍ଳିତ ପରିବାର ।"

--ଆଲ୍‌କେଟ୍

ଫସଲ ଖାଇ ଲୋକଙ୍କର ବହୁତ କିଛି କ୍ଷତି କରନ୍ତେ ।

ଈଗଲ ହେଉଛି ଶିକାରୀ ପକ୍ଷୀଙ୍କ ଭିତରେ ସବୁଠାରୁ ବଡ଼, ସାହସୀ ଓ ବଳୁଆ । ସବୁ ମାଂସାସୀ ପକ୍ଷୀ ଶିକାରୀ ନୁହନ୍ତି । ଶାଗୁଣାଟା ବଡ଼ ଚଢ଼େଇ ହେଲେ ମଧ୍ୟ ଶିକାର କରିପାରେ ନାହିଁ । ତା'ର ବଡ଼ ବଡ଼ ଗୋଡ଼ ହେଲା ଦୁର୍ବଳ । ଲଣ୍ଡା ଈଗଲ ଅନନ୍ତ ଆକାଶରେ ସମ୍ରାଟ ଭଳି ଉଡ଼ି ବୁଲୁଥାଏ । ଅସୁର ଈଗଲ ବୋଲି ଯାହାକୁ କୁହନ୍ତି ସେ ଆମେରିକା ମହାଦେଶର ବିଷୁବ ମଣ୍ଡଳ ଅଞ୍ଚଳରେ ଥାଏ । ଏହାକୁ ଲକ୍ଷ୍ୟ କରି ଏଇଟି ବୋଧହୁଏ ଉଡ଼ନ୍ତା ଗଧିଆ ବୋଲି କୁହାଯାଉଛି । ୧୨୦ ସେ.ମି. ଲମ୍ବର ଏହି ଶିକାରୀ ପକ୍ଷୀଟିର ଥଣ୍ଟଟା ଯେପରିକି ଗୋଟାଏ ଖୁବ୍ ଧାରୁଆ ଛୁରୀ । ଘୋର ଜଙ୍ଗଲରେ ଗଛଡାଳ ଭିତରେ ବାଟ କାଟି ସହଜରେ ଶିକାର ପଛେ ପଛେ ଗୋଡ଼େଇ ଯାଏ । ସୁବର୍ଣ୍ଣ ଈଗଲ ସମସ୍ତଙ୍କ ଭିତରେ ହେଉଛି ସାହସୀ ଓ ଭୀଷଣ । ତିନି ହଜାର ମିଟର ଉଚ୍ଚରେ ଉଡୁଥିବାବେଳେ ସେ ଯେପରିକି ଅନ୍ୟମାନଙ୍କୁ ସାବଧାନ କରି ଦେଉଥାଏ - "ମୁଁ ଯେଉଁ ଇଲାକାରେ ଉଡୁଛି ସେଠିକି ଆଉ କେହି ଆସନା ।" ଏହା ଦେହରେ ଯେତେ ବଳ ଅଛି, ଅନ୍ୟ କୌଣସି ପକ୍ଷୀଙ୍କ ଦେହରେ ସେତେ ବଳ ନାହିଁ । ଅନ୍ୟସବୁ ପକ୍ଷୀ ଗୋଟିଏ ଗୋଟିଏ ବସା ବାନ୍ଧନ୍ତି । ସେହି ବସାରେ ଅଣ୍ଡା ଦେଇ ଛୁଆ ଉତାରିଲାପରେ ବସାଟିକୁ ଛାଡ଼ି ଦିଅନ୍ତି । ଈଗଲ କିନ୍ତୁ ଯେଉଁ ମଜବୁତ୍ ବସା ବାନ୍ଧେ ତାହା ଚାଳିଶ ପଚାଶ ବର୍ଷ ପର୍ଯ୍ୟନ୍ତ ରହେ । ମଝିରେ ମଝିରେ ସେଗୁଡ଼ିକୁ ମରାମତି କରିଦିଏ ।

**ଈଲ୍** : ଯଦି ଜଣେ ପିଲା କହିବ ମୋତେ 'ମାଛ ଦୁନିଆ'ର ଗୋଟିଏ ବୁଢ଼ୀ ଅସୁରୁଣୀ ଗପ କୁହ, ଜାଣିଲାବାଲା ସଙ୍ଗେ ସଙ୍ଗେ ଆରମ୍ଭ କରିଦେବେ -

ଇଉରୋପ ମହାଦେଶରେ ନଦୀ, ହ୍ରଦ ବା ପୁଷ୍କରିଣୀରେ ଗୋଟିଏ ଜାତିର ମାଛ ଅଛନ୍ତି । ତା ଚେହେରାଟି ଏମିତି ଯେ ମନେହେବ ସତେ ଯେପରିକି ସେଇଟି ଗୋଟିଏ ସାପ । ସେହି ମାଛ ମଣିଷକୁ ଏଭଳି ଭ୍ରମରେ ପକାଇଥିଲା ଯେ ତା' ବିଷୟରେ କିଛି ଜାଣି ହେଉ ନଥିଲା । କିଛି ନ ଜାଣିଥିବାରୁ ଲୋକେ ତା' ବିଷୟରେ କିମ୍ଭୁତ କିମାକାର କଥା କହୁଥିଲେ । ଏତେବଡ଼ ପଣ୍ଡିତ ଆରିଷ୍ଟଟ୍‌ଲଙ୍କର ବିଶ୍ୱାସ ଥିଲା ଯେ ଏ ଜୀବ ଭିତରେ ଅଣ୍ଡିରା ମାଈ ନାହାନ୍ତି । ଏଗୁଡ଼ିକ ସମୁଦ୍ର ଭିତରୁ ଆପେ ଆପେ ଜନ୍ମ ହୋଇଯାଆନ୍ତି ।



( ଈଲ୍ )

ଏହି ଦୁଇ ଶହ ବର୍ଷ ତଳେ ମଧ୍ୟ କୁହାଯାଉଥିଲା ସମୁଦ୍ର କୂଳରେ ଯେଉଁ କାକର ପଡ଼େ ତାହାରି ଭିତରୁ ଜାଆଁଳ ବାହାରି ପଡ଼ନ୍ତି । ପରେ କିନ୍ତୁ ଏହାଙ୍କ ବିଷୟରେ ଜାଣିବା ପାଇଁ ଜଣେ ଲୋକ ସମୁଦ୍ର ଭିତରେ ବହୁ ଅଞ୍ଚଳ ବୁଲିଲେ । ସେଇଠୁ ସବୁକଥା ଜଣାପଡ଼ିଲା ।

ଏହାରି ନାମ ଈଲ୍ । ଦିନଯାକ କାଦୁଅ ଭିତରେ ରହିଥାଏ । ରାତିହେଲେ ଆହାର ଖୋଜିବାକୁ ବାହାରେ । ସେତେବେଳେ ମାଛଟିର ଏପାଖରୁ ଚାହିଁଲେ ସେପାଖ ଦେଖା ଯାଉଛି । ଦେଖିଲା ବେଳକୁ ରଙ୍ଗ ବଦଳି ଯାଉଛି ଓ ରୁପାରଙ୍ଗ ହୋଇଯାଉଛି । ଆଖି ଗୁଡ଼ାକ ବଡ଼ ବଡ଼ ହୋଇ ଯାଉଛି । ସେତେବେଳେ ତାହା ପାଗଳ ଭଳି ସମୁଦ୍ରକୁ ଧାଇଁଯାଏ । ଜଳ, ସ୍ଥଳ କିଛି ମାନେନାହିଁ । ଆଟ୍‌ଲାଣ୍ଟିକ ମହାସାଗରରେ ପଶ୍ଚିମ ମୁହାଁ ହୋଇ ୪୮୦୦ କିଲୋମିଟର ପହଁରି

"ପ୍ରତ୍ୟେକ ଲୋକର ଜୀବନରେ ଥରେ ନା ଥରେ ଘୋର ଦୁର୍ବଳତାର ସମୟ ଆସିଥାଏ ।"

--ଲାଭେଟର

ଚାଲିଯାଆନ୍ତି । ସେତେବେଳକୁ ଏଗୁଡ଼ିକ ଆଉ ମଧୁର ଜଳ ମାଛ ନହୋଇ ସମୁଦ୍ର ମାଛ ହୋଇଗଲେଣି । ସେହି ଅବସ୍ଥାରେ ଯଦି ମଧୁର ଜଳରେ ଆଆନ୍ତେ ତାହାଲେ ମରିଯାଇ ଥାଆନ୍ତେ । ସମୁଦ୍ରରେ ଯାଉଥିଲା ବେଳେ ଏଗୁଡ଼ିଙ୍କ ଦେହରେ ପରିବର୍ତ୍ତନ ଦେଖା ଯାଇଥାଏ । ପହଁରି ପହଁରି ସାରାଗୋସା ସମୁଦ୍ରରେ ପହଞ୍ଚି ଯାଆନ୍ତି । ୫୦୦ ମିଟର – ଗଭୀରରେ ଅଣ୍ଡା ଦିଅନ୍ତି । ଅଣ୍ଡା ଦେବା ସଙ୍ଗେ ସଙ୍ଗେ ଅଣ୍ଡିରା ମାଈ ଉଭୟେ ମରିଯାଆନ୍ତି । ସତେ ଯେପରିକି ସେମାନଙ୍କୁ ଅଭିଶାପ ଥିଲା ଯେ ପିଲାଙ୍କ ମୁହଁ ଦେଖିବେ ନାହିଁ । ଏହି ଶିଶୁ-ଈଲ୍ ପାଣିର ଉପର ସ୍ତରକୁ ଆସେ । ଆକାରଟା ଚେପଟା ନହୋଇ ଗୋଟାଳିଆ ହୋଇଯାଏ । ସେହି ଛୁଆ ୫୦୦୦ କି.ମି. ପଥ ସମୁଦ୍ରରେ ପାରହୋଇ ଇଉରୋପର ନଦୀ ଭିତରକୁ ଚାଲିଯାଏ । ଏତକ ସମୟ ପାରିହେବା ପାଇଁ ଲାଗିଯାଏ ଅଢ଼େଇରୁ ତିନିବର୍ଷ । ବାପା ମାଆ ଯେଉଁଠୁ ଆସିଥିଲେ ଠିକ୍ ସେଇଠି ପହଞ୍ଚି ଯାଆନ୍ତି । ସେତେବେଳକୁ ଏମାନେ ବଢ଼ି ପ୍ରାୟ ୧ ମିଟର ହୋଇ ଯାଇଥାଆନ୍ତି ।

କେତେ ଜାତିର ଈଲ୍ ଦେହରେ ବିଜୁଳି କରେଣ୍ଟ ଅଛି । ସେମାନଙ୍କୁ ଧରିପକାଇବା ବିପଦ ।

**ଈଶ୍ୱର ଚନ୍ଦ୍ର ବିଦ୍ୟାସାଗର** : (୧୮୨୦-୯୧) : ଇଂରେଜମାନେ ଭାରତକୁ ପରାଧୀନ କରିସାରିଲା ପରେ ଗୋଟିଏ କଥାକୁ ଏଭଳି ଭାବରେ କହିଲେ ଯେ ଲୋକଙ୍କ ମନ ଭୁଲିଗଲା । ସେମାନେ ଗୋଟାଏ ଧାରଣା ସୃଷ୍ଟିକଲେ - ଭାରତରେ ଯେଉଁସବୁ ଭାଷାର ଚଳଣି ଅଛି, ସେସବୁକୁ ଶିଖିଲେ ନୂଆ ଯୁଗର ମନୁଷ୍ୟ ଯେତିକି ବିଦ୍ୟା ହାସଲ କରିବାର କଥା ତା' କରିପାରିବ ନାହିଁ । ବହୁକାଳ ପର୍ଯ୍ୟନ୍ତ ଭାରତର ଲୋକେ ଏହିକଥା ଶୁଣିଲେ । କିନ୍ତୁ ଦେଢ଼ଶହ ବର୍ଷ ପୂର୍ବେ କେତେଜଣ ଲୋକ ବାହାରିଲେ, ଯେଉଁମାନେ କି ଏକଥା ଭିତରେ କେଉଁଠି ଭୁଲ ରହିଯାଇଛି ସେକଥା ଜାଣିପାରିଲେ । ସେହିମାନେ ଲୋକଙ୍କ ଆଖି ଖୋଲିଦେଲେ । ଇଂରାଜୀ ଭାଷା ନିଶ୍ଚୟ ବହୁତ କିଛି ଉନ୍ନତି କରିଛି । କିନ୍ତୁ ସଂସ୍କୃତ ନଜାଣିଲେ ହଜାର ହଜାର ବର୍ଷ ଧରି ଭାରତରେ ଯେଉଁସବୁ ଭଲ କଥା ଲେଖାଯାଇଛି ସେଗୁଡ଼ିକ ଆମ ଲୋକେ ଜାଣି ପାରିବେ ନାହିଁ । ଯେଉଁ ଯୁଗର ଲୋକେ ଏହି ସାର କଥାଟା ବୁଝିଗଲେ ତାକୁହିଁ କୁହାଯାଏ



( ଈଶ୍ୱର ଚନ୍ଦ୍ର ବିଦ୍ୟାସାଗର )

"ଆଉଥରେ ଜାଗରଣ ବା ପୁନର୍ଜାଗରଣର ଯୁଗ" । ଈଶ୍ୱର ଚନ୍ଦ୍ର ବିଦ୍ୟାସାଗର ସେହି ଯୁଗର ଜଣେ ପଣ୍ଡିତ । ସେ ବଙ୍ଗଳା ଭାଷାରେ ଏଭଳି ସବୁ ବହି ଲେଖିଗଲେ ଯେ ଲୋକଙ୍କର ଆଖି ଖୋଲିଗଲା । ଲୋକେ କୁହାକୁହି ହେଲେ - ବଙ୍ଗଳା ଭାଷାରେ ତ ସବୁକଥା ଲେଖାଯାଇ ପାରିବ ।

"ମଧୁର ଫଳର ମହତ୍ତ୍ୱକୁ ବଢ଼ାଏ ସୁଗନ୍ଧ, ମନର ମହତ୍ତ୍ୱକୁ ବଢ଼ାଏ ସରସତା ।"

--ପଏନ୍‌ସେଲୋ

## ୧୫୬ ଈଶ୍ୱର ଚନ୍ଦ୍ର ବିଦ୍ୟାସାଗର-ଉଆର୍‌ବ୍ଲର୍

୧୮୨୦ ସେପ୍‌ଟେମ୍ବର ୨୬ ତାରଖ ଦିନ ଆମ ଓଡ଼ିଶା ସୀମାକୁ ଏବେ ଲାଗିଥିବା ମେଦିନୀପୁର ଜିଲାର ବୀରସିଂହ ଗ୍ରାମରେ ଏହାଙ୍କର ଜନ୍ମ । ତାଙ୍କ ବାପା ଠାକୁରଦାସ ବନ୍ଦୋପାଧ୍ୟାୟ ଅତି ଦରିଦ୍ର ଥିଲେ । ଈଶ୍ୱର ଚନ୍ଦ୍ରଙ୍କୁ ଆଠବର୍ଷ ବୟସ ହେଲା ପର୍ଯ୍ୟନ୍ତ ସେ ତାଙ୍କୁ ଗାଁ ସ୍କୁଲରେ ପଢ଼ାଇଲେ । ବାପାଙ୍କର ଇଚ୍ଛା କେମିତି ତାଙ୍କୁ କଲିକତାରେ ପଢ଼ାନ୍ତେ । କିନ୍ତୁ ସେ ଯୁଗରେ ତ ରେଳ ବା ମଟରଗାଡ଼ି ନଥିଲା । ବଳଦଗାଡ଼ିରେ କଲିକତା ଯିବାକୁ ପଡ଼ିବ । ଗାଡ଼ିଭଡ଼ା ଦେବା ଅସମ୍ଭବ । ବାପା କିନ୍ତୁ ଆଠବର୍ଷ ପୁଅର ହାତ ଧରି କଲିକତାକୁ ଗ୍ଲିଲେ । ତାଙ୍କୁ ବାଟରେ କୁହାଯାଉଥାଏ "ତୁ କଲିକତା ଗଲେ ସଂସ୍କୃତ ପଢ଼ିବୁ ଓ ଇଂରାଜୀ ପଢ଼ିବୁ ।" ଏହି ଦୁଇଟି କଥା ସତେ ଯେପରିକି ଆଠ ବର୍ଷର ପିଲାକୁ ଚଳାଇ ନେଉଥାଏ ।

ପିଲାଟି କିନ୍ତୁ ଥିଲା ଖୁବ୍ ବୁଦ୍ଧିମାନ । ୧୮୩୯ରେ ମାତ୍ର ୨୦ ବର୍ଷ ଗ୍ଲୁଥିବା ବେଳେ ସେ ହିନ୍ଦୁ ଲ କମିଟି ପରୀକ୍ଷାରେ ଏଭଳି ଭଲ କଲେ ଯେ ତାଙ୍କ ସାର୍ଟିଫିକେଟ୍‌ରେ ନାମ ଶେଷରେ ବିଦ୍ୟାସାଗର ବୋଲି ଲେଖି ଦିଆଗଲା । ସେ ଯୁଗରେ ଜିନିଷପତ୍ର ଏତେ ଶସ୍ତା ଥିଲା ଯେ କଲିକତାରେ ଜଣେ ପିଲା ଦୁଇ ତିନି ଟଙ୍କାରେ ଗୋଟିଏ ମାସ ଚଳିଯାଉଥିଲା । ସଂସ୍କୃତ କଲେଜରେ ପଢ଼ିଲାବେଳେ ସେ ଏଭଳି ଶ୍ଳୋକ ରଚନା କଲେ ଯେ ୧୦୦ ଟଙ୍କା ପୁରସ୍କାର ପାଇଗଲେ । ପ୍ରବନ୍ଧ ଲେଖି ଆଉ ଶହେଟଙ୍କା ପାଇଲେ । ଭଲ ଦେବନାଗରୀ ଅକ୍ଷର ପାଇଁ ସେତିକି ପୁରସ୍କାର । ତାଙ୍କ ପୂର୍ବରୁ ଏତେ କମ୍ ବୟସରେ ବିଦ୍ୟାସାଗର ଉପାଧି ଓ ଥରକୁଥର ଏତେ ଟଙ୍କାର ପୁରସ୍କାର ଆଉ କେହି ପାଇନଥିଲେ ।

ସେହି ବିଦ୍ୟାସାଗର ବରାବର ବିଗ୍ଭରିଲେ - ଲୋକେ ପ୍ରକୃତ ଶିକ୍ଷା ପାଇବେ ଯଦି ନିଜ ମାତୃଭାଷାରେ ଜ୍ଞାନ ଯାଇ ସେମାନଙ୍କ ପାଖରେ ପହଞ୍ଚିବ । ସେ ଗୋଟାକୁ ଗୋଟା ବଙ୍ଗଳାରେ ଲେଖି ଗ୍ଲିଲେ । ତାଙ୍କର ପ୍ରଥମ ବହି ହେଉଛି "ବର୍ଣ୍ଣ ପରିଚୟ" । ବଙ୍ଗ ଦେଶରେ ଘରି ପୁରୁଷ ଧରି ଲୋକେ ସେହି ବହି ପଢ଼ନ୍ତି । ତାକୁହିଁ ଆଶ୍ରାକରି ଓଡ଼ିଶାର ମଧୁସୂଦନ 'ବର୍ଣ୍ଣବୋଧ' ଲେଖିଲେ । ଈଶ୍ୱର ଚନ୍ଦ୍ରଙ୍କର ଜ୍ଞାନ ବିଷୟରେ ଇଂରେଜମାନେ ବହୁତ କିଛି ଆଲୋଚନା କରୁଥିଲେ । ଶେଷରେ କୁହାଗଲା ବିଦ୍ୟା ବା ଶାସ୍ତ୍ରଜ୍ଞାନ ବିଜ୍ଞ ଲୋକଙ୍କୁ ହିଁ ଶକ୍ତି ସାହସ ଯୋଗାଏ । ଏକଥା ଈଶ୍ୱର ଚନ୍ଦ୍ର ବିଦ୍ୟାସାଗର ପ୍ରମାଣ କରିଦେଲେ ।

**ଉଆର୍‌ବ୍ଲର୍** : କୋଇଲି କଣ୍ଠରୁ ଯେତେବେଳେ 'ଗୀତ' ବାହାରେ ସେତେବେଳେ କେହି କେହି ଥଟ୍ଟାରେ କୁହନ୍ତି କେତେକାଳ ଲାଗିଲେ ଯାଇ ଏହି ପକ୍ଷୀଟି ଏତେ ସୁନ୍ଦର ଗୀତ ଶିଖିଥିବଟି ! ପ୍ରକୃତରେ ତା'କୁ କେହି ଶିଖାଇ ନାହିଁ - ପ୍ରକୃତିହିଁ ତା'ଠାରେ ଏହି ଗୁଣ ଭରି ଦେଇଛି । ଏହି ଜାତିର ଚଢ଼େଇଙ୍କୁ "ସୁକଣ୍ଠ" ପକ୍ଷୀ ବୋଲି କୁହାଯାଏ । ବହୁ ଜାତିର, ବହୁ ରଙ୍ଗର ଓ ବହୁ ପ୍ରକାରର ସ୍ୱର ରଚନା କରୁଥିବା ଏହି ପକ୍ଷୀ ସବୁ ଏସିଆ ଓ ଇଉରୋପର ଅନେକ ଅଞ୍ଚଳରେ ଅଛନ୍ତି । ଇଂରାଜୀରେ ଉଆର୍‌ବ୍ଲର୍ ବୋଲି ଯେଉଁ ଶବ୍ଦ ଅଛି ତା'ର ଅର୍ଥ ହେଲା ଗୀତ, ଗାୟନ, ସ୍ୱର କଂପନ ବା ଗୀତମୟ ଧ୍ୱନି । ଯେଉଁସବୁ ପୋକ ଗଛର ପତ୍ରକୁ ଖାଇଯାଆନ୍ତି, ଗଛର ଗଣ୍ଡିକୁ ମଧ୍ୟ ନଷ୍ଟ କରିଦିଅନ୍ତି, ସେଗୁଡ଼ିକୁ ଏମାନେ ପେଟ ପୂରାଇ ଖାଇ ଦେଉଥିବାରୁ ଗଛସବୁ ରକ୍ଷା ପାଇଯାଉଛନ୍ତି । ଏମାନଙ୍କର ବସା ତିଆରି କୌଶଳକୁ ଲକ୍ଷ୍ୟ କରି ଦେଖାଯାଇଛି ପ୍ରତ୍ୟେକ ଜାତିର ବସା ତିଆରି କୌଶଳ ଅନ୍ୟଠାରୁ ଟିକେ ସ୍ୱତନ୍ତ୍ର ।

---

"ଦୁଇଜଣ ଆଜ୍ଞା ପାଳନ କରନ୍ତି ସତ - କିନ୍ତୁ ଦୁଷ୍ଟ କରେ ଭୟ ଯୋଗୁଁ ଓ ସାଧୁ କରେ ଶ୍ରଦ୍ଧାରେ ।"

--ଆରିଷ୍ଟଟଲ୍

**ଓଆଲ୍‌ରସ :** ସ୍ଥଳଭାଗରେ ସବୁଠାରୁ ବଡ଼ ଜୀବ ଦନ୍ତାହାତୀ ଯେତେବେଳେ ମୁଣ୍ଡଟେକି ଗ୍ରୁଲୁଥାଏ, ସେତେବେଳେ ଏମିତି କେହିହେଲେ ନାହିଁ ଯିଏ କି ତା' ଆଡ଼କୁ ନ ଗ୍ରହିଁବ । ସମୁଦ୍ର ଭିତରେ ଏହି ହାତୀ ଭଳି ଗୋଟିଏ ଜୀବ ବୁଲୁଥାଏ । ଦୂରରୁ ଦେଖିଲେ ମନେହେବ ସତେ ଯେପରିକି ଦନ୍ତାହାତୀ ନିଜର ଚରାଭୂଇଁ ସ୍ଥଳଭାଗରୁ ଯାଇ ସମୁଦ୍ରରେ ପହଁରୁଛି । ହାତୀଭଳି ଏହାର ମଧ୍ୟ ବେଶ୍ ମୋଟା ମୋଟା ମଜବୁତ୍ ଦାନ୍ତ ଅଛି । ଦୁଇ ଜୀବଙ୍କ ଭିତରେ ତଫାତ୍ ହେଉଛି - ଅଣ୍ଡିରା, ମାଈ ଉଭୟ ଓଆଲ୍‌ରସ୍‌ଙ୍କର ଦାନ୍ତ ପଦାକୁ ବାହାରିଛି । ସେଗୁଡ଼ିକ ଏକ ମିଟର ପର୍ଯ୍ୟନ୍ତ ଲମ୍ବ । ପୃଥିବୀର ଉତ୍ତର ଭାଗରେ ଯେଉଁ ଏସ୍କିମୋ ଜାତିର ଲୋକେ ଅଛନ୍ତି ସେମାନଙ୍କ ପାଇଁ ଓଆଲ୍‌ରସ୍ ହେଉଛି ଗୋଟିଏ ସଂପଦ । ୩ରୁ ୫ ସେଣ୍ଟିମିଟର ମୋଟା ଚମଡ଼ା ଥିବାରୁ ଲୋକେ ତାକୁ ନାନା କାମରେ ଲଗାନ୍ତି । ତଳେ ମୋଟା ଚର୍ବି ଢାଙ୍କୁଣୀ ରହିଛି । ସେଥିରୁ ତେଲ ବାହାର କରି ଆଲୁଅ ଜଳାନ୍ତି । ଏହାର ମାଂସ ଏସ୍କିମୋ ମାନଙ୍କର ଖାଦ୍ୟ । ଦାନ୍ତ ମଧ୍ୟ ନାନା କାମରେ ଲାଗେ । ମୁଣ୍ଡ ଗୋଲାଳିଆ, ଛୋଟ ଛୋଟ ଆଖି । ବାହାରକୁ କାନ ଦିଶେ ନାହିଁ । କାନ୍ଧର ଚମଡ଼ା ଭାଙ୍ଗ ପଡ଼ିଲା ଭଳି ହୋଇଥାଏ ।

ଏହି ଜାତିର ଜୀବଙ୍କ ସଂଖ୍ୟା କମି ଯାଉଛି । ଚର୍ବି ଓ ଦାମିକା ଦାନ୍ତ ଜାଣି ଏହାର ଶତ୍ରୁ । ମେରୁ ଭାଲୁ ବୋଲି ଯାହାକୁ କୁହନ୍ତି, ସମୁଦ୍ରରେ ତା'ର ଦୁଇଟି ଜୀବଙ୍କୁ ଡର । ଗୋଟାଏ ହେଲା ମାରଣ ତିମି ଓ ଅନ୍ୟଟି ଓଆଲ୍‌ରସ । ତିନିଟା ଭାଲୁଙ୍କ ଦେହ ସହିତ ଏହାର ଦେହ ସମାନ । ସମୁଦ୍ର ଭିତରେ ଥିଲେ ଏହାର ବଳ ଖୁବ୍ ବେଶୀ । ଯଦି ପାଣି କୂଳକୁ ଗ୍ଲି ଆସିଲା, ତା'ର ଆଉ ରକ୍ଷାନାହିଁ । କଥାରେ କୁହନ୍ତି - ପାଣି ଭିତରେ ଏହି ବିରାଟ ଜୀବଟି ରାଜା, କିନ୍ତୁ କୂଳକୁ ଆସିଲେ, ମାଂସ ପିଣ୍ଡୁଳା ।

**ଓଇ :** ଦେହଟି ଏଭଳି ନରମ ଯେ ଟିକିଏ ଚୋଟରେ ଚିପିଦେଲେ ସେଇଟି ମରିଯିବ । ତା ସାଙ୍ଗକୁ ସେଇ ଅତି ଛୋଟ କୀଟଟି ଭଲ ଭାବରେ ଦେଖି ପାରେ ନାହିଁ । ସେହିଭଳି ଗୋଟିଏ କୀଟକୁ ମଣିଷ ନିଜର ଗୁରୁ ବୋଲି ବିଗ୍ରରିବାକୁ ବାଧ୍ୟ ହେଲା - ଏହା କିଛି ସାମାନ୍ୟ କଥା ନୁହେଁ । ସେହି କୀଟଟିର ନାମ ହେଲା ଓଇ ।

ତା' ବିଷୟରେ ଅଧିକ କିଛି କହିଲା ପୂର୍ବରୁ ଗୋଟିଏ ବିଷୟ ସମସ୍ତେ ଜାଣିଯିବା ଅତି ଦରକାର । ଯେତେବେଳେ ମଣିଷ ସୃଷ୍ଟି ହୋଇ ନଥିଲା, ସେତେବେଳୁ ପ୍ରକୃତି ଗୋଟିଏ କଥା ବିଗ୍ରରିଲା । ଦିନେ ମଣିଷ ସୃଷ୍ଟି ହେବେ, ସେମାନେ ଦଳବଦ୍ଧ ହୋଇ ରହିବେ, ସେଭଳି ରହିବାଟାକୁ "ସମାଜ" ବୋଲି କୁହାଯିବ, ପ୍ରତ୍ୟେକ ଲୋକ ବିଗ୍ରରିବ ଯେ ସେ ସମାଜର ଜଣେ । ଏକ ସଙ୍ଗରେ ରହୁଥିବାରୁ ତା'ର ଶକ୍ତି ବଢୁଛି । ତେଣୁ ସମାଜର ମଙ୍ଗଳ ପାଇଁ ପ୍ରତ୍ୟେକ ଲୋକର ଭଲ ପାଇଁ ସେ ଆନନ୍ଦରେ ନିଜ କର୍ତ୍ତବ୍ୟ କରିଯାଉଥିବ । ତା' ଉପରେ ଯେତିକି ଦାୟିତ୍ୱ ଦିଆଯାଉଥିବ, ସେତକ ତୁଲାଇବାରେ ସେ ତିଳେ ମାତ୍ର ତ୍ରୁଟି କରୁ ନ ଥିବ, ପ୍ରତ୍ୟେକ ଲୋକ ଭାଗରେ ଯାହା ପଡ଼ିବାର କଥା, ସମାଜ ସେତକ ତା'କୁ ଯୋଗାଇ ଦେଉଥିବ । ସମାଜ ପାଇଁ ନିଜକୁ ବଳିଦେବା ନିମନ୍ତେ ପ୍ରତ୍ୟେକ ନାଗରିକ ପ୍ରତି ମୁହୂର୍ତ୍ତରେ ପ୍ରସ୍ତୁତ ହୋଇ ରହିଥିବ । ସେତିକିବେଳେ ପ୍ରକୃତି ପୁଣି ବିଗ୍ରରିଲା ମଣିଷଠାରେ ଯେତେ ବୁଦ୍ଧି ଖଞ୍ଜିଲେ ମଧ୍ୟ ଏଭଳି ଗୋଟାଏ ସମାଜ ଯେ ସୃଷ୍ଟି ହୋଇ ପାରିବ ଏ ବିଶ୍ୱାସ କଣ ତା'ର ହେବ ? ତା' ଆଗରେ ଦୁଇ-ତିନି ଜାତିର "ସମାଜ ଜୀବ" ରହିବେ । ସେମାନେ କେମିତି

---

"ନିଜର ଚତୁରତାକୁ ଲୁଗ୍ଇ ପାରିଲା ଭଳି ଯୋଗ୍ୟତା ଯାହାର ଅଛି, ସେହିଁ ପ୍ରକୃତ ଚତୁର ଲୋକ ।"

--ରୁସୋ

ଚାଲୁଛନ୍ତି, ମଣିଷ ଦେଖିବ । ତାହାହେଲେ ଯାଇ ସେ ଏକଥା ବିଶ୍ୱାସ କରିବ ।




( ଉଈ )

ପ୍ରକୃତି ତିନି ଜାତିର ଏଇ ଧରଣର ଜୀବ ସୃଷ୍ଟି କରିଦେଲା । ସେଗୁଡ଼ିକ ହେଲେ - ମହୁମାଛି, ପିମ୍ପୁଡ଼ି ଓ ଉଈ । ଏକାଠି କାମକଲେ ଏମାନେ ବହୁତ କିଛି କାମ କରିଦେଇ ପାରିବେ । ଗୋଟିଗୋଟିକିଆ ହୋଇ ରହିଲେ ଶକ୍ତିହୀନ ହୋଇଯିବେ । ହଜାର ହଜାର ମହୁମାଛି ଗୋଟିଏ ଫେଣାରେ ରହି ନିୟମ ମାନି କାମ କରୁଛନ୍ତି ବୋଲି ଆମେ ମହୁ ପାଇପାରୁଛୁ, ଆମ ବିଲରେ ଅଧିକ ଫସଲ ହେଉଛି । ଏତେ ଛୋଟ ଛୋଟ ଉଈ କେତେ ବଡ଼ ବଡ଼ ଉଈ ହୁଙ୍କା କରିଦେଉଛନ୍ତି ଆମେ ଦେଖୁଛୁ । ସେମାନେ ଇଚ୍ଛାକଲେ ଗୋଟାଏ ଗୋଟାଏ କୋଠାକୁ ଭାଙ୍ଗି ପକାଉଛନ୍ତି । ଗଦା ଗଦା କାଗଜ, କପଡ଼ାକୁ ଖାଇ ସଫା କରି ଦେଉଛନ୍ତି । ଏହିସବୁ ପଛରେ ରହିଛି ମିଳିମିଶି କାମ କରିବାର ଶକ୍ତି ।

ମହୁମାଛି ଓ ଉଈଙ୍କ ଭିତରେ ତଫାତ୍ ହେଲା, ମହୁମାଛି ଯାହାକିଛି କରେ ମନୁଷ୍ୟର ମଙ୍ଗଳ ପାଇଁ । ଉଈ ଅନ୍ୟର ଅପକାର କରିବାପାଇଁ ସତେ ଯେପରିକି ଜନ୍ମ ପାଇଛି । ଆଦୌ କିଛି ସେ ଉପକାର କରେ ନାହିଁ, ସେ କଥା ମଧ୍ୟ କହିହେବ ନାହିଁ ।

ଇଞ୍ଜିନିୟରମାନେ କୁହନ୍ତି ଯେ ଗୋଟିଏ ବଡ଼ ହୁଙ୍କା ତିଆରି କରିବାପାଇଁ ଉଈଙ୍କୁ କେତେ ପରିଶ୍ରମ କରିବାକୁ ପଡ଼ିଛି, ତା'ର ହିସାବ ଆଜିକାଲି ବାହାର କରାଗଲାଣି । ପାଞ୍ଚ ଶହ ମିଟର ଉଚ୍ଚର ଗୋଟାଏ ଅସମ୍ଭବ ପ୍ରକାରର କୋଠା ତୋଳିବା ଯେତିକି କଷ୍ଟସାଧ୍ୟ, ଅତି କ୍ଷୁଦ୍ର ଉଈଙ୍କ ପକ୍ଷରେ ଗୋଟିଏ ବଡ଼ ଉଈହୁଙ୍କା ତିଆରି କରିଦେବା ସେତିକି କଷ୍ଟସାଧ୍ୟ । ଏହି ହୁଙ୍କାକୁ ଦେଖି ଭକ୍ତକବି ମଧୁସୂଦନ ରାଓ ଗାଇ ଉଠିଥିଲେ--

କ୍ଷୁଦ୍ର କୀଟ ଉଈ ଅଳ୍ପ ଅଳ୍ପ କରି
ରଚଇ ବାଲ୍ମୀକ ଘର
ମୁହିଁ ସେହିପରି ସଞ୍ଚିବି ଯତନେ
ପୁଣ୍ୟ ଧନ ନିରନ୍ତର ।



( ଉଈ ହୁଙ୍କା କେଡ଼େ ବଡ଼ ହୋଇପାରେ )

"ଆନ୍ତରିକତା ବିନା କେହି ବଡ଼ ହୋଇନାହିଁ କିମ୍ବା ମହତ୍ କାମ କରିନାହିଁ ।"

--ବାଇରନ୍

ଉଇର ସବୁଠାରୁ ସୁବିଧା ହେଉଛି - ପ୍ରକୃତି ତାକୁ ଗୋଟାଏ ଚମତ୍କାର ଖାଦ୍ୟ ଅଭ୍ୟାସ ଦେଇଛି । ଖାଦ୍ୟପାଇଁ ତା' ସାଙ୍ଗରେ କେହି କୌଣସି ପ୍ରକାର ଟଣାଓଟରା କରୁନାହିଁ । ଏହାର ଖାଦ୍ୟ ହେଉଛି କାଠ । "ସେଲୁଲୋଜ" ନାମକ ଗୋଟିଏ ଉପାଦାନରେ କାଠ ତିଆରି । ମନୁଷ୍ୟ ବା ଅନ୍ୟପ୍ରାଣୀ ଏହି ସେଲୁଲୋଜକୁ ହଜମ କରିପାରିବ ନାହିଁ । ଉଇ କିନ୍ତୁ ଏହାକୁହିଁ ଖାଇ ବଞ୍ଚି ରହିଛି । ଅନ୍ୟ କୌଣସି ସୂତ୍ରରୁ ସେମାନେ ଏତେ ପରିମାଣରେ ଖାଦ୍ୟ ପାଆନ୍ତି ନାହିଁ । ଏହା ସାଙ୍ଗକୁ ଏକଥା ମଧ୍ୟ କୁହାଯାଇ ପାରେ ଯେ ଏଇ ପୋକଟି ହେଉଛି ସର୍ବଭୁକ୍ । ହୁଙ୍କା ଭିତରେ ଗୋଟାଏ ରକମର ଛତୁ ଗ୍ରଷ କରି ନିଜର ଖାଦ୍ୟ ସାଇତି ଦିଅନ୍ତି ।

ଉଇ ସମାଜର ଅସଲ ହେଲା ରାଣୀ । ସେ ଯେତେବେଳେ ବେଶ୍ ବଡ଼ ହୋଇଯାଏ, ପ୍ରତିଦିନ ଅର୍ଥାତ ୨୪ ଘଣ୍ଟାରେ ୩୬ ହଜାର ଅଣ୍ଡା ଦେଇଦିଏ । ବର୍ଷକରେ କୋଟିଏ ୩୦ ଲକ୍ଷ ଉଇ କେମିତି ଖାଇବେ, କାମ କରିବେ, ସମସ୍ତ ବ୍ୟବସ୍ଥା ସତେ ଯେପରିକି ଆଗରୁ ହୋଇ ରହିଛି ।

ଏମାନେ ମନୁଷ୍ୟର ବହୁତ କିଛି କ୍ଷତି କରନ୍ତି । କେତେ କେତେ ବଡ଼ ବଡ଼ ଘର ଏମାନଙ୍କ ଯୋଗୁ ଭାଙ୍ଗି ପଡ଼ିଛି । ମନୁଷ୍ୟ ଟିକିଏ ଅସାବଧାନ ହେଲେ ବହୁଯୁଗ ଧରି ସଞ୍ଚି ରଖାଯାଇଥିବା ହଜାର ହଜାର ପୋଥି, ପୁସ୍ତକ, ଚିତ୍ରକୁ ଏମାନେ ମାଟିଗଦା କରି ରଖିଦେଇଛନ୍ତି । କୌଣସି କୌଣସି ଦେଶର ଗୋଟାଏ ଗୋଟାଏ ଅଞ୍ଚଳର ଲୋକେ ଏମାନଙ୍କ ଅତ୍ୟାଗ୍ରରରୁ ରକ୍ଷାପାଇବାର ଉପାୟ ନଦେଖି ନିଜ ନିଜ ଅଞ୍ଚଳ ଛାଡ଼ି ଅନ୍ୟଆଡ଼େ ଗ୍ଲିଯାଇଛନ୍ତି ।

କେବଳ ଅନିଷ୍ଟ କରିବା ପାଇଁ କଣ ଏ ଜୀବକୁ ସୃଷ୍ଟି କରାଯାଇଛି ? ନା, ତା ନୁହେଁ । ଅରଣ୍ୟର ତଳ ଦେଶରେ ବହୁ ପରିମାଣରେ ଛୋଟ ବଡ଼ କାଠ ଜମା ହୋଇଯାଇଛି । ସେଗୁଡ଼ିକ ଯଦି ସେହିଭଳି ରହୁଥା'ନ୍ତା ଜଙ୍ଗଲର ତଳିଟା ବନ୍ଦ ବା ରୁଦ୍ଧ ଅବସ୍ଥାରେ ରହିଯାଇଥା'ନ୍ତା । ମାଟି ଭିତରୁ ପବନ ପୁଣି ଯିବାକୁ ଅସୁବିଧା ସୃଷ୍ଟି ହେଉଥାନ୍ତା । ଉଇ ସେସବୁ କାଠକୁ ଖାଇଯାଏ । ଅରଣ୍ୟ ତଳ ଅଂଶ ଜମିରେ ଫାଙ୍କ ସବୁ ସୃଷ୍ଟି କରିଦିଏ । ମାଟି ଭିତରେ ଭିତରେ ସରୁ ମୋଟ ସୁଡ଼ଙ୍ଗ ତିଆରି କରିଦେଲା ଫଳରେ ଜମି ଭିତରେ ପବନ ଖେଳେ ।

**ଉଇଖିଆ :** ମା' କ୍ଷୀର ଖାଇ ଯେଉଁ ଜୀବ ଗୁଡ଼ିକ ବଢ଼ନ୍ତି ସେଗୁଡ଼ିକ ପରେ ଅନ୍ୟ ପ୍ରକାର ଖାଦ୍ୟ ଖାଆନ୍ତି । ଦୁଇ ତିନି ଜାତିର ମା' କ୍ଷୀରଖିଆ ଜୀବ ବଡ଼ ହେଲେ ଉଇ ଓ ପିମ୍ପୁଡ଼ି ଖାଇ ଚଳିଯା'ନ୍ତି । ଭାଲୁ ସହିତ ସେ ଗୁଡ଼ିକର ଚେହେରା ବା ପ୍ରକୃତିର କୌଣସି ମେଳ ନଥିଲେ ମଧ୍ୟ ଆମେ ସେଗୁଡ଼ିକୁ ଉଇଖିଆ ବା ପିମ୍ପୁଡ଼ିଖିଆ ଭାଲୁ ବୋଲି କହୁ । ସେମାନେ ସାଧାରଣତଃ ଗ୍ରିଜାତିର । ଆମ ବଜ୍ରକାପଟା ସେହିମାନଙ୍କ ଭିତରୁ ଗୋଟିଏ । ଗାତ ଭିତରୁ ପିମ୍ପୁଡ଼ିଙ୍କୁ ବା ହୁଙ୍କା ଭିତରୁ ଉଇଙ୍କୁ ଖାଇବା ପାଇଁ ଯେପରି ସୁବିଧା ହେବ, ସେଥିପାଇଁ ତାଙ୍କୁ ସ୍ୱତନ୍ତ୍ର ପ୍ରକାର ଅଙ୍ଗ ଦିଆଯାଇଛି । ସେହି ଅଙ୍ଗଗୁଡ଼ିକ ଉଇ ପିମ୍ପୁଡ଼ିଙ୍କୁ ଧରିବା ପାଇଁ ଯନ୍ତ୍ରର ବା ଫାଶର କାର୍ଯ୍ୟକରେ । ଲମ୍ବ ଜିଭ ନଥିଲେ ଗାତ ଭିତରୁ ଉଇ ପିମ୍ପୁଡ଼ିଙ୍କୁ କାଢ଼ି ଆଣି ପାରନ୍ତେ ନାହିଁ । ଗୋଡ଼କୁ ମଜବୁତ୍ କରି ନୂଆ ଢଙ୍ଗରେ ତିଆରି ନକରି ଥିଲେ ହୁଙ୍କା ବା ଗାତ ଖୋଳି ସେଗୁଡ଼ିକୁ ବାହାର କରି ପାରନ୍ତେ ନାହିଁ । ଦେହରେ ମୋଟା ମୋଟା କାଠି, ବହଳିଆ ଲୋମ ବା ଝିଙ୍କ କାଠି ଭଳି ଟାଣ ଲୋମ ନଥିଲେ ସୁବିଧା ହୁଅନ୍ତା ନାହିଁ - ଦେହ ଉପରେ ଉଇ ପିମ୍ପୁଡ଼ି ଚଢ଼ିଯାଇ ସେମାନଙ୍କୁ ଅସ୍ତବ୍ୟସ୍ତ କରି ଦିଅନ୍ତେ ।

"ଅସ୍ଥାୟୀ ସୁବିଧା ପାଇଁ ସ୍ଥାୟୀ ସୁବିଧାକୁ ବଳି ଦେବାର ଅନ୍ୟ ନାମ ହେଉଛି ଅସାଧୁତା ।"

--ବୋଭୀ

**ଉଇଜେଲ୍** : ଇଉରୋପ ମହାଦେଶରେ ଗୋଟାଏ କଥା ଅଛି । ସେଇଟା ହେଲା - "ସେ ଗୋଟାଏ ଉଇଜେଲ୍" । ଯେଉଁ ଲୋକଟି ଅତ୍ୟନ୍ତ ଲୋଭୀ, ଖୁବ୍ ଚାଲାକ୍ ଓ ଗଳିପଶି ଅନ୍ୟର କ୍ଷତି କରେ ତାକୁ ଉଇଜେଲ୍ ବୋଲି ଆଖ୍ୟା ଦିଆଯାଏ ।

ଏହି ନାମର ଯେଉଁ ଜୀବଟି ଅଛି, ସେଇଟିର ଲମ୍ବ ପ୍ରାୟ ୩୦ ସେ.ମି. । ସେଇଟି ଭାରି ସାହସୀ । ଦେହ ତୁଳନାରେ ଖୁବ୍ ବଳୁଆ । ନେଉଳ ଭଳି ଦେହଟି ଲମ୍ବାଳିଆ । ଛୋଟ ମୁଣ୍ଡ । ଛୋଟ କାନ । ବେକଟି ଲମ୍ବା । ଗୋଡ଼ ଗୁଡିକ ଛୋଟ ଛୋଟ । ପ୍ରତ୍ୟେକ ପାଦରେ ପାଞ୍ଚ ଆଙ୍ଗୁଳି । ଆଙ୍ଗୁଳିରେ ମୁନିଆ ନଖ । ସେ ନଖ ବଙ୍କା । ପାଟିରେ ରହିଛି ଦାନ୍ତୁଆ ଦାନ୍ତ । ଶୀତପ୍ରଧାନ



( ଉଇଜେଲ୍ )

ଅଞ୍ଚଳରେ ଏହାର ରଙ୍ଗ ବର୍ଷକରେ ତିନିଥର ବଦଳିଯାଏ । ଏଇ ମାଂସାସୀ ଜୀବଟି ଶୀକାର କରିବାରେ ଧୁରନ୍ଧର । ମୂଷା, ବେଙ୍ଗ, ଠେକୁଆ, ଛୋଟ ଛୋଟ ପକ୍ଷୀ ଏହା କବଳରୁ ସହଜରେ ରକ୍ଷା ପାଆନ୍ତି ନାହିଁ । ଗାତ, ଗଛର ଫାଙ୍କ, ଅଳିଆଗଦା ତଳ, ଗଛର ଡାଳ ସବୁଠାକୁ ଏ ଗଳିଯାଏ । ପାଣିରେ ପହଁରି ପାଣିମୂଷା ଓ ବେଙ୍ଗକୁ ଖାଇଯାଏ । ଶିକାରକୁ ଧରିଲେ ତଣ୍ଟି କଣାକରି ଉଷୁମ ରକ୍ତତକ ପିଇଦିଏ । ତାହାପରେ ମୁଣ୍ଡର ବସା ବା ମଗଜଟାକୁ ଖାଇବ । ଶେଷରେ ଯାଇ ମାଂସ ଆଡକୁ ଦୃଷ୍ଟି ଦେବ । ଗାତରୁ, ଗଛ ଉପରୁ ବା ପାଣିରୁ ପଦାକୁ ଆସିଲେ ଯାଇ ଅନ୍ୟମାନେ ଶିକାର ଧରିବେ । ଉଇଜେଲ୍ କିନ୍ତୁ ଘର ଭିତରେ ପଶି ଶିକାର କଲାଭଳି କରିଥାଏ । ଏହାର ଚମଡାର ମୂଲ୍ୟ ବହୁତ ବେଶୀ । ପୂର୍ବେ ଜଜ୍‌ମାନେ ଉଇଜେଲ୍ ଚମଡାର ଗାଉନ୍ ପିନ୍ଧୁଥିଲେ । କିନ୍ତୁ ଏହାକୁ ଶିକାର କରିବା ସବୁବେଳେ ମନୁଷ୍ୟ ପକ୍ଷରେ ସହଜ ହୁଏ ନାହିଁ । ସେଇଟି ଏଭଳି ଡେଇଁ ଡେଇଁକା ଖ୍ୱଳିଯାଏ ଯେ ତା' ଦେହରେ ଅନେକ ସମୟରେ ଗୁଳି ବାଜେନାହିଁ । ସେ ଶୋଇଥିଲାବେଳେ ମଧ୍ୟ ତା'କୁ ଧରି ପକାଇବା ଏତେ ସହଜ ନୁହେଁ । ଯେଉଁ କାମଟା ଏତେ କଷ୍ଟ ଯେ ତାକୁ କରିବା ଆଦୌ ସହଜ ନୁହେଁ ବୋଲି ମନେ ହେଉଥିଲା - ସେ ଭଳି ଗୋଟାଏ କାର୍ଯ୍ୟ ଜଣେ ଯଦି ବୁଦ୍ଧି ଖଟାଇ କରିଦେଲା ତାକୁ କୁହାଯାଏ - "ତୁ ଜାଣି ଶୋଇଲା ଉଇଜେଲ୍‌କୁ ଧରିଦେଲୁ ।" ସମୁଦାୟ ଇଉରୋପ, ଉତ୍ତର ଏବଂ କେନ୍ଦ୍ର ଏସିଆରେ ଏହି ଜୀବ ରହନ୍ତି ।

**ଉଇନିପେଗ୍** : ଆମେରିକା ମହାଦେଶରେ ଥିବା କାନାଡ଼ା ଦେଶର ଗୋଟିଏ ହ୍ରଦ । ଏହାର କ୍ଷେତ୍ରଫଳ ୨୩ ହଜାର ବର୍ଗ କି.ମି.ରୁଅଧିକ ଅର୍ଥାତ ଅବିଭକ୍ତ କଟକ ଜିଲାର କ୍ଷେତ୍ରଫଳର ଦୁଇଗୁଣରୁ ଅଧିକ । କଟକଠାରୁ କଲିକତା ଯେତିକି ଦୂର, ସେତିକି ଦୂରକୁ ଏଇଟି ବ୍ୟାପୀ ରହିଛି । ତା' ଭିତରେ ଅନେକ ଗୁଡ଼ିଏ ଦ୍ୱୀପ ଅଛି । ସେଥିରୁ ଗୋଟିକର କ୍ଷେତ୍ରଫଳ ହେଉଛି ୧୪୦ ବର୍ଗ କି.ମି. ।

"ସ୍ୱାର୍ଥପର ଲୋକ ସବୁବେଳେ ଅସନ୍ତୋଷ ମଧ୍ୟରେ ବୁଡ଼ି ରହିଥାଏ; କାରଣ ଯେତେ ପାଇଲେ ବି ଆହୁରି ପାଇବାକୁ ଇଚ୍ଛା କରୁଥାଏ ।"

--ଫ୍ରାଙ୍କଲିନ୍

**ଉଇମ୍ବଲଡନ୍** : ଲଣ୍ଡନ ନିକଟରେ ଥିବା ଏହି ଛୋଟିଆ ସହରଟି ଗୋଟିଏ ଖେଳ ପାଇଁ ପୃଥିବୀର ସବୁ ଖେଳପ୍ରେମୀଙ୍କ ପାଖରେ ପରିଚିତ ହୋଇଗଲା । ସେହି ଖେଳର ନାମ ଟେନିସ୍ । ୧୮୭୭ରେ ପ୍ରଥମେ ଲନ୍ ଟେନିସ୍ ଖେଳ ଏହିଠାରେ ହେଲା । ପ୍ରଥମ ଅବସ୍ଥାରେ ସୌଖୀନ ଖେଳାଳୀମାନେ ଏଠାରେ ପ୍ରତିଯୋଗିତା କରୁଥିଲେ । ପରେ ଅନ୍ୟମାନେ ମଧ୍ୟ ଖେଳିଲେ । ଜୁନ୍ ମାସ ଶେଷରେ ପ୍ରତିଯୋଗିତା ଆରମ୍ଭ ହୁଏ ଓ ଦୁଇସପ୍ତାହ ପର୍ଯ୍ୟନ୍ତ ଚାଲେ । ଲକ୍ଷ ଲକ୍ଷ ଦର୍ଶକ ଏହି ଖେଳ ଦେଖନ୍ତି ।

**ଉକୁଣି** : ଦେହ ଓ ମୁଣ୍ଡର ବାଳ ଭଲ ଭାବରେ ସଫା ନ ରହିଲେ ଦେଖାଯାଏ ଯେ ଗୋଟିଏ ଜାତିର ଛୋଟ ଛୋଟ ପୋକ ସେସବୁ ଯାଗାରେ ରହି ଯାଉଛନ୍ତି । ସେଗୁଡ଼ିକୁ ଉକୁଣି ବୋଲି କୁହନ୍ତି । ମୁଣ୍ଡରେ ଗୁଡ଼ାଏ ଉକୁଣି ହୋଇଗଲେ ସବୁବେଳେ କୁଣ୍ଡାଇ ହୁଏ । ସେଥିରୁ ଗୋଟିଏ ଧରି ମାରିଦେଲେ ଯାଇ ଶାନ୍ତି ଲାଗେ । ଥରେ ମୁଣ୍ଡରେ ପଶିଲେ ଶୀଘ୍ର ଶୀଘ୍ର ଏମାନଙ୍କର ବଂଶ ବଢ଼ିଯାଏ । କେତେକ ପ୍ରକାର ରୋଗ ଏହିମାନଙ୍କ ଯୋଗୁ ଜଣକଠାରୁ ଅନ୍ୟଜଣଙ୍କ ପାଖକୁ ଯାଏ । ଅଣ୍ଡା, ଅଣ୍ଡାରୁ ଫୁଟିଥିବା ସଦ୍ୟଛୁଆ ଓ ଭଲ ଭାବରେ ବଢ଼ି ବଡ଼ ହୋଇଥିବା - ତିନି ଅବସ୍ଥାରେ ଆମେ ଏହାକୁ ଦେଖୁ । ଅଣ୍ଡାକୁ-କୁହାଯାଏ 'ନିଖ' । ଉକୁଣି ମୁଣ୍ଡର ବାଳ ଖେଳେଇ ପକାଇଲେ ଏଗୁଡ଼ିକ କେମିତି ବାଳ ଦେହରେ ଲାଗି ରହିଯାଇଛନ୍ତି ଜଣାପଡ଼ିଯାଏ । କାରଣ ଏହାର ରଙ୍ଗ ଧଳା । ୬ରୁ ୯ଦିନ ମଧ୍ୟରେ ଅଣ୍ଡାରୁ ଛୁଆ ବାହାରି ପଡ଼ନ୍ତି, ତାକୁ କହନ୍ତି ଗଜି । ସେହି ଗଜି ଚାଲେ ଓ ଦେଖିବାକୁ ଧଳାସିଆ । ପ୍ରାୟ ପନ୍ଦର ଦିନ ପରେ ଦେଖିବାକୁ କଳା ଓ ଚେପଟା ହୋଇଯାଏ । ସେତେବେଳେ ତା'ର ନାମ ଡାଗରା । ମୁଣ୍ଡ ଭିତରେ ଖୁବ୍ ଜୋରରେ ଚାଲେ । ବାଳ ଭିତରୁ ତାକୁ ଖୋଜି ବାହାର କରିବା ସହଜ ହୁଏନାହିଁ । ସ୍ତ୍ରୀ ଲୋକମାନଙ୍କର ଲମ୍ବବାଳ ଥିବାରୁ ଥରେ ମୁଣ୍ଡରେ ଉକୁଣି ହେଲେ, ଅତି ଶୀଘ୍ର ବଂଶ ବୃଦ୍ଧି ହୋଇଯାଏ । ସେଗୁଡ଼ିକୁ ଧରି ଚିପିଦେଲେ ଜଣାଯିବ କେତେ ରକ୍ତ ପିଉଛନ୍ତି । ଅଳ୍ପ ସଂଖ୍ୟା ଥିଲାବେଳେ ମୁଣ୍ଡକୁ ଭଲକରି ସାବୁନ ଓ ଗରମ ପାଣିରେ ଧୋଇ ସରୁଦାନ୍ତ ପାନିଆରେ କୁଣ୍ଡାଇଲେ ଏଗୁଡ଼ିକ



(ବିଭିନ୍ନ ପ୍ରକାରର ଉକୁଣି)

ବହୁସଂଖ୍ୟାରେ ମରିଯା'ନ୍ତି । ଚମରେ ମଧ୍ୟ ଗୋଟାଏ ପ୍ରକାର ଉକୁଣି ଚମକୁ କାମୁଡ଼ି ରହିଯା'ନ୍ତି । ଦେହକୁ ଭଲକରି ସଫା କଲାପରେ ଲୁଗାପଟାକୁ ଭଲକରି ଗରମ ପାଣିରେ ସଫା କଲେ ସେଥିରେ ଥିବା ଉକୁଣି ଓ ଗଜି ମରିଯା'ନ୍ତି ।

**ଉଚ୍ଚାରଣ** : ଗୋଟିଏ ବିଷୟ ଲେଖାଯାଇଛି । ସେଥିରେ କେତେଗୁଡ଼ିଏ ଶବ୍ଦ ଅଛି । ପ୍ରତ୍ୟେକ ଶବ୍ଦ ଖୁବ୍ ବଡ଼ ପାଟିରେ ସ୍ପଷ୍ଟ ଭାବରେ କହିଲେ ଯାଇ ଶୁଣିଲା ଲୋକ ସହଜରେ ବୁଝିପାରିବ ଅନ୍ୟ ଜଣେ ପ୍ରକୃତରେ କଅଣ କହୁଛି । ବର୍ଣ୍ଣମାଳାରେ ଯେତେ ଅକ୍ଷର ଅଛି, ପ୍ରତ୍ୟେକଟିକୁ ଉଚ୍ଚାରଣ ଛାଞ୍ଚରେ ପକାଇ ଦିଆଯାଇପାରେ । ପ୍ରତ୍ୟେକ ଅକ୍ଷରଟି ଗୋଟିଏ ଧ୍ୱନିର ପରିଚୟ ଦେଉଛି । 'କ' 'ର' କୁ ବଡ଼ ପାଟିରେ କହିଲେ 'କର' ବୋଲି ଶୁଣାଯାଉଛି । ସେଥିରୁ ଅର୍ଥ ବାହାରୁଛି ଗୋଟାଏ କିଛି କାମ କର । ଅକ୍ଷରଟିକୁ କେମିତି ଭାବରେ ପାଟିରେ କହିବ ତାହାର ନିୟମ ବନ୍ଧାଯାଇଛି । ସେହି ନିୟମକୁ ଟିକିଏ ଏପାଖ ସେପାଖ

"ଶିଷ୍ଟତା ଭିତରେ ଏଭଳି ମୋହିନୀ ଶକ୍ତି ରହିଛି ଯେ ସମସ୍ତଙ୍କର ଶ୍ରଦ୍ଧା ତା'ରି ଆଡ଼କୁ ଟାଣି ହୋଇଯିବ ।"

--ହର୍ଷ

କରିଦେଲେ କଥାର ଅର୍ଥଟା ଗୋଳମାଳିଆ ଧରିଯିବ । ପ୍ରତ୍ୟେକ ଭାଷାର ଗୋଟିଏ ଉଚ୍ଚାରଣ ନିୟମ ବା ପଦ୍ଧତି ଅଛି । ଏକା ପ୍ରକାରର ଧ୍ୱନିକୁ ଭିନ୍ନ ଭିନ୍ନ ଭାଷାରେ ବର୍ଣ୍ଣମାଳାରେ ଭିନ୍ନ ଭିନ୍ନ ଭାବରେ ଉଚ୍ଚାରଣ କରାଯାଏ । 'କ' କ ବୋଲି ଲେଖାଥିଲେ ଆମେ କହୁଛୁ 'କ' । କିନ୍ତୁ ସେହି ଧ୍ୱନିଟି ଇଂରାଜୀ ବର୍ଣ୍ଣମାଳା ଅନୁସାରେ ଜଣାଇବାକୁ ଗଲେ 'K'ବୋଲି ଲେଖାଯାଏ ।

ଏହି କଥାଟିକୁ ଯେମିତି ସରଳ ଭାବରେ କହି ଦିଆଗଲା, ପ୍ରକୃତରେ ତାହା ସେଭଳି ସରଳ ନୁହେଁ । କାରଣ ସବୁ ଭାଷାରେ ପ୍ରତ୍ୟେକ ଧ୍ୱନି ପାଇଁ ସମାନ ସଂଖ୍ୟକ ଅକ୍ଷର ନାହିଁ । ଓଡ଼ିଆରେ ୪୬ଟି ଥିଲା ବେଳକୁ ଇଂରାଜୀରେ ଅଛି ୨୬ଟି । ଦରକାର ପଡ଼ିଲା ବୋଲି ତ ଓଡ଼ିଆରେ ୪୬ଟି ଅକ୍ଷର ବାହାର କରାଯାଇଛି । ପ୍ରତ୍ୟେକର ଗୋଟାଏ ସ୍ୱତନ୍ତ୍ର ଧ୍ୱନି ରହିଛି । ସେହି ୪୬ ଧ୍ୱନିକୁ ୨୬ଟି ଅକ୍ଷରରେ କେମିତି ପ୍ରକାଶ କରିହେବ ? ସେଇଠି ରହିଯାଉଛି ଅଡୁଆ । ତେଣୁ ଇଂରାଜୀରେ କଅଣ କରାଯାଏ ନା ଦରକାର ସ୍ଥଳେ ଏକରୁ ଅଧିକ ଅକ୍ଷରକୁ ଏକସଙ୍ଗରେ ଯୋଡ଼ି ଗୋଟିଏ ଗୋଟିଏ ଧ୍ୱନି ବାହାର କରାଯାଏ । ଯେଉଁଠି ତାହା ସମ୍ଭବ ନୁହେଁ, ସେଠାରେ ଗୋଟାଏ ଅକ୍ଷର ଭିତରୁ ଭିନ୍ନ ଧ୍ୱନି ବାହାର କରାଯାଏ । ସେଭଳି ହେବାକୁ ବାଧ୍ୟ । ୨୬ ତ ଆଉ ୪୬ର ସ୍ଥାନ ପୂରଣ କରିପାରିବ ନାହିଁ । ଓଡ଼ିଆ ଶବ୍ଦଟି ଆମେ ଦେଖିଲୁ । ସେଥିରେ କେତୋଟି ଅକ୍ଷର ରହିଛି । ଆମେ ଜାଣୁ କେଉଁ ଅକ୍ଷରଟିକୁ କେମିତି ଉଚ୍ଚାରଣ କରିହେବ । ତେଣୁ କିଛି ଅସୁବିଧା ହୁଏନାହିଁ । 'କ' 'ଳ' କଳ ଲେଖାଯାଇଛି । ଆମେ ପଢ଼ିଲୁ କଳ । ଇଂରାଜୀରେ କିନ୍ତୁ ଏଇଆକୁ ଲେଖିବା ପାଇଁ ଚାରୋଟି ଅକ୍ଷରକୁ ଖଞ୍ଜାଯାଇଛି - KALA । ସେଇଥିରେ କଥା ସରୁନାହିଁ । ଯିଏ ଇଂରାଜୀ ଜାଣିଛି ଓଡ଼ିଆ ଜାଣିନାହିଁ, ସେ କହିଲା ଏଠାରେ ଲେଖାଯାଇଛି କାଳ । ତା' ସାଙ୍ଗରେ ଆଉ ଜଣେ କହିଲାଣି ପ୍ରକୃତରେ ଲେଖାଯାଇଛି କଳା । ତୃତୀୟ ଲୋକ କହିଲାଣି ଏ ହେଉଛି କଳା ବା କାଲା । ତେଣିକି କୁହାଯିବ ଯେ KALA ବୋଲି ଯାହା ଲେଖାଯାଇଛି, ତା'କୁ କେମିତି ଉଚ୍ଚାରଣ କରିବ ସେଇଟା ଶିଖିବାକୁ ପଡ଼ିବ । ଓଡ଼ିଆ ଅଭିଧାନ ଖୋଲିଲେ କାଳ ଶବ୍ଦ ବାହାରିବ । ତା' ଡାହାଣରେ ଲେଖାଯାଇନାହିଁ ଏଇଟିକୁ କେମିତି ଉଚ୍ଚାରଣ କରିବ । କାରଣ ଯାହା ଲେଖାଯାଇଛି ତାହାହିଁ ଉଚ୍ଚାରଣ କରିବ । ଇଂରାଜୀ ବେଳକୁ ସେ କଥା ହେଉନାହିଁ । ଯେ କୌଣସି ଇଂରାଜୀ ଅଭିଧାନ ଖୋଲିଲେ ଦେଖିବ ପ୍ରତ୍ୟେକ ଶବ୍ଦର ଡାହାଣରେ ଲେଖାଯାଇଛି ସେ ଶବ୍ଦଟିକୁ କେମିତି ଉଚ୍ଚାରଣ କରିବ । BUT ଲେଖାଯାଇ ଥିବାରୁ ଆମେ ବଟ୍ ବୋଲି ପଢୁଛୁ, ବଟ୍ ବୋଲି କହୁଛୁ; କିନ୍ତୁ PUT ଲେଖାଯାଇ ଥିଲେ ପଟ୍ ବୋଲି ନ ପଢ଼ି ପୁଟ୍ ବୋଲି ପଢୁଛୁ । କୌଣସି ନିୟମକୁ ଅପେକ୍ଷା ନ କରି ଇଂରେଜମାନେ ସେହିଭଳି ପଢ଼ିଆସିଛନ୍ତି । ଆମେ ମଧ୍ୟ ପଢ଼ିଲୁ । ଏଇ ଅସୁବିଧା ଆମ ସମସ୍ତଙ୍କୁ ଅଡୁଆରେ ପକାଏ । ତୁମେ ଏହି ଇଂରାଜୀ ଶବ୍ଦର ଠିକ୍ ଉଚ୍ଚାରଣ କରୁନାହିଁ ବୋଲି କୁହାଯାଏ ।

ତା' ସାଙ୍ଗକୁ ଆଉ ଗୋଟାଏ ଅଡୁଆ ଅଛି । ଗୋଟାଏ ଭାଷାରେ ଶବ୍ଦଗୁଡ଼ିକୁ ଉଚ୍ଚାରଣ କରିବାରେ ଧରାବନ୍ଧା ନିୟମ ଥିଲେ ମଧ୍ୟ ଗୋଟିଏ ଦେଶର ଭିନ୍ନ ଭିନ୍ନ ଅଞ୍ଚଳର ଲୋକେ ତା'କୁ ଟିକିଏ ଭିନ୍ନ ଭିନ୍ନ ଭାବରେ ଉଚ୍ଚାରଣ କରିଦେଉଛନ୍ତି । ଯେଉଁଟି ଠିକ୍ ସେ ବିଷୟରେ ଆମକୁ କୁହାଯାଉଛି । ଇଂରାଜୀ ପଢ଼ାଇବା ଶିକ୍ଷକ କହନ୍ତି CLASS । କ୍ଲାସ୍ ଶବ୍ଦ ଭିତରେ ଯେଉଁ A ଅଛି ତା'କୁ ଇଂଲଣ୍ଡର ଉତ୍ତର ଅଂଶର ଲୋକେ

"ତୁମକୁ ଯଦି ସେଠାରେ ଆଲୋକ ଓ ପ୍ରେରଣା ନ ମିଳିଲା, ତେବେ ତାହା ମନ୍ଦିର ବୋଲି କେମିତି କୁହାଯିବ ।"

--ଯୋନସ୍

ଗୋଟାଏ ଢଙ୍ଗରେ ଉଚ୍ଚାରଣ କରନ୍ତି ତ ଦକ୍ଷିଣ ଅଂଶର ଲୋକେ ଟିକିଏ ଭିନ୍ନ ଭାବରେ କରନ୍ତି । CLASS ଭିତରେ ଥିବା A କୁ ଟିକେ ଲମ୍ବେଇ ଉଚ୍ଚାରଣ କରନ୍ତି ଉତ୍ତର ଇଂଲଣ୍ଡର ଲୋକେ । ଦକ୍ଷିଣ ଇଂଲଣ୍ଡର ଲୋକେ ଟିକେ ଧୀରେ କହିଥା'ନ୍ତି । ସବୁ ଭାଷାରେ ଠିକ୍ କରିଦିଆଯାଇଛି କେଉଁଟା ଠିକ୍ ବା କରେକ୍ଟ୍ ଉଚ୍ଚାରଣ । ସାହେବଙ୍କୁ ପଚାରିଲେ ସେମାନେ କହିବେ ଇଂଲଣ୍ଡରୁ ଦକ୍ଷିଣ ଅଂଶର ଶିକ୍ଷିତ ଲୋକେ ଇଂରାଜୀ ଶବ୍ଦକୁ ଯେମିତି ଉଚ୍ଚାରଣ କରୁଛନ୍ତି ତାହାହିଁ ହେଉଛି ଠିକ୍ ଉଚ୍ଚାରଣ । ଯୁକ୍ତରାଷ୍ଟ୍ର ଆମେରିକାରେ ଯେଉଁମାନେ ଇଂରେଜୀ କହନ୍ତି, ସେମାନେ କିନ୍ତୁ ଏ ନିୟମକୁ କଡ଼ାକଡ଼ି ଭାବେ ମାନିଲେ ନାହିଁ । ଉଚ୍ଚାରଣ ଟିକିଏ ଏପାଖ ସେପାଖ କରିଦେଲେ ।

**ଉଡ଼ନ୍ତା ଗୁଣ୍ଡୁଚି ମୂଷା :** ଉଡୁ ନଥିଲେ ମଧ୍ୟ ଏହି ଗୁଣ୍ଡୁଚିକୁ କାହିଁକି ଉଡ଼ନ୍ତା ଗୁଣ୍ଡୁଚି ମୂଷା ବୋଲି କୁହାଯାଏ, ସେ ପ୍ରଶ୍ନ ବହୁ ଲୋକ ଉଠାନ୍ତି । ଏହାର ଆଗ ଗୋଡ଼ ଓ ପଛଗୋଡ଼ ମଧ୍ୟରେ ଗୋଟିଏ ଚମଡ଼ା ପରଦା ରହିଛି । ସେଇଟି କାଗଜଠାରୁ ମୋଟ ନୁହେଁ । ଗୋଟିଏ ଗଛରୁ ସେଇଟି ଯେତେବେଳେ ଆଉ ଗୋଟିଏ ଗଛକୁ ଡେଇଁପଡ଼େ, ଏଇ ପରଦା ଖୋଲିଯାଏ ଓ ପାରାଚୁଟ୍ ଭଳି କାମକରେ । ତେଣିକି ସେ ପବନରେ ଭାସିଗଲା ବେଳେ ପଚିଶ ଛବିଶ ମିଟର ପର୍ଯ୍ୟନ୍ତ ଗ୍ଲିଡିଯାଏ । ଦରକାର ପଡ଼ିଲେ, ୬୦ ମିଟରରୁ ଅଧିକ ମଧ୍ୟ ଭାସି ଯିବାର ଦେଖାଯାଇଛି । ଏସିଆ, ଇଉରୋପ ଓ ଆମେରିକାରେ ଏଗାର ଜାତିର ଉଡ଼ନ୍ତା ଗୁଣ୍ଡୁଚିମୂଷା ଅଛନ୍ତି । ଭାରତରେ ବେଶ ବଡ଼ ଜାତି ଦେଖାଯା'ନ୍ତି । ଗୋଟାଏ ଲମ୍ବା ଲାଙ୍ଗୁଳ ରହିଛି । ନାକ ଆଗରୁ ଲାଞ୍ଜ ପର୍ଯ୍ୟନ୍ତ ଏଇଟି ୪୫ ସେ.ମି. ହେଲା ବେଳକୁ ଲାଞ୍ଜଟା ପ୍ରାୟ ୬୦ ସେ.ମି. । ଦେହର ଲୋମ ଖୁବ୍ ଚିକ୍କଣ । ହାତକୁ ଶିଲକ୍ ଭଳି ଲାଗେ । ହିମାଳୟ ଅଞ୍ଚଳ ଲୋକେ ଏହାକୁ ନାମ ଦେଇଛନ୍ତି ପଶ୍ମୀ ଗୁଣ୍ଡୁଚି । ରାତିରେ ଏମାନେ ବାହାରନ୍ତି । ତେଣୁ ଲୋକେ ଏହାକୁ ସହଜରେ ଧରି ପାରନ୍ତି ନାହିଁ । ଭାରତ, ଜାପାନ ଓ ଜାଭାରେ ନାଲି ବା କଳା ରଙ୍ଗର ଅଛନ୍ତି ।

**ଉଡ଼ନ୍ତା ମାଛ :** ଏହି ମାଛ କେମିତି ଉଡ଼ିଲା ଭଳି ଗ୍ଲିଡିଯାଏ ତା'କୁ ଲକ୍ଷ୍ୟକରି କେତେକ ଲୋକ ଏହାକୁ "ପବନ ଭସା" ମାଛ ବୋଲି କହିଛନ୍ତି । ପାଣିରୁ ଉଠିଲା ପରେ ଏହି ମାଛର ଯେଉଁ ଗାଲି ଡେଣା ଭଳି ମେଲିଯାଏ, ତାକୁ କିନ୍ତୁ ସେ ପକ୍ଷୀ ଡେଣା ହଲାଇଲା ଭଳି କରେନାହିଁ । ସତେ ଯେପରିକି ସେ ଭାସି ଯାଉଥାଏ । ଉଡ଼ାଜାହାଜ ଉଡ଼ିଗଲା ଭଳି ସେଗୁଡ଼ିକ



(ଉଡ଼ନ୍ତା ମାଛ)

ଦେଖାଯା'ନ୍ତି । ଏଠାରେ ଦିଆଯାଇଥିବା ଚିତ୍ରକୁ ଭଲ କରି ଲକ୍ଷ୍ୟକଲେ ବେଶ୍ ବୁଝି ହୋଇଯିବ ଯେ ମାଛଟି ଉଡୁନାହିଁ, ପବନରେ ଭାସିଯାଉଛି ।

---

"ଲୋକ-ଚକ୍ଷୁରେ ରହିବାକୁ ଯିଏ ଇଚ୍ଛା କରେ, ସେ ଲୋକଙ୍କ ଦ୍ୱାରା ନିନ୍ଦିତ ହେବାକୁ ମଧ୍ୟ ପ୍ରସ୍ତୁତ ହୋଇଯିବ ।"

--ସୁଇଫ୍ଟ୍

ପାଣିରୁ ବାହାରି ଉଡ଼ିବାଟା ଏମାନଙ୍କ ପକ୍ଷରେ ଯେ ଖେଳ ଏଭଳି ବିଗ୍ୱରିଲେ ଠିକ୍ ହେବନାହିଁ । ଶତ୍ରୁ ହାତରୁ ନିଜକୁ ରକ୍ଷା କରିବା ପାଇଁ ପ୍ରକୃତି ଏହି ମାଛକୁ "ଉଡ଼ିବା" କୌଶଳ ଶିଖାଇଛି । ସମୁଦ୍ରରେ କେତେ ଜାତିର ମାଛ ଅଛନ୍ତି ଯେଉଁଗୁଡ଼ିକ କେବଳ ମାଛ ଖାଆନ୍ତି । ସେହିମାନଙ୍କ ଆକ୍ରମଣରୁ ରକ୍ଷା ପାଇବାପାଇଁ ପାଣି ଉପରକୁ ହଠାତ୍ ଉଠିଯାଇ ଏହି ମାଛ ପବନରେ କିଛି ଦୂରକୁ ଭାସିଯାଏ ।

**ଉଡ଼ାଜାହାଜ :** ମନୁଷ୍ୟର ଯେତେବେଳେ ବୁଦ୍ଧି ପୋଖତ ହୋଇ ଆସିଲା ସେତେବେଳେ ସେ ଗୋଟିଏ କଥା ଲକ୍ଷ୍ୟ କରି ବହୁତ ମନ କଷ୍ଟ କଲା । ଗୋଟିଏ ଜୀବ ଯେତେ ବେଗରେ ଦଉଡ଼ିଲେ ମଧ୍ୟ ମଣିଷ ନାନା ଉପାୟରେ ତାକୁ କାବୁ କରିଦେଉଥିଲା । କିନ୍ତୁ ଯେତେବେଳେ ଗୋଟାଏ ଶାଗୁଣା ବା ଈଗଲ ଆକାଶରେ ଉପରକୁ ଉଡ଼ି ଗ୍ୱଲିଯାଉଥିଲା ମନୁଷ୍ୟ ଧରି ନେଉଥିଲା ଯେ ତାହାର ସମକକ୍ଷ ହୋଇ ପାରିବ ନାହିଁ । ଆଖି ପିଛୁଳାକେ ସେ ଗୋଟାଏ ଜଳଭରା ନଦୀ ଉପର ଦେଇ ଉଡ଼ିଯାଉଥିଲା । ତୀର ମାରି ପକ୍ଷୀ ଶିକାର କରିବା ତା ପକ୍ଷରେ ସବୁବେଳେ ସହଜ ନଥିଲା । ସେ କିନ୍ତୁ ପକ୍ଷୀ ପାଖରେ ହାର ମାନି ଯିବାକୁ ପ୍ରସ୍ତୁତ ନଥିଲା । ଗୋଟିଏ ଚଢ଼େଇ ଡେଣାକୁ ଭଲ ଭାବରେ ଲକ୍ଷ୍ୟ କରି ମନୁଷ୍ୟ ଦୁଇଟି ଡେଣା ତିଆରି କଲା । ଅତି ହାଲୁକା ଜିନିଷ ବ୍ୟବହାର କରି ସେ ଦୁଇଟିକୁ ନିଜ ଦେହରେ ଭଲ ଭାବରେ ଭିଡ଼ି ଖଞ୍ଜିଦେଇ ଚେଷ୍ଟା କରିଛି ଉଡ଼ିବା ପାଇଁ । ସେହି ଚେଷ୍ଟାରେ ସେ ତ ସଫଳ ହୋଇନାହିଁ, ବରଂ ଅନେକ କ୍ଷେତ୍ରରେ ତାହାର ଜୀବନହାନି ଘଟିଛି । ତାହା ସାଙ୍ଗକୁ ଆଉ ଗୋଟିଏ କଥା ହୋଇଯାଉଥାଏ । ପୃଥିବୀଟା କେତେ ବଡ଼ ସେକଥା ଭାବି ସେ କହୁଥାଏ - ଏଡ଼େ ବଡ଼ ପୃଥିବୀର ସବୁ ଅଂଶକୁ ଶୀଘ୍ର ଶୀଘ୍ର ଯାଇ ହେବନାହିଁ । ଜାହାଜ ତିଆରି ହେଲାପରେ ମଧ୍ୟ ତା' ମନରେ ଭରସା ହେଉନଥାଏ ଯେ ଏଡ଼େ ବଡ଼ ପୃଥିବୀକୁ ସେ ଦିନେ ଜୟ କରିବ, ଅର୍ଥାତ୍ ସବୁ ଅଞ୍ଚଳରେ ଯାଇ ପାଦ ଦେବ । କିନ୍ତୁ ଦିନେ ତାହା ସମ୍ଭବ ହୋଇଗଲା । ଏହି ବିଂଶ ଶତାବ୍ଦୀର ଆରମ୍ଭରେ ୧୯୦୩ ଡିସେମ୍ବର ୧୭ ତାରିଖ ଦିନ ମନୁଷ୍ୟ ପ୍ରଥମେ ଗୋଟିଏ ଉଡ଼ାଜାହାଜରେ ଭୂଇଁ ଉପରକୁ ଉଠିଗଲା । ସେ ମାତ୍ର ବାର ସେକେଣ୍ଡ ପାଇଁ ସେଭଳି କରିଥିଲା । ପୃଥିବୀ ଉପରୁ ସେ ବେଶୀ ଉଚ୍ଚକୁ ଯାଇ ନଥିଲା - ମାତ୍ର ୧୪ ଫୁଟ ଉପରକୁ ଉଠିଥିଲା - ଉଡ଼ିଯାଇଥିଲା ୧୨୦ ଫୁଟ ଦୂରକୁ ।

ଯେତେବେଳେ ଏହି ଖବର ବ୍ୟାପିଗଲା, ମଣିଷ ଜାତି ଚମକି ଉଠିଲା ବୋଲି କହିଲେ ଚଳେ । ଏହି ଯେଉଁ



( ପୃଥିବୀର ବୃହତ୍ତମ ଯାତ୍ରୀବାହୀ ଉଡ଼ାଜାହାଜ ବୋଇଙ୍ଗ ୭୪୭ ବା 'ଜମ୍ବୋ' । ଏଥିରେ ଦରକାର ପଡ଼ିଲେ ୬୦୦ ଜଣ ଲୋକ ବସି ୧୩,୦୦୦ କି.ମି. ଦୂରକୁ ଗ୍ୱଲିଯାଇ ପାରିବେ । )



(ପୃଥିବୀର ସବୁଠାରୁ ଦ୍ରୁତଗାମୀ ଯାତ୍ରୀବାହୀ ଉଡ଼ାଜାହାଜ କନ୍‌କ୍‌ରଡ୍)

ଆରମ୍ଭ ହେଲାଣି ତାହାର ତ ଶେଷ ନାହିଁ ? କିଏ ଜାଣେ ଦିନେ ଏଭଳି ଉଡ଼ାଜାହାଜ ତିଆରି ହେବ ଯେ ତା ଭିତରେ ବସି ମଣିଷ ସାଗର ମହାସାଗର ପାରି ହୋଇଯିବ । ସେତେବେଳେ ପୃଥିବୀଟା ପ୍ରକୃତ ଅର୍ଥରେ ଛୋଟ ହୋଇଯିବ । ଦୂରତାକୁ ଜୟ କରିଗଲା ପରେ ମନୁଷ୍ୟର ଶକ୍ତି ସାମର୍ଥ୍ୟ ନିଶ୍ଚୟ ବଢ଼ିଯିବ । କାରଣ କୌଣସି ଅଞ୍ଚଳ ଆଉ ତା ପାଇଁ ଅଜଣା ହୋଇ ରହିବ ନାହିଁ, କୌଣସିଠାକୁ ଯିବାକୁ ଅସୁବିଧା ହେବ ନାହିଁ । ଯେଉଁମାନେ ଅତି ଉତ୍ସାହରେ ଏଭଳି କହିଗଲେ ସେମାନଙ୍କୁ ଅନ୍ୟମାନେ ଟିକିଏ ସାବଧାନ କରିଦେଇ କହିଲେ - ଗୁଡ଼ାଏ ଭାବିଦିଅ ନାହିଁ । କେତେ ଫୁଟ ଉଚ୍ଚକୁ ଉଠି କେତେ ଫୁଟ ଉଡ଼ିଗଲା ବୋଲି ଯେ ଦିନେ ଉଡ଼ାଜାହାଜ ପୃଥିବୀ ଜୟ କରିଯିବ ଏମିତି ଭାବିବା ଠିକ୍ ହେବନାହିଁ ।

ଆଜି ମଧ୍ୟ ପୃଥିବୀରେ ଲୋକ ଅଛନ୍ତି ଯେଉଁମାନଙ୍କର ବୟସ ୧୦୦ ବର୍ଷରୁ ଅଧିକ । ସେମାନଙ୍କୁ ସେତେବେଳେ ପନ୍ଦର କୋଡ଼ିଏ ବର୍ଷ ହୋଇଥିବ । ସେମାନେ ଆଜି ହୁଏତ ହସିକରି କହୁଥିବେ, ଆମ ଅନୁମାନକୁ ସେତେବେଳେ ଯେଉଁମାନେ ଥଟ୍ଟା କରୁଥିଲେ ସେମାନଙ୍କ ଭିତରୁ ଯେଉଁମାନେ ବଞ୍ଚିଛନ୍ତି ସେମାନେ ସ୍ୱୀକାର କରିବେ - ଆମେ ଯେତେ ଯାହା ଅନୁମାନ କରୁଥିଲୁ ତାହା ତୁଳନାରେ ଉଡ଼ାଜାହାଜ ଅଧିକ କିଛି କରିଗଲାଣି । ମନୁଷ୍ୟ ପାଟିରୁ ଯେଉଁ ଧ୍ୱନି ବାହାରୁଛି ତାହା କେତେ ବେଗରେ ଘୁଲିଯାଉଛି । ତାହା ଯେ କୌଣସି ସାଧାରଣ ଲୋକ ମଧ୍ୟ ଲକ୍ଷ୍ୟ କରୁଛି । ଓସାରିଆ ନଦୀରେ ବଢ଼ି ପାଣି ଭର୍ତ୍ତି ହୋଇଛି । ଡଙ୍ଗା ରହିଛି ସେପଟେ । ଏପଟେ ଜଣେ ଠିଆ ହୋଇ ଡଙ୍ଗାବାଲାକୁ ଡାକୁଛି । କେତେ ଅଳ୍ପ ସମୟ ଭିତରେ ନାଉରିଆ ସେ ଡାକ ଶୁଣିପାରୁଛି । ସେ ମଧ୍ୟ ଆଉ ଗୋଟାଏ ଡାକରେ ଜବାବ ଦେଉଛି । ଏହି ଧ୍ୱନି ଯେତିକି ବେଗରେ ଯାଉଛି ତାହାଠାରୁ ଅଧିକ ବେଗରେ ଯିବା ଉଡ଼ାଜାହାଜ ତିଆରି ହୋଇଗଲା । ଘଣ୍ଟାକୁ ପ୍ରାୟ ୨୨୦୦ ମାଇଲ ବା ୩୫୦୦ କିଲୋମିଟର ବେଗରେ ଉଡ଼ିଯାଉଥିବା ଉଡ଼ାଜାହାଜର କାହାଣୀ ବା ବର୍ଣ୍ଣନା ଆମେ ଶୁଣୁଛୁ । ପ୍ରତି ସେକେଣ୍ଡରେ ଗୋଟାଏ କିଲୋମିଟର ଟପିଯାଉଛି । ତେଣିକି ଆଉ ପକ୍ଷୀଟିଏ ଦେଖି ମଣିଷର ଈର୍ଷା ହେଉନାହିଁ ।

ଉଡ଼ାଜାହାଜ ଯେ ପୃଥିବୀକୁ ଛୋଟ କରିଦେଲା ତାହା ନୁହେଁ, ନାନା ପ୍ରକାରର ଅନ୍ୟ କାମ କରି ମଣିଷ ଜାତିର ବହୁତ କିଛି ସୁବିଧା କରିଦେଇଛି । ହଠାତ୍ ବନ୍ୟା ହୋଇ ଗୁଡ଼ାଏ ଲୋକ ପାଣିଘେର ଭିତରେ ରହିଗଲେ । ପୂର୍ବେ ସେମାନେ କିଛି ଦିନ ଖାଇବାକୁ ନପାଇ ଘୋର ବିପଦରେ ପଡୁଥିଲେ । ଆଜି କିନ୍ତୁ ଉଡ଼ାଜାହାଜରେ ଖାଦ୍ୟ ପୁଡ଼ିଆ ନେଇ ଆକାଶରୁ ପକାଇ

"ଆରମ୍ଭରୁ ଜଣଙ୍କ ବିଷୟରେ ଖୁବ୍ ଉଚ୍ଚ ଧାରଣା ପୋଷଣ କରନାହିଁ । କାରଣ ସବୁଦିନ ପାଇଁ ସେହି ଅନୁପାତ ରଖିବା ହୁଏତ ସହଜ ନ ହୋଇପାରେ ।"

--ବାବାନ୍



(ସବୁଠାରୁ ଶକ୍ତିଶାଳୀ ଲଢୁଆ ଉଡ଼ାଜାହାଜ ଏଫ୍ - ୧୫)

ଦିଆଯାଉଛି । ଲୋକେ ଆଉ ଖାଇବା ବିନା ମରୁନାହାନ୍ତି । ଦରକାର ପଡ଼ିଲେ ବହୁ ଲୋକଙ୍କୁ ଉଦ୍ଧାର କରି ଅଣାଯାଉଛି । ଗୋଟାଏ ଗୋଟାଏ ଅଞ୍ଚଳରେ ଫସଲରେ ପୋକ ଲାଗିଗଲେ ଜଣ ଜଣ କରି ଯାଇ କୀଟନାଶକ ଔଷଧ ପକାଇବାରେ କିଛି ଭଲ ଫଳ ମିଳୁନାହିଁ, କାରଣ ପୋକ ଯେ ଏ କିଆରୀରୁ ସେ କିଆରୀକୁ ଚାଲିଯାଉଛନ୍ତି ତାହା ରୋକିବାକୁ ପଡ଼ିବ । ଗୋଟାପାକ ଅଞ୍ଚଳରେ ଆକାଶରୁ କୀଟମରା ଔଷଧ ପକାଇ ଦେଲେ ଫସଲ ରକ୍ଷା ପାଇଯାଉଛି । ଆକାଶ ମାର୍ଗରୁ ଫଟୋ ନେବା ଦ୍ୱାରା ବହୁତ କିଛି ଲାଭ ହେଉଛି । ଗୋଟାଏ ଗୋଟାଏ ଲମ୍ବା ନୂଆ ରାସ୍ତା କେଉଁବାଟେ ଯିବ ତାହା ସ୍ଥିର କରିବା ପାଇଁ ବହୁସଂଖ୍ୟକ ଲୋକ କାମରେ ଲାଗୁଥିଲେ । ଆଜି ଉଡ଼ାଜାହାଜ ଫଟୋ ସେ କାମ କରିଦେଉଛି । ଗୋଟାଏ ଦୂର ଏବଂ ଅଜଣା ଭଳି ହୋଇଥିବା ସ୍ଥାନରେ ଗୋଟିଏ ଦେଶ କାରଖାନାଟିଏ ବସାଇଲା । ସେହି କାରଖାନାରେ କ'ଣ ହେଉଛି ତାହା ପୂର୍ବେ ସହଜରେ ଜଣାପଡୁ ନଥିଲା । ଏବେ ଆକାଶରେ ବହୁ ଦୂରରୁ ତା'ର ଫଟୋ ନେଇଯିବାରୁ ସେହି ଫଟୋ ସାହାଯ୍ୟରେ ଜାଣି ହୋଇ ଯାଉଛି ସେଥିରେ କେମିତି କଣ ହେଉଛି ।

ଏବେ ଗୋଟିଏ ଗୋଟିଏ ଉଡ଼ାଜାହାଜରେ ବହୁ ସଂଖ୍ୟକ ଲୋକ ବସି ଦୂର ସ୍ଥାନକୁ ଚାଲିଯାଉଛନ୍ତି । ଯୁଦ୍ଧରେ ବ୍ୟବହାର ପାଇଁ ଉଡ଼ାଜାହାଜବାହୀ ଜାହାଜ ମଧ୍ୟ ତିଆରି ହେଲାଣି । ତାହା ଉପରେ ବୋମାବର୍ଷୀ ବିମାନ ଓ ଲଢୁଆ ବିମାନ ସବୁ ରହିଛି । ତାକୁ "ଭାସମାନ ଦୁର୍ଗ" ବୋଲି କୁହାଯାଉଛି । ହଜାର ହଜାର ଅଶ୍ୱଶକ୍ତି ବା ଏଚ୍.ପି.ର ଇଞ୍ଜିନ ସେଥିରେ ଖଞ୍ଜାଯାଇଛି । ଲମ୍ବ ୩୩୫ମିଟର ଉଡ଼ାଣ ଡେକ୍‌ର ଏରିଆ ୪.୫ ଏକର । ପଚିଶ ମହଲା କୋଠା ଉଚ୍ଚ ଓ ୧ ଲକ୍ଷ ଟନ ଓଜନର ଏହିସବୁ ଜାହାଜରେ ଦରକାର ପଡ଼ିଲେ ପାଞ୍ଚ ହଜାର ନାବିକ କାମ କରୁଛନ୍ତି ।

ଯେଉଁ ଦୁଇଜଣ ପ୍ରଥମେ ଉଡ଼ାଜାହାଜ ବାହାର କଲେ ସେମାନେ ହେଲେ ରାଇଟ୍ ଦୁଇଭାଇ । ସେମାନଙ୍କ କଥା ଏହି ବହିର ଆଉ ଗୋଟିଏ ଜାଗାରେ ଅଛି ।

**ଉଡ଼ାଜାହାଜ ପଡ଼ିଆ** : ୧୯୨୪ କି ୨୫ରେ ଯେତେବେଳେ ଗୋଟିଏ ଉଡ଼ାଜାହାଜ ଆସି କଟକର କିଲ୍ଲା ପଡ଼ିଆରେ ଓହ୍ଲାଇ ପଡ଼ିଲା ସେତେବେଳେ ସହରରେ ଗୋଟାଏ ଚାଞ୍ଚଲ୍ୟ ଖେଳିଗଲା ଓ ହଜାର ହଜାର ଲୋକ ତାକୁ ଦେଖିବାକୁ ଧାଇଁଲେ । ସେଇଟି ଓହ୍ଲାଇ ଥିଲା ଗୋଟାଏ ଖୋଲା ପଡ଼ିଆରେ । ଘାସ ପଡ଼ିଆରେ ପଡ଼ିବା ଉଠିବାଟା ସେଭଳି ଗୋଟାଏ

"ଶରୀର ପାଇଁ ଖାଦ୍ୟ ଲୋଡ଼ା - ମନ ପାଇଁ ତଥ୍ୟ ଲୋଡ଼ା ।"

--ବର୍କ

କିଛି କଷ୍ଟ କଥା ନଥିଲା । ତାହାପରେ ବହୁକାଳ ଚାଲିଯାଇଛି । ଆଜିକାଲିର ଉଡ଼ାଜାହାଜ ଖୁବ୍ ବଡ଼ ଏବଂ ଓଜନିଆ । ଘାସ ପଡ଼ିଆ ଉପରେ ନିରାପଦରେ ଓହ୍ଲାଇ ପାରିବ ନାହିଁ । ୧୯୩୯ ପର୍ଯ୍ୟନ୍ତ ସେମିତି ଚଳିଯାଉଥିଲା । ତାହାପରେ ଏହାପାଇଁ ଧାବନ ପଥ ବା ରନ୍‌ୱେ ସବୁ ତିଆରି କରାଗଲା । କଂକ୍ରିଟ୍ ବା ଟାରମାକ୍‌ରେ ଏହି ରନ୍‌ୱେ ସବୁ ତିଆରି ହେଉଛି । ଏରୋଡ୍ରମରେ ନାନା ପ୍ରକାରର ଯନ୍ତ୍ର ଖଞ୍ଜାଯାଉଛି । ସେଭଳି ନକଲେ ଚଳିଲା ନାହିଁ । ଲଣ୍ଡନର ହିଥ୍ରୋ ବିମାନଘାଟୀରେ ଦିନକ ଭିତରେ ୬୦୦ରୁ ଅଧିକ ଉଡ଼ାଜାହାଜ ଓହ୍ଲାଉଛନ୍ତି ବା ଉପରକୁ ଉଠୁଛନ୍ତି । ବର୍ଷକୁ ୧ କୋଟି ୬୦ ଲକ୍ଷ ଯାତ୍ରୀଙ୍କୁ ନେବା ଆଣିବା ବ୍ୟବସ୍ଥା ସେଠାରେ କରାଯାଇଛି । ଏହା ସାଙ୍ଗକୁ ବହୁ ପରିମାଣରେ ମାଲ ସେଠାରେ ଉତାରି ଦିଆଯାଉଛି ଓ ଅନ୍ୟ ଜାଗାକୁ ପଠାଇ ଦିଆଯାଉଛି । ଗୋଟିଏ ଗୋଟିଏ ଉଡ଼ାଜାହାଜ ପଡ଼ିଆ ତିଆରି କରିବା କିଛି ସହଜ କଥା ନୁହେଁ । ସାଉଦୀ ଆରବର ରିୟାଦ୍‌ଠାରେ ୨୨୫ ବର୍ଗ କି.ମି.ର ଯେଉଁ ବିରାଟ ବିମାନଘାଟୀ ତିଆରି କରାଯାଇଛି ସେଥିରେ ୪୨୦୦ କୋଟି ଟଙ୍କା ଖର୍ଚ୍ଚ ହୋଇଛି । ପ୍ରଥମେ ଯେଉଁ ଧାବନ ପଥ ତିଆରି ହେଉଥିଲା ତାହା ତୁଳନାରେ ଆଜିକାଲି ଆହୁରି ଦୀର୍ଘ ପଥ ତିଆରି କରାଯାଉଛି । ଚାରି ଇଞ୍ଜିନର ଜେଟ ବିମାନରେ ୪୦୦ ଯାତ୍ରୀ ବସିଥିବେ । ତାହାପାଇଁ ୧୪ ହଜାର ଫୁଟ ବା ୪୩୦୦ ମିଟର ଲମ୍ବା ଧାବନ ପଥ ଲୋଡ଼ା । ଏହିଭଳି ଷ୍ଟେସନରେ ଭଲ ଆଲୁଅ ବ୍ୟବସ୍ଥା ନହେଲେ ବିପଦର ଆଶଙ୍କା ଅଛି ।

**ଉତ୍କଳ ଦୀପିକା :** ୧୮୬୬ରେ କଟକରୁ ପ୍ରକାଶ ପାଉଥିବା ଗୋଟିଏ ସାପ୍ତାହିକ ସମ୍ବାଦପତ୍ରର ନାମ ଥିଲା 'ଉତ୍କଳ ଦୀପିକା ।' ଓଡ଼ିଆ ଗୋଟିଏ ସ୍ୱତନ୍ତ୍ର ଭାଷା - ଏହା ସ୍ୱୀକାର କରିବା ପାଇଁ ସେ ଯୁଗର ବିଦେଶୀ ଶାସକମାନେ ପ୍ରସ୍ତୁତ ନଥିଲେ । ଲୋକଙ୍କର ଅଭାବ, ଅସୁବିଧା ସମ୍ପର୍କରେ ସରକାରଙ୍କୁ ଜଣାଇବା ପାଇଁ ଉପାୟ ନଥିଲା । ସେତିକିବେଳେ ଗୌରୀଶଙ୍କର ରାୟ ସାହାସ ବାନ୍ଧି ଗୋଟିଏ ସମ୍ବାଦପତ୍ର ପ୍ରକାଶ କଲେ । ତାହାର ନାମ ରଖିଲେ 'ଉତ୍କଳ ଦୀପିକା' । ସେ ହେଲେ ତାହାର ସମ୍ପାଦକ । ସେ କାଗଜରେ ଯାହା ପ୍ରକାଶ ପାଉଥିଲା, ତା'କୁ ସରକାରୀ ଲୋକେ ପଢୁଥିଲେ ଓ ବହୁକ୍ଷେତ୍ରରେ ପ୍ରତିକାର ହେଉଥିଲା । ୧୮୬୬ରୁ ୭୦ ବର୍ଷ କାଳ ଚାଲିଲା ପରେ ଏହା ବନ୍ଦ ହେଲା । ଜଣେ ଯଦି ଦୀପିକାର ଗ୍ରାହକ ହୋଇଯାଉଥିଲେ; ତାଙ୍କର ସମ୍ମାନ ବଢ଼ିଯାଉଥିଲା । ସେ ଯୁଗରେ ଖବର କାଗଜ ବୋଇଲେ ଦୀପିକାକୁହିଁ ବୁଝାଉଥିଲା ।

**ଉତ୍କଳ ବିଶ୍ୱବିଦ୍ୟାଳୟ :** ୧୯୧୨ ପର୍ଯ୍ୟନ୍ତ ଓଡ଼ିଶାର କୌଣସି ବିଶ୍ୱବିଦ୍ୟାଳୟ ନଥିଲା । ସେ ପର୍ଯ୍ୟନ୍ତ କଲିକତା ବିଶ୍ୱବିଦ୍ୟାଳୟ ଅଧୀନରେ ଓଡ଼ିଶାର ଶିକ୍ଷାନୁଷ୍ଠାନ ଗୁଡ଼ିକ ଥିଲେ । ତା'ପରେ ରହିଲେ ପାଟନା ବିଶ୍ୱବିଦ୍ୟାଳୟ ଅଧୀନରେ, କାରଣ ୧୯୧୨ରେ ହିଁ ବିହାର-ଓଡ଼ିଶା ପ୍ରଦେଶର ଗଠନ ହେଲା । ୧୯୩୬ ଏପ୍ରିଲ ପହିଲା ଦିନ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ହେଲେ ମଧ୍ୟ ଏହାର ସ୍ୱତନ୍ତ୍ର ବିଶ୍ୱବିଦ୍ୟାଳୟ ନଥିଲା । ୧୯୪୩ ମସିହାରେ ଆରମ୍ଭ ବେଳେ ଏହାର ବଜେଟ ଥିଲା ମାତ୍ର ୧ ଲକ୍ଷ ୯ ହଜାର ଟଙ୍କା । ଭୁବନେଶ୍ୱରଠାରେ ୪୦୦ ଏକର ଜମି ଉପରେ ବର୍ତ୍ତମାନ ଉତ୍କଳ ବିଶ୍ୱବିଦ୍ୟାଳୟ ରହିଛି । ପ୍ରସିଦ୍ଧ ବୈଜ୍ଞାନିକ ଡକ୍ଟର ପ୍ରାଣକୃଷ୍ଣ ପରିଜା ଥିଲେ ଏହାର ପ୍ରଥମ କୁଳପତି ।

**ଉତ୍କଳ ସମ୍ମିଳନୀ :** ଆଜି ଆମେ ଯେଉଁ ଓଡ଼ିଶା ରାଜ୍ୟକୁ ଦେଖୁଛୁ, ତା'କୁ ଉତ୍କଳ ସମ୍ମିଳନୀହିଁ ଜନ୍ମ ଦେଇଥିଲା ବୋଲି କୁହାଯାଏ । ଇଂରେଜମାନେ ତ ଓଡ଼ିଶାଟାକୁ ସବା ଶେଷରେ ଦଖଲ କଲେ । ଗଞ୍ଜାମ,

---

ଜୀବନର ପଥକୁ ଶିଷ୍ଟତାହିଁ ସୁନ୍ଦର ଓ ଚିକ୍କଣ କରି ରଖିଥାଏ ।"

--ଷ୍ଟର୍ନ୍

କୋରାପୁଟକୁ ଯୋଡ଼ିଦେଲେ ମାନ୍ଦ୍ରାଜ ପ୍ରେସିଡେନ୍‌ସି ସହିତ । ମାନ୍ଦ୍ରାଜ ସହରଠାରୁ ଏହି ଅଞ୍ଚଳ ବହୁ ଦୂରରେ । ଏଣେ କଟକ, ପୁରୀ, ବାଲେଶ୍ୱର ଅଞ୍ଚଳକୁ ରଖିଦେଲେ ବଙ୍ଗ ପ୍ରେସିଡେନ୍‌ସି ସହିତ । ଏହି ପ୍ରେସିଡେନ୍‌ସିର ଶେଷ ମୁଣ୍ଡରେ ଏହିସବୁ ଜିଲା । ସମ୍ବଲପୁର ମଧ୍ୟ ସେହିଭଳି ଦଶା ଭୋଗିଥିଲା । ସଦର ଦପ୍ତରରୁ ଦୂରରେ ଏସବୁ ଅଞ୍ଚଳ ଥିବାରୁ ଓଡ଼ିଆ ଭାଷାଭାଷୀ ଇଲାକାର ଲୋକଙ୍କ କଥା ସରକାରଙ୍କ କାନରେ ପଡୁନଥିଲା । ୧୮୦୩ରୁ ୧୯୦୩ ପର୍ଯ୍ୟନ୍ତ ଶହେବର୍ଷକାଳ ଏହିଭଳି ଅସୁବିଧାରେ ରହିଲାପରେ ଓଡ଼ିଆମାନେ ଗୋଟିଏ କଥା କହିଲେ । ସେମାନେ ସରକାରଙ୍କୁ ବୁଝାଇଲେ - ଯେଉଁ ଅଞ୍ଚଳର ଲୋକେ ଓଡ଼ିଆ ଭାଷା କହୁଛନ୍ତି; ସେହିସବୁ ଅଞ୍ଚଳକୁ ଗୋଟିଏ ଶାସନ ଅଧୀନରେ ରଖିଦିଆଯାଉ । ଉତ୍କଳ ସମ୍ମିଳନୀ ଏହି ଦିଗରେ ଉଦ୍ୟମ ଚଳାଇଲା । ୧୯୦୩ରେ କଟକଠାରେ ମୟୁରଭଞ୍ଜ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେବଙ୍କ ସଭାପତିତ୍ୱରେ ପ୍ରଥମ ଅଧିବେଶନ ଆରମ୍ଭ ହୋଇଥିଲା । ଏସବୁର ମୂଳରେ କିନ୍ତୁ ଥିଲେ ଉତ୍କଳ ଗୌରବ ମଧୁସୂଦନ ଦାସ । ଏହି ସମ୍ମିଳନୀ ଯେଉଁ ଲୋକମତ ସୃଷ୍ଟି କଲା, ତା' ଫଳରେ ୧୯୩୬ ଏପ୍ରିଲ ପହିଲା ଦିନ ଓଡ଼ିଶା ଗୋଟିଏ ସ୍ୱତନ୍ତ୍ର ପ୍ରଦେଶ ହେଲା ।

**'ଉତ୍କଳ ସାହିତ୍ୟ'** : ବଙ୍ଗଦେଶ ଓ ଭାରତର ଅନ୍ୟ କେତେକ ଅଞ୍ଚଳରେ ମାସିକ ସାହିତ୍ୟ ପତ୍ରିକା ସବୁ ପ୍ରକାଶ ପାଉଥିଲା । ଓଡ଼ିଆରେ ଏହି ଧରଣର ପତ୍ରିକା ପ୍ରକାଶ କରିବା ଓ ତା'କୁ ପୁଣି ବଞ୍ଚାଇ ରଖିବା ଖୁବ୍ କଷ୍ଟକର କଥା ଥିଲା । ସେହି ଯୁଗରେ ✓ ବିଶ୍ୱନାଥ କର ୧୮୯୮ ରେ ଉତ୍କଳ ସାହିତ୍ୟ ବୋଲି ଗୋଟିଏ ମାସିକ ପତ୍ରିକା ପ୍ରକାଶ କରି ୩୬ ବର୍ଷ କାଳ ବଞ୍ଚାଇ ରଖିଲେ । ଓଡ଼ିଶାର ବହୁ ଲେଖକ, କବି, ସାହିତ୍ୟପ୍ରେମୀ ଏହି ପତ୍ରିକାରେ ନିଜର ଲେଖା ପ୍ରକାଶ କରିବାର ସୁଯୋଗ ପାଇଲେ । ସେମାନଙ୍କ ପାଇଁ ଏଇଟି ହୋଇଯାଇଥିଲା ଗୋଟିଏ ତାଲିମ କ୍ଷେତ୍ର । କରଙ୍କର ୧୯୩୪ରେ ମୃତ୍ୟୁ ହୋଇଗଲା । ତା'ପରେ ଏହାକୁ ବଞ୍ଚାଇ ରଖିବା ପାଇଁ ମଝିରେ ମଝିରେ ଉଦ୍ୟମ ହୋଇଥିଲେ ମଧ୍ୟ ୧୯୫୮ରେ ସଂପୂର୍ଣ୍ଣ ବନ୍ଦ ହୋଇଗଲା ।

**ଉତ୍‌କାମଣ୍ଡ** : ଏହାକୁ ଊଟି ବୋଲି ମଧ୍ୟ କୁହାଯାଏ । ପରେ ଏହାକୁ କୁହାଯାଉଛି 'ଉଥଗା ମଣ୍ଡଳମ୍' । ତାମିଲନାଡୁ ରାଜ୍ୟର ନୀଳଗିରି ଜିଲାରେ ନୀଳଗିରି ପାହାଡ଼ ତଳେ ଏହି ଗ୍ରୀଷ୍ମ ନିବାସଟି ରହିଛି । ଏହା ଚାରିପଟେ କେତେ ଗୁଡ଼ିଏ ଗିରି-ଶୃଙ୍ଗ ଥିବାରୁ ଗ୍ରୀଷ୍ମନିବାସ ପାଇଁ ଅତି ଉପଯୁକ୍ତ ସ୍ଥାନ ହୋଇଛି । ୧୮୨୧ରେ ଇଂରେଜମାନେ ଏହାକୁ ସରକାରୀ ଦପ୍ତରର ଗ୍ରୀଷ୍ମକାଳର ନିବାସ କରିଦେଲେ । ଭାରତ ସ୍ୱାଧୀନ ହେବା ପର୍ଯ୍ୟନ୍ତ ଏହା ସେହିଭଳି ଭାବରେ ରହିଲା । ଊଟିରେ ଗୁହା ପାଗ କରିବା କାରଖାନା ଓ କପଡ଼ା ତିଆରି କାରଖାନା ରହିଛି ।

**ଉତ୍ତର ଗୋଲାର୍ଦ୍ଧ** : ଯେଉଁ ଯୁଗରେ ଉଡ଼ାଜାହାଜର ଗତି ଖୁବ୍‌ବେଶୀ ହୋଇ ନ ଥିଲା, ସେ ଯୁଗରେ ପୃଥିବୀଟା ଖୁବ୍ ବଡ଼ ବୋଲି ଜଣାପଡୁଥିଲା । ଉଡ଼ାଜାହାଜ ପୃଥିବୀଟିକୁ ଛୋଟ କରିଦେଲା ବୋଲି କହିଲେ ଚଳେ । ତେଣୁ ପୂର୍ବେ ଏହାକୁ ଉତ୍ତର ଗୋଲାର୍ଦ୍ଧ, ଦକ୍ଷିଣ ଗୋଲାର୍ଦ୍ଧ, ପୂର୍ବ ପଶ୍ଚିମ ଗୋଲାର୍ଦ୍ଧ ଇତ୍ୟାଦି ଭଳି ଯାହା କୁହାଯାଉଥିଲା । ଆଉ ସେଭଳି କୁହାଯାଉନାହିଁ । ଏବେ ସମଗ୍ର ପୃଥିବୀଟାକୁ ଗୋଟିଏ ବୋଲି ଧରିନିଆଯାଉଛି । କେବଳ ଗୋଟାଏ ଧାରଣା ପାଇଁ କେଉଁ ଦଶଟି ଦେଶ ଆୟତନ ବା କ୍ଷେତ୍ରଫଳ ଦୃଷ୍ଟିରୁ ବଡ଼, ତାହା ମନେ ରଖିଲେ ଭଲ ବୋଲି ଧରି ନିଆଯାଉଛି ।

---

"ଖ୍ୟାତି ନିକଟରେ ପହଞ୍ଚିବାକୁ ହେଲେ ବହୁ ଝଡ଼ଝଞ୍ଜାର ପଥ ଦେଇ ଗତି କରିବାକୁ ପଡ଼ିବ ।"

--ଷ୍ଟର୍ଣ୍ଣ

## ୧୬୯ ଉତ୍ତର ଗୋଲାର୍ଦ୍ଧ-ଉତ୍ତର ପ୍ରଦେଶ

ରୁଷ, କାନାଡ଼ା, ଚୀନ, ଯୁକ୍ତରାଷ୍ଟ୍ର ଆମେରିକା, ବ୍ରାଜିଲ, ଅଷ୍ଟ୍ରେଲିଆ, ଭାରତ, ଆର୍ଜେଣ୍ଟିନା, କାଜାଖସ୍ତାନ ଏବଂ ସୁଦାନ ହେଲେ ସବୁଠାରୁ ବଡ଼ ବଡ଼ ଦେଶ । ଉପରୁ ତଳକୁ ହିସାବ କରିଗଲେ, ଏହି ଦଶଟି ଭିତରୁ ଭାରତର ସ୍ଥାନ ହେଉଛି ସାତ । ସାତଟିରୁ ଅଧିକ ଭାରତ ଅବିଭକ୍ତ ରୁଷ ଦେଶ ଭିତରେ ଖପିଯିବ । ତିନି ତିନିଟି ଭାରତ, ଚୀନ ଓ ଯୁକ୍ତରାଷ୍ଟ୍ର ଆମେରିକା ଭିତରେ ରହିଯିବ ।

ଲୋକସଂଖ୍ୟା ଦୃଷ୍ଟିରୁ ବିଗ୍ଚର କଲେ ଯେଉଁ ଦଶଟି ଦେଶ ସବୁଠାରୁ ବଡ଼ ସେଗୁଡ଼ିକ ହେଲେ - ଚୀନ, ଭାରତ, ଯୁକ୍ତରାଷ୍ଟ୍ର ଆମେରିକା, ଇଣ୍ଡୋନେସିଆ, ବ୍ରାଜିଲ, ପାକିସ୍ତାନ, ରୁଷ, ଜାପାନ, ବାଙ୍ଗଲାଦେଶ ଓ ନାଇଜିରିଆ । ଲୋକସଂଖ୍ୟା କେବେ କେବେ ବଢୁଛି ବା କମୁଛି । କିନ୍ତୁ ଏଇହେଲା ମୋଟ ହିସାବ । ବିଷୁବରେଖା ଉପରକୁ ଯେଉଁ ଅଂଶ ରହିଲା ତା'କୁ ଉତ୍ତର ଗୋଲାର୍ଦ୍ଧ ଓ ତଳକୁ ଯେଉଁ ଦେଶଗୁଡ଼ିକ ରହିଲେ ତା'କୁ ଦକ୍ଷିଣ ଗୋଲାର୍ଦ୍ଧ ବୋଲି କୁହାଗଲା ।

**ଉତ୍ତର ପ୍ରଦେଶ :** ଉତ୍ତର ପ୍ରଦେଶଟି ହେଲା ଭାରତର ଗୋଟିଏ ରାଜ୍ୟ । ସବୁ ରାଜ୍ୟ ତୁଳନାରେ ଏହାର ଲୋକସଂଖ୍ୟା ବହୁତ ବେଶୀ । ସମଗ୍ର ଭାରତରେ ଯେତେ ଲୋକ ଅଛନ୍ତି, ତାର ଶତକଡ଼ା ୧୬ ଭାଗ ଏହି ରାଜ୍ୟରେ ଥାଆନ୍ତି । ଆଉ କୌଣସି କାରଣରୁ ନ ହେଉ ପଛକେ, ଏହାର କ୍ଷେତ୍ରଫଳ ଓ ଜନସଂଖ୍ୟା ଯୋଗୁଁ ଭାରତ ମାନଚିତ୍ରରେ ଉତ୍ତର ପ୍ରଦେଶର ସ୍ୱତନ୍ତ୍ର ସ୍ଥାନ ରହିଛି । ଏଇଟି ଭାରତକୁ ଗଙ୍ଗାନଦୀର ଦାନ ବୋଲି କୁହାଯାଏ । ହିମାଳୟ ପର୍ବତମାଳାର ପାଦଦେଶର ଗୋଟିଏ ଅଂଶରେ ଥିବାରୁ ହିମାଳୟରୁ ବାହାରିଥିବା ଗଙ୍ଗାନଦୀ ଉତ୍ତର ପ୍ରଦେଶର ମାଟିକୁ ଉର୍ବର କରିଦେଇଛି । ଗଙ୍ଗା, ଯମୁନା, ରାମଗଙ୍ଗା, ଗୋମତୀ ଏବଂ ଘାଘରା ପ୍ରଭୃତି ନଦୀ ଉତ୍ତର ପ୍ରଦେଶକୁ ଭାରତର ଶସ୍ୟଭଣ୍ଡାର କରିଦେଉଛି ।

ଏହି ଅଞ୍ଚଳର ହଜାର ହଜାର ବର୍ଷର ଇତିହାସ ପ୍ରତ୍ୟେକ ଭାରତୀୟକୁ କିଛି ନା କିଛି ପ୍ରେରଣା ଯୋଗାଏ । ଭରଦ୍ୱାଜ, ଯାଜ୍ଞବଲ୍କ୍ୟ, ବିଶ୍ୱାମିତ୍ର ଏବଂ ବାଲ୍ମୀକି ପ୍ରଭୃତି ଋଷିମାନେ ଏହି ରାଜ୍ୟରେ ଥିଲେ । ଉତ୍ତର ପ୍ରଦେଶହିଁ ରାମ ଏବଂ କୃଷ୍ଣଙ୍କର ଜନ୍ମସ୍ଥଳୀ । ବୁଦ୍ଧ ଏହି ପ୍ରଦେଶରେ ସାରନାଥଠାରେ ପ୍ରଥମେ ତାଙ୍କ ଧର୍ମବାଣୀ ଶୁଣାଇଲେ । ଦିନେ ଏହାକୁ ମଧ୍ୟ 'ମଧ୍ୟ ଦେଶ' ବୋଲି କୁହାଯାଉଥିଲା । ରାମାନନ୍ଦ, କବୀର, ତୁଳସୀ ଦାସଙ୍କ କଥା ମନେପଡ଼ିଯାଏ ଉତ୍ତର ପ୍ରଦେଶର ମାନଚିତ୍ର ଉପରେ ଆଖି ପକାଇଲେ ।




(ଉତ୍ତର ପ୍ରଦେଶ)

ଏହି ପ୍ରଦେଶରେହିଁ ୧୮୫୭ରେ ସିପାହୀମାନେ ଏକଜୁଟ୍ ହୋଇ ବିଦେଶୀ ବ୍ରିଟିଶ ଶାସନ ବିରୁଦ୍ଧରେ ତରବାରୀ ଉଠାଇଲେ । ସେଭଳି କରିଥିବାରୁ ସେମାନଙ୍କ ଭିତରୁ ହଜାର ହଜାର ସିପାହୀଙ୍କୁ ଇଂରେଜ

---

"ଯିଏ ଥରେ ତୁମ ବିଶ୍ୱାସରେ ବିଷ ଦେଇଛି, ସେ ଯେ ଆଉଥରେ ନ ଦେବ ଏହାର ପ୍ରମାଣ କ'ଣ ?"

--ସେକ୍ସପିଅର




(ଉତ୍ତମାଶା ଅନ୍ତରୀପ)

ସୈନ୍ୟମାନେ ହତ୍ୟାକରି ଦେଶପ୍ରେମୀଙ୍କ ରକ୍ତର ସୁଅ ଛୁଟାଇଥିଲେ । ଗାନ୍ଧୀ ଯୁଗରେ ଯେତେବେଳେ ସ୍ୱାଧୀନତା ସଂଗ୍ରାମ ଚାଲିଲା, ଉତ୍ତର ପ୍ରଦେଶର ହଜାର ହଜାର ଲୋକ ସେଥିରେ ଯୋଗଦେଇ ପ୍ରାଣବଳୀ ଦେଇଥିଲେ, ଜେଲଦଣ୍ଡ ଭୋଗିଥିଲେ ଓ ଆହୁରି କେତେ ପ୍ରକାରର ଅତ୍ୟାଚାର ସହିଥିଲେ ।

ଏହି ପ୍ରଦେଶରେ କୋଡ଼ିଏରୁ ଅଧିକ ବିଶ୍ୱବିଦ୍ୟାଳୟ ରହିଛି ଏବଂ କଲେଜ ଗୁଡ଼ିକର ସଂଖ୍ୟା ହେଉଛି ୩୫୦ରୁ ଅଧିକ । ଉର୍ବର ମାଟିରେ ବହୁତ କିଛି ଫସଲ ହେଉଥିବାରୁ ସାଧାରଣ ଲୋକ ଭଲରେ ମୁଠାଏ ଖାଇବାକୁ ପାଆନ୍ତି । ତେଣୁ ଲକ୍ଷ ଲକ୍ଷ ଲୋକ ପାଠ ପଢ଼ିବା ଦିଗରେ ମନ ଦେଉ ନଥିଲେ । ଯେତେବେଳେ ଭାରତର ସାକ୍ଷରଙ୍କ ହିସାବ ପ୍ରକାଶ ପାଏ, ଉତ୍ତର ପ୍ରଦେଶର ନାମ ଅନେକ ତଳେ ଥାଏ । ଏବେ କିନ୍ତୁ ଅବସ୍ଥା ବଦଳି ଯାଉଛି । ଲୋକେ ଶିକ୍ଷିତ ହେବା ଦିଗରେ ମନ ବଳାଇଲେଣି । ଗହମ, ମକା, ଆଖୁ, ସୋରିଷ, ହରଡ଼, ବହୁ ପରିମାଣରେ ହୁଏ । ବହୁ ସଂଖ୍ୟକ ଚିନିକଳ ରହିଛି । ତା' ସାଙ୍ଗକୁ ଲୁଗାକଳ, ଖାଇବା ତେଲକଳ, କାଗଜକଳ ଇତ୍ୟାଦି ହଜାର ହଜାର ଲୋକଙ୍କୁ କାମ ଯୋଗାଉଛି ।

ଏହାର କ୍ଷେତ୍ରଫଳ ପ୍ରାୟ ୧ ଲକ୍ଷ ୧୪ ହଜାର ବର୍ଗମାଇଲ ବା ୨ ଲକ୍ଷ ୯୪ ହଜାର ବର୍ଗ - କିଲୋମିଟର । ୧୯୯୧ ଜନଗଣନା ଅନୁସାରେ ଲୋକସଂଖ୍ୟା ୧୩.୮ କୋଟିରୁ ଅଧିକ ଥିଲା । ଯେଉଁ ଦୃଷ୍ଟିରୁ ବିଚାରିଲେ ମଧ୍ୟ ଭାରତର ଉତ୍ତରରେ ଉତ୍ତର ପ୍ରଦେଶର ସ୍ୱତନ୍ତ୍ର ସ୍ଥାନ ରହିଛି ।

**ଉତ୍ତମାଶା ଅନ୍ତରୀପ** : ଆରବ ଦେଶର ବଣିକମାନେ ଭାରତ ଓ ଏସିଆର ପୂର୍ବ ଅଂଶର କେତେକ ଦ୍ୱୀପରୁ ନାନାପ୍ରକାର ମସଲା ସ୍ଥଳପଥରେ ନେଇ ଇଉରୋପର ଲୋକଙ୍କୁ ବିକୁଥିଲେ । ପର୍ତ୍ତୁଗାଲ ଓ ଆଉ କେତେକ ଇଉରୋପୀୟ ଦେଶର ଲୋକେ ଖୋଜିବାକୁ ଚେଷ୍ଟାକଲେ ପ୍ରକୃତରେ ଭାରତ କେଉଁଠି ଅଛି, ସେଠାକୁ ଯିବା ପାଇଁ ସମୁଦ୍ର ବାଟ ଅଛି କି ନାହିଁ । ଭାରତକୁ ସମୁଦ୍ର ବାଟ ଖୋଜୁ ଖୋଜୁ ସେମାନେ ଯାଇ ଆମେରିକା ମହାଦେଶରେ ପହଞ୍ଚିଗଲେ । କିନ୍ତୁ ସେମାନେ ଦେଖିଲେ ଯେ ଭୁଲ୍ ସ୍ଥାନରେ ପହଞ୍ଚିଛନ୍ତି । ତାହାପରେ ଚେଷ୍ଟା ଚାଲିଲା ନୂଆବାଟ ଖୋଜିବା ପାଇଁ । ଆଫ୍ରିକା ମହାଦେଶର ପଶ୍ଚିମକୁ ଲାଗିଥିବା ସମୁଦ୍ରରେ ସେମାନେ ଦକ୍ଷିଣମୁହାଁ ହୋଇ ଆସି ଗୋଟାଏ ସ୍ଥାନରେ ପହଞ୍ଚିଗଲେ । ସେଠାରୁ ଉତ୍ତରମୁହାଁ ହୋଇ ଆଫ୍ରିକାର କୂଳେ କୂଳେ ଗଲାପରେ ଭାରତରେ ପହଞ୍ଚିଯାଇ ଯେଉଁଠାରୁ ସେମାନେ ପ୍ରକୃତ ବାଟ ପାଇଲେ ତା'ର ନାମ ରଖିଲେ ଉତ୍ତମାଶା ଅନ୍ତରୀପ । ଅର୍ଥାତ୍ ସେହିଠାରେ ସେମାନଙ୍କ ଆଶା ପୂର୍ଣ୍ଣ ହେଲା । ପ୍ରଥମେ ଏହାକୁ ଝଡ଼ ବତାସର ଅନ୍ତରୀପ ବୋଲି

---

"ଜଣେ ବିଜ୍ଞ ଲୋକ ସହିତ ଥରେ ମାତ୍ର ଆଲୋଚନା ମାସେ ପର୍ଯ୍ୟନ୍ତ ବହି ପଢ଼ିବା ସଙ୍ଗେ ସମାନ ।"

--ଚୀନ ଦେଶର ଲୋକକଥା

କୁହାଯାଉଥିଲା । କିନ୍ତୁ ପର୍ତ୍ତୁଗାଲର ରାଜା କହିଲେ ଏହାର ନାମ ରଖାଯାଉ ଉତ୍ତମାଶା ଅନ୍ତରୀପ ।

**ଉଦ୍‌ଜାନ** : କଥାରେ ଅଛି 'ଘୋଡ଼ାର ଯଦି ଶିଙ୍ଗ ଥା'ନ୍ତା ସେ ବି ଆଜି କାହାକୁ ମାନନ୍ତା ନାହିଁ ।' ଏଇ ମଜାକଥାଟିକୁ ବିଜ୍ଞାନୀମାନେ ଏମିତି ଭାବରେ କୁହନ୍ତି ଯେ ଜଟିଳ କଥାଟାକୁ ମଧ୍ୟ ସରଳ ଭାବରେ ବୁଝି ହୋଇଯିବ ।

ବହୁବାର କୁହାଯାଇଛି ଯେ ପ୍ରକୃତି ପ୍ରଥମେ ୯୨ଟି ମୂଳ ଉପାଦାନ ବା ଏଲିମେଣ୍ଟ ତିଆରି କରିଦେଲା । ସେହିଗୁଡ଼ିକ ଏପାଖ ସେପାଖ ମିଶାଇ ଲକ୍ଷ ଲକ୍ଷ ପ୍ରକାରର ଜିନିଷ ବାହାର କରିଦେଲା । କିନ୍ତୁ ପ୍ରକୃତିର କେବେ ଇଚ୍ଛା ନଥିଲା ଯେ ତା'ର ଏହି ରହସ୍ୟ ମନୁଷ୍ୟ ଏକାଥରକେ ଭେଦ କରିଯାଉ । ତେଣୁ ଗୋଟିଏ ଉପାଦାନର ପରିଚୟ ଦେଲାପରେ ପ୍ରକୃତି ବହୁବର୍ଷ ଅପେକ୍ଷା କରେ ମଣିଷକୁ ଆଉ ଗୋଟିଏ ବିଷୟ ଚିହ୍ନେଇ ଦେବାପାଇଁ ।

ଅଳ୍ପ କେତେ ବର୍ଷ ପୂର୍ବେ କଳ୍ପନା ମଧ୍ୟ କରାଯାଇ ନଥିଲା ଯେ ଉଦ୍‌ଜାନ ବୋଲି ଯେଉଁ ମୂଳ ଉପାଦାନଟି ଅଛି ତା' ସମ୍ପର୍କରେ ବିଜ୍ଞାନୀମାନେ ଏତେ କଥା ଜାଣିଯିବେ । ସୂର୍ଯ୍ୟ ଭିତରେ ତାପ ସୃଷ୍ଟି ହେଉଛି । କୋଟି କୋଟି ବର୍ଷ ହେଲା ସେହି ତାପ ଓ ଆଲୁଅ ପୃଥିବୀ ଉପରେ ଆସି ପଡୁଛି । କିନ୍ତୁ ସୂର୍ଯ୍ୟ ଯେମିତି ଥିଲା ସେମିତି । ତା' ଦେହର କାଣିଚାଏ ସୁଦ୍ଧା କୁଆଡ଼େ ଯାଉନାହିଁ । ପରେ ଜଣାପଡ଼ିଗଲା ଏହି ଅସରନ୍ତି ଲୀଳାକୁ ଚଳାଇ ରଖିଛି ଉଦ୍‌ଜାନ । ପ୍ରତି ସେକେଣ୍ଡରେ କୋଟି କୋଟି ଟନ୍ ଉଦ୍‌ଜାନ ଏହି କାମରେ ଲାଗିଛନ୍ତି । ଏବେ କୁହାଗଲାଣି ଭବିଷ୍ୟତର ଅସଲ ଜାଳେଣି ହେଉଛି ଏହି ଉପାଦାନଟି ।

ଏହି ଶବ୍ଦର ଅର୍ଥ ଯଦି ପଗ୍ଭରିବ ଉତ୍ତର ମିଳିବ "ଜଳ-ସୃଷ୍ଟିକାରୀ" । ଏଭଳି ନାମ କାହିଁକି ଦିଆଯାଇଛି ପ୍ରଶ୍ନର ଉତ୍ତର ହେଲା - ଦୁଇଭାଗ ଉଦ୍‌ଜାନ ଓ ଏକଭାଗ ଅମ୍ଳଜାନକୁ ପ୍ରକୃତି ଗୋଟାଏ ଏଭଳି ଢଙ୍ଗରେ ମିଶାଇ ଦେଲା ବା ଯୋଗକରିଦେଲା ଯେ ପାଣିର ସୃଷ୍ଟିହୋଇଗଲା । ସେହି କଥାଟି ୧୭୬୬ ପର୍ଯ୍ୟନ୍ତ କେହି ଜାଣି ପାରିଲେ ନାହିଁ । ଏହାର ପରିଚୟ ମିଳିଲା । ପରେ ଅସଲ କାମରେ ଏହାକୁ ଲଗାଗଲା । ସବୁ ଉପାଦାନଙ୍କ ଭିତରେ ଏଇଟି ହାଲୁକା । ଏହାର ଗନ୍ଧ, ସ୍ୱାଦ ବା ରଙ୍ଗ କିଛିହେଲେ ନାହିଁ । ପୃଥିବୀରେ, ବିଶ୍ୱରେ ଯେତେ ଯେତେ ମୌଳିକ ଉପାଦାନ ଅଛି, ସେଥି ଭିତରୁ ଏହାର ପରିମାଣ ସବୁଠାରୁ ଅଧିକ । ଜୀବନ ଏହାରି ପାଇଁ ତିଷ୍ଠି ରହିଛି ।

ଆହୁରି ଗୋଟିଏ ଅସଲ କଥା ହେଲା - ହାଇଡ୍ରୋଜେନ୍ ବା ଉଦ୍‌ଜାନ ତିନି ରୂପରେ ରହିଛି । ଏହି ତିନୋଟିଯାକ ରୂପର କାମ ଭିନ୍ନ ଭିନ୍ନ । ପାଣି ତ ତିଆରି ହୋଇଛି ଦୁଇଭାଗ ଉଦ୍‌ଜାନ ଓ ଏକଭାଗ ଅମ୍ଳଜାନରେ । ଉଦ୍‌ଜାନ ଓ ହାଇଡ୍ରୋଜେନ୍ ଏକା କଥା । ଉଭୟର ଅର୍ଥ ଇଏ ଜଳ ସୃଷ୍ଟି କରୁଛି । ସମୁଦ୍ରରେ କେତେ ପାଣି ଅଛି ଆମେ ଦେଖୁଛୁ ! ତାହା ହେଲେ ମଣିଷ ଯଦି ଇଚ୍ଛା କରିବ ଏହି ସମୁଦ୍ର ପାଣିରୁ ଯେତେ ପାରି ସେତେ ଉଦ୍‌ଜାନ ପାଇଯିବ । ଏହି ବାଷ୍ପ ଖୁବ୍ ହାଲୁକା । ତେଣୁ ବେଲୁନ୍ ଭିତରେ ଏହାକୁ ପୂରାଇ ଆକାଶର ବହୁତ ଉଚ୍ଚକୁ ଛଡ଼ାଯାଇଥାଏ । ବୋମା ବିଷୟରେ ଯଦି ପଢ଼ିବ, ତେବେ ଦେଖିବ, ଉଦ୍‌ଜାନ ବୋମା ବୋଇଲେ ଆମେ କଅଣ ବୁଝୁଛୁ ।

**ଉଦୟ ଶଙ୍କର** : ପୃଥିବୀର ବହୁ ଦେଶର ନିଜର ବୋଲି କିଛି ଅଛି । ନାଚିବା, ଚିତ୍ର ଆଙ୍କିବା, ପଥରରେ ମୂର୍ତ୍ତି କରିବାଠାରୁ ଆରମ୍ଭ କରି ଶାସ୍ତ୍ର ପୁରାଣ

"ଯିଏ ପରାଜୟକୁ ଭୟ କରେ ତା ଭାଗ୍ୟରେ ପରାଜୟ ହିଁ ଲେଖାଅଛି ।"

--ନେପୋଲିଅନ୍

## ୧୭୨ ଉଦୟ ଶଙ୍କର-ଉଦର

ଲେଖିବା ଭଳି କାମ ଭିନ୍ନ ଭିନ୍ନ ଦେଶରେ ହୁଏ ଓ ସେଗୁଡ଼ିକ ପୁଣି ଟିକିଏ ନୂତନ ନୂତନ ଢଙ୍ଗରେ ହୁଏ । ନିଜ ଦେଶର ଭଲ କଥା ଅନ୍ୟ ଦେଶରେ ଯାଇ ଜଣାଇବା ପାଇଁ କେତେଜଣ ଉଦ୍ୟମ କରନ୍ତି ଓ ସେହିମାନଙ୍କ ଉଦ୍ୟମ ଯୋଗୁଁ ଦେଶର ମାନ ବଢ଼େ, ଇଜ୍ଜତ ବଢ଼େ । ଭାରତର ଉଦୟ ଶଙ୍କର ଥିଲେ ସେହିଭଳି ଜଣେ ଲୋକ । ସେ ନୃତ୍ୟରେ ଖୁବ୍ ବାହାଦୁରୀ



(ଉଦୟ ଶଙ୍କର)

ଅର୍ଜନ କରିଥିଲେ । ପଶ୍ଚିମ ଜଗତର ଭିନ୍ନ ଭିନ୍ନ ଦେଶକୁ ଯାଇ ନିଜେ ନାଚି, ନିଜର କେତେକ ଶିଷ୍ୟଙ୍କୁ ନଚାଇ ସମସ୍ତଙ୍କୁ ମୁଗ୍ଧ କରିଥିଲେ । ବିଲାତରେ ପ୍ରଥମେ ଯେତେବେଳେ ସେ ଶିବ ନୃତ୍ୟ ଓ ତରବାରୀ ନୃତ୍ୟ ଦେଖାଇଲେ ସମ୍ରାଟ ପଞ୍ଚମ ଜର୍ଜ ଅତିମାତ୍ରାରେ ତୁଷ୍ଟ ହୋଇଗଲେ । ତାହାପରେ ତାଙ୍କର ସୁନାମ ହେଲା ଓ ସେ ପୃଥିବୀର ଯେଉଁ ଦେଶକୁ ଗଲେ ସେଠାରେ ଆଦର ପାଇଲେ । ୧୯୦୦ ଖ୍ରୀଷ୍ଟାବ୍ଦ ଡିସେମ୍ବର ୧୧ ତାରିଖ ଦିନ ଉଦୟପୁରଠାରେ ତାଙ୍କର ଜନ୍ମ । ସେ ପଦ୍ମଭୂଷଣ ଉପାଧି ପାଇଥିଲେ । ୧୯୭୭ ସେପ୍ଟେମ୍ବର ୨୬ ତାରିଖ ଦିନ ସେ ସଂସାର ଛାଡ଼ିଗଲେ ।

**ଉଦର** : ମନୁଷ୍ୟ ଦେହଟିକୁ ତିନି ଭାଗରେ ଭାଗ କରିଦିଆଯାଇଛି । ସେହିଗୁଡ଼ିକ ହେଲା ତିନିଗୋଟି




(ଉଦର)

"ଯେଉଁ ଲୋକ କେବେ କିଛି ଉଦ୍ୟମ କରେ ନାହିଁ, ସେହି କେବଳ ବିଫଳତା ଦୋଷରୁ ମୁକ୍ତ ।"

--ହୋଏଟ୍‌ଲୀ

କୋଠରୀ । ବେକଠାରୁ ଉପର ଅଂଶଟି ଅଛି ସବା ଉପରେ । ତା'ରି ଭିତରେ ମସ୍ତିଷ୍କ ରହିଛି । ଗୋଟିଏ ଅଂଶକୁ ସାଧାରଣତଃ ଛାତି ବୋଲି କୁହ । ସେହିଥିରେ ଅଛନ୍ତି ହୃତପିଣ୍ଡ ଓ ଫୁସ୍‌ଫୁସ୍ । ତୃତୀୟଟି ହେଲା ଉଦର ଗହ୍ୱର । ଏହି ତିନୋଟି ବିଭାଗକୁ ଆମର ଦୁଇଗୋଡ଼ ମୁଣ୍ଡାଇଲା ଭଳି ରହିଛନ୍ତି ।

ଉଦରଟି ହେଲା ଶରୀରର ସବୁଠାରୁ ବଡ଼ ବିବର ବା କୋଟର । ଏହି କୋଟର ଭିତରେ ଏଭଳି ବ୍ୟବସ୍ଥା ରହିଛି ଯେ ଅନେକ ଜିନିଷ ରହିପାରିବ । ଉଦର ଉପରେ ମାଂସପେଶୀର ଗୋଟିଏ ପରଦା ଭଳି ରହିଛି । ତା'କୁ କୁହାଯାଏ ମଧ୍ୟଚ୍ଛଦା । ଉଦରରେ ଅଛି ହଜମପଥର ବେଶୀଭାଗ । ଯକୃତ ବା ଲିଭର, ଅଗ୍ନ୍ୟାଶୟ, ପ୍ଳିହା, ଦୁଇଟି ବୃକକ (କିଡ୍‌ନୀ) ଏବଂ ଅନ୍ତ୍ରପୁଚ୍ଛ । ମସ୍ତିଷ୍କକୁ ଆଶ୍ରା ଦେବ ବୋଲି ମୁଣ୍ଡଟାକୁ ମଜବୁତ ହାଡ଼ରେ ଗଢ଼ାଯାଇଛି । ଛାତି ପିଞ୍ଜରାକୁ ମଧ୍ୟ ଫାଳିକିଆ ହାଡ଼ ଖଞ୍ଜି ତିଆରି କରାଯାଇଛି । କିନ୍ତୁ ଉଦରଟିକୁ ତିଆରି କରାଯାଇଛି ମାଂସପେଶୀରେ । କେବଳ ପଛପଟେ ଯାହା ମେରୁଦଣ୍ଡ ରହିଛି । ଏଭଳି ତିଆରି କରିବାର କାରଣ ହେଲା ଆମେ ଯାହା ଖାଉ ତାହା ଏହି ଉଦର ଗହ୍ୱର ଭିତରେ ଥିବା ପାକସ୍ଥଳୀରେ ଯାଇ ପହଞ୍ଚେ । ତାହାପରେ ଅନ୍ତ୍ର ଭିତର ଦେଇ ଆଗକୁ ଆଗକୁ ଯାଏ । ଜଣେ ଲୋଭକରି ବେଶୀ ଖାଇଦେଲେ ତା'ପାଇଁ ସ୍ଥାନ ରହିଥିବା ଦରକାର । ଏଇ ଉଦର ଭିତରେ ଜରାୟୁ ରହିଛି, ଯାହା ଭିତରେ କି ଛୁଆଟି ମା' ଗର୍ଭ ଭିତରେ ବଢ଼ିବ । ତା'କୁ ଗୋଟାଏ ଟାଣ ଫର୍ମା ଭତରେ ନରଖି ଟିକେ ଫାଙ୍କା ସ୍ଥାନରେ ରଖାଯାଇଛି । ଉଦର ଭିତରେ ଯଦି ବେଶୀ ଜିନିଷ ରହିଗଲା, ମଧ୍ୟଚ୍ଛଦା ହୃତପିଣ୍ଡ ଉପରେ ଚାପ ପକାଏ । ଆମେ କଷ୍ଟ ଅନୁଭବ କରୁ ।

**ଉଦ୍ଧାମ ସିଂହ :** ଭାରତକୁ ବିଦେଶୀଙ୍କ ପରାଧୀନତା ଫାଶରୁ ମୁକ୍ତ କରିବାପାଇଁ ଯେଉଁ ଲଢ଼ାଇ ଚାଲିଲା, ତାକୁ ସ୍ୱାଧୀନତା ସଂଗ୍ରାମ ବୋଲି କୁହାଯାଏ । ଏହି ଲଢ଼େଇରେ ଯୋଗଦେବା ପାଇଁ ଗାନ୍ଧିଜୀ ଯେତେବେଳେ ଡାକରା ଦେଲେ ଇଂରେଜ ଶାସକମାନେ ଚମକି ପଡ଼ିଲେ । ଜଣେ ବିଚାରିଲେ - ଭାରତୀୟ ମାନଙ୍କୁ ଏଭଳି ଗୋଟିଏ ଶିକ୍ଷା ଦିଆଯିବ ଯେ ସେମାନେ ଆଉ ଗାନ୍ଧୀ କଥାରେ ମୁଣ୍ଡଟେକି ଇଂରେଜ ଶାସନ ବିରୁଦ୍ଧରେ କିଛି କହିବେ ନାହିଁ । ଏହିଭଳି ପାଞ୍ଚ କରି ୧୯୧୯ ଏପ୍ରିଲ ୧୩ ତାରିଖ ଦିନ ପଞ୍ଜାବର ଗୋଟିଏ ସ୍ଥାନରେ ଏମାନେ ବିନା କାରଣରେ ଗୁଳି ଚଳାଇଦେଲେ ଓ ଆଖି ପିଛୁଳାକେ



(ଉଦ୍ଧାମ ସିଂହ)

୧୨୦୦ ଲୋକ ମରି ଟଳି ପଡ଼ିଲେ । ୩୬୦୦ ଲୋକ ଗୁଳିମାଡ଼ରେ ଆହତ ହେଲେ । ଏହି ଘଟଣାଟି ଘଟିଥିଲା ଜାଲିଆନାୱାଲାବାଗରେ । ପଞ୍ଜାବର ଲାଟ ଥାଆନ୍ତି ଓ'ଡାୟାର । ଗୋଟିଏ ୧୬ ବର୍ଷର ପିଲା ଲୋକଙ୍କ ବିକଳ ସହି ନପାରି ସେମାନଙ୍କ ମୁହଁରେ ଟିକିଏ

"ମନ୍ଦ ଚିନ୍ତାରୁ ମୁକ୍ତି ହେଉଛି ଭଗବାନଙ୍କର ସର୍ବଶ୍ରେଷ୍ଠ ଆର୍ଶୀବାଦ ।"

--ଇସିଲସ୍

ପାଣି ଦେଉଥିଲା । ସେତିକିବେଳେ ତା' ମନ ଭିତରେ ସତେ ଯେପରି କିଏ କହୁଥାଏ - ଏହି ନରହନ୍ତା ମାଇକେଲ ଓ'ଡାୟାରର ପ୍ରତିଶୋଧ ଦିନେ ନା ଦିନେ ନେବାକୁ ପଡ଼ିବ ।

ତା'ପରେ ମାଇକେଲ ଓ'ଡାୟାର ଭାରତରୁ ତାଙ୍କ ଚାକିରି ଶେଷରେ ବିଦାୟ ନେଇଗଲେ ଓ ଲଣ୍ଡନରେ ଯାଇ ରହିଲେ । ପିଲା ଉଦ୍ଧାମ ସିଂହ ତାଙ୍କ ପିଛା ଧରି ଲଣ୍ଡନରେ ଯାଇ ବୁଲୁଥାଏ । ୧୯୪୦ ମାର୍ଚ୍ଚ ତିନି ତାରିଖ । ଲଣ୍ଡନର ଟାକ୍ସ୍‌ଟନ ହଲରେ ଗୋଟିଏ ସଭା ହେଉଥାଏ । ସଭା ମଞ୍ଚରେ ଏହି ମାଇକେଲ ଓ'ଡାୟାର ବସିଥିଲେ । ସେ ପଞ୍ଜାବରେ ଯାହା କରିଥିଲେ ତାହା ଠିକ ବୋଲି କହି ଗୋଟିଏ ଭାଷଣ ଦେଲେ । ଏତିକିବେଳେ ଉଦ୍ଧାମ ସିଂହ ସଭା ମଞ୍ଚ ଆଡ଼କୁ ଆଗେଇଯାଇ ଗୁଳି ଚଳାଇଲେ । ସେହିଠାରେ ଓ'ଡାୟାର ସାହେବ ଟଳି ପଡ଼ିଲେ । କେତେଜଣ ଉଦ୍ଧାମ ସିଂହଙ୍କୁ ମାଡ଼ିବସିଲେ । ସେ କହିଲେ "ମୁଁ ପଳାଉନାହିଁ; ଓ'ଡାୟାରର ଯାହା ପାଇବାର ଥିଲା ସେଇତକ ଦେବାପାଇଁ ମୁଁ ଆସିଥିଲି ।" ତାଙ୍କର ବିଚାର ହେଲା । ଜଜ୍‌ଙ୍କୁ ସେ କହିଲେ - "ହଁ, ମୁଁ ତା'କୁ ମାରିଛି । ସବୁ ମାରିବାଟା ନରହତ୍ୟା ନୁହେଁ । ଏ ଲୋକ ପଞ୍ଜାବରେ ଯାହାକଲା ତାହା ମଣିଷ ସମାଜ ବିରୁଦ୍ଧରେ ଅପରାଧ । ତାହାରି ପ୍ରତିଶୋଧହିଁ ମୁଁ ନେଇଛି ।" ଉଦ୍ଧାମ ସିଂହଙ୍କୁ ମୃତ୍ୟୁଦଣ୍ଡ ଦିଆଗଲା ।

**ଉଦ୍ଭିଦ ବିଦ୍ୟା :** ଆମେ ସମସ୍ତେ ଦେଖୁଛୁ ଗୋଟିଏ ପୋଖରୀ ଖୋଳିଦେଲା ପରେ ପ୍ରଥମ କାମ ହେଲା ପୋଖରୀ ବନ୍ଧରେ ଚେକା ଲୁଆଇ ଦେବା । ବନ୍ଧର ମାଟିକୁ ସମାନ କରିଦେଇ ଛେଲା ଛେଲା ଘାସ ଚେକା ତା ଉପରେ ଖଞ୍ଜିଦେଇ ବାଡ଼େଇ ଦିଆଯାଏ । ସେଭଳି କରିଦେଲେ ବର୍ଷାରେ ମାଟି ଆଉ ଧୋଇ ହୋଇଯାଏ ନାହିଁ । ଏହିଭଳି କଥା ବହୁକାଳ ପୂର୍ବେ ପ୍ରକୃତି ନିଶ୍ଚୟ କରିଥିଲା । ମାଟି ତିଆରି ହୋଇଗଲା । ପାଣି, ପବନ ସେହି ମାଟିକୁ ଧୋଇନେବେ ବା ଉଡ଼ାଇ ଦେବେ । ତେଣୁ ତାକୁ ସେହି ବିପଦରୁ ରକ୍ଷାକରିବା ପାଇଁ ପ୍ରଥମେ ସୃଷ୍ଟି ହୋଇଥିବ ଘାସ । ଘାସର ଚେର ପରସ୍ପର ସହିତ ଛନ୍ଦି ହୋଇ ମାଟିକୁ ରକ୍ଷା କରନ୍ତି । ତାହାପରେ ଛୋଟ ବଡ଼ ଅନେକ ଜାତିର ଗଛ ସୃଷ୍ଟି ହୋଇଥିବ । ମାଟି ଓ ପଥୁରିଆ ସ୍ଥାନରେ ବଡ଼ ବଡ଼ ଗଛ ଉଠି ଅରଣ୍ୟକୁ ଜନ୍ମ ଦେଇଥିବେ । ସେତେବେଳେ କିନ୍ତୁ ମଣିଷ ତ ଦୂରର କଥା, ଅନ୍ୟ ବହୁ ବଡ଼ ବଡ଼ ଜୀବ ମଧ୍ୟ ଜନ୍ମ ହୋଇ ନଥିଲେ । କ୍ରମେ କ୍ରମେ ସେଗୁଡ଼ିକ ଜନ୍ମ ହେଲେ ଓ ଉଦ୍ଭିଦ ଏବଂ ଜୀବଙ୍କର କାମ ହେଲା ଏହି ପୃଥିବୀକୁ ସୁନ୍ଦର କରି ଗଢ଼ିବା ।

ପରେ ଯେତେବେଳେ ମନୁଷ୍ୟ ଜନ୍ମ ହେଲା ସେ କ୍ରମେ କ୍ରମେ ତାହାର ଖାଦ୍ୟ, ବସ୍ତ୍ର, ଆଶ୍ରୟସ୍ଥଳ, ଔଷଧ ଇତ୍ୟାଦି ପାଇଁ ନିର୍ଭର କଲା ଗଛ, ପତ୍ର, ଲତାଙ୍କ ଉପରେ । ସେତେବେଳେ କିନ୍ତୁ ସେ ଜାଣି ନଥିଲା ଗଛ ଲତାଙ୍କୁ ପ୍ରକୃତି ଆଉ କେଉଁ ଉଦ୍ଦେଶ୍ୟରେ ତିଆରି କରିଛି ବା କି ପ୍ରକାର କାମରେ ଲଗାଉଛି । ତଥାପି ମଣିଷ ଚେଷ୍ଟା କରିଛି ଏଗୁଡ଼ିକ ବିଷୟରେ ଅଧିକରୁ ଅଧିକ ଜାଣିବା ପାଇଁ । ସେତେବେଳେ ସେ ଅନୁମାନ କରୁଥାଏ ସୂର୍ଯ୍ୟ ଓ ଉଦ୍ଭିଦଙ୍କ ଭିତରେ କେମିତି ଗୋଟାଏ କ'ଣ ସମ୍ପର୍କ ରହିଛି । ସେ ସୂର୍ଯ୍ୟଙ୍କୁ ପୂଜା କଲା । ତାହା ସଙ୍ଗେ ସଙ୍ଗେ ବହୁ ଗଛଲତାଙ୍କୁ ମଧ୍ୟ ପୂଜାକଲା । ଏବେ ମଧ୍ୟ କେତେଗୁଡ଼ିଏ ଗଛଙ୍କୁ ପବିତ୍ର ବୋଲି ମନେ କରାଯାଏ । ମନୁଷ୍ୟ ଓ ଗଛଲତାଙ୍କ ଭିତରେ ନାନା କାରଣରୁ ସମ୍ପର୍କ ଏତେ ଘନିଷ୍ଠ ଯେ ଜଣେ ଯଦି ଗୋଟାଏ କିଛି ନୂଆ କଥା ବାହାର କରିଦେଲା ସମସ୍ତେ ତାହାର ପ୍ରଶଂସା କଲେ ।

"ସବୁ କଥାରେ ଅତିମାତ୍ରାଟା ଖରାପ, କିନ୍ତୁ ଶୁଦ୍ଧ ଜ୍ଞାନ କ୍ଷେତ୍ରରେ ଏହି ନିୟମ ଲାଗୁ ହୁଏ ନାହିଁ ।"
-- ଇମରସନ୍

## ୧୭୫ ଉଦ୍ଭିଦ ବିଦ୍ୟା-ଉପନିଷଦ

ଆମେରିକା, ଆଫ୍ରିକା, ନିଉଗିନୀ ଓ ଭାରତର ଗୋଟାଏ ଗୋଟାଏ ଅଞ୍ଚଳରେ ବସବାସ କରି ରହୁଥିବା ଆଦିବାସୀମାନେ ବହୁ ଗଛଲତାଙ୍କ ବିଷୟରେ ଅନେକ ତଥ୍ୟ ଅତି ଚମତ୍କାର ଭାବରେ ଜାଣିଛନ୍ତି । ସେମାନେ ଏଭଳି ଜ୍ଞାନ କିଭଳି ହାସଲ କଲେ ସେ ବିଷୟ ଭାବି ଆଜିର ଉଦ୍ଭିଦ ବିଜ୍ଞାନୀ ମାନେ ଆଶ୍ଚର୍ଯ୍ୟ ହୋଇଯାଉଛନ୍ତି ।

ଯେଉଁମାନେ ଗଛଲତା ଇତ୍ୟାଦିଙ୍କ ବିଷୟରେ ଭଲଭାବରେ ଆଲୋଚନା କରୁଛନ୍ତି ସେମାନେ ଉଦ୍ଭିଦ ବିଦ୍ୟାରେ ପଣ୍ଡିତ ବୋଲି କୁହାଯାଏ । ଅନ୍ୟ ବିଦ୍ୟା ଭଳି ଗଛଲତାଙ୍କ ବିଷୟରେ ଜାଣିବା କଥାଟିକୁ ଉଦ୍ଭିଦବିଦ୍ୟା ବା ବଟାନୀ ବୋଲି ନାମ ଦିଆଯାଇଛି ।

**ଉପନିଷଦ :** ଭାରତର ମୁନିଋଷିମାନେ ଅସଲ ତତ୍ତ୍ୱ କଅଣ, ଧର୍ମ ବୋଇଲେ ପ୍ରକୃତରେ କଅଣ ବୁଝାଏ, ମନୁଷ୍ୟ ଜନ୍ମ ପାଇଥିବାରୁ ଲୋକଟି କେମିତି ଚଳିବ ଇତ୍ୟାଦି ବିଷୟରେ ବହୁକଥା କହିଗଲେ । ତାକୁହିଁ ବେଦ ବୋଲି କୁହାଗଲା । ଏହିସବୁ କଥାକୁ ଚାରି ଭାଗରେ ଭାଗଭାଗ କରି ସେଗୁଡ଼ିକୁ ଚାରିବେଦ ବୋଲି କୁହାଗଲା ।

ପରେ ଦେଖାଗଲା ଯେ ବେଦରେ ଯାହା ଅଛି ତାହା ନିଶ୍ଚୟ ଭଲ, କିନ୍ତୁ ଟିକିଏ ଜ୍ଞାନ ନଥିଲେ ସେଥିରେ ଥିବା ସବୁକଥା ବୁଝି ହେଉନାହିଁ । ତେଣୁ କେତେଜଣ ମୁନି ଋଷି ସ୍ଥିର କଲେ - ବେଦରେ ଯେଉଁସବୁ ଭଲକଥା ଅଛି ତାକୁ ଆହୁରି ସରଳ ଭାବରେ ବୁଝାଇବେ । କେତେକ ଲୋକ ଏ ବିଷୟରେ ବହୁତ କିଛି ଆଗ୍ରହ ପ୍ରକାଶ କଲେ । ସେହି ମୁନି, ଋଷି ମାନଙ୍କ ପାଖରେ ପହଞ୍ଚିଲେ । ସେହିମାନଙ୍କ ପାଦତଳେ ବସି ଭକ୍ତିର ସହିତ ମନଦେଇ ଶୁଣିଲେ - ସେମାନେ ବେଦର ଅସଲ ତତ୍ତ୍ୱକୁ କେମିତି ବୁଝାଇବେ ।

ଆଜିକୁ ପ୍ରାୟ ୩୦୦୦ ବର୍ଷ ପୂର୍ବେ ଏଇ କାମ ଆରମ୍ଭ ହୋଇଥିଲା ଓ ୫୦୦ ବର୍ଷ ପର୍ଯ୍ୟନ୍ତ ମୁନିଋଷି ମାନେ ଶହ ଶହ ଶିଷ୍ୟଙ୍କୁ ଉପଦେଶ ଦେଇଥିଲେ । ସେମାନେ ଯେଉଁସବୁ କଥା କହିଥିଲେ ତାକୁ ମୂଳ କରି ପରେ ଭାରତରେ ବହୁ ପଣ୍ଡିତ, ଗୁଣୀ ଲୋକ ବିଭିନ୍ନ ଦିଗ ବିଷୟରେ ଲେଖିଗଲେ । ତାକୁହିଁ କୁହାଯାଏ ଭାରତୀୟ ଦର୍ଶନ । ବେଦର ଶେଷଭାଗ ବେଳକୁ ଉପନିଷଦର ସୃଷ୍ଟି ହୋଇଥିବାରୁ ଏହାକୁ ବେଦାନ୍ତ ବୋଲି କୁହାଯାଏ । ଏହାର ଆଉ ଗୋଟିଏ ଅର୍ଥ ହେଲା - ବେଦର ଶେଷ ତତ୍ତ୍ୱ । ଗଛ, ଲତା, ଜୀବଜନ୍ତୁ ଇତ୍ୟାଦି ସହିତ ଓ ମନୁଷ୍ୟର ଚାରିପଟେ ଯାହାସବୁ ଘଟିଯାଉଛି ତାହା ସହିତ ମନୁଷ୍ୟର ଯେଉଁ ସମ୍ପର୍କ ଅଛି, ସେହି ବିଷୟରେ ଉପନିଷଦରେ ଆଲୋଚନା କରାଯାଇଛି । ପ୍ରାୟ ୧୫୦ଟି ଉପନିଷଦ ଲେଖାଯାଇଛି । ଜଣେ ସରଳ ଭାଷାରେ ବୁଝାଇବାକୁ ଯାଇ କହିଛନ୍ତି - ଏହା ହେଉଛି ଭାରତର ଜ୍ଞାନର ଗୋଟିଏ ମୂଳସ୍ରୋତ । ତାହାରି ଦେହରୁ ବହୁସଂଖ୍ୟକ ଜ୍ଞାନ ଧାରା ଶାଖା-ନଦୀ ଭଳି ବାହାରି ଯାଇଛି । ଯେଉଁମାନେ ଶ୍ରୀମଦ୍ ଭାଗବତ୍, ଗୀତାର ଗୁଣ ଗାଆନ୍ତି ସେମାନେ କୁହନ୍ତି - ସବୁତକ ଉପନିଷଦ ହେଲା ଗୋଟିଏ ଗାଈ; ଗୋପାଳ ନନ୍ଦନ ଶ୍ରୀକୃଷ୍ଣ ସେହି ଗାଈକୁ ଦୁହିଁ ପକାଇ ଗୀତା ରୂପକ ଅମୂଲ୍ୟ ରସ - ଦୁଗ୍ଧ ବିତରଣ କରିଯାଇଛନ୍ତି ।

ଦୁଇଶହ ବର୍ଷ ପୂର୍ବ ପର୍ଯ୍ୟନ୍ତ ଇଉରୋପର ପଣ୍ଡିତ ମାନେ ଉପନିଷଦ ବିଷୟରେ ସେମିତି କିଛି ଜାଣି ନଥିଲେ । ଯେତେବେଳେ ଜାଣିଗଲେ ସେମାନଙ୍କ ମନରେ ଗୋଟାଏ ନୂଆ ପ୍ରକାରର ଆନନ୍ଦ ଖେଳିଗଲା । ସେମାନେ ଅମୂଲ୍ୟ-ଜ୍ଞାନ ପାଇଗଲେ ।

---

"ନିଜର ଇଚ୍ଛା ନଥାଇ ମଧ୍ୟ ଲେଖକ ତାହାର ଲେଖାରେ ନିଜର ବ୍ୟକ୍ତିତ୍ୱକୁ ଅଳ୍ପ ବହୁତେ ଫୁଟାଇଥାଏ ।"

--ଗେଟେ

## ୧୭୬ ଉପେନ୍ଦ୍ର ଭଞ୍ଜ-ଉଭୟଚର ପ୍ରାଣୀ

**ଉପେନ୍ଦ୍ର ଭଞ୍ଜ :** ଗୋଟିଏ ଗୋଟିଏ ବିଷୟରେ ଜଣେ ଜଣେ ଏତେ ଭାଗ୍ୟବାନ ଯେ ଅନ୍ୟମାନେ ତାଙ୍କୁ ଦେଖିଦେଲେ ଖୁସି ହୋଇଯାଆନ୍ତି । ଜଣେ କବିଙ୍କ କଥା ଧରିନିଅ । ସେ ସୁନ୍ଦର ସୁନ୍ଦର ଗୀତ, କବିତା ଇତ୍ୟାଦିକୁ ଏମିତିକା ମଧୁର ଆନନ୍ଦରେ ଲେଖି ଦିଅନ୍ତି ଯେ ହଜାର ହଜାର ଲୋକେ ଏକାଠି ବସି ଶୁଣନ୍ତି । କୁହାକୁହି ହୁଅନ୍ତି "ଧନ୍ୟ ତାଙ୍କ ବାପ ମା" । ଆହୁରି ଆଶ୍ଚର୍ଯ୍ୟର କଥା ଯେ ସେମାନଙ୍କ ମୃତ୍ୟୁର ଶହ ଶହ ବର୍ଷ ପରେ ମଧ୍ୟ ସେହିସବୁକୁ ବୋଲିଲେ ଲୋକେ ବିଗୁରନ୍ତି - ଏହାଭିତରେ ଏତେ ସୁନ୍ଦର ଅର୍ଥ, ସୁନ୍ଦର କଥା ଅଛି ବୋଲି ତ ଆମେ ଜାଣିନଥିଲୁ । ଆଉ କିଏ କହି ଦିଅନ୍ତି ଆରେ ଯିଏ ଏହାକୁ ଲେଖିଛନ୍ତି ସେ ନିଜେ ମଧ୍ୟ ଏହା ଭିତରେ ଥିବା ସୁନ୍ଦର ପଣିଆ ଏବଂ ଅନୁଭବ ବିଷୟରେ ଏମିତି ଜାଣି ନଥିଲେ । ସେହିଭଳି କବିଙ୍କୁ ଲୋକେ 'ଯଶସ୍ୱୀ', 'ଯୋଗଜନ୍ମା' ଇତ୍ୟାଦି କହି ଆନନ୍ଦରେ ତାଙ୍କ ନାମ ସ୍ମରଣ କରି ମୁଣ୍ଡ ନୁଆଁଇ ଦିଅନ୍ତି ।

ଆମ ଓଡ଼ିଶାର ଉପେନ୍ଦ୍ର ଭଞ୍ଜ ଥିଲେ ସେମିତିକା 'କବିସମ୍ରାଟ' । ଜଣେ ନିରକ୍ଷର ସାଧାରଣ ଲୋକ, ଘରର ବୋହୂଝିଅ, ବିଲର ମୂଲିଆ, ପାଠ ପଢୁଆ ରସିକ, ଭୁଷପଣ୍ଡିତ - ସମସ୍ତେ ଉପେନ୍ଦ୍ରଙ୍କ ଛାନ୍ଦ ବୋଲି ଗଦ ଗଦ ହୋଇ ଯାଆନ୍ତି ।

ଅବିଭକ୍ତ ଗଞ୍ଜାମ ଜିଲାର ଘୁମୁସର ରାଜବଂଶରେ ଏହାଙ୍କର ଜନ୍ମ - ଖୁବ୍ ସମ୍ଭବ ୧୬୮୫ ଖ୍ରୀଷ୍ଟାବ୍ଦରେ । ଏହାଙ୍କ ଜୀବନୀ ବିଷୟରେ ବହୁତ କିଛି ଲେଖାଯାଇଛି । ତାଙ୍କୁ ପ୍ରଶଂସା କରିବା ପାଇଁ ପଣ୍ଡିତମାନେ ମଧ୍ୟ ଭାଷା ପାଆନ୍ତି ନାହିଁ । ମାତ୍ର ଚାଳିଶ ବର୍ଷ ବୟସରେ ୧୭୨୫ରେ ସେ ଏ ସଂସାରରୁ ବିଦାୟ ନେଇଗଲେ । କିନ୍ତୁ ୧୯୯୪ରେ ମଧ୍ୟ ତାଙ୍କ କଥା ପଢ଼ିଲେ ଓଡ଼ିଆମାନେ କହୁଛନ୍ତି - ଆମେ ଧନ୍ୟ, ଆମରି ଓଡ଼ିଶାରେ ସେ ଜନ୍ମ ହୋଇଥିଲେ । ତିନିଶହ ବର୍ଷ ହେଲା ସେ ଲୋକଙ୍କ ଭିତରେ ଜୀଇ ରହିଛନ୍ତି - ଆହୁରି ବହୁକାଳ ରହିବେ । ଓଡ଼ିଆ ଭାଷା ଥିଲା ପର୍ଯ୍ୟନ୍ତ ଭଞ୍ଜ ମୁଣ୍ଡ ଉଞ୍ଚାକରି ରହିଥିବେ ।

**ଉଭୟଚର ପ୍ରାଣୀ :** ପୃଥିବୀରେ ଯେତେ ଜାତିର ପ୍ରାଣୀ ଅଛନ୍ତି ସେମାନଙ୍କୁ ଏବେ ତିନି ଶ୍ରେଣୀରେ ଭାଗ କରିଦିଆଯାଏ । ସେହି ତିନୋଟି ହେଲା - ଜଳ, ସ୍ଥଳ ଓ ଆକାଶରେ ରହୁଥିବା ଜୀବ । ଯେଉଁ ଗୁଡ଼ିକ କେବଳ ଜଳରେ ରହନ୍ତି ସେଗୁଡ଼ିକୁ ପାଣିରୁ କାଢ଼ିଆଣି କିଛିକାଳ ବାହାରେ ରଖିଦେଲେ ମରିଯିବେ । ତାହାର କାରଣ ହେଲା ନିଶ୍ୱାସ ବାଟେ ଦେହ ଭିତରକୁ ଅମ୍ଳଜାନ ନେବା ସେମାନଙ୍କ ପକ୍ଷରେ ସମ୍ଭବ ନୁହେଁ । ସେମିତିକା ବ୍ୟବସ୍ଥା ସେମାନଙ୍କ ଦେହ ପାଇଁ କରାଯାଇନାହିଁ । ଆଉ କେତେକ ଜୀବ ସ୍ଥଳଭାଗରେ ରହନ୍ତି । ମାଟି ଉପରେ, ଗଛଡାଳ, ମାଟିଭିତରେ ଗାତ କରି ସେଇଥିରେ ରହିବା ଜୀବ ମଧ୍ୟ ଅଛନ୍ତି । ମାଟି ଭିତରେ କିଛି ତଳେ ରହିବା ଭଳି ଜୀବ ଆମେ ଦେଖୁ । ଶେଷ ଶ୍ରେଣୀଟି ହେଲା ପବନରେ ଉଡ଼ନ୍ତି । ଉଡ଼ିବା ପାଇଁ ସେମାନଙ୍କ ଦେହରେ ଡେଣା ଖଞ୍ଜାଯାଇଛି । ଗଛ ଡାଳରେ ବସା ତିଆରି କରି ସେମାନେ ରାତିରେ ସେଥିରେ ରୁହନ୍ତି ଓ ଦିନରେ ଆହାର ପାଇଁ ଏଣେ ତେଣେ ଉଡ଼ିବୁଲନ୍ତି । ଏହା ବାଦେ ଆଉ ଗୋଟିଏ ଶ୍ରେଣୀ ଅଛନ୍ତି । ସେଗୁଡ଼ିକ ପାଣି ଭିତରେ ରହନ୍ତି, ମାଟି ଉପରେ ବା ସ୍ଥଳ ଭାଗରେ ମଧ୍ୟ ଚଳପ୍ରଚଳ ହୁଅନ୍ତି । ସେହିଗୁଡ଼ିକୁ "ଉଭୟ ଜୀବନ" ବା "ଉଭୟଚର" ପ୍ରାଣୀ ବୋଲି କୁହାଯାଏ । ଇଂରାଜୀ ବିଜ୍ଞାନ ବହିରେ ଏମାନଙ୍କ ନାମ ଲେଖାଯାଇଛି 'ଆମ୍ଫିବିୟାନ' । ଗ୍ରୀକ୍ ଭାଷାରେ 'ଆମ୍ଫି' ବୋଲି ଯେଉଁ ଶବ୍ଦ ଅଛି ତାହାର ଅର୍ଥ ହେଉଛି ଉଭୟ । 'ବାୟସ' ଶବ୍ଦର ଅର୍ଥ ଜୀବନ ।

> "ବାଗ୍ମିଳ ଏ ସଂସାରରେ ଯେଭଳି ଧ୍ୱଂସକ୍ରିୟା ଘଟାଏ, ଅଗ୍ନି ବା ତରବାରୀ ମଧ୍ୟ ତା କରିପାରନ୍ତି ନାହିଁ ।"
>
> --ଷ୍ଟିଲେ

## ୧୭୭ ଉଭୟଚର ପ୍ରାଣୀ-ଉମେଶ ଚନ୍ଦ୍ର ବାନର୍ଜୀ

କୋଟି କୋଟି ବର୍ଷ ପୂର୍ବେ ପ୍ରଥମେ ପାଣିରେହିଁ ଜୀବ ସୃଷ୍ଟି ହେଲେ । କ୍ରମେ ଦେଖାଗଲା ଯେ ସେଗୁଡ଼ିକ



(ବେଙ୍ଗ ପାଣିରେ ରହେ, ଉପରେ ମଧ୍ୟ)

ଭିତରୁ କେତେକ ସ୍ଥଳଭାଗକୁ ଚାଲିଆସିଲେ । ଏହି ଘଟଣାଟି ୩୭ କୋଟି ବର୍ଷ ତଳେ ହୋଇଥିଲା ବୋଲି ଅନୁମାନ କରାଯାଏ ।

ପ୍ରକୃତି ଜଳ-ଜୀବ ଗୁଡ଼ିକ ପାଇଁ ପ୍ରଚୁର ପରିମାଣରେ ଖାଦ୍ୟ ପଦାର୍ଥ ପାଣି ଭିତରେ ରଖିଦେଇ ଥିଲା । ପାଣି ଭିତରେ ଅମ୍ଳଜାନର ଅଭାବ ନ ଥିଲା । ତେଣୁ ଜଳଜୀବଙ୍କର ସ୍ଥଳ ଭାଗକୁ ଆସିବାପାଇଁ ମନ କରିବାର କୌଣସି କାରଣ ନ ଥିଲା । ଆଉ ଗୋଟିଏ ଅନୁମାନ ହେଉଛି । ଗୋଟାଏ ଗୋଟାଏ ସ୍ଥାନରେ ବହୁଦିନ ଧରି ବର୍ଷା ହେଲାନାହିଁ । ଯେଉଁସବୁ ଜଳଭଣ୍ଡାର ଥିଲା ସେଠାରେ ପାଣି ଶୁଖିଗଲା । ଉଭୟ ଖାଦ୍ୟ, ଅମ୍ଳଜାନର ଅଭାବ ହେତୁ କେତେକ ଜୀବ ଚେଷ୍ଟାକଲେ ମାଟି ଉପରକୁ ଆସିବା ପାଇଁ । ଏହା ସାଙ୍ଗକୁ ସମୁଦ୍ରରେ ମଧ୍ୟ କେତେକ ଜାତିର ଜୀବ ଭୂଇଁ ଉପରକୁ ଆସିଲେ । କିଛି ସମୟ ବାହାରେ ରହି ପୁଣି ପାଣିକୁ ଚାଲିଯା'ନ୍ତି । ଏଇଭଳି ହେଉ ହେଉ କେତେକ ଉଭୟଚର ପ୍ରାଣୀ ଏହି ସଂସାରରେ ସୃଷ୍ଟି ହୋଇଗଲେ । ଆମେ ସମସ୍ତେ ବେଙ୍ଗ ଦେଖୁଛେ । ଏହି ଜୀବଟି ପାଣି ଭିତରେ ରହୁଛି ଓ ବାହାରେ ମଧ୍ୟ



(କଇଁଛ ଗୋଟିଏ ଉଭୟଚର ପ୍ରାଣୀ)

ରହୁଛି । ପବନରୁ ଅମ୍ଳଜାନ ସଂଗ୍ରହ କରି ଦେହ ଭିତରେ ପୂରାଇବ ଓ ପାଣି ଭିତରେ ସେହିଭଳି କରିବା ପାଇଁ ଦରକାରୀ ବ୍ୟବସ୍ଥା ଉଭୟଚର ପ୍ରାଣୀଙ୍କ ଦେହରେ ଖଞ୍ଜା ଯାଇଛି ।

**ଉମେଶ ଚନ୍ଦ୍ର ବାନର୍ଜୀ** (୧୮୪୪-୧୯୦୬) : ଭାରତ ତ ବହୁକାଳ ପରାଧୀନ ହୋଇ ରହିଲା- ଲୋକେ ଅସ୍ଥିର ହୋଇଉଠି ୧୮୫୭ରେ ଇଂରେଜ ମାନଙ୍କ ବିରୁଦ୍ଧରେ ମାତି ଉଠିଲେ । ବିଲାତ ସରକାର ରାଗିଯାଇ ଏମାନଙ୍କୁ ଜବତ କରିବାପାଇଁ ଆଦେଶ ଦେଲେ । ଶହ ଶହ ହଜାର ହଜାର ଲୋକଙ୍କୁ ମାରି ୧୮୫୭ର ବିଦ୍ରୋହକୁ ଦବାଇ ଦିଆଗଲା ।

---

"ଯେଉଁ ଘରେ ଶିଶୁ ଅଛି, ସେ ଘରେ ଆନନ୍ଦର ଝରଣା ଫିଟିଛି ।"

--ଟୁପର୍

# ୧୭୮ ଉମେଶ ଚନ୍ଦ୍ର ବାନର୍ଜୀ-ଉର୍ଦ୍ଦୁ

ସେମିତି ହେଲା ସିନା, ଏ ଦେଶର ଶିକ୍ଷିତ ଲୋକଙ୍କ ମନ ଭିତରେ ଅସନ୍ତୋଷର ନିଆଁ ଜୁହୁଳିଲା । ବିଲାତରେ ଯେଉଁମାନେ ଟିକିଏ ବୁଝିବା ସୁଝିବା ଲୋକ ଥିଲେ ସେମାନେ ବିଗ୍ଭରିଲେ ଶିକ୍ଷିତ ଭାରତୀୟଙ୍କ ମନରୁ ଅସନ୍ତୋଷ ଦୂର କରିବାକୁହିଁ ପଡ଼ିବ । ସେମାନେ ଗୋଟାଏ ସ୍ଥାନରେ ବସିବେ, କିଛି ଦୂରକୁ ମନର କଥା କହିବେ । ତାହାହେଲେ ମନଟା ଟିକିଏ ଥଣ୍ଡା ପଡ଼ିଯିବ । ହିଉମ୍ ନାମକ ଜଣେ ଇଂରେଜ ଏହିଭଳି କରାଇବେ ବୋଲି ଦାୟିତ୍ବ ନେଲେ ।

୧୮୮୫ରେ ବମ୍ବେଠାରେ ଏହିଭଳି ଗୋଟିଏ ବୈଠକ ହେଲା । ତାହାର ନାମ ରଖାଗଲା କଂଗ୍ରେସ । ଭାରତର ଜଣେ ପ୍ରସିଦ୍ଧ ଲୋକ ପ୍ରଥମ କଂଗ୍ରେସ ଅଧିବେଶନର ସଭାପତି ହୁଅନ୍ତୁ ବୋଲି ହିଉମ୍ ଇଚ୍ଛା କଲେ, ଅନ୍ୟମାନେ ମଧ୍ୟ ଇଚ୍ଛା କଲେ । ଉମେଶ ଚନ୍ଦ୍ର ବାନାର୍ଜୀ ହେଲେ ସେହି ଅଧିବେଶନର ସଭାପତି । ଭାରତର ମୁକ୍ତି ଆନ୍ଦୋଳନର ଇତିହାସ ଲେଖାଗଲା ବେଳେ ଏହାଙ୍କ ବିଷୟ ବରାବର ମନେ ପକାଯାଏ ।

**ଉର୍ଦ୍ଦୁ :** ଭାରତରେ ଅନେକ ଗୁଡ଼ିଏ ଭାଷା ଅଛି । ଉର୍ଦ୍ଦୁ ଭାଷା ଏହି ଦେଶରେ ଚଳୁଛି । କିନ୍ତୁ ଏହାର ଆରମ୍ଭ ବା ଜନ୍ମ କେବେ ହେଲା ସେ ବିଷୟରେ ଅନେକ କାଳ ପର୍ଯ୍ୟନ୍ତ ବହୁ ଶିକ୍ଷିତ ଲୋକେ ଜାଣି ନ ଥିଲେ । କେତେକଙ୍କ ଧାରଣା ଥିଲା ଯେ ଏଇଟି ଗୋଟିଏ ବିଦେଶୀ ଭାଷା - ଆରବ, ପାରସ୍ୟ ଦେଶରୁ ଆସିଛି । ଆଉ କେତେକଙ୍କରତ ନିଶ୍ଚିତ ଧାରଣା ହୋଇଯାଇଥିଲା ଯେ ଏଇଟି ମୁସଲମାନ ମାନଙ୍କର ଭାଷା । ପରେ ଜଣାପଡ଼ିଲା ଏସବୁ କଥା ସେତେ ଠିକ୍ ନୁହେଁ । ମଜାର କଥା ହେଉଛି, ଭାରତରେ ଏହା ଜନ୍ମ ନେଇଛି, ବଢ଼ିଛି । ଆରବ ବା ପାରସ୍ୟ ଦେଶର ଲୋକମାନେ ଉର୍ଦ୍ଦୁଭାଷା ବୁଝନ୍ତି ନାହିଁ । ସେମାନଙ୍କର ଆରବୀ, ଫାରସୀ ଭାଷା ରହିଛି । ସବୁ ମୁସଲମାନ ଏହି ଭାଷା କୁହନ୍ତି ନାହିଁ । ଯାହାକୁ ବାଂଲାଦେଶ ବୋଲି କୁହାଯାଉଛି ସେହି ଦେଶର କୋଟି କୋଟି ମୁସଲମାନ ନିଜ ନିଜ ଭିତରେ ବଙ୍ଗଳାରେହିଁ କଥାବାର୍ତ୍ତା କରନ୍ତି । ଉର୍ଦ୍ଦୁଭାଷା ଆମପାଇଁ ଯାହା, ସେମାନଙ୍କ ପାଇଁ ମଧ୍ୟ ସେଇଆ । ଉତ୍ତର ପ୍ରଦେଶ, ଦିଲ୍ଲୀ ଓ ପଞ୍ଜାବରେ ବହୁସଂଖ୍ୟକ ହିନ୍ଦୁ ଅଛନ୍ତି, ଯେଉଁମାନଙ୍କର ମାତୃଭାଷା ହେଉଛି ଉର୍ଦ୍ଦୁ । ଅନେକ ପ୍ରସିଦ୍ଧ ହିନ୍ଦୁ ସାହିତ୍ୟିକ ଓ କବି ଉର୍ଦ୍ଦୁରେ ଲେଖିଛନ୍ତି ।

ମୁସଲମାନ ମାନେ ଏହି ଦେଶକୁ ଆସିଲା ପୂର୍ବରୁ ଉତ୍ତର ଭାରତରେ ଲୋକେ ଯେଉଁ ଭାଷାରେ କଥାବାର୍ତ୍ତା କରୁଥିଲେ ତାକୁ ଆର୍ଯ୍ୟଭାଷା ବୋଲି କୁହାଯାଉଥିଲା ; ଯାହାକୁ "ଶୌର ସେନୀ" ବୋଲି କୁହାଯାଏ । ସେଥିରୁ ଉତ୍ତର ଭାରତର ଗ୍ଭରୋଟି ଭାଷା ଜନ୍ମ ନେଲା । ସେହି ଗ୍ଭରୋଟି ଭାଷା ହେଲା ଉର୍ଦ୍ଦୁର ମୂଳ । ମୁସଲମାନମାନେ ଭାରତକୁ ଆସି ଦିଲ୍ଲୀ ଓ ପଞ୍ଜାବରେ ରହିଗଲେ । ସେହି ଅଞ୍ଚଳର ଭାଷା ଶିଖିଲେ ଓ ଅନ୍ୟମାନେ ସେହି ଶବ୍ଦ ଗୁଡ଼ିକୁ ଗ୍ରହଣ କରି ଗଲେ । ଯେତେବେଳେ ସେମାନଙ୍କର ଶାସନ ଗ୍ଭଲିଲା ଅଧିକରୁ ଅଧିକ ଆରବୀ ଓ ଫାରସୀ ଭାଷା ମିଶିଲା । କିଛି କାଳ ପରେ ଦେଖାଗଲା ଯେ ଏହି ମିଶ୍ରିତ ଭାଷା ଗୋଟିଏ ଅଲଗା ରୂପ ଧରିଲାଣି । ଶକ୍ତି ସ୍ଥାନରେ ତାକତ୍, ଘୃଣା ସ୍ଥାନରେ ନଫରତ୍, ସମ୍ପତ୍ତି ଜାଗାରେ ଦଉଲତ୍ ଇତ୍ୟାଦି ଶବ୍ଦ ପଶିଗଲାରୁ ଏକା ବାକ୍ୟଟା ଦୁଇ ଭାଷାର ବୋଲି କ୍ରମେ ମନେହେଲା । କେତେଗୁଡ଼ିଏ ଫାରସୀ ଆରବୀ ଶବ୍ଦକୁ ଆଦରି ଗଲାପରେ କ୍ରମେ ଉର୍ଦ୍ଦୁଭାଷା ଜନ୍ମ ନେଲା ।

ଆରବୀ ଫାରସୀ ଭାଷାରେ କେତେଗୁଡ଼ିଏ ଭଲ ଶବ୍ଦ ଥିଲା । ସେଗୁଡ଼ିକ ଗ୍ଭଲିଆସିଲା ଉର୍ଦ୍ଦୁଭାଷା ଭିତରକୁ ।

"କଥା କହିଲାବେଳେ ଉଦାହରଣ ଗୁଡ଼ିକ ଚମତ୍କାର ଅଳଙ୍କାର ସତ୍ୟ - କିନ୍ତୁ ସେଗୁଡ଼ିକ ପ୍ରମାଣ ନୁହେଁ ।"

--ଲୁଥର୍

ଓଡ଼ିଆ ଭାଷା ଭିତରକୁ ସେହିସବୁ ଆସି ଓଡ଼ିଆକୁ ବେଶ୍ ସୁନ୍ଦର କରିଦେଇଛନ୍ତି । ଆଜି ଆମେ ଓଡ଼ିଆ ପଢ଼ି ଗଲା ବେଳେ ଜାଣିପାରୁନାହୁଁ ଯେ ଦିନେ କେତେଗୁଡ଼ିଏ ଶବ୍ଦ ପୂରାପୂରି ଆରବୀ ବା ଫାରସୀ ଥିଲା । ପୂରାପୂରି ନହେଲେ ମଧ୍ୟ ଟିକିଏ ରୂପ ବଦଳାଇ ଓଡ଼ିଆ ଭିତରେ ସ୍ଥାନ ପାଇଯାଇଛି ।

ଅକଲ, ଅଦଉତ, ଅବଶୋଷ, କଜିଆ, କରାମତି, ଖିଆଲ, ଖବର, ଖରାପ, ଗରିବ, ଚିଜ, ଦଉଲତ, ମୋକାବିଲା, ବଖତ, ଶରମ, ସଫା, ଆଦତ, ହେଫାଜତ ପ୍ରଭୃତି ଆରବୀ ଫାରସୀ ଶବ୍ଦ ଠିକ୍ ନିଜ ରୂପରେ ବା ସାମାନ୍ୟ ପରିବର୍ତ୍ତିତ ହୋଇ ଓଡ଼ିଆ ଭାଷା ଭିତରକୁ ଚାଲି ଆସିଛନ୍ତି । ସେଗୁଡ଼ିକ ଆସିବା ଫଳରେ ଓଡ଼ିଆ ଭାଷାଟିକୁ ଟିକିଏ ସରସ ଭାବରେ କହିବା ପାଇଁ ସୁବିଧା ହୁଏ । ଉର୍ଦ୍ଦୁ ଭାଷାର ବାହାଦୁରୀ ହେଉଛି, ଅଳ୍ପସ୍ଥାନ ଭିତରେ ବହୁତ କିଛି ଭାବପ୍ରକାଶ ପାଇଁ ଏହା ଭିତରେ ତାକତ ଅଛି ବୋଲି ସମସ୍ତେ ସ୍ୱୀକାର କରନ୍ତି ।

**ଉଷ୍ଣପ୍ରସ୍ରବଣ** : ପୃଥିବୀର ଉପର ଅଂଶଟିକୁ ଦେଖିଲେ ମନେହେବ ସତେ ଯେପରିକି ସବୁ ଧୀରସ୍ଥିର ହୋଇ ରହିଛି, କିନ୍ତୁ ତା'ର ତଳ ଅଂଶରେ କିଭଳି ଅସ୍ଥିର ଅବସ୍ଥା ରହିଛି ତାହା ଜଣାପଡ଼ିଯାଉଛି ଉଷ୍ଣପ୍ରସ୍ରବଣରୁ । ମାଟିର ଅଳ୍ପ ତଳେ ଯେଉଁ ଜଳ ଅଛି ତାହା କେତେକ କାରଣରୁ ଉଷୁମ ହୋଇଯାଏ, ଗରମ ହୋଇଯାଏ । ଭୂମିରେ ଯେଉଁଠି ଫାଙ୍କ ଅଛି ସେହି ଉଷ୍ଣ ଜଳ ସେହିବାଟେ ପଦାକୁ ବାହାରି ପଡ଼େ । ସମୟେ ସମୟେ ଏତେ ପରିମାଣରେ ଜଳ ଉପରକୁ ଉଠିଥାଏ ଯେ ୫୦୦ ମିଟର ଉପରକୁ ଉଠିବାର ପ୍ରମାଣ ରହିଛି । ସାଧାରଣତଃ ୫୦ ମିଟର ଉପରକୁ ଉଠିଥାଏ । ଏହି ଗରମ ଜଳ ନାନା ପ୍ରକାରର ଶିଳା ବା ପଥରକୁ ଖାଇ ନରମା କରିଦିଏ । ପାଣି କେମିତି ଆପେ ଆପେ ଗରମ ହୋଇଯାଏ ତାହା ଉଷ୍ଣପ୍ରସ୍ରବଣରୁ ବାହାରୁ ଥିବା ପାଣିରୁ ଜଣାପଡୁଛି । ଆଗ୍ନେୟଗିରି ଥିବା ଅଞ୍ଚଳରେ ଏଗୁଡ଼ିକ ଅନେକ ସ୍ଥାନରେ ଦେଖା ଯାଆନ୍ତି ।

ଓଡ଼ିଶାର ପୁରୀ ଓ ତପ୍ତପାଣି; ଭାରତର ରାଜଗିରି; ନିଉଜିଲାଣ୍ଡ ଓ ଆମେରିକାର ଅନେକ ସ୍ଥାନରେ ଏଗୁଡ଼ିକ ଦେଖାଯାଏ । ଜାପାନର ବେପୁ ଉଷ୍ଣ ଅଞ୍ଚଳରେ ଯେଉଁସବୁ ଏହି ଧରଣର ପ୍ରସ୍ରବଣ ରହିଛି ସେଥିରୁ ଜଣାପଡୁଛି ବସୁଧା ଭିତରେ କିଭଳି ଅସ୍ଥିର ଅବସ୍ଥା ସୃଷ୍ଟି ହୋଇଯାଉଛି । ଏହି ଅଞ୍ଚଳରେ ଥିବା କିଉସୁ ଗ୍ରୁରିପଟେ ୩୫୦୦ ଉଷ୍ଣପ୍ରସ୍ରବଣ ରହିଛି । ଦିନକୁ ପ୍ରାୟ ୨୦ ଲକ୍ଷ ଘନଫୁଟ ବା ୫୭ ହଜାର ଘନମିଟର ପାଣି ଉପରକୁ ଉଠୁଛି । ଗରମ ବାଷ୍ପ, ଗରମ ପାଣି ଓ ନାନା ପ୍ରକାର ଖଣିଜଦ୍ରବ୍ୟ ଖୁବ୍ ଜୋର୍‌ରେ ଏଠାରେ ମାଟି ଉପରକୁ ଉଠେ । ସମୟେ ସମୟେ ଖୁବ୍ ଜୋର୍‌ରେ ଶବ୍ଦ ହୁଏ । ଗୋଟାଏ ଗୋଟାଏ ସ୍ଥାନରେ ପାଣି ସାଙ୍ଗରେ ଆକାଶ ରଙ୍ଗର ପଟୁ ମିଶିଥାଏ । ଆଉ ଅନେକ ସ୍ଥାନରେ ରକ୍ତ ଭଳି ଲାଲ ପାଣି ବାହାରେ ।

ସେହି ଅଞ୍ଚଳକୁ ବାହାରୁ ବହୁ ସଂଖ୍ୟକ ପର୍ଯ୍ୟଟକ ଯାଆନ୍ତି । ପାଣି ସାଙ୍ଗରେ ଯେଉଁ ଉଷୁମବାଲି ବାହାରେ ସେଥିରେ ସେମାନେ ଗାଧାନ୍ତି । ଅଣ୍ଡା ସିଝାଇ ନିଅନ୍ତି । ଦେଖନ୍ତି - ହିପୋପଟାମସ୍, ପେଲିକାନ୍ ଓ ଅନ୍ୟସବୁ ପ୍ରାଣୀ କେମିତି ଉଷୁମ ପାଣିରେ ଗାଧୋଇ ଥାଆନ୍ତି । ଅନେକ ଲୋକ ସେଠିକି ଯାଆନ୍ତି ରୋଗ ଭଲ କରିବାକୁ ।

**ଋତୁ** : ଏହି ଶବ୍ଦର ଅର୍ଥ ହେଲା, "ଯାହା ନିୟମ ଅନୁସାରେ ଆସେ ଓ ଯାଏ" । ଆମେ ଦେଖୁଛୁ ବର୍ଷକରେ ଛ'ଥର ପରିବର୍ତ୍ତନ ହୋଇଥାଏ । ତାକୁହିଁ

---

"କ୍ରୋଧୀ ଲୋକଙ୍କୁ ମୋ'ର ଖାତିର ନଥାଏ - କିନ୍ତୁ ଧୈର୍ଯ୍ୟଶାଳୀ ଲୋକଙ୍କୁ ମୋ'ର ପ୍ରକୃତ ଡର ।"

--ଡ୍ରାଇଡେନ୍

ଲକ୍ଷ୍ୟ କରି ଛ'ଋତୁ କଥା କୁହାଯାଏ । ବୈଶାଖ, ଜ୍ୟେଷ୍ଠ ମାସ ଆସିଲେ ପ୍ରଚଣ୍ଡ ଖରାହେବ । ସେହି ସମୟଟାକୁ ଗ୍ରୀଷ୍ମଋତୁ ବୋଲି କୁହାଯାଇଛି । ତାହାପର ଦୁଇମାସରେ ବର୍ଷା ହୁଏ । କିଛିଦିନ ଏପାଖ ସେପାଖ ହେଲେ ମଧ୍ୟ ଗ୍ରୀଷ୍ମ ଓ ବର୍ଷାଋତୁ ତାଙ୍କ କାମ କରିଯାଉଥା'ନ୍ତି ।

ଆମେ ଏହି କଥାଟିକୁ କେମିତି ସହଜରେ କହି ଦେଉଛୁ, ବର୍ଷର ଏହି ସମୟରେ ଏହି ଋତୁ ହେବ ବୋଲି ଧରିନେଇଛୁ । ପୃଥିବୀର ସବୁଅଂଶ ବିଷୟରେ ଠିକ୍ ଏମିତି କୁହାଯାଇପାରେ । ବିଷୁବ ରେଖାଠାରୁ ମେରୁ ଅଞ୍ଚଳ ପର୍ଯ୍ୟନ୍ତ ଜଳବାୟୁରେ ବହୁତ କିଛି ପରିବର୍ତ୍ତନ ଦେଖାଦିଏ । ତେଣୁ ଋତୁ ସଂପର୍କରେ ଆମର ଏଠି ଯାହା ଯାହା ଘଟୁଛି, ପୃଥିବୀର ସବୁଅଂଶରେ ସେହିଭଳି ହୁଏନାହିଁ । ପୃଥିବୀର ସବୁଠାରୁ ଉତ୍ତର ମେରୁ ଅଞ୍ଚଳରେ ଛ'ମାସ ଆଲୁଅ ହେଲାଣିତ ଛ'ମାସ ଅନ୍ଧାର । ତେଣୁ ସେଠାର ଲୋକେ ହୁଏତ କହିବେ, ବର୍ଷକରେ ଦୁଇଟି ଋତୁ ଆସେ - ଗୋଟିକର ନାମ ଅନ୍ଧାର ଓ ଅନ୍ୟଟିର ନାମ ଆଲୁଅ । ଭାରତର ସବୁ ଅଂଶରେ ଋତୁ ସଂପର୍କରେ ଟିକିଏ ଭିନ୍ନ ଭିନ୍ନ ନିୟମ ଖାଟେ । ବସନ୍ତ ଋତୁ କହିଲେ ଓଡ଼ିଶାର ଲୋକେ ଯାହା ବିଗ୍ରନ୍ତି କେରଳର ଲୋକେ ସେମିତି ବିଗ୍ରନ୍ତି ନାହିଁ । ସେହି ରାଜ୍ୟରେ ଗୋଟାଏ ଅଂଶରେ ବର୍ଷର ଅନେକ ଦିନ ଅଳ୍ପ ବହୁତେ ବର୍ଷା ହୋଇଥାଏ । ତେଣୁ ଆମେ ଯେମିତି ଋତୁର ପରିବର୍ତ୍ତନ ଲକ୍ଷ୍ୟ କରୁଛୁ ସେମାନେ ସେଭଳି କରନ୍ତି ନାହିଁ ।

ସେ ଯାହାହେଉ ପଛକେ, ଋତୁ ପରିବର୍ତ୍ତନର ପ୍ରଭାବ ମଣିଷ ଉପରେ ପଡ଼େ । ଉଦ୍‌ଭିଦ ଓ ଜୀବଜନ୍ତୁଙ୍କ ଉପରେ ମଧ୍ୟ ପଡ଼େ । ବସନ୍ତ ଋତୁ ଲୋକ ମନରେ ଆନନ୍ଦ ଦିଏ । ଗ୍ରୀଷ୍ମ ଋତୁ ସେଭଳି ଦେଇପାରେ ନାହିଁ । ସମସ୍ତେ ସ୍ୱୀକାର କରନ୍ତି ଯେ ଗ୍ରୀଷ୍ମ ଋତୁଟି ଠିକ୍ ଭାବରେ ନିଜର ଦାୟିତ୍ୱ ନତୁଲାଇଲେ ବର୍ଷା ହେବନାହିଁ ।

**ଋଷି :** ଭାରତ ଭଳି ଦେଶରେ ଲୋକମାନେ ଯେତେବେଳେ ବହୁ ସଂଖ୍ୟାରେ ଏକାଠି ହୋଇ ରହିଲେ ଓ ଗୃହବାସ କଲେ ସେତେବେଳେ ନିଶ୍ଚୟ ମଝିରେ ମଝିରେ ଟିକିଏ ଅଶାନ୍ତି ଦେଖା ଦେଇଥିବ । ବିବାଦକୁ ତୁଟାଇ ଦେଇ ସମସ୍ତେ ଯେମିତି ଭଲରେ ରହିବେ ସେ ଦିଗରେ କେତେକ ଲୋକ ଉଦ୍ୟମ କରିଥିବେ । ଶାସ୍ତ୍ର, ପୁରାଣର ଯୁଗ ଆସିଯାଇଥିବ । ଭଲ ମନ୍ଦ ବିଷୟରେ ନିଜ ନିଜ ଭିତରେ ଆଲୋଚନା ହୋଇଥିବ । ଯେଉଁମାନେ ଶାସ୍ତ୍ର ପୁରାଣ ପଢ଼ିଛନ୍ତି, ସେଥିର ଅସଲ ମର୍ମ ବୁଝିଛନ୍ତି ସେମାନଙ୍କୁ 'ଧାର୍ମିକ ଲୋକ' ବୋଲି ନାଁ ଦିଆଗଲା । ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖିବା ଥିଲା ସେମାନଙ୍କର ଗୋଟାଏ ବଡ଼ ଗୁଣ । ସେମିତି ନହେଲେ ସମସ୍ତେ ତାଙ୍କ କଥା ମାନନ୍ତେ ବା କାହିଁକି ? ନିଜ ପରିବାରର ସୁଖ ସୁବିଧା ଦେଖିବା ଦିଗରେ ବେଶୀ ମନ ନଦଳାଇ ସେମାନେ ଲୋକଙ୍କ ହିତ କାମରେ ଲାଗିଲେ । ସେମାନଙ୍କ ଗ୍ରଲିଚଳଣ, ଚରିତ୍ର, ଆଗ୍ରର ବିଗ୍ରର ଲୋକମାନଙ୍କୁ ଭଲ ଲାଗିଲା ।

ସେହିମାନଙ୍କ ଭିତରୁ କେତେଜଣ ସ୍ଥିର କରିଦେଲେ ଯେ ସଂସାରର ନାନା ଜଞ୍ଜାଳ ଭିତରେ ନ ପଶି କେବଳ ଧର୍ମ ଉପଦେଶ ଦେବେ । ଜଣେ ଜଣେ ଅରଣ୍ୟ ଭିତରେ ଗୋଟାଏ ପ୍ରକାର ନିର୍ଜନ ସ୍ଥାନରେ ବସି ଭଗବାନଙ୍କୁ ଡାକିଲେ । ଲୋକଙ୍କୁ ଭଲ ବୁଦ୍ଧି ଦିଅ ବୋଲି ପ୍ରାର୍ଥନା କଲେ । ସେହିମାନଙ୍କୁ ମୁନି ବା ଋଷି ବୋଲି କୁହାଗଲା । ଅସଲ ବିଦ୍ୟାରେ ପଣ୍ଡିତ ବୋଲି ସେମାନଙ୍କୁ ସ୍ୱୀକାର କରାଗଲା । ଦେଖାଗଲା ଯେ ସେମାନେ ଅନେକ ସମୟ ଧରି ଧ୍ୟାନମଗ୍ନ ରହୁଛନ୍ତି । ଏଭଳି ଗୋଟାଏ ଅବସ୍ଥା ଆସିଲା ଯେ ସେମାନଙ୍କ ମୁଖରୁ ଯାହା ବାହାରି ପଡ଼ିଲା, ସେମାନେ ଯାହା କହିଦେଲେ

"ସମ୍ପଦ ଆମକୁ ନିଜ ବିଷୟରେ ଅଜ୍ଞ କରି ରଖିଦିଏ - କିନ୍ତୁ ବିପଦ ଆମକୁ ନିଜର ପ୍ରକୃତ ପରିଚୟ ଦିଏ ।"

--ଜନ୍‌ସନ୍

ତାକୁ ଅସଲ ମନ୍ତ୍ର ବୋଲି କୁହାଗଲା । କିଏ କେଉଁ ଦିଗରେ ସାଧନା କରୁଛନ୍ତି ତାହା ଲକ୍ଷ୍ୟକରି ଏହି ଋଷିମାନଙ୍କୁ ଭିନ୍ନ ଭିନ୍ନ ନାମ ଦିଆଗଲା । ମହର୍ଷି, ବ୍ରହ୍ମର୍ଷି, ପରମର୍ଷି ନାମ ଏବେ ଆମେ ଶୁଣୁଛେ । ସେହିମାନଙ୍କ ମୁଖରୁ ଯାହା ବାହାରିଛି ତାହା ଅତି ମୂଲ୍ୟବାନ ବୋଲି ହଜାର ହଜାର ବର୍ଷ ହେଲା ସ୍ୱୀକାର କରାଯାଉଛି । ପୁରାଣ ଶାସ୍ତ୍ରରେ ଅଳ୍ପ କେତେଜଣ ଋଷିଙ୍କ ବିଷୟରେ ଯେଭଳି ବର୍ଣ୍ଣନା ରହିଛି ତା'କୁ ପଢ଼ିଲେ ଆଜି ମଧ୍ୟ ସମସ୍ତଙ୍କ ମୁଣ୍ଡ ଭକ୍ତିରେ ନଇଁଯାଏ ।

**ଋଷିକୁଲ୍ୟା** : ଅବିଭକ୍ତ ଗଞ୍ଜାମ ଜିଲା ଭିତର ଦେଇ ଏହି ନଦୀ ବହିଯାଉଛି । ପୂର୍ବଘାଟର ଋଷିମୂଳ ପର୍ବତରୁ ବାହାରି ଏହା ବଙ୍ଗୋପସାଗରରେ ପଡ଼ିଛି । ସୋରଡ଼ା, ଆସିକା ଓ ପୁରୁଷୋତ୍ତମପୁର ପ୍ରଭୃତି ଏହି ନଦୀ ପାର୍ଶ୍ୱରେ ଅବସ୍ଥିତ । ଚିଲିକା ସହିତ ଗୋଟିଏ ନାଳ ଦ୍ୱାରା ଏହା ସଂଯୁକ୍ତ ।

**ଏଟ୍‌ନା** : ଏହି ଶବ୍ଦର ଅର୍ଥ ହେଉଛି "ମୁଁ ଜଳୁଥାଏ' । ଇଉରୋପ ମହାଦେଶର ଭୂମଧ୍ୟସାଗରରେ ଥିବା ସିସିଲୀ ଦ୍ୱୀପରେ ଏହି ଜୀଅନ୍ତା ଆଗ୍ନେୟଗିରିଟି ରହିଛି । ୨୫ ଲକ୍ଷ ବର୍ଷ ହେଲା ଏଥିରୁ ମଝିରେ ମଝିରେ ନିଆଁ ବାହାରୁଛି । ଗ୍ରୀସ୍ ଦେଶର ଲୋକେ ଏହାକୁ ଦେଖି ନାନା ପ୍ରକାରର ଗଳ୍ପ ସବୁ ବାହାର କରିଛନ୍ତି । ଟାଇଫନ୍ ଅସୁର ଏହା ତଳେ ଅଛି ଓ ଯେତେବେଳେ କର ଲେଉଟାଉଛି ପୃଥିବୀ ଥରୁଛି ବୋଲି ସେମାନଙ୍କର ବିଶ୍ୱାସ ଥିଲା । ଅନେକ କବି ଏହାର ଅଗ୍ନି 'ବାନ୍ତି କରିବା' ବିଷୟରେ କବିତା ଲେଖିଛନ୍ତି ।

**ଏଡିସନ୍** (୧୮୪୭-୧୯୩୧) : ଯେଉଁ ଯୁଗରେ ରେଡିଓରେ ଗୀତ ଶୁଣିବା କଥା ନଥିଲା ସେହି ଯୁଗରେ ଗ୍ରାମୋଫୋନ ଥିଲା ବହୁ ଲୋକଙ୍କ କଣ୍ଠର ସ୍ୱର ଶୁଣିବା ପାଇଁ । ନାନା ପ୍ରକାରର ଭଜନ,ଗୀତ ଅନେକ ଲୋକ ବୋଲନ୍ତି । ତାକୁ ରେକର୍ଡ କରିନେଇ ଗ୍ରାମୋଫୋନ୍‌ରେ ବଜାଇ ଦିଆଯାଏ । ଏହାକୁ ଯିଏ ପ୍ରଥମେ ବାହାର କରିଥିଲେ ତାଙ୍କ ନାଁ ହେଲା ଟମାସ୍ ଆଲ୍‌ଭା ଏଡିସନ୍ । କେବଳ ଗ୍ରାମୋଫୋନ ନୁହେଁ, ଅନ୍ୟ ଶହ ଶହ ପ୍ରକାରର ନୂଆ ନୂଆ ଯନ୍ତ୍ର ସେ ବାହାର କରିଥିଲେ ଓ ଆଜି ଗୋଟାଏ ଘରକୁ ପଶିଗଲେ ଯେଉଁ ନାନା ପ୍ରକାରର ଯନ୍ତ୍ରସବୁ ରହିଛି ସେଥିପ୍ରତି ଏହି ଏଡିସନ୍‌ଙ୍କର କିଛି ନା କିଛି ଦାନ ନିଶ୍ଚୟ ଥିଲା ।

ଏହି ପୃଥିବୀବିଖ୍ୟାତ କାରିଗର ଓ ନୂଆ ନୂଆ ଜିନିଷ ବାହାର କରୁଥିବା ଲୋକଙ୍କର ମାମୁଲି ପାଠ ଆଦୌ ନଥିଲା । ସେ ଯେତେବେଳେ ଛୋଟବେଳେ ସ୍କୁଲକୁ ଗଲେ, ପ୍ରଧାନ ଶିକ୍ଷକ କହିଲେ - ପିଲାଟିକୁ ବେଶୀ ବର୍ଷ ହୋଇଗଲାଣି । ତେଣୁ ସେ ପଢ଼ିପାରିବ ନାହିଁ ।



(ଏଟ୍‌ନା ଆଗ୍ନେୟଗିରିରୁ ଅଗ୍ନି ଉଦ୍‌ଗୀରଣ)

## ୧୮୨ ଏଡିସନ୍-ଏଣ୍ଟିମନି



(ଏଡିସନ୍)

ତାଙ୍କ ମାଆ ତିନିବର୍ଷ କାଳ ତାଙ୍କୁ ଘରେ ପଢ଼ାଇଲେ । ଏଡିସନ୍ କିଛି ପଇସା ରୋଜଗାର ପାଇଁ ଖବରକାଗଜ ବିକନ୍ତି । ରେଳଡବାରେ ଶସ୍ତା ମିଠେଇ ବିକିବା ମଧ୍ୟ ଥିଲା ତାଙ୍କର କାମ । ଅଭାବ, ଅନାଟନ ଭିତରୁ ଯେପରିକି ସେ ମୁଣ୍ଡ ଟେକୁଥାନ୍ତି । କିନ୍ତୁ ତାଙ୍କ ହାତରେ ଗୋଟିଏ "ମୂଳଧନ" ପଡ଼ିଗଲା । ସେଇଟି ହେଲା - ସବୁ ବିଷୟରେ ଟିକିନିଖି ପଚାରି ବୁଝିବେ । ଏହି ଅସ୍ଥିର ଜୀବନ ଭିତରେ ମଧ୍ୟ ସେ ବିଜ୍ଞାନର ପତ୍ର-ପତ୍ରିକା ଆଣି ପଢ଼ନ୍ତି । ଲକ୍ଷ୍ୟ କରିବାର ଅଦ୍ଭୁତ ଶକ୍ତି ଥିବାରୁ ଗୋଟିଏ ଗୋଟିଏ ବଡ଼ ବଡ଼ ଯନ୍ତ୍ର ବିଗିଡ଼ିଗଲେ ସେ ତାକୁ ସଜାଡ଼ି ଦିଅନ୍ତି । ଛୋଟ ଚାକିରୀଟିଏ ପାଇଗଲେ । କିନ୍ତୁ ତାଙ୍କ ମନ ସେଥିରେ ମାନିଲା ନାହିଁ । ଜଣେ ବନ୍ଧୁଙ୍କଠାରୁ କିଛି କରଜ ଆଣି ଯନ୍ତ୍ର ତିଆରି ପରୀକ୍ଷା ଚଳାଇଲେ । ଘରେ ସ୍ଥାନ ନଥିବାରୁ ରାତିରେ ଅନ୍ୟ ଲୋକର ବାରଣ୍ଡାରେ ଶୋଇବା ଅବସ୍ଥାକୁ ସେ ଆସିଯାଉଥିଲେ । ଏହି ସମୟରେ ଗୋଟିଏ ଛୋଟ ମେଶିନ ବାହାର କରି ବିଜୁଳୀ କରେଣ୍ଟକୁ ନୂଆ ଭାବେ କେମିତି କାମରେ ଲଗାଯାଇପାରେ ତାହା ଦେଖାଇଦେଲେ । ସେଥିରୁ ତାଙ୍କୁ ବହୁ ଲକ୍ଷ ଡଲାର ମିଳିଗଲା । ଗୋଟିଏ ତାରରେ ଦୁଇଟି ବାର୍ତ୍ତା ପଠାଇଲା ଭଳି ଗୋଟିଏ ଟେଲିଗ୍ରାଫ ଯନ୍ତ୍ର ସେ ବାହାର କଲେ । ଗୋଟିଏ ବିଜୁଳୀ କମ୍ପାନୀ ତାଙ୍କୁ ବହୁତ ଟଙ୍କାର ଦରମା ଥିବା ଚାକିରୀ ଯାଚିଲେ । ସେ କିନ୍ତୁ ତାହା ଗ୍ରହଣ ନକରି ପଚିଶ ତିରିଶ ଜଣ ଦକ୍ଷ ଇଂଜିନିୟର ଓ କାରିଗରଙ୍କୁ ଏକାଠି କରି ଶହ ଶହ ପରୀକ୍ଷା ଚଳାଇଲେ । ସମସ୍ତେ ଆଶ୍ଚର୍ଯ୍ୟ ହୋଇ ଦେଖିଲେ ସେ କେତେ ପ୍ରକାରର ନୂଆ ନୂଆ ଯନ୍ତ୍ର ବାହାର କରିଦେଉଛନ୍ତି । ନୂଆ ପ୍ରକାରର ବିଜୁଳୀ ବଲ୍‌ବ ବାହାର କରିବା ଥିଲା ତାଙ୍କ ପକ୍ଷରେ ସହଜ କାମ । ସେ ଯାହାସବୁ କରନ୍ତି ତାକୁ କେମିତି କଲେ ତାହା ଗୋଟିଏ ନୋଟ୍ ବହିରେ ଲେଖି ରଖନ୍ତି । ଏହିଭଳି ୩୪୦୦ ନୋଟ୍‌ବୁକ୍ ସେ ଲେଖି ପକାଇଲେ । ତାଙ୍କୁ ଅଶୀ ବର୍ଷ ପୂରିଗଲା ପରେ ମଧ୍ୟ ସେ କାମ କରି ଚାଲିଥାନ୍ତି । ଜଣେ ଅପାଠୁଆ ,ଦରିଦ୍ର ଯୁବକ ନିଜ ଚେଷ୍ଟାରେ ଯେ ଇଲେକ୍‌ଟ୍ରିକ୍ ଲ୍ୟାମ୍ପ, ଗ୍ରାମୋଫୋନ, ଟ୍ରାନ୍‌ସମିଟର ଓ ସିନେମା ପ୍ରୋଜେକ୍‌ଟର ଠାରୁ ଆରମ୍ଭ କରି ୧୦୯୩ଟି ନୂଆ ଯନ୍ତ୍ର ସୃଷ୍ଟି କରିବାର ପେଟେଣ୍ଟ ନେଇଥିଲେ - ଏହା କିଛି କମ୍ ବିସ୍ମୟର କଥା ନୁହେଁ । ୧୯୩୧ ଅକ୍ଟୋବର ୧୮ ତାରିଖରେ ଯୁକ୍ତରାଷ୍ଟ୍ର ଆମେରିକାରେ ତାଙ୍କର ମୃତ୍ୟୁ ହୋଇଥିଲା । ସେ ଜନ୍ମ ହୋଇଥିଲେ ୧୮୩୭ ଫେବୃୟାରୀ ୧୧ ତାରିଖ ଦିନ ।

**ଏଣ୍ଟିମନି** : ସୀସା ଅକ୍ଷର ଖଞ୍ଜି ଯେ ବହି ଛପା ହୋଇପାରୁଛି ସେଥିପାଇଁ ବାହାଦୁରୀ ନେବ ଏଣ୍ଟିମନି ନାମକ ମୌଳିକ ଉପାଦାନ ବା ଏଲିମେଣ୍ଟ ।

"ଲୋକେ ଆମ ଉଦ୍ୟମର ଫଳକୁ ଦେଖନ୍ତି; କିନ୍ତୁ ଭଗବାନ ଆମ ଉଦ୍ୟମକୁହିଁ ଦେଖନ୍ତି ।"

--ଚାର୍ଲୋଟି

ସୀସାରେ ଯେଉଁ ଅକ୍ଷର ତିଆରି ହୁଏ ତାକୁ ଟାଇପ ବୋଲି କୁହନ୍ତି । ତାକୁ ତିଆରି କଲାବେଳେ ଯଦି ଦରକାର ମୁତାବକ ଏଣ୍ଟିମନି ମିଶା ନଯିବ ତାହା ଟାଣ ହେବନାହିଁ ଏବଂ ଅଳ୍ପ ଘା'ରେ ଭାଙ୍ଗିଯିବ । ଏହାର ଆଉ ଗୋଟିଏ ଗୁଣ ହେଉଛି - କଠିନ କରାଗଲେ ସେଇଟି ବଢ଼ିଯିବ । ଏହି ଗୁଣ ଥିବାରୁ ଛାପାଖାନାରେ ଟାଇପ୍‌କୁ ଖଞ୍ଜିବା ପାଇଁ ସୁବିଧା ହୁଏ । ଟ୍ୟାଙ୍କ, ପାଇପ ଓ ପମ୍ପ ଇତ୍ୟାଦି ତିଆରିବେଳେ ଏହି ଧାତୁ ଲୋଡ଼ାପଡ଼େ ।

ପରେ ଜଣାପଡ଼ିଲା ଯେ ଏଣ୍ଟିମନିର କେତେକ କମ୍ପାଉଣ୍ଡ ବା ଯୌଗିକ ଯଦି ଶରୀର ଭିତରେ ପ୍ରବେଶ କଲା, ଦେହରେ ବିଷକ୍ରିୟା ସୃଷ୍ଟି ହୁଏ । ସେଥିପାଇଁ ସାବଧାନ ହେବାକୁ ପଡୁଛି ।

**ଏଣ୍ଡି :** ଗବ ଗଛକୁ ଏରଣ୍ଡ ବୋଲି କୁହାଯାଏ । ତାହାରି ପତ୍ର ଖାଇ ବଞ୍ଚୁଥିବା ଗୋଟିଏ ଜାତିର ପୋକର ନାମ ଏଣ୍ଡି । ସେହି ପୋକଙ୍କ କୋଷରୁ ତିଆରି କରାଯାଉଥିବା ରେଶମ ସୂତାରେ ଯେଉଁ କପଡ଼ା ବୁଣାଯାଏ ତାକୁ ଏଣ୍ଡି ବୋଲି କହନ୍ତି । ଏହି ମୋଟା ଚଦର ବହୁବର୍ଷ ପର୍ଯ୍ୟନ୍ତ ରହିଥାଏ ଓ କେତେ ଲୋକଙ୍କର ଶୀତ ଦିନଟା ଏହାରି ଅନୁଗ୍ରହରୁ ଭଲରେ କଟିଯାଏ । ପୋକଗୁଡ଼ିକ ଜନ୍ମଠାରୁ ୨୦ ଦିନ ଭିତରେ ଖୋସା ବାନ୍ଧନ୍ତି । କେତେଦିନ ପରେ ତାହା ଭିତରୁ ପ୍ରଜାପତି ହୋଇ ଉଡ଼ିଯାଆନ୍ତି । ସେହି ଖୋଳ ବା ଖୋସାକୁ ପାଣିରେ ବତୁରାଇ ରଖାଯାଏ । ପରେ ବତୁରା ହୋଇଥିବା ଖୋସାକୁ ସୋଡ଼ା ପାଣିରେ ସିଝାଇ ଶୁଖାଇ ଦିଆଯାଏ । ସେଗୁଡ଼ିକ ଶୁଖିଗଲେ ସୂତା କାଟିବାକୁ ସହଜ ହୁଏ । ପୂର୍ବେ ଆସାମରୁ ଓଡ଼ିଶାକୁ ଏହି ଏଣ୍ଡି କପଡ଼ା ଆସୁଥିଲା । ଓଡ଼ିଶାର ✓ ଭିକାରୀ ଚରଣ ପଟ୍ଟନାୟକ ଗୋଟିଏ କୁଟୀର ଶିଳ୍ପ ଭାବରେ ଏହାକୁ ଆରମ୍ଭ କଲେ । ଗୋଟିଏ ସମୟରେ ବହୁଲୋକ ତାଙ୍କଠାରୁ ଶିଖି ଏଣ୍ଡି ଗୁଣ୍ଠ କଲେ ।

**ଏନ୍‌ସାଇକ୍ଲୋପିଡିଆ :** ପ୍ରାୟ ୨୫୦ ବର୍ଷ ପୂର୍ବେ ଇଉରୋପ ମହାଦେଶର ପଣ୍ଡିତମାନେ ଗୋଟିଏ ବିଷୟରେ ଆଲୋଚନା ଚଳେଇଲେ । ମନୁଷ୍ୟ କ୍ରମେ କ୍ରମେ ଅଧିକରୁ ଅଧିକ ଜ୍ଞାନ ହାସଲ କରୁଛି । ଗୋଟିଏ ବିଷୟରେ ଭଲ ଭାବେ ଜାଣିବାକୁ ହେଲେ ଆଉ ଦୁଇ ଚାରୋଟି ବିଷୟରେ କିଛି ନା କିଛି ଜାଣିବା ଦରକାର ହେଉଛି । ମାଟି, ପାଣି, ପବନ - ତିନୋଟି ଯାକ ବିଷୟରେ ଜ୍ଞାନ ହାସଲ କଲେ ଯାଇ ପୃଥିବୀ ବିଷୟରେ ମୋଟାମୋଟି କିଛି ଜାଣିହେବ । ବିଭିନ୍ନ ପ୍ରକାରର ଜ୍ଞାନ ଛନ୍ଦାଛନ୍ଦି ହେଲାଭଳି ରହିଛନ୍ତି - ଯେଉଁମାନେ ଭଣା ଅଧିକେ ବହୁତ କଥା ଜାଣିବାର ସୁଯୋଗ ପାଇବା ଦରକାର । ଯେମିତି ଧର୍ମର ଗୋଟାଏ ବହି ଅଛି; ସେଥିରେ ଯାହା ଲେଖା ହୋଇଛି ତାକୁ ଭଲକରି ବୁଝିବାକୁ ହେଲେ ବିଜ୍ଞାନର ଅନେକ କଥା ବୁଝିବାକୁ ପଡ଼ିବ ।

ଏହା ସମ୍ଭବ ହେବ ଯଦି ମଣିଷ ଯେତେ ଯେତେ ଜ୍ଞାନ ହାସଲ କରି ସାରିଲାଣି ସେତକ ଏକାଠି କରି କେତେ ଖଣ୍ଡ ବଡ଼ ବଡ଼ ବହିରେ ଲେଖିଦିଆଯିବ । ଅଭିଧାନ ବିଷୟରେ ୪୮ ପୃଷ୍ଠାରେ ଲେଖାଯାଇଛି । ସେଠାରେ କୁହାଯାଇଛି ଗୋଟାଏ ଭାଷାରେ ଯେତେ ଶବ୍ଦ ଅଛି ସବୁତକ ସଂଗ୍ରହ କରି ଅ, ଆ, କ, ଖ, ଛାଞ୍ଚରେ ପକାଇଦେଲେ ଜଣେ ଗୋଟିଏ ଅଜଣା ଶବ୍ଦର ଅର୍ଥ ବୁଝିଯିବ । ବହୁକାଳ ଧରି ପରିଶ୍ରମ କରି ପଣ୍ଡିତମାନେ ଅଭିଧାନ ସବୁ ତିଆରି କରିଥିଲେ । ସେହି ଢଙ୍ଗରେ "ଜ୍ଞାନ-ଅଭିଧାନ" ତିଆରି ହେବା ଦରକାର । ଶବ୍ଦ-ଅଭିଧାନ ଏବଂ ଜ୍ଞାନ-ଅଭିଧାନ ଭିତରେ

"ନିଜର ଦକ୍ଷତା ବୃଦ୍ଧି କରିବାର ସର୍ବୋତ୍କୃଷ୍ଟ ପନ୍ଥା ହେଉଛି ଅନ୍ୟର ସୁପରାମର୍ଶ ଗ୍ରହଣ କରିବା ।"

--ଗେଟେ

ନିଶ୍ଚୟ ତଫାତ ରହିବ । ଡିକ୍‌ସିନାରୀ ମେଲାଇଦେଲେ ଗୋଟିଏ ଜାଗାରେ ଲେଖାଯାଇଛି 'ହସ୍ତୀ' । ତାହା ପାଖରେ ଲେଖାଅଛି - 'ଏହାକୁ ହାତୀ ବୋଲି ମଧ୍ୟ କୁହାଯାଏ । ଏଇଟି ବିଶେଷ୍ୟ ପଦ' । ଖୁବ୍ ବେଶୀ ହେଲେ ଲେଖାଯାଇଥିବ - 'ଆଫ୍ରିକା ଏବଂ ଏସିଆ ମହାଦେଶରେ ସ୍ଥଳଭାଗର ସବୁଠାରୁ ବଡ଼ ଏହି ଜୀବଟି ଥାଏ' । କିନ୍ତୁ ଜ୍ଞାନ - ଅଭିଧାନରେ ଏହି ଜୀବ ବିଷୟରେ ହୁଏତ ଚାରି ପାଞ୍ଚ ପୃଷ୍ଠା ଲେଖାଯାଇଛି । ଏହାର ସ୍ୱଭାବ, ଚାଲିଚଳଣି, କାମ ବିଷୟରେ ଭଲ ଭାବରେ ବର୍ଣ୍ଣନା ରହିଛି । ଶବ୍ଦ-ଅଭିଧାନ ଓ ଜ୍ଞାନ-ଅଭିଧାନ ଭିତରେ ଏହି ହେଲା ପାର୍ଥକ୍ୟ ।

ଏହି ଧରଣର ବହି ବ୍ରିଟେନରୁ ଇଂରାଜୀ ଭାଷାରେ ଓ ଫ୍ରାନ୍‌ସରୁ ଫରାସୀ ଭାଷାରେ ଯେତେବେଳେ ପ୍ରକାଶ ପାଇଗଲା ପାଠୁଆ ଲୋକଙ୍କ ଭିତରେ ଗୋଟାଏ ଚହଳ ପଡ଼ିଗଲା । ସେମାନେ ସେ ପର୍ଯ୍ୟନ୍ତ ହାସଲ କରାଯାଇଥିବା ସବୁ ଜ୍ଞାନର ଅଳ୍ପ ବହୁତ ପରିଚୟ ଗୋଟିଏ ବହିରୁହିଁ ପାଇଗଲେ । ୧୭୭୧ରେ ଇଂରାଜୀ ଭାଷାରେ ଏହି ଧରଣର ଯେଉଁ ବହି ବାହାରିଲା ତାହାର ନାମ ରଖାଗଲା "ଏନ୍‌ସାଇକ୍ଲୋପିଡିଆ ବ୍ରିଟାନିକା" । ଗ୍ରୀକ୍ ଭାଷାରେ 'ଏନ୍' **'En'** ବୋଲି ଯେଉଁ ଶବ୍ଦ ଅଛି ତାହାର ଅର୍ଥ ହେଲା **'In'** ବା 'ଭିତରେ' । 'କାଇକ୍ଲିଓସ' ଶବ୍ଦର ଅର୍ଥ 'ଚକ୍ର' ବା 'ମଣ୍ଡଳ' । 'ପିଡିଆ' ଅର୍ଥ 'ଶିକ୍ଷା' ବା 'ଜ୍ଞାନ' । ଏଗୁଡ଼ିକୁ ମିଶାଇ 'ଏନ୍‌ସାଇକ୍ଲୋପିଡିଆ' ଶବ୍ଦ ସୃଷ୍ଟିହେଲା । ଏଭଳି ନାମ ଦେବାର ଉଦ୍ଦେଶ୍ୟ ହେଲା - ଜ୍ଞାନଚକ୍ର ଘୂରୁଛି । ସେହି ଚକ୍ରର ଆରମ୍ଭ ବା ଶେଷ କେଉଁଠି ନାହିଁ । ଯେ କୌଣସି ସ୍ଥାନରେ ହାତ ମାରି କୁହାଯାଇପାରେ ଏଇଠି ଆରମ୍ଭ ବା ଶେଷ । ସେତେବେଳେ ସେମାନେ ଅନୁମାନ କରିଥିଲେ ଯେ ଏହି ଧରଣର ବହିରେ କେବେହେଲେ "ଶେଷ" ଲେଖା ରହିବ ନାହିଁ । ନୂଆ ନୂଆ ଜ୍ଞାନ ହାସଲ ହେଉଥିବ । ଏହି ବହି ସେଟ୍‌ରେ ତାହା ସ୍ଥାନ ପାଉଥିବ । ଗୋଟାଏ ବିଷୟରେ ପୂର୍ବରୁ କଅଣ ଜଣାଥିଲା ଓ ପରେ କ'ଣ ଜଣାପଡ଼ିଲା ତାହାର ବର୍ଣ୍ଣନା ରହିଥିବ । ପାଞ୍ଚ, ଦଶ ବା ପନ୍ଦର ବର୍ଷ ଭିତରେ ଏଇଟି ନୂତନ ରୂପରେ ପ୍ରକାଶ ପାଉଥିବ । କେତେ ପ୍ରକାରର ସଂଶୋଧନ ସାଙ୍ଗକୁ ବହୁତ କିଛି ନୂଆ କଥା ଯୋଗକରି ଦିଆଯାଉଥିବ ।

୧୭୭୧ ବେଳେ ମନୁଷ୍ୟ ଯେତିକି ଜ୍ଞାନ ହାସଲ କରିଥିଲା ସେତକର ସାରାଂଶ ତିନିଖଣ୍ଡ ବହିରେ ଲେଖି ଦିଆଗଲା । ବଡ଼ ବଡ଼ ଅକ୍ଷରରେ ଅନେକ କିଛି କଥା ଜଣାଇ ଦିଆଯାଇଥିଲା । ପ୍ରଥମ ତିନି ଖଣ୍ଡରେ ଥିଲା ୨୬୮୯ ପୃଷ୍ଠା ଓ ୧୬୦ଟି ପୃଷ୍ଠିକିଆ ଚିତ୍ର । ମାତ୍ର ଦଶ ବାରବର୍ଷ ଭିତରେ ଅନେକ କିଛି ନୂଆ କଥା ଜଣାପଡ଼ିଗଲା । ତେଣୁ ବ୍ରିଟାନିକାକୁ ବଢ଼ାଇ ଦଶ ଖଣ୍ଡରେ ପ୍ରକାଶ କରାଗଲା । ସେଥିରେ ଥିଲା ପ୍ରାୟ ୮,୬୦୦ ପୃଷ୍ଠା । ୧୯୯୪ରେ କିନ୍ତୁ ଯେଉଁ ବ୍ରିଟାନିକା ପ୍ରକାଶ ପାଇଛି ସେଥିରେ ଛୋଟ ଛୋଟ ଅକ୍ଷରରେ ପ୍ରାୟ ୩୫ ହଜାର ପୃଷ୍ଠା ରହିଛି । ଆମ ଦେଶରେ ଯେମିତି ମହାଭାରତ ବିଷୟରେ କୁହାଯାଏ - 'ଯାହା ନାହିଁ ଭାରତେ, ତାହା ନାହିଁ ମରତେ', ସେମିତି ଇଂରାଜୀ ଭାଷାଭାଷୀ ଲୋକେ କୁହନ୍ତି - ଏନ୍‌ସାଇକ୍ଲୋପିଡିଆ ବ୍ରିଟାନିକାରେ ଯାହା ନାହିଁ ତାହା ଆଉ କୌଣସି ବହିରେ ନାହିଁ ।

ଏତେ ବଡ଼ ବହି ଭିତରେ କେଉଁଠି କ'ଣ ଅଛି ତାହା ସହଜରେ କେମିତି ବାହାର କରାଯାଇ ପାରିବ

---

*"ଆତ୍ମୀୟସ୍ୱଜନ ଓ ବନ୍ଧୁ ଯଦି ପାଖରେ ନାହାଁନ୍ତି, ବିରାଟ ରାଜପ୍ରାସାଦ ମଧ୍ୟ ଶ୍ମଶାନ ଭଳି ମନେହେବ ।"*

--ନୋଲସ୍

ତାହାର ବ୍ୟବସ୍ଥା କରାଯାଇଛି । ତାକୁ କୁହନ୍ତି ବର୍ଣ୍ଣମାଳା ବା ଅ, ଆ, କ, ଖ, ବ୍ୟବସ୍ଥା । ଏହି ବହିରେ ଦେଖୁଥିବ 'ଅ'ରୁ ଆରମ୍ଭ ହୋଇ କେମିତି 'କ୍ଷ'ରେ ଶେଷ ହୋଇଛି । ଅ ବେଳକୁ 'ଅଭିଧାନ' ଲେଖାଯାଇଥିଲା । ଏ ବେଳକୁ 'ଏନ୍‌ସାଇକ୍ଲୋପିଡିଆ' ଆସିଲାଣି । ତେଣୁ ଅକ୍ଷରକୁ ଲକ୍ଷ୍ୟ କରି ପୃଷ୍ଠା ଓଲଟାଇଗଲେ ଗୋଟିଏ ବିଷୟ ମିଳିଯାଉଛି ।

ଇଂରାଜୀ ଭାଷାରେ କେବଳ ଯେ ବ୍ରିଟାନିକା ନାମକ ଗୋଟିଏ ମାତ୍ର ସେଟ୍ ଏନ୍‌ସାଇକ୍ଲୋପିଡିଆ ଅଛି ତାହା ନୁହେଁ । ଆହୁରି ତିନି ଚାରି ସେଟ୍ ବଡ଼ ବଡ଼ ବିଶ୍ୱକୋଷ ବା ଜ୍ଞାନମଣ୍ଡଳ ରହିଛି । ସ୍ପେନର ରାଜଧାନୀ ମାଦ୍ରିଦଠାରେ ସ୍ପେନୀୟ ଭାଷାର ଯେଉଁ ଜ୍ଞାନମଣ୍ଡଳ ରହିଛି ତାହାର ନାମ ହେଉଛି 'ଏସ୍ପାଶ' । ତାହା ୬୦ ଖଣ୍ଡରେ ବିଭକ୍ତ । ୧୯୦୫ରୁ ୧୯୩୩ ୨୮ ବର୍ଷ କାଳ ଲାଗି ଏଇଟିକୁ ଶେଷ କରାହୋଇଛି ଓ ପ୍ରତି ବର୍ଷ ଖଣ୍ଡିଏ ଖଣ୍ଡିଏ ନୂଆ ବହି ବାହାର କରି ବର୍ଷକ ଭିତରେ ସଂଗ୍ରହ କରାଯାଇଥିବା ନୂଆ କଥାସବୁ ଛାପି ଦିଆଯାଉଛି ।

ଖଣ୍ଡିକିଆ ଏନ୍‌ସାଇକ୍ଲୋପିଡିଆ ମଧ୍ୟ କେତେକ ଭାଷାରେ ଅଛି । ୧୦୦ ଭଲିଉମ ବା ଖଣ୍ଡରେ ମଧ୍ୟ ଏଭଳି ବହି ବାହାରିଛି । ଚୀନା ଭାଷାର ଜ୍ଞାନମଣ୍ଡଳ ୨୪୦ ଖଣ୍ଡରେ ବିଭକ୍ତ ।

ଏମିତି କୌଣସି ଜଣେ ଲୋକ ନାହିଁ ଯିଏ କି ତା ଯୁଗର, ଦୁନିଆର ସବୁ କଥା ଜାଣିଛି । ତେଣୁ ଯେଉଁମାନେ ଏନ୍‌ସାଇକ୍ଲୋପିଡିଆ ପ୍ରକାଶ କରୁଛନ୍ତି ସେମାନେ ସମଗ୍ର ପୃଥିବୀର ଶହ ଶହ, ଏପରିକି ହଜାର ହଜାର ପଣ୍ଡିତଙ୍କ ସାହାଯ୍ୟ ନେଉଛନ୍ତି । ବ୍ରିଟାନିକା ଯେତେବେଳେ ତାହାର ପଞ୍ଚଦଶ ସଂସ୍କରଣ ପ୍ରକାଶ କଲା ସେତେବେଳେ ପୃଥିବୀର ୧୩୧ଟି ଦେଶର ଚାରି ହଜାର ବିଶେଷଜ୍ଞ ବା ପଣ୍ଡିତମାନଙ୍କୁ ଅନୁରୋଧ କରାଗଲା ସେମାନେ ଯେଉଁ ବିଷୟରେ ଭଲ ଭାବେ ଜାଣନ୍ତି ସେହି ବିଷୟରେ ପ୍ରବନ୍ଧ ଲେଖିଦିଅନ୍ତୁ । ଏହିଭଳି ତଥ୍ୟ ସଂଗ୍ରହ ପାଇଁ ବ୍ରିଟାନିକାର ପ୍ରକାଶକମାନେ ପ୍ରାୟ ୫୦ କୋଟି ଟଙ୍କା ଖର୍ଚ୍ଚ କରିଥିଲେ ।

'ଏନ୍‌ସାଇକ୍ଲୋପିଡିଆ' ଶବ୍ଦକୁ ଭାରତୀୟ ଭାଷାରେ ଅନେକ କାଳ ଧରି 'ବିଶ୍ୱକୋଷ' ବୋଲି କୁହାଯାଉଥିଲା । ଏବେ ମଧ୍ୟ କେହି କେହି କହୁଛନ୍ତି । କିନ୍ତୁ ଓଡ଼ିଆ ଭାଷାରେ ଯେତେବେଳେ ଏହି ଧରଣର ବହି ୰ବିନୋଦ କାନୁନ୍‌ଗୋ ଲେଖିଲେ ସେତେବେଳେ ତା'ର ନାମ ରହିଲା 'ଜ୍ଞାନମଣ୍ଡଳ' । ଏନ୍‌ସାଇକ୍ଲୋପିଡିଆର ଏହା ହେଉଛି ସଠିକ, ଆକ୍ଷରିକ ଅନୁବାଦ । ଏହି ନାମଟି କ୍ରମେ ଲୋକପ୍ରିୟ ହେଲାଣି ।



(ଆମ ଓଡ଼ିଆରେ ପ୍ରକାଶିତ ଏନ୍‌ସାଇକ୍ଲୋପିଡିଆ ଏହିଭଳି ୬୦ ଭାଗରେ ସମାପ୍ତ)

ଏହା ପୂର୍ବରୁତ କୁହାଯାଇଛି, ମନୁଷ୍ୟ ପ୍ରତିଦିନ କିଛି ନା କିଛି ନୂତନ ଜ୍ଞାନ ହାସଲ କରୁଛି । ତାହାର ପରିଚୟ ପାଇବା ପାଇଁ କେହି ଆଠ ଦଶ ବର୍ଷ ପର୍ଯ୍ୟନ୍ତ ଅପେକ୍ଷା କରିବେ ନାହିଁ । ତେଣୁ କେତେ ବର୍ଷ ପୂର୍ବେ ସ୍ଥିର କରାଗଲା ଯେ ଗୋଟିଏ ବର୍ଷରେ ଯେତକ ନୂତନ ଜ୍ଞାନ ମିଳୁଛି ସେତକ ଗୋଟିଏ ବହିରେ ପ୍ରକାଶ

"ଯେଉଁଠାରେ ଆତ୍ମବଡ଼ିମା ଶେଷ ହୋଇଯାଏ, ସେହିଠାରୁ ମହତ୍ତ୍ୱ ଆରମ୍ଭ ହୁଏ ।"

--ୟଙ୍ଗ

କରାଯାଉ । ତାକୁ କୁହାଗଲା ଇୟର ବୁକ୍ ବା ବର୍ଷ ପୁସ୍ତକ । ପୁରୁଣା ଓ ନୂଆ ପ୍ରବନ୍ଧକୁ ମିଶାଇ ପାଠକ ଜାଣିପାରନ୍ତି ଗୋଟାଏ ଖାସ ବିଷୟରେ ମଣିଷ କେତେ ଦୂରକୁ ଆଗେଇଛି । ବ୍ରିଟାନିକା କିନ୍ତୁ ବର୍ଷକୁ ତିନିଗୋଟି ପୁସ୍ତକ ବାହାର କରୁଛି । ଗୋଟିକରେ ବିଜ୍ଞାନ, ଗୋଟିକରେ ଡାକ୍ତରୀ ପାଠ ଓ ଆଉ ଗୋଟିକରେ ସବୁ ମୋଟାମୋଟି ଖବର ଦିଆଯାଉଛି । ଯେଉଁମାନେ ଜ୍ଞାନ ବିତରଣ କାମରେ ଲାଗି ରହିଛନ୍ତି ସେମାନେ ଏହିସବୁ ବର୍ଷ ପୁସ୍ତକ ନିଶ୍ଚୟ ସଂଗ୍ରହ କରୁଛନ୍ତି ।

## ପିଲାଙ୍କ ପାଇଁ ଏନ୍‌ସାଇକ୍ଲୋପିଡିଆ

ମଣିଷ ଦେଖିଲେ ଯାଇ ମଣିଷ ଶିଖେ । ଦେଖାଗଲା ଯେ ପିଲାମାନେ ବଡ଼ ବଡ଼ ଜ୍ଞାନମଣ୍ଡଳ ବହି ପଢ଼ି ଭଲ ଭାବରେ ବୁଝିପାରୁ ନାହାନ୍ତି - ସେହି ଭିତରୁ ରସ ପାଉନାହାନ୍ତି । ତେଣୁ କେତେକ ଲୋକ ଠିକ୍ କଲେ ଶିଶୁ ଜ୍ଞାନମଣ୍ଡଳ ପ୍ରକାଶ କରିବା ପାଇଁ । ଏହାକୁହିଁ ଚିଲ୍‌ଡ୍ରେନ୍‌ସ୍ ଏନ୍‌ସାଇକ୍ଲୋପିଡିଆ ବୋଲି କୁହାଯାଏ । ପିଲାମାନେ ଯେତିକି ହଜମ କରିପାରିବେ ସେତିକି ବିଷୟ ଏହି ଧରଣର ବହିରେ ଦିଆଯାଏ । ଏମିତିକା ଭାଷାରେ ଲେଖାଯାଇଥାଏ ଯେ ସେମାନଙ୍କ ପକ୍ଷରେ ବୁଝିବା ସହଜ ହେବ । ଏହି ଯେଉଁ ବିଷୟ ତୁମେ ପଢୁଛ ତାହାରି ବିଷୟରେ ବୁଝାଇ ଦେଲେ ଯଥେଷ୍ଟ ହେବ । ଇଂରାଜୀ, ରୁଷୀୟ ବା ଅନ୍ୟ ଉନ୍ନତ ଭାଷାର ବିରାଟକାୟ ଜ୍ଞାନମଣ୍ଡଳର ପୃଷ୍ଠା ଓଲଟାଇ ଗଲେ ଏହି ବିଷୟଟି ଉପରେ ଭିନ୍ନ ଭିନ୍ନ ସ୍ଥାନରେ ହୁଏତ ୧୦୦ ପୃଷ୍ଠା ଲେଖାଯାଇଛି । ସେତକ ଅନୁବାଦ କରିଲେ ଏମିତିକା ଗୋଟାଏ ବହି ହୋଇଯିବ । ସେଥିରେ କିଛି ଅଦରକାରୀ କଥା ନାହିଁ । ଯେଉଁମାନେ ବହୁତ କିଛି ପଢ଼ିଛନ୍ତି ସେମାନଙ୍କ ପାଇଁ ସେହିସବୁ ଗୁଡ଼ିକ ଦରକାରୀ । ପିଲା କିନ୍ତୁ ପଢ଼ି ପାରିବେ ନାହିଁ, ସେଥିରେ ଥିବା ସବୁକଥା ବୁଝିପାରିବେ ନାହିଁ; ବୁଝିବା ହୁଏତ ଦରକାର ନାହିଁ । ଏହି ବହିରେ ଏନ୍‌ସାଇକ୍ଲୋପିଡିଆ ବିଷୟରେ ଯେତିକି ଦିଆଗଲା ସେତକ ସେମାନଙ୍କ ପାଇଁ ଯଥେଷ୍ଟ । ବଡ଼ ହୋଇଗଲେ ପିଲାଏ ଓଡ଼ିଆ ଭାଷାର ବୃହତ୍ ଏନ୍‌ସାଇକ୍ଲୋପିଡିଆ 'ଜ୍ଞାନମଣ୍ଡଳ' ପଢ଼ିବେ । ସେଥିରେ ଗୋଟିଏ ସ୍ଥାନରେ ଏ ବିଷୟରେ ବହୁ ପୃଷ୍ଠା ଲେଖାଯାଇଛି ଓ ସମ୍ପୂର୍ଣ୍ଣ ସେଟ୍ ଭିତରୁ ଭିନ୍ନ ଭିନ୍ନ ଖଣ୍ଡରେ ଏ ସଂକ୍ରାନ୍ତରେ ଯାହା ଲେଖାଯାଇଛି ସେତକ ସବୁ ମିଶାଇଦେଲେ ୧୦୦ ପୃଷ୍ଠା ହୋଇଯିବ । ଆହୁରି ଅଧିକ ଜାଣିବାକୁ ଯେଉଁମାନଙ୍କର ଇଚ୍ଛା ହେବ ସେମାନେ ଇଂରାଜୀ ଭାଷାରେ ବ୍ରିଟାନିକା ପଢ଼ିବେ । ଏମିତି ମଧ୍ୟ ହୋଇପାରେ ଯେ ଦିନେ ଓଡ଼ିଆ ଭାଷାର 'ଜ୍ଞାନମଣ୍ଡଳ'ର ଏହି ବିଷୟରେ ଆହୁରି ବିସ୍ତୃତ ଭାବରେ ଲେଖାଯିବ । ଶିଶୁ ଜ୍ଞାନମଣ୍ଡଳରେ ବହୁ ସଂଖ୍ୟକ ଚିତ୍ର ଦେବା ଦରକାର ପଡ଼େ । ସେହିଭଳି ଦେବାକୁ କେମିତି ଉଦ୍ୟମ କରାଯାଇଛି ଏହି ବହିର ପୃଷ୍ଠାଗୁଡ଼ିକ ଓଲଟାଇ ଗଲେ ଦେଖିପାରିବ ।

ଦୁନିଆ ବଦଳି ଯାଉଛି । ପିଲାମାନେ ବହୁତ କଥା ଜାଣିଲେଣି । ଅଧିକ ଜାଣିବାକୁ ଇଚ୍ଛା କରୁଛନ୍ତି । ଏମିତି ହେଉଛି ଯେ ରେଡିଓରେ ଶୁଣିଲେ, ଟେଲିଭିଜନରେ ଦେଖିଲେ ବା ପତ୍ରପତ୍ରିକାରେ ପଢ଼ିଲେ ଗୋଟାଏ ବିଷୟକୁ ସହଜରେ ବୁଝି ହେଉନାହିଁ । କାରଣ ସେ ବିଷୟରେ ଅସଲ ମୂଳ ଜ୍ଞାନ ପିଲା ମାନଙ୍କର ନାହିଁ । ଶିଶୁ ଜ୍ଞାନମଣ୍ଡଳ ପାଖରେ ଥିଲେ ଜଣେ ଦେଖି ଦେଉଛି ପ୍ରକୃତରେ ଏ ବିଷୟଟି କଅଣ । ସେଇଥିପାଇଁ ପ୍ରତ୍ୟେକ ଶିକ୍ଷିତ ଦେଶରେ ନାନା ପ୍ରକାରର ଶିଶୁ ଜ୍ଞାନମଣ୍ଡଳ ପ୍ରକାଶ ପାଉଛି ।

ଶେଷରେ ଏ ସଂପର୍କରେ ଅତି ଦରକାରୀ କଥା ଜାଣିରଖ । ଜ୍ଞାନ ହୁ ହୁ ହୋଇ ମାଡ଼ି ଆସୁଛି । ସବୁର

---

"ଫୁଲ ବଗିଚାରେ ବୁଲିବାଟି ଭଗବାନଙ୍କ ସହିତ ବୁଲିବା ସଙ୍ଗେ ସମାନ ।"

--ବୋଭୀ

ପରିଚୟ ସଂକ୍ଷେପରେ ଦେବାପାଇଁ ମଧ୍ୟ ବଡ଼ ବଡ଼ ଏନ୍‌ସାଇକ୍ଲୋପିଡିଆରେ ସ୍ଥାନର ଅଭାବ ପଡୁଛି । ତେଣୁ ଗୋଟିଏ ଗୋଟିଏ ବିଷୟ ଉପରେ ଗୋଟିଏ ଗୋଟିଏ ସେଟ୍ ଜ୍ଞାନମଣ୍ଡଳ ପ୍ରସ୍ତୁତ କରାଯାଉଛି । ଜଣେ ଶିକ୍ଷିତ ଲୋକ ଚାଷ କରୁଛି । ଚାଷ ବିଷୟରେ ସବୁକଥା ଭଲ ଭାବରେ ଜାଣିବା ପାଇଁ ତାହାର ଆଗ୍ରହ । ତାହାରି କାମରେ ଆସିବ ବୋଲି 'କୃଷି ଏନ୍‌ସାଇକ୍ଲୋପିଡିଆ' ପ୍ରକାଶ କରି ଦିଆଯାଉଛି । ସେଥିରେ ଅବଶ୍ୟ କୋଣାର୍କ ବା ତାଜମହଲର କଥା ନାହିଁ - ଯେମିତିକି ବଡ଼ ଏନ୍‌ସାଇକ୍ଲୋପିଡିଆରେ ଅଛି । କିନ୍ତୁ ମାଟି, ପାଣି, ମଞ୍ଜି, ଫସଲ ନଷ୍ଟ କରୁଥିବା କୀଟଙ୍କ ବିଷୟରେ ବହୁତ କିଛି ଲେଖାଯାଇଛି ।

**ଏଭରେଷ୍ଟ ପର୍ବତ ଶୃଙ୍ଗ :** ପୃଥିବୀଟିକୁ ତିଆରି କଲାବେଳେ ସବୁଠାରୁ କେଉଁଟି ଉଚ୍ଚସ୍ଥାନ ସେକଥା ପ୍ରକୃତି କହିଦେଲାନାହିଁ । ସେ ବିଷୟରେ ଅନେକକାଳ ପର୍ଯ୍ୟନ୍ତ ଲୋକଙ୍କର କିଛି ସଠିକ ଧାରଣା ନଥିଲା । ୧୮୫୬ରେ ତାହା ସ୍ଥିର କରାଗଲା । ସେଇଟି ହେଉଛି ହିମାଳୟ ପର୍ବତର ଗୌରୀ ଶୃଙ୍ଗ । ତାକୁହିଁ "ଏଭରେଷ୍ଟ" ବୋଲି କୁହାଯାଉଛି । ହିମାଳୟ ପର୍ବତର ଗୋଟାଏ ପାଖ ଭାରତ ପଟକୁ ଦେଖା ଯାଉଛି ଓ ଅନ୍ୟପାଖ ତିବ୍ବତ ଆଡ଼କୁ ଦେଖାଯାଉଛି । ତିବ୍ବତୀୟ ଭାଷାରେ ଏହାକୁ କହନ୍ତି "ଓମଲୋଙ୍ଗମା" । ଏହାର ଅର୍ଥ ହେଉଛି "ଜଗତର ମାତୃଦେବୀ" । ପୃଥିବୀର ଏହି ସବୁଠାରୁ ଉଚ୍ଚସ୍ଥାନ ନେପାଳ, ତିବ୍ବତ (ଚୀନ) ସୀମାରେ ରହିଛି । ଉଚ୍ଚତା ହେଲା ୨୯,୦୨୯ ଫୁଟ ବା ୮୮୪୮ ମିଟର । ହିମାଳୟ ପର୍ବତମାଳାକୁ ପ୍ରକୃତି ତିଆରି କରିବା ଆରମ୍ଭ କରିଥିଲା ୭୦ ଲକ୍ଷରୁ ୨୬୦ ଲକ୍ଷ ବର୍ଷ ପୂର୍ବେ । ଏଭରେଷ୍ଟ ଶୃଙ୍ଗର ଉପର ଅଂଶରେ ଯେଉଁ ପବନ ଅଛି ସେଥିରେ ଅମ୍ଳଜାନ ଭାଗ ଅଳ୍ପ । ତେଣୁ ତାକୁ 'ପତଳା ପବନ' ବୋଲି କୁହାଯାଏ । ଖୁବ୍ ଜୋରରେ ପବନ ବହୁଥାଏ । ଅତିମାତ୍ରାରେ ଥଣ୍ଡା; ଏହା ଫଳରେ କୌଣସି ଗଛଲତା ତାହାର ସେହି ଅଂଶରେ ନାହାନ୍ତି - ଜୀବଜନ୍ତୁ ରହିବାର ପ୍ରଶ୍ନ ବା କାହିଁକି ଉଠୁଛି ? ୧୮୫୬ ପର୍ଯ୍ୟନ୍ତ କହି ହେଉନଥିଲା ଯେ ଏହି ପର୍ବତ ଶୃଙ୍ଗଟି ହେଉଛି ପୃଥିବୀର ସବୁଠାରୁ ଉଚ୍ଚସ୍ଥାନ । ସେହିବର୍ଷ ସରକାରଙ୍କର ସର୍ଭେ ବିଭାଗ ଏହିଭଳି କହିବାକୁ ସାହସ କଲା । ତାହାପରେ କେତେ ବର୍ଷ ବିତିଯାଇଥିଲେ ମଧ୍ୟ ତାକୁ କୁହାଯାଉଥିଲା 'ପନ୍ଦର




(ଏଭରେଷ୍ଟ)

ନମ୍ବର ପର୍ବତ ଶୃଙ୍ଗ' । ୧୮୬୫ରେ ଇଂରେଜମାନେ ତା'ର ନାମ ରଖିଲେ "ଏଭରେଷ୍ଟ" । ସାର୍ ଜର୍ଜ ଏଭରେଷ୍ଟ ଥିଲେ ଭାରତ ସରକାରଙ୍କର ସର୍ଭେୟର ଜେନେରାଲ । ତାଙ୍କୁ ସମ୍ମାନ ଦେଖାଇବା ପାଇଁ ଏହି ପର୍ବତ ଶୃଙ୍ଗର ନାମ ଏହିଭଳି ରହିଲା ।

୧୯୨୦ରେ ତିବ୍ବତ ଆଡୁ ପର୍ବତରେ ଉପରକୁ ଉପରକୁ ଚଢ଼ି ଏଭରେଷ୍ଟରେ ପହଞ୍ଚିବା ପାଇଁ ଚେଷ୍ଟା ଆରମ୍ଭ ହେଲା । ବଡ଼ ଦୁରୂହ ରାସ୍ତା, ପ୍ରବଳ ଶୀତ ଓ ଅତି ଜୋରରେ ବହୁଥିବା ପବନ ସବୁ ଉଦ୍ୟମକୁ ଭଣ୍ଡୁର କରିଦେଲା । ଶେଷରେ ୧୯୫୩ରେ ନିଉଜିଲାଣ୍ଡର ଏଡ୍‌ମଣ୍ଡ ହିଲାରୀଙ୍କ ସଙ୍ଗରେ ଯାଇଥିବା ନେପାଳର ତେନ୍‌ଜିଙ୍ଗ ନର୍ଗେ ଗୌରୀ ଶୃଙ୍ଗ ଉପରେ ଯାଇ ଛିଡ଼ା ହୋଇଗଲେ । ସେହି ହେଉଛନ୍ତି ପ୍ରଥମ ମନୁଷ୍ୟ ଯିଏକି

---

"ସୁରୁଚି ସମ୍ପନ୍ନ ଲୋକ ସବୁବେଳେ ସର୍ବୋତ୍କୃଷ୍ଟ ପଛରେ ଧାଏଁ ନାହିଁ - ସାମାନ୍ୟ ପଦାର୍ଥରେ ମଧ୍ୟ ସେ ସୌନ୍ଦର୍ଯ୍ୟ ଦେଖେ ।"

--ଫେନିଲନ୍

ସେଠାରେ ପାଦଦେଲେ । ତା' ପରେ ଆହୁରି ଅନେକଥର ସେ ଶୃଙ୍ଗ ଉପରକୁ ମନୁଷ୍ୟ ଯାଇଛନ୍ତି । ୧୯୭୫ ମେ ୧୬ ଦିନ ଜଣେ ଜାପାନୀ ମହିଳା ଜୁଙ୍କୋ ତାବେଇ ଗୌରୀ ଶୃଙ୍ଗ ଉପରେ ପାଦ ଦେଲେ । ତାଙ୍କ ପୂର୍ବରୁ କୌଣସି ମହିଳା ସେଠାକୁ ଯାଇ ନଥିଲେ ।

**ଏମ୍ପାୟାର ଷ୍ଟେଟ୍ ବିଲ୍‌ଡିଙ୍ଗ :** ଗୋଟିଏ ଯୁଗରେ ମଣିଷ ଇଚ୍ଛା କଲା ଘର ତୋଳିଲା ବେଳେ ଉପରକୁ ଉପରକୁ ଯିବ । ତାହାହେଲେ ଅଳ୍ପ ସ୍ଥାନରେ ଅନେକଗୁଡ଼ିଏ ବଖରା ହୋଇଯାଇ ପାରିବ । ଆଜିକାଲି ସତୁରୀ, ଅଶୀ ବା ଶହେ ମହଲାର ଘର ସବୁ ତିଆରି ହେଉଛି । ଯୁକ୍ତରାଷ୍ଟ୍ର ଆମେରିକାର ନିୟୁର୍କ ସହରରେ ଯେତେବେଳେ ୧୦୨ ମହଲା କୋଠାଟି ତିଆରି ହୋଇଗଲା ସେତେବେଳେ ସମସ୍ତେ ଆଶ୍ଚର୍ଯ୍ୟ ହୋଇଗଲେ । ୧୨୫୦ ଫୁଟ ବା ୩୮୧ ମିଟର ଉଚ୍ଚ ହୋଇଗଲା ପରେ ଏହାକୁ ପ୍ରଥମ 'ଆକାଶଚୁମ୍ବୀ ଘର' ବୋଲି କୁହାଗଲା । ଏହାର ନାମ ଦିଆଗଲା ଏମ୍ପାୟାର ଷ୍ଟେଟ ବିଲ୍‌ଡିଙ୍ଗ୍ । ତାହା ପରେ ପ୍ରାୟ ପଚିଶ ବର୍ଷ କାଳ ୧୯୫୪ ପର୍ଯ୍ୟନ୍ତ ଏଇଟି ଥିଲା ସମଗ୍ର ପୃଥିବୀରେ ସବୁଠାରୁ ଉଚ୍ଚ ଘର ।

**ଏମୁ :** ପକ୍ଷ ଅଛି, କିନ୍ତୁ ଉଡ଼ିପାରନ୍ତି ନାହିଁ । ଏହିଭଳି ଯେଉଁ ଅଳ୍ପ କେତୋଟି ଜାତିର ପକ୍ଷୀ ଅଛନ୍ତି ଅଷ୍ଟ୍ରେଲିଆ ମହାଦେଶର ଏମୁ ସେଥିଭିତରୁ ଗୋଟିଏ । ଏଇଟି ପ୍ରାୟ ୨ ମିଟର ଉଚ୍ଚ, ୪୫ କିଗ୍ରା ବା ୧୦୦ ପାଉଣ୍ଡରୁ ବେଶୀ ଓଜନ । ଘଣ୍ଟାକୁ ୫୦ କିଲୋମିଟର ବା ୩୦ ମାଇଲ ବେଗରେ ଦଉଡ଼ିପାରେ । ଏମାନେ ଯେତେବେଳେ ଅଷ୍ଟ୍ରେଲିଆରେ ବହୁସଂଖ୍ୟାରେ ଥିଲେ ସେତେବେଳେ ମେଣ୍ଢା ଓ ଗୋରୁ ପାଳିବା ଲୋକେ ବିପଦ ମଣୁଥିଲେ; କାରଣ ଏଇଟି ଏତେ ପରିମାଣରେ ଘାସ ଖାଏ ଯେ ଚରାଭୂଇଁକୁ ନଷ୍ଟ କରିଦିଏ । ଏଗୁଡ଼ିକୁ ଧରିବା ସହଜ ନୁହେଁ । ଯଦି ଧରା ପଡ଼ିଯାଏ ଲମ୍ବା ତିନି ଆଙ୍ଗୁଠିଆ ଗୋଡ଼ରେ ଖୁବ୍ ଜୋର୍‌ରେ ନାତମାରେ । ୧୩ ସେ:ମି: ଲମ୍ବର ସାତରୁ ଦଶଟି ଅଣ୍ଡା ଉପରେ ମାଟି ଘୋଡ଼େଇ ଦେଇ ଅଣ୍ଡିରା ଏମୁ ଦୁଇମାସ ପର୍ଯ୍ୟନ୍ତ ତାହାକୁ ଉଷୁମାଏ । ଅଣ୍ଡାରୁ ବାହାରିଲା ପରେ ବଡ଼ ଏମୁ ସଙ୍ଗରେ ଛୁଆ ମଧ୍ୟ ଦଉଡ଼ନ୍ତି । ଏଇ ପ୍ରାୟ ଷାଠିଏ ବର୍ଷ ପୂର୍ବେ ୧୯୩୨ରେ



(ଏମୁ)

୨୦ ହଜାର ଏମୁ ଅଷ୍ଟ୍ରେଲିଆର କାମ୍ପିଅନର ଗହମ କ୍ଷେତ ଅଞ୍ଚଳରେ ଘୋର ବିପଦ ସୃଷ୍ଟି କରିଥିଲେ । ସୈନ୍ୟମାନେ ମେସିନ୍‌ଗନ୍ ଧରି ସେମାନଙ୍କୁ ଜବତ କଲେ । ଏବେ ମଧ୍ୟ ସେହି ମହାଦେଶରେ ଏଗୁଡ଼ିକ ବହୁ ସଂଖ୍ୟାରେ ଅଛନ୍ତି ।

**ଏଲାଣ୍ଡ :** ଗୋଟିଏ ଜାତିର ବଡ଼ ହରିଣ । ଆଫ୍ରିକା ମହାଦେଶରେ ଦେଖାଯାନ୍ତି । ଚେହେରାଟି ଗୋରୁ ଭଳି । ଦେଖିଲେ ମନେହେବ ସତେ ଯେପରିକି ଗୋଟିଏ ବଳଦ ମୁଣ୍ଡରେ ହରିଣ ଶିଙ୍ଗ ଖଞ୍ଜି ଦିଆଯାଇଛି । କାନ୍ଧ ପାଖରେ ଏହା ୨ମିଟର ଉଚ୍ଚ । ବେକରେ ଛୋଟ ଛୋଟ କଳା କେଶର ଅଛି । ଗଳାରୁ ଗୋରୁଙ୍କ ଭଳି ଗୋଟିଏ କମଳ ଝୁଲିପଡ଼ିଛି । ଶିଙ୍ଗ ଖୁବ୍ ମଜବୁତ୍ - ପେଚକସ ଭଳି ଦେଖାଯାଏ । ଅଣ୍ଡିରାଙ୍କ ଶିଙ୍ଗ ମାଈଙ୍କ ତୁଳନାରେ ଛୋଟ ଓ ମଜବୁତ ।

"ମନୁଷ୍ୟର ସ୍ୱଭାବ ହେଲା - କାନଠାରୁ ଆଖିକୁ ଅଧିକ ବିଶ୍ୱାସ କରିବା । ସେଇଥିପାଇଁ ଉପଦେଶ ଠାରୁ ଆଦର୍ଶର ମହତ୍ତ୍ୱ ଏତେ ବେଶୀ ।"

--ସେନେକା

ବୁଢ଼ା ହୋଇଗଲା ବେଳକୁ ଏମାନଙ୍କର ରଙ୍ଗ ବଦଳିଯାଏ ।

**ଏଲୋରା :** କୈଳାସ ମନ୍ଦିରକୁ ଦେଖି ବିଦେଶରୁ ଆସିଥିବା ଜଣେ ପଢ଼ାଶୁଣା ଲୋକ କହି ପକାଇଲେ - ହୃଦୟ ଭିତରେ ଗୋଟାଏ ଭାବନା ଜନ୍ମ ନିଏ,ମନ କହେ ସେଇଟି କେମିତି ରୂପ ପାଆନ୍ତା କି ! ହାତ



(ଏଲୋରା)

କହିଦିଏ ତୁମେ ଯାହା ଦେଖିବାକୁ ଇଚ୍ଛା କରୁଛ, ମୁଁ ତାକୁ କରିଦେଉଛି । କୈଳାସ ମନ୍ଦିରକୁ ଦେଖିଲେ ଏହା କିଭଳି ସତ୍ୟ ତାହାର ପ୍ରମାଣ ମିଳିଯିବ ।''

ମହାରାଷ୍ଟ୍ର ରାଜ୍ୟର ଔରଙ୍ଗାବାଦ୍‌ଠାରୁ ପ୍ରାୟ ୩୦ କିଲୋମିଟର (୧୮ ମାଇଲ) ଉତ୍ତରକୁ ଉତ୍ତର - ପଶ୍ଚିମ କୋଣରେ ଥିବା ଗୋଟିଏ ପାହାଡ଼ରେ ବହୁତ ଗୁଡ଼ିଏ ଗୁହା ରହିଛି । ଏବେ ଏହାର ନାମ ଏଲୋରା ବୋଲି ରଖାଯାଇଛି । ସେହିଠାରେ କୈଳାସ ମନ୍ଦିର । ହିନ୍ଦୁ, ବୌଦ୍ଧ ଓ ଜୈନଙ୍କର ଯେଉଁସବୁ ଗୁହା ମନ୍ଦିର ଅଛି ସେଗୁଡ଼ିକରେ ଚମତ୍କାର କାମ ହୋଇଛି । ପାହାଡ଼ର ବିଭିନ୍ନ ଅଂଶରେ ୫୦ରୁ ଅଧିକ କୃତ୍ରିମ ଗୁହା ରହିଛି । ଭାରତର ଭିନ୍ନ ଭିନ୍ନ ଅଂଶରୁ ଓ ବିଦେଶରୁ ଅନେକ ଲୋକ ଆସନ୍ତି ଏଗୁଡ଼ିକୁ ଦେଖିବା ପାଇଁ । କୈଳାସ ମନ୍ଦିରଟି ଦର୍ଶକମାନଙ୍କ ମନରେ ବହୁତ କିଛି ଆନନ୍ଦ ଦିଏ ।

**ଏସ୍କିମୋ :** ମଣିଷ ଜାତି ଭିତରେ ଯେତେ ଯେତେ ପ୍ରକାର ଭେଦ ଥିଲେ ମଧ୍ୟ ନିଜ ନିଜ ଭିତରେ କିଛି କିଛି ପରିଚୟ ରହିଛି । କିନ୍ତୁ ଏଭଳି ଗୋଟିଏ ଜାତିର ମଣିଷ ଥିଲେ ଯେଉଁମାନଙ୍କ ବିଷୟରେ ଇଉରୋପ, ଏସିଆର ଲୋକେ ପ୍ରାୟ କିଛି ଜାଣି ନଥିଲେ । ମଝିରେ ମଝିରେ ଯେଉଁମାନେ ସେମାନଙ୍କୁ ଦେଖନ୍ତି ସେମାନେ ନିଜ ମନରୁ ମିଶାଇ କେତେଗୁଡ଼ିଏ କଥା କହି ଦିଅନ୍ତି । ଲୋକେ ତାକୁହିଁ ବିଶ୍ୱାସ କରିଯା'ନ୍ତି । ସେଭଳି ହେବାର କଥା । ପୃଥିବୀର ଏକାବେଳକେ ଉତ୍ତର ଅଂଶ ଉତ୍ତର ମେରୁ ଅଞ୍ଚଳରେ ବା ତା'ଠାରୁ ଟିକିଏ ଦକ୍ଷିଣରେ ୧୨ ହଜାର କି.ମି. ବ୍ୟାପୀ ଦୁର୍ଭେଦ୍ୟ ଅଞ୍ଚଳରେ ମାତ୍ର ୫୦ ହଜାରରୁ କମ୍ ସଂଖ୍ୟକ ଲୋକ ରହନ୍ତି । ସେମାନେ ପୁଣି ଗୋଟିଏ ଗୋଟିଏ ଛୋଟିଆ ଗୋଷ୍ଠୀରେ ଦୂରରେ ଦୂରରେ ରୁହନ୍ତି । ମଟର ବା ଉଡ଼ାଜାହାଜ ଯେଉଁ ଯୁଗରେ ନଥିଲା ସେ ଯୁଗରେ ସେମାନଙ୍କ ସହିତ କୌଣସି ପ୍ରକାର ସମ୍ପର୍କ ରଖିବାଟା ଅନ୍ୟମାନଙ୍କ ପକ୍ଷରେ ଅସମ୍ଭବ ଥିଲା କହିଲେ

"ଯେଉଁ ଲୋକ ସର୍ବଦା କର୍ମରତ, ଦୁଃଖୀ କରିବା ପାଇଁ ସେ ବା ସମୟ କେଉଁଠୁ ପାଇବ ?''

--ବୋଭୀ



(ପ୍ରଧାନ ସାଥୀ କୁକୁରଙ୍କ ସହ ଏସ୍କିମୋ ବାଳକ)

ଚଳେ । ବରାବର କୁହାଯାଉଥିଲା, ଏସ୍କିମୋମାନେ ଖୁବ୍ ମୋଟା, ଦେହରେ ଚର୍ବି ଭରି ରହିଛି । ହାଡ଼ଭଙ୍ଗା ଶୀତରୁ ସେମାନଙ୍କୁ ରକ୍ଷା କରିବା ପାଇଁ ଏହି ଚର୍ବି ଗଦି ସେମାନଙ୍କ ଦେହରେ ଖଞ୍ଜିଦିଆ ଯାଇଛି । ପରେ ଜଣାପଡ଼ିଲା ସେମାନେ ପତଳା, ଦେହରେ ମାଂସପେଶୀ ଖୁବ୍ ଟାଣ, ଓସାରିଆ ମୁହଁ, ଲୋମ-ବହୁଳ ଚମଡ଼ା ପୋଷାକ ପିନ୍ଧିଥା'ନ୍ତି । ସେହି ମୋଟା ପୋଷାକର ଦୁଇ ପରସ୍ତ ଏକାବେଳକେ ସେମାନଙ୍କ ଦେହରେ ଥାଏ । ତେଣୁ ବାହାରୁ ସେମାନେ ଖୁବ୍ ମୋଟା ଦେଖାଯା'ନ୍ତି । ୪୦୦ ବର୍ଷ ପୂର୍ବେ ଇଉରୋପର ଜଣେ ଲୋକ ମାର୍ଟିନ୍ ଫ୍ରବିସ୍ର ପ୍ରଥମେ ସେମାନଙ୍କୁ ଦେଖିଥିଲେ । ସେ ଆସି ଅନେକ କଥା କହିଲା ପରେ ମଧ୍ୟ ଅନ୍ୟମାନେ ସେମିତି କିଛି ଆଗ୍ରହ ଦେଖାଇଲେ ନାହିଁ । ଏଭଳି ତିନିଶହ ବର୍ଷ କଟିଗଲା ପରେ ଯାଇ ଏହି ନୂଆ ଜାତିର ମଣିଷଙ୍କ ବିଷୟରେ ଜାଣିବା ପାଇଁ ଅନ୍ୟମାନେ ଇଚ୍ଛା କଲେ । ସେମାନେ ଯେଉଁ ଅଞ୍ଚଳରେ ରହନ୍ତି ସେଠାରେ ପ୍ରବଳ ଥଣ୍ଡା । ଖୁବ୍ ବେଗରେ ଶୀତ ପବନ ବହେ । ମାସ ମାସ ଧରି ରାତି ରହିଛି ତ ମାସ ମାସ ଧରି ଦିନ ରହିଛି । ସେହି ଅଞ୍ଚଳରେ କୌଣସି ଗଛଲତା ନାହିଁ । ଘର ବା ହତିଆର ତିଆରି କରିବାପାଇଁ ଜିନିଷର ଅଭାବ । ବର୍ଷକୁ ୧୦ସେ.ମି.ରୁ କମ୍ ବର୍ଷା ହୋଇଥାଏ । ଖରା ହେଲା ମାତ୍ରେ ସେତକ ପାଣିକୁ ଖରା ଶୋଷିନିଏ । ଏହିଭଳି ଜଳବାୟୁ ଥିବା ଲୋକଙ୍କ ସହିତ ଅନ୍ୟମାନେ କିପରି ବା ସମ୍ପର୍କ ରଖି ପାରିଥାଆନ୍ତେ ?

ଏମାନଙ୍କ ପାଇଁ ଘର ତିଆରି କଥାଟି ସେମିତି କିଛି ବଡ଼ ନୁହେଁ । ଅସଲ ହେଲା ପୋଷାକ ତିଆରି କରିବା । ସେମାନେ ସମସ୍ତ ବୁଦ୍ଧି ଖଟାଇ ଶୀତରୁ ରକ୍ଷା ପାଇବା ପାଇଁ ଯେଉଁ ପୋଷାକ କରନ୍ତି ପୃଥିବୀର ଅନ୍ୟ ଅଞ୍ଚଳର ଲୋକେ ସେମିତି କରି ପାରନ୍ତି ନାହିଁ ।

''ଯାହାର ପୁରୁଷକାର ଅଛି, ସେ ପଳାୟନପନ୍ଥୀ ହୋଇ ନ ପାରେ ।''

--ବଲ୍‌ଜାକ୍

**ଏସିଆ :** ପୃଥିବୀରେ ଯେଉଁ ପାଞ୍ଚ ଗୋଟି ମହାଦେଶ ଅଛି ତାହା ଭିତରେ କ୍ଷେତ୍ରଫଳରେ ଏସିଆ ମହାଦେଶ ବଡ଼ ବୋଲି ତା କଥା ସମସ୍ତଙ୍କର ଯେ ନିଶ୍ଚୟ ମନେରହିବ ଏଭଳି କିଛି କଥା ନାହିଁ । ଗୋଟି ଗୋଟି କରି ଗଣିଗଲେ ଏହା ତାହାଣରେ ଅନେକ ଗୁଡ଼ିଏ ପ୍ରଥମ ଲେଖାଯାଇ ପାରିବ । ପୃଥିବୀର ସ୍ଥଳଭାଗରୁ ତିନିଭାଗ ରହିଛି କେବଳ ଏସିଆ ଭାଗରେ । ଭାରତର କ୍ଷେତ୍ରଫଳ ପ୍ରାୟ ୧୨, ୬୯, ୪୦୦ ବର୍ଗମାଇଲ ହୋଇଥିବା ସ୍ଥଳେ ଏସିଆର କ୍ଷେତ୍ରଫଳ ୧, ୭୨, ୦୦, ୦୦୦ ବର୍ଗମାଇଲରୁ ଅଧିକ । ୧୩ଟିରୁ ଅଧିକ ଭାରତ ଏହାଭିତରେ ରହିଯିବ । ୪ କୋଟି ୪୬ ଲକ୍ଷ ବର୍ଗକିଲୋମିଟରର ଏହି ବିଶାଳ ଭୂଖଣ୍ଡ ଏକାବେଳକେ ଉତ୍ତର ମେରୁକୁ ଲାଗିଛି ଓ ଏଣେ ବିଷୁବ ରେଖା ଦକ୍ଷିଣକୁ ରହିଛି । ପୂର୍ବରୁ ପଶ୍ଚିମକୁ ଗ୍ଲଲିଗଲେ ଏସିଆ ମହାଦେଶରେ ୬ ହଜାର ମାଇଲ ବା ୯,୬୦୦ କିଲୋମିଟର ବାଟ ଜଣେ ଗ୍ଲଲିବ । ଉତ୍ତରରୁ ଦକ୍ଷିଣକୁ ୬.୫୦୦ କି.ମି. ବ୍ୟାପିଛି । ଏଥିରେ ପ୍ରାୟ ୩୩୦ କୋଟି ଲୋକ ରହୁଛନ୍ତି । ପୃଥିବୀ ଲୋକସଂଖ୍ୟାର ପ୍ରାୟ ଅଧାରୁ ଅଧିକ । ପୃଥିବୀର ସବୁଠାରୁ ଉଚ୍ଚସ୍ଥାନ ହେଉଛି ଏଭରେଷ୍ଟ ପର୍ବତ ଶୃଙ୍ଗ ବା ଗୌରୀ ଶୃଙ୍ଗ । ସେଇଟି ୨୯, ୦୨୯ ଫୁଟ ବା ୮୮୪୮ ମିଟର ଉଚ୍ଚ । ସମୁଦ୍ର ପତ୍ତନଠାରୁ ଏଣେ ମୃତ ସାଗରରେ ଭୂଇଁ ତଳକୁ ସବୁଠାରୁ ଗଭୀର ସ୍ଥାନ ରହିଛି - ୪୦୦ମିଟର ତଳେ ।

ପୃଥିବୀର ଲୋକମାନଙ୍କୁ ହିନ୍ଦୁ, ଖ୍ରୀଷ୍ଟିଆନ୍, ମୁସଲମାନ, ବୌଦ୍ଧ, ଯୋରାଷ୍ଟ୍ରିୟ, ଟାଓ କିମ୍ବା ଶିଖ ବୋଲି କୁହାଯାଏ । ଏହିସବୁ ଧର୍ମର ଜନ୍ମସ୍ଥାନ ହେଉଛି ଏସିଆ ମହାଦେଶ । ବୁଦ୍ଧ, ମହମ୍ମଦ, ଯୀଶୁ, ଏସିଆ ମହାଦେଶରେ ହିଁ ଜନ୍ମ ହୋଇଛନ୍ତି ।

ମନୁଷ୍ୟ ଜାତି ପ୍ରଥମେ ସଭ୍ୟ ହେବାକୁ ଆରମ୍ଭ କଲା ଏହି ବିଶାଳ ଭୂଖଣ୍ଡରେ । ଏହି ମାତ୍ର ୨୫୦ ବା ୩୦୦ ବର୍ଷ ଭିତରେ ଇଉରୋପରେ କଳକାରଖାନା ସବୁ ବସିଲା । ତାକୁହିଁ କୁହାଯାଏ 'ଶିଳ୍ପ ବିପ୍ଳବ' । କିନ୍ତୁ ଏସିଆର ଲୋକେ କେତେ ହଜାର ବର୍ଷ ପୂର୍ବେ ସଭ୍ୟତା ପଥରେ ଆଗେଇ ଯାଇଥିଲେ । ଯୀଶୁଖ୍ରୀଷ୍ଟ ଜନ୍ମ ହେବାର ୩୦୦୦ ବର୍ଷ ପୂର୍ବରୁ ଏସିଆର ଲୋକେ ଚମତ୍କାର ମାଟିପାତ୍ର ସବୁ ତିଆରି କରି ସେଥିରେ ରନ୍ଧାବଢ଼ା କରୁଥିଲେ । ପଥର ତରଳାଇ ସେଥିରୁ ଲୁହା ଭଳି ଧାତୁଦ୍ରବ୍ୟ ବାହାର କରି ପାରିଥିଲେ । ଲୋକେ ବୁଲାଜୀବନ ଛାଡ଼ିଦେଇ ଗ୍ରୁଷବାସ ଆରମ୍ଭ କଲେ । ପାଞ୍ଚ ଛ'ହଜାର ବର୍ଷ ପୂର୍ବେ ସେମାନେ ପାଣି ମଡ଼ାଇ ଗ୍ରୁଷର ବ୍ୟବସ୍ଥା କରିଥିଲେ । ଖଣ୍ଡିଏ ଜମିରୁ ବର୍ଷକରେ ଦୁଇଟା, ଏଭଳିକି ତିନିଟା ଫସଲ ଆଦାୟ କରାଯାଇପାରେ - ଏହିକଥା ଏସିଆର ଗ୍ରୁଷୀହିଁ ଦେଖାଇ ଦେଉଥିଲା । ଚକ ହେଉଛି ସବୁ ଯନ୍ତ୍ର ତଥା କଳକାରଖାନାରେ ଅସଲ ମୂଳ ପିଣ୍ଡ । ଏହି ମହାଦେଶର ଲୋକେ ପ୍ରଥମେ ଚକ ତିଆରି କଲେ ଓ ରଥ ତିଆରି କରି ସେଥିରେ ଘୋଡ଼ା ଯୋଚିଲେ । ଘୋଡ଼ା ଉପରେ ବସିବା ପାଇଁ ଏହିମାନେହିଁ ଜିନ୍ ତିଆରି କରିଥିଲେ । ନାନା ପ୍ରକାରର ଲିପି ବା ଅକ୍ଷର ହେଉଛି ମଣିଷଜାତିକୁ ଏହିମାନଙ୍କର ଦାନ । ଗଣିତ ବିଦ୍ୟାରେ ଆଗେଇ ଗଲେ । ଶୂନର ବ୍ୟବହାର ଓ ଦଶମିକ ପଦ୍ଧତି ଚଳଣିରୁ ଏହାର ପ୍ରମାଣ ମିଳୁଛି । କେତେ ହଜାର ବର୍ଷ ପୂର୍ବେ ସେମାନେ ଯେଉଁସବୁ ଔଷଧ ତିଆରି କରିଥିଲେ ତାହାର ବ୍ୟବହାର ଏବେ ମଧ୍ୟ ହେଉଛି । ଯେଉଁ ଯୁଗରେ ମନୁଷ୍ୟ ଶରୀର ଭିତରର କାମ ଜାଣିବାପାଇଁ କୌଣସି ହେଲେ ଯନ୍ତ୍ରପାତି ନ ଥିଲା, ସେ ଯୁଗରେ ସେମାନେ ଶରୀର ଭିତରର କାମ ସଂପର୍କରେ ବହୁକ୍ଷେତ୍ରରେ କିଭଳି ସଠିକ ଅନୁମାନ କରିଥିଲେ ସେ କଥା ଆଜି ମଧ୍ୟ ବିଗ୍ଚର ଆଲୋଚନା କରିବା କଥା ।

"ବନ୍ଧୁତା ଏଭଳି ଏକ ଦ୍ରୁମ ଯେ ତାହାର ବୃଦ୍ଧି ଅତି ମନ୍ଥର ।"

--ୱାଶିଂଟନ

ଏହିସବୁ ସତ୍ତ୍ୱେ ଏସିଆଟିକୁ ଇଉରୋପ ଭଳି ଗୋଟିଏ ମହାଦେଶ ବୋଲି କହିବାରେ ଅସୁବିଧା ଅଛି । ଇଉରୋପ ମହାଦେଶର ସମସ୍ତଙ୍କର ଚମଡ଼ା ଗୋରା । ପ୍ରାୟ ସମସ୍ତେ ଖ୍ରୀଷ୍ଟିଆନ, ଅର୍ଥାତ ଗୋଟିଏ ଧର୍ମର ଲୋକ । ଖିଆପିଆ, ଚଳ ପ୍ରଚଳରେ ସେଭଳି କିଛି ଆଖିଦୃଶିଆ ପ୍ରଭେଦ ନାହିଁ । ଏସିଆରେ ମଙ୍ଗୋଲିଆଠାରୁ ଇଣ୍ଡୋନେସିଆ, ତୁର୍କୀରୁ ଜାପାନ ପର୍ଯ୍ୟନ୍ତ ବୁଲି ଆସିଲେ ଗୋରା, କଳା, ହଳଦିଆସିଆ ସବୁ ପ୍ରକାରର ଚମଡ଼ାର ଲୋକ ଦେଖିବ । ବହୁସଂଖ୍ୟକ ଭାଷା ରହିଛି । ହିମାଳୟ ପର୍ବତମାଳା ଭାରତକୁ ଚୀନ୍ ଠାରୁ ଦୂରେଇ ଦେଲା ଭଳି କରିଦେଉଛି ।

ଏସିଆ ମହାଦେଶରେ ବହୁପ୍ରକାରର ଜୀବ ଓ ବୃକ୍ଷଲତା ରହିବା ସ୍ୱାଭାବିକ । ପୃଥିବୀର ଯେ କୌଣସି ଦେଶ ତୁଳନାରେ ଚୀନରେ ରହିଛି ଅଧିକ ପ୍ରକାରର ବୃକ୍ଷଲତା - ଛୋଟ ଛୋଟ ବୁଦାକୁ ବାଦ୍ ଦେଲେ ୧୫ ହଜାର ଜାତି ବା ପ୍ରକାରର ଗଛଲତା କେବଳ ସେହି ଦେଶରେ ଦେଖିବାକୁ ମିଳେ ।

ଏହି ମହାଦେଶରେ ବହୁ ପରିମାଣରେ ଖଣିଜ ସଂପଦ ରହିଛି । କୋଇଲା, ପେଟ୍ରୋଲର ଅଭାବ ନାହିଁ । ସମଗ୍ର ପୃଥିବୀରେ ଯେତେ ପରିମାଣରେ ପେଟ୍ରୋଲ୍ ଏବଂ ଗ୍ୟାସ୍ ରହିଛି ତାହାର ସମୁଦାୟ ୬୦ ଭାଗ ଏସିଆ ମହାଦେଶର ସଂପଦ ।

ଗୋଟାଏ ସମୟ ଆସିଥିଲା ଯେତେବେଳେ କି ଇଉରୋପ ମହାଦେଶର କେତୋଟି ଛୋଟ ଛୋଟ ଦେଶ ଏସିଆ ମହାଦେଶର ବହୁ ଅଞ୍ଚଳ ମାଡ଼ି ବସିଥିଲେ ଓ ସେସବୁ ଦେଶକୁ ପରାଧୀନ କରି ରଖିଥିଲେ । ତାହା ଯଦି ନ ହୋଇଥାନ୍ତା ଜ୍ଞାନ ବିଜ୍ଞାନ କ୍ଷେତ୍ରରେ ଏସିଆ କାହିଁ କେଉଁଠି ପହଞ୍ଚି ସାରନ୍ତାଣି ! ଏବେ କିନ୍ତୁ ପରିସ୍ଥିତି ବଦଳି ଗଲାଣି । ଏସିଆର ଲୋକେ ଇଉରୋପ ଆମେରିକା ଲୋକଙ୍କ ସହିତ କାନ୍ଧକୁ କାନ୍ଧ ମିଳାଇ ପାରିଲେଣି ।

**ଐର** : ପୁରାଣରେ ଉଲ୍ଲେଖଅଛି ଗୋଟାଏ ସମୟରେ କଳିଙ୍ଗରେ ଐର ବଂଶର ୩୨ ଜଣ ରାଜା ରାଜୁତି କରିଥିଲେ । ହାତୀଗୁମ୍ଫା ଶିଳାଲିପିରେ ଏହି ବଂଶର ଜଣେ ରାଜା କେତୁଭଦ୍ର ବୋଲି ଲେଖାଅଛି ।

**ଐଶ୍ୱର୍ଯ୍ୟ** : ଯେତେବେଳେ ସବୁ ଦିଗରୁ ଜଣେ ଉନ୍ନତି ପଥରେ ଆଗେଇ ଯାଏ ସେତେବେଳେ ସେ ଐଶ୍ୱର୍ଯ୍ୟର ଅଧିକାରୀ ହେଲା ବୋଲି କୁହାଯାଇଥାଏ । ସତ୍ ଉପାୟରେ ଯେଉଁ ଲୋକ ଧୀରେ ଧୀରେ ଧନ ସଞ୍ଚୟ କରେ ଓ ସେହି ଧନକୁ ଭଲ କାମରେ ଲଗାଏ ତାକୁ ଜଣେ ଐଶ୍ୱର୍ଯ୍ୟ ସଂପନ୍ନ ଲୋକ ବୋଲି କୁହାଯାଏ । ଅନ୍ୟାୟ ଉପାୟରେ ଜଣେ ଗୁଡ଼ାଏ ଧନ ସଞ୍ଚିଗଲେ ତାକୁ ଧନୀ ବୋଲି କୁହାଯାଇପାରେ, ଐଶ୍ୱର୍ଯ୍ୟର ଅଧିକାରୀ ବୋଲି କୁହାଯାଇ ପାରିବ ନାହିଁ । ଐଶ୍ୱର୍ଯ୍ୟର ଧନ ନିଶ୍ଚୟ ଗୋଟାଏ ଅଂଶ, କିନ୍ତୁ କେବଳ ଧନ ଯଥେଷ୍ଟ ନୁହେଁ ।

ବ୍ୟକ୍ତି ବିଷୟରେ ଯାହା କୁହାଯାଏ ଗୋଟିଏ ଜାତି ବିଷୟରେ ମଧ୍ୟ ସେମିତି କୁହାଯାଇପାରେ । ଯେଉଁ ଜାତିର ଲୋକଙ୍କର ସେମିତି କିଛି ଆର୍ଥିକ ଅଭାବ ନାହିଁ ସେହି ଜାତି ଐଶ୍ୱର୍ଯ୍ୟ ପଥରେ ଆଗେଇ ଯାଇଛି ବୋଲି କୁହାଯାଇପାରେ । ପ୍ରତି କ୍ଷେତ୍ରରେ ସାବଧାନ ନ ହେଲେ ବ୍ୟକ୍ତି ହେଉ ବା ଜାତି ହେଉ - ଐଶ୍ୱର୍ଯ୍ୟ ପଥରୁ ଦୂରେଇ ଯାଏ ବୋଲି ପଣ୍ଡିତ ମାନେ କହି ଥାଆନ୍ତି ।

**ଓକ୍** : ପୃଥିବୀର ସବୁ ଅଞ୍ଚଳରେ ଏମିତି କେତେ ପ୍ରକାରର ଗଛ ଅଛନ୍ତି ଯେଉଁଗୁଡ଼ିକର ମୂଲ୍ୟ ସବୁ ଦୃଷ୍ଟିରୁ ଖୁବ୍ ବେଶୀ । ଗଛର କାଠ ଯଦି ଖୁବ୍ ମଜବୁତ ହୋଇଥାଏ ଓ ବହୁ ବର୍ଷ ପର୍ଯ୍ୟନ୍ତ ରହିଲେ ମଧ୍ୟ ଦୁର୍ବଳ

"ଯେଉଁ ଲୋକ ପ୍ରତ୍ୟେକ କଥାରେ କୈଫିୟତ ଦିଏ, ସେ କୈଫିୟତ ପାଇଁହିଁ ଉପଯୁକ୍ତ । ସେ ଲୋକ ଉପରେ ନିର୍ଭର କରିହେବ ନାହିଁ ।"

--ଫ୍ରାଙ୍କଲିନ୍

ହୋଇଯାଏ ନାହିଁ ବା ନଷ୍ଟ ହୋଇଯାଏ ନାହିଁ, ଲୋକଙ୍କ ପାଖରେ ତାହାର ଆଦର ବେଶୀ । ଏହା ସାଙ୍ଗକୁ ଗୋଟାଏ ଗୋଟାଏ ଦେଶରେ ଏମିତିକା ଗୋଟିଏ ଗୋଟିଏ ଗଛ ଅଛନ୍ତି ଯେଉଁଗୁଡ଼ିକ ସେ ଦେଶର ଲୋକଙ୍କର ବହୁତ କିଛି ଉପକାର କରନ୍ତି । ସେଇଥିପାଇଁ କବିମାନେ କାବ୍ୟ କବିତାରେ, ଲେଖକମାନେ ନିଜ ବହିରେ ସେହିସବୁ ଗଛର ଗୁଣଗାନ କରନ୍ତି । ଇଂରାଜୀ ସାହିତ୍ୟରେ ଅନେକ ସ୍ଥାନରେ ଓକ୍ ବୋଲି ଗୋଟିଏ ଗଛ କଥା ବହୁ ସ୍ଥାନରେ ରହିଛି ।

ଏଭଳି ହେବାର କାରଣ ଅଛି । ଇଂରେଜ ଜାତି ପାଇଁ ଏହି ଗଛ ଗୋଟାଏ ଯୁଗରେ ବହୁତ କିଛି କରିଥିଲା । ବିଲାତ ବୋଲି କହିଲେ କେତୋଟି ଛୋଟ ଛୋଟ ଦ୍ୱୀପକୁ ବୁଝାଏ । ସମୁଦ୍ରରେ ଦୂର ଦୂର ଦେଶକୁ ଯାଇ ବଣିଜ ବେପାର ନ ଚଳାଇଲେ ଇଂରେଜ ଜାତି ବଞ୍ଚିପାରନ୍ତା ନାହିଁ । ମଜବୁତ କାଠରେ ଜାହାଜ ତିଆରି କରିବାଟା ଥିଲା ସେମାନଙ୍କ ପାଇଁ ଜୀବନ ମରଣର କଥା । ସେତିକିବେଳେ ଓକ୍ ଗଛ ସେମାନଙ୍କୁ ସାହସ ଦେଲା । ଗଛଟା ଖୁବ୍ ବଡ଼ । ହଜାରେ ଦେଢ଼ ହଜାର ବର୍ଷ ପର୍ଯ୍ୟନ୍ତ ମାଟି ଉପରେ ଠିଆହୋଇଥାଏ । ସମୁଦ୍ରର ଲୁଣିପାଣି ଏହାର କାଠକୁ ଖାଇଯାଇ ପାରେ ନାହିଁ । ଏବେ ସିନା ଲୁହା ଭଳି ଧାତୁରେ ଜାହାଜ ତିଆରି ହେଉଛି । ଗୋଟାଏ ଯୁଗରେ ଓକ୍ କାଠରେ ହିଁ ତାହା ହେଉଥିଲା । ଇଂରେଜମାନେ ସେହିସବୁ ଜାହାଜରେ ବିଭିନ୍ନ ଦେଶକୁ ଗଲେ । ଓକ୍ କାଠ ଭିତରେ ଯେଉଁ ଗୁଣ ରହିଛି ତାହାର ପ୍ରଶଂସା ସେମାନେ କଲେ । ଯଦି ଶକ୍ତିର କଥା ପଡ଼ିଲା ଓକ୍‌ର ଉଦାହରଣ, ଧୈର୍ଯ୍ୟର କଥା ପଡ଼ିଲେ ତାହାରି ନାମ ପକାଯାଏ । ଦୁଃଖ, କଷ୍ଟ ସହିବାର ଗୁଣ ବିଷୟରେ ପଡ଼ିଲାବେଳେ ଲୋକେ ଓକ୍ କାଠର ଉଦାହରଣ ଦିଅନ୍ତି । ଏହି କାଠରେ ତିଆରି ଜାହାଜ ଭିତରେ ବସି ସେମାନେ ନିଜ ଭିତରେ କୁହାକୁହି ହୁଅନ୍ତି - ଏହି କାଠ ଆମକୁ କହୁଛି ଇଂରେଜ ଜାତି ଭିତରେ ଶକ୍ତି ଅଛି । ସବୁ ବିପଦ ସହି ଆମ ଜାତି ଆଗେଇ ଯାଇ ପାରିବ ।

**ଓକାପି :** ଆଫ୍ରିକା ମହାଦେଶର ମଝି ଅଞ୍ଚଳରେ ଯେଉଁ ଘନ ଜଙ୍ଗଲ ଅଛି ତାହାର ଭିତରେ ଗୋଟିଏ ଜୀବ ଅଳ୍ପକାଳ ପୂର୍ବ ପର୍ଯ୍ୟନ୍ତ ମୁହଁଛପା ଦେଇ ରହି ଯାଇଥିଲା । ୧୯୦୦ ଖ୍ରୀଷ୍ଟାବ୍ଦରେ ଯେତେବେଳେ ଲୋକେ ଏହାକୁ ପ୍ରଥମେ ଦେଖିଲେ ସେତେବେଳେ କହିଲେ - ଏହା ଦେହକୁ ଏମିତିକା ଚିତ୍ର କରିଦିଆ



(ଓକାପି)

ଯାଇଛି ଯେ ଜଙ୍ଗଲ ଭିତରେ ବୁଲିଲାବେଳେ ଅଳ୍ପ ଦୂରରୁ ମଧ୍ୟ ତାକୁ ଦେଖିହେବ ନାହିଁ । ଜୀବ ବିଜ୍ଞାନୀମାନେ କହିଲେ ଏଇଟି ଗୋଟିଏ ଜିରାଫ ଜାତୀୟ ଜୀବ । ଜିରାଫ ତୁଳନାରେ ଏହାର ବେକ ଓ ଗୋଡ଼ ମୋଟ ମୋଟ । ତଳୁ କାନ୍ଧଟା ଦେଢ଼ମିଟର ବା ପାଞ୍ଚଫୁଟ ଉଚ୍ଚ । ମାଈଙ୍କ

"ବିଜ୍ଞ ଲୋକର ଲକ୍ଷଣ ହେଲା - ସେ ସବୁବେଳେ ମନକୁ ପ୍ରଫୁଲ୍ଲ ରଖେ ।"

--ମଣ୍ଟେନ

ଠାରୁ ଅଣ୍ଟିରା ଗୁଡ଼ିକ ଛୋଟ । ଏହାର ଛୁଆଟି ମାଆ ଗର୍ଭରେ ଚଉଦରୁ ପନ୍ଦର ମାସ ରହିଲା ପରେ ଯାଇ ଜନ୍ମ ହୁଏ । ଚମଡ଼ାରେ ହାତ ମାରିଲେ ବେଶ୍ ଚିକ୍କଣ ଲାଗେ । ରଙ୍ଗ ବାଦାମୀ ବା ନୀଳ ଲୋହିତ । ମୁହଁର ଦୁଇପାଖ ଟିକିଏ ନାଲିଆସିଆ । ଜଂଘ ଓ ପଛ ଗୋଡ଼ରେ କଳାଧଳା ପଟିସବୁ ରହିଛି । ଗୋଡ଼ର ତଳ ଅଂଶ ଧଳା, ଖୁରାଠାରୁ ଉପର ଅଂଶ କଳା । କାନ ବେଶ୍ ବଡ଼ ବଡ଼ । ଗଛ ପତ୍ରରୁ ଖାଦ୍ୟ ସଂଗ୍ରହ କରିବ ବୋଲି ତାକୁ ଗୋଟିଏ ଲମ୍ବ ଜିଭ ଦିଆ ଯାଇଛି ।

**ଓଜୋନ** : ସୂର୍ଯ୍ୟଙ୍କ ଠାରୁ ଯେଉଁ କିରଣ ପୃଥିବୀକୁ ଆସୁଛି ତାହା ଭିତରେ ପରାବାଇଗଣି ବା ଅଲଟ୍ରାଭାଓଲେଟ୍ ବୋଲି ଗୋଟିଏ ବିକିରଣ ଅଛି । ସେଥିରୁ ଯଦି କିଛି ବେଶୀ ମାତ୍ରାରେ ପୃଥିବୀକୁ ଆସିଯିବ ଜୀବଜଗତର ବହୁତ କିଛି କ୍ଷତି ହେବ । ତାକୁ ମଝିରେ ଅଟକାଇ ଅଟକାଇ ଛାଡ଼ିବାପାଇଁ ଗୋଟିଏ ପ୍ରକାରର ଗ୍ୟାସ୍‌ର ପତଳା ପରଦା ପୃଥିବୀ ଚାରିପଟେ ଘେରାଇ ଦିଆଯାଇଛି । ତାହାରି ନାମ ଓଜୋନ । ପୃଥିବୀ ଉପରେ ୧୦ରୁ ୫୦ କିଲୋମିଟର ଉଚ୍ଚରେ ବାୟୁମଣ୍ଡଳରେ ଏହି ଓଜୋନ୍ ବାଷ୍ପ ବେଶୀ ପରିମାଣରେ ରହିଛି ।

ଆଜି ପୃଥିବୀ ଉପରେ ଆମେ ଯେଉଁ ବାୟୁମଣ୍ଡଳ ଦେଖୁଛୁ ୬୦ କୋଟି ବର୍ଷ ତଳେ ତାହା ସେଭଳି ନଥିଲା । ସେତେବେଳେ ଓଜୋନ୍‌ର ଏମିତି ବ୍ୟବସ୍ଥା ନଥିଲା । ବିଜ୍ଞାନୀମାନେ କୁହନ୍ତି, ସେତେବେଳେ ମାଟି ଉପରେ କୌଣସି ବୃକ୍ଷଲତା ବା ଜୀବଜନ୍ତୁ ନଥିଲେ । ସମୁଦ୍ର ଗର୍ଭରେ ବହୁ ତଳେ ଯାଇ ଯାହା କିଛି ଥିଲା । ଆଲୋକ ଉପର ଅଂଶରେ ପାଣିରେ ପରାବାଇଗଣି ଭେଦିଯାଉଥିଲା । ପରେ ଅବସ୍ଥା ବଦଳିଗଲା । ଏବେ ମନୁଷ୍ୟ ଏଭଳି କେତେକ କାମ କରୁଛି ଯାହା ଫଳରେ ସେହି ଓଜୋନ ପରଦାରେ ଫାଙ୍କ ହୋଇଯାଉଛି । ଲୋକେ ତାହାର କୁଫଳ ଭୋଗୁଛନ୍ତି । କ'ଣ କଲେ ଓଜୋନ ବ୍ୟବସ୍ଥା ଉପରକୁ ଆଞ୍ଚ ଆସିବ ନାହିଁ ସେ ବିଷୟରେ ବିଜ୍ଞାନୀମାନେ ଚିନ୍ତା କରୁଛନ୍ତି ।

**ଓଟ** : ପ୍ରକୃତି ଗୋଟିଏ ଗୋଟିଏ ଜୀବଙ୍କର ଭାଗ୍ୟକୁ ବଦଳାଇ ଦେଉଛି । କାହାକୁ ଟେକି ଦେଉଛି ତ କାହାକୁ ପକାଇ ଦେଉଛି । ପ୍ରକୃତି ଯେତେବେଳେ ଦେଖିଲା ଯେ ଶହ ଶହ ମାଇଲ, ଏଭଳିକି ହଜାର ହଜାର ମାଇଲ ମରୁଭୂମି ରହିଛି, ଖରାରେ ସେ ବାଲି ତତି ଯାଉଛି, ତା ଉପର ଦେଇ ଯିବାର କୌଣସି ଉପାୟ ନାହିଁ,



(ଓଟ)

ସେତେବେଳେ ଓଟ ବୋଲି ଗୋଟିଏ ଜୀବ ତିଆରି କରିଦେଲା । ଶୁଖିଲା ତାତିଲା ମରୁଭୂମିର ବାଲିଉପରେ ଚାଲିବା ପାଇଁ ତାକୁ ଗୋଟିଏ ନୂଆ ରକମର ପାଦ ଦେଲା । ତା'ର ଗୋଡ଼ ଓ ବେକ ଲମ୍ବା ଲମ୍ବା । ଗୋଡ଼ରେ ଅଛି ଖୁରା । ତା ତଳ ଅଂଶଟା ନରମ ଏବଂ ଓସାରିଆ ।

---

"ଦାରିଦ୍ର୍ୟରୁ ମୁକ୍ତିପାଇବା ପାଇଁ ନିଶ୍ଚୟ ଉଦ୍ୟମ କର; କିନ୍ତୁ ତା ବୋଲି ପ୍ରାଚୁର୍ଯ୍ୟର ବିପଦ ଭିତରେକୁ ପଶିଯାଅ ନାହିଁ ।"

--ଜନ୍‌ସନ୍

ଏହିଭଳି ଓସାରିଆ ହୋଇଥିବାରୁ ବାଲି ଉପରେ ଚାଲିବା ସୁବିଧା ହୁଏ । ପିଠି ଉପରେ ରହିଛି କୁଜ । ତାରି ଭିତରେ ଚର୍ବି ଭରି ରହିଛି । ଯେତେବେଳେ ପାଣି ମିଳେ ନାହିଁ, ଖାଦ୍ୟ ନମିଳେ, ଏହାରି ଭିତରେ ସଞ୍ଚିତ ହୋଇ ରହିଥିବା ଚର୍ବି କାମରେ ଲାଗେ । ଚର୍ବିତକ ନେଇ ଦେହରେ ଗୋଟାଏ ଅଂଶରେ ଜମେଇ ଦେଇଥିବାରୁ କେତେ ଗୁଡ଼ିଏ ସୁବିଧା ହୁଏ । ସେ ତ ମରୁଭୂମି ଭିତରେ ଚାଲିବ । ବାଲି ଝଡ଼ ବେଳେ ଆଖିରେ ବାଲି ପଶିଯିବ - ସେହି ବିପଦରୁ ରକ୍ଷାପାଇବା ପାଇଁ ଦୁଇ ପରସ୍ତର ଭୂଲତା ଆଖିକୁ ଘୋଡ଼ାଇ ରଖୁଛି । କାନ କଣାରେ ମଧ୍ୟ ଲୋମ ଖଞ୍ଜି ଦିଆଯାଇଛି । ନାକ ପୁଡ଼ାକୁ ଦରକାର ବେଳେ ବନ୍ଦ କରିଦେବାର କୌଶଳ ମଧ୍ୟ ସେ ଶିଖିଛି । ସେ ବହୁ ଦୂରରୁ ଦେଖିପାରେ । ବାଲିରେ ବାରମ୍ବାର ଆଣ୍ଠେଇ ପଡ଼ିବା ଦରକାର ପଡ଼େ । ଛାତି ମଧ୍ୟ ସେତିକିବେଳେ ତଳକୁ ଲାଗିଯିବ । ଆଣ୍ଠୁରେ, ଛାତିରେ ଟାଣ ବ୍ୟାଟ୍ ବା ଗଦି ଖଞ୍ଜି ଦିଆଯାଇଛି । ତେଣୁ ଆଣ୍ଠେଇଲା ବେଳେ ସୁବିଧା ହୁଏ । ତା'ର ଓଠର ଚମଡ଼ାକୁ ଟାଣ କରି ଦିଆଯାଇଛି । ତେଣୁ ମରୁଭୂମିରେ ନାଗଫେଣିଆ ଭଳି ଯେଉଁ କଣ୍ଟା ଗଛ ଅଛି ତାକୁ ଓଟ ଖାଇପାରେ । ଅଳ୍ପ ପାଣି ପିଇଲେ ଓଟର ଗୁଜରାଣ ମେଣ୍ଟିଯାଏ । ଏହିଭଳି ଗୋଟିଏ ଜୀବ ସୃଷ୍ଟି ନ କରିଥିଲେ ମରୁଭୂମି ଅଞ୍ଚଳରେ ଲୋକେ ରହିପାରି ନ ଥାନ୍ତେ । ୨୦ ଦିନ ପର୍ଯ୍ୟନ୍ତ ପାଣି ନପିଇ ଓଟ ରହି ପାରୁଥିବାରୁ ବହୁଦୂରକୁ ସହଜରେ ଚାଲିଯାଏ । ଚାରି ଦିନରେ ୨୦୦ ମାଇଲ ବା ୩୨୦ କିଲୋମିଟରରୁ ଅଧିକ ଚାଲିଯାଏ । ମରୁଭୂମି ଭିତରେ ବାଟ ବାରି ଚାଲିବାର କୌଶଳ ତାକୁ ଜଣା ।

ବିଜ୍ଞାନ କିନ୍ତୁ ଉଡ଼ାଜାହାଜ ତିଆରି କରିଦେଲା । ମରୁଭୂମି ଭିତରେ ଟାଣରାସ୍ତା ତିଆରି କୌଶଳ ବାହାରିଲାରୁ ମଟର ଚାଲିଲା । ତେଣୁ ଓଟ ଉପରେ ମଣିଷ ଯେତିକି ନିର୍ଭର କରୁଥିଲା ସେତିକି ଆଉ ଦରକାର ପଡ଼ିଲାନାହିଁ । ଏହାକୁ କିନ୍ତୁ ଅନ୍ୟ କାମ ପାଇଁ ବ୍ୟବହାର କରାଯାଉଛି । ବର୍ଷକେ ପ୍ରାୟ ଅଢ଼େଇ କେ.ଜି. ଲୋମ ତା ଦେହରୁ ବାହାରେ । ସେଥିରେ ପୋଷାକ ତିଆରି ହୁଏ । ଭଲ ସାରବାନ୍ କ୍ଷୀର ଏହି ଜୀବ ଦିଏ । ଯେତେ ଉଡ଼ାଜାହାଜ କିମ୍ବା ମଟର ହେଲେ ମଧ୍ୟ ମରୁଭୂମିରେ ଯିବା ଆସିବା ପାଇଁ ଓଟ ଦରକାର ହେଉଛନ୍ତି । ଏକ କୁଜିଆ ଓ ଦୁଇ କୁଜିଆ ଓଟ ଅଛନ୍ତି ।

**ଓଡ଼ିଆ (ଭାଷା)** : ମଣିଷତ ମନର କଥା କହିବ । ସେଥିପାଇଁ ସେ ବହୁ ଭାବିଚିନ୍ତି ଗୋଟିଏ ଗୋଟିଏ ଶବ୍ଦ ସୃଷ୍ଟିକଲା । ସେହି ଶବ୍ଦଟିକୁ ଯେମିତି ଗୋଟିଏ ଅଞ୍ଚଳର ସମସ୍ତେ ଏକା ଅର୍ଥରେ ବୁଝିବେ ସେଥିପାଇଁ ଚେଷ୍ଟା ହେଲା । ଜଣେ କହିଲା ଏହାର ନାମ 'ପାଣି' । ସମସ୍ତେ ଜାଣିଲେ ଯେ ଯାହାକୁ ପିଉଛନ୍ତି ବା ସେହିଭଳି ଅନ୍ୟ କାମରେ ଲଗାଉଛନ୍ତି ତାହାର ନାମ ପାଣି । ତାହାର କେତେ କି.ମି. ଦୂରରେ ଜଣେ କହିଲା ଏହାର ନାମ 'ନୀରୁ' । ସେହି ଅଞ୍ଚଳର ଲୋକେ ସେହି ଶବ୍ଦଟିକୁ ଗ୍ରହଣ କରିଗଲେ । ନୀରୁକୁ ଯେ ଅନ୍ୟ ସ୍ଥାନରେ ପାଣି ବୋଲି କୁହାଯାଉଛି ସେ କଥା ସେମାନେ ଜାଣିପାରିଲେ ନାହିଁ । ଗୋଟିଏ ଦୂର ରାଇଜରେ ଏକ ଜିନିଷକୁ କୁହାଗଲା 'ୱାଟର୍' । ତା'ଠାରୁ ଟିକିଏ ଦୂରରେ ଦଳେ ଲୋକ କହିଲେ ଯାହାକୁ ଆମେ ପିଉଛୁ ତାହାର ନାମ 'ଆକୁଆ' । ଏହିଭଳି ହଜାର ହଜାର ଶବ୍ଦ ରହିଛି । ବହୁଲୋକ ବୁଝୁଥିବା ଗୋଟିଏ ଗୋଟିଏ ଶବ୍ଦ ବା କେତେ ଗୁଡ଼ିଏ ଶବ୍ଦକୁ ନେଇ ଯେତେବେଳେ ଲୋକେ ଚେଷ୍ଟାକଲେ ମନର କଥା କହିବା ପାଇଁ, ସେତେବେଳେ ସେମାନେ ଗୋଟିଏ

> "ଭଗବାନଙ୍କଠାରେ ଅଖଣ୍ଡ ବିଶ୍ୱାସରୁ ଯେଉଁ ସୁଖ ମିଳେ, ସେ ସୁଖ ଅନ୍ୟ କେଉଁଠି ନାହିଁ ।"
>
> --ଲାଭେଟର

ଖାସ୍ ଭାଷାରେ କଥାବାର୍ତ୍ତା କରୁଛନ୍ତି ବୋଲି କୁହାଗଲା । ପାହାଡ଼, ପର୍ବତ, ନଦୀ, ସମୁଦ୍ର, ପୃଥିବୀଟାକୁ ଗୋଟିଏ ଗୋଟିଏ ଅଞ୍ଚଳରେ ଭାଗଭାଗ କଲାଭଳି କରି ଦେଇଛି । ତେଣୁ ଶହ ଶହ, ଏପରିକି ହଜାର ହଜାର ଭାଷା ଜନ୍ମ ନେଇଛି ।

ଓଡ଼ିଆ ହେଉଛି ଗୋଟିଏ ଭାଷା । ଏହି ଭାଷାଟି ଆଜିର ରୂପ ନେବା ପାଇଁ କେତେ ଶହ ବର୍ଷ ଲାଗିଗଲା । କାରଣ ହଜାର ହଜାର ଶବ୍ଦକୁ ଠିକ୍ ଭାବରେ ବ୍ୟବହାର କରିବା ପାଇଁ ସମୟ ଲାଗିଲା । ସାରଳା ଦାସ ଯେତେବେଳେ ଓଡ଼ିଆରେ ମହାଭାରତ ଲେଖିଲେ ସେତେବେଳେ କୁହାଗଲା - ଓଡ଼ିଆ ଗୋଟିଏ ସମର୍ଥ ଭାଷା, ଭାବ ପ୍ରକାଶ କଲାଭଳି ଭାଷା ବା ଉନ୍ନତ ଭାଷା । ତାଙ୍କ ମହାଭାରତ ହେଉଛି ଆଜିକାଲିର ଓଡ଼ିଆ ଭାଷାର ମୂଳ ଢାଞ୍ଚା । ଏବେ ମଧ୍ୟ କୁହାଯାଉଛି ଯେ ସେ ହେଉଛନ୍ତି ଓଡ଼ିଆ ଭାଷା ଓ ସାହିତ୍ୟର ପ୍ରତିଷ୍ଠାତା । ପ୍ରାୟ ସେହି ଯୁଗରେ ଜଗନ୍ନାଥ ଦାସ ଲେଖିଲେ ଭାଗବତ ଓ ବଳରାମ ଦାସ ଲେଖିଲେ ରାମାୟଣ ।

ଭାଷା କ୍ରମେ କ୍ରମେ ମଜବୁତ ହୁଏ । ଅନ୍ୟ ଭାଷାରୁ ନୂଆ ନୂଆ ଶବ୍ଦ ଆଣି ଗୋଟିଏ ଗୋଟିଏ ଭାଷା ନିଜର ଯୋଗ୍ୟତା ବଢ଼ାନ୍ତି । ସେଭଳି କରିବାରେ କିଛି ଭୁଲ ନାହିଁ । ବହୁ ସଂଖ୍ୟକ ବହି ଲେଖାହେଲେ ଯାଇ ଭାଷାଟା ଘସି ମାଜି ହୋଇ ନିଜ ଭିତରେ ବଳ ସଂଗ୍ରହ କରେ । ସାରଳା ଦାସଙ୍କ ଯୁଗରୁ ସେହିଭଳି ହୋଇଆସୁଛି । ମଝିରେ କିନ୍ତୁ ଗୋଟାଏ ଅସୁବିଧା ହୋଇଗଲା । ଓଡ଼ିଶା ପରାଧୀନ ହେଲା । ଜ୍ଞାନବିଜ୍ଞାନର ବହୁକଥା ଇଂରାଜୀରେ କୁହାଗଲା । ଓଡ଼ିଆ ଭାଷାରେ ବେଶୀ ସଂଖ୍ୟାରେ ବହିପତ୍ର ଲେଖା ହେଲାନାହିଁ । କିନ୍ତୁ ଅଳ୍ପ କେତେଜଣ ଓଡ଼ିଆରେ ଲେଖୁଥା'ନ୍ତି । ଏହି ଭାଷାର ଶବ୍ଦ ଗୁଡ଼ିକୁ ସଜାଇ କେତୋଟି ଅଭିଧାନ ତିଆରି କରିଦିଆଗଲା । ସେହି ଅଭିଧାନଗୁଡ଼ିକର ପୃଷ୍ଠା ଓଲଟାଇଲେ ଅଜଣା ବା କଠିନ ଶବ୍ଦର ଅର୍ଥ ବୁଝି ହେବ - ତାହା ସଙ୍ଗେ ସଙ୍ଗେ ଜାଣିହେବ କେଉଁ କେଉଁ ଖାସ୍ ଶବ୍ଦ ଓଡ଼ିଆ ଭାଷାରେ ନଥିବାରୁ ନାନା ବିଷୟରେ ବହିପତ୍ର ଲେଖିବାରେ ଅସୁବିଧା ହେଉଛି । ପଣ୍ଡିତ ଗୋପୀନାଥ ନନ୍ଦ ଖଣ୍ଡିଏ ଭଲ ଅଭିଧାନ ଲେଖିଦେଲେ । ତାଙ୍କ ପରେ ଗୋପାଳ ଚନ୍ଦ୍ର ପ୍ରହରାଜ ଆହୁରି ଗୋଟିଏ ବଡ଼ ଅଭିଧାନ କରିଦେଲେ । ସେମାନେ ଓଡ଼ିଆ ଭାଷାର ଲେଖକ ମାନଙ୍କୁ ଏହା ଦ୍ୱାରା ବହୁତ କିଛି ସାହାଯ୍ୟ କଲେ । ଗଲା ପ୍ରାୟ ପଚାଶ ବର୍ଷ ଭିତରେ ବହୁ ଯୋଗ୍ୟ ଓଡ଼ିଆ ଚେଷ୍ଟା ଚଳାଇଛନ୍ତି ଅଧିକରୁ ଅଧିକ ନୂଆ ଶବ୍ଦ ଆଣି ଓଡ଼ିଆରେ ଲେଖିଲା ବେଳେ ବ୍ୟବହାର କରିବା ପାଇଁ । କେତେ ହଜାର ନୂଆ ଶବ୍ଦ ଏହି ଭାଷା ଭିତରକୁ ଆସିଗଲାଣି ।

କିନ୍ତୁ ଭାରତର ବହୁ ଭାଷା ଇଂରାଜୀ ବା ରୁଷୀୟ ଭାଷା ସହିତ ସମକକ୍ଷ ହୋଇପାରୁ ନାହାନ୍ତି । ଇଂରାଜୀ ଭାଷାରେ ପାଞ୍ଚ ଲକ୍ଷ ଶବ୍ଦ ଥିଲାବେଳେ ଓଡ଼ିଆ ଭାଷାରେ ଖୁବ୍ ବେଶୀରେ ଏକ ଲକ୍ଷ ଶବ୍ଦ ଅଛି । ଅନେକ ନୂଆକଥା ବାହାରୁଛି, ନୂଆ କାମ ସବୁ ହେଉଛି । ସେସବୁ ବିଷୟରେ ଲେଖିଲାବେଳେ ନୂଆ ନୂଆ ଶବ୍ଦ ଦରକାର ହେଉଛି । ଅନ୍ୟ ଭାଷାରୁ ସେଗୁଡ଼ିକ ଆଣିବାକୁ ପଡୁଛି ବା ଅନ୍ୟ ଗୋଟିଏ ଶବ୍ଦର ଅର୍ଥ ଯାହା ହେବା ଦରକାର ଓଡ଼ିଆରେ ତାହା କରାଯାଇ ଅସୁବିଧା ଦୂର କରାଯାଉଛି । ଓଡ଼ିଆ ଭାଷା ସରଳ । ତାହାର ବ୍ୟାକରଣ ମଧ୍ୟ ସରଳ । ଗୋଟିଏ ନୂଆ ଶବ୍ଦକୁ ଆଦରିଯିବା ଭଳି ମନ ଓଡ଼ିଆ ମାନଙ୍କର ଅଛି । ତେଣୁ ପ୍ରତିଦିନ ଏହି ଭାଷାରେ ନୂଆ ନୂଆ ଶବ୍ଦ ସୃଷ୍ଟି ହେଉଛି କିମ୍ବା ନୂଆ ନୂଆ ଶବ୍ଦକୁ ଆଦରି ନିଆଯାଉଛି । ଦିନେ ଇଂରେଜମାନେ ଏହିଭଳି କରିଥିଲେ ଓ ଏବେ ମଧ୍ୟ କରୁଛନ୍ତି । ସେହି ଭାଷା ଆଗେଇ ଚାଲିଛି ।

---

"ମନୁଷ୍ୟ ତ ଭୁଲ କରିବ, କିନ୍ତୁ ସେ ଭୁଲକୁ ଜାଣି ନ ପାରିବା ହେଉଛି ଅମନୁଷ୍ୟତା ।"

--ଲଙ୍ଗ୍‌ଫେଲୋ

୨୦୦୦ ଖ୍ରୀଷ୍ଟାବ୍ଦ ଆସିବା ପୂର୍ବରୁ କେତେଜଣ ଓଡ଼ିଆ ବାହାରି କହିଲେଣି - ଏମିତି କୌଣସି କଥା ନାହିଁ ଯାହାକୁ କି ଓଡ଼ିଆରେ ଲେଖି ହେବନାହିଁ ବା ବୁଝାଇ ହେବ ନାହିଁ । ସେମାନେ ମଣିଷ ଜ୍ଞାନର ସବୁ ବିଭାଗର ଅସଲ ଅସଲ କଥା ଏହି ଭାଷାରେ ଲେଖି ଯାଉଛନ୍ତି । ସେ ଦିଗରେ କିଛି ସଫଳତା ହାସଲ କଲେଣି ଓ ଯାହା ଅନୁମାନ କରାଯାଉଛି ଆଉ ଦଶ ପନ୍ଦର ବର୍ଷ ଭିତରେ ଓଡ଼ିଆ ଭାଷା ଏଭଳି ଗୋଟିଏ ସ୍ଥାନରେ ପହଞ୍ଚିଥିବ ଯେ ଭାରତର ପ୍ରତ୍ୟେକ ଭାଷା ତାକୁ ଭାଷା ଦରବାରରେ ଉଚ୍ଚ ଆସନ ଦେଉଥିବେ । ସବୁକଥା ନିର୍ଭର କରୁଛି ଓଡ଼ିଆମାନେ କେତେ ଦୂରକୁ ଆଗଭର ହୋଇ ପରୀକ୍ଷା ସ୍ୱରୂପ ସବୁ ବିଷୟ ଉପରେ ବହି ଲେଖିବେ ।

**ଓଡ଼ିଆ ସାହିତ୍ୟ :** କେତେ ହଜାର ଶବ୍ଦକୁ ନିଜ କୋଳରେ ଧରି ଗୋଟିଏ ଭାଷା ଯେତେବେଳେ ସୃଷ୍ଟିହୁଏ ସେତେବେଳେ ଲୋକେ ତାକୁ ସ୍ୱୀକାର କରିଯା'ନ୍ତି । ଶବ୍ଦଗୁଡ଼ିକ ଯୋଡ଼ିବାରେ କେତେ ଗୁଡ଼ିଏ ନିୟମ ବାନ୍ଧିଦିଆଯାଏ । ସେହି ନିୟମକୁ ମାନି ବାକ୍ୟ ସୃଷ୍ଟିହୁଏ । ତେଣିକି ମୋଟାମୋଟି ଭାବରେ ଏଇଟି ହିନ୍ଦୀ, ସେଇଟି ବଂଗଳା ବା ଏଇଟି ଓଡ଼ିଆ ବୋଲି ଦେଶର ଗ୍ରହିଆଡ଼େ ଓ ଦେଶ ବାହାରେ ଲୋକେ ମାନି ନିଅନ୍ତି । ସେହି ଭାଷା ଜରିଆରେ ଗୋଟାଏ ଗୋଟାଏ ଅଞ୍ଚଳରେ ଲୋକେ ନିଜ ଭିତରେ ଭାବ ଦିଆନିଆ କରନ୍ତି ।

ଏହିଭଳି କେତେଶହ ବର୍ଷ ବିତିଗଲା ପରେ, ସ୍ଥିରିଗଲାପରେ, ଲୋକେ ଚେଷ୍ଟା କରନ୍ତି ଗୋଟିଏ ଗୋଟିଏ କଥାକୁ ସୁନ୍ଦର ଭାବରେ ଲୋକଙ୍କ ଆଗରେ ରଖିବା ପାଇଁ । ସେତେବେଳେ କୁହାଯାଏ, ସେମାନେ ସାହିତ୍ୟ ସୃଷ୍ଟିକଲେ । ଯେତେବେଳେ ସେମିତି କରିବାର ଉଦ୍ୟମ ହୁଏ ସେତେବେଳେ ଯୋଗକୁ କେତେକ ଲୋକଙ୍କ କଣ୍ଠରେ ସତେ ଯେପରିକି ସରସ୍ୱତୀ ବିଜେ କରିଯା'ନ୍ତି । ସେମାନେ ଗୀତରେ ବା ଗଦ୍ୟରେ ଯାହାସବୁ ଲେଖନ୍ତି ତାକୁ ଲୋକେ ଆନନ୍ଦର ସହିତ ଶୁଣନ୍ତି । ଶୁଣିବାକୁ ଭଲ ଲାଗିଲେ ଲୋକଙ୍କ ମୁଣ୍ଡରେ ସେସବୁ କଥା ଲାଖିଯାଏ । ଯେଉଁମାନେ ଗୀତ ବା ପଦ୍ୟରେ ଲେଖନ୍ତି ସେମାନଙ୍କୁ କବି ଓ ଯେଉଁମାନେ କଥା କହିଲା ଭାଷାରେ ବା ଗଦ୍ୟରେ ଲେଖିଯା'ନ୍ତି ସେମାନଙ୍କୁ ଲେଖକ ବା ସାହିତ୍ୟିକ ବୋଲି କୁହାଯାଏ ।

ପ୍ରାୟ ୭୦୦ ବର୍ଷ ପୂର୍ବେ ଓଡ଼ିଆ ଭାଷାର ରୂପ ଟିକିଏ ଟିକିଏ ବଦଳିବା ଆରମ୍ଭ କଲା । କେବଳ ସାଧାରଣ ଭାବରେ ନିଜ ନିଜ ଭିତରେ କଥାବାର୍ତ୍ତା କରିବାରେ ସନ୍ତୁଷ୍ଟ ନରହି କିଭଳି ଭଲ ଭଲ ଲେଖା ବାହାରୁଛି ତାହା ଜାଣିବାକୁ ଲୋକେ ମନକଲେ । ମନ ଯେତେ ଡାକିଲେ ମଧ୍ୟ ହୁ କରି ଗୁଡ଼ାଏ କବିତା ବା ଲେଖା ପ୍ରକାଶ ପାଇଯାଏ ନାହିଁ । ଭଲ ଭାବରେ ଲକ୍ଷ୍ୟକରି ପଣ୍ଡିତମାନେ କହୁଛନ୍ତି ଯେ ପାଞ୍ଚଶହ ଛ'ଶହ ବର୍ଷ ପୂର୍ବେ ସାରଳା ଦାସ ବୋଲି ଜଣେ ବାହାରିଲେ । ସେ ମହାଭାରତକୁ ଓଡ଼ିଆରେ ଲେଖିଦେଲେ । ପୂର୍ବରୁ ସଂସ୍କୃତରେ ଲେଖାଯାଇଥିବାରୁ ବହୁ ଲୋକ ବୁଝିପାରୁ ନଥିଲେ । ସାରଳା ଦାସଙ୍କ ମହାଭାରତ ସମସ୍ତଙ୍କ ମନକୁ ଛୁଇଁଲା । ସଂସ୍କୃତ ମହାଭାରତରେ ଯାହାସବୁ ଅଛି ସେସବୁକୁ ପ୍ରାୟ ନିଖୁଣ ରଖି ସେ ଓଡ଼ିଶାର ସ୍ଥାନିକଳନ ଇତ୍ୟାଦି ବିଷୟ ତା ଭିତରେ ମଝିରେ ମଝିରେ ଯୋଡ଼ିଦେଲେ । ତେଣୁ ତାହା ଆହୁରି ସୁନ୍ଦର ହୋଇଗଲା । ଆଉ ଶହେବର୍ଷ ପରେ ଷୋଡ଼ଶ ଶତାବ୍ଦୀରେ ପାଞ୍ଚ ଜଣ ଲୋକ ବାହାରିଲେ । ସେମାନଙ୍କର ନାମ ହେଲା ବଳରାମ, ଜଗନ୍ନାଥ, ଅଚ୍ୟୁତାନନ୍ଦ, ଅନନ୍ତ ଏବଂ ଯଶୋବନ୍ତ । ସାରଳା ଦାସ ମହାଭାରତ ଲେଖିଲା ପରି ବଳରାମ ଦାସ ଓଡ଼ିଆ ଭାଷାରେ ରାମାୟଣ ଲେଖିଦେଲେ । ସଂସ୍କୃତ ଭାଗବତକୁ

''ବିନୟ ହେଉଛି ଯେ କୌଣସି ଧର୍ମର ମୂଳ ତତ୍ତ୍ୱ ।''

--ଗେଟେ

ଓଡ଼ିଆ ଛାଞ୍ଚରେ ପକାଇ ଜଗନ୍ନାଥ ଦାସ ଓଡ଼ିଆ ଭାଗବତ ଲେଖିଦେଲେ । ଅଚ୍ୟୁତାନନ୍ଦ, ଅନନ୍ତ ଓ ଯଶୋବନ୍ତ ମଧ୍ୟ ସେହି ଦିଗରେ କିଛି କିଛି କରିଗଲେ । ସେମାନଙ୍କ ଲେଖାର ପ୍ରଭାବ ଓଡ଼ିଆ ମାନଙ୍କ ଉପରେ ଅତିମାତ୍ରାରେ ପଡ଼ିଲା । ପ୍ରାୟ ପ୍ରତି ବଡ଼ ଗାଁରେ ଭାଗବତ ଟୁଙ୍ଗୀମାନ ବସିଗଲା । ବହୁଲୋକ ଏକାଠି ହୋଇ ଭାଗବତ ଶୁଣିଲେ । ରାମାୟଣ ବେଳକୁ ମଧ୍ୟ ସେଇଆ ହେଲା । ଜଗନ୍ନାଥ ଦାସ **ନଅ** ଅକ୍ଷରର ଛନ୍ଦରେ ଭାଗବତ ଲେଖିଥିବାରୁ ପଢ଼ିବାକୁ ସହଜ ହେଲା, ବୁଝିବାକୁ ମଧ୍ୟ ସହଜ ହେଲା । ଗାଁର ସାଧାରଣ ଲୋକେ ମଧ୍ୟ ନଅ-ଅକ୍ଷର ଛନ୍ଦରେ ଧର୍ମ ପୁରାଣର କିଛି କିଛି କଥା ଲେଖି ଦିଅନ୍ତି ।

ସପ୍ତଦଶ ବା ଅଷ୍ଟାଦଶ ଶତାବ୍ଦୀ ବେଳକୁ ବାହାରି ପଡ଼ିଲେ ଉପେନ୍ଦ୍ରଭଞ୍ଜ । ସେ ନାନା ଛଳରେ ଏଭଳି ଭାବରେ ଲେଖିଲେ ଯେ ସବୁ ଶ୍ରେଣୀର ଲୋକଙ୍କ ମନକୁ ପାଇଲା, ସୁନ୍ଦର ଶୁଣାଗଲା, ଲୋକେ ତାକୁ ସବୁ ଚମତ୍କାର ସ୍ୱରରେ ଗାଇଲେ । "ଭଞ୍ଜ ସାହିତ୍ୟ" ବୋଲି ଗୋଟିଏ କଥା ସମସ୍ତଙ୍କ ମୁହଁରେ ଶୁଣାଗଲା । ଅଭିମନ୍ୟୁ, ଦୀନକୃଷ୍ଣ, ଭକ୍ତଚରଣ, ଉପେନ୍ଦ୍ରଭଞ୍ଜଙ୍କ ସମକକ୍ଷ ହେଲାଭଳି କାବ୍ୟସବୁ ଲେଖିଲେ । ଟିକିଏ ପରେ କବିସୂର୍ଯ୍ୟ ବଳଦେବ ରଥ, ଗୋପାଳକୃଷ୍ଣ ପଟ୍ଟନାୟକ, ବନମାଳୀ ଦାସ ଓ ବ୍ରଜନାଥ ବଡ଼ଜେନା ପ୍ରଭୃତିଙ୍କ ନାମ ଘୁରିଆଡ଼େ ଶୁଣାଗଲା ।

୧୮୦୩ରେ ଓଡ଼ିଶା ହେଲା ପରାଧୀନ । କିନ୍ତୁ ଓଡ଼ିଆ ସାହିତ୍ୟ ଥକିଯାଇ ବସିଗଲା ନାହିଁ । ତାହା ଧୀରେ ଧୀରେ ଆଗେଇ ଗ୍ଲିଲା । ଭୀମଭୋଇଙ୍କ ଭଜନ ଲୋକମାନଙ୍କ ମନକୁ ଖୁବ୍ ପାଇଲା । ଯଦୁମଣିଙ୍କ ହସ କବିତା ବିଷୟରେ ଆଲୋଚନା ହେଲାବେଳେ ଲୋକେ ଖୁବ୍ ଖୁସିହେଲେ । ଏଇଟି ହେଉଛି ଊନବିଂଶ ଶତାବ୍ଦୀର କଥା । ଅଧାଅଧି ବେଳକୁ ରାଧାନାଥ, ମଧୁସୂଦନ, ଫକୀର ମୋହନ କଲମ ଚଳାଇଲେ । ଫକୀର ମୋହନଙ୍କ ଉପନ୍ୟାସ, ମଧୁସୂଦନଙ୍କ ଭକ୍ତିରସ ଲେଖା ଲୋକଙ୍କ ମନକୁ ପାଇଲା । ଓଡ଼ିଆ ଜାତି ଦିନେ କେତେ ବଡ଼ ଥିଲା ତାହା ସେମାନେ ଲୋକଙ୍କର ମନେ ପକାଇଦେଲେ ଓ ଏହି ଜାତି ଦିନେ ଯେ ବଡ଼ - ଏକଥା ବିଶ୍ୱାସ କର ବୋଲି ଲୋକଙ୍କୁ କହିଲେ । ଗୋପବନ୍ଧୁ ଦାସ, ଗଙ୍ଗାଧର ମେହେର, ନନ୍ଦକିଶୋର ବଳ ଓ କୁନ୍ତଳା କୁମାରୀ ସାବତଙ୍କ କଲମରୁ ଯାହାସବୁ ଝରିଲା ତାହା ଲୋକଙ୍କ ମନର ସରସତା ବଢ଼ାଇବା ସଙ୍ଗେ ସଙ୍ଗେ ସେମାନଙ୍କୁ ଭଲ କଥା ସବୁ ଶିକ୍ଷା ଦେଲା । ସରସ ଲେଖାରେ ଫକୀର ମୋହନ ସମସ୍ତଙ୍କୁ ଟପିଯାଇଥିଲେ । ଗୋପାଳଚନ୍ଦ୍ର ପ୍ରହରାଜ ସେହିଭଳି ରସରସିଆ କଥାସବୁ ଭିନ୍ନ ଭାବରେ ଲେଖିଥିଲେ । ମାୟାଧର ମାନସିଂହ, କାଳିନ୍ଦୀଚରଣ ପାଣିଗ୍ରାହୀ, ବୈକୁଣ୍ଠନାଥ ପଟ୍ଟନାୟକ, ଅନନ୍ତ ପଟ୍ଟନାୟକ, ସଚ୍ଚିଦାନନ୍ଦ ରାଉତରାୟ ଓ ରାଧାମୋହନ ଗଡ଼ନାୟକଙ୍କ ଉପରେ ସମସ୍ତଙ୍କର ଦୃଷ୍ଟି ଯାଇ ପଡ଼ିଲା । ଜାତୀୟକବି ବୀରକିଶୋର, ବାଞ୍ଛାନିଧି ମହାନ୍ତି, ରଘୁନାଥ ମହାନ୍ତି ଏବଂ ଗୋପବନ୍ଧୁଙ୍କ କଲମରୁ ଯେଉଁସବୁ ସମର-ସଙ୍ଗୀତ ବାହାରିଲା ତାହା ଓଡ଼ିଶାର ମୁକ୍ତି ଆନ୍ଦୋଳନକୁ ବହୁତ କିଛି ତେଜାଇ ଦେଲା । ନାଟକ ଲେଖକ ଭାବରେ ରାମଶଙ୍କର ରାୟ, ଜଗମୋହନ ଲାଲା, ଅଶ୍ୱିନୀ କୁମାର ଘୋଷ ଓ କାଳୀଚରଣ ପଟ୍ଟନାୟକ; ଶିଶୁ ସାହିତ୍ୟରେ ରାମକୃଷ୍ଣ ନନ୍ଦ, ଉପେନ୍ଦ୍ର ତ୍ରିପାଠୀ ଓ ଉଦୟନାଥ ଷଡ଼ଙ୍ଗୀ; ସାହିତ୍ୟ ସମାଲୋଚନାରେ ପଣ୍ଡିତ ବିନାୟକ ମିଶ୍ର, ପଣ୍ଡିତ ମୃତ୍ୟୁଞ୍ଜୟ ରଥ, ଆର୍ତ୍ତବଲ୍ଲଭ ମହାନ୍ତି ଓ ପଣ୍ଡିତ ସୂର୍ଯ୍ୟନାରାୟଣ ଦାସ; ଉପନ୍ୟାସ କ୍ଷେତ୍ରରେ କାହ୍ନୁଚରଣ ମହାନ୍ତି, ଗୋପୀନାଥ ମହାନ୍ତି, ନିତ୍ୟାନନ୍ଦ ମହାପାତ୍ର ଓ ସୁରେନ୍ଦ୍ର ମହାନ୍ତିଙ୍କ ଭଳି ବହୁ ବିଶିଷ୍ଟ ଲେଖକ ସୁନାମ ଅର୍ଜନ କଲେ ।

---

"ଭଲଭାବରେ କଥା କହିବାଟା ସୁନ୍ଦର ଚିତ୍ର ଆଙ୍କିବା ସଙ୍ଗେ ସମାନ ।"

--ବୋର୍ଣ୍ଣ

ଏହିଠାରେ ତୁଇଟି କଥା କହିଦେଲେ ଭଲ । କେତେଜଣ ପ୍ରସିଦ୍ଧ ଓଡ଼ିଆ ସଂସ୍କୃତ ଭାଷାର ସାହିତ୍ୟ ସୃଷ୍ଟିକରି ସମଗ୍ର ଦେଶରେ ପ୍ରଶଂସା ପାଇଲେ । ସଂସ୍କୃତ ସାହିତ୍ୟର ଦାନ ଓଡ଼ିଆ ଭାଷା ପାଇଁ ବହୁତ ବେଶୀଥିଲେ ମଧ୍ୟ ଓଡ଼ିଆ ମାନେ ବିଶ୍ୱ ସଂସ୍କୃତ ସାହିତ୍ୟକୁ କିଛି କିଛି ଦାନ କରିଛନ୍ତି ବୋଲି ଦେଶରେ ବୁହାଗଲା ।

ସାହିତ୍ୟ କହିଲେ କେବଳ ମନ ଖୁସି କରିବା ଭଳି ରଚନାକୁ ବୁଝାଏ ନାହିଁ । କେବଳ ଶାସ୍ତ୍ର ପୁରାଣର କଥାକୁ ଭଲ ଭାବରେ ପ୍ରକାଶ କଲେ ଗୋଟାଏ ଭାଷା କ୍ରମେ ବଳ ସଂଗ୍ରହ କରୁଛି ବୋଲି କୁହାଯାଏ ନାହିଁ । ମଣିଷ ଜାତି ଯେଉଁସବୁ ନୂଆ ନୂଆ ଜ୍ଞାନ ହାସଲ କରୁଛି ତାହାର ପରିଚୟ ଦେଲେ ଯାଇ ସାହିତ୍ୟ ପୂର୍ଣ୍ଣରୂପ ନେଉଛି ବୋଲି କୁହାଯାଏ । ଓଡ଼ିଆ ଭାଷାରେ ବିଜ୍ଞାନ, ଅର୍ଥନୀତି, ରାଜନୀତି ବିଜ୍ଞାନ ଉପରେ ଏହି ବିଂଶ ଶତାବ୍ଦୀର ମଝି ଭାଗ ପରେ ପୁସ୍ତକ ସବୁ ପ୍ରକାଶ ପାଇଲା, ପ୍ରବନ୍ଧ ସବୁ ଲେଖାହେଲା ।

ଶେଷରେ ଅନୁଭୂତିରୁ ଦେଖାଗଲା ଯେ ଭିନ୍ନ ଭିନ୍ନ ଭାବରେ ମଣିଷର ଜ୍ଞାନ ବିଷୟରେ ଯେତେ ଯାହା ଲେଖିଲେ ମଧ୍ୟ ଗୋଟିଏ ବୃହତ ବହି ସେଟ୍ ସବୁ ବିଦ୍ୟାକୁ ଊଣାଅଧିକ ନିଜ କୋଳରେ ସ୍ଥାନ ଦେଇ ପ୍ରକାଶ ପାଇବା ଦରକାର । ସେଭଳି ପୁସ୍ତକର ନାମ ବିଶ୍ୱକୋଷ ବା ଏନ୍‌ସାଇକ୍ଲୋପିଡିଆ । ଓଡ଼ିଆ ଭାଷାରେ ସେଭଳି ବହି ସେଟ୍ ପ୍ରକାଶ କରିବା ପାଇଁ ୰ବିନୋଦ କାନୁନ୍‌ଗୋ ସଫଳ ଉଦ୍ୟମ କରିଛନ୍ତି । ଏବେ ପ୍ରସିଦ୍ଧ ଜ୍ଞାନମଣ୍ଡଳ ଫାଉଣ୍ଡେସନ ତଥା ଜାତୀୟ ବିଶ୍ୱକୋଷ କେନ୍ଦ୍ର ତାଙ୍କର ଏହି କାମକୁ ସ୍ଥାୟୀ ଭାବରେ ପରିଚାଳନା କରୁଛି । ଉପରେ ଯେଉଁମାନଙ୍କ ନାମ କୁହାଗଲା ସେମାନଙ୍କ ବ୍ୟତୀତ ଆହୁରି ଅନେକ ଓଡ଼ିଆ ଲେଖକ ଓ କବି ଗଲା ପଚାଶ ବର୍ଷ ଭିତରେ ନିଜର କଲମ ଚଳାଇଛନ୍ତି ।

**ଓଡିନ୍ :** ଇଉରୋପ ମହାଦେଶର ଉତ୍ତର ଅଂଶରେ ଓଡିନ୍ ଦେବତାଙ୍କ ବିଷୟରେ ବହୁତ କିଛି ଶୁଣାଯାଏ । ସେହି ମହାଦେଶର ସାହିତ୍ୟରେ ଏହାଙ୍କ ବିଷୟରେ ଏତେ କଥାସବୁ ଲେଖାଯାଇଛି ଯେ ତାଙ୍କ ବିଷୟରେ ଗୋଟାଏ ଧାରଣା କରିବା ସହଜ ହୁଏନାହିଁ । ଭିନ୍ନ ଭିନ୍ନ ପୁସ୍ତକରେ ଲେଖାଯାଇଛି - ସେ ଯୁଦ୍ଧର ଦେବତା, ସେ ହେଉଛନ୍ତି କବିମାନଙ୍କର ଦେବତା, ଦେବତା ମାନଙ୍କ ଭିତରେ ସେ ଥିଲେ ଶ୍ରେଷ୍ଠ ଯାଦୁକର ବା ମେଜିକ୍ ଦେଖାଇଲାବାଲା । ଅନ୍ଧାର ରାତିରେ ବତାସ ବହୁଥିଲାବେଳେ ଓଡିନ୍ ଦେବତା ପ୍ରବଳ ବେଗରେ ଘୋଡ଼ା ପିଠିରେ ବସି ଧାଇଁ ଯାଉଥା'ନ୍ତି । ତାଙ୍କଠାରେ ଏଭଳି ଗୋଟାଏ ଶକ୍ତିଥିଲା ଯେ ସେ ଯେଉଁ ରୂପ ଇଚ୍ଛା କରିବେ, ସେଇ ରୂପ ଧରିନେବେ ।

**ଓଡ଼ିଶା :** କୌଣସି ଗୋଟିଏ ଦେଶ ବିଷୟରେ ଆଲୋଚନା କଲାବେଳେ ପ୍ରଥମେ କଥା ପଡ଼େ, ସେଇଟି କେତେବଡ଼ ଓ ତା'ର ଲୋକସଂଖ୍ୟା କେତେ । ଏହି ହିସାବଟା ଦେଖୁ ଦେଖୁ ହୁଏତ କହିଦିଆଯାଏ ଏଇଟି ଏତେ ଛୋଟ ଦେଶ, ଏଥିରେ କେବଳ ଏତିକି ଲୋକ ଅଛନ୍ତି - ତେଣୁ ଏହାର ଭବିଷ୍ୟତ ଖୁବ୍ ଉଜ୍ଜ୍ୱଳ ଏକଥା କେମିତି ବା କୁହାଯିବ ? କିନ୍ତୁ ହଠାତ୍ ଗୋଟାଏ ମତ ପ୍ରକାଶ କରିଦେବାରେ ବିପଦ ଅଛି । ଓଡ଼ିଶା କଥାଟିକୁ ବିସ୍ତାରକୁ ନିଆଯାଉ । ପୃଥିବୀର ଗୋଟାଏ ବଡ଼ ମାନଚିତ୍ର ଉପରେ ଆଖି ପକାଇଦେଲେ ଜଣାପଡ଼ିଯିବ, ଏ ପୃଥିବୀର ପ୍ରାୟ ୧୬୦ ଗୋଟି ସ୍ୱାଧୀନ ଦେଶ ଭିତରୁ ୪୬ଟି ହେଉଛନ୍ତି ଓଡ଼ିଶା ଠାରୁ କ୍ଷେତ୍ରଫଳ ଦୃଷ୍ଟିରୁ ଛୋଟ । ଗ୍ରୀସ୍, ଡେନ୍‌ମାର୍କ, ପର୍ତ୍ତୁଗାଲ, ବେଲ୍‌ଜିୟମ୍, ହଲାଣ୍ଡ, ବୁଲ୍‌ଗେରିଆ ଓ

"ମନୁଷ୍ୟଠାରେ ଗୋଟିଏ ବିଷ ଅଛି - ତାର ନାମ ଅକୃତଜ୍ଞତା ।"

--ସିଡ୍‌ନୀ

ଚେକୋସ୍ଲୋଭାକିଆ ଓଡ଼ିଶା ଠାରୁ ସାନ । କିନ୍ତୁ ସେହିସବୁ ଦେଶ ଅତୀତରେ କେତେ ଉନ୍ନତି କରିଛନ୍ତି ଓ ବର୍ତ୍ତମାନ ମଧ୍ୟ କରୁଛନ୍ତି, ତାହା ଲକ୍ଷ୍ୟ କଲେ ଓଡ଼ିଶା ଯେ ଦିନେ ସେଗୁଡ଼ିକୁ ଟପିଯିବ ବା ସେମାନଙ୍କ ସମକକ୍ଷ ହୋଇଯିବ, ଏଥିରେ ସନ୍ଦେହ ନାହିଁ - ଏହିଭଳି କୁହାଯାଇପାରେ ।

ଇଏତ ଗଲା କ୍ଷେତ୍ରଫଳ କଥା । ଲୋକସଂଖ୍ୟା ଦୃଷ୍ଟିରୁ ମଧ୍ୟ ବହୁ ଦେଶ ଓଡ଼ିଶାଠାରୁ ତଳେ ଅଛନ୍ତି । ଆର୍ୟଲାଣ୍ଡ, ଇସ୍ରାଏଲ, କୁ୍ୟଟ୍ କୋରିଆ (ଉତ୍ତର), ଚିଲୀ, ଚେକୋସ୍ଲୋଭାକିଆ, ଡେନ୍‌ମାର୍କ, ନରୱେ, ନିଉଜିଲାଣ୍ଡ, ପର୍ତ୍ତୁଗାଲ, ବେଲ୍‌ଜିୟମ, ସିରିଆ ସୁଇଜରଲାଣ୍ଡ, ସୁଇଡେନ ଓ ହଲାଣ୍ଡ ପ୍ରଭୃତିରେ ଓଡ଼ିଶାର ଲୋକସଂଖ୍ୟାଠାରୁ କମ୍ ଲୋକ ରହୁଛନ୍ତି । ଏହି ଦୁଇଟି ହିସାବ କହିଦେଉଛି, ଆଜିର ବିଜ୍ଞାନ ଯୁଗରେ ଯଦି ଠିକ୍ ଠିକ୍ କାମ କରାଯାଏ ଓଡ଼ିଶା ଦିନେ ଏହିସବୁ ଦେଶଭଳି ଉନ୍ନତ ହୋଇଯାଇପାରିବ ।

ଓଡ଼ିଶାର କ୍ଷେତ୍ରଫଳ ହେଉଛି ୬୦, ୧୬୨ ବର୍ଗମାଇଲ ବା ପ୍ରାୟ ୧, ୫୫, ୮୪୨ ବର୍ଗ କିଲୋମିଟର । ୧୯୯୧ ଜନଗଣନା ଅନୁସାରେ ଏଇ ରାଜ୍ୟରେ ରହୁଥିଲେ ୩ କୋଟି ୧୫ ଲକ୍ଷ ୧୨ ହଜାର ସତୁରୀ ଜଣ ଲୋକ । ଏବେ ଏହି ସଂଖ୍ୟା ଆହୁରି ବଢ଼ିଯାଇଥିବ ।

ଏହାର ଚାରିପଟେ ରହିଛନ୍ତି ବିହାର, ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ, ମଧ୍ୟପ୍ରଦେଶ ଏବଂ ବଙ୍ଗୋପସାଗର । ମହାନଦୀ, ବ୍ରାହ୍ମଣୀ, ବୈତରଣୀ ହେଉଛନ୍ତି ଓଡ଼ିଶାର ପ୍ରଧାନ ନଦୀ । ମହାନଦୀର ଲମ୍ବ ୮୩୩ କିଲୋମିଟର । ବୈତରଣୀ ୩୮୪ କିଲୋମିଟର ଓ ବ୍ରାହ୍ମଣୀ ୭୦୨ କିଲୋମିଟର । ଏହି ନଦୀ ଗୁଡ଼ିକ ଉପକୂଳ ଅଞ୍ଚଳରେ ସମତଳ ଭୂମିରେ ବହିଯାଉଥିଲାବେଳେ ୧୫ ଟି ପ୍ରଧାନ ଶାଖା ନଦୀ ଓ ବହୁସଂଖ୍ୟକ ଛୋଟ ଛୋଟ ନଦୀ ବାହାରି ପଡ଼ିଛନ୍ତି । ଏହାଛଡ଼ା ଉତ୍ତର ଓଡ଼ିଶାରେ ସୁବର୍ଣ୍ଣରେଖା ଏବଂ ବୁଢ଼ାବଳଙ୍ଗ; ଦକ୍ଷିଣ ଓଡ଼ିଶାରେ ଅବିଭକ୍ତ ଗଞ୍ଜାମ ଜିଲାରେ ଋଷିକୁଲ୍ୟା, କୋରାପୁଟ ଜିଲାରେ ବଂଶଧାରା ଓ ନାଗାବଳୀ ପ୍ରଭୃତି ନଦୀ ବହି ଯାଉଛନ୍ତି ।

ଏହି ରାଜ୍ୟରେ ଶିମିଳିପାଳ, ମେଘାସନ, ମଳୟଗିରି, ଗନ୍ଧମାର୍ଦ୍ଦନ, ନିମଗିରି, ଦେବମାଳୀ ପ୍ରଭୃତି ପର୍ବତମାଳା ରହିଛି । ଏଥିଭିତରୁ ପୂର୍ବଘାଟ ପାର୍ବତ୍ୟ ଅଞ୍ଚଳରେ ଥିବା ଦେବମାଳୀ ପର୍ବତ ସବୁଠାରୁ ଉଚ୍ଚ - ୧୬୭୦ ମିଟର । ବ୍ରାହ୍ମଣୀ ଓ ବୈତରଣୀ ନଦୀ ମଝିରେ ଥିବା ପାଲଲହଡ଼ା ମହେନ୍ଦ୍ରଗିରିର ଉଚ୍ଚତା ୧୧୮୮ ମିଟର, ବଣେଇର ମାଙ୍କଡ଼ନଗ୍ନ ୧୧୧୦ ମିଟର ଏବଂ କେନ୍ଦୁଝରର ଗନ୍ଧମାର୍ଦ୍ଦନ ୧୦୦୨ ମିଟର ଉଚ୍ଚ ।

ଓଡ଼ିଶାର ପ୍ରକୃତ ଭରସା ରହିଛି ଗୋଟିଏ ସଂପଦ ଉପରେ । ସେ ସଂପଦକୁ ଅନ୍ୟ କେହି ଦାନ କରିନାହିଁ - ଦାନ କରିଛି ପ୍ରକୃତି । ଅବଶ୍ୟ ଆଜିକାଲିର ମଣିଷ ନିଜର ନିର୍ବୋଧତା ଯୋଗୁ ଜଙ୍ଗଲରୁ ଗଛକାଟି ପକାଉଛି ଟିକିଏ ସୁଦ୍ଧା ବିଚାର ନକରି । ତଥାପି ଏହି ରାଜ୍ୟରେ ଜଙ୍ଗଲ ସମ୍ପଦ ରହିଛି । ଶାଳ, ପିଆଶାଳ; ଶାଗୁଆନ ଓ ଅସନ ପ୍ରଭୃତି ମୂଲ୍ୟବାନ କାଠ ଅଛି । ବାଉଁଶ ଓ କେନ୍ଦୁପତ୍ର ବହୁ ପରିମାଣରେ ମିଳେ ।

ଏ ରାଜ୍ୟଟିର ଖଣିଜ ସଂପଦ ଅତ୍ୟନ୍ତ ମୂଲ୍ୟବାନ । ଲୁହା, ମାଙ୍ଗାନିଜ, କ୍ରୋମାଇଟ୍, ବକ୍‌ସାଇଟ୍, କୋଇଲା ଓ ଚୂନପଥର ସବୁଠାରୁ ମୂଲ୍ୟବାନ । ଭାରତରେ ମୋଟ ଲୁହାପଥର ଭିତରୁ ତିନିଭାଗରୁ ଭାଗେ ଅଛି ଓଡ଼ିଶାରେ । କ୍ରୋମାଇଟ୍ ଖଣିଜ ପଦାର୍ଥର ଶତକଡ଼ା ନବେ ଏଇଠି ଅଛି । ସୁନ୍ଦରଗଡ଼ ଓ କେନ୍ଦୁଝର ମଧ୍ୟ ଦେଇ ଯାଇଥିବା ବଣେଇ ପାର୍ବତ୍ୟ ଅଞ୍ଚଳରେ ଭଲ ଲୁହାପଥର ଅଛି । ଏହାସାଙ୍ଗକୁ କେନ୍ଦୁଝର ଜିଲାର ଗନ୍ଧମାର୍ଦ୍ଦନ, ଅବିଭକ୍ତ କଟକ ଜିଲାର ଟମକା

"ଯେଉଁ ଲୋକର ଜ୍ଞାନଭଣ୍ଡାର ଭରପୂର, ସେହି ହିଁ ସଂକ୍ଷେପରେ କଥାଟି କହିଦେଇ ପାରେ ।"

--ଶେଖଭ


ଓଡ଼ିଶା
ବିହାର
ପଶ୍ଚିମବଙ୍ଗ
ମଧ୍ୟପ୍ରଦେଶ
ଆନ୍ଧ୍ରପ୍ରଦେଶ
ବଙ୍ଗୋପସାଗର
ସୁନ୍ଦରଗଡ଼
ଝାରସୁଗୁଡ଼ା
ସମ୍ବଲପୁର
ଦେବଗଡ଼
କେନ୍ଦୁଝର
ମୟୂରଭଞ୍ଜ
ବରଗଡ଼
ନୂଆପଡ଼ା
ବଲାଙ୍ଗୀର
ସୋନପୁର
ବୌଦ୍ଧ
ଅନୁଗୁଳ
ଢେଙ୍କାନାଳ
ଯାଜପୁର
ବାଲେଶ୍ୱର
ଭଦ୍ରକ
କେନ୍ଦ୍ରାପଡ଼ା
ଜଗତସିଂହପୁର
କଟକ
ଖୋର୍ଦ୍ଧା
ପୁରୀ
ନୟାଗଡ଼
ଫୁଲବାଣୀ
କଳାହାଣ୍ଡି
ନବରଙ୍ଗପୁର
ରାୟଗଡ଼ା
ଗଜପତି
ଗଞ୍ଜାମ
ଚିଲିକା
କୋରାପୁଟ
ମାଲକାନଗିରି

ଓ ଦୈତାରୀ, ମୟୁରଭଞ୍ଜ ଜିଲାର ବାଦାମପାହାଡ଼ ଓ ଗୋରୁମହିଷାଣୀରେ ଲୁହାପଥର ମିଳେ । ଏଥିରୁ ଭଲ ଲୁହା ବାହାର କରି ରାଉରକେଲା କାରଖାନା ବିଦେଶକୁ ପଠାଉଛି । ଅନୁଗୁଳ ଜିଲାର ତାଳଚେର ଓ ସମ୍ବଲପୁର ଜିଲାର ରାମପୁରଠାରେ ଏକ ହଜାର ଟନ କୋଇଲା ଅଛି ବୋଲି ହିସାବ କରାଯାଇଛି । ଏସିଆ ମହାଦେଶର ସବୁଠାରୁ ବେଶୀ ଗଚ୍ଛିତ ବକ୍‌ସାଇଟ୍ ଅଛି ଅବିଭକ୍ତ କୋରାପୁଟରେ । ଏହାକୁ କାମରେ ଲଗାଇବା ପାଇଁ କୋରାପୁଟ ଓ ଅନୁଗୁଳଠାରେ ବିରାଟ ଆଲୁମିନିୟମ କାରଖାନା ତିଆରି କରାଯାଇଛି ।

ଓଡ଼ିଶାରେ ବର୍ତ୍ତମାନ ସମାଜ, ପ୍ରଜାତନ୍ତ୍ର, ସମ୍ବାଦ, ଧରିତ୍ରୀ, ପ୍ରଗତିବାଦୀ, ମାତୃଭୂମି, ସ୍ୱରାଜ୍ୟ, ହୀରାଖଣ୍ଡ, ଦୈନିକ ଆଶା ଭଳି ଅନେକ ଦୈନିକ ସମ୍ବାଦପତ୍ର ପ୍ରକାଶ ପାଉଛି ।

ଗୋଟାଏ କଥା ଅଛି - ଯେଉଁ ହାତ ପଥର ଦେହରେ ହସ ଫୁଟାଇ ଦେଇପାରେ, ସେହି ହାତଟି ହେଉଛି ଭଗବାନଙ୍କର ଶ୍ରେଷ୍ଠ ଦାନ । କଠିନ ପଥର କାରୁକାର୍ଯ୍ୟ କରିବାରେ ସମଗ୍ର ଦେଶରେ ଯୀଶୁଖ୍ରୀଷ୍ଟ ଜନ୍ମ ହେବାର ଦୁଇଶହ ବର୍ଷ ପୂର୍ବରୁ ଓଡ଼ିଆମାନେ ପଥର ଦେହରେ କାରୁକାର୍ଯ୍ୟ କଲେ ଓ ଦୀର୍ଘ ଅଠର ଶହ ବର୍ଷ କାଳ ସେହି ଦିଗରେ ସାଧନା କଲେ । ଅଶୋକ ଯେତେବେଳେ ୨୦୦୦ ବର୍ଷ ତଳେ କଳିଙ୍ଗ ବିଜୟରେ ଆସିଲେ, ସେ କହିଲେ କଠିନ ପଥରରେ ଗୋଟାଏ ହାତୀର ମୂର୍ତ୍ତି ଖୋଳାଯାଉ । ଭୁବନେଶ୍ୱରଠାରୁ ଆଠ କିଲୋମିଟର ଦୂର ଧଉଳି ପାହାଡ଼ରେ ଏହି ମୂର୍ତ୍ତିଟି ଅଛି । ଓଡ଼ିଆ କାରିଗରଙ୍କର ହାତର ତିଆରି ପଥର ଶିଳ୍ପ ଭିତରେ ଏହା ପ୍ରଥମ । ତାହାର ୧୦୦ ବର୍ଷ ପରେ ସମ୍ରାଟ ଖାରବେଳ କଳିଙ୍ଗ ବା ଓଡ଼ିଶା ଶାସନ କଲାବେଳେ ଭୁବନେଶ୍ୱର ନିକଟରେ ଥିବା ଖଣ୍ଡଗିରି ପାହାଡ଼ରେ ୧୧୭ଟି ଗୁମ୍ଫା ଖୋଳାଇଥିଲେ । ପ୍ରତ୍ୟେକ ଓଡ଼ିଆ ପିଲା ସେଠାକୁ ଯାଇ ଏହିସବୁ ଗୁମ୍ଫା ଦେଖିଲେ ଆଉକିଛି ହେଉ ବା ନହେଉ ଅନ୍ତତଃ ଏତିକି ଭାବିବ ଯେ ଆମର ପୂର୍ବପୁରୁଷମାନେ ଏଭଳି କରିପାରିଥିଲେ । ଯାହାକୁ କୁହନ୍ତି ଆଖିରେ ନଦେଖିଲେ ବିଶ୍ୱାସ କରିହେବନାହିଁ, ଏହିସବୁ ଗୁମ୍ଫା ସେହିଭଳି କଥା ।

ଭୁବନେଶ୍ୱର, ପୁରୀ ମନ୍ଦିର ଦେଖିବାକୁ ଏବେ ପିଲାମାନେ ଦଳ ଦଳ ହୋଇ ଯାଉଛନ୍ତି ଓ ସେସବୁ ମନ୍ଦିରରେ ତିଆରି ହୋଇଥିବା ପଥର ମୂର୍ତ୍ତି ସତେ ଯେପରିକି ସେମାନଙ୍କ ଆଡ଼କୁ ଗ୍ୱହିଁ ହସୁଛନ୍ତି । କୋଣାର୍କ ମନ୍ଦିରକୁ ଦେଖିବାକୁ ଦେଶ ବିଦେଶର ବହୁଲୋକ ଖାସ କରି ଆସୁଛନ୍ତି । କଟକ ଜିଲାର ରତ୍ନଗିରି, ଉଦୟଗିରି ଓ ଲଳିତଗିରିରେ ବୁଦ୍ଧଦେବଙ୍କ ଜନ୍ମପରେ କେମିତି ସବୁ ପଥର କାମ କରାଯାଉଥିଲା, ତାହା ଦେଖାଯାଉଛି । ଛୋଟ ଛୋଟ ପଥର ଉପରେ ପଦ୍ମ ପାଖୁଡ଼ା ଓ ବୌଦ୍ଧସନ୍ନ୍ୟାସୀଙ୍କ ମୂର୍ତ୍ତି ସବୁ ଖୋଳାଯାଇଛି ।

ଯେକୌଣସି ଦେଶର ଇତିହାସ ଆମକୁ କହିବ - ଗୋଟାଏ ଗୋଟାଏ ଅଞ୍ଚଳରେ ହଜାର ହଜାର ବର୍ଷ ପୂର୍ବେ ଗୋଟିଏ ଗୋଟିଏ ଗୋଷ୍ଠୀର ଲୋକ ରହୁଥିଲେ । ପରେ ଯେଉଁମାନେ ଆସିଲେ ସେମାନଙ୍କର ଚାଲିଣି ଥିଲା ଭିନ୍ନ । ପୂର୍ବରୁ ଯେଉଁମାନେ ଥିଲେ ସେମାନଙ୍କୁ ଏମାନେ କହିଲେ "ଆଦିବାସୀ", ଅର୍ଥାତ ଏମାନେ ମୂଳରୁ ଏହି ଅଞ୍ଚଳରେ ଅଛନ୍ତି । ସେମାନେ ବଣ ଜଙ୍ଗଲରେ ଏକୁଟିଆ ରହିବାକୁ ପସନ୍ଦ କରୁଥା'ନ୍ତି । କୃଷିବାସରେ ସେଭଳି କିଛି ମନନାହିଁ । ଫଳମୂଳ ସଂଗ୍ରହ କରି ଖାଇ ସମୟ କଟାଇ ଦିଅନ୍ତି । ନାଚ କୁଦରେ ବେଶୀ ମନ । ଯେଉଁମାନେ ନୂଆ ହୋଇ ଆସିଲେ ସେମାନଙ୍କଠାରୁ ଟିକିଏ ଦୂରରେ ରହିବା ପାଇଁ ଏମାନେ ଚେଷ୍ଟା କଲେ । ପାଠ ଶାଠ ଶିଖିବାରେ ସେମାନଙ୍କର ମନନାହିଁ ।

"ଯେଉଁ ଲୋକ ଉଦ୍ୟମ ନକରି କେବଳ ଆଶାରେହିଁ ବଞ୍ଚେ, ସେ ଶେଷରେ ମରେ ।"

--ଇଟାଲୀୟ ପ୍ରବଚନ

ଏହିଭଳି ଲୋକଙ୍କର ସଂଖ୍ୟା ଓଡ଼ିଶାରେ ପ୍ରାୟ ୬୦ ଲକ୍ଷ । ସେମାନେ ପାହାଡ଼ିଆ ଅଞ୍ଚଳରେ ବେଶୀ ସଂଖ୍ୟାରେ ରହିଛନ୍ତି । ମିଜୋରାମ, ଅରୁଣାଚଳ ପ୍ରଦେଶ ଓ ନାଗାଲାଣ୍ଡ ରାଜ୍ୟକୁ ଛାଡ଼ିଦେଲେ ଓଡ଼ିଶାରେ ଯେତେ ଅଧିକ ସଂଖ୍ୟାରେ ଅଛନ୍ତି, ଭାରତର ଅନ୍ୟ କୌଣସି ରାଜ୍ୟରେ ନାହାନ୍ତି । ଯେଉଁମାନେ ଏମାନଙ୍କ ବିଷୟରେ ଜାଣିବାକୁ ବରାବର ଚେଷ୍ଟା କରୁଛନ୍ତି, ସେମାନେ କହୁଛନ୍ତି - ବହୁ ହଜାର ବର୍ଷତଳେ ଏମାନେ ଏସବୁ ଅଞ୍ଚଳରେ ରହି ଆସିଥିଲେ । ଭାରତରେ ଯେତେବେଳେ ସଂବିଧାନ ଲେଖାଗଲା ସେତେବେଳେ ଓଡ଼ିଶାରେ ୬୨ ପ୍ରକାରର ଆଦିବାସୀ ରହିଛନ୍ତି ବୋଲି ଉଲ୍ଲେଖ ରହିଲା । କେତେଗୁଡ଼ିଏ ଅଞ୍ଚଳକୁ ଆଦିବାସୀ ବହୁଳ ଅଞ୍ଚଳ ବୋଲି ଘୋଷଣା କରିଦିଆଯାଇଛି । ଶବର ବା ଶଉରା, କନ୍ଧ, ସାନ୍ତାଳ, ଗଣ୍ଡ, ହୋ, ପରଜା, ଗଦବା, ଓରାଙ୍ଗ, କିଷାନ ଓ ଭୂୟାଁ ପ୍ରଭୃତିଙ୍କ ନାମ ଶୁଣାଯାଏ । ଏମାନେ ଏବେ ପଢ଼ାପଢ଼ିରେ ମନ ଦେଲେଣି ଓ ସେମାନଙ୍କର ରୀତିନୀତି ବଦଳିଲାଣି ।

୧୯୩୬ରେ ଯେତେବେଳେ ଓଡ଼ିଶା ଗୋଟିଏ ସ୍ୱତନ୍ତ୍ର ପ୍ରଦେଶ ହେଲା ସେତେବେଳେ ଭାରତର ବହୁ ଜଣାଶୁଣା ଲୋକ କହୁଥିଲେ ଯେ ଏହି ନୂଆ ପ୍ରଦେଶଟିର ଭବିଷ୍ୟତ ସେମିତି କିଛି ନୁହେଁ । କାରଣ ଏହାର ମୋଟ ଆୟ ଥିଲା ୧ କୋଟି ୬୦ ଲକ୍ଷ ଟଙ୍କା ଓ ବ୍ୟୟଥିଲା ୧ କୋଟି ୫୫ ଲକ୍ଷ ଟଙ୍କା । ୧୯୯୪-୯୫ ବେଳକୁ ଆୟ ହୋଇଗଲାଣି ପ୍ରାୟ ୯୦୦୦ କୋଟି ଟଙ୍କା । ଏହାସାଙ୍ଗକୁ ମୂଳଧନ ବାବଦ ଆୟକୁ ମିଶାଇଲେ ବହୁ ଅଧିକ ହୋଇଯିବ ।

ଓଡ଼ିଶାର ଲୋକେ ବେଶୀ ଭାଗ ନିର୍ଭର କରୁଥିଲେ କୃଷି ଉପରେ । କଳ କାରଖାନା ବା ଶିଳ୍ପ ବୋଲି ସେଭଳି କିଛି ନଥିଲା । କଟକ ଜିଲାର ବାରଙ୍ଗଠାରେ ଗୋଟିଏ କାଚ କାରଖାନା, ସମ୍ବଲପୁର ଜିଲାରେ ଗୋଟିଏ କାଗଜକଳ, ସୁନ୍ଦରଗଡ଼ ଜିଲାର ରାଜଗାଙ୍ଗପୁର ଠାରେ ଗୋଟିଏ ସିମେଣ୍ଟ କାରଖାନା ଓ କୋରାପୁଟର ରାୟଗଡ଼ା ଠାରେ ଗୋଟିଏ ଚିନିକଳ ଥାଏ ଦେଶ ସ୍ୱାଧୀନ ହେଲା ବେଳକୁ ।

ମହାନଦୀ ଉପରେ ହୀରାକୁଦ ଠାରେ ଯେଉଁ ବନ୍ଧ ଯୋଜନା ହେଲା ସେଥିରେ ଗୋଟିଏ ବଡ଼ ଲାଭ ହେଲା । ବିଜୁଳି ଶକ୍ତିତ ମିଳିଲା, ଜଳସେଚନ କାର୍ଯ୍ୟ ମଧ୍ୟ ହୋଇପାରିଲା । ଡୁଡୁମା ଜଳବିଦ୍ୟୁତ ଯୋଜନାଟି କାର୍ଯ୍ୟକାରୀ ହେଲା । ତାଳଚେରରେ ତାପଜ ବିଦ୍ୟୁତ ଯୋଜନା ସଂପୂର୍ଣ୍ଣ ହେଲା । ଚାରିଆଡ଼କୁ ରାସ୍ତାସବୁ ଖୋଲିଗଲା । ଆଜି ଆମେ ଦେଖୁଛୁ ରାଉରକେଲାରେ ଇସ୍ପାତ କାରଖାନା, କୋରାପୁଟରେ ଆଲୁମିନିୟମ୍ କାରଖାନା, ତାଳଚେର ଠାରେ ଭାରୀଜଳ କାରଖାନା, ଗୋପାଳପୁରଠାରେ ବିରଳ ମୃତ୍ତିକା, ସୁନାବେଡ଼ାରେ ମିଗ୍ କାରଖାନା ଓ ମଞ୍ଚେଶ୍ୱର ଠାରେ ରେଳଡବା ମରାମତି କାରଖାନା ସବୁ ମୁଣ୍ଡ ଟେକିଛି । ଏହାସାଙ୍ଗକୁ ଅନେକ ଛୋଟ ଛୋଟ କଳ କାରଖାନା ବସିଯାଇଛି ।

ଚାରିଆଡ଼େ ଶିକ୍ଷାର ପ୍ରସାର ହେବାରୁ ଲୋକଙ୍କର ଜ୍ଞାନ ବଢୁଛି ଓ ନିଜ ମୁଣ୍ଡରୁ ବୁଦ୍ଧି ବାହାର କରି ସେମାନେ କେତେ କଅଣ କରିଯାଉଛନ୍ତି । ୧୯୮୨ ବେଳକୁ ଓଡ଼ିଶାରେ ସରକାରୀ ଓ ବେସରକାରୀ ଉଦ୍ୟମରେ ୪୬ ହଜାରରୁ ଅଧିକ ପ୍ରାଥମିକ ବିଦ୍ୟାଳୟ ଥିଲା, ସେଥିରେ ପ୍ରାୟ ୩୬ ଲକ୍ଷ ଛାତ୍ର ଥିଲେ । ଶିକ୍ଷକଙ୍କ ସଂଖ୍ୟାଥିଲା ୮୬ ହଜାରରୁ ଅଧିକ । ମାଇନର ସ୍କୁଲ ସଂଖ୍ୟା ହେଉଛି - ୮୮୦୦ । ଚାରି ହଜାରରୁ ଅଧିକ ହାଇସ୍କୁଲ । ପାଞ୍ଚଟି ବିଶ୍ୱବିଦ୍ୟାଳୟ ରହିଛି । କଲେଜ ସଂଖ୍ୟା ୩୫୦ରୁ ଅଧିକ । ତିନିଗୋଟି ମେଡିକାଲ କଲେଜ । ପାଞ୍ଚଟି ଇଞ୍ଜିନିୟରିଂ କଲେଜ ।

---

"କାର୍ଯ୍ୟ ଓ କାର୍ଯ୍ୟ କରିବାର ଦକ୍ଷତାହିଁ ହେଉଛି ପ୍ରତିଭା ।"

--ମିଚେଲ

ଆମ ଦେଶରେ ଆଜି ପର୍ଯ୍ୟନ୍ତ ଗୋଟିଏ କଥା କୁହାଯାଏ । ସେଇଟି ହେଲା ଭାରତର ଅନ୍ୟସବୁ ଅଞ୍ଚଳ ଦଖଲ କଲାପରେ ଯାଇ ୧୮୦୩ରେହିଁ ଓଡ଼ିଶାକୁ ଇଂରେଜମାନେ ଜୟ କରିଗଲେ - ଓଡ଼ିଶା ହେଲା ପରାଧୀନ । ୧୯୦୩ ବେଳେ ଓଡ଼ିଆମାନେ ଏକାଠି ବସି ଓଡ଼ିଶାର ଭବିଷ୍ୟତ ବିଷୟରେ ଚିନ୍ତାକଲେ । ଦେଖୁ ଦେଖୁ ଷୋଳଟା ବର୍ଷ ଗ୍ଳଲିଗଲା ଓ ୧୯୧୯ ଏପ୍ରିଲ ୧୩ ତାରିଖ ଦିନ ପଞ୍ଜାବରେ ଜାଲିଓ୍ୱାନାଓ୍ୱାଲାବାଗ ହତ୍ୟାକାଣ୍ଡ ସମସ୍ତଙ୍କ ଆଖି ଖୋଲିଦେଲା । ମହାତ୍ମା ଗାନ୍ଧୀ କହିଲେ, ଭାରତକୁ ସ୍ୱାଧୀନ କରିବାକୁ ହେବ ।

ତାହାପରେ ଗ୍ୱରି ସ୍ତରରେ ଏ ଦେଶରେ ମୁକ୍ତି ସଂଗ୍ରାମ ଗ୍ୱଲିଥିଲା । ୧୯୨୧ରେ ଅସହଯୋଗ । ଆନ୍ଦୋଳନ, ୧୯୩୦ରେ ଲବଣ ସତ୍ୟାଗ୍ରହ ବା ଆଇନ ଅମାନ୍ୟ ଆନ୍ଦୋଳନ, ୧୯୪୦ରେ ବାଣୀ ସତ୍ୟାଗ୍ରହ ଓ ୧୯୪୨ରେ ଭାରତ ଛାଡ଼ ଆନ୍ଦୋଳନ । ଓଡ଼ିଶାର ସଂଗ୍ରାମର ଇତିହାସ କହୁଛି ଏହି ଗ୍ୱରି ସ୍ତରରେ ଓଡ଼ିଶାର ଲୋକେ ସଂଗ୍ରାମରେ ଝାସ ଦେଇ ବହୁ ଦୁଃଖ କଷ୍ଟ ବରଣ କରିଛନ୍ତି । ଅନ୍ୟ କୌଣସି ରାଜ୍ୟ ପଛରେ ଏହି ଦୃଷ୍ଟିରୁ ପଡ଼ିନାହାନ୍ତି । ହଜାର ହଜାର ଲୋକ ଜେଲ ଯାଇଛନ୍ତି । ଲାଠିମାଡ଼, ବନ୍ଧୁକ ମାଡ଼ ଖାଇଛନ୍ତି । ଗୁଳି ମୁହଁରେ ପ୍ରାଣ ଦେଇଛନ୍ତି । ଓଡ଼ିଶାର ବଣ ଜଙ୍ଗଲରେ ରହୁଥିବା ଆଦିବାସୀମାନେ ଅପୂର୍ବ ବୀରତ୍ୱ ଦେଖାଇ ବହୁସଂଖ୍ୟାରେ ପ୍ରାଣ ଦେଇଛନ୍ତି । ଏଭଳି କରିଛନ୍ତି ବୋଲି ଆଜି ଯେତେବେଳେ ଭାରତର ମୁକ୍ତି ସଂଗ୍ରାମର ଇତିହାସ ଲେଖାଯାଉଛି, ଓଡ଼ିଆ ମାନଙ୍କର ବୀରତ୍ୱର ପ୍ରଶଂସା ସେଇ ଇତିହାସ ବହିରେ ରହୁଛି ।

ଆଗରୁ ଓଡ଼ିଶାରେ ୧୩ଟି ଜିଲା ଥିଲା । ପୁନର୍ଗଠନ ପରେ ଏବେ ଓଡ଼ିଶାକୁ ୩୦ଟି ଜିଲାରେ ବିଭକ୍ତ କରାଯାଇଛି । ସେଗୁଡ଼ିକ ହେଲେ - କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ଯାଜପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଫୁଲବାଣୀ, ବୌଦ, ସୋନପୁର, ବଲାଙ୍ଗୀର, କଳାହାଣ୍ଡି, ନୂଆପଡ଼ା, ରାୟଗଡ଼ା, କୋରାପୁଟ, ନବରଙ୍ଗପୁର, ମାଲକାନଗିରି, ଗଜପତି, ଗଞ୍ଜାମ, ବରଗଡ଼, ସମ୍ବଲପୁର, ଝାରସୁଗୁଡ଼ା, ଦେଓଗଡ଼, ସୁନ୍ଦରଗଡ଼, କେନ୍ଦୁଝର, ଢେଙ୍କାନାଳ, ଅନୁଗୁଳ, ଭଦ୍ରଖ, ବାଲେଶ୍ୱର ଓ ମୟୂରଭଞ୍ଜ । ୧୯୯୪ ଶେଷବେଳକୁ ୩୧୪ଟି ବ୍ଲକ୍ ବା ପଞ୍ଚାୟତ ସମିତିକୁ ନେଇ ଏହିସବୁ ଜିଲା ଗଠିତ । ଓଡ଼ିଶା ରାଜ୍ୟ ବିଧାନସଭାକୁ ଏହିସବୁ ଜିଲାରୁ ୧୪୭ ଜଣ ଓ ଭାରତର ଲୋକସଭାକୁ ୨୧ ଜଣ ପ୍ରତିନିଧି ନିର୍ବାଚିତ ହୋଇଥାନ୍ତି ।

**ଓଡ଼ିଶୀ ନୃତ୍ୟ :** ଭାରତର ଶାସ୍ତ୍ର ସମ୍ମତ ନୃତ୍ୟଗୁଡ଼ିକ ଭିତରୁ ଓଡ଼ିଶୀ ଅନ୍ୟତମ । ଏବେ ଏହା ପୃଥିବୀ ବିଖ୍ୟାତ ହୋଇଛି । ଉଭୟ ନାରୀ ଓ ପୁରୁଷ ଓଡ଼ିଶୀ ନୃତ୍ୟରେ ପାରଦର୍ଶିତା ଲାଭ କରିଛନ୍ତି । ମନ୍ଦିର ମାନଙ୍କରେ ଚଳି ଆସିଥିବା 'ଦେବଦାସୀ' ପ୍ରଥାରୁ ଏହି ନୃତ୍ୟର ଜନ୍ମ ବୋଲି ବହୁ ପଣ୍ଡିତଙ୍କର ମତ । ଓଡ଼ିଶୀ ନୃତ୍ୟ ସହିତ ଓଡ଼ିଶୀ ସଙ୍ଗୀତର ମଧ୍ୟ ଗୁରୁତ୍ୱ ରହିଛି । ଓଡ଼ିଆମାନଙ୍କ ବ୍ୟତୀତ ଭାରତର ଅନ୍ୟାନ୍ୟ ଅଞ୍ଚଳ ତଥା ବିଦେଶୀ ଲୋକେ ମଧ୍ୟ ଏହି ନୃତ୍ୟରେ ପାରଦର୍ଶିତା ଲାଭ କଲେଣି । ଦୀର୍ଘ କେତେ ଶହ ବର୍ଷର ପରମ୍ପରାର ଚିହ୍ନ ଓଡ଼ିଶୀ ନୃତ୍ୟ ବହନ କରୁଛି ।

**ଓଧ :** ପୋଖରୀ ଭିତରେ ଅଳ୍ପ ପାଣିଥିଲେ ବଡ଼ ବଡ଼ ମାଛଙ୍କୁ ଧରି ଖାଇଯିବା ଓଧଟି ଅଷ୍ଟ୍ରେଲିଆ ମହାଦେଶକୁ ଛାଡ଼ିଦେଲେ ପୃଥିବୀର ଅନ୍ୟାନ୍ୟ ସବୁ ଅଞ୍ଚଳରେ ଅଛନ୍ତି । ୧୮ ଜାତିର ଓଧଙ୍କ ଭିତରୁ

"ଯେଉଁ ନାଗରିକ ମାନଙ୍କୁ ନେଇ ସରକାର ଗଠିତ, ସେମାନଙ୍କ ମୂଲ୍ୟଠାରୁ ସରକାରର ମୂଲ୍ୟ ଅଧିକ ହୋଇ ନ ପାରେ ।"

--ମିଲ୍

ଭାରତରେ ବିଶେଷତଃ ଓଡ଼ିଶାରେ ଯେଉଁଗୁଡ଼ିକ ଅଛନ୍ତି, ଆକାରରେ ସେମାନେ ଛୋଟ । ଘର ଭିତରେ ପଶି ମାଛ ଶୁଖୁଆ ଖାଇଯାଏ । ଗଛ ଉପରକୁ ମାଛ ବା କୁକୁଡ଼ା ନେଇଯାଇ ନିରାପଦରେ ଖାଇବା ଅନେକ ଦେଖିଛନ୍ତି । ଆମଦେଶରେ ଏମାନଙ୍କୁ ପୋଷା ମନାଇ



(ସାପ ଓଧର ଶିକାର ହେଉଛି !)

ନଦୀ ବା ପୋଖରୀରୁ ମାଛ ଧରାନ୍ତି । ଆମେରିକାରେ ବଡ଼ ବଡ଼ ଓଧଙ୍କୁ ପୋଷା ମନାଯାଏ । ତଙ୍ଗାରେ ଏମାନଙ୍କୁ ନେଇ ଜଳପାଟରେ ଛାଡ଼ିଦେଲେ ହଂସ, ହଂସରାଳୀ ଗୁଡ଼ିକୁ ଧରିଆଣି ସେଗୁଡ଼ିକୁ ତଙ୍ଗାର ମାଲିକ ପାଖରେ ପହଞ୍ଚାଇ ଦିଅନ୍ତି । ଜଳ, ସ୍ଥଳ ଉଭୟରେ ଏମାନେ-ଭଲ ଭାବରେ ଚଲାବୁଲା କରନ୍ତି । ଅନେକ ସମୟରେ ଗଛ ଉପରେ ରୁହନ୍ତି । ଆକାର ତୁଳନାରେ ଏ ଜୀବଟି ଅତି ସାହସୀ । ବଡ଼ ବଡ଼ ସାପଙ୍କୁ ମାରିଦିଏ । ଦକ୍ଷିଣ ଆମେରିକାର ବ୍ରାଜିଲ ଜଙ୍ଗଲରେ ଯେଉଁଗୁଡ଼ିକ ଅଛନ୍ତି, ସେ ଗୁଡ଼ିକୁ ଅସୁରିଆ ଓଧ ବୋଲି କୁହାଯାଏ ! ଲମ୍ବ ଦେଢ଼ ମିଟର । ତା ସାଙ୍ଗକୁ ପୁଣି ୭୦ ସେଣ୍ଟିମିଟର ଲମ୍ବର ଗୋଟିଏ ଲାଙ୍ଗୁଳ । ଏଗୁଡ଼ିକର ଚମଡ଼ା ଖୁବ୍ ନରମ ହୋଇଥିବାରୁ ବହୁ ମୂଲ୍ୟରେ ବିକ୍ରି ହୁଏ । ତେଣୁ ମନୁଷ୍ୟହିଁ ଏମାନଙ୍କର ବଡ଼ ଶତ୍ରୁ ।

**ଓନିଲ୍, ଇଉଜେନି** (୧୮୮୮-୧୯୫୩) : ଯୁକ୍ତରାଷ୍ଟ୍ର ଆମେରିକାର ଏହି ବିଶ୍ୱବିଖ୍ୟାତ ନାଟ୍ୟକାର ଯେଉଁସବୁ ନାଟକ ଲେଖିଲେ ସେଗୁଡ଼ିକ ଆମେରିକୀୟ ରଙ୍ଗମଞ୍ଚର ବିବର୍ତ୍ତନରେ ବହୁତ କିଛି ସାହାଯ୍ୟ କଲା । ଏହି ହେଉଛନ୍ତି ଆମେରିକାର ପ୍ରଥମ ନାଟ୍ୟକାର ଯିଏ କି ରଙ୍ଗମଞ୍ଚକୁ ସାହିତ୍ୟର ବିକାଶର ମାଧ୍ୟମ ରୂପେ ବ୍ୟବହାର କରିବା ପାଇଁ ଉଦ୍ୟମ କରିଥିଲେ ।

**ଓପେନ ହିମର** (୧୯୦୪-୧୯୬୭) : ଅତି କ୍ଷୁଦ୍ର ପରମାଣୁ ଭିତରେ ଅସରନ୍ତି ଶକ୍ତି ପୂରି ରହିଛି ବୋଲି ବିଜ୍ଞାନୀମାନଙ୍କର ହୃଦ୍‌ବୋଧ ହୋଇଗଲା । ସେହି ଶକ୍ତିକୁ କାର୍ଯ୍ୟରେ ଲଗାଇବାପାଇଁ ଯେତେବେଳେ ଚିନ୍ତା କରାଗଲା, ବହୁତ କିଛି ଅସୁବିଧା ଦେଖାଦେଲା । କିନ୍ତୁ ଆମେରିକାର ବୈଜ୍ଞାନିକ ଓପେନ ହିମର କାର୍ଯ୍ୟରେ ଦେଖାଇ ଦେଲେ ଯେ ପରମାଣୁ ଭିତରେ ଅସରନ୍ତି ଶକ୍ତି ରହିଛି । ପରମାଣୁ ବୋମା ତିଆରି କରି ତାକୁହିଁ କାମରେ ଲଗାଇ ଗୋଟାଏ ଗୋଟାଏ ଅଞ୍ଚଳକୁ ଧ୍ୱଂସ କରିଦେଇହେବ । ସେଇ ପରମାଣୁ ବୋମା ପ୍ରଥମେ ଜାପାନର ହିରୋସୀମା ଓ ନାଗାସାକୀ ଉପରେ ପଡ଼ିଲା । ଆଖି ପିଛୁଳାକେ କେତେ କ'ଣ ଧ୍ୱଂସ ହୋଇଗଲା । ତେଣୁ ଓପେନ୍ ହିମରଙ୍କୁ ପରମାଣୁ ବୋମାର ଜନକ ବୋଲି କୁହାଯାଏ । ଯେଉଁ ଅଳ୍ପ କେତେଜଣ ବୈଜ୍ଞାନିକ ପରମାଣୁ ଯୁଗ ସୃଷ୍ଟିକଲେ ଏହି ଓପେନ୍ ହିମର ସେମାନଙ୍କ ମଧ୍ୟରୁ ଜଣେ ।

"ନିଜର ଦକ୍ଷତା ବୃଦ୍ଧି କରିବାର ସର୍ବୋତ୍କୃଷ୍ଟ ପନ୍ଥା ହେଉଛି ଅନ୍ୟର ସୁପରାମର୍ଶ ଗ୍ରହଣ କରିବା ।"

--ଗେଟେ

**ଓବ୍ ନଦୀ :** ରୁଷ ଦେଶରେ ବହି ଯାଉଥିବା ଏହି ନଦୀଟି ପୃଥିବୀର ବୃହତ୍ତମ ନଦୀ ଗୁଡ଼ିକ ଭିତରୁ ଗୋଟିଏ । ପଶ୍ଚିମ ସାଇବେରିଆର ଆଲ୍‌ଟାଇ ପର୍ବତମାଳାରୁ ବାହାରି ଓବ୍ ଉପସାଗର ଦେଇ ଉତ୍ତରମେରୁ ମହାସାଗରରେ ପଡ଼ିଛି । ଏହାର ଦୈର୍ଘ୍ୟ ୩୬୯୦ କିଲୋମିଟର ।

**ଓରାଙ୍ଗ୍ ଉଟାଙ୍ଗ୍ :** ଡାର୍‌ଉଇନ୍ ପ୍ରଥମ କରି କହିଲେ ଯେ ପ୍ରକୃତି ନାନା ପ୍ରକାରର ଜୀବ ସୃଷ୍ଟି କରି ଦେଖିଲା କେଉଁଟିର କି ଅଭାବ ରହିଯାଉଛି । ଏମିତି କରୁ କରୁ ସେ ଶେଷରେ ବାନର ତିଆରି କଲା ଓ ତା'ପରେ ଆସିଗଲା ମଣିଷ ଜାତି । ଲାଙ୍ଗୁଳବିହୀନ



(ଓରାଙ୍ଗ୍ ଉଟାଙ୍ଗ୍)

ମର୍କଟ ବା ବାନରଙ୍କ ଭିତରୁ ଓରାଙ୍ଗ୍ ଉଟାଙ୍ଗ୍ ଗୋଟିଏ ଜାତିର । ମାଳୟ ଦେଶର ଭାଷାରେ ଏହାର ଅର୍ଥ ହେଉଛି 'ଅରଣ୍ୟ ମାନବ' । ବୋର୍ଣ୍ଣିଓ ଓ ସୁମାତ୍ରାର କେତେକ ଅଂଶରେ ଜଙ୍ଗଲରେ ଅଛନ୍ତି । ଅନ୍ୟ ସ୍ଥାନରେ ଏମାନେ ଦେଖାଯା'ନ୍ତି ନାହିଁ । ଦେହରେ ବହୁ ପରିମାଣରେ ଲୋମ ଅଛି । ରଙ୍ଗ ନାଲିଆସିଆ । ହାତ ଖୁବ୍ ବଡ଼ ।

**ଓରିଓଲ :** ହଳଦିଆ-କଳା ବା ହଳଦିଆ ଲାଲ ରଙ୍ଗର ଏଇ ପକ୍ଷୀ ପୃଥିବୀର ଭିନ୍ନ ଭିନ୍ନ ଅଂଶରେ ପ୍ରାୟ ୫୦ ଜାତିର ଅଛନ୍ତି । ବାୟା ଚଢ଼େଇ ବସା ଭଳି ଗଛଡାଳରୁ ଏହାର ବସା ଝୁଲୁଥାଏ । ଶତ୍ରୁ ଯେମିତି ଅଣ୍ଡା ଖାଇଯିବ ନାହିଁ ସେଥିପାଇଁ ଯେଉଁ ଗଛରେ ବିରୁଡି ଜାତୀୟ ମାରଣା ପୋକ ବସା କରି ଥା'ନ୍ତି, ସେହି ଗଛଡାଳରେ ଏମାନେ ବସା ଝୁଲାନ୍ତି । ଶତ୍ରୁ ଗଛରେ ଚଢ଼ିଲେ ବିରୁଡ଼ି ଜାତୀୟ ପୋକ ବିନ୍ଧିଦେବେ । ଏ ପକ୍ଷୀର ଲମ୍ବ ପ୍ରାୟ ୨୪ ସେଣ୍ଟିମିଟର ।

**ଓସେନିଆ :** ପ୍ରଶାନ୍ତ ମହାସାଗରର ଗୋଟାଏ ଅଞ୍ଚଳର ସବୁ ଦ୍ୱୀପକୁ ମିଶାଇ ଓସେନିଆ ବୋଲି କୁହାଯାଏ । ୮, ୨୧, ୦୦୦ ବର୍ଗକିଲୋମିଟର ବ୍ୟାପୀ ଏହି ମହାସାଗରୀୟ ଅଞ୍ଚଳରେ ଅଷ୍ଟ୍ରେଲିଆ ବ୍ୟତୀତ ୧୦ ହଜାର ଦ୍ୱୀପ ଅଛନ୍ତି । ଏଗୁଡ଼ିକୁ ଚାରିଭାଗରେ ବିଭକ୍ତ କରିଦିଆଯାଇଛି । ପ୍ରଥମଟି ହେଲା ଅଷ୍ଟ୍ରେଲିଆ ମହାଦେଶ । ଦ୍ୱିତୀୟଟିର ନାମ ହେଲା ମେଲାନେସିଆ । ତୃତୀୟଟି ହେଲା ମାଇକ୍ରୋନେସିଆ । ଶେଷଟି ହେଉଛି ପଲିନେସିଆ ।

**ଓସେଲଟ୍ :** ଯେତେ ଯେତେ ମାଂସାଶୀ ବା ସ୍ତନପାୟୀ ଜୀବ ଅଛନ୍ତି, ସେମାନଙ୍କ ଭିତରେ ଗୋଟିଏ ପ୍ରାଣୀ ଅତି ସୁନ୍ଦର ବୋଲି କୁହାଯାଏ । ସେଇଟି ରହେ ଆମେରିକା ମହାଦେଶରେ । ହଳଦିଆସିଆ ଓ ନାଲିଆସିଆ ଦେହଟି ଉପରେ ଛାପ ଛାପକା ରଙ୍ଗ ବେଶ୍ ଚମତ୍କାର ଦେଖାଯାଏ । ଏଇଟି ମାଂସଭୋଜୀ ପ୍ରାଣୀ । ଗଛ ଉପରେ ଥାଏ ଓ ରାତିରେ ଶୀକାର କରେ ।

**ଔଚିତ୍ୟ :** ପଶୁ ଓ ମନୁଷ୍ୟ ଭିତରେ କଅଣ ତଫାତ ତାହା ଗୋଟିଏ ଶବ୍ଦରେ କହିଦିଅ ବୋଲି ଯଦି ପଚରାଯିବ ତେବେ ତାହାର ଉତ୍ତର ହେବ "ଔଚିତ୍ୟ" । କଅଣ କରିବା ଉଚିତ ବା କଅଣ କରିବା

---

"ବନ୍ଧୁତା ଏଭଳି ଏକ ଦ୍ରୁମ ଯେ, ତାହାର ବୃଦ୍ଧି ଅତି ମନ୍ଥର ।"

--ୱାଶିଂଟନ

ନାହିଁ । ପଶୁ ସମୟେ ସମୟେ ସ୍ଥିର କରିନିଏ କଅଣ କରିବ ବା ନ କରିବ । ମଣିଷ ଭଳି ସେ କେବେହେଲେ ଚିନ୍ତା କରିପାରିବ ନାହିଁ । ମଣିଷ କ୍ରମେ ଯେତେବେଳେ ସଭ୍ୟ ହେବାକୁ ଆରମ୍ଭ କଲା, ସେତେବେଳେ ବହୁତ ଭାବିଚିନ୍ତି ସ୍ଥିର କଲା - କେଉଁଟା କରିବ, କେଉଁଟା ନ କରିବ । ହଜାର ହଜାର କ୍ଷେତ୍ରରେ ମନୁଷ୍ୟକୁ ସ୍ଥିର କରିବାକୁ ପଡ଼େ ସେ କିଭଳି ଆଚରଣ ଦେଖାଇବ । ଗୋଟିଏ ଛୋଟ ଉଦାହରଣ କଥାଟିକୁ ସ୍ପଷ୍ଟ କରିଦେବ । କେଉଁମାନଙ୍କ ଉପସ୍ଥିତିରେ କିଭଳି ଭାବରେ କଥାବାର୍ତ୍ତା କରିବାକୁ ହେବ ସେ ବିଷୟରେ ଯିଏ ଭଲ ଭାବରେ ଜାଣେ ତାକୁ ଲୋକେ 'ଭଦ୍ର' ବା 'ସଭ୍ୟ' ବୋଲି କୁହନ୍ତି । ମଣିଷକୁ କୁହାଯାଏ - ଏହିକଥା କହିବାକୁ ତୁମକୁ କେହି ବାଧ୍ୟ କରିପାରିବ ନାହିଁ, ନକଲେ ତୁମେ ଶାସ୍ତି ପାଇବ ନାହିଁ । କିନ୍ତୁ ଉଚିତ ବିଗ୍ୱର ବା ଔଚିତ୍ୟ କହୁଛି, ତୁମେ ଏହି କାମଟି କରିବା ଉଚିତ । ପୃଥିବୀର ସବୁ ବଡ଼ ବଡ଼ ଭାଷାରେ ଛୋଟ ଛୋଟ ବହିସବୁ ଲେଖାଯାଇଛି ମନୁଷ୍ୟ କଅଣ କରିବା ଉଚିତ ବା ଉଚିତ ନୁହେଁ ।

# ବିନୋଦ କାନୁନ୍‌ଗୋ

## ୦୬ଜୁନ୍ ୧୯୧୨ - ୨୨ଜୁନ୍ ୧୯୯୦

*ମହାତ୍ମା ଗାନ୍ଧୀଙ୍କ ପଟ୍ଟଶିଷ୍ୟ, ସ୍ୱାଧୀନତା ସଂଗ୍ରାମର ଅମ୍ଳାନ ଯୋଦ୍ଧା ତଥା ଜ୍ଞାନଯୋଗୀ ୰ ବିନୋଦ କାନୁନ୍‌ଗୋ ହେଲେ ଓଡ଼ିଆ ଏନ୍‌ସାଇକ୍ଲୋପିଡିଆ 'ଜ୍ଞାନମଣ୍ଡଳ'ର ପ୍ରଣେତା । ଏହି ବିଶାଳ ପୁସ୍ତକ ସେଟ୍‌ଟି ବ୍ୟତୀତ ସେ ପିଲାଙ୍କ ପାଇଁ ଏନ୍‌ସାଇକ୍ଲୋପିଡିଆ 'ଶିଶୁ ଜ୍ଞାନମଣ୍ଡଳ' ଓ ବହୁ ସଂଖ୍ୟକ ପୁସ୍ତକ ମଧ୍ୟ ରଚନା କରିଛନ୍ତି । ବିଜ୍ଞାନକୁ ଜନପ୍ରିୟ କରିବା ଦିଗରେ ତାଙ୍କର ମହତ୍ତ୍ୱପୂର୍ଣ୍ଣ ଅବଦାନ ରହିଛି ।*

*କଟକ ଜିଲାର କିଶନନଗର ଥାନା ଅନ୍ତର୍ଗତ ମଲାପୁର ଗ୍ରାମରେ ତାଙ୍କର ଜନ୍ମ । ଅଳ୍ପ ବୟସରେ ମହାତ୍ମାଙ୍କ ଆହ୍ୱାନରେ ପଢ଼ା ଛାଡ଼ି ସେ ଭାରତୀୟ ସ୍ୱାଧୀନତା ଆନ୍ଦୋଳନରେ ଯୋଗଦେଇ ବହୁବାର କାରାବରଣ କରିଥିଲେ ।*

*ତାଙ୍କ ଜୀବଦ୍ଦଶାରେ ୰ କାନୁନ୍‌ଗୋ ଅସୁମାରୀ ସମ୍ମାନର ଅଧିକାରୀ ହୋଇଥିଲେ ।* ________________ □